ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଦ୍ୱାରା ଅନୁମୋଦିତ ନୂତନ ପାଠ୍ୟକ୍ରମ
2016 - 2017 ଅନୁଯାୟୀ ଲିଖିତ
ପତ୍ର ମାଧ୍ୟମ ଶିକ୍ଷା (+୨) କଳା

# ରାଜନୀତି ବିଜ୍ଞାନ

(ପ୍ରଥମ ପତ୍ର)

+୨ ପ୍ରଥମ ବର୍ଷ

ପ୍ରକାଶକ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର

COUNCIL OF HIGHER SECONDARY EDUCATION, ODISHA
BHUBANESWAR
2016

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଦ୍ୱାରା ଅନୁମୋଦିତ ନୂତନ ପାଠ୍ୟକ୍ରମ
2016-2017 ଅନୁଯାୟୀ ଲିଖିତ
ଉଚ୍ଚ ମାଧ୍ୟମ ଶିକ୍ଷା (+୨) କଳା

# ରାଜନୀତି ବିଜ୍ଞାନ

(ପ୍ରଥମ ପତ୍ର)

୧ମ ବର୍ଷ


ଲେଖକ ମଣ୍ଡଳୀ

**ଡକ୍ଟର ଶ୍ରୀମତୀ ମାଳା ମହାନ୍ତି**
ପ୍ରାଧ୍ୟାପିକା, ରାଜନୀତିବିଜ୍ଞାନ
ମ୍ୟୁନିସପାଲ କଲେଜ, ରାଉରକେଲା, ସୁନ୍ଦରଗଡ଼

**ଡକ୍ଟର ରତ୍ନାକର ରାୟ**
ଅଧ୍ୟାପକ, ରାଜନୀତି ବିଜ୍ଞାନ
ଏସ.ଏସ.ଡି କଲେଜ, ଗୁରୁଡ଼ିଝାଟିଆ, କଟକ

**ଶ୍ରୀ ଅବନୀରଂଜନ ନାୟକ**
ଅଧ୍ୟାପକ, ରାଜନୀତିବିଜ୍ଞାନ
ଏଚ.ଏନ.ଏସ କଲେଜ, ଚାନ୍ଦୋଳ, କେନ୍ଦ୍ରାପଡ଼ା



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଭୁବନେଶ୍ୱର
COUNCIL OF HIGHER SECONDARY EDUCATION ODISHA, BHUBANESWAR
2016

# ମୁଖବନ୍ଧ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଓଡ଼ିଶା, ଭୁବନେଶ୍ୱର ତରଫରୁ ପ୍ରକାଶିତ +୨ ପ୍ରଥମ ବର୍ଷ ରାଜନୀତିବିଜ୍ଞାନ ପୁସ୍ତକ ପତ୍ର ମାଧ୍ୟମ ଶିକ୍ଷା (Correspondence Course) ମାଧ୍ୟମରେ ୨୦୧୭ ବାର୍ଷିକ ପରୀକ୍ଷା ଦେବା ନିମନ୍ତେ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିପାରିବ, ବିଶ୍ୱାସ ।

ଓଡ଼ିଆ ମାଧ୍ୟମରେ ପରୀକ୍ଷା ଦେବା ନିମନ୍ତେ ଚାହୁଁଥିବା ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଏହା ଏକ ଭଲ ପଦକ୍ଷେପ ।

ଏହି ଅବସରରେ ସଚିବ ଶ୍ରୀ ଜ୍ଞାନରଞ୍ଜନ ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଶ୍ରୀ ବିରଞ୍ଚି ନାରାୟଣ ମିଶ୍ର, ସହ ପରୀକ୍ଷା ନିୟନ୍ତ୍ରକ ଶ୍ରୀ ସଂଜୟ କୁମାର ବିଶ୍ୱାଳ, ବିତ୍ତ ଅଧିକାରୀ ଶ୍ରୀ କିଶୋର କୁମାର ନାୟକ ତଥା ଅନ୍ୟ କର୍ମଚାରୀବନ୍ଧୁମାନଙ୍କୁ ଆନ୍ତରିକ ଧନ୍ୟବାଦ । ଲେଖକମାନଙ୍କୁ ବିଶେଷ କୃତଜ୍ଞତା ।

ପାଠ୍ୟସୂଚୀ ପ୍ରସ୍ତୁତିରେ ଯଦି କିଛି ତ୍ରୁଟି ଥାଏ, ତେବେ ପରବର୍ତ୍ତୀ ସଂସ୍କରଣରେ ତାହା ସଂଶୋଧନ କରାଯିବ ।

ପ୍ରଫେସର ବାସୁଦେବ ଛାଟୋଇ

ଅଧ୍ୟକ୍ଷ

# ବିଷୟ ସୂଚୀ


| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| ପ୍ରଥମ ଅଧ୍ୟାୟ | ରାଜନୀତି ସିଦ୍ଧାନ୍ତବୋଧ | ୧ |
| ଦ୍ୱିତୀୟ ଅଧ୍ୟାୟ | ରାଷ୍ଟ୍ର | ୧୬ |
| ତୃତୀୟ ଅଧ୍ୟାୟ | ରାଷ୍ଟ୍ର କାର୍ଯ୍ୟର ପ୍ରକୃତି | ୨୫ |
| ଚତୁର୍ଥ ଅଧ୍ୟାୟ | ମୌଳିକତତ୍ତ୍ୱ : ସ୍ୱତନ୍ତ୍ରତା | ୫୨ |
| ପଞ୍ଚମ ଅଧ୍ୟାୟ | ସମାନତା | ୫୮ |
| ଷଷ୍ଠ ଅଧ୍ୟାୟ | ନ୍ୟାୟ | ୬୫ |
| ସପ୍ତମ ଅଧ୍ୟାୟ | ଅଧିକାର | ୬୯ |
| ଅଷ୍ଟମ ଅଧ୍ୟାୟ | ଧର୍ମ ନିରପେକ୍ଷତା | ୭୭ |
| ନବମ ଅଧ୍ୟାୟ | ଉନ୍ନୟନ | ୮୨ |
| ଦଶମ ଅଧ୍ୟାୟ | ଭାରତ ସମ୍ବିଧାନର କାର୍ଯ୍ୟକାରିତା : ସମ୍ବିଧାନର ଦର୍ଶନତତ୍ତ୍ୱ | ୮୮ |
| ଏକାଦଶ ଅଧ୍ୟାୟ | ସାମ୍ବିଧାନିକ ଅଧିକାର | ୧୦୨ |
| ଦ୍ୱାଦଶ ଅଧ୍ୟାୟ | ନିର୍ବାଚନ ଓ ପ୍ରତିନିଧିତ୍ୱ | ୧୧୭ |
| ତ୍ରୟୋଦଶ ଅଧ୍ୟାୟ | ବ୍ୟବସ୍ଥାପିକା | ୧୨୫ |
| ଚତୁର୍ଦ୍ଦଶ ଅଧ୍ୟାୟ | କାର୍ଯ୍ୟପାଳିକା | ୧୩୮ |
| ପଞ୍ଚଦଶ ଅଧ୍ୟାୟ | ନ୍ୟାୟପାଳିକା | ୧୫୨ |


❑❑❑

# ପ୍ରଥମ ଅଧ୍ୟାୟ
# ରାଜନୀତି ସିଦ୍ଧାନ୍ତବୋଧ
# (UNDERSTANDING POLITICAL THEORY)

## ୧. ରାଜନୀତି ସିଦ୍ଧାନ୍ତ : ଏକ ଉପକ୍ରମ
## (POLITICAL THEORY : AN INTRODUCTION)

**ସଂରଚନା :**

| | |
|---|---|
| ୧. | ଉଦ୍ଦେଶ୍ୟ |
| ୧.୧ | ରାଜନୀତି କ'ଣ ? |
| ୧.୨ | ରାଜନୀତି ବା ରାଜନୀତି ବିଜ୍ଞାନର ସଂଜ୍ଞା । |
| ୧.୩ | ରାଜନୀତିର ପ୍ରକୃତି ଓ ପରିସର |
| ୧.୪ | ରାଜନୀତି ସିଦ୍ଧାନ୍ତର ବ୍ୟବହାର |
| ୧.୫ | ରାଜନୀତି ବିଜ୍ଞାନ ଓ ଅନ୍ୟ ସାମାଜିକ ବିଜ୍ଞାନ |
| ୧.୬ | ରାଜନୀତି ଏକ ବିଜ୍ଞାନ ନା କଳା ? |
| ୧.୭ | ସାରାଂଶ |
| ୧.୮ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୧.୯ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |

୧. **ଉଦ୍ଦେଶ୍ୟ : ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ :**

* ରାଜନୀତି କ'ଣ ଓ ରାଜନୀତି ବିଜ୍ଞାନର ଅର୍ଥ ବିଷୟରେ ଜାଣି ପାରିବେ ।
* ରାଜନୀତିର ପ୍ରକୃତି ଓ ପରିସର ବିଷୟରେ ଅବଗତ ହୋଇପାରିବେ ।
* ରାଜନୀତି ସିଦ୍ଧାନ୍ତର ବ୍ୟବହାର ବା ଉପଯୋଗିତା ବିଷୟରେ ଜାଣିପାରିବେ ।
* ରାଜନୀତି ଏକ ବିଜ୍ଞାନ ନା ଏକ କଳା, ତାହା ଜାଣିପାରିବେ ।
* ରାଜନୀତି ବଜ୍ଞାନର ଅନ୍ୟ ସାମାଜିକ ବିଜ୍ଞାନ ସହିତ ସମ୍ବନ୍ଧ ବିଷୟରେ ଜାଣିପାରିବେ ।

## ୧.୧. ରାଜନୀତି କ'ଣ ?

ଆଧୁନିକ ରାଷ୍ଟ୍ର ବ୍ୟବସ୍ଥାରେ 'ରାଜନୀତି' ଏପରି ଏକ ଶବ୍ଦ ଯାହା ସହିତ ସମଗ୍ର ବିଶ୍ୱବାସୀ ପରିଚିତ । ପ୍ରାଚୀନ ଗ୍ରୀସ୍ ଦେଶର ଯେଉଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଶ୍ୱବାସୀଙ୍କ ପାଇଁ ଆଜି ମଧ୍ୟ ସକ୍ରିୟ, ସେଗୁଡ଼ିକ ମଧ୍ୟରୁ ରାଜନୀତି ଓ ଗଣତନ୍ତ୍ର ଅନ୍ୟତମ ।

ରାଜନୀତିର ସରଳ ଅର୍ଥ ହେଉଛି ରାଷ୍ଟ୍ର ଶାସନ ସମ୍ବନ୍ଧୀୟ ନୀତି ବା ନିୟମ । ପ୍ରତ୍ୟେକ ବ୍ୟକ୍ତି ତା'ର ଦୈନନ୍ଦିନ ଜୀବନରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ରାଜନୀତିର ଗୁରୁତ୍ୱ ଅନୁଭବ କରେ । ଉଭୟ 'ରାଜନୀତି' ଓ 'ରାଜନୀତି ବିଜ୍ଞାନ' ଗ୍ରୀକ୍ ଶବ୍ଦ Polis (ପଲିସ୍) ରୁ ଆସିଛି । ପଲିସ୍ ଶବ୍ଦର ଅର୍ଥ ହେଉଛି 'ନଗର ରାଷ୍ଟ୍ର' ବା ନଗର ରାଜ୍ୟ (City-State) । ନଗର ରାଜ୍ୟର ଶାସନ ପ୍ରଣାଳୀ, ରାଜନୈତିକ ସମସ୍ୟା ଓ ସମାଧାନ ପ୍ରଣାଳୀକୁ ରାଜନୀତି ବା ପଲିଟିକ୍ସ୍ (Politics) କୁହା ଯାଉଥିଲା । ପ୍ରାଚୀନ ଗ୍ରୀସ୍‌ରେ ଅନେକ ସ୍ୱାଧୀନ ନଗର-ରାଷ୍ଟ୍ର ରହିଥିଲା ଏବଂ ସେମାନଙ୍କ ମଧ୍ୟରେ ଏଥେନ୍ସ (Athens) ଓ ସ୍ପାର୍ଟା (Sparta) ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ । ନଗର ରାଷ୍ଟ୍ରର ଅଧିବାସୀମାନଙ୍କୁ ନାଗରିକ କୁହାଯାଉଥିଲା ଏବଂ ସେମାନେ ମିଳିତ ଭାବେ ରାଷ୍ଟ୍ର ଶାସନ ସମ୍ବନ୍ଧୀୟ ନୀତି ନିର୍ଦ୍ଧାରଣ କରୁଥିଲେ । ସେମାନଙ୍କର ଏହି କାର୍ଯ୍ୟକୁ ରାଜନୀତି କୁହାଯାଉଥିଲା । ପ୍ରାଚୀନ ରୋମ୍‌ର ଅଧିବାସୀମାନେ 'ପଲିଟିକ୍ସ୍' ପରିବର୍ତ୍ତେ 'ସିଭିଟାସ୍' (Civitas) ଶବ୍ଦ ବ୍ୟବହାର କରୁଥିଲେ । କାରଣ ସେମାନଙ୍କର ବ୍ୟବହୃତ ଲାଟିନ୍ ଭାଷାରେ (Civitas) 'ସିଭିଟାସ୍'ର ଅର୍ଥ ହେଲ ନଗର ବିଜ୍ଞାନ । ଏଥିରୁ ଇଂରାଜୀ ଶବ୍ଦ ସିଭିକ୍ସ (Civics) ବା ନଗର ବିଜ୍ଞାନ ବା (Politics) ପଲିଟିକ୍ସ୍ ବା ରାଜନୀତି ବିଜ୍ଞାନର ସୃଷ୍ଟି । ତେଣୁ ନଗର ବିଜ୍ଞାନ ଓ ରାଜନୀତି ବିଜ୍ଞାନର ଉତ୍ପତ୍ତି ସମାନ ଅଟେ । ପ୍ରାଚୀନ କାଳରେ ରାଷ୍ଟ୍ର ଶାସନ ପରିଚାଳନା ସମ୍ବନ୍ଧୀୟ ସମସ୍ତ ତତ୍ତ୍ୱ ଓ ତଥ୍ୟକୁ ରାଜନୀତି ବୋଲି ବୁଝାଯାଉଥିଲା । ରାଷ୍ଟ୍ର ଶାସନ ସଂକ୍ରାନ୍ତୀୟ ସମସ୍ତ ବିଧି, ବିଧାନ, ପରମ୍ପରା, ପ୍ରକୃତି, ଅନୁଷ୍ଠାନ, ସଂଗଠନ ରାଜନୀତିର ଅନ୍ତର୍ଭୁକ୍ତ ଥିଲା । ସେତେବେଳେ ରାଜନୀତି ଏକ କଳା ଓ କୌଶଳ ଅର୍ଥରେ ବ୍ୟବହୃତ ହେଉଥିଲା । ଏଠାରେ ରାଜନୈତିକ ତତ୍ତ୍ୱ ଅପେକ୍ଷା ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ସେତେବେଳେ ରୋମ୍‌ରେ ରାଜନୀତି ସାମ୍ରାଜ୍ୟ (REGNUM) ର କାର୍ଯ୍ୟକଳାପ ସହ ସମ୍ପୃକ୍ତ ଥିଲା । କିନ୍ତୁ ବର୍ତ୍ତମାନ ଏକବିଂଶ ଶତାବ୍ଦୀରେ 'ରାଜନୀତି' ସମ୍ପର୍କରେ ଜନସାଧାରଣଙ୍କ ମନରେ ଏକ ଭିନ୍ନ ଓ ନକାରାତ୍ମକ ଧାରଣା ଦେଖିବାକୁ ମିଳେ । ରାଜନୈତିକ ଦଳର ନେତାମାନେ ଏହାକୁ ଦେଶସେବା ଓ ଜନସାଧାରଣଙ୍କ ସେବା କହୁଥିବା ବେଳେ ଅନ୍ୟମାନେ ଏହାକୁ କୂଟକୌଶଳପୂର୍ଣ୍ଣ ଓ ଛନ୍ଦକପଟଯୁକ୍ତ ଉପାୟ ରୂପେ ଦେଖାନ୍ତି ଯାହା ନିହିତ ସ୍ୱାର୍ଥ, ମନ୍ଦ ଉଦ୍ଦେଶ୍ୟ ବା ଅନୈତିକ ଉପାୟରେ ନିଜର ଅଭିଳାଷ ପୂରଣ ପାଇଁ ପ୍ରୟୋଗ କରାଯାଏ । ଏହି ନେତାମାନେ ନିଜର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ୱାର୍ଥ ସାଧନ ନିମନ୍ତେ ଦୁର୍ନୀତି ଓ ଅପରାଧ କରିବାକୁ ମଧ୍ୟ ପଛାନ୍ତି ନାହିଁ । କେବଳ ରାଜନୈତିକ ଦଳର ନେତା ନୁହଁନ୍ତି, ସରକାରୀ କର୍ମଚାରୀ, ବ୍ୟବସାୟୀ, ରାଜନେତା ତଥା ଅନ୍ୟାନ୍ୟ ବିଭିନ୍ନ ପେଷାର ଲୋକ 'ରାଜନୀତି' ଶବ୍ଦର ଏପରି ନକାରାତ୍ମକ ଅର୍ଥ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି । କିଛି ମନ୍ତ୍ରୀ, ବ୍ୟବସାୟୀ, ସରକାରୀ କର୍ମଚାରୀ, ଡାକ୍ତର, ଶିକ୍ଷକ, ଯନ୍ତ୍ରୀ, ଅମଲାତନ୍ତ୍ରର ସମସ୍ତ କର୍ମଚାରୀ ଓ ପଦାଧିକାରୀ, ବିଚାରପତି ତଥା ଉପରକୁ ଆଧ୍ୟାତ୍ମିକ ଗୁରୁ ରୂପେ ନିଜକୁ ସମାଜରେ ପରିଚୟ କରାଇ ଠକ ସାଧୁସନ୍ଥମାନେ ଦୁର୍ନୀତିରେ ଲିପ୍ତ ରହିବାକୁ ଜନସାଧାରଣ ରାଜନୀତି ରୂପେ ବିବେଚନା କରନ୍ତି ଯାହା ବାସ୍ତବିକ କୁତ୍ସିତ ଓ କଦର୍ଯ୍ୟ ରାଜନୀତି (dirty politics) । ତେଣୁ ସାଧାରଣ ଲୋକମାନେ ରାଜନୀତିକୁ ଘୃଣା ଚକ୍ଷୁରେ ଦେଖିବା ସହ ସେଥିରୁ ଦୂରେଇ ରହିବାକୁ ଉଚିତ୍ ମନେ କରନ୍ତି । କିନ୍ତୁ ଏହା ପ୍ରକୃତରେ ଠିକ୍ ନୁହେଁ, କାରଣ ରାଜନୀତିର ସକାରାତ୍ମକ ଦିଗ ହେଉଛି ଏହା ପ୍ରତ୍ୟେକ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ (integral part) । ପ୍ରତ୍ୟେକ ସମାଜରେ ଥିବା ରାଜନୈତିକ ସଂଗଠନ, ସାମାଜିକ ଅନୁଷ୍ଠାନ ଓ ସରକାରୀ ନୀତି ଓ ନିୟମ ଲୋକମାନଙ୍କର ଆବଶ୍ୟକତା ପୂରଣ କରିବା

ଦିଗରେ ସହାୟକ ହୁଅନ୍ତି ଏବଂ ସମାଜରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରନ୍ତି । କିନ୍ତୁ ସରକାରଙ୍କ କାର୍ଯ୍ୟକଳାପ ଓ ବିଭିନ୍ନ ସିଦ୍ଧାନ୍ତ ଯଥା ଶିକ୍ଷାନୀତି, ଅର୍ଥନୈତିକ ନୀତି, ବୈଦେଶିକ ନୀତି ଆଦି ଜନସାଧାରଣଙ୍କ ଜୀବନକୁ ପ୍ରଭାବିତ କରେ । ତେଣୁ ଲୋକମାନେ ସରକାରଙ୍କ କାର୍ଯ୍ୟ ପ୍ରତି ଆଗ୍ରହ ଦେଖାନ୍ତି ଏବଂ ଆବଶ୍ୟକ ହେଲେ ନିଜର ଦାବୀ ପୂରଣ ପାଇଁ ବିଭିନ୍ନ ସଂଘ ମାଧ୍ୟମରେ ସରକାରଙ୍କ ଉପରେ ଚାପ ପକାଇ ଥାଆନ୍ତି । ତେଣୁ ରାଜନୀତି କେବଳ ସରକାରରେ ସୀମିତ ନୁହେଁ ।

ଆମ ସମାଜରେ ଆମମାନଙ୍କ ଚିନ୍ତାଧାରାରୁ ହିଁ ରାଜନୀତିର ସୃଷ୍ଟି । ଏହା ଦ୍ୱାରା ସମାଜରେ ସମୂହ ଉନ୍ନତି ପାଇଁ ନିଷ୍ପତ୍ତି ନିଆଯାଏ । ଯେତେବେଳେ ଲୋକମାନେ ସମୂହ କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ ବିକାଶ ଓ ସର୍ବସାଧାରଣଙ୍କ ଉନ୍ନତି ପାଇଁ ଚେଷ୍ଟା ଓ କାର୍ଯ୍ୟ କରନ୍ତି, ସେତେବେଳେ ସେମାନେ ରାଜନୈତିକ କାର୍ଯ୍ୟ (Political activity) ବା ରାଜନୀତି କରନ୍ତି । ବାସ୍ତବରେ, ପ୍ରତ୍ୟେକ ବ୍ୟକ୍ତି ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ରାଜନୀତି ସହିତ ସମ୍ପୃକ୍ତ ।

ତେଣୁ ସାଧାରଣ ଅର୍ଥରେ ରାଜନୀତି ଓ ରାଜନୀତି ବିଜ୍ଞାନ ସମାନ ବୋଲି ବିଚାର କରାଯାଉଥିଲେ ମଧ୍ୟ, ଅଧ୍ୟୟନ ଦୃଷ୍ଟିରୁ ଏଥିରେ ପାର୍ଥକ୍ୟ ରହିଛି । ଉଭୟ ଗ୍ରୀକ୍ ଶବ୍ଦ ପଲିସ୍ (Polis) ରୁ ସୃଷ୍ଟି ଯାହାର ଜନକ ହେଉଛନ୍ତି ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ୍ । ଗ୍ରୀକ୍ ଦେଶରେ ପ୍ରଥମେ ବ୍ୟବହୃତ ହୋଇଥିବା ରାଜନୀତି ଶବ୍ଦଟି ସେତେବେଳେ ଶାସନ ଏକ କଳା ବା କୌଶଳ ଏବଂ ଶାସନ ପ୍ରକ୍ରିୟାରେ ଜଡ଼ିତ ସମସ୍ତ ବିଧି, ବିଧାନ ଓ ପରମ୍ପରା ଇତ୍ୟାଦିକୁ ବୁଝାଉଥିଲା । ପରବର୍ତ୍ତୀ ସମୟରେ ଏହି ପ୍ରୟୋଗାତ୍ମକ ରାଜନୀତିର ତାତ୍ତ୍ୱିକ ବ୍ୟବହାର କରାଗଲା ଏବଂ ରାଷ୍ଟ୍ରର ଉତ୍ପତ୍ତି, ଗଠନ, ବିକାଶ ଓ ପ୍ରକୃତି ଆଦି ବିଷୟ ପ୍ରତି ଗୁରୁତ୍ୱ ଦିଆଗଲା । ଏହାକୁ ତତ୍ତ୍ୱ ସମ୍ବଳିତ କରି ରାଜନୀତି ବିଜ୍ଞାନର ସୃଷ୍ଟି ହେଲା । ରାଜନୀତି ବିଜ୍ଞାନ ସାମାଜିକ ବିଜ୍ଞାନର ଏକ ଅଂଶ ବିଶେଷ ଯାହା ରାଷ୍ଟ୍ର ଓ ସରକାରଙ୍କ ବିଷୟରେ ତାତ୍ତ୍ୱିକ ଅଧ୍ୟୟନ କରିଥାଏ । କିନ୍ତୁ ରାଜନୀତି ଦୈନନ୍ଦିନ ଜୀବନରେ ସରକାର ଓ ରାଷ୍ଟ୍ରରେ ଘଟୁଥିବା ଘଟଣାବଳୀକୁ ବୁଝାଏ ଏବଂ ଏହା ରାଜନୈତିକ ପ୍ରକ୍ରିୟାର ବାସ୍ତବ ପ୍ରତିଫଳନ ମାତ୍ର । ପ୍ରଫେସର ବ୍ଲୁଣ୍ଟସ୍ଲି ରାଜନୀତି ଓ ରାଜନୀତି ବିଜ୍ଞାନକୁ ବୁଝାଇବାକୁ ଯାଇ କହିଛନ୍ତି, "ରାଜନୀତି ଏକ ବିଜ୍ଞାନ ନୁହେଁ, ଏହା ଏକ କଳା ଯାହା ରାଷ୍ଟ୍ରର କାର୍ଯ୍ୟକାରିତା ସହ ସମ୍ପୃକ୍ତ କିନ୍ତୁ ରାଜନୀତି ବିଜ୍ଞାନ ରାଷ୍ଟ୍ରରେ ମୂଳଦୁଆର ଗଠନ, ପ୍ରକୃତି ଓ ବିକାଶର ତାତ୍ତ୍ୱିକ ଅଧ୍ୟୟନ ସହ ସମ୍ପୃକ୍ତ ।" ରାଜନୀତି ବିଜ୍ଞାନ ରାଜନୀତିକୁ ରାସ୍ତା ଦେଖାଇଥାଏ ।

ଖ୍ରୀଷ୍ଟପୂର୍ବ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ 'ଦି ରିପବ୍ଲିକ' (The Republic) ଓ ତାଙ୍କର ଶିଷ୍ୟ ଆରିଷ୍ଟୋଟଲ୍ 'ଦି ପଲିଟିକ୍ସ' (The Politics) ପୁସ୍ତକ ରଚନା କରି ରାଜନୀତି ବିଜ୍ଞାନର ପ୍ରାରମ୍ଭିକ ମୁଖ୍ୟ ପ୍ରବକ୍ତା ରୂପେ ପରିଚିତ ହୋଇଥିଲେ । ଆରିଷ୍ଟୋଟଲ୍ ରାଜନୀତି ବିଜ୍ଞାନକୁ 'ଶ୍ରେଷ୍ଠ ସାମାଜିକ ବିଜ୍ଞାନ' ବୋଲି ଆଖ୍ୟା ଦେଇଥିଲେ ଏବଂ 'ମଣିଷ ଏକ ସାମାଜିକ ପ୍ରାଣୀ' (Man is a social animal) ବୋଲି ବର୍ଣ୍ଣନା କରିଥିଲେ । ସେ ସମାଜରେ ଜନ୍ମ ନିଏ, ବିକାଶ ଲାଭ କରେ ଓ ମୃତ୍ୟୁବରଣ କରେ । ସମାଜ ବିନା ଯିଏ ବଞ୍ଚି ରହିପାରେ ସିଏ ହୁଏତ ଈଶ୍ୱର କିମ୍ବା ପଶୁ ହୋଇପାରେ । ତାଙ୍କର ସୁଦୂରପ୍ରସାରୀ ଅବଦାନ ଯୋଗୁଁ ତାଙ୍କୁ ରାଜନୀତି ବିଜ୍ଞାନର ଜନକ (Father of Political Science) କୁହାଯାଏ । ସେ ରାଜନୀତି ବିଜ୍ଞାନ ବଦଳରେ ରାଜନୀତି ଶବ୍ଦ ବ୍ୟବହାର କରିଥିଲେ ।

କିନ୍ତୁ ମଧ୍ୟଯୁଗରେ ରାଜନୀତିକୁ ଧର୍ମଶାସ୍ତ୍ରର ଏକ ଶାଖା ରୂପେ ବିବେଚନା କରାଯାଉଥିଲା ଏବଂ ଷୋଡ଼ଶ ଶତାବ୍ଦୀରେ ଆଧୁନିକ ଉଦାରବାଦୀ ଚିନ୍ତାଧାରା ଆରମ୍ଭ ହେବା ପର୍ଯ୍ୟନ୍ତ ଏହି ମତବାଦ ଗ୍ରହଣ କରାଯାଇଥିଲା ।

ଷୋଡ଼ଶ ଶତାବ୍ଦୀରେ ଇଟାଲୀର ଦାର୍ଶନିକ ମାକିଆଭେଲି (Machiavelli) ପ୍ରଥମ ଥର ପାଇଁ ଧର୍ମକୁ ରାଜନୀତିଠାରୁ ପୃଥକ୍ କରିଥିଲେ । ତାଙ୍କର ରଚିତ ପୁସ୍ତକ 'ଦି ପ୍ରିନ୍ସ' (The Prince) ରେ ସେ ରାଜନୀତିକୁ ଏକ ବାସ୍ତବବାଦୀ, ଧର୍ମ ନିରପେକ୍ଷ ଓ ବୈଜ୍ଞାନିକ ଆଭିମୁଖ୍ୟ ପ୍ରଦାନ କରିଥିଲେ । ମାକିଆଭେଲି ତାଙ୍କ ପୁସ୍ତକରେ 'କ୍ଷମତା'କୁ ରାଜନୀତିର କେନ୍ଦ୍ରବିନ୍ଦୁ ଓ ରାଷ୍ଟ୍ରକୁ ମୁଖ୍ୟ ରାଜନୈତିକ ସଂଗଠନର ରୂପ ଦେଲେ । ରାଜନୈତିକ ଚେତନାରେ ପୁରାତନ ଓ ମଧ୍ୟଯୁଗର ଅବସାନ ଘଟି ନୂତନ ଯୁଗର ଆରମ୍ଭ ହେଲା । ଏଣୁ ମାକିଆଭେଲିଙ୍କୁ ରାଜନୀତି ବିଜ୍ଞାନରେ ନୂତନ ଯୁଗର ସ୍ରଷ୍ଟା ଏବଂ ଆଧୁନିକ ରାଜନୀତି ବିଜ୍ଞାନର ଜନକ ବୋଲି ମଧ୍ୟ କୁହାଯାଇଥାଏ ।

ପରବର୍ତ୍ତୀ ସମୟରେ ଚୁକ୍ତିବାଦୀ ଦାର୍ଶନିକ (Contractualist thinkers) ରୂପେ ପରିଚିତ ଇଂରେଜ ଦାର୍ଶନିକ ଥୋମାସ୍ ହବସ୍, ଜନ୍ ଲକ୍ ଏବଂ ଫରାସୀ ଦାର୍ଶନିକ ରଷୋ ରାଜନୀତିରେ ନୂତନ ଚିନ୍ତାଧାରାର ସଂଯୋଗ କରିଥିଲେ । ହବସ୍ ବସ୍ତୁବାଦୀ ଧାରଣା ଓ ରାଜନୀତିରେ ବଳର ଗୁରୁତ୍ୱ ଉପରେ ମତ ଦେଇଥିବା ବେଳେ, ଲକ୍ କ୍ଷମତା ଉପରେ ଗୁରୁତ୍ୱ ପ୍ରଦାନ କଲାବେଳେ ରଷୋ ଜନପ୍ରିୟ ସାର୍ବଭୌମତ୍ୱ ଓ ପ୍ରତ୍ୟକ୍ଷ ଗଣତନ୍ତ୍ରର ଧାରଣା ପ୍ରଦାନ କରିଥିଲେ ।

ଉନବିଂଶ ଶତାବ୍ଦୀ ବେଳକୁ ରାଷ୍ଟ୍ର, ସରକାର, ଅର୍ଦ୍ଧସରକାରୀ ସଂଗଠନ ଗୁଡ଼ିକ ରାଜନୈତିକ କାର୍ଯ୍ୟକଳାପର କେନ୍ଦ୍ର ପାଲଟି ଗଲେ ଏବଂ ରାଜନୀତି ସମଗ୍ର ବିଶ୍ୱରେ ଏକ ମୁଖ୍ୟ ବିଷୟ ପାଲଟିଗଲା । ଲୋକମାନେ ରାଜନୀତି ଓ ରାଜନୈତିକ କ୍ଷମତା ବିଷୟରେ ସଚେତନ ହୋଇ ଉଠିଲେ । ବ୍ୟକ୍ତିର ଅଧିକାର, ସ୍ୱାଧୀନତା ଓ ସ୍ୱତନ୍ତ୍ରତା ରାଷ୍ଟ୍ରର ସ୍ୱୀକୃତି ଲାଭ କରିବାକୁ ଆରମ୍ଭ କଲା । ଉନବିଂଶ ଓ ବିଂଶ ଶତାବ୍ଦୀରେ ମିଲ୍, ବେନ୍ଥାମ୍, ଗ୍ରୀନ୍, ଲାସ୍କି, ବାର୍କର, ମଣ୍ଟେସ୍କ୍ୟୁ, ହିଗେଲ୍ ପ୍ରଭୃତି ଦାର୍ଶନିକମାନଙ୍କର ଚିନ୍ତାଧାରା ରାଜନୀତି ଓ ରାଜନୀତି ବିଜ୍ଞାନକୁ ପ୍ରଭାବିତ କଲା । ରାଜନୀତିରେ ବ୍ୟକ୍ତିବାଦ, ସମାଜବାଦ ଓ ଉଦାରବାଦ ଚିନ୍ତାଧାରା ଦେଖାଦେଲା ଏବଂ ରାଷ୍ଟ୍ର ଏକ ଜନମଙ୍ଗଳ ଅନୁଷ୍ଠାନରେ ପରିଣତ ହେଲା । ପୁନଶ୍ଚ ପୁଞ୍ଜିବାଦୀ ତତ୍ତ୍ୱର ପ୍ରତିବାଦ ସ୍ୱରୂପ ଜର୍ମାନୀ ଦାର୍ଶନିକ କାର୍ଲମାର୍କ୍ସ ଓ ତାଙ୍କ ସହଯୋଗୀ ଫ୍ରେଡେରିକ୍ ଏଞ୍ଜେଲସ୍ ବୈଜ୍ଞାନିକ ସମାଜବାଦ (Scientific socialism), ବା ମାର୍କ୍ସବାଦ (Marxism) ସୃଷ୍ଟି କଲେ । ସେମାନେ ତର୍କସଂଗତ ବସ୍ତୁବାଦ (Dialectical materialism), ଶ୍ରେଣୀ ବିଭାଜନ ଓ ଇତିହାସର ଅର୍ଥନୈତିକ ତର୍ଜମା ଦ୍ୱାରା ରାଷ୍ଟ୍ର, ସମାଜ, ରାଜନୀତି ଓ ରାଜନୀତି ବିଜ୍ଞାନର ନୂତନ ସଂଜ୍ଞା ପ୍ରଦାନ କଲେ ।

ପାଶ୍ଚାତ୍ୟ ଦେଶମାନଙ୍କ ଭଳି ପ୍ରାଚ୍ୟ ଦେଶର ଚୀନ, ଇଜିପ୍ଟ ଓ ଭାରତରେ ମଧ୍ୟ ରାଜନୈତିକ ଚିନ୍ତାଧାରା ସୃଷ୍ଟି ହୋଇଥିଲା । ବିଶ୍ୱାସ କରାଯାଏ ଯେ ଗ୍ରୀକ୍ ଦେଶରେ ରାଜନୈତିକ ଚିନ୍ତାଧାରା ସୃଷ୍ଟି ହେବାର ଦୁଇଶହ ବର୍ଷ ପୂର୍ବରୁ ଭାରତରେ ଏହାର ଅଭ୍ୟୁଦୟ ଘଟିଥିଲା । ମନୁଙ୍କ 'ମନୁସ୍ମୃତି', କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର' ଓ ବ୍ୟସଦେବଙ୍କ 'ମହାଭାରତ'ରେ ରାଜନୈତିକ ଚିନ୍ତାଧାରା ଓ ଦର୍ଶନର ପ୍ରଭାବ ଦେଖିବାକୁ ମିଳିଥାଏ । ପ୍ରାଚୀନ ଭାରତରେ ରାଜନୀତି 'ରାଜଧର୍ମ', 'ଦଣ୍ଡନୀତି', 'ନୀତିଶାସ୍ତ୍ର', 'ଧର୍ମଶାସନ' ଆଦି ଶବ୍ଦ ସହିତ ସମ୍ପୃକ୍ତ ଥିଲା । କିନ୍ତୁ ପରବର୍ତ୍ତୀ ଯୁଗରେ ରାଜନୀତିକୁ ତାତ୍ତ୍ୱିକ ଅର୍ଥରେ ଅଧିକ ବ୍ୟବହାର କରାଯାଇ ରାଷ୍ଟ୍ରର ଉତ୍ପତ୍ତି, ଗଠନ, ପ୍ରକୃତି, ପରିଚାଳନା ପ୍ରଭୃତି ପ୍ରତି ଅଧିକ ଦୃଷ୍ଟି ଦିଆଗଲା । ଫଳରେ ରାଜନୀତିରୁ ରାଜନୀତି ବିଜ୍ଞାନର ସୃଷ୍ଟି ହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ରାଜନୀତି ବିଜ୍ଞାନକୁ ଏକ ପ୍ରାକୃତିକ ଓ ଶୁଦ୍ଧ ବିଜ୍ଞାନ ସ୍ତରକୁ ନେଇଯିବାକୁ ଚେଷ୍ଟା ଆରମ୍ଭ ହୋଇଥିଲା ଓ ରାଜନୀତିରେ ବ୍ୟବହାରବାଦ (Behaviouralism) ର ପ୍ରଚଳନ ଆରମ୍ଭ ହୋଇଥିଲା । ଏହା ଯୋଗୁଁ ରାଜନୀତି ଅଧ୍ୟୟନର ପରିସରରେ ବ୍ୟାପକ ପରିବର୍ତ୍ତନ ହେଲା ଏବଂ ଏହା କେବଳ 'ରାଷ୍ଟ୍ର' ଶବ୍ଦ ବ୍ୟବହାର ନ କରି 'ରାଜନୈତିକ ବ୍ୟବସ୍ଥା' ଶବ୍ଦ ବ୍ୟବହାର କଲା । ଆଜିର ରାଜନୀତି ମୁଖ୍ୟତଃ ରାଜନୈତିକ ବିବାଦ, ସହଯୋଗ, ସହମତି, କ୍ଷମତା ଓ ମୂଲ୍ୟବୋଧକୁ ବୁଝାଇବା ବେଳେ ରାଜନୀତି ବିଜ୍ଞାନ ରାଜନୈତିକ ପ୍ରକ୍ରିୟାର ସୁବ୍ୟବସ୍ଥାକୁ ବୁଝାଏ ଏବଂ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ଓ ସାମାଜିକ ସମ୍ପର୍କର ଅଧ୍ୟୟନ କରେ ।

## ୧.୨. ରାଜନୀତି ବା ରାଜନୀତି ବିଜ୍ଞାନର ସଂଜ୍ଞା ।

## (Definition of Politics or Political Science)

ରାଜନୀତି ବା ରାଜନୀତି ବିଜ୍ଞାନ ଏକ ପ୍ରଗତିଶୀଳ ସାମାଜିକ ବିଜ୍ଞାନ । ବିଭିନ୍ନ ରାଜନୀତି ବିଜ୍ଞାନୀମାନେ ଏହାର ଭିନ୍ନ ଭିନ୍ନ ସଂଜ୍ଞା ନିରୂପଣ କରିଛନ୍ତି । କାରଣ ସମୟର ପରିବର୍ତ୍ତନ ସହ ଏହାର ଅର୍ଥ ଓ ସ୍ୱରୂପରେ ପରିବର୍ତ୍ତନ ଘଟୁଛି । ନିମ୍ନରେ ରାଜନୀତି ବିଜ୍ଞାନର କେତେକ ସଂଜ୍ଞା ପ୍ରଦାନ କରାଗଲା ।

୧. ପ୍ରଫେସର ଜେ. ଡବ୍ଲୁ ଗାର୍ନର (Prof. J.W. Garner) ଙ୍କ ମତରେ, "ରାଜନୀତି ବିଜ୍ଞାନ ରାଷ୍ଟ୍ରରୁ ଆରମ୍ଭ ହୁଏ ଏବଂ ରାଷ୍ଟ୍ରରେ ଶେଷ ହୁଏ ।

୨. ଫରାସୀ ରାଜନୀତି ବିଜ୍ଞାନୀ ପଲ୍ ଜାନେଟ୍ (Paul Janet)ଙ୍କ ମତରେ, "ରାଜନୀତି ବିଜ୍ଞାନ ଏକ ସାମାଜିକ ବିଜ୍ଞାନ ଯାହା ରାଷ୍ଟ୍ରର ମୂଳଭିତ୍ତି ଓ ସରକାରଙ୍କର ମୌଳିକ ନୀତିଗୁଡ଼ିକ ଆଲୋଚନା କରେ ।"

୩. ପ୍ରଫେସର ଆର. ଏନ୍ ଗିଲକ୍ରାଇଷ୍ଟ (R. N. Gilchrist)ଙ୍କ ମତରେ, "ରାଜନୀତି ବିଜ୍ଞାନ ରାଷ୍ଟ୍ର ଓ ସରକାର ସମ୍ବନ୍ଧୀୟ ଏକ ଅଧ୍ୟୟନ ।"

୪. ପ୍ରଫେସର ଆର: ଜି. ଗେଟେଲ୍ (R. G. Gettel)ଙ୍କ ବିଚାରରେ, "ରାଜନୀତି ବିଜ୍ଞାନ ରାଷ୍ଟ୍ରର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ, ରାଜନୈତିକ ସଂଗଠନ ଏବଂ ରାଜନୈତିକ ତତ୍ତ୍ୱମାନଙ୍କର ଏକ ଅଧ୍ୟୟନ ।"

୫. ସ୍ୱିଜରଲାଣ୍ଡର ରାଜନୈତିକ ବିଶାରଦ ବ୍ଲୁଣ୍ଟସ୍କି (Blunstcli)ଙ୍କ ମତରେ, "ରାଜନୀତି ବିଜ୍ଞାନ ହେଉଛି ସେହି ବିଜ୍ଞାନ ଯାହା ରାଷ୍ଟ୍ର ସହିତ ସମ୍ପୃକ୍ତ, ଯାହା ରାଷ୍ଟ୍ରର ମୌଳିକ ସ୍ୱରୂପ, ପ୍ରକୃତି, ଅବସ୍ଥା, ବିକାଶର ଅବବୋଧ ନିମନ୍ତେ ପ୍ରୟାସ କରେ ।"

୬. ଜର୍ଜ କାଟ୍‌ଲିନ୍ (George Catlin)ଙ୍କ ଭାଷାରେ, "ରାଜନୀତି ବିଜ୍ଞାନ ହେଉଛି ରାଜନୈତିକ ଜୀବନ ଏବଂ ସରକାରଙ୍କର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ଅଧ୍ୟୟନ ।"

୭. ପ୍ରଫେସର ଲାସ୍କି (Pfor. Laski) କହନ୍ତି, "ରାଜନୀତି ବିଜ୍ଞାନ ଅଧ୍ୟୟନର ବିଷୟବସ୍ତୁ ହେଉଛି ମଣିଷ ଜୀବନର ସଂଗଠିତ ରାଷ୍ଟ୍ର ସହ ସମ୍ପର୍କ ।"

୮. ପ୍ରଫେସର ଜନ୍ ସୀଲି (Prof. John Seeley)ଙ୍କ ଭାଷାରେ, "ଯେପରି ଅର୍ଥନୀତି ଅର୍ଥ ବିଷୟରେ, ଜୀବ ବିଜ୍ଞାନ ଜୀବ ବିଷୟରେ, ବୀଜଗଣିତ ସଂଖ୍ୟା ବିଷୟରେ ଏବଂ ଜ୍ୟାମିତି ବ୍ୟବଧାନ ଓ ବିସ୍ତାର ବିଷୟରେ ଆଲୋଚନା କରେ, ସେହିପରି ରାଜନୀତି ବିଜ୍ଞାନ ସରକାରଙ୍କ ବିଭିନ୍ନ ବିଭାଗ ବିଷୟରେ ଅନୁସନ୍ଧାନ କରେ ।"

ଉପରୋକ୍ତ ସଂଜ୍ଞାଗୁଡ଼ିକ ରାଜନୀତି ବିଜ୍ଞାନକୁ ରାଷ୍ଟ୍ର ଓ ସରକାର ସମ୍ବନ୍ଧୀୟ ଅଧ୍ୟୟନ ବୋଲି ପ୍ରତିପାଦନ କରନ୍ତି । ପାରମ୍ପରିକ ରାଜନୀତି ବିଜ୍ଞାନୀମାନେ ରାଜନୀତି ବିଜ୍ଞାନକୁ ସଂକୀର୍ଣ୍ଣ, ଆଇନଗତ, ଆନୁଷ୍ଠାନିକ ଓ ଔପଚାରିକ (Formal) ଦୃଷ୍ଟିକୋଣରୁ ବିଚାର କରନ୍ତି ।

ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ରାଜନୀତି ବିଜ୍ଞାନରେ ବ୍ୟବହାରବାଦ ବିପ୍ଳବ (Behavioural Revolution) ଯୋଗୁଁ ଏହାକୁ ପାରମ୍ପରିକ ଅଧ୍ୟୟନରୁ ମୁକ୍ତ କରି ଅଧିକ ବାସ୍ତବବାଦୀ (Realistic) କରିବାକୁ ଚେଷ୍ଟା କରାଯାଇଛି । ଏହାର ପ୍ରଭାବରେ ରାଜନୀତି ବିଜ୍ଞାନରେ ରାଜନୈତିକ କାର୍ଯ୍ୟାବଳୀ ଓ ଧାରା, ଆଚରଣ ଓ କ୍ଷମତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ।

ଆଧୁନିକ ଯୁଗରେ ରାଜନୀତି ବିଜ୍ଞାନୀମାନେ ଏହାର ନୂତନ ସଂଜ୍ଞା ପ୍ରଦାନ କରିଛନ୍ତି ।

୧. ଲାସ୍‌ୱେଲ୍ ଓ କାପ୍‌ଲାନ୍ (Laswell and Kaplan)ଙ୍କ ମତରେ, "ରାଜନୀତି ବିଜ୍ଞାନ ହେଉଛି କ୍ଷମତା ନିର୍ଣ୍ଣୟ ଓ ଗ୍ରହଣ ସମ୍ବନ୍ଧୀୟ ଅଧ୍ୟୟନ ।"

୨. ହିଲମ୍ୟାନ (Hilman)କହନ୍ତି, "ରାଜନୀତି ବିଜ୍ଞାନ କିଏ, କ'ଣ, କେବେ ଓ କାହିଁକି ପାଇବ ବିଷୟ ସହିତ ସମ୍ପୃକ୍ତ ।"

୩. ରବର୍ଟ ଡାଲ (Robert Dahl)ଙ୍କ ମତରେ, "କ୍ଷମତା ଶାସନ କିମ୍ବା ପ୍ରଭୁତ୍ୱକୁ କେନ୍ଦ୍ରକରି ଧାରାବାହିକ ଭାବେ ଗଢ଼ି ଉଠୁଥିବା ମାନବିକ ସମ୍ପର୍କ ସଂଗଠନକୁ ରାଜନୈତିକ ବ୍ୟବସ୍ଥା କୁହାଯାଏ ।"

୪. ଡାଭିଡ୍ ଇଷ୍ଟନ୍ (David Easten)କହନ୍ତି, "ରାଜନୀତି ବିଜ୍ଞାନ ସମାଜରେ ବିଭିନ୍ନ ମୂଲ୍ୟବୋଧର କ୍ଷମତାପୂର୍ଣ୍ଣ ବିନିଯୋଗ ପ୍ରକ୍ରିୟା ସହିତ ଓତପ୍ରୋତ ଭାବେ ଜଡ଼ିତ ।"

ଆଣ୍ଡ୍ରୁ ହେଉଡ୍ (Andrew Heud) ରାଜନୀତିକୁ ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି :

କ) ରାଜନୀତି ହେଉଛି ସରକାର ଗଠନ ଓ ପରିଚାଳନାର କଳା ।

ଖ) ରାଜନୀତି ହେଉଛି ସର୍ବସାଧାରଣ କାର୍ଯ୍ୟ ।

ଗ) ରାଜନୀତି ହେଉଛି ଆପୋଷ ନିଷତ୍ତି, ପରସ୍ପର ବିରୋଧୀ ମତର ସମନ୍ୱୟ ଓ ସମ୍ମତି ପ୍ରକାଶ ।

ଘ) ରାଜନୀତି ହେଉଛି କ୍ଷମତା ।

'ରାଜନୀତି'ର ବୈଜ୍ଞାନିକ ଅନୁଶୀଳନ ହେଉଛି ରାଜନୀତି ବିଜ୍ଞାନ । ଲିପ୍‌ସନ୍ (Lipson)ଙ୍କ ମତରେ 'ରାଜନୀତି'ର ପରିସର 'ରାଷ୍ଟ୍ର'ଠାରୁ ବୃହତ୍ତର । ରାଷ୍ଟ୍ର ଏକ ଅନୁଷ୍ଠାନ ଓ ରାଜନୀତି ବିଜ୍ଞାନର ଗୋଟିଏ ମାତ୍ର ଦିଗ, କିନ୍ତୁ ରାଜନୀତି ଏକ ପ୍ରକ୍ରିୟା । ରାଜନୀତି ବିଜ୍ଞାନରେ ସମାଜର ସମସ୍ତ ରାଜନୈତିକ ପ୍ରକ୍ରିୟାର ଅଧ୍ୟୟନ କରାଯାଏ ।

ରାଜନୀତି ବିଜ୍ଞାନର ସଂଜ୍ଞା ବିଭିନ୍ନ ଓ ବ୍ୟାପକ ହେଲେ ମଧ ସଂକ୍ଷେପରେ କହିବାକୁ ଗଲେ ରାଜନୀତି ବିଜ୍ଞାନ, ରାଷ୍ଟ୍ର, ସରକାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ରାଜନୈତିକ ବ୍ୟବସ୍ଥା, ରାଜନୈତିକ ବ୍ୟବହାର ଚଳଣି, ପ୍ରକ୍ରିୟା ଓ ରାଜନୈତିକ ସମସ୍ୟାଗୁଡ଼ିକର ଏକ ସୁବିସ୍ତୃତ ଅଧ୍ୟୟନ ।

### ୧.୩. ରାଜନୀତିର ପ୍ରକୃତି ଓ ପରିସର (Nature and Scope of Politics) :

ପ୍ରତ୍ୟେକ ସମାଜ ଓ ତାହାର ଜନସାଧାରଣ ରାଜନୀତି ବିନା ତିଷ୍ଠି ରହିବା ଅସମ୍ଭବ । ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ରାଜନୀତି ବ୍ୟକ୍ତିର ସାମାଜିକ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ସ୍ପର୍ଶ କରେ । ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ରର ନାଗରିକ ହିସାବରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ, ସକ୍ରିୟ ବା ନିଷ୍କ୍ରିୟ ଭାବରେ ରାଷ୍ଟ୍ରର କାର୍ଯ୍ୟରେ ଅଂଶ ଗ୍ରହଣ କରନ୍ତି ଯାହା ହେଉଛି ରାନନୀତି । ତେଣୁ ମଣିଷ କେବଳ ଏକ ସାମାଜିକ ପ୍ରାଣୀ ନୁହେଁ, ରାଜନୈତିକ ପ୍ରାଣୀ ମଧ୍ୟ । ରାଜନୀତି ସମାଜର ପ୍ରତ୍ୟେକ ବ୍ୟକ୍ତିର ଯତ୍ନ ନିଏ । ଏହା ସମାଜର ଏକ ଅପରିହାର୍ଯ୍ୟ ବୈଶିଷ୍ଟ୍ୟ । ରାଜନୀତି ସମାଜ ଓ ମଣିଷ ଜୀବନର ଏଭଳି ଏକ ସତ୍ୟ ଯାହା ବିନା ସମାଜ ଓ ମଣିଷର ସ୍ଥିତି ସମ୍ଭବ ନୁହେଁ । ବାସ୍ତବରେ ରାଜନୀତି ଏକ ସକାରାତ୍ମକ ଏବଂ ଆବଶ୍ୟକ ବିଷୟ । ଯେଉଁମାନେ କେବଳ କୁତ୍ସିତ ରାଜନୀତି ଆଲୋଚନା କରନ୍ତି ସେମାନେ ଏହାକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି । କିନ୍ତୁ ସେମାନେ ଏହାର ସକାରାତ୍ମକ ଦିଗପ୍ରତି ଦୃଷ୍ଟି ଦେଇ ଏକ ଶୁଦ୍ଧ ରାଜନୀତି ପାଇଁ ଚେଷ୍ଟା କରିବା ଉଚିତ୍ ।

ପରିସର ଅର୍ଥ ଆକାର ବା ବିସ୍ତାର । ରାଜନୀତି ବା ରାଜନୀତି ବିଜ୍ଞାନର ପରିସର କହିଲେ ଏହାର ଅଧ୍ୟୟନର ବିସ୍ତୃତ ବିଷୟବସ୍ତୁକୁ ବୁଝାଏ । ଏହାର ପରିସର ଅତ୍ୟନ୍ତ ବ୍ୟାପକ ଓ ବିସ୍ତୃତ । ଅନ୍ୟାନ୍ୟ ବିଷୟ ପରି ଏହାର ପରିସର ମଧ୍ୟ ଏହାର ପ୍ରକୃତି ଓ ସଂଜ୍ଞା ସହିତ ଜଡ଼ିତ । ଏହା ଏକ ସାମାଜିକ ବିଜ୍ଞାନ ହୋଇଥିବାରୁ ଏହା ପରିବର୍ତ୍ତନଶୀଳ ଓ ପ୍ରସାରଣଶୀଳ । ରାଷ୍ଟ୍ର ଓ ସମାଜର ଗତି ପରିବର୍ତ୍ତନଶୀଳ ହୋଇଥିବାରୁ ରାଜନୀତି ବିଜ୍ଞାନର ପରିସର ମଧ୍ୟରେ ଏକାଧିକ ବିଷୟବସ୍ତୁର ସଂଯୋଗ ଘଟିଛି । ଯାହା ନିମ୍ନରେ ପ୍ରଦାନ କରାଗଲା :

୧. **ରାଜନୈତିକ ତତ୍ତ୍ୱ (Political Theory) :**

ରାଜନୈତିକ ତତ୍ତ୍ୱ ହେଉଛି ରାଜନୈତିକ ତଥ୍ୟ ବା ବାସ୍ତବତା ବିଷୟରେ ସାଧାରଣରେ ଆଦୃତ କଥନ (statement) । ରାଜନୀତି ବିଜ୍ଞାନର ଅଧ୍ୟୟନ ଆରମ୍ଭ ହୋଇଥାଏ ରାଜନୈତିକ ତତ୍ତ୍ୱରୁ । ଏହା ମଧ୍ୟ ଏକ ଧାରଣା ସୃଷ୍ଟି କରିବାର ପରିକଳ୍ପନା ଯାହା ମାଧ୍ୟମରେ ପରିବର୍ତ୍ତନୀୟ ବିଷୟବସ୍ତୁମାନଙ୍କ ମଧ୍ୟରେ କାର୍ଯ୍ୟାତ୍ମକ ସମ୍ପର୍କ ପ୍ରତିଷ୍ଠା କରାଯାଇଥାଏ । ରାଜନୈତିକ ତତ୍ତ୍ୱ ରାଜନୀତିର ମୌଳିକ ଉପାଦାନ ଯଥା : ରାଷ୍ଟ୍ର,ସରକାର, ଆଇନ୍, ସ୍ୱତନ୍ତ୍ରତା, ସମତା, ଅଧିକାର, ସାର୍ବଭୌମତ୍ୱ, ନ୍ୟାୟ, ନାଗରିକତା, କର୍ତ୍ତବ୍ୟ, ବିଚାରଧାରା, କ୍ଷମତାର ପୃଥକୀକରଣ, ଆଚରଣବାଦ ଓ ବିଭିନ୍ନ ବିଚାରଧାରା ଆଦି ସମ୍ବନ୍ଧରେ ଆଲୋଚନା କରିଥାଏ । ରାଜନୀତି ବିଜ୍ଞାନକୁ ସଠିକ୍ ରୂପେ ଅଧ୍ୟୟନ କରିବା ପାଇଁ ରାଜନୈତିକ ତତ୍ତ୍ୱମାନଙ୍କ ବିଷୟରେ ସ୍ପଷ୍ଟ ଧାରଣା ରହିବା ଆବଶ୍ୟକ ।

୨. **ରାଜନୈତିକ ଦର୍ଶନ । (Political Philosophy) :**

ଦର୍ଶନ ହେଉଛି ଚିନ୍ତନ ବା ବିଭିନ୍ନ ବିଷୟରେ ବିଚାରଧାରା । ରାଜନୈତିକ ଦର୍ଶନ ରାଜନୀତି ବା ରାଜନୀତି ବିଜ୍ଞାନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ । ମୂଲ୍ୟବୋଧ ସହିତ ସୁସ୍ଥ ସାମାଜିକ ଜୀବନଧାରା ପାଇଁ ରାଜନୈତିକ ବିଶାରଦମାନେ ଯେଉଁ ଚିନ୍ତନ ବା କଳ୍ପନା କରିଛନ୍ତି ତାହାହିଁ ହେଉଛି ରାଜନୈତିକ ଦର୍ଶନ । ରାଷ୍ଟ୍ରର ଉତ୍ପତ୍ତି, ଗତି ଓ ପ୍ରକୃତିକୁ ନେଇ ବିଭିନ୍ନ ଯୁଗରେ ବିଭିନ୍ନ ଦେଶର ରାଜନୈତିକ ଦାର୍ଶନିକମାନେ ନିଜ ନିଜର ମତବ୍ୟକ୍ତ କରିଛନ୍ତି ଏବଂ ବିଭିନ୍ନ ରାଜନୈତିକ ସମସ୍ୟାର ସମାଧାନ ତଥା ଏକ ସୁନ୍ଦର ରାଷ୍ଟ୍ରଗଠନ ପାଇଁ ବ୍ୟକ୍ତ କରିଥିବା ତତ୍ତ୍ୱ ଓ ସିଦ୍ଧାନ୍ତଗୁଡ଼ିକ ରାଜନୀତି ବିଜ୍ଞାନର ପରିସରକୁ ଆସିଯାଇଛି । ପ୍ଲାଟୋ, ଆରିଷ୍ଟୋଟଲ୍, ମାକିଆଭେଲି, ହବସ୍, ଲକ୍, ରଷୋ, ମିଲ୍, ମାର୍କ୍ସ, ଗାନ୍ଧୀ, ନେହେରୁ, ବିବେକାନନ୍ଦ ପ୍ରଭୃତି ଦାର୍ଶନିକମାନଙ୍କର ରାଜନୈତିକ ଚିନ୍ତାଧାରା ରାଜନୀତି ବିଜ୍ଞାନରେ ସନ୍ନିବେଶିତ ହୋଇଛି । କିନ୍ତୁ ରାଜନୀତି ବିଜ୍ଞାନର ଆଧୁନିକ ଓ ବୈଜ୍ଞାନିକ ଅଧ୍ୟୟନ ବର୍ତ୍ତମାନ ରାଜନୈତିକ ବାସ୍ତବତା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରୁଛି ।

୩. **ରାଷ୍ଟ୍ର ଓ ସରକାର (State and Government):**

ରାଷ୍ଟ୍ର ଓ ସରକାର ରାଜନୀତି ବିଜ୍ଞାନର କେନ୍ଦ୍ରବିନ୍ଦୁ । ତେଣୁ ରାଜନୀତି ବିଜ୍ଞାନ ରାଷ୍ଟ୍ର ଓ ତାହାର ଚାରୋଟି ଉପାଦାନ ଯଥା : ଜନସଂଖ୍ୟା, ପରିସୀମା ବା ଭୂଖଣ୍ଡ, ସରକାର ଓ ସାର୍ବଭୌମତ୍ୱ ରାଷ୍ଟ୍ରର ପ୍ରକୃତି ଓ ବିକାଶ, ତାହରା ପ୍ରଭାରଭେଦ, ତାହାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଅଧ୍ୟୟନ କରେ । ତେଣୁ ଅନେକ ଦାର୍ଶନିକ ରାଜନୀତି ବିଜ୍ଞାନକୁ ରାଷ୍ଟ୍ର ଓ ସରକାର ସମ୍ବନ୍ଧୀୟ ବିଜ୍ଞାନ କହନ୍ତି । ରାଷ୍ଟ୍ର ଏକ ସାର୍ବଜନୀନ, ସର୍ବଶକ୍ତିମାନ ରାଜନୈତିକ ସଂଗଠନ । ସରକାର ରାଷ୍ଟ୍ରର ଏକ ପ୍ରଧାନ ଉପାଦାନ ଯାହା ମାଧ୍ୟମରେ ରାଷ୍ଟ୍ର ତା'ର ଲକ୍ଷ୍ୟ ଓ କାର୍ଯ୍ୟ ସମ୍ପାଦନ କରେ । ରାଷ୍ଟ୍ର ଓ ସରକାର ବ୍ୟକ୍ତି ଓ ସମାଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ରାଜନୀତି ବିଜ୍ଞାନ ସରକାରର ବିଭିନ୍ନ ଅଙ୍ଗ ଯଥା ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ବିଷୟରେ ଅଧ୍ୟୟନ କରିବା ସହ ସରକାରର ବିଭିନ୍ନ

ପ୍ରକାରଭେଦ ଯଥା : ଗଣତନ୍ତ୍ର, ଏକଛତ୍ରବାଦ, ସଂସଦୀୟ, ରାଷ୍ଟ୍ରପତୀୟ, ଐକିକ ଓ ସଂଘୀୟ ବିଷୟରେ ମଧ୍ୟ ଅଧ୍ୟୟନ କରେ ।

୪. **ବ୍ୟକ୍ତି ଓ ରାଷ୍ଟ୍ର ମଧ୍ୟରେ ସମ୍ପର୍କ (Relationship between Individual and the State) :**

ରାଜନୀତି ବା ରାଜନୀତି ବିଜ୍ଞାନ ବ୍ୟକ୍ତି ଓ ରାଷ୍ଟ୍ରର ସମ୍ପର୍କ ବିଷୟରେ ଅଧ୍ୟୟନ କରେ । ବ୍ୟକ୍ତି ଓ ରାଷ୍ଟ୍ର ପରସ୍ପର ଉପରେ ନିର୍ଭରଶୀଳ । ବ୍ୟକ୍ତି ବିନା ରାଷ୍ଟ୍ର ଗଠନ ଅସମ୍ଭବ । ବ୍ୟକ୍ତି ନିଜର ସୁରକ୍ଷା ଓ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ରାଷ୍ଟ୍ର ଉପରେ ନିର୍ଭର କରେ । ରାଷ୍ଟ୍ର ବ୍ୟକ୍ତିକୁ କିଛି କର୍ତ୍ତବ୍ୟ ମଧ୍ୟ ପ୍ରଦାନ କରିଥାଏ ଏବଂ ବ୍ୟକ୍ତି ନିକଟରୁ କିଛି କର୍ତ୍ତବ୍ୟ ମଧ୍ୟ ଆଶା କରିଥାଏ । ବ୍ୟକ୍ତିର ଅଧିକାର ଓ ସ୍ୱତନ୍ତ୍ରତା ରାଷ୍ଟ୍ରୀୟ କ୍ଷମତା ଓ ନିୟନ୍ତ୍ରଣ ଉପରେ ନିର୍ଭର କରେ । ରାଷ୍ଟ୍ରୀୟ କ୍ଷମତା ଓ ବ୍ୟକ୍ତି ସ୍ୱାଧୀନତା ମଧ୍ୟରେ ସମନ୍ୱୟ ରକ୍ଷା କରି କିପରି ଉଭୟ ବ୍ୟକ୍ତି ଓ ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ହୋଇପାରିବ ରାଜନୀତି ବିଜ୍ଞାନ ସେ ବିଷୟରେ ଆଲୋଚନା କରିଥାଏ ।

୫. **ରାଜନୈତିକ ଅନୁଷ୍ଠାନ ଓ ସମ୍ବିଧାନ (Political Institutions and Constitution) :**

ରାଷ୍ଟ୍ର ଓ ସରକାର ବ୍ୟତୀତ ରାଜନୀତି ବା ରାଜନୀତି ବିଜ୍ଞାନ ରାଜନୈତିକ ଅନୁଷ୍ଠାନ ଓ ରାଜନୈତିକ ସଂଘମାନଙ୍କର ପ୍ରକୃତି, ଗଠନ ଓ କାର୍ଯ୍ୟ ବିଷୟରେ ଆଲୋଚନା କରେ । ସଂସଦ (ବ୍ୟବସ୍ଥାପିକା), କାର୍ଯ୍ୟପାଳିକା, ନ୍ୟାୟପାଳିକା, ରାଜନୈତିକ ଦଳ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଆଦି ବିଷୟର ଅଧ୍ୟୟନ ସହିତ ସମ୍ବିଧାନ ମଧ୍ୟ ରାଜନୀତି ବିଜ୍ଞାନର ଅଧ୍ୟୟନର ବିଷୟବସ୍ତୁ ଅଟେ । ସମ୍ବିଧାନ ବିନା ରାଷ୍ଟ୍ର ପରିଚାଳନା ଅସମ୍ଭବ; କାରଣ ସମ୍ବିଧାନରେ ଦେଶ ଶାସନ ପାଇଁ ଉଦ୍ଦିଷ୍ଟ ମୌଳିକ ଆଇନ୍ ସନ୍ନିବେଶିତ ହୋଇଥାଏ । ରାଜନୀତି ବିଜ୍ଞାନ ସମ୍ବିଧାନର ରୂପରେଖ, ପ୍ରକୃତି ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରେ ।

୬. **ରାଜନୈତିକ ଗତିଶୀଳ ଶକ୍ତି (Political Dynamics) :**

ସମୟର ପ୍ରବାହ ସହିତ ନୂତନ ଶକ୍ତି ରାଜନୈତିକ ଧାରା ଓ ପ୍ରକୃତିକୁ ପ୍ରଭାବିତ କରନ୍ତି । ରାଷ୍ଟ୍ର ପରିଚାଳନା ଓ ଏହାର ଶାସନ ବ୍ୟବସ୍ଥା ସମୟ ଓ ପରିସ୍ଥିତି ସହ ପରିବର୍ତ୍ତନ ହୋଇଥାଏ । ରାଜନୈତିକ ଦଳ, ଚାପଗୋଷ୍ଠୀ, ଜନମତ, ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଇତ୍ୟାଦି ରାଜନୈତିକ ଗତିଶୀଳ ଶକ୍ତିର ଉଦାହରଣ ଏବଂ ରାଜନୀତି ବିଜ୍ଞାନରେ ଏଗୁଡ଼ିକର ପ୍ରକୃତି, ଉତ୍ପତ୍ତି ଓ କାର୍ଯ୍ୟ ସମ୍ବନ୍ଧରେ ଅଧ୍ୟୟନ କରାଯାଏ ।

୭. **ଲୋକ ପ୍ରଶାସନ (Public Administration) :**

ଲୋକ ପ୍ରଶାସନ ବା ସାଧାରଣ ପ୍ରଶାସନ ରାଜନୀତି ବିଜ୍ଞାନର ଏକ ପ୍ରମୁଖ ଅଙ୍ଗ ଭାବରେ ସ୍ୱୀକୃତି ଲାଭ କରିଛି । ଆଧୁନିକ ଜନମଙ୍ଗଳ ରାଷ୍ଟ୍ରରେ ଲୋକ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହା ଏକ ସ୍ୱତନ୍ତ୍ର ବିଷୟରେ ରୂପେ ଅଧ୍ୟୟନ କରାଗଲଣି । ଲୋକ ପ୍ରଶାସନ ସରକାରର କାର୍ଯ୍ୟ ସହ ଘନିଷ୍ଠ ଭାବେ ସଂପୃକ୍ତ । ସରକାରଙ୍କ ସଫଳତା ଅନେକ ପରିମାଣରେ ଲୋକ ପ୍ରଶାସନର ଦକ୍ଷତା ଉପରେ ନିର୍ଭର କରେ । ସରକାରୀ ନୀତିନିୟମକୁ କାର୍ଯ୍ୟକାରୀ କରି ସରକାରର ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥାର ଗଠନ ଓ ପରିଚାଳନା ଦାୟିତ୍ୱ, ସାଧାରଣ ପ୍ରଶାସନ ବହନ କରିଥାଏ । ଏହା ଜନସମ୍ପର୍କ, ଆର୍ଥିକ ପ୍ରଶାସନ, ସରକାରୀ କର୍ମଚାରୀ ପ୍ରଶାସନ, ପ୍ରଶାସନିକ ଆଇନ୍ ଓ ନ୍ୟାୟ, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଆଦି ବିଷୟରେ ଅଧ୍ୟୟନ କରେ । ରାଜନୀତି ବିଜ୍ଞାନ ଲୋକ ପ୍ରଶାସନର ଭୂମିକା, କାର୍ଯ୍ୟ ଓ ପ୍ରକୃତି ବିଷୟରେ ଅଧ୍ୟୟନ କରିଥାଏ ।

୮. ଆନ୍ତର୍ଜାତୀୟ ଆଇନ୍ ସମ୍ପର୍କ ଓ ଅନୁଷ୍ଠାନ (International Law, Relations and Institutions) :

ରାଜନୀତି ବା ରାଜନୀତି ବିଜ୍ଞାନର ପରିସର କେବଳ ରାଷ୍ଟ୍ର ମଧ୍ୟରେ ସୀମିତ ନ ରହି ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଗଢ଼ି ଉଠିଥିବା ଆନ୍ତର୍ଜାତିକ ସମ୍ପର୍କ, ସହଯୋଗ ଓ ଶୃଙ୍ଖଳାକୁ ମଧ୍ୟ ଅଧ୍ୟୟନ କରେ । ସ୍ୱାଧୀନ ଓ ସାର୍ବଭୌମ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଓ କାର୍ଯ୍ୟକଳାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଆନ୍ତର୍ଜାତୀୟ ଆଇନ୍‌ର ସୃଷ୍ଟି । ଆନ୍ତର୍ଜାତିକ ସମ୍ପର୍କ ତଥା ସହଯୋଗ ରକ୍ଷା କରିବା କ୍ଷେତ୍ରରେ ଏହି ଆଇନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଯୁଦ୍ଧ, ଶାନ୍ତି, କୂଟନୀତି, ବୈଦେଶିକ ନୀତି, ଚୁକ୍ତି, ରାଜିନାମା, ସାମରିକ ମେଣ୍ଟ, ଆଞ୍ଚଳିକ ସହଯୋଗ, ବିଶ୍ୱ ବାଣିଜ୍ୟ ଓ ଅର୍ଥନୀତି ଆଦି ଅନ୍ତର୍ଜାତୀୟ ସମ୍ପର୍କର ପରିଚାଳନା ପାଇଁ ଆନ୍ତର୍ଜାତୀୟ ଆଇନ୍, ପ୍ରଥା ଓ ପରମ୍ପରାମାନ ସ୍ୱୀକୃତ ଓ କାର୍ଯ୍ୟକାରୀ ହେଉଅଛି । ସେଭଳି ବିଶ୍ୱଶାନ୍ତି ଓ ନିରାପତ୍ତା ପାଇଁ ମିଳିତ ଜାତିସଂଘ ଗଠିତ ହୋଇଛି । ଏହାଛଡ଼ା ବିଶ୍ୱବ୍ୟାଙ୍କ, ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା, ବିଶ୍ୱ ବାଣିଜ୍ୟ ସଂଗଠନ, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି, ଗୋଷ୍ଠୀ ନିରପେକ୍ଷ ସଂଗଠନ, ସାର୍କ ରାଷ୍ଟ୍ର ଗୋଷ୍ଠୀ, ୟୁରୋପୀୟ ସଂଘ ଆଦି ଅନେକ ଆନ୍ତର୍ଜାତୀୟ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି । ରାଜନୀତି ବିଜ୍ଞାନରେ ଏହି ସମସ୍ତ ବିଷୟ ଗୁଡ଼ିକ ଅଧ୍ୟୟନ କରାଯାଏ ।

୯. ରାଜନୈତିକ କ୍ଷମତା (Political Power) :

ରାଜନୀତି କହିଲେ କ୍ଷମତା ପାଇଁ ଲଢ଼େଇକୁ ବୁଝାଏ । ରାଜନୀତି ବିଜ୍ଞାନ କ୍ଷମତାର ପ୍ରକୃତି, ଗତି, ଉତ୍ସ, ଉଦ୍ଦେଶ୍ୟ, ବ୍ୟବହାର ଓ ପରିଚାଳନା ବିଷୟରେ ଆଲୋଚନା କରିଥାଏ । କ୍ଷମତା ହିଁ ରାଜନୀତିର ମୂଳ ଭିତ୍ତି ।

୧୦. ରାଜନୈତିକ ବ୍ୟବହାର, ଆଚରଣ ଓ ବିବାଦ

(Political Behaviour, Attitudes and Conflicts ):

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ୟବହାରବାଦର ପ୍ରଚଳନ ଯୋଗୁଁ ରାଜନୀତି ବିଜ୍ଞାନର କାର୍ଯ୍ୟ ପରିସରରେ ବ୍ୟାପକ ପରିବର୍ତ୍ତନ ଘଟିଛି । ରାଜନୀତି ବିଜ୍ଞାନକୁ ପ୍ରାକୃତିକ ବିଜ୍ଞାନ ପଦ୍ଧତିରେ ଅଧ୍ୟୟନ କରିବାକୁ ଜୋର ଦିଆଯାଉଛି ଏବଂ ଏହାକୁ ଅର୍ଥନୈତିକ, ସାମାଜିକ ଓ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ମୂଲ୍ୟାୟନ କରାଯାଉଛି । ରାଜନୈତିକ ବ୍ୟବସ୍ଥାରେ ଉପୁଜୁଥିବା ରାଜନୈତିକ ବିବାଦ, ସହଯୋଗ ଓ ସହମତିର ପ୍ରକୃତି ଓ ପ୍ରଭାବକୁ ରାଜନୀତି ବିଜ୍ଞାନ ଅନୁଧ୍ୟାନ କରେ ।

ଦିନକୁ ଦିନ ରଜାନୀତି ବିଜ୍ଞାନର ପରିସର ବ୍ୟାପକ ହେବା ସହ ଅଧିକ ବାସ୍ତବବାଦୀ ହେବାକୁ ଲାଗିଛି ।

୧.୪. ରାଜନୀତି ସିଦ୍ଧାନ୍ତର ବ୍ୟବହାର (Usages of Political Theory) :

ରାଜନୀତି ସିଦ୍ଧାନ୍ତର ନିମ୍ନଲିଖିତ ବ୍ୟବହାର ରହିଛି -

୧. ରାଜନୀତି ବିଜ୍ଞାନକୁ ବିକଶିତ କରେ (It develops Political Science) :

ରାଜନୈତିକ ସିଦ୍ଧାନ୍ତ ପ୍ରତ୍ୟେକ ରାଜନୈତିକ ଅନୁଷ୍ଠାନମାନଙ୍କର ଗଠନ, କାର୍ଯ୍ୟ ଓ ଲକ୍ଷ୍ୟ ଆଦିକୁ ଉପସ୍ଥାପିତ କରେ ଯାହା ବିଭିନ୍ନ ସମାଜ ଓ ରାଷ୍ଟ୍ର ଗ୍ରହଣ କରନ୍ତି । ଏହା ରାଜନୀତିର ବିଭିନ୍ନ ପ୍ରମାଣିକ ବ୍ୟାଖ୍ୟା ପ୍ରଦାନ କରେ । ଏହି ସିଦ୍ଧାନ୍ତ ରାଜନୀତି ବିଜ୍ଞାନକୁ ଏକ ଉନ୍ନତ ଓ ବିକଶିତ ସାମାଜିକ ବିପ୍ଳବ ରୂପେ ଗଢ଼ିବା ପାଇଁ ସାହାଯ୍ୟ କରେ । ଏହା ବିକଳ୍ପ ଶାସନ ବ୍ୟବସ୍ଥା ପାଇଁ ମଧ୍ୟ ସୂତ୍ର ପ୍ରଦାନ କରେ ।

୨. ରାଜନୈତିକ ଚେତନା ବୃଦ୍ଧି କରେ (Creates Political awareness) :

ରାଜନୀତି ସିଦ୍ଧାନ୍ତର ଧାରଣା ଓ ନୀତିଗୁଡ଼ିକ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇଥିବାରୁ ସମ୍ବିଧାନ, ସରକାର ଓ ସାମାଜିକ ଜୀବନ ସୁନ୍ଦର ଓ ସଂଗଠିତ ହୋଇଥାଏ । ଏହା ସ୍ୱାଧୀନତା, ସ୍ୱତନ୍ତ୍ରତା, ସମାନତା, ନ୍ୟାୟ, ଆଇନ୍‌ର ଶାସନ, କ୍ଷମତାର ପୃଥକୀକରଣ, ନ୍ୟାୟିକ ପୁନର୍ବିଲୋକନ, ଗଣତନ୍ତ୍ର, ରାଜନୈତିକ ଦଳ, ଜାତୀୟ ଏକତା ଓ ସଂହତି, ଧର୍ମ ନିରପେକ୍ଷତା ଆଦି ଧାରଣା ତଥା ନୀତିଗୁଡ଼ିକୁ ପ୍ରାଞ୍ଜଳ ଭାବରେ ବୁଝାଇ ଥାଏ । ବିଭିନ୍ନ ରାଜନୈତିକ ବିଶାରଦ ତଥା ଦାର୍ଶନିକ ମାନଙ୍କର ଏହି ଧାରଣା ଗୁଡ଼ିକ ଉପରେ ମତକୁ ପରୀକ୍ଷା କରିବା ପରେ ରାଜନୀତି ବିଜ୍ଞାନ ଏହାକୁ ସ୍ପଷ୍ଟ ଅର୍ଥରେ ବର୍ଣ୍ଣନା କରିଥାଏ ।

୩. ଗଣତନ୍ତ୍ରକୁ ସଫଳ କରେ (It helps democracy to function successfully) :

ରାଜନୈତିକ ସିଦ୍ଧାନ୍ତବାଦୀମାନେ ସାମ୍ପ୍ରତିକ ରାଜନୈତିକ ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତ ନିମନ୍ତେ ଧାରା ଓ ସମ୍ଭାବନା ସୂଚିତ କରନ୍ତି । ଆମ ଦେଶ ଭାରତ ଏକ ସ୍ୱାଧୀନ ଓ ଗଣତନ୍ତ୍ର ରାଷ୍ଟ୍ର ହୋଇଥିଲେ ମଧ୍ୟ ଦେଶର ସାମାଜିକ ଜୀବନର ବିଭିନ୍ନ କ୍ଷେତ୍ରରେ ଭେଦଭାବ ଓ ଅସମତା ଦେଖା ଦେଇଥାଏ ଏବଂ ସେଗୁଡ଼ିକର ସମାଧାନ ପାଇଁ ସରକାରୀ ନୀତି, ନ୍ୟାୟପାଳିକାର ସମୀକ୍ଷା, ତଥା ସଂସଦ ଦ୍ୱାରା ସମ୍ବିଧାନ ସଂଶୋଧନ ତଥା ପରିବର୍ତ୍ତନ ଆବଶ୍ୟକ ହୋଇଛି । ଜନସାଧାରଣଙ୍କ ପାଇଁ ସୂଚନା ଅଧିକାର ଆଇନ୍ (୨୦୦୫) କାର୍ଯ୍ୟକାରୀ ହୋଇଛି ।

ରାଜନୀତି ସିଦ୍ଧାନ୍ତ ରାଜନୈତିକ ଧାରଣାଗୁଡ଼ିକୁ ଜନସାଧାରଣଙ୍କ ପାଇଁ ସ୍ପଷ୍ଟ, ସରଳ ଓ ବୋଧଗମ୍ୟ କରେ । ପ୍ରାକୃତିକ ବିଜ୍ଞାନଗୁଡ଼ିକର ସିଦ୍ଧାନ୍ତ ଗୁଡ଼ିକ ସରଳ ଓ ସାର୍ବଜନୀନ (Universal) ହୋଇଥିବାବେଳେ ରାଜନୀତି ବିଜ୍ଞାନର ସିଦ୍ଧାନ୍ତଗୁଡ଼ିକ ଖୁବ୍ ଜଟିଳ କାରଣ ଏଠାରେ ମଣିଷମାନେ ହେଉଛନ୍ତି ମୁଖ୍ୟ ଉପାଦାନ ଏବଂ 'ମଣିଷ ଏକ ସାମାଜିକ ପ୍ରାଣୀ' ହୋଇଥିବାରୁ ସମାଜରେ ମଣିଷମାନଙ୍କ ସମ୍ପର୍କରେ ବିଭିନ୍ନ ଦିଗ ଓ ମାତ୍ରାକୁ ନେଇ ସୃଷ୍ଟି ହୋଇଥିବା ରାଜନୀତି ଓ ତାହାର ସିଦ୍ଧାନ୍ତଗୁଡ଼ିକ ଜଟିଳ ଅଟେ । ଉଦାହରଣ ସ୍ୱରୂପ ସମାନତାର ଅଧିକାର ସମସ୍ତଙ୍କୁ ସୁବିଧା ସୁଯୋଗ ପ୍ରଦାନ କଲେ ମଧ୍ୟ ବୃଦ୍ଧ, ଶିଶୁ, ମହିଳା, ପଙ୍ଗୁ, ଅସହାୟ ବ୍ୟକ୍ତି ଓ ଦାରିଦ୍ର୍ୟତାର ସୀମାରେଖା ତଳେ ଥିବା ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗି ହେବା ଜରୁରୀ ।

୪. ଆନ୍ତର୍ଜାତିକ ଚିନ୍ତାଧାରାରେ ବିକାଶ (Fosters International Ideology) :

ବର୍ତ୍ତମାନ ସମଗ୍ର ବିଶ୍ୱରେ ଆଧୁନିକ ଜୀବନଯାପନ ପ୍ରଣାଳୀ ବିଶ୍ୱ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା (Global communication technology) ଯୋଗୁଁ ସହଜ ହୋଇଥିଲେ ମଧ୍ୟ କେତେକ ଗୁରୁତର ବିପଦକୁ ମଧ୍ୟ ନିୟନ୍ତ୍ରଣ କରିଛି । ଇଣ୍ଟରନେଟ୍ ସେବା ସାରା ବିଶ୍ୱକୁ ସହଜରେ ଯୋଡ଼ି ଦେଶ ଦେଶ ମଧ୍ୟରେ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି କରିବାବେଳେ ବ୍ୟକ୍ତିଗତ ନିରାପତ୍ତା ଓ ଏକାନ୍ତତାକୁ ସୁରକ୍ଷିତ କରି ପାରିନାହିଁ । ବିଭିନ୍ନ ଅପରାଧୀ ଗୋଷ୍ଠୀ ଓ ଆଇଏସ୍‌ଆଇଏସ୍ (ISIS) ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକ ମଧ୍ୟ ଏହାର ଦୁରୁପଯୋଗ କରି ସମଗ୍ର ମାନବ ସମାଜକୁ ଆତଙ୍କିତ କରି ଦେଇଛନ୍ତି । ଏପରି ସ୍ଥିତିରେ ରଜାନୈତିକ ସିଦ୍ଧାନ୍ତବାଦୀମାନେ ଉଚିତ୍ ଦିଗ ନିର୍ଣ୍ଣୟ ପାଇଁ ମାର୍ଗଦର୍ଶନ କରାଇବା ଆବଶ୍ୟକ ।

୫. ଉତ୍ତମ ନାଗରିକ ସୃଷ୍ଟି କରେ (Creates good citizens) :

ରାଜନୀତି ସିଦ୍ଧାନ୍ତ ସମାଜର ପ୍ରତ୍ୟେକ ବର୍ଗର ଲୋକମାନଙ୍କ ପାଇଁ ଉପଯୋଗୀ । ପ୍ରତ୍ୟେକ ବ୍ୟକ୍ତି ନିଜର ଦାୟିତ୍ୱ ଉତ୍ତମ ରୂପେ ସମ୍ପନ୍ନ କରିବା ପାଇଁ ହେଲେ ରାଜନୈତିକ ଚିନ୍ତାଧାରା ଓ ଅନୁଷ୍ଠାନଗୁଡ଼ିକ ଉପରେ ମୌଳିକ ଜ୍ଞାନ ଓ

ଧାରଣା ରହିବା ଆବଶ୍ୟକ । ଆମେ ଯଦି ଶିକ୍ଷିତ ଓ ସଚେତନ ନାଗରିକ ହେବା ତେବେ ସରକାର ମଧ୍ୟ ଠିକ୍ ଭାବେ କାର୍ଯ୍ୟ କରିବ ଏବଂ ଶାସନ ପ୍ରକ୍ରିୟା ଉନ୍ନତ ହେବ ।

୬. ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ପରିବର୍ତ୍ତନର ମାଧ୍ୟମ (**Medium of Social and Political Change**) :

ରାଜନୀତି ସିଦ୍ଧାନ୍ତ ଆମକୁ ରାଜନୈତିକ ବିଷୟଗୁଡ଼ିକ ସମ୍ପର୍କରେ ଆମର ଧାରଣା ଓ ଅନୁଭୂତିକୁ ପରୀକ୍ଷା କରିବା ନିମନ୍ତେ ପ୍ରୋତ୍ସାହିତ କରେ । ଆମେ ବିଭିନ୍ନ ପରିସ୍ଥିତିରେ ଏଗୁଡ଼ିକୁ ଅବଲୋକନ କରି ଆମର ଧାରଣା ଓ ଅନୁଭୂତିକୁ ମାର୍ଜିତ କରିଥାଉ ଏବଂ ଆବଶ୍ୟକ ସ୍ଥଳେ ଜନମତ ସୃଷ୍ଟି ହୁଏ । ଦୈନନ୍ଦିନ ଜୀବନରେ ପରିବାର, ଶିକ୍ଷାନୁଷ୍ଠାନ, ସମାଜ, ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଆମେ ଅନେକ ଭଲ ଓ ମନ୍ଦ ଅନୁଭୂତି ଲାଭ କରୁ । ଆମେ ଯେତେବେଳେ କୌଣସ ଭେଦଭାବର ଶିକାର ହେଉ ବା ଅନ୍ୟମାନେ ହେଉଥିବା ଅନୁଭବ କରୁ, ସେତେବେଳେ ଆମେ ସ୍ୱର ଉତ୍ତୋଳନ କରୁ ଓ ବିପ୍ଳବକୁ ମଧ୍ୟ ସମର୍ଥନ କରୁ । ଆମେ ନ୍ୟାୟ, ସମାନତା, ସ୍ୱାଧୀନତା, ଧର୍ମନିରପେକ୍ଷତା ଆଦି ଜ୍ଞାନ ଆହରଣ କରୁ ଏବଂ ସାଧାରଣ ସ୍ୱାର୍ଥ ନିମନ୍ତେ ଆମର ଉଚିତ୍ ମତାମତ ଓ ଯୁକ୍ତି ବାଢ଼ିପାରୁ । ତର୍କ ଓ ବିତର୍କରୁ ଯେଉଁ ନୂତନ ଚିନ୍ତାଧାରା ବାହାରି ସମାଜର ବୃହତ୍ତର କଲ୍ୟାଣ ସାଧନରେ ସହାୟକ ହୁଏ ତା' ମୂଳରେ ଥାଏ ରାଜନୈତିକ ସିଦ୍ଧାନ୍ତର ମୂଳ ଭିତ୍ତି ।

ଏଣୁ ରାଜନୈତିକ ସିଦ୍ଧାନ୍ତ ମଣିଷ ତଥା ସମାଜ ଓ ରାଷ୍ଟ୍ରର ନୀତି, ଆଦର୍ଶ, ଓ ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ ।

## ୧.୫. ରାଜନୀତି ବିଜ୍ଞାନର ଅନ୍ୟାନ୍ୟ ସାମାଜିକ ବିଜ୍ଞାନ ସହ ସମ୍ପର୍କ

## (Relationship of Political Science with other Social Sciences)

ମଣିଷ ଓ ସମାଜର ସମ୍ପର୍କକୁ ସାମାଜିକ ବିଜ୍ଞାନ ଅଧ୍ୟୟନ କରେ । ସାମାଜିକ ବିଜ୍ଞାନର ପରିସର ବ୍ୟାପକ ଓ ରାଜନୀତି ବିଜ୍ଞାନ ଏହାର ଏକ ଅଂଶବିଶେଷ । ରାଜନୀତି ବିଜ୍ଞାନ ଏକ ସାମାଜିକ ବିଜ୍ଞାନ ହୋଇଥିବାରୁ ଏହା ଅନ୍ୟାନ୍ୟ ସାମାଜିକ ବିଜ୍ଞାନ ଯଥା : ଇତିହାସ, ଅର୍ଥନୀତି, ସମାଜତତ୍ତ୍ୱ, ଦର୍ଶନ ଶାସ୍ତ୍ର, ନୀତିଶାସ୍ତ୍ର ଇତ୍ୟାଦି ସହିତ ଘନିଷ୍ଠ ଭାବେ ଜଡ଼ିତ । ଆଧୁନିକ ଯୁଗରେ ଆନ୍ତଃ-ବିଦ୍ୟା ଅଧ୍ୟୟନର ଗୁରୁତ୍ୱ ବଢ଼ି ଚାଲିଥିବାରୁ ରାଜନୀତି ବିଜ୍ଞାନର ଅନ୍ୟ ସାମାଜିକ ବିଜ୍ଞାନ ଗୁଡ଼ିକ ସହିତ ଥିବା ସମ୍ପର୍କର ଅଧ୍ୟୟନ ଓ ତର୍ଜମା ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ଅଟେ । ନିମ୍ନରେ ରାଜନୀତି ବିଜ୍ଞାନର ଅନ୍ୟ କେତେକ ସାମଜିକ ବିଜ୍ଞାନମାନଙ୍କ ସହ ସମ୍ପର୍କ ଆଲୋଚନା କରାଯାଇଛି ।

### ୧.୫.୧. ରାଜନୀତି ବିଜ୍ଞାନ ଓ ଇତିହାସ (Political Science and History) :

ରାଜନୀତି ବିଜ୍ଞାନ ଓ ଇତିହାସର ସମ୍ପର୍କ ଅତି ଘନିଷ୍ଠ ଅଟେ । ରାଜନୀତି ବିଜ୍ଞାନ ସାମ୍ପ୍ରତିକ ତଥା ବର୍ତ୍ତମାନର ବିଷୟମାନଙ୍କର ଅଧ୍ୟୟନ ହୋଇଥିବା ବେଳେ ଇତିହାସ ଅତୀତର ଘଟଣାବଳୀକୁ ତର୍ଜମା କରେ । ରାଜନୀତି ବିଜ୍ଞାନ ଇତିହାସରୁ ଅତୀତ ଘଟଣାବଳୀ ବିଷୟରେ ଯେଉଁ ତଥ୍ୟ ସଂଗ୍ରହ କରେ ତାହା ବର୍ତ୍ତମାନ ଓ ଭବିଷ୍ୟତ ଦିଗ୍‌ଦର୍ଶନରେ ସାହାଯ୍ୟ କରିଥାଏ । ଆଜି ଯାହା ରାଜନୈତିକ ଘଟଣାବଳୀ ଆସନ୍ତା କାଲି ତାହା ଇତିହାସର ବିଷୟବସ୍ତୁ । ଇତିହାସରୁ ଅତୀତର ରାଜନୈତକ ଉତ୍‌ଥାନ, ପତନ, ପ୍ରଗତି ଓ ସ୍ଥିରତା ସମ୍ପର୍କରେ ଧାରଣା ମିଳିଥାଏ ଏବଂ ଏଥିରୁ ଶିକ୍ଷାଲାଭ କରି ଜନସାଧାରଣ, ଶାସକବର୍ଗ ଓ ରାଷ୍ଟ୍ରମାନେ ନିଜ ନିଜର ଉତ୍କର୍ଷ ସାଧନ ଦିଗରେ ଉଚିତ୍ ପ୍ରୟାସ ଜାରି ରଖନ୍ତି । ତେଣୁ ଅଧ୍ୟାପକ ସୀଲିଙ୍କ ମତରେ, "ଇତିହାସ ବିନା ରାଜନୀତି ବିଜ୍ଞାନର ମୂଳ ନାହିଁ ଏବଂ ରାଜନୀତି ବିଜ୍ଞାନ ବିନା ଇତିହାସର ଫଳ ନାହିଁ ।" ତେବେ

ଇତିହାସର ସମସ୍ତ ଘଟଣା ଅତୀତର ରାଜନୈତିକ ବିଷୟବସ୍ତୁ ଉପରେ ଆଧାରିତ ନୁହେଁ, କିମ୍ବା ବର୍ତ୍ତମାନର ସମସ୍ତ ରାଜନୈତିକ ଘଟଣା ଇତିହାସ ଦ୍ୱାରା ଅନୁପ୍ରାଣିତ ନୁହେଁ । ଏହା ସତ୍ତ୍ୱେ ଉଭୟ ସାମାଜିକ ବିଜ୍ଞାନ ମଧ୍ୟରେ ସମ୍ପର୍କ ଅତି ନିବିଡ଼ ।

### ୧.୫.୨. ରାଜନୀତି ବିଜ୍ଞାନ ଓ ଅର୍ଥଶାସ୍ତ୍ର (Political Science and Economics)

ରାଜନୀତି ବିଜ୍ଞାନ ଓ ଅର୍ଥନୀତିର ସମ୍ପର୍କ ଅତି ପୁରାତନ ଓ ଘନିଷ୍ଠ । ଅତୀତରେ ଅର୍ଥଶାସ୍ତ୍ର ରାଜନୀତି ବିଜ୍ଞାନର ଏକ ଶାଖା ରୂପେ ରାଜନୈତିକ ଅର୍ଥଶାସ୍ତ୍ର ଭାବେ ପରିଚିତ ଥିଲା । କିନ୍ତୁ ଆଧୁନିକ ଯୁଗରେ ଉଭୟ ଶାସ୍ତ୍ରକୁ ପୃଥକ୍ ଭାବରେ ଅଧ୍ୟୟନ କରାଯାଉଛି । ଅର୍ଥନୀତି ଏକ ସମ୍ପଦ ବିଜ୍ଞାନ ଭାବରେ ମଣିଷର ଅର୍ଥନୈତିକ କାର୍ଯ୍ୟକଳାପକୁ ଅଧ୍ୟୟନ କଲାବେଳେ, ରାଜନୀତି ବିଜ୍ଞାନ ମଣିଷର ରାଜନୈତିକ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥାଏ । ଅର୍ଥନୀତି ରାଷ୍ଟ୍ରର ରାଜସ୍ୱ ସଂଗ୍ରହ ଓ ବିନିଯୋଗ, ଉତ୍ପାଦନ, ବଣ୍ଟନ, ବିନିମୟ, ମୁଦ୍ରାବଜାର ଓ ଆର୍ଥିକ ପରିଚାଳନା ବିଷୟରେ ଦୃଷ୍ଟି ଦିଏ ଏବଂ ଦେଶର ଅର୍ଥନୈତିକ ସମସ୍ୟା ଯଥା ବେକାରୀ, ବେରୋଜଗାରୀ, ବୈଷମ୍ୟ, କଳାବଜାରୀ, ଦୁର୍ନୀତି ତଥା ଖାଦ୍ୟାଭାବ ପ୍ରଭୃତିର ସମାଧାନ ରାଜନୈତିକ ନିଷ୍ପତ୍ତି ଦ୍ୱାରା କରିଥାଏ । ସରକାର କାର୍ଯ୍ୟକ୍ଷମ ହେବା ପାଇଁ ରାଜନୈତିକ ନୀତି ଓ ଯୋଜନା ନିତାନ୍ତ ଆବଶ୍ୟକ । ଜଗତୀକରଣ ଯୁଗରେ ରାଷ୍ଟ୍ରରେ ଅର୍ଥନୈତିକ ସଂପୃକ୍ତି ବଢ଼ିବାରେ ଲାଗିଛି । ପ୍ରତ୍ୟେକ ଜନମଙ୍ଗଳ ରାଷ୍ଟ୍ରରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ପରସ୍ପର ସହ ଘନିଷ୍ଠ ଭାବେ ଜଡ଼ିତ ।

### ୧.୫.୩. ରାଜନୀତି ବିଜ୍ଞାନ ଓ ସମାଜତତ୍ତ୍ୱ (Political Science and Sociology)

ରାଜନୀତି ବିଜ୍ଞାନ ଓ ସମାଜତତ୍ତ୍ୱର ସମ୍ପର୍କ ଅତି ନିବିଡ଼ ଓ ଉଭୟେ ପରସ୍ପରର ପରିପୂରକ ଅଟନ୍ତି । ରାଜନୀତି ବିଜ୍ଞାନର କେନ୍ଦ୍ର ବିଷୟବସ୍ତୁ ରାଷ୍ଟ୍ର ହୋଇଥିବାବେଳେ ସମାଜତତ୍ତ୍ୱ ସମାଜର ବିଭିନ୍ନ ସମ୍ପର୍କ ଓ ଦିଗ ବିଷୟରେ ଆଲୋଚନା କରେ । ସମାଜ ରାଷ୍ଟ୍ରଠାରୁ ଅଧିକ ପୁରାତନ । ପ୍ରଥମେ ସମାଜ ସୃଷ୍ଟି ହୋଇଥିଲା ଏବଂ ତାହାର ବିଭିନ୍ନ ଆବଶ୍ୟକତା ପୂରଣ ତଥା ଶୃଙ୍ଖଳରକ୍ଷା ଓ ନିୟନ୍ତ୍ରଣ କାର୍ଯ୍ୟ ପାଇଁ ରାଷ୍ଟ୍ର ସୃଷ୍ଟି ହେଲା । ସମାଜର ପରିସର ଖୁବ୍ ବ୍ୟାପକ ଓ ରାଜନୈତିକ କାର୍ଯ୍ୟକଳାପ ତା' ମଧ୍ୟରେ ଅନ୍ୟତମ । ସମାଜଶାସ୍ତ୍ରର ବିଷୟବସ୍ତୁ ଅନ୍ତର୍ଗତ ପରିବାର, ଗୋଷ୍ଠୀ, ସମ୍ପ୍ରଦାୟ, ଜାତି, ଧର୍ମ, ସଂସ୍କୃତି ପ୍ରଥା ପରମ୍ପରା ଆଦି ରାଜନୈତିକ ବିଷୟବସ୍ତୁ ଓ ଘଟଣାବଳୀକୁ ପ୍ରଭାବିତ କରେ । ସେହିପରି ରାଜନୈତିକ ଚିନ୍ତାଧାରା, ରାଷ୍ଟ୍ର, ସରକାର, ରାଷ୍ଟ୍ରର ଆଇନ୍, ନୀତି ନିୟମ ଦ୍ୱାରା ସମାଜତତ୍ତ୍ୱ ପ୍ରଭାବିତ ହୁଏ । ଉଭୟ ଶାସ୍ତ୍ରର ପରସ୍ପର ଉପରେ ନିର୍ଭରଶୀଳତା ଯୋଗୁଁ ଆଧୁନିକ ଯୁଗରେ ରାଜନୈତିକ ସମାଜତତ୍ତ୍ୱ (Political Socioloty)ନାମରେ ଏକ ନୂତନ ସାମାଜିକ ବିଜ୍ଞାନ ସୃଷ୍ଟି ହୋଇଛି ।

### ୧.୫.୪. ରାଜନୀତି ବିଜ୍ଞାନ ଓ ଦର୍ଶନ (Political Science and Philosophy) :

ରାଜନୀତି ବିଜ୍ଞାନ ଓ ଦର୍ଶନଶାସ୍ତ୍ରର ସମ୍ପର୍କ ମଧ୍ୟ ଅତି ପୁରାତନ ଓ ଘନିଷ୍ଠ ଅଟେ । ନୈତିକତା ଉପରେ ଆଧାରିତ ଦର୍ଶନଶାସ୍ତ୍ର ସମାଜରେ ମଣିଷର କାର୍ଯ୍ୟକଳାପର ମାନ ନିର୍ଦ୍ଧାରଣ କରେ । ଦର୍ଶନ ହେଉଛି ସତ୍ୟର ଅନୁସନ୍ଧାନ ଓ ବାସ୍ତବତାର ଜ୍ଞାନ ପାଇଁ ଯୁକ୍ତିର ପ୍ରୟୋଗ । ଏହା ନୈତିକତାର ନିୟମ ପ୍ରସ୍ତୁତ କରି ମଣିଷର ଜୀବନଚର୍ଯ୍ୟାରେ ସହାୟକ ହୁଏ । ଦର୍ଶନ ହେଉଛି ଏକ ସାଧାରଣ ଓ ସାର୍ବଜନୀନ ନୀତି ବା ଚିନ୍ତନ ଯାହା ସମାଜରେ ଏକ ମାନଦଣ୍ଡ ରୂପେ କାର୍ଯ୍ୟ କରେ । ରାଜନୈତିକ ଚିନ୍ତାଧାରାଗୁଡ଼ିକ ବିଭିନ୍ନ ଦାର୍ଶନିକ ଚିନ୍ତାଧାରା ଉପରେ ଆଧାରିତ । ଦର୍ଶନଶାସ୍ତ୍ର ନୀତି, ଆଦର୍ଶ, ମୂଲ୍ୟବୋଧ ଓ ଧର୍ମଶାସ୍ତ୍ର ଉପରେ ଆଧାରିତ ହୋଇଥିବାବେଳେ ରଜାନୀତି ବିଜ୍ଞାନ ଶାସନ ଓ ଆଇନ୍ କାନୁନ୍ ଉପରେ ପର୍ଯ୍ୟବେସିତ । ରାଷ୍ଟ୍ରର ଶାସନ ଓ ଆଇନ୍ ପ୍ରଣୟନ କ୍ଷେତ୍ରରେ ନୀତିଶାସ୍ତ୍ରର ପ୍ରୟୋଗ ହୋଇଥାଏ । ତେଣୁ ରାଜନୀତି ବିଜ୍ଞାନ ଓ ଦର୍ଶନଶାସ୍ତ୍ର ପରସ୍ପର ସହିତ

ଘନିଷ୍ଠ ଭାବରେ ଜଡ଼ିତ । ଦର୍ଶନଶାସ୍ତ୍ର ହେଉଛି ରାଜନୀତି ବିଜ୍ଞାନର ପ୍ରେରଣାର ଉତ୍ସ ଏବଂ ସମାଜର ନୈତିକ ମୂଲ୍ୟବୋଧକୁ ରାଜନୀତି ବିଜ୍ଞାନ ରାଷ୍ଟ୍ରର ଆଇନ୍ ମାଧ୍ୟମରେ ସୁରକ୍ଷା ଦିଏ ।

## ୧.୬. ରାଜନୀତି ଏକ ବିଜ୍ଞାନ ନା କଳା ? (Is Politics a Science or an Art?)

ରାଜନୀତି ବା ରାଜନୀତି ବିଜ୍ଞାନ ଏକ ବିଜ୍ଞାନ ନା କଳା? - ଏହି ପ୍ରଶ୍ନକୁ ଭିତ୍ତି କରି ଦୁଇଟି ମତ ଦେଖିବାକୁ ମିଳେ । ଆରିଷ୍ଟୋଟଲ୍, ହବସ୍, ସୀଲି, ହ୍ୟୁମ୍, ବ୍ଲୁଣ୍ଟସ୍ଲି, ଲର୍ଡ ବ୍ରାଇସ୍ ଏହାକୁ ବିଜ୍ଞାନର ଆଖ୍ୟା ଦେଇଥିବାବେଳେ ସିଡୱିକ୍, ବର୍କ, ମେଟଲାଣ୍ଡ, ମୋସ୍କା, ବକ୍‌ଲେ, ଜେଲିନେକ୍ ଆଦି ଏହାକୁ ଏକ କଳା ରୂପରେ ଗ୍ରହଣ କରିଛନ୍ତି । ଆରିଷ୍ଟୋଟଲ୍ ରାଜନୀତି ବିଜ୍ଞାନକୁ ସମସ୍ତ ବିଜ୍ଞାନର ପ୍ରଭୁ (Master of all scienes) ଭାବରେ ଚିତ୍ରଣ କରିଥିବାବେଳେ, ବକ୍‌ଲେଙ୍କ ମତରେ, "ବର୍ତ୍ତମାନ ଜ୍ଞାନ ସ୍ତରରେ ରାଜନୀତି ବିଜ୍ଞାନକୁ ବିଜ୍ଞାନ କହିବା ତ ଦୂରର କଥା, ସମସ୍ତ କଳା ବିଷୟ ମଧ୍ୟରେ ଏହା ସବୁଠାରୁ ପଛୁଆ ଶ୍ରେଣୀର ।"

ରାଜନୀତି ବିଜ୍ଞାନ ଏକ ବିଜ୍ଞାନ କି ନୁହେଁ ଜାଣିବା ପାଇଁ ପ୍ରଥମେ ବିଜ୍ଞାନର ସଂଜ୍ଞା ଓ ପ୍ରକୃତି ଜାଣିବା ନିହାତି ଆବଶ୍ୟକ । କୌଣସି ବିଷୟରେ ଏକ ପଦ୍ଧତିଗତ, ସୁସଜ୍ଜିତ, ସୁବ୍ୟବସ୍ଥିତ ଜ୍ଞାନକୁ ବିଜ୍ଞାନ କୁହାଯାଏ । ଅର୍ଥାତ୍ ବିଜ୍ଞାନ ହେଉଛି ସେହି ଶୃଙ୍ଖଳିତ ଜ୍ଞାନ ଯାହା ଅବଲୋକନ, ଅଭିଜ୍ଞତା ଓ ଆଲୋଚନା ଦ୍ୱାରା ତଥ୍ୟ ଆହରଣ କରାଯାଇଥାଏ । ଏହି ତଥ୍ୟରୁ ହିଁ ନିୟମ ତିଆରି ହୋଇଥାଏ, ଯାହା ସାଧାରଣତଃ ନିର୍ଭୁଲ, ସାର୍ବଜନୀନ ଓ ଭବିଷ୍ୟତରେ ସମାନ ଭାବରେ କାର୍ଯ୍ୟ କରିଥାଏ । ସଂଜ୍ଞା ନିରୂପଣ, ପ୍ରକଳ୍ପ ଓ ସିଦ୍ଧାନ୍ତ ବୈଜ୍ଞାନିକ ପଦ୍ଧତିର ଅଂଶ ବିଶେଷ । ଏକ ରୂପତା (uniformity), ବିଶ୍ୱବ୍ୟାପକତା ବା ସାର୍ବଜନୀନତା (universality), ବସ୍ତୁନିଷ୍ଠତା (objectivity) ନିରଙ୍କୁଶତା (absoluteness), ନିର୍ଦ୍ଦିଷ୍ଟତା (Certainty) ଶୁଦ୍ଧ ବିଜ୍ଞାନର ଲକ୍ଷଣ ଅଟେ । କିନ୍ତୁ ରାଜନୀତି ବିଜ୍ଞାନର ସଂଜ୍ଞା, ସ୍ୱରୂପ, ସିଦ୍ଧାନ୍ତ ସମ୍ପର୍କରେ ରାଜନୀତି ବିଶାରଦମାନଙ୍କ ମଧ୍ୟରେ ସହମତି ନାହିଁ । ଏଗୁଡ଼ିକ ସାଧାରଣ ଓ ଏକକ ରୂପେ ପ୍ରକାଶ ପାଉ ନଥିବାରୁ ବିଜ୍ଞାନର ମୌଳିକ ଧର୍ମ ପୂରଣ ହୁଏନାହିଁ ।

ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ପରି ପ୍ରାକୃତିକ ଓ ଭୌତିକ ବିଜ୍ଞାନଗୁଡ଼ିକ ବସ୍ତୁ, ପଦ୍ଧତି ବା ପଦାର୍ଥ ମାନଙ୍କ ବିଷୟରେ ପରୀକ୍ଷାଗାରରେ ଅଧ୍ୟୟନ କରନ୍ତି । କିନ୍ତୁ ରାଜନୀତି ବିଜ୍ଞାନର ତତ୍ତ୍ୱ ଓ ତଥ୍ୟକୁ ପରୀକ୍ଷା କରିବା ପାଇଁ ପରୀକ୍ଷାଗାର ନାହିଁ, କାରଣ ଏହା ପର୍ଯ୍ୟବେକ୍ଷଣର ବିଜ୍ଞାନ; ପରୀକ୍ଷାମୂଳକ ବିଜ୍ଞାନ ନୁହେଁ । ସାମାଜିକ ପ୍ରାଣୀ ମଣିଷକୁ ନେଇ ଗଢ଼ା ହୋଇଥିବା ରାଜନୀତି ବିଜ୍ଞାନ ଏକରୂପତା (uniformity) ରଖି ପାରିବ ନାହିଁ ଓ ଏଠାରେ ନିରପେକ୍ଷ ପର୍ଯ୍ୟବେକ୍ଷଣ ଓ ସଠିକ୍ ପୂର୍ବାନୁମାନ ସମ୍ଭବ ନୁହେଁ, କାରଣ ମଣିଷର ବ୍ୟବହାର ଓ କାର୍ଯ୍ୟକଳାପ ପରିବର୍ତ୍ତନଶୀଳ । ରାଜନୀତି ବିଜ୍ଞାନରେ ନିରପେକ୍ଷତା ଓ ବସ୍ତୁନିଷ୍ଠତା ବାହାର କରିବା କଷ୍ଟସାଧ୍ୟ, କାରଣ ଏଠାରେ ରାଜନୀତି ବିଜ୍ଞାନୀଙ୍କର ବ୍ୟକ୍ତିଗତ ମୂଲ୍ୟବୋଧ ଗବେଷଣାର ଫଳାଫଳକୁ ପ୍ରଭାବିତ କରିଥାଏ । ପ୍ରାକୃତିକ ବିଜ୍ଞାନର ସିଦ୍ଧାନ୍ତ ସବୁ ସମୟ ଓ ପରିସ୍ଥିତିରେ ସତ୍ୟ ଓ ନିର୍ଦ୍ଦିଷ୍ଟ ଥାଏ । କିନ୍ତୁ ରାଜନୀତି ସିଦ୍ଧାନ୍ତ ସର୍ବଦା ଓ ସର୍ବତ୍ର ସତ୍ୟ ବା ନିର୍ଦ୍ଦିଷ୍ଟ ନୁହେଁ । ଏହାର ସାର୍ବଜନୀନତା, ନିରଙ୍କୁଶତା ଓ ନିଶ୍ଚିତତା ନ ଥାଏ । ତେଣୁ ରାଜନୀତି ବିଜ୍ଞାନ ଏକ ଶୁଦ୍ଧ, ବସ୍ତୁନିଷ୍ଠ ଓ ନିରପେକ୍ଷ ବିଜ୍ଞାନ ନୁହେଁ ।

ରାଜନୀତି ବିଜ୍ଞାନ ଏକ ଶୁଦ୍ଧ ବିଜ୍ଞାନ ନ ହେଲେ ମଧ୍ୟ ଏହା ଏକ ସାମାଜିକ ବିଜ୍ଞାନ । ରାଜନୀତି ବିଜ୍ଞାନୀମାନେ ଏହି ବିଦ୍ୟାର ପଦ୍ଧତିଗତ ଅଧ୍ୟୟନ ଦ୍ୱାରା ରାଷ୍ଟ୍ର, ସରକାର, ସମ୍ବିଧାନ ଆଦି ବିଷୟରେ ପାଖାପାଖି ସମାନ ଓ ସାଧାରଣ ନୀତି ନିର୍ଦ୍ଧାରଣ କରିଛନ୍ତି । ପୁନଶ୍ଚ ରାଜନୀତିର ସିଦ୍ଧାନ୍ତ ମାନ ଅଧିକାଂଶ ସମୟରେ ସୁବ୍ୟବହୃତ, ଶୃଙ୍ଖଳିତ ଓ ବିଜ୍ଞାନସମ୍ମତ । ରାଜନୀତି ଅଧ୍ୟୟନ କ୍ଷେତ୍ରରେ ମଧ୍ୟ ପର୍ଯ୍ୟବେକ୍ଷଣ ଓ ପରୀକ୍ଷାମୂଳକ ପଦ୍ଧତି ଅବଲମ୍ବନ କରାଯାଇଛି ଓ ରାଜନୈତିକ ପରିଣାମର

ପୂର୍ବାନୁମାନ ସମ୍ଭବ ହୋଇପାରୁଛି । ଗଣତନ୍ତ୍ର, ଜନମଙ୍ଗଳ ରାଷ୍ଟ୍ର ଆଦି ତତ୍ତ୍ୱମାନ ବିଶ୍ୱବ୍ୟାପକତା ଲାଭ କରିଛି । ରାଜନୀତି ବିଜ୍ଞାନର ଅଧ୍ୟୟନ କେବଳ ପାରମ୍ପରିକ ରୂପରେ ନ ହୋଇ ବୈଜ୍ଞାନିକ ରୂପରେ ହେଲାଣି ଓ ଏହାର ଉଦାହରଣ ହେଉଛି ବିଂଶ ଶତାବ୍ଦୀର ମଧ୍ୟଭାଗରୁ ପ୍ରଚଳିତ ବ୍ୟବହାରବାଦ ପଦ୍ଧତି । ଏଥିରେ ରାଜନୈତିକ ତଥ୍ୟ ବା ବସ୍ତୁମାନଙ୍କର ନିୟମିତତା, ସତ୍ୟତା ନିରୂପଣ, କୌଶଳ, ପଦ୍ଧତିକରଣ, ମୂଲ୍ୟବୋଧ ରହିତ ଗବେଷଣା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ଯାହା ରାଜନୀତି ବିଜ୍ଞାନକୁ ଏକ ଶୁଦ୍ଧ ବିଜ୍ଞାନର ନିକଟତର କରିଛି । ତେବେ ରାଜନୀତି ବିଜ୍ଞାନକୁ ଏକ ସାମାଜିକ ବିଜ୍ଞାନ ଅର୍ଥରେ ବିଚାର କରିବା ଅଧିକ ସମୀଚିନ ହେବ ।

ଅପର ପକ୍ଷରେ ଅନେକ ଦାର୍ଶନିକ ରାଜନୀତି ବିଜ୍ଞାନକୁ କଳାର ମର୍ଯ୍ୟାଦା ଦିଅନ୍ତି । ସାଧାରଣତଃ କୌଣସି ବିଷୟରେ ଲବ୍ଧ ଜ୍ଞାନର ବ୍ୟବହାରିକ ପ୍ରୟୋଗକୁ 'କଳା' କୁହାଯାଏ । 'କଳା' ହେଉଛି ବିଜ୍ଞାନ ବା ପଦ୍ଧତିଗତ ବିଦ୍ୟାର ବାସ୍ତବ ରୂପାୟନ ଯାହା ବ୍ୟକ୍ତି ଓ ସମାଜର ମଙ୍ଗଳ ସାଧନ କରାଏ । ରାଜନୀତିର ପ୍ରୟୋଗାତ୍ମକ ମୂଲ୍ୟ ରହିଛି । ତେଣୁ ରାଷ୍ଟ୍ର ଶାସନର ନୀତି ନିୟମ, ସମ୍ବିଧାନ-ପ୍ରଣୟନ, ଶାସନ ପରିଚାଳନା ସମ୍ଭବ ହୋଇଥାଏ । ଗଣତନ୍ତ୍ର, ସାମ୍ୟବାଦ, ଉଦାରବାଦ ଆଦି ରାଜନୈତିକ ତତ୍ତ୍ୱଗୁଡ଼ିକ ବିଜ୍ଞାନ ହେଲାବେଳେ ବିଭିନ୍ନ ଦେଶରେ ସେଗୁଡ଼ିକର ବ୍ୟବହାର କଳା ରୂପେ ଗୃହୀତ ହୁଏ ।

ଉପରୋକ୍ତ ଦୃଷ୍ଟି ସବୁରୁ ବିଚାର କଲେ ରାଜନୀତି ବିଜ୍ଞାନ ଉଭୟ ଏକ ବିଜ୍ଞାନ ଓ ଏକ କଳାର ମର୍ଯ୍ୟାଦା ଲାଭ କରିପାରିଛି ।

## ୧.୭. ସାରାଂଶ

* ରାଜନୀତି ଓ ରାଜନୀତି ବିଜ୍ଞାନ ଗ୍ରୀକ୍ ଶବ୍ଦ ପଲିସ୍ (Polis) ରୁ ଆସିଛି, ଯାହାର ଅର୍ଥ ହେଉଛି ନଗର-ରାଜ୍ୟ (City-State) ।
* ପ୍ରାଚୀନ ଗ୍ରୀସ୍ ଦେଶରେ ଏଥେନ୍ସ (Athens) ଓ ସ୍ପାର୍ଟା (Sparta) ଭଳି ଅନେକ ନଗର-ରାଷ୍ଟ୍ର ଥିଲା, ଯାହାର ଅଧିବାସୀମାନଙ୍କୁ ନାଗରିକ (citizens) କୁହାଯାଉଥିଲା ।
* ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଓ ଆରିଷ୍ଟୋଟଲ୍ ହେଉଛନ୍ତି ଏହାର ଆଦିସ୍ରଷ୍ଟା ।
* ଆରିଷ୍ଟୋଟଲ୍ ପ୍ଲାଟୋଙ୍କର ଶିଷ୍ୟ ହେଲେ ମଧ୍ୟ ତାଙ୍କର ଅବଦାନ ପାଇଁ ରାଜନୀତି ବିଜ୍ଞାନର ଜନକ ବା ପିତା ଭାବରେ ପରିଚିତ ।
* ପ୍ଲାଟୋ 'ଦି ରିପବ୍ଲିକ୍' ଓ ଆରିଷ୍ଟୋଟଲ୍ 'ଦି ପଲିଟିକ୍ସ୍' ପୁସ୍ତକର ରଚୟିତା ।
* ଆରିଷ୍ଟୋଟଲ୍‌ଙ୍କ ଭାଷାରେ ମଣିଷ ଏକ ସାମାଜିକ ପ୍ରାଣୀ ।
* ରାଜନୀତି ବିଜ୍ଞାନ ଏକ ସାମାଜିକ ବିଜ୍ଞାନ ।
* ଇଟାଲୀର ଦାର୍ଶନିକ ନିକୋଲୋ ମାକିଆଭେଲିଙ୍କୁ ଆଧୁନିକ ରାଜନୀତି ବିଜ୍ଞାନର ଜନକ ବା ପିତା କୁହାଯାଏ ।
* ରାଜନୀତି ଏବଂ ରାଜନୀତି ବିଜ୍ଞାନ ଏକ ଏବଂ ସମାନ ବା ଅଭିନ୍ନ ବୋଲି ଅନେକ ମତ ଦେଉଥିବାବେଳେ, କେତେକ ଦାର୍ଶନିକ ସାମ୍ପ୍ରତିକ ସମୟରେ 'ରାଜନୀତି' ଶବ୍ଦର ବ୍ୟାପକ ପରିବର୍ତ୍ତନକୁ ଦେଖି ଏହା

ରାଜନୈତିକ ପ୍ରକ୍ରିୟାର ବାସ୍ତବ ପ୍ରତିଫଳନ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ରାଜନୀତି ବିଜ୍ଞାନ ରାଷ୍ଟ୍ର ଓ ସରକାର ସମ୍ବନ୍ଧୀୟ ଅଧ୍ୟୟନ ବୋଲି କହିଛନ୍ତି ଏବଂ ଏ ଦୁହେଁ ପୃଥକ୍ ବୋଲି ମତ ଦିଅନ୍ତି ।

* ରାଜନୀତିର ପରିସର ଅତି ବ୍ୟାପକ । ଏହା ରାଜନୈତିକ ଦର୍ଶନ, ରାଜନୈତିକ ତତ୍ତ୍ୱ, ରାଜନୈତିକ ଅନୁଷ୍ଠାନ, ରାଷ୍ଟ୍ର, ସରକାର, ଆନ୍ତର୍ଜାତିକ ସମ୍ପର୍କ, ଲୋକ ପ୍ରଶାସନ, କ୍ଷମତା, ରାଜନୈତିକ ବ୍ୟବହାର, ବ୍ୟକ୍ତି ଓ ରାଷ୍ଟ୍ର ମଧ୍ୟରେ ଥିବା ସମ୍ପର୍କ ଆଦି ଆଲୋଚନା କରେ ।
* ରାଜନୀତି ସିଦ୍ଧାନ୍ତର ଅନେକ ବ୍ୟବହାର ରହିଛି । ଏହା ଉତ୍ତମ ନାଗରିକ ସୃଷ୍ଟି, ରାଜନୈତିକ ଚେତନା ବୃଦ୍ଧି, ଗଣତନ୍ତ୍ରର ସଫଳତା, ରାଜନୀତି ବିଜ୍ଞାନକୁ ବିକଶିତ, ଆନ୍ତର୍ଜାତିକ ଚିନ୍ତାଧାରାର ବିକାଶ, ସାମାଜିକ ଓ ରାଜନୈତିକ ପରିବର୍ତ୍ତନର ମାଧ୍ୟମ ରୂପେ କାର୍ଯ୍ୟ କରେ ।
* ରାଜନୀତି ବିଜ୍ଞାନର ଅନ୍ୟାନ୍ୟ ସାମାଜିକ ବିଜ୍ଞାନ ଯଥା : ଇତିହାସ, ଅର୍ଥନୀତି, ସମାଜତତ୍ତ୍ୱ ଓ ଦର୍ଶନଶାସ୍ତ୍ର ସହ ସମ୍ପର୍କ ରହିଛି ।
* କେତେକ ଏହାକୁ ବିଜ୍ଞାନ କହୁଥିବାବେଳେ ଅନ୍ୟମାନେ ଏହାକୁ 'କଳା'ର ଆଖ୍ୟା ଦିଅନ୍ତି । ଆଉ କେତେକ ଏହାକୁ ଉଭୟ କଳା ଓ ବିଜ୍ଞାନର ସମିଶ୍ରଣ ବୋଲି କହନ୍ତି ।

**୧.୮. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ :**

୧. ରାଜନୀତି କ'ଣ ? ରାଜନୀତି ବିଜ୍ଞାନର ଅର୍ଥ ଓ ପରିସର ଆଲୋଚନା କର ।

୨. ରାଜନୀତି ବିଜ୍ଞାନର ସଂଜ୍ଞା ଲେଖ ଓ ତାହାର ପ୍ରକୃତି ଓ ପରିସର ଆଲୋଚନା କର ।

୩. ରାଜନୀତି "ଏକ କଳା ନା ବିଜ୍ଞାନ" - ଆଲୋଚନା କର ।

୪. ରାଜନୀତି ସିଦ୍ଧାନ୍ତର ବ୍ୟବହାର ବିଷୟରେ ବୁଝାଇ ଲେଖ ।

**୧.୯. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର :**

୧. ଅନୁଚ୍ଛେଦ ୧.୧, ୧.୩. ପାଠ କରନ୍ତୁ ।

୨. ଅନୁଚ୍ଛେଦ ୧.୨, ୧.୩. ପାଠ କରନ୍ତୁ ।

୩. ଅନୁଚ୍ଛେଦ ୧ - ୬ ପାଠ କରନ୍ତୁ ।

୪. ଅନୁଚ୍ଛେଦ ୧ - ୪ ପାଠ କରନ୍ତୁ ।

❖❖❖

# ଦ୍ୱିତୀୟ ଅଧ୍ୟାୟ

# ରାଷ୍ଟ୍ର

# (STATE)

**ସଂରଚନା :**


| | |
|---|---|
| ୨ | ଉଦ୍ଦେଶ୍ୟ |
| ୨.୧ | ରାଷ୍ଟ୍ରର ଅର୍ଥ ଓ ସଂଜ୍ଞା |
| ୨.୨ | ରାଷ୍ଟ୍ରର ମୌଳିକ ଉପାଦାନ |
| ୨.୩ | ରାଷ୍ଟ୍ରର ଆବଶ୍ୟକତା |
| ୨.୪ | ସାରାଂଶ |
| ୨.୫ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୨.୬ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର । |


**୨ - ଉଦ୍ଦେଶ୍ୟ :**

ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ

* ରାଷ୍ଟ୍ରର ଅର୍ଥ ଓ ସଂଜ୍ଞା ବିଷୟରେ ଅବଗତ ହୋଇପାରିବେ ।
* ରାଷ୍ଟ୍ରର ମୌଳିକ ଉପାଦାନ ଗୁଡ଼ିକ ବିଷୟରେ ଜାଣିପାରିବେ ଓ ସେଗୁଡ଼ିକର ଗୁରୁତ୍ୱ ବୁଝିପାରିବେ ।
* ରାଷ୍ଟ୍ରର ଆବଶ୍ୟକତା ବିଷୟରେ ଜାଣି ପାରିବେ ।

**୨.୧ - ରାଷ୍ଟ୍ରର ଅର୍ଥ ଓ ସଂଜ୍ଞା :**

ରାଜନିତୀ ବିଜ୍ଞାନ ଅଧ୍ୟୟନର ମୁଖ୍ୟ ବିଷୟବସ୍ତୁ ହେଉଛି ରାଷ୍ଟ୍ର । ଏହା ଏକ ସର୍ବଶ୍ରେଷ୍ଠ ଓ ସର୍ବ ବ୍ୟାପକ ରାଜନୈତିକ ଅନୁଷ୍ଠାନ ଏବଂ ରାଜନୀତି ବିଜ୍ଞାନର କେନ୍ଦ୍ରବିନ୍ଦୁ । ଏହା ସମାଜ ମଧ୍ୟରେ ଥିବା ସମସ୍ତ ବ୍ୟକ୍ତି, ଅନୁଷ୍ଠାନ, ସଂଘ ଓ ଗୋଷ୍ଠି ମାନଙ୍କର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରେ । ଏହା ସଂଘ ମାନଙ୍କର ସଂଘ ହୋଇଥିବାରୁ ଏହାକୁ ଶ୍ରେଷ୍ଠ ସଂଘର ମାନ୍ୟତା ଦିଆଯାଇଛି । ମଣିଷ ଏକ ସାମାଜିକ ପ୍ରାଣୀ । ତେଣୁ ତାହାର ସ୍ୱାଭାବିକ ପ୍ରବୃତ୍ତି ଭିତରୁ ହିଁ ରାଷ୍ଟ୍ର ସୃଷ୍ଟି ହୋଇଛି; ଯାହା ଏକ ପ୍ରାକୃତିକ ଓ ଆବଶ୍ୟକ ଅନୁଷ୍ଠାନ । ରାଷ୍ଟ୍ର ହିଁ ଏକ ମାତ୍ର ଅନୁଷ୍ଠାନ ଯାହାର ସର୍ବୋଚ୍ଚ ବୈଧ କ୍ଷମତା (Highest legitimate power) ଥାଏ, ଯାହା ବଳରେ ଏହା ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥାଏ ।

'ରାଷ୍ଟ୍ର' ଶବ୍ଦର ବ୍ୟବହାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅର୍ଥରେ ହୋଇଆସିଛି । ଗ୍ରୀସ୍ ଦେଶରେ ଗ୍ରୀକ୍‌ମାନେ ଏହାକୁ ପଲିସ୍ (Polis) ବା ନଗର ରାଜ୍ୟ (City State) କହୁଥିଲାବେଳେ ରୋମ୍‌ରେ ରେମାନ୍‌ମାନେ ଏହାକୁ ସିଭିଟାସ୍ (Civitas) କହୁଥିଲେ । ଅପର ପକ୍ଷରେ ଟ୍ୟୁଟନ୍‌ମାନେ (Teutons) ରାଷ୍ଟ୍ର ପାଇଁ 'ଷ୍ଟାଟସ୍' (Status) ଶବ୍ଦ ବ୍ୟବହାର କରୁଥିଲେ; ଯାହାର ଅର୍ଥ ହେଉଛି ଅସ୍ତିତ୍ୱ (existence) । ପୁରାତନ ଗ୍ରୀସ୍ ଦେଶ ଓ ରୋମ୍‌ର ନଗର ରାଜ୍ୟ ଗୁଡ଼ିକ ଆଧୁନିକ ରାଷ୍ଟ୍ରଗୁଡ଼ିକ ତୁଳନାରେ କ୍ଷୁଦ୍ର, ସରଳ ଓ ସୀମିତ ଥିଲା । ସେତେବେଳେ ରାଷ୍ଟ୍ର, ସରକାର, ସମାଜ ଆଦି ଶବ୍ଦଗୁଡ଼ିକ ସମାନ ଅର୍ଥରେ ବ୍ୟବହାର କରାଯାଉଥିଲା ଏବଂ ରାଷ୍ଟ୍ର ସହିତ ଧର୍ମ ସଂଶ୍ଳିଷ୍ଟ ଥିଲା । ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ପ୍ରଚଳିତ ଥିଲା । କିନ୍ତୁ ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗରେ ଇଟାଲୀର ବିଶ୍ୱପ୍ରସିଦ୍ଧ ଦାର୍ଶନିକ ନିକୋଲୋ ମାକିଆଭେଲି (Niccolo Machiavelli) ପ୍ରଥମେ ରାଷ୍ଟ୍ର (State) ଶବ୍ଦ ପ୍ରୟୋଗ କରି ଆଧୁନିକ ଅର୍ଥରେ ବ୍ୟବହାର କରିଥିଲେ । ସେ ରାଷ୍ଟ୍ରକୁ ଧର୍ମଠାରୁ ପୃଥକ୍ କରି ଧର୍ମ ଓ ଧାର୍ମିକ କର୍ତ୍ତୃପକ୍ଷଙ୍କୁ ରାଷ୍ଟ୍ରର ଅଧୀନ କଲେ । ସେ ରାଷ୍ଟ୍ରକୁ ଏକ ସର୍ବକ୍ଷମତା ସମ୍ପନ୍ନ ସାର୍ବଭୌମ (Sovereign), ଧର୍ମ ନିରପେକ୍ଷ (Secular), ଜାତୀୟ (National), ଏବଂ ଭୌଗୋଳିକ ବା ରାଜ୍ୟକ୍ଷେତ୍ରୀୟ (Territorial) ଅନୁଷ୍ଠାନର ସଂଜ୍ଞା ପ୍ରଦାନ କଲେ । ଫରାସୀ ଦାର୍ଶନିକ ଜନ୍ ବୋଦାଁ (John Bodin) ରାଷ୍ଟ୍ରକୁ ସାଧାରଣତନ୍ତ୍ର (Republic) ବୋଲି ଆଖ୍ୟା ଦେଇଥିବା ବେଳେ ସପ୍ତଦଶ ଶତାବ୍ଦୀରେ ଇଂରାଜୀ ଦାର୍ଶନିକ ଥୋମାସ୍ ହବସ୍ (Thomas Hobbes) ରାଷ୍ଟ୍ର ଅସୀମ କ୍ଷମତାର ଅଧିକାର ବୋଲି ବର୍ଣ୍ଣନା କରିଥିଲେ ।

ରାଷ୍ଟ୍ର ଶବ୍ଦଟି ରାଜନୀତି ବିଜ୍ଞାନର ଏକ ସୁପରିଚିତ ଶବ୍ଦ । ଏହା ପ୍ରାୟତଃ ଜାତି, ସରକାର, ସମାଜ ଓ ଦେଶ ଅର୍ଥରେ ବ୍ୟବହାର ହୋଇଥାଏ । ଆଧୁନିକ ଅର୍ଥରେ ଏହାକୁ ରାଜନୈତିକ ବ୍ୟବସ୍ଥା ବା ଶାସନ (Polity), ରାଜନୈତିକ ପଦ୍ଧତି (Political system) ନାଗରିକ ବା ଶିଷ୍ଟ ସମାଜ (Civil Society) ଜାତି-ରାଷ୍ଟ୍ର (Nation-State) ବୋଲି ମଧ୍ୟ କୁହାଯାଇଥାଏ । ଅନେକ ସମୟରେ ସଂଘୀୟ ରାଷ୍ଟ୍ରରେ ସଂଗଠକ ଏକକମାନଙ୍କୁ (Constituent units) ବା ଅଙ୍ଗ ରାଜ୍ୟ (Unit of Federation) ମାନଙ୍କୁ ମଧ୍ୟ ରାଷ୍ଟ୍ର ବୋଲି ସମ୍ବୋଧନ କରାଯାଇଛି । ତେଣୁ ରାଷ୍ଟ୍ର ଶବ୍ଦର ପ୍ରକୃତ ଅର୍ଥ ବୁଝିବା ପାଇଁ କେତେଗୁଡ଼ିଏ ସଂଜ୍ଞା ସହ ପରିଚିତ ହେବା ନିହାତି ଆବଶ୍ୟକ ।

**୨.୧.୧. ରାଷ୍ଟ୍ରର ସଂଜ୍ଞା (Definition of State) :**

୨.୧.୧. - ରାଜନୀତି ବିଜ୍ଞାନର ଜନକ ଆରିଷ୍ଟୋଟଲ୍ (Aristotle) ଙ୍କ ମତରେ, "ରାଷ୍ଟ୍ର ହେଉଛି ପରିବାର ଓ ଗ୍ରାମମାନଙ୍କର ଏକ ସମଷ୍ଟି ବା ସଂଘ ଯାହାର ଲକ୍ଷ୍ୟ ହେଉଛି ଏକ ପରିପୂର୍ଣ୍ଣ ଓ ସ୍ୱୟଂସମ୍ପୂର୍ଣ୍ଣ ଜୀବନ ଯାହାଦ୍ୱାରା କି ଆମେ ଏକ ସୁଖୀ ଓ ସମ୍ମାନଜନକ ଜୀବନ ଯାପନ କରୁ ।" (The State is an Union of families and villages having for its end a perfect and self-sufficient life, by which we lead a happy and honourable life)

୨.୧.୧. : ଉଡ୍ରୋ ଉଇଲ୍‌ସନ୍ (Woodrow Wilson)ଙ୍କ ଭାଷାରେ, "ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ଆଇନ୍ ଦ୍ୱାରା ସଂଗଠିତ ହୋଇଥିବା ଅଧିବାସୀଙ୍କୁ ରାଷ୍ଟ୍ର କୁହାଯାଏ ।" (The State is a people organised for law within a definite territory)

୨.୧.୩. : ବ୍ଲୁଣ୍ଟସ୍ଲି (Bluntschli) ମତ ଦିଅନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ରାଜନୈତିକ ଭାବେ ସଂଗଠିତ ଜନତାଙ୍କୁ ରାଷ୍ଟ୍ର କୁହାଯାଏ ।" (The State is politically organised people of a definite territory)

୨.୧.୪. : ଓପେନ୍‌ହେମ୍ (Oppenheim) କହନ୍ତି, "କୌଣସି ଗୋଟିଏ ଦେଶର ଲୋକମାନେ ନିଜ ସାର୍ବଭୌମ୍ୟ ସରକାର ଅଧୀନରେ ବସବାସ କଲେ ରାଷ୍ଟ୍ର ଗଠିତ ହୁଏ । (The State exists when people settle in a country under its own sovereign government).

୨.୧.୫. : ଲାସ୍କି (Laski) ଙ୍କ ଭାଷାରେ, "ଶାସକ ଓ ଶାସିତ ରୂପେ ବିଭାଜିତ ଗୋଟିଏ ଆଞ୍ଚଳିକ ସମାଜ ଯାହା ନିଜର ଆବଣ୍ଟିତ ଭୌତିକ କ୍ଷେତ୍ର ମଧ୍ୟରେ ଅନ୍ୟ ସମସ୍ତ ଅନୁଷ୍ଠାନ ଉପରେ ପରମ ଆଧିପତ୍ୟ ଦାବି କରେ, ତାହାକୁ ରାଷ୍ଟ୍ର କୁହାଯାଏ । (The State is a territorial society divided into government and subjects claiming within its allotted physical area, a supremacy over all other institutions)

୨.୧.୬. ଗାର୍ଣ୍ଣର୍ (Garner) ରାଷ୍ଟ୍ର ସମ୍ବନ୍ଧରେ ଏକ ଆଧୁନିକ ଓ ବିଜ୍ଞାନସମ୍ମତ, ପ୍ରାଞ୍ଜଳ ଓ ଜନପ୍ରିୟ ସଂଜ୍ଞା ଦେବାକୁ ଯାଇ କହିଛନ୍ତି, "ଯଦି ଅଗଣିତ ଲୋକ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସ୍ଥାୟୀ ଭାବରେ ବସବାସ କରିଥାନ୍ତି, ବାହ୍ୟ ଶକ୍ତିର ନିୟନ୍ତ୍ରଣରୁ ମୁକ୍ତ ହୋଇ ଏକ ସୁସଂଗଠିତ ସରକାର ପ୍ରତିଷ୍ଠା କରିଥାନ୍ତି ଓ ସେହି ସରକାର ପ୍ରତି ନିରବଚ୍ଛିନ୍ନ ଆନୁଗତ୍ୟ ପ୍ରକାଶ କରୁଥାନ୍ତି, ତେବେ ତାକୁ ରାଷ୍ଟ୍ର କୁହାଯାଏ । (The State is community of persons more or less numerous, permanently occupying a definite portion of territory, independent or nearly so, of external control and possessing an organised government to which the great body of inhabitants render habitual obedience)

ଉପରୋକ୍ତ ସଂଜ୍ଞାମାନଙ୍କ ମଧ୍ୟରୁ ପ୍ରଫେସର ଗାର୍ଣ୍ଣରଙ୍କ ଦ୍ୱାରା ପ୍ରଦତ୍ତ ସଂଜ୍ଞାଟି ଅଧିକ ପରିପୂର୍ଣ୍ଣ, ଜନପ୍ରିୟ ଓ ଗ୍ରହଣୀୟ ଅଟେ । ରାଷ୍ଟ୍ରର ଭିନ୍ନ ଭିନ୍ନ ସଂଜ୍ଞା ରହିଥିଲେ ମଧ୍ୟ ଏହାର କେତେକ ମୌଳିକ ବୈଶିଷ୍ଟ୍ୟ ବିଷୟରେ ପ୍ରାୟ ସମସ୍ତେ ପାଖାପାଖି ଏକମତ । ରାଷ୍ଟ୍ର ଏକ ରାଜନୈତିକ ଅନୁଷ୍ଠାନ ଯାହାର ଚାରୋଟି ମୁଖ୍ୟ ଉପାଦାନ ରହିଛି । ସେଗୁଡ଼ିକ ହେଲା - ଜନସଂଖ୍ୟା ବା ଅଧିବାସୀ, ଭୂଖଣ୍ଡ, ସରକାର ଓ ସାର୍ବଭୌମତ୍ୱ । ଆଧୁନିକ ଯୁଗରେ ଅନ୍ୟ କେତେକ ରାଜନୀତି ବିଜ୍ଞାନ ବିଶାରଦ ଆନ୍ତର୍ଜାତିକ ସ୍ୱୀକୃତିକୁ ରାଷ୍ଟ୍ରର ଅନ୍ୟତମ ଉପାଦାନ ରୂପେ ବିବେଚନା କରନ୍ତି ।

**୨.୨. : ରାଷ୍ଟ୍ରର ମୌଳିକ ଉପାଦାନ (Element of the State) :**

ରାଷ୍ଟ୍ରର ମୁଖ୍ୟତଃ ଚାରୋଟି ଉପାଦାନ ରହିଅଛି । ସେଗୁଡ଼ିକ ହେଲା (୧) ଅଧିବାସୀ ବା ଜନସଂଖ୍ୟା ; (୨) ଆୟତନ ବା ଭୂଖଣ୍ଡ ; (୩) ସରକାର ଓ (୪) ସାର୍ବଭୌମତ୍ୱ । ପ୍ରଥମ ଦୁଇଟି ଉପାଦାନ ଭୌତିକ (Physical or material) ହୋଇଥିବାବେଳେ ଶେଷ ଦୁଇଟି ଉପାଦାନ ରାଜନୈତିକ (Political) ଉପାଦାନ ଅଟେ । ରାଜନୀତି ବିଜ୍ଞାନ ଓ ଆନ୍ତର୍ଜାତୀୟ ଆଇନ୍‌ର କେତେକ ବିଶାରଦ ଆନ୍ତର୍ଜାତୀୟ ସ୍ୱୀକୃତି (International recognition) କୁ ରାଷ୍ଟ୍ରର ଅନ୍ୟ ଏକ ଉପାଦାନ ରୂପେ ବିବେଚନା କରନ୍ତି । ଗୋଟିଏ ରାଷ୍ଟ୍ରର ସ୍ଥିତି ଓ ସାର୍ବଭୌମତ୍ୱକୁ ଅନ୍ୟ ରାଷ୍ଟ୍ରମାନେ ସ୍ୱୀକାର କରିବାକୁ ଆନ୍ତର୍ଜାତୀୟ ସ୍ୱୀକୃତି କୁହାଯାଏ ।

ଏହି ଉପାଦନଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା :

**୨.୨. (୧) : ଅଧିବାସୀ ବା ଜନସଂଖ୍ୟା (Population) :**

ଜନସଂଖ୍ୟା ରାଷ୍ଟ୍ରର ସର୍ବପ୍ରଥମ ମୌଳିକ ଆବଶ୍ୟକତା ଅଟେ, କାରଣ ରାଷ୍ଟ୍ର ଏକ ମାନବୀୟ ସଂଘ ହୋଇଥିବାରୁ ଅଧିବାସୀ ବିନା ରାଷ୍ଟ୍ରର ସଂଗଠନ ସମ୍ଭବ ନୁହେଁ । ଜନମାନବ ଶୂନ୍ୟ ଅଞ୍ଚଳରେ ରାଷ୍ଟ୍ର ସୃଷ୍ଟି ହୋଇପାରିବ ନାହିଁ । ତେବେ

ଗୋଟିଏ ରାଷ୍ଟ୍ର ପାଇଁ ଜନସଂଖ୍ୟା କେତେ ହେବା ଆବଶ୍ୟକ, ସେ ସମ୍ପର୍କରେ ଭିନ୍ନ ଭିନ୍ନ ମତ ଦେଖାଯାଏ । ଉଦାହରଣ ସ୍ୱରୂପ ପ୍ଲାଟୋ ଗ୍ରୀସ୍‌ର କ୍ଷୁଦ୍ର ନଗର ରାଷ୍ଟ୍ର ପାଇଁ ଜନସଂଖ୍ୟା ୫୦୪୦ ରେ ସୀମିତ ହେବା ଉଚିତ୍ ବୋଲି ମତ ଦେଇଥିବାବେଳେ, ଆରିଷ୍ଟୋଟଲ୍ ଜନସଂଖ୍ୟାକୁ ଗାଣିତିକ ସୀମା ଭିତରେ ନ ରଖି ମତ ଦେଇଥିଲେ ଯେ ଏକ ରାଷ୍ଟ୍ରର ଜନସଂଖ୍ୟା ଏପରି ବିଶାଳ ହେବା ଉଚିତ୍ ଯେପରି ଏହା ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରିବ ଏବଂ ଏପରି କ୍ଷୁଦ୍ର ହେବା ଉଚିତ୍ ଯେପରି ଏହା ଉତ୍ତମ ରୂପେ ଶାସିତ ହୋଇପାରିବ । ଅଷ୍ଟାଦଶ ଶତାବ୍ଦୀରେ ଫରାସୀ ଦାର୍ଶନିକ ରଷୋ ଗୋଟିଏ ରାଷ୍ଟ୍ରର ଜନସଂଖ୍ୟା ୧୦,୦୦୦ ହେବା ଉଚିତ୍ ବୋଲି ମତ ଦେଇଥିଲେ ।

ଆଧୁନିକ ରାଷ୍ଟ୍ରଗୁଡ଼ିକରେ ଜନସଂଖ୍ୟାର କୌଣସି ନିର୍ଦ୍ଧାରିତ ସୀମା ନାହିଁ । ପୃଥିବୀରେ ଚୀନ ଓ ଭାରତର ଜନସଂଖ୍ୟା ୧୨୦ କୋଟିରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ସାନ୍ ମେରିନୋ (San Marino) ଓ ମୋନାକୋ (Monaco) ଭଳି ରାଷ୍ଟ୍ର ମାତ୍ର କେତେ ହଜାର ଲୋକଙ୍କୁ ନେଇ ଗଠିତ । ତେଣୁ ରାଷ୍ଟ୍ର ପାଇଁ ନିର୍ଦ୍ଦିଷ୍ଟ ନିୟମ ବାସୀମା ନ ଥିଲେ ମଧ୍ୟ ଅଧିକ ଜନସଂଖ୍ୟା ମାନବ ସମ୍ବଳ ବୃଦ୍ଧି ପାଇଁ ସହାୟକ ହୋଇଥିଲେ ମଧ୍ୟ ରାଷ୍ଟ୍ରରେ ଦାରିଦ୍ର୍ୟତା ଓ ଅନୁନ୍ନତି ପାଇଁ ମଧ୍ୟ ଦାୟୀ ହୁଏ । ସ୍ୱଳ୍ପ ବା କମ୍ ଜନସଂଖ୍ୟା ପ୍ରତିରକ୍ଷା ଓ ବିକାଶରେ ସମସ୍ୟା ସୃଷ୍ଟି କରିପାରେ । ସେଥିପାଇଁ ଗୋଟିଏ ରାଷ୍ଟ୍ରରେ ଲୋକସଂଖ୍ୟା ଏପରି ହେବା ଦରକାର ଯାହାଦ୍ୱାରା ତା'ର ସାର୍ବଭୌମତ୍ୱର ସୁରକ୍ଷା ସହ, ସମ୍ବଳର ସଦୁପଯୋଗ ହୋଇପାରୁଥିବ ଓ ତାହା ସୁପ୍ରଶାସନରେ ସହାୟକ ହୋଇପାରିବ । ତେବେ ବାସ୍ତବତା ହେଉଛି ଗୋଟିଏ ରାଷ୍ଟ୍ରର ଜନସଂଖ୍ୟା ସେହି ରାଷ୍ଟ୍ରର ଆୟତନ ଓ ସମ୍ବଳ ଅନୁପାତରେ ହେବା ଉଚିତ୍ । ଅବଶ୍ୟ ବର୍ତ୍ତମାନ ସମୟରେ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନର ସମ୍ପ୍ରସାରଣ ଫଳରେ ଶାସନ କ୍ଷେତ୍ରରେ ଜନସଂଖ୍ୟା ଆଉ ମୁଖ୍ୟ ସମସ୍ୟା ହୋଇ ରହିନାହିଁ । ପ୍ରକୃତରେ ଏକ ଉତ୍ତମ ଓ ଦୃଢ଼ ରାଷ୍ଟ୍ର ଗଠନ ପାଇଁ ଦାୟିତ୍ୱସମ୍ପନ୍ନ, ଉତ୍ତମ ଓ ଉତ୍ସର୍ଗୀକୃତ ନାଗରିକ ଆବଶ୍ୟକ ଅଟନ୍ତି ।

**୨.୨.୨ : ଆୟତନ ବା ଭୂଖଣ୍ଡ (Territory) :**

ରାଷ୍ଟ୍ରର ଅନ୍ୟ ଏକ ଆବଶ୍ୟକୀୟ ଉପାଦାନ ହେଉଛି ନିର୍ଦ୍ଦିଷ୍ଟ ଭୂଖଣ୍ଡ । ନିର୍ଦ୍ଦିଷ୍ଟ ଆୟତନ ବା ଭୂଖଣ୍ଡ ବିନା ରାଷ୍ଟ୍ରର ପରିକଳ୍ପନା କରିବା ଅସମ୍ଭବ । ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଭୂଭାଗ ଉପରେ ବସବାସ କରୁଥିବା ଲୋକମାନଙ୍କ ଉପରେ ରାଷ୍ଟ୍ର ନିଜର ସାର୍ବଭୌମ କ୍ଷମତା ଜାହିର କରିଥାଏ । ଏକ ରାଷ୍ଟ୍ର ଗଠନ ପାଇଁ ଏକ ଜନଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସ୍ଥାୟୀ ଭାବରେ ବସବାସ କରୁଥିବା ଆବଶ୍ୟକ । ତେଣୁ ଯାଯାବର ଓ ବିକ୍ଷିପ୍ତ ପ୍ରବାସୀମାନେ ରାଷ୍ଟ୍ର ଗଠନ କରିବା ସମ୍ଭବ ନଥିଲା । ତେଣୁ ୧୯୪୮ ମସିହା ପୂର୍ବରୁ ଇହୁଦୀମାନେ (Jews) ନିର୍ଦ୍ଦିଷ୍ଟ ଭୂଖଣ୍ଡର ଅଭାବରୁ ବିଭିନ୍ନ ଦେଶରେ ବସବାସ କରୁଥିଲେ । କିନ୍ତୁ ୧୯୪୮ ମସିହାରେ ସେମାନେ ନିର୍ଦ୍ଦିଷ୍ଟ ଭୂଖଣ୍ଡ ଦଖଲ କରି ଇସ୍ରାଏଲ୍ (Isreal) ନାମକ ରାଷ୍ଟ୍ର ଗଠନ କଲେ । ରାଷ୍ଟ୍ରର ଆୟତନ ବା ଭୂଖଣ୍ଡ ଜଳ, ସ୍ଥଳ, ଆକାଶ ମାର୍ଗକୁ ନେଇ ନିର୍ଦ୍ଧାରିତ ହୋଇଥାଏ । ଏହା ରାଷ୍ଟ୍ରର ଭୌଗୋଳିକ ସୀମା ମଧ୍ୟରେ ଥିବା ଭୂପୃଷ୍ଠର ସ୍ଥଳଭାଗ, ନଦୀ ଓ ହ୍ରଦ ଭଳି ଜଳଭାଗ, ଏହାର ଉପରିସ୍ଥ ବାୟୁ ଓ ଆକାଶ ସୀମା, ଭୂ-ଆଭ୍ୟନ୍ତରସ୍ଥ ଖଣିଜ ସମ୍ପଦ ଇତ୍ୟାଦି ଓ କ୍ଷେତ୍ର ବିଶେଷରେ ଭୂ-ଖଣ୍ଡର ସୀମାକୁ ଲାଗିଥିବା ସମୁଦ୍ରର ତିନି ସାମୁଦ୍ରିକ ମାଇଲ୍ (3 nautical miles) ବା ୧୨ ମାଇଲ୍ ପର୍ଯ୍ୟନ୍ତ ଅଞ୍ଚଳକୁ ନେଇ ଗଠିତ । ଏହା ଉପରେ ରାଷ୍ଟ୍ରର ସାର୍ବଭୌମ୍ୟ କ୍ଷମତା ଅଛି । ରାଷ୍ଟ୍ର ପାଇଁ ଜନସଂଖ୍ୟା ଭଳି ଆୟତନର ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସୀମା ନାହିଁ । ଋଷ ପ୍ରଜାତନ୍ତ୍ର, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ଭାରତ, ଅଷ୍ଟ୍ରେଲିଆ ଓ କାନାଡ଼ା ଲକ୍ଷ ଲକ୍ଷ ବର୍ଗମାଇଲ୍ ଆୟତନ ବିଶିଷ୍ଟ ବିଶାଳ ରାଷ୍ଟ୍ରମାନେ ଥିଲାବେଳେ ଶ୍ରୀଲଙ୍କା, ମାଲ୍‌ଡିଭିସ୍, ମୋନାକୋ, ସାନ ମାରିନେ ଭଳି ଅତ୍ୟନ୍ତ କ୍ଷୁଦ୍ର ଆୟତନ ବିଶିଷ୍ଟ ରାଷ୍ଟ୍ରମାନେ କିଛି ବର୍ଗମାଇଲ୍ ଆୟତନରେ ସୀମିତ । କିନ୍ତୁ ଆନ୍ତର୍ଜାତୀୟ ଆଇନ୍ ଦୃଷ୍ଟିରେ ଏମାନେ ସମସ୍ତେ ସମାନ କାରଣ ଏମାନେ ସାର୍ବଭୌମ୍ୟ ସମାନତା (Sovereign equality)

ନୀତି ଦ୍ୱାରା ପରିଚାଳିତ । ବିଶାଳ ପରିସୀମା ଶକ୍ତି, କ୍ଷମତା ଓ ନିରାପତ୍ତା ଓ ସମ୍ବଳ ଦୃଷ୍ଟିରୁ ଅଧିକ ସୁଦୃଢ଼ ହୋଇଥାଏ କିନ୍ତୁ କ୍ଷୁଦ୍ର ରାଷ୍ଟ୍ରଗୁଡ଼ିକ ସୁଶାସନ ପାଇଁ ଅନୁକୂଳ ।

### ୧.୨.୩. ସରକାର (Government) :

ରାଷ୍ଟ୍ରର ଇଚ୍ଛା ପରିପ୍ରକାଶ ପାଇଁ ଓ ତା'ର ଲକ୍ଷ୍ୟ ସାଧନ ପାଇଁ ସରକାର ହେଉଛି ରାଷ୍ଟ୍ରର ଅନ୍ୟତମ ଅତ୍ୟାବଶ୍ୟକୀୟ ଉପାଦାନ । ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ଅଧିବାସୀ ଥିଲେ ମଧ ରାଜନୈତିକ ସଂଗଠନ ବିନା ରାଷ୍ଟ୍ରର ସୃଷ୍ଟି ହୋଇପାରେ ନାହିଁ । ସରକାର ହେଉଛି ରାଷ୍ଟ୍ରର ରାଜନୈତିକ ସଂଗଠନ ଯାହା ବିନା ରାଷ୍ଟ୍ର ଗଠନ ଅସମ୍ଭବ । ଏହା ରାଷ୍ଟ୍ରର ଇଂଜିନ୍ ବା କଳ (Machinery) । ଗାର୍ଣ୍ଣରଙ୍କ ଭାଷାରେ, "ଏହା ଏକ ଯନ୍ତ୍ରସମୂହ ଯାହା ମାଧମରେ ସାମୂହିକ ନୀତି ନିର୍ଦ୍ଧାରଣ ହୁଏ, ସାମୂହିକ ବ୍ୟାପାର ପରିଚାଳିତ ହୁଏ ଏବଂ ସାମୂହିକ ସ୍ୱାର୍ଥର ଉନ୍ନତି ହୁଏ । ଏହା ରାଷ୍ଟ୍ରକୁ ବାସ୍ତବ ରୂପ ଦେଇଥାଏ ଏବଂ ଜନସାଧାରଣଙ୍କ ଇଚ୍ଛା ଜାଗ୍ରତ ଓ ପ୍ରକାଶ କରି ତାହାକୁ କାର୍ଯ୍ୟରେ ରୂପାନ୍ତରିତ କରାଇଥାଏ । ରାଷ୍ଟ୍ରର ସାର୍ବଭୌମ କ୍ଷମତା ସରକାରଙ୍କ ଦ୍ୱାରା ହିଁ କାର୍ଯ୍ୟକାରୀ ହୋଇଥାଏ । ଏଣୁ ସରକାରକୁ ରାଷ୍ଟ୍ରର ଚକ୍ଷୁ, କର୍ଣ୍ଣ, ମୁଖ ଓ ମସ୍ତିଷ୍କ କୁହାଯାଏ । ସରକାର ବିନା ରାଷ୍ଟ୍ରରେ ଅରାଜକତା ସୃଷ୍ଟି ହେବ । ସରକାର ହିଁ ରାଷ୍ଟ୍ର ମଧରେ ଆଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ରକ୍ଷା କରେ ଓ ବହିଃଆକ୍ରମଣରୁ ଏହାକୁ ସୁରକ୍ଷା ଦିଏ ।

ସରକାରର ତିନୋଟି ଅଙ୍ଗ ଅଛି ଯଥା : ବ୍ୟବସ୍ଥାପିକା (Legislature), କାର୍ଯ୍ୟପାଳିକା (Executive), ଏବଂ ନ୍ୟାୟପାଳିକା (Judiciary) । ବ୍ୟବସ୍ଥାପିକା ଆଇନ୍ ପ୍ରଣୟନ କରେ । କାର୍ଯ୍ୟପାଳିକା ସେହି ଆଇନ୍‌କୁ କାର୍ଯ୍ୟକାରୀ କରେ ଓ ପ୍ରଣୀତ ଆଇନ୍ ବା ତା'ର କାର୍ଯ୍ୟକାରିତା ବିଷୟରେ କୌଣସି ବିବାଦ ଉପୁଜିଲେ ତାହାର ବିଚାର କରିଥାଏ । ନ୍ୟାୟପାଳିକା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମ୍ବିଧାନର ସୁରକ୍ଷା ଓ ତର୍ଜମା କରିବା ସହ ନାଗରିକମାନଙ୍କର ମୌଳିକ ଅଧିକାରର ସୁରକ୍ଷା ପ୍ରଦାନ କରିଥାଏ । ସଂଗଠନ ଓ ପ୍ରକୃତି ଦୃଷ୍ଟିରୁ ସରକାର ବିଭିନ୍ନ ରୂପର ହୋଇଥାଏ, ଯଥା : ରାଜତନ୍ତ୍ର, ଗଣତନ୍ତ୍ର, ଏକଛତ୍ରବାଦ ଇତ୍ୟାଦି । ରାଷ୍ଟ୍ର ଗଠନ ପାଇଁ ସରକାରର କୌଣସି ନିର୍ଦ୍ଦିଷ୍ଟ ରୂପର ବ୍ୟବସ୍ଥା ନାହିଁ । ଏହା ଯେ କୌଣସି ରୂପର ହୋଇପାରେ ।

### ୧.୨.୪. ସାର୍ବଭୌମତ୍ୱ (Soverignty) :

ସାର୍ବଭୌମତ୍ୱ ହେଉଛି ରାଷ୍ଟ୍ରର ସର୍ବଶ୍ରେଷ୍ଠ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ଯାହା ରାଷ୍ଟ୍ରର ଜୀବନୀଶକ୍ତି ଓ ଯାହା ରାଷ୍ଟ୍ରକୁ ଅନ୍ୟ ସମସ୍ତ ସଂଗଠାରୁ ପୃଥକ୍ କରିଥାଏ । ସାର୍ବଭୌମତ୍ୱ ଲାଟିନ୍ ଶବ୍ଦ 'ସୁପରାନସ' (Superanus) ରୁ ଆସିଛି ଯାହାର ଅର୍ଥ ହେଉଛି ସର୍ବୋଚ୍ଚ କ୍ଷମତା । କେବଳ ରାଷ୍ଟ୍ରର ଏହି ସର୍ବୋଚ୍ଚ କ୍ଷମତା ଥାଏ; ଯାହା ରାଷ୍ଟ୍ରର ନିରଙ୍କୁଶ ସ୍ୱାଧୀନତାକୁ ସୂଚିତ କରେ । ଏକ ସଂଗଠିତ ମାନବ ଗୋଷ୍ଠୀର ନିର୍ଦ୍ଦିଷ୍ଟ ଭୂଖଣ୍ଡ ଓ ସରକାର ଥାଇ ସାର୍ବଭୌମତ୍ୱ ନ ଥିଲେ ତାହା ରାଷ୍ଟ୍ର ପଦବାଚ୍ୟ ହୋଇ ପାରି ନଥାଏ ।

ସାର୍ବଭୌମତ୍ୱର ଦୁଇଟି ଦିଗ ଅଛି, ଯଥା – ଆଭ୍ୟନ୍ତରୀଣ ସାର୍ବଭୌମତ୍ୱ (Internal sovereignty) ଓ ବାହ୍ୟ ସାର୍ବଭୌମତ୍ୱ (External sovereignty) । ଆଭ୍ୟନ୍ତରୀଣ ସାର୍ବଭୌମତ୍ୱ କହିଲେ ରାଷ୍ଟ୍ର ନିଜର ଭୂଖଣ୍ଡ ମଧରେ ଥିବା ସମସ୍ତ ବ୍ୟକ୍ତି, ନାଗରିକ, ସଂଗଠନ ବା ଅନୁଷ୍ଠାନ ଉପରେ ସର୍ବୋଚ୍ଚ କ୍ଷମତା ଜାରି କରି ପାରିବ । ଏହା ନିରଙ୍କୁଶ (absolute) ଓ ସର୍ବବ୍ୟାପକ (all comprehensive) । ଏହାର ଆଦେଶ ସମସ୍ତେ ମାନିବାକୁ ବାଧ ଏବଂ ରାଷ୍ଟ୍ର ଆଇନ୍ ଅମାନ୍ୟକାରୀଙ୍କୁ ଦଣ୍ଡିତ କରି ପାରିବ । ବାହ୍ୟ ସାର୍ବଭୌମତ୍ୱର ଅର୍ଥ ହେଉଛି ରାଷ୍ଟ୍ର ଅନ୍ୟ ସମସ୍ତ ରାଷ୍ଟ୍ର, ଆନ୍ତର୍ଜାତୀୟ ସଂଗଠନ ଓ ବହିଃ ଚାପରୁ ମୁକ୍ତ । ସେମାନେ ରାଷ୍ଟ୍ର ଉପରେ ନିଜର ନିଷ୍ପତ୍ତି ବା ଇଚ୍ଛାକୁ ଲଦି ଦେଇ ପାରିବେ ନାହିଁ । ରାଷ୍ଟ୍ର ଅନ୍ୟ କୌଣସି ରାଷ୍ଟ୍ରର ହସ୍ତକ୍ଷେପକୁ ବରଦାସ୍ତ କରିବ ନାହିଁ । ସାର୍ବଭୌମତ୍ୱ ରାଷ୍ଟ୍ର ପରିଚୟର ମୁଖ୍ୟ ବୈଶିଷ୍ଟ୍ୟ ବା ଉପାଦାନ ।

**୨.୨.୫. ଆନ୍ତର୍ଜାତିକ ସ୍ୱୀକୃତି (International Recognition) :**

ଆଧୁନିକ ଯୁଗରେ ଜଗତିକରଣ ବ୍ୟବସ୍ଥାରେ ପ୍ରତ୍ୟେକ ରାଷ୍ଟ୍ର ଅନ୍ୟ ଉପରେ ବିଭିନ୍ନ କାରଣରୁ ନିର୍ଭରଶୀଳ । ଗୋଟିଏ ରାଷ୍ଟ୍ରର ସ୍ଥିତି ଓ ସାର୍ବଭୌମତ୍ୱକୁ ଅନ୍ୟ ରାଷ୍ଟ୍ରମାନେ ସ୍ୱୀକାର କରିବାକୁ ଆନ୍ତର୍ଜାତିକ ସ୍ୱୀକୃତି କୁହାଯାଏ । ଏହି ସ୍ୱୀକୃତି ଦ୍ୱାରା ସଂପୃକ୍ତ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ଓ ଅନ୍ତର୍ଜାତିକ ଅନୁଷ୍ଠାନ ପରିପ୍ରେକ୍ଷୀରେ କେତେକ ଅଧିକାର ହାସଲ କରିବା ସହ କେତେକ କର୍ତ୍ତବ୍ୟର ଭାର ବହନ କରେ । କୌଣସି ରାଷ୍ଟ୍ର ମିଳିତ ଜାତିସଂଘ (United Nations) ର ସଭ୍ୟପଦ ପାଇଁ ଆନ୍ତର୍ଜାତୀକ ସ୍ୱୀକୃତି ନିତ୍ୟାନ୍ତ ଆବଶ୍ୟକ କରେ । ଯଦିଓ ଆନ୍ତର୍ଜାତୀୟ ସ୍ୱୀକୃତିର ଆବଶ୍ୟକତା ରହିଛି, ତଥାପି ସବୁ କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଇନାହିଁ । ସେଥିପାଇଁ ରାଷ୍ଟ୍ରର ଏହି ଉପାଦାନ ଏକ ଦୁର୍ବଳ ଉପାଦାନ ବୋଲି କୁହାଯାଏ । ମିଳିତ ଜାତିସଂଘ ସାର୍ବଭୌମ ରାଷ୍ଟ୍ରମାନଙ୍କରଏକ ହାଲୁକା ସଂଘ ।

**ସଂଘୀୟ ରାଷ୍ଟ୍ରର ଏକକମାନେ ରାଷ୍ଟ୍ର କି ? (Are the units of federation states ?) :**

ସଂଘୀୟ ରାଷ୍ଟ୍ରର ଏକକକୁ ବା ପ୍ରଦେଶ (province)ମାନଙ୍କୁ ରାଷ୍ଟ୍ର କୁହାଯାଇ ପାରିବ କି ? ଉଦାହରଣ ସ୍ୱରୂପ ସଂଘୀୟ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକା ଓ ଭାରତର ରାଜନୈତିକ ଏକକ (Political units) ଗୁଡ଼ିକୁ ଇଂରାଜୀରେ ଷ୍ଟେଟ୍ (State) କୁହାଯାଏ । କିନ୍ତୁ ଏ ଗୁଡ଼ିକ ରାଜନୀତି ବିଜ୍ଞାନରେ ଷ୍ଟେଟ୍ (State) କହିଲେ ଯାହା ବୁଝାଏ,ତାହା ନୁହଁନ୍ତି, କାରଣ ଏହି ପ୍ରଦେଶମାନଙ୍କର ଜନସଂଖ୍ୟା, ଭୂଖଣ୍ଡ ଓ ସରକାର ରହିଛି, ମାତ୍ର ଏମାନଙ୍କର ସାର୍ବଭୌମତ୍ୱ ନାହିଁ । ଏଠାରେ ସାର୍ବଭୌମତ୍ୱ ମୁଖ୍ୟତଃ କେନ୍ଦ୍ର ସ୍ତରରେ ସୀମାବଦ୍ଧ । ତେଣୁ ଓଡ଼ିଶା, ବିହାର, ମହାରାଷ୍ଟ୍ର, ପଞ୍ଜାବ ଆଦି ଭାରତୀୟ ରାଜ୍ୟମାନଙ୍କୁ ରାଷ୍ଟ୍ର କୁହାଯାଇ ପାରିବ ନାହିଁ । ସେମାନଙ୍କୁ 'State' (ରାଜ୍ୟ) ର ମର୍ଯ୍ୟାଦା ସୌଜନ୍ୟ ଦୃଷ୍ଟିରୁ ପ୍ରଦାନ କରାଯାଇଛି । ସୁଇଜରଲ୍ୟାଣ୍ଡରେ ଏହି ପ୍ରଦେଶଗୁଡ଼ିକୁ କାଣ୍ଟନ୍ (Canton) କୁହାଯାଏ । ସାର୍ବଭୌମତ୍ୱର ଅଭାବରୁ ଏମାନଙ୍କୁ ରାଷ୍ଟ୍ର (State) କୁହାଯିବ ନାହିଁ ।

**୨.୩. ରାଷ୍ଟ୍ରର ଆବଶ୍ୟକତା (Necessity of the State) :**

ରାଷ୍ଟ୍ର ଓ ବ୍ୟକ୍ତି ପରସ୍ପର ପରିପୂରକ । ରାଷ୍ଟ୍ର ସହିତ ବ୍ୟକ୍ତିର ଜୀବନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ବ୍ୟକ୍ତିକୁ ନେଇ ରାଷ୍ଟ୍ର ଗଠିତ ଓ ରାଷ୍ଟ୍ର ମଧ୍ୟରେ ବ୍ୟକ୍ତିର ବ୍ୟକ୍ତିତ୍ୱ ତଥା ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୋଇଥାଏ । ତେଣୁ ରାଷ୍ଟ୍ର ବିନା ବ୍ୟକ୍ତି ଜୀବନ ଦୁର୍ବିସହ ହୋଇଯିବ । ମନୁଷ୍ୟର ସାମାଜିକ ଓ ସ୍ୱାଭାବିକ ପ୍ରକୃତିରୁ ରାଷ୍ଟ୍ର ସୃଷ୍ଟି ହୋଇଛି । ତେଣୁ ରାଷ୍ଟ୍ର ଏକ ଉପାଦେୟ ଓ ଆବଶ୍ୟକ ଅନୁଷ୍ଠାନ । ଆଧୁନିକ ରାଷ୍ଟ୍ର ଏକ ଜନମଙ୍ଗଳ ରାଷ୍ଟ୍ର ହୋଇଥିବାରୁ ବ୍ୟକ୍ତିର ଜ୍ଞାତସାରରେ ବା ଅଜ୍ଞାତସାରରେ ତାହାର ସର୍ବବିଧ କାର୍ଯ୍ୟ ଓ ପରିସରକୁ ସ୍ପର୍ଶ କରେ । ବ୍ୟକ୍ତିବାଦ (Individualism) ର ପ୍ରବକ୍ତାମାନେ ରାଷ୍ଟ୍ରକୁ ଏକ ମନ୍ଦ ଅନୁଷ୍ଠାନ ବୋଲି କହୁଥିଲେ ମଧ୍ୟ ଏହା ଆବଶ୍ୟକ ବୋଲି ଗ୍ରହଣ କରି ନେଇଛନ୍ତି । ସମାଜବାଦ (Socialism)ର ପ୍ରବକ୍ତାମାନେ ରାଷ୍ଟ୍ରର କ୍ଷମତା ଓ ନିୟନ୍ତ୍ରଣ ଶକ୍ତି ବୃଦ୍ଧି କରିବା ସପକ୍ଷରେ ମତ ଦେଇଛନ୍ତି । ବାସ୍ତବରେ ଆଜିର ଜନମଙ୍ଗଳ ରାଷ୍ଟ୍ର ବ୍ୟକ୍ତିର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯତ୍ନ ନେଉଛି । ବ୍ୟକ୍ତିକୁ ରାଷ୍ଟ୍ର ସମସ୍ତ ସୁବିଧା ଓ ସୁଯୋଗ ଯୋଗାଇ ଦେଇ ଏକ ସମୃଦ୍ଧମୟ ଜୀବନ ଯାପନ ପାଇଁ ସହାୟକ ହେଉଛି । ତେବେ ରାଷ୍ଟ୍ରର ଆବଶ୍ୟକତା ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

**୨.୩.୧. ମଣିଷର ସ୍ୱଭାବ (Human nature) :**

ମଣିଷ ଜୀବନର ପ୍ରୟୋଜନ ପାଇଁ ରାଷ୍ଟ୍ର ସୃଷ୍ଟି ହୁଏ । ଆରିଷ୍ଟୋଟଲ୍‌ଙ୍କ ମତରେ ମଣିଷ ସ୍ୱଭାବତଃ ଏକ ରାଜନୈତିକ ପ୍ରାଣୀ । ତାଙ୍କ ମତରେ ଜୀବନର ଆବଶ୍ୟକତା ପାଇଁ ରାଷ୍ଟ୍ର ସୃଷ୍ଟି ହୁଏ, କିନ୍ତୁ ଉତ୍ତମ ଜୀବନ ପାଇଁ ଏହା ତିଷ୍ଠି ରହେ । ବ୍ୟକ୍ତି ଜୀବନର ଅର୍ଥ ଓ ଗୁରୁତ୍ୱ ରାଷ୍ଟ୍ର ମାଧ୍ୟମରେ ଉପଲବ୍ଧି ହୋଇଥାଏ । ରାଷ୍ଟ୍ର ଏକ ନୈତିକ ଓ ଆଦର୍ଶ ଅନୁଷ୍ଠାନ । ଆରିଷ୍ଟୋଟଲ୍‌ଙ୍କ

ଏହି ମତ ସହ ଜର୍ମାନର ଦାର୍ଶନିକ ହିଗେଲ (Hegel) ମଧ୍ୟ ଏକମତ ହୋଇଥିଲେ । କେବଳ ଆରିଷ୍ଟୋଟଲ୍ ରାଷ୍ଟ୍ରକୁ ଏକ ସ୍ୱାଭାବିକ ଓ କ୍ରମବିକଶିତ ଅନୁଷ୍ଠାନ କହିଥିବାବେଳେ ହିଗେଲ୍ ଏହାକୁ ପୃଥିବୀରେ ଈଶ୍ୱରଙ୍କ ସୃଷ୍ଟି ବୋଲି ବର୍ଣ୍ଣନା କରିଥିଲେ । ଯେହେତୁ ମଣିଷ ସ୍ୱଭାବତଃ ଈଶ୍ୱର ବିଶ୍ୱାସୀ, ତେଣୁ ହିଗେଲଙ୍କର ଏହି ମତ ରାଷ୍ଟ୍ରର ଉତ୍ପତ୍ତିର ଅନ୍ୟ ଏକ ଧାରଣା । ରାଷ୍ଟ୍ରର ଉତ୍ପତ୍ତି ସମ୍ବନ୍ଧୀୟ ତତ୍ତ୍ୱ ରୂପେ ବିବର୍ତ୍ତନବାଦୀ ମାନେ ଏହି ଉଭୟ ଦିଗକୁ ଗ୍ରହଣ କରନ୍ତି ।

**୨.୩.୨. ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ (Development of individual personality) :**

ମଣିଷର ଅନ୍ତର୍ନିହିତ ଗୁଣର ବିକାଶ ସହିତ ତାକୁ ଏକ ସୁସ୍ଥ ସାମାଜିକ ପ୍ରାଣୀ ଭାବରେ ପ୍ରତିଷ୍ଠା କରାଇବା ପାଇଁ ଯେଉଁ ସୁବିଧା, ସୁଯୋଗ ଓ ପରିବେଶର ଆବଶ୍ୟକତା ଥାଏ, ତାହା ରାଷ୍ଟ୍ର ହିଁ ଯୋଗାଇଥାଏ ।

**୨.୩.୩. ଶାନ୍ତି ଶୃଙ୍ଖଳା ରକ୍ଷା ଓ ନିରାପତ୍ତା (Maintenance of peace and security) :**

ନିଜର ଜୀବନର ସୁରକ୍ଷା ଓ ଏକ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବା ପ୍ରତ୍ୟେକ ମଣିଷର କାମ୍ୟ । ବ୍ୟକ୍ତିର ଧନ, ଜୀବନ, ପରିବାର, ସମ୍ପତ୍ତି, ଅଧିକାର ଓ ସ୍ୱାଧୀନତାର ସୁରକ୍ଷା ପାଇଁ ରାଷ୍ଟ୍ର ଭଳି ଏକ କ୍ଷମତାସମ୍ପନ୍ନ ଅନୁଷ୍ଠାନର ଏକାନ୍ତ ଆବଶ୍ୟକତା ରହିଛି । ବ୍ୟକ୍ତିର ଏକ ସୁଖମୟ ଜୀବନଯାପନ ପାଇଁ ରାଷ୍ଟ୍ର ସର୍ବଦା ଚେଷ୍ଟା କରେ ଓ ବିଭିନ୍ନ ପଦକ୍ଷେପ ନେଇଥାଏ । ନିଜର ଜନସାଧାରଣଙ୍କୁ ରାଷ୍ଟ୍ର ଆଭ୍ୟନ୍ତରୀଣ ତଥା ବହିଃ ଶତ୍ରୁ ଆକ୍ରମଣରୁ ରକ୍ଷା କରିଥାଏ । ଏହା ସୁରକ୍ଷା ଓ ନିରାପତ୍ତା ଯୋଗାଇଦେବା ସହ ନାଗରିକମାନଙ୍କର ସାମୂହିକ ସ୍ୱାର୍ଥର ଉନ୍ନତି ପାଇଁ କାର୍ଯ୍ୟ କରିଥାଏ ।

**୨.୩.୪ ସାମାଜିକ ଅନୁଷ୍ଠାନର ସୁରକ୍ଷା (Protection of social institutions) :**

ସମ୍ପ୍ରତି ଜନସଂଖ୍ୟା ବୃଦ୍ଧି ଓ ସମାଜର ସମ୍ପ୍ରସାରଣ ଫଳରେ ବିଭିନ୍ନ ପ୍ରକାର ସାମାଜିକ, ଧାର୍ମିକ, ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଏହା ସହିତ ବିଭିନ୍ନ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି । ସମାଜର ଜଟିଳତା, ବିଶୃଙ୍ଖଳା ଓ ବିବାଦର ସମାଧାନ ପାଇଁ ରାଷ୍ଟ୍ର ଭଳି ଅନୁଷ୍ଠାନର ଆବଶ୍ୟକତା ରହିଛି । ରାଷ୍ଟ୍ର ସାମାଜିକ ବ୍ୟବସ୍ଥା ଏବଂ ସମ୍ପର୍କକୁ ସୁଦୃଢ଼ କରେ ଏବଂ ଏକ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବାତାବରଣ ସୃଷ୍ଟି କରେ । ଏହା ସହିତ ଏକ ସୁସ୍ଥ ସାମାଜିକ ଜୀବନଯାପନର ସୁରକ୍ଷା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ କରେ ।

**୨.୩.୫ ବିକାଶ ଓ ଜନକଲ୍ୟାଣ (Development and Public Welfare):**

ସମାଜର ଉନ୍ନତି ଓ ବ୍ୟକ୍ତିର ସର୍ବବିଧ କଲ୍ୟାଣ ପାଇଁ ରାଷ୍ଟ୍ର ଏକାନ୍ତ ଆବଶ୍ୟକ । କାରଣ ବ୍ୟକ୍ତି ନିଜ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା, ସୁଯୋଗ ଓ ପରିବେଶ ସୃଷ୍ଟି କରିବା ସମ୍ଭବ ନୁହେଁ । ବହୁ ଗବେଷଣାତ୍ମକ ଚିନ୍ତାଧାରା, ଉଚ୍ଚ ବୈଜ୍ଞାନିକ ଓ କାରିଗରୀ ଜ୍ଞାନ କୌଶଳ ଦ୍ୱାରା ମଣିଷର ବିକାଶ ସହଜରେ ହୁଏ । ଉଦାହରଣ ସ୍ୱରୂପ ଦୂର ସ୍ଥାନକୁ ରେଳ ଯୋଗାଯୋଗ, ଦୂରସଂଚାର, ଦୂରଦର୍ଶନ, ପାଣିପାଗର ପୂର୍ବସୂଚନା, ଜଳପଥ ଓ ଆକାଶପଥରେ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ତଥା ମହାକାଶକୁ ଉପଗ୍ରହ ପ୍ରେରଣ ଆଦି କେବଳ ରାଷ୍ଟ୍ର ହିଁ କରିପାରେ । ରାଷ୍ଟ୍ର ସମାଜରେ ଆଇନ୍ ଶୃଙ୍ଖଳା ରକ୍ଷା କରିବା ସହିତ ଏକ ଜନମଙ୍ଗଳକାରୀ ଅନୁଷ୍ଠାନ ଭାବରେ ବ୍ୟକ୍ତିର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯତ୍ନ ନେଇଥାଏ । ଏହା ଦୁର୍ବଳ ଓ ଅନୁନ୍ନତ ବର୍ଗର ଲୋକଙ୍କର ଉନ୍ନତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାଏ ।

**୨.୩.୬. ନ୍ୟାୟ ପ୍ରତିଷ୍ଠା (Establishment of Justice) :**

ଏକ ସୁସ୍ଥ ରାଷ୍ଟ୍ରର ପରିଚାଳନା ପାଇଁ ସମାଜରେ ନ୍ୟାୟ ପ୍ରତିଷ୍ଠା ଏକାନ୍ତ ଅପରିହାର୍ଯ୍ୟ । ଏହା ନ ହେଲେ ସମାଜରେ ଅନୀତି ଓ ଅରାଜକତା ବୃଦ୍ଧି ପାଇ ଚାଲିବ ଓ ରାଷ୍ଟ୍ର ଭିତରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା କଷ୍ଟକର ହୋଇପଡ଼ିବ । ସମଗ୍ର

ସମାଜର କଲ୍ୟାଣ ପାଇଁ ରାଷ୍ଟ୍ର ନ୍ୟାୟ ପ୍ରଦାନ କରିବାକୁ ଚେଷ୍ଟା କରେ । ଆଇନ୍ ଅମାନ୍ୟକାରୀଙ୍କୁ ଦଣ୍ଡଦେଇ ଏହା ସାମାଜିକ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିଥାଏ ।

**୨.୩.୭. ଚେତନା ଓ ସ୍ୱାଭିମାନ (Consciousness and self-esteem) :**

ବିଭିନ୍ନ ସମୟରେ ବିଭିନ୍ନ ଗୋଷ୍ଠୀର ଜନସମୂହ ନିଜର ଚେତନାର ବିକାଶ ଯୋଗୁଁ ସଂଗଠିତ ହୋଇ ରାଷ୍ଟ୍ର ସୃଷ୍ଟି କରେ । ପ୍ରତ୍ୟେକ ଗୋଷ୍ଠୀ ନିଜର ସ୍ୱାଭିମାନ ଓ ଚେତନାର ସୁରକ୍ଷା ପାଇଁ ସ୍ୱାଧୀନ ଭାବେ ରାଷ୍ଟ୍ରର ଆବଶ୍ୟକତା ଅନୁଭବ କରେ ।

ଉପରୋକ୍ତ ଆଲୋଚନାରୁ ଆମେ ଜାଣିବାକୁ ପାଇଲେ ଯେ ରାଷ୍ଟ୍ର ପ୍ରତ୍ୟେକ ନାଗରିକଙ୍କୁ ଜୀବନଧାରଣର ସର୍ବନିମ୍ନ ମାନ ଓ ସୁଯୋଗର ପ୍ରତିଶ୍ରୁତି ଦେଇଥାଏ ଓ ସମାଜର ବିକାଶ ଓ କଲ୍ୟାଣରେ ସହାୟକ ହୋଇଥାଏ ।

## ୨.୪. ସାରାଂଶ

* ରାଷ୍ଟ୍ର ରାଜନୀତି ଅଧ୍ୟୟନର ମୁଖ୍ୟ ଆଲୋଚ୍ୟ ବସ୍ତୁ ଓ ତାହାର କେନ୍ଦ୍ରବିନ୍ଦୁ ।
* ରାଷ୍ଟ୍ର ସର୍ବୋଚ୍ଚ କ୍ଷମତାଶାଳୀ, ସର୍ବବ୍ୟାପୀ ରାଜନୈତିକ ଅନୁଷ୍ଠାନ ଯାହା ଅନ୍ୟ ସମସ୍ତଙ୍କୁ ସଂଯୋଜିତ ଓ ନିୟନ୍ତ୍ରିତ କରେ ।
* ମଣିଷର ସ୍ୱାଭାବିକ ପ୍ରକୃତିରୁ ହିଁ ରାଷ୍ଟ୍ରର ସୃଷ୍ଟି ହୋଇଛି ।
* ରାଷ୍ଟ୍ର (State) ଷ୍ଟାଟୋସ୍ (Status) ଶବ୍ଦରୁ ଆସିଅଛି । ଆଧୁନିକ ଅର୍ଥରେ ଷୋଡ଼ଶ ଶତାବ୍ଦୀରେ ଇଟାଲୀୟ ଦାର୍ଶନିକ ନିକୋଲୋମାକିଆଭେଲି 'ରାଷ୍ଟ୍ର' ଶବ୍ଦକୁ ପ୍ରଥମେ ବ୍ୟବହାର କରିଥିଲେ ।
* ଯେତେବେଳେ ଜନସମୂହ ସ୍ଥାୟୀ ଭାବରେ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବସବାସ କରନ୍ତି ଓ ବାହ୍ୟ ଶକ୍ତିର ନିୟନ୍ତ୍ରଣରୁ ମୁକ୍ତ ରହି ସୁସଂଗଠିତ ସରକାର ଗଠନ କରି ଶାସନ ବ୍ୟବସ୍ଥାକୁ ନିଜେ ମାନି ଚଳନ୍ତି, ତାହାକୁ ରାଷ୍ଟ୍ର କୁହାଯାଏ ।
* ରାଷ୍ଟ୍ର ଏକ ରାଜନୈତିକ ଅନୁଷ୍ଠାନ ବା ସଂଘ । ଏହାର ଚାରୋଟି ମୁଖ୍ୟ ଉପାଦାନ ହେଉଛି – ଜନସଂଖ୍ୟା, ଭୂଖଣ୍ଡ, ସରକାର ଓ ସାର୍ବଭୌମତ୍ୱ । ଏହା ଛଡ଼ା ଆନ୍ତର୍ଜାତିକ ସ୍ୱୀକୃତି ମଧ୍ୟ ଏହାର ଅନ୍ୟ ଏକ ଉପାଦାନ । ଅବଶ୍ୟ ଏହି ଉପାଦାନକୁ ଏକ ଦୁର୍ବଳ ଉପାଦାନ ବୋଲି ଧରାଯାଏ ।
* ଆନ୍ତର୍ଜାତୀୟ ଆଇନ୍ ଦୃଷ୍ଟିରୁ ସବୁ ରାଷ୍ଟ୍ର ସମାନ ।
* ରାଷ୍ଟ୍ର ଏକ ପ୍ରୟୋଜନୀୟ ତଥା ଉପାଦେୟ ଅନୁଷ୍ଠାନ । ଏହା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶରେ ସାହାଯ୍ୟ କରେ ।
* ମଣିଷର ସ୍ୱଭାବ, ନିରାପତ୍ତା, ସାମାଜିକ ସମସ୍ୟାର ସମାଧାନ, ବିକାଶ ଓ କଲ୍ୟାଣ, ଚେତନା ଓ ସ୍ୱାଭିମାନ ଆଦି କାରଣଗୁଡ଼ିକ ପାଇଁ ରାଷ୍ଟ୍ରର ପ୍ରୟୋଜନ ଅନୁଭୂତ ହୋଇଥାଏ ।

**୨.୫. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶିଳନୀ :**

୧. ରାଷ୍ଟ୍ର କାହାକୁ କହନ୍ତି ? ଏହାର ଅର୍ଥ ଓ ପ୍ରୟୋଜନ ଆଲୋଚନା କର ।

୨. ରାଷ୍ଟ୍ରର ସଂଜ୍ଞା ଲେଖ ଓ ଏହାର ଉପାଦାନଗୁଡ଼ିକ ଆଲୋଚନା କର ।

**୨.୬. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶିଳନୀର ଉତ୍ତର ।**

୧. ଅନୁଚ୍ଛେଦ ୨.୧, ୨.୩ ପାଠ କରନ୍ତୁ ।

୨. ଅନୁଚ୍ଛେଦ ୨.୧.୧, ୨.୨. ପାଠ କରନ୍ତୁ ।

❖❖❖

# ତୃତୀୟ ଅଧ୍ୟାୟ
# ରାଷ୍ଟ୍ର କାର୍ଯ୍ୟର ପ୍ରକୃତି
## ୧. ବ୍ୟକ୍ତିବାଦ
## (INDIVIDUALISM)

**ସଂରଚନା :**


| | |
|---|---|
| ୩ | - ଉଦ୍ଦେଶ୍ୟ |
| ୩.୧ | - ବ୍ୟକ୍ତିବାଦର ଅର୍ଥ |
| ୩.୨ | - ବ୍ୟକ୍ତିବାଦର ପୃଷ୍ଠଭୂମି |
| ୩.୩ | - ବ୍ୟକ୍ତିବାଦର ମୂଲ୍ୟାୟନ |
| ୩.୪ - | ଆଧୁନିକ ବ୍ୟକ୍ତିବାଦ |
| ୩.୫ - | ସାରାଂଶ |
| ୩.୬- | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୩.୭- | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |


**୩. ଉଦ୍ଦେଶ୍ୟ :**

ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ

* ବ୍ୟକ୍ତିବାଦର ଅର୍ଥ ଓ ରାଷ୍ଟ୍ରର କାର୍ଯ୍ୟ ପରିସର ବିଷୟରେ ଜାଣି ପାରିବେ ।
* ବ୍ୟକ୍ତିବାଦର ପୃଷ୍ଠଭୂମି ଓ ମୂଲ୍ୟାୟନ ବିଷୟରେ ଅବଗତ ହୋଇପାରିବେ ।
* ଆଧୁନିକ ବ୍ୟକ୍ତିବାଦ କ'ଣ, ତାହା ଜାଣିପାରିବେ ।

**୩.୧ - ବ୍ୟକ୍ତିବାଦର ଅର୍ଥ (Meaning of Individualism) :**

ରାଷ୍ଟ୍ର ଏକ ସାର୍ବଜନୀନ, ସାମାଜିକ ଓ ରାଜନୈତିକ ଅନୁଷ୍ଠାନ । ମଣିଷର ଉତ୍ତମ ଜୀବନଧାରଣ ପାଇଁ ଏହାର ସ୍ଥିତି ଅନିବାର୍ଯ୍ୟ । ଆଧୁନିକ ଯୁଗରେ ରାଷ୍ଟ୍ର ଏକ ଆବଶ୍ୟକୀୟ ଅନୁଷ୍ଠାନ ରୂପେ ତା'ର କାର୍ଯ୍ୟକଳାପ ଦ୍ୱାରା ବ୍ୟକ୍ତି ଜୀବନକୁ ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ସ୍ପର୍ଶ କରିଥାଏ । ବାସ୍ତବରେ ରାଷ୍ଟ୍ରର କାର୍ଯ୍ୟ ପରିସର କ'ଣ ହେବା

ଉଚିତ୍ - ଏ ବିଷୟରେ ରାଜନୀତି ବିଜ୍ଞାନର ବିଶାରଦମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଯାଏ । ସେଗୁଡ଼ିକ ହେଲା - (୧) ବ୍ୟକ୍ତିବାଦ, (୨) ସମାଜବାଦ, (୩) ଜନମଙ୍ଗଳ ରାଷ୍ଟ୍ର ଓ (୪) ଜଗତୀକରଣ । ଏହା ଛଡ଼ା ସାମ୍ୟବାଦ ଓ ଆଦର୍ଶବାଦ ଆଦି ମତବାଦ ମଧ୍ୟ ରହିଛି ।

ଅର୍ଥ : ବ୍ୟକ୍ତିବାଦ ସିଦ୍ଧାନ୍ତ ରାଷ୍ଟ୍ରର କାର୍ଯ୍ୟ ପରିସର ନିର୍ଦ୍ଧାରଣ କରିବା ପାଇଁ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଏକ ଉଦାର ମତବାଦ ରୂପେ ଆରମ୍ଭ ହୋଇଛି । ଏହି ତତ୍ତ୍ୱ ବ୍ୟକ୍ତିକୁ ସର୍ବାଧିକ ମୂଲ୍ୟ ଓ ଗୁରୁତ୍ୱ ପ୍ରଦାନ କରେ । ଏହା ବ୍ୟକ୍ତି ସ୍ୱାଧୀନତା ଓ ମାନବିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଏକ ସାମାଜିକ ଓ ରାଜନୈତିକ ସିଦ୍ଧାନ୍ତ । ବ୍ୟକ୍ତି ନିଜେ ହିଁ ନିଜର ନିୟନ୍ତ୍ରକ । ସେ ତାହାର ଭାଗ୍ୟ ଓ ଭବିଷ୍ୟତର ଶ୍ରେଷ୍ଠ ବିଚାରକ । ବ୍ୟକ୍ତିର ସ୍ୱାଧୀନତା ଓ ଅଧିକାରରେ ରାଷ୍ଟ୍ରର ହସ୍ତକ୍ଷେପକୁ ଏହି ତତ୍ତ୍ୱ ପସନ୍ଦ କରେ ନାହିଁ, ତେଣୁ ଏହା ରାଷ୍ଟ୍ରର କାର୍ଯ୍ୟକଳାପକୁ ସୀମିତ କରିଥାଏ । ଏହି ପାରମ୍ପରିକ ବ୍ୟକ୍ତିବାଦ ବିଶ୍ୱାସ କରେ ଯେ, ତା'ର ଶରୀର, ମନ, ସମ୍ପତ୍ତି ଉପରେ ବ୍ୟକ୍ତି ନିଜେ ହିଁ ସର୍ବେସର୍ବା । ସମାଜରେ ନାଗରିକମାନଙ୍କୁ ଅବାଧ ସ୍ୱାଧୀନତା ଦିଆଗଲେ ସମାଜର ସାମୂହିକ ଓ ସାମଗ୍ରିକ ଉନ୍ନତି ସାଧନ ହୋଇପାରିବ ।

୩.୧.୧ ବ୍ୟକ୍ତିବାଦ ଅନୁସାରେ ରାଷ୍ଟ୍ର ଏକ ଆବଶ୍ୟକୀୟ ମନ୍ଦ ଅନୁଷ୍ଠାନ (State is a necessary evil) : ଏହା ମନ୍ଦ କାରଣ ଏହା ବ୍ୟକ୍ତି ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିଥାଏ ଓ ବ୍ୟକ୍ତିର ଅଧିକାର ଓ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରେ । ଏହା ବ୍ୟକ୍ତିର ସାର୍ବଭୌମତ୍ୱ ଉପରେ ଅଙ୍କୁଶ ଲଗାଇଥାଏ । କିନ୍ତୁ ଏହା ଏକ ଆବଶ୍ୟକୀୟ ଅନୁଷ୍ଠାନ ମଧ୍ୟ, କାରଣ ସମାଜରେ ଆଇନ୍ ଶୃଙ୍ଖଳା ରକ୍ଷା କରିବା ଓ ବ୍ୟକ୍ତିର ଧନ, ଜୀବନର ସୁରକ୍ଷା ପାଇଁ ରାଷ୍ଟ୍ରର ଯଥେଷ୍ଟ ପ୍ରୟୋଜନ ରହିଛି ।

୩.୧.୨. ବ୍ୟକ୍ତିବାଦର ଧାରଣା ହେଉଛି ଯେ, ସେହି ରାଷ୍ଟ୍ର ହେଉଛି ଶ୍ରେଷ୍ଠ ରାଷ୍ଟ୍ର ଯିଏ ସର୍ବନିମ୍ନ ଶାସନ କରେ । (That State is the best which governs the least) । ଏହା ସର୍ବାଧିକ ବ୍ୟକ୍ତି ସ୍ୱାଧୀନତା ଓ ରାଷ୍ଟ୍ରର ସର୍ବନିମ୍ନ କାର୍ଯ୍ୟକଳାପ ସପକ୍ଷରେ ମତ ରଖେ । ଏହା ରାଷ୍ଟ୍ରକୁ ଏକ 'ପୁଲିସ୍-ରାଷ୍ଟ୍ର' (Police-State) ବା ରାତ୍ରି ଜଗୁଆଳିର କାର୍ଯ୍ୟଭାର ଦିଏ । ବ୍ୟକ୍ତିବାଦୀଙ୍କ ମତରେ ପୋଲିସ୍ ପରି ରାଷ୍ଟ୍ର କେତେକ ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପାଦନ କରିବା ଉଚିତ୍ । ଏହା ରାଷ୍ଟ୍ରକୁ କେତେକ ନକାରାତ୍ମକ କାର୍ଯ୍ୟ (Negative Functions) ଦେଇଥାଏ, ଯେପରି କି ବ୍ୟକ୍ତିର ଧନ, ଜୀବନ ଓ ସ୍ୱାଧୀନତାର ସୁରକ୍ଷା, ସମାଜରେ ଆଇନ୍ ଶୃଙ୍ଖଳା ଓ ବାହ୍ୟ ଆକ୍ରମଣରୁ ଲୋକମାନଙ୍କୁ ରକ୍ଷା କରିବା । ଏହା ବ୍ୟତୀତ ରାଷ୍ଟ୍ରର କାର୍ଯ୍ୟକଳାପ ଅଧିକ ହେବା ଉଚିତ୍ ନୁହେଁ ।

୩.୧.୩. ବ୍ୟକ୍ତିବାଦ ତତ୍ତ୍ୱକୁ ଲେସେଫେୟାର (Laissezfaire) ବା 'ସ୍ୱାଚ୍ଛନ୍ଦ୍ୟ ନୀତି' ବା 'ଅବାଧ ନୀତି' ମଧ୍ୟ କୁହାଯାଏ । ଲେସେଫେୟାର ଏକ ଫରାସୀ ବାକ୍ୟାଂଶ (Phrase) ଯାହାର ଅର୍ଥ ହେଉଛି 'ଏକୁଟିଆ ଛାଡ଼ିଦିଅ' (leave alone) ଏବଂ ଏହାର ରାଜନୈତିକ ଅର୍ଥ ହେଉଛି, ରାଷ୍ଟ୍ର ବ୍ୟକ୍ତିର କାର୍ଯ୍ୟକଳାପକୁ ନିୟନ୍ତ୍ରଣ ନ କରି ତାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇ ଏକୁଟିଆ ଛାଡ଼ିଦେଲେ ବ୍ୟକ୍ତି ନିଜର ସାମର୍ଥ୍ୟ ଓ ଶକ୍ତିଦ୍ୱାରା ତା'ର ଲକ୍ଷ୍ୟ ହାସଲ କରିପାରିବ । ବ୍ୟକ୍ତିର ଅର୍ଥନୈତିକ କାର୍ଯ୍ୟରେ ରାଷ୍ଟ୍ରୀୟ ହସ୍ତକ୍ଷେପ ଅସଂଗତ ଓ ଅନାବଶ୍ୟକ ।

୩.୧.୪. ବ୍ୟକ୍ତିବାଦ ଅରାଜକତାବାଦ (Anarchism) ଓ ଫାସିବାଦ (Fascism) ଭଳି ଦୁଇ ଉଗ୍ର ତତ୍ତ୍ୱକୁ ତ୍ୟାଗ କରି ସେମାନଙ୍କ ମଧ୍ୟରେ ଏକ ଆସନ ବାଛି ନେଇଛି (Individualism stands in between Anarchism and Fascism) । କାରଣ ଅରାଜକତାବାଦରେ ରାଷ୍ଟ୍ରର ଆବଶ୍ୟକତା ନାହିଁ ଓ ଫାସିବାଦରେ ବ୍ୟକ୍ତି ରାଷ୍ଟ୍ରର ସମ୍ପୂର୍ଣ୍ଣ ଅନୁବର୍ତ୍ତୀ (Subservient) ହୋଇଥାଏ । ବ୍ୟକ୍ତି ନିଜର ପରିସରରେ ସର୍ବାଧିକ ସ୍ୱାଧୀନତା

ଲାଭ କଲେ ମଧ୍ୟ ଅନ୍ୟର ପରିସରରେ ହସ୍ତକ୍ଷେପ କରି ପାରିବ ନାହିଁ କିମ୍ବା ମନମୁତାବକ କୌଣସି ପଦକ୍ଷେପ ନେଇ ପାରିବ ନାହିଁ । କାରଣ ସେହି ପରିସ୍ଥିତିରେ ରାଷ୍ଟ୍ର ତାକୁ ନିୟନ୍ତ୍ରଣ କରିବ । ପୁନଶ୍ଚ ବ୍ୟକ୍ତିର ଧନ, ଜୀବନ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ତା'ର ନିଜ କ୍ଷେତ୍ରରେ ଯଦି ରାଷ୍ଟ୍ରର ପ୍ରବେଶ ଆବଶ୍ୟକ ହୁଏ, ତେବେ ରାଷ୍ଟ୍ର ନିଜର ମୌଳିକ କର୍ତ୍ତବ୍ୟ ଭାବରେ ତାହା କରି ପାରିବ ।

## ୩.୨ ବ୍ୟକ୍ତିବାଦର ପୃଷ୍ଠଭୂମି (Background of Individualism) :

ରାଷ୍ଟ୍ରର କାର୍ଯ୍ୟ ପରିସର ସମ୍ବନ୍ଧୀୟ ବିଭିନ୍ନ ମତବାଦମାନଙ୍କ ମଧ୍ୟରୁ ବ୍ୟକ୍ତିବାଦ ଅନ୍ୟତମ । ଏହା ପ୍ରଥମେ ଏକ ଅର୍ଥନୈତିକ ତତ୍ତ୍ୱ ଭାବରେ ଜନ୍ମ ନେଇ କ୍ରମଶଃ ଏକ ରାଜନୈତିକ ଓ ସାମାଜିକ ସିଦ୍ଧାନ୍ତ ରୂପେ ବିକଶିତ ହେଲା । ବ୍ୟକ୍ତିବାଦ ଅର୍ଥନୈତିକ ଉଦାରବାଦ (Economic Liberalism) ରୁ ସୃଷ୍ଟି ହୋଇଛି । ସାମନ୍ତବାଦୀ ଚିନ୍ତାଧାରାର ପତନ ପରେ ସପ୍ତଦଶ ଓ ଅଷ୍ଟଦଶ ଶତାବ୍ଦୀର ଆରମ୍ଭରେ ଇଂଲଣ୍ଡ, ଫ୍ରାନ୍ସ ଓ ଜର୍ମାନୀରେ ବାଣିଜ୍ୟ ବ୍ୟବସାୟକୁ ନେଇ ବଣିକବାଦ (Merchantalism) ପ୍ରଚଳିତ ଥିଲା । ଏହି ରାଷ୍ଟ୍ରମାନେ ଜାତୀୟ କ୍ଷମତା ଓ ସମ୍ପତ୍ତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ରପ୍ତାନୀ ବୃଦ୍ଧି କରିବା ତଥା ଆମଦାନୀ ହ୍ରାସ କରିବା ପାଇଁ ଚେଷ୍ଟା କରିଥିଲେ । ଫଳରେ ଏକ ବଜାରଭିତ୍ତିକ ପୁଞ୍ଜିବାଦୀ ସମାଜର ଆବିର୍ଭାବ ହେଲା । ଏହା ସହିତ ବ୍ୟକ୍ତିବାଦ ଚିନ୍ତାଧାରା ଜନ୍ମ ନେଲା । ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ଇଂଲଣ୍ଡରେ ଶିଳ୍ପ-ବିପ୍ଳବ (Industrial Revolution:1760-1830) ଯୋଗୁଁ କଳକାରଖାନା ଉତ୍ପାଦନର କେନ୍ଦ୍ରବିନ୍ଦୁ ପାଲଟିଗଲା ଏବଂ ଭୂମି-ଆଭିଜାତତନ୍ତ୍ର (Landed Aristrocacy) ବ୍ୟବସ୍ଥା ଲୋପ ପାଇଁ ସୃଷ୍ଟି ହେଲା ଏକ ପ୍ରଭାବଶାଳୀ ମଧ୍ୟବିତ୍ତ ଶ୍ରେଣୀ (dominant middle class) । ଏହି ଶ୍ରେଣୀର ସ୍ୱାର୍ଥ ଓ ଆକାଂକ୍ଷା ପୂରଣ ପାଇଁ ସେମାନେ ବଣିକ ରାଷ୍ଟ୍ରର ନିୟନ୍ତ୍ରଣ ଓ କଟକଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଏହା ଫଳରେ ସୃଷ୍ଟି ହେଲା ବ୍ୟକ୍ତିବାଦ ବ୍ୟବସ୍ଥା । ଇଂଲଣ୍ଡର ୧୮୩୨ ମସିହାର ସଂସ୍କାର ଆଇନ୍ (The Reforms Act 1832) ବଣିକବାଦର ବିଲୋପ ଓ ଅବାଧ ନୀତି (Laissez-faire) ର ପ୍ରଚଳନ ପାଇଁ ମତବ୍ୟକ୍ତ କରିଥିଲା । ତେଣୁ ବ୍ୟକ୍ତିବାଦକୁ 'ଲେସେ-ଫେୟାର' (Lassez Faire) ବା ଅବାଧ ନୀତି ମଧ୍ୟ କୁହାଯାଏ । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ବ୍ୟକ୍ତିବାଦ ବିଶେଷ ଭାବେ ବିକଶିତ ହୋଇଥିଲା । ଏହାର ଆଦ୍ୟ ପ୍ରବକ୍ତା ଥିଲେ ଫରାସୀ ଭୌତିକବାଦୀ (French Physiocrats), ଫ୍ରାଙ୍କୋଇସ୍ କ୍ୟୁଏସ୍‌ନେ (Francois Quesnay), ଭିକ୍ଟର ଡି. ରିକ୍ୱେଟି (Victor de Requeti) ଓ ମାରକ୍ୟୁସ୍ ଡି.ମିରାବ୍ୟୁ (Marquis de Mirabeau) । ଏମାନଙ୍କର ମତବାଦକୁ ଇଂଲଣ୍ଡର ରାଜନୈତିକ ଅର୍ଥନୀତିଜ୍ଞ ଆଡାମ ସ୍ମିଥ୍ (Adam Smith), ଡେଭିଡ୍ ରିକାର୍ଡୋ (David Richardo), ଥୋମାସ୍ ମାଲଥସ୍ (Thomas Malthus), ଥୋମାସ୍ ହବସ୍ (Thomas Hobbes), ଜନ ଲକ୍ (John Locke), ଜନ୍ ଷ୍ଟୁଆର୍ଟସ ମିଲ୍ (John Stuarts Mill), ଇଂଲଣ୍ଡର ସମାଜଶାସ୍ତ୍ର ବିଶାରଦ ହରବର୍ଟ ସ୍ପେନ୍‌ସର (Herbert Spencer) ଏବଂ ଭାରତୀୟ ସମାଜ ସଂସ୍କାରକ ଓ ଦାର୍ଶନିକ ମହାଦେଓ ଗୋବିନ୍ଦ ରାନାଡ଼େ (Mahadeo Govind Ranade) । ବିଂଶ ଶତାବ୍ଦୀରେ ବ୍ୟକ୍ତିବାଦର ମୁଖ୍ୟ ସମର୍ଥକ ହେଉଛନ୍ତି ଏଫ୍. ଏ. ହାଏକ୍ (F. A. Hayak) ମିଲଟନ୍ ଫ୍ରିଡ୍‌ମ୍ୟାନ୍ (Milton Freedman) ଏବଂ ରବର୍ଟ ନୋଜିକ୍ (Robert Nozick) ।

## ୩.୩. ବ୍ୟକ୍ତିବାଦର ମୂଲ୍ୟାୟନ (Evaluation of Individualism) :

ବ୍ୟକ୍ତିବାଦର ମୂଲ୍ୟାୟନ ତାହାର ସମର୍ଥକ ଓ ବିରୋଧୀମାନଙ୍କ ଦ୍ୱାରା ଏହାର ସପକ୍ଷରେ ଓ ବିପକ୍ଷରେ ରଖାଯାଇଥିବା ଯୁକ୍ତି ଦ୍ୱାରା ବିଚାର କରାଯାଇପାରେ । ଏହା ନିମ୍ନରେ ଆଲୋଚନା କରାଗଲା :

୩.୩.୧. ବ୍ୟକ୍ତିବାଦର ଯଥାର୍ଥତା (Justification of Individualism) : ବ୍ୟକ୍ତିବାଦ ସପକ୍ଷରେ ଯେଉଁ ଯୁକ୍ତି ବା ଯଥାର୍ଥତା ଉପସ୍ଥାପନା କରାଯାଇଛି ସେଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା:

**(କ) ନୈତିକ ଯଥାର୍ଥତା (Ethical Justification) :**

ବ୍ୟକ୍ତିକୁ ପୂର୍ଣ୍ଣ ସ୍ୱାଧୀନତା ଓ ମୁକ୍ତ ପରିବେଶ ପ୍ରଦାନ କରାଯିବା ଉଚିତ୍, ଯାହା ଦ୍ୱାରା ସେ ନିଜର ପ୍ରତିଭା, ଯୋଗ୍ୟତା ଓ କ୍ଷମତା ତଥା ଦକ୍ଷତାର ପୂର୍ଣ୍ଣ ବିକାଶ ଘଟାଇ ପାରିବ । ବ୍ୟକ୍ତି ନିଜ କ୍ଷମତା ଓ ସ୍ୱାର୍ଥର ଶ୍ରେଷ୍ଠ ବିଚାରକ । ତେଣୁ ତା'ର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଓ ତା'ର ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ବିକାଶ ପାଇଁ ତାକୁ ଏକୁଟିଆ ଛାଡ଼ି ଦିଆଯିବା ଆବଶ୍ୟକ । ରାଷ୍ଟ୍ର ବ୍ୟକ୍ତିର ନିଜସ୍ୱ ବ୍ୟାପାରରେ ହସ୍ତକ୍ଷେପ କରିବା ଦ୍ୱାରା ବ୍ୟକ୍ତିର ମୌଳିକତା, ଆତ୍ମନିର୍ଭରଶୀଳତା ଓ ଇଚ୍ଛା ଦମନ ହୋଇଥାଏ । ତା'ର ଉଦ୍ୟମ ଓ ଆଗ୍ରହ ବିଲୁପ୍ତ ହୁଏ । ତେଣୁ ରାଷ୍ଟ୍ର ବ୍ୟକ୍ତିକୁ ନିଜ କର୍ମ ପରିସରରେ ସ୍ୱାଧୀନତା ଦେବା ଆବଶ୍ୟକ । ମିଲ୍‌ଙ୍କ ମତରେ "ମଣିଷ ନିଜ ଶରୀର, ମନ ଓ ସମ୍ପତ୍ତି ଉପରେ ସାର୍ବଭୌମ" ।

**(ଖ) ଅର୍ଥନୈତିକ ଯଥାର୍ଥତା (Economic Justification) :**

ଆଡାମ୍ ସ୍ମିଥ୍ ବ୍ୟକ୍ତିଗତ ତତ୍ତ୍ୱକୁ ଅର୍ଥନୈତିକ ଦୃଷ୍ଟିରୁ ସମର୍ଥନ କରିଛନ୍ତି । ଅର୍ଥନୀତି କ୍ଷେତ୍ରରେ 'ଅବାଧନୀତି' ପ୍ରୟୋଗକୁ ବ୍ୟକ୍ତିବାଦ ବିଶ୍ୱାସ କରେ । ଅର୍ଥନୈତିକ ବ୍ୟାପାରରେ ରାଷ୍ଟ୍ରର ହସ୍ତକ୍ଷେପ ଆଦୌ ସମୀଚିନ ବା ଗ୍ରହଣୀୟ ନୁହେଁ । ଏହି କ୍ଷେତ୍ରରେ ବ୍ୟକ୍ତିକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବା ଉଚିତ୍ । ମୁକ୍ତ ଅର୍ଥନୀତିରେ ରାଷ୍ଟ୍ରରେ ନିୟନ୍ତ୍ରଣହୀନ ମୁକ୍ତ ବଜାର ପ୍ରତିଷ୍ଠିତ ହୁଏ । ଏଠାରେ ଅବାଧ ପ୍ରତିଯୋଗିତା, ବଜାର ସମ୍ପ୍ରସାରଣ, ଶ୍ରମ ବିଭାଜନ ଯୋଗୁଁ ଉତ୍ପାଦନ ବୃଦ୍ଧି, ଗୁଣାତ୍ମକ ମାନର ଉତ୍ପାଦନ, କାର୍ଯ୍ୟଦକ୍ଷତା ବୃଦ୍ଧି ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଥାଏ । ପ୍ରଚୁର ଲାଭ ଓ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିର ଲୋଭରେ ବ୍ୟକ୍ତି କଠିନ ପରିଶ୍ରମ କରିଥାଏ ଓ ତା'ର ଆତ୍ମନିର୍ଭରଶୀଳତା ବୃଦ୍ଧି ପାଏ । ତେଣୁ ଆର୍ଥିକ କ୍ଷେତ୍ରରେ ବ୍ୟକ୍ତିବାଦ ଉଦାରନୀତି ଗ୍ରହଣ କରେ । ଏହି ଦୃଷ୍ଟିରୁ ବ୍ୟକ୍ତିବାଦର ଅର୍ଥନୈତିକ ଯଥାର୍ଥତା ରହିଛି ।

**(ଗ) ବୈଜ୍ଞାନିକ ଓ ଜୀବାତ୍ମକ ଯଥାର୍ଥତା (Scientific and Biological Justification):**

ଚାର୍ଲସ ଡାରୱିନ (Charles Darwin) ଓ ହର୍ବଟ ସ୍ପେନ୍‌ସର୍ (Herbert Spencer) ଏହି ଯୁକ୍ତିର ସମର୍ଥକ । ଡାରୱିନ୍‌ଙ୍କର ବିବର୍ତ୍ତନବାଦ ତତ୍ତ୍ୱ (Theory of evolution) କୁ ଗ୍ରହଣ କରି ବ୍ୟକ୍ତିବାଦୀମାନେ ବୈଜ୍ଞାନିକ ଯୁକ୍ତିର ଯଥାର୍ଥତା ପ୍ରତିପାଦନ କରିଛନ୍ତି । ତାଙ୍କର ଯୋଗ୍ୟତମର ଉଦ୍‌ବର୍ତ୍ତନ (Survival of the fittest) ନୀତି ଅନୁକରଣ କରି ହର୍ବଟ ସ୍ପେନ୍‌ସର୍ (Herbert Spencer) ବ୍ୟକ୍ତିବାଦ ସପକ୍ଷରେ ବଳିଷ୍ଠ ଯୁକ୍ତି ରଖିଛନ୍ତି । ପ୍ରକୃତିର ନିୟମ ଅନୁସାରେ ଜୀବଜଗତରେ ସର୍ବଦା 'ସ୍ଥିତି ପାଇଁ ସଂଗ୍ରାମ' (Struggle for existence) ଚାଲୁ ରହିଛି ଏବଂ ଯୋଗ୍ୟତମ ବା ବଳବାନ ହିଁ ତିଷ୍ଠି ରହେ (Survival of the fittest) । ସେହିପରି ସମାଜରେ ଯେଉଁ ବ୍ୟକ୍ତିମାନେ ଶ୍ରେଷ୍ଠ ବା ଯୋଗ୍ୟ, କର୍ମଠ ଓ ସବଳ ଏବଂ ପ୍ରତିଭାବାନ ସେହିମାନେ ହିଁ ତିଷ୍ଠି ରହିବେ ଏବଂ ଅଯୋଗ୍ୟ, ଦୁର୍ବଳ ଓ ଅଳସୁଆ ବ୍ୟକ୍ତିମାନେ ଆପେ ଆପେ ନିଶ୍ଚିହ୍ନ ହୋଇଯିବେ । ବୈଜ୍ଞାନିକ ଦୃଷ୍ଟିକୋଣରୁ ବ୍ୟକ୍ତିବାଦର ଯଥାର୍ଥତା ରହିଛି ।

**(ଘ) ରାଜନୈତିକ ଯଥାର୍ଥତା (Political Justification) :**

ବ୍ୟକ୍ତିବାଦର ରାଜନୈତିକ ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ କେତେକ ଦାର୍ଶନିକ ମତ ଦିଅନ୍ତି ଯେ ବ୍ୟକ୍ତି ତା'ର ବ୍ୟକ୍ତିଗତ ଓ ରାଜନୈତିକ ଅଧିକାରଗୁଡ଼ିକୁ ଉପଭୋଗ କରିବା ପାଇଁ ରାଷ୍ଟ୍ରର କାର୍ଯ୍ୟ ପରିସର ସୀମିତ ହେବା ଉଚିତ୍ ।

ରାଷ୍ଟ୍ରର କାର୍ଯ୍ୟ ପରିସର ବୃଦ୍ଧି ହେଲେ ବ୍ୟକ୍ତିର ସ୍ୱାଧୀନତା କମ୍ ବା ସଂକୁଚିତ ହୁଏ । ତେଣୁ ରାଷ୍ଟ୍ର ସାମ୍ବିଧାନିକ ଉପାୟରେ ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା କରିବା ଉଚିତ୍ ।

**(ଙ) ବାସ୍ତବ ବା ବ୍ୟବହାରିକ ଯଥାର୍ଥତା (Practical Justification) :**

ବାସ୍ତବ ବା ବ୍ୟବହାରିକ ଅଭିଜ୍ଞତାରୁ ଜଣାଯାଏ ଯେ, ରାଷ୍ଟ୍ର ବ୍ୟକ୍ତିର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଯେଉଁ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରାଏ, ସେଗୁଡ଼ିକ ଦୁର୍ନୀତି ଓ ଅପାରଗତା ଯୋଗୁଁ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ପାରେ ନାହିଁ । ସରକାରୀ କାର୍ଯ୍ୟରେ ବ୍ୟକ୍ତିଗତ ପ୍ରେରଣାର ଅଭାବ ଅନୁଭୂତ ହୁଏ । ସରକାରୀ ଉଦ୍ୟୋଗ ଅପେକ୍ଷା ବେସରକାରୀ ଉଦ୍ୟୋଗରେ ତତ୍ପରତା, ଦକ୍ଷତା ଓ ଅଧିକ ଲାଭ ଦେଖାଯାଏ । ସରକାରୀ କାର୍ଯ୍ୟରେ ନାଲିଫିତାବାଦ, ଦୁର୍ନୀତି ଓ ଅପଚୟ ସରକାରୀ କାର୍ଯ୍ୟକୁ ବିଫଳ କରାଏ । ତେଣୁ ବ୍ୟକ୍ତିକୁ ତା'ର କାର୍ଯ୍ୟ ସମ୍ପାଦନ କରିବାକୁ ସ୍ୱାଧୀନତା ପ୍ରଦାନ କରିବା ଉଚିତ୍ । ଏହା ବ୍ୟକ୍ତିବାଦର ବ୍ୟବହାରିକ ବା ବାସ୍ତବ ଯଥାର୍ଥତା ପ୍ରତିପାଦନ କରେ ।

**୩.୩.୨ ବ୍ୟକ୍ତିବାଦର ସମାଲୋଚନା (Criticism of Individualism) :**

ବ୍ୟକ୍ତିବାଦର ବିପକ୍ଷରେ ଯେଉଁ ସମାଲୋଚନା କରାଯାଏ, ତାହା ନିମ୍ନରେ ପ୍ରଦାନ କରାଗଲା ।

**(କ) ରାଷ୍ଟ୍ର ଏକ ମନ୍ଦ ଅନୁଷ୍ଠାନ ନୁହେଁ (State is notan evil) :**

ବ୍ୟକ୍ତିବାଦର ଧାରଣା : 'ରାଷ୍ଟ୍ର ଏକ ମନ୍ଦ ଅନୁଷ୍ଠାନ' ସତ୍ୟ ବା ଯଥାର୍ଥ ନୁହେଁ । ଏହା କେବଳ ବ୍ୟକ୍ତିର ଧନ, ଜୀବନ ଓ ସ୍ୱାଧୀନତାର ସୁରକ୍ଷା କରେ ନାହିଁ, ବରଂ ସର୍ବଦା ତା'ର ନୈତିକ ଓ ବସ୍ତୁଗତ ଉନ୍ନତିର କାମନା କରେ । ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ କେବଳ ରାଷ୍ଟ୍ରରେ ହିଁ ସମ୍ଭବ ହୁଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବ୍ୟକ୍ତି ଜୀବନର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଷ୍ଟ୍ର ଯତ୍ନ ନେଇଥାଏ । ତେଣୁ ରାଷ୍ଟ୍ର ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ ହୋଇଛି ।

**(ଖ) ବ୍ୟକ୍ତି ନୁହେଁ, ରାଷ୍ଟ୍ର ହିଁ ବିଚାରକ (Not Individual, State is the best judge) :**

ବ୍ୟକ୍ତିବାଦର ନୈତିକ ଯୁକ୍ତି ଅନୁସାରେ ବ୍ୟକ୍ତି ହିଁ ନିଜ ପ୍ରତିଭା, ଯୋଗ୍ୟତା, ଦକ୍ଷତା ଓ ସ୍ୱାର୍ଥର ଶ୍ରେଷ୍ଠ ବିଚାରକ । ଏହା କେତେକାଂଶରେ ସତ୍ୟ ହେଲେ ମଧ୍ୟ ସମ୍ପୂର୍ଣ୍ଣ ଓ ବ୍ୟାପକ ଅର୍ଥରେ ସତ୍ୟ ନୁହେଁ । ବ୍ୟକ୍ତିର ଦୃଷ୍ଟିକୋଣ ସୀମିତ ହୋଇଥିବାରୁ କେତେକ କ୍ଷେତ୍ରରେ ସେ ସଠିକ୍ ନିଷ୍ପତ୍ତି ନେଇପାରେ ନାହିଁ । ବ୍ୟକ୍ତି ନିଜର ଭାବ ପ୍ରବଣତା, ଅଜ୍ଞତା ଓ ଅଭିଜ୍ଞତାହୀନତା ଯୋଗୁଁ ଭୁଲ ନିର୍ଣ୍ଣୟ କରିଥାଏ । ଏସବୁ କ୍ଷେତ୍ରରେ ରାଷ୍ଟ୍ର ହିଁ ବ୍ୟକ୍ତିକୁ ସଠିକ୍ ମାର୍ଗ ଦର୍ଶନ କରାଇଥାଏ, କାରଣ ବ୍ୟକ୍ତି ଅପେକ୍ଷା ରାଷ୍ଟ୍ରର ସ୍ଥିତି, ଅଭିଜ୍ଞତା, ଜ୍ଞାନକୌଶଳଓ ଦୂରଦୃଷ୍ଟି ଅଧିକ ଗଭୀର ଓ ବ୍ୟାପକ । ସୁତରାଂ ବ୍ୟକ୍ତି ନୁହେଁ, ବରଂ ରାଷ୍ଟ୍ର ହିଁ ବ୍ୟକ୍ତି ସ୍ୱାର୍ଥ, ପ୍ରତିଭା ଓ କ୍ଷମତାର ଶ୍ରେଷ୍ଠ ବିଚାରକ ।

**(ଗ) ବ୍ୟକ୍ତି ଓ ରାଷ୍ଟ୍ର ପରସ୍ପର ବିରୋଧୀ ନୁହଁନ୍ତି (Individual and state are not opposed to each other) :**

ବ୍ୟକ୍ତିର ସ୍ୱାର୍ଥ ଓ ରାଷ୍ଟ୍ରର ସ୍ୱାର୍ଥ ପରସ୍ପରର ପରିପନ୍ଥୀ ବା ପ୍ରତିକୂଳ ବୋଲି ବ୍ୟକ୍ତିବାଦର ଧାରଣା ବାସ୍ତବରେ ଏକ ଭ୍ରମ ଧାରଣା । କାରଣ ବ୍ୟକ୍ତି ସମୂହକୁ ନେଇ ରାଷ୍ଟ୍ରର ସୃଷ୍ଟି । ବ୍ୟକ୍ତି ସ୍ୱାର୍ଥରେ ରାଷ୍ଟ୍ରର ସ୍ୱାର୍ଥ ସାଧିତ ହୁଏ । ବ୍ୟକ୍ତିର ସ୍ୱାର୍ଥ ସାଧନ ପାଇଁ ରାଷ୍ଟ୍ର ବିଭିନ୍ନ ପ୍ରକାର ସୁବିଧା, ସୁଯୋଗ ପ୍ରଦାନ କରିଥାଏ । ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ବିବାଦ, ଦ୍ୱନ୍ଦ୍ୱ ଓ ଭୁଲ ବୁଝାମଣାକୁ ଦୂର କରିବାରେ ରାଷ୍ଟ୍ର ସହାୟକ ହୋଇଥାଏ । ବାସ୍ତବରେ ବ୍ୟକ୍ତି ଓ ରାଷ୍ଟ୍ର ପରସ୍ପର ବିରୋଧୀ ନୁହଁନ୍ତି, ବରଂ ବ୍ୟକ୍ତି ଓ ରାଷ୍ଟ୍ରର ସ୍ୱାର୍ଥ ପରସ୍ପର ପରିପୂରକ ।

**(ଘ) ଆଇନ୍ ସ୍ୱାଧୀନତା ବିରୋଧୀ ନୁହେଁ (Law is not opposed to freedom) :**

ବ୍ୟକ୍ତିବାଦ ଅନୁସାରେ ରାଷ୍ଟ୍ର ନିଜର କାର୍ଯ୍ୟ ସାଧନ ପାଇଁ ଆଇନ୍ ପ୍ରଣୟନ କରି ବ୍ୟକ୍ତି ସ୍ୱାଧୀନତାକୁ ସଂକୁଚିତ କରିଥାଏ । ବ୍ୟକ୍ତିବାଦୀମାନେ ସର୍ବାଧିକ ବ୍ୟକ୍ତି ସ୍ୱାଧୀନତା ଓ ସର୍ବନିମ୍ନ ରାଷ୍ଟ୍ରୀୟ କାର୍ଯ୍ୟ ପରିସର ଉପରେ ଗୁରୁତ୍ୱ ଦିଅନ୍ତି । କିନ୍ତୁ ବାସ୍ତବରେ ରାଷ୍ଟ୍ର ହିଁ ତାର ଆଇନ୍ ଦ୍ୱାରା ବ୍ୟକ୍ତିର ସ୍ୱାଧୀନତାର ରକ୍ଷା କବଚ ରୂପେ କାର୍ଯ୍ୟ କରେ । ଆଇନ୍ ଦ୍ୱାରା ହିଁ ସମାଜରୁ ଅରାଜକତା ଦୂର ହୋଇ ଏକ ଶୃଙ୍ଖଳିତ ସାମାଜିକ ବ୍ୟବସ୍ଥା ଗଠିତ ହୋଇଥାଏ । ଆଇନ୍ ମାଧ୍ୟମରେ ହିଁ ସମାଜରେ ବ୍ୟକ୍ତିର ସ୍ୱାଧୀନତା ଓ ଅଧିକାର ସୁରକ୍ଷିତ ରହେ ।

**(ଙ) ଅବାଧ ପ୍ରତିଯୋଗିତା କ୍ଷତିକାରକ (Free Competition is harmful) :**

ବ୍ୟକ୍ତିବାଦ ଅର୍ଥନୈତିକ କ୍ଷେତ୍ରରେ ରାଷ୍ଟ୍ରୀୟ ହସ୍ତକ୍ଷେପକୁ ବାରଣ କରିବା ସହ ବ୍ୟକ୍ତିକୁ ଅବାଧ ସ୍ୱାଧୀନତା ପ୍ରଦାନ କରେ । ଏହା ମୁକ୍ତ ଓ ଅବାଧ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦିଏ, ଯାହା ପୁଞ୍ଜିବାଦ ସୃଷ୍ଟି କରେ । ପୁଞ୍ଜିବାଦର ଏକଚାଟିଆ କାରବାର, ଅତ୍ୟଧିକ ଉତ୍ପାଦନ, ମୂଲ୍ୟବୃଦ୍ଧି, ଅପଚୟ ଆଦି ସମସ୍ୟା ସୃଷ୍ଟି ହୁଏ । ଅବାଧ ପ୍ରତିଯୋଗିତାରେ ଗଳାକଟା ପ୍ରତିଯୋଗିତା (Cut throat competition), ଅପମିଶ୍ରଣ, ଠକାମି, ଶତ୍ରୁତା, ଶୋଷଣ, ସାଧାରଣ ଉପଭୋକ୍ତାଙ୍କର ଅସୁରକ୍ଷା ବୃଦ୍ଧି ପାଇବା ସହ ସମାଜରେ ଶ୍ରେଣୀ ବିଭାଗ ସୃଷ୍ଟି ହୁଏ । ଧନୀମାନେ ଅଧିକ ଧନୀ ହେଉଥିବାବେଳେ ଗରିବମାନେ ଅଧିକ ଗରିବ ହୁଅନ୍ତି । ତେଣୁ ରାଷ୍ଟ୍ରର ହସ୍ତକ୍ଷେପ ଆବଶ୍ୟକ ହୁଏ । ଦେଶର ଅର୍ଥନୈତିକ କାର୍ଯ୍ୟକଳାପର ସୁପରିଚାଳନା ଓ ଉନ୍ନତି ରାଷ୍ଟ୍ରୀୟ ଯୋଜନା ବିନା ଅସମ୍ଭବ । ତେଣୁ ରାଷ୍ଟ୍ର ବ୍ୟକ୍ତିମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତାର ସୁରକ୍ଷା ମଧ୍ୟ କରେ ।

**(ଚ) ବୈଜ୍ଞାନିକ ଯୁକ୍ତି ଗ୍ରହଣୀୟ ନୁହେଁ (Scientific Argument is not acceptable) :**

ବ୍ୟକ୍ତିବାଦ ସମ୍ପର୍କରେ ହର୍ବଟ ସ୍ପେନ୍‌ସର ଦେଇଥିବା ବୈଜ୍ଞାନିକ ବା ଜୈବିକ ଯୁକ୍ତି ମାନବ ସମାଜ ପାଇଁ ଅପ୍ରାସଂଗିକ ମନେ ହୁଏ । ଜୀବ ବିବର୍ତ୍ତନବାଦର ସିଦ୍ଧାନ୍ତ ଅନୁସାରେ ଯୋଗ୍ୟତମର ଉଦ୍‌ବର୍ତ୍ତନ ଓ ଜୀବନ ସଂଗ୍ରାମ ତତ୍ତ୍ୱ ପଶୁଜଗତ ପାଇଁ ଲାଗୁ ହୋଇପାରେ, କିନ୍ତୁ ଏହା ମନୁଷ୍ୟ ସମାଜ ପାଇଁ ପ୍ରଯୁଜ୍ୟ ନୁହେଁ । ମାନବ ସମାଜରେ ଯଦି ଏହି ତତ୍ତ୍ୱକୁ ଗ୍ରହଣ କରାଯାଏ, ତେବେ ପରିଶେଷରେ ସମାଜରେ କେବଳ ସବଳତମ ବା ଶ୍ରେଷ୍ଠ ବ୍ୟକ୍ତି ହିଁ ତିଷ୍ଠି ରହିବ ଓ ଅନ୍ୟମାନଙ୍କର ସତ୍ତା ବିଲୁପ୍ତ ହୋଇଯିବ । ଫଳରେ ଉଭୟ ବ୍ୟକ୍ତି ଓ ସମାଜ ଲୋପ ହୋଇଯିବ । ମଣିଷ ଭିତରେ ପଶୁତ୍ୱ ଥିଲେ ମଧ୍ୟ, ଯୁକ୍ତିବାଦୀ ଚେତନା, ବିବେକ, ନୈତିକତା ମଧ୍ୟ ରହିଛି । ମାନବିକ ମୂଲ୍ୟବୋଧ, ସମାଜରେ ବ୍ୟକ୍ତିମାନଙ୍କ ମଧ୍ୟରେ ସହଯୋଗ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ସହାୟକ ହୁଏ ।

**(ଛ) ବ୍ୟକ୍ତି ସମ୍ପୂର୍ଣ୍ଣ ସ୍ୱାର୍ଥପର ନୁହେଁ (Individual is not completely selfish) :**

ବ୍ୟକ୍ତିବାଦ, ବ୍ୟକ୍ତିର ସ୍ୱାଧୀନତା ଓ ସୁରକ୍ଷା ଏପରି ଦାବି କରେ, ଯେପରି କି ବ୍ୟକ୍ତି ସମ୍ପୂର୍ଣ୍ଣ ସ୍ୱାର୍ଥପର ଭାବେ ବଞ୍ଚିବାକୁ ଚାହେଁ । ପ୍ରକୃତରେ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଲେ ମଧ୍ୟ ବ୍ୟକ୍ତି ଭିତରେ ମାନବିକତା ଓ ପରୋପକାରୀ ଗୁଣ ରହିଥାଏ । ଆବଶ୍ୟକ ସ୍ଥଳେ ସମାଜ ତଥା ରାଷ୍ଟ୍ରର ଉନ୍ନତି ପାଇଁ ବ୍ୟକ୍ତି ଦୟା, ଦାନ, କ୍ଷମା, ତ୍ୟାଗ, ଅନୁକମ୍ପା ଆଦି ପ୍ରଦର୍ଶନ କରିଥାଏ ଓ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଉତ୍ତମ ସାମାଜିକ ସମ୍ପର୍କ ପ୍ରତିଷ୍ଠା କରିଥାଏ ।

(ଢ) ଆଧୁନିକ ସମାଜ ବ୍ୟକ୍ତିବାଦକୁ ଗ୍ରହଣ କରେ ନାହିଁ (**Modern Society does not accept Individualism**) :

ଆଧୁନିକ ସମାଜରେ ଅନେକ ସମୟରେ ଜଟିଳ, ବିବାଦୀୟ ଓ ବ୍ୟାପକ ସମସ୍ୟାମାନ ଦେଖାଯାଏ, ଯାହାର ସମାଧାନ ଓ ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା ପାଇଁ ରାଷ୍ଟ୍ରର ସହାୟତା ଓ ହସ୍ତକ୍ଷେପ ଅତ୍ୟନ୍ତ ଆବଶ୍ୟକ । ବିଶ୍ୱର ପ୍ରାୟ ପ୍ରତ୍ୟେକ ଆଧୁନିକ ରାଷ୍ଟ୍ର ଏକ ଜନମଙ୍ଗଳ ରାଷ୍ଟ୍ର, ଯାହା ରାଷ୍ଟ୍ରର କାର୍ଯ୍ୟ ପରିସର ଓ କ୍ଷମତାର ବୃଦ୍ଧି କରାଇଛି । ତେଣୁ ଆଧୁନିକ ସମାଜରେ ବ୍ୟକ୍ତିବାଦ ନିଖୁଣ ଓ ସମ୍ପୂର୍ଣ୍ଣ ଅର୍ଥରେ ଗ୍ରହଣୀୟ ନୁହେଁ ।

## ୩.୪. ଆଧୁନିକ ବ୍ୟକ୍ତିବାଦ (Modern Individualism):

ଊନବିଂଶ ଶତାବ୍ଦୀର ପାରମ୍ପରିକ ବ୍ୟକ୍ତିବାଦ ବିଂଶ ଶତାବ୍ଦୀର ପ୍ରଥମ ଭାଗ ବେଳକୁ ନିଜର ଗୁରୁତ୍ୱ ଓ ଖ୍ୟାତି ହରାଇ ବସିଲା । ଆଧୁନିକ ସମାଜର ଜଟିଳତା, ବିଭିନ୍ନ ସମସ୍ୟା, ରାଷ୍ଟ୍ରର କ୍ଷମତା ଓ କାର୍ଯ୍ୟ ପରିସରର ବୃଦ୍ଧି, ଜନମଙ୍ଗଳ ରାଷ୍ଟ୍ରର ଚିନ୍ତାଧାରା ବ୍ୟକ୍ତିବାଦକୁ ଗୌଣ କରିଦେଲା । ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ରାଷ୍ଟ୍ରର ଅତ୍ୟଧିକ କାର୍ଯ୍ୟ ପରିସରର ବୃଦ୍ଧି ଓ ମାତ୍ରାଧିକ ନିୟନ୍ତ୍ରଣ ବିରୋଧରେ ଆଧୁନିକ ବ୍ୟକ୍ତବାଦ (Modern Individualism) ଦେଖାଦେଲା । ଧୀରେ ଧୀରେ ଏହା ବ୍ୟାପକ ପ୍ରସାର ଲାଭ କଲା । ଏହାର ପୃଷ୍ଠପୋଷକ ହେଉଛନ୍ତି ନର୍ମାନ ଆଞ୍ଜେଲ୍ (Norman Angel), ଗ୍ରାହମ୍ ୱାଲାସ୍ (Graham Wallas), ଫୋଲେଟ୍ (Follet), ଏଚ.ଜେ.ଲାସ୍କି (H. J. Laski) ଏବଂ ଜି. ଡି. ଏଚ. କୋଲ୍ (G. D. H. Cole) । ଆଧୁନିକ ବ୍ୟକ୍ତିବାଦୀମାନେ ରାଷ୍ଟ୍ରର ମାତ୍ରାଧିକ ନିୟନ୍ତ୍ରଣ, କ୍ଷମତା ବୃଦ୍ଧିର ବିରୋଧ କରନ୍ତି ଓ ବ୍ୟକ୍ତି ସ୍ୱାଧୀନତା ଉପରେ ଗୁରୁତ୍ୱ ପ୍ରଦାନ କରନ୍ତି ଏବଂ ମତ ଦିଅନ୍ତି ଯେ ରାଷ୍ଟ୍ରପରି ସମାଜରେ ଅନ୍ୟାନ୍ୟ ସଂଘ ଓ ଗୋଷ୍ଠୀମାନେ ବ୍ୟକ୍ତିର ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତିରେ ସହାୟକ ହୁଅନ୍ତି । ଆଜି ବ୍ୟକ୍ତି ରାଷ୍ଟ୍ରଠାରୁ ବେଶୀ ସଂଘ ଓ ଗୋଷ୍ଠୀମାନଙ୍କ ଉପରେ ନିର୍ଭର କରୁଛି । ତେଣୁ ଏହି ମତବାଦ ସଂଘ ଓ ଗୋଷ୍ଠୀର ସ୍ୱାତନ୍ତ୍ର୍ୟ ଜାହିର କରିଥାଏ ଏବଂ ରାଷ୍ଟ୍ରକୁ ଏକ ସଂଯୋଜନାକାରୀ ସଂସ୍ଥା ଭାବରେ ଗ୍ରହଣ କରିଥାଏ ।

## ୩.୫. ସାରାଂଶ

* ବ୍ୟକ୍ତିବାଦ ବ୍ୟକ୍ତିକୁ ସର୍ବାଧିକ ମୂଲ୍ୟ ଓ ଗୁରୁତ୍ୱ ଦିଏ । ଏହା ବିଶ୍ୱାସ କରେ ଯେ ବ୍ୟକ୍ତି ହିଁ ନିଜର ଶ୍ରେଷ୍ଠ ବିଚାରକ । ତେଣୁ ବ୍ୟକ୍ତିର କାର୍ଯ୍ୟକଳାପରେ ରାଷ୍ଟ୍ରର ହସ୍ତକ୍ଷେପ ଅନାବଶ୍ୟକ ।
* ବ୍ୟକ୍ତିବାଦ ହେଉଛି ରାଷ୍ଟ୍ରର କାର୍ଯ୍ୟ ପରିସର ସମ୍ପର୍କୀୟ ଏକ ମତବାଦ, ଯାହା ଅର୍ଥନୈତିକ ଉଦାରବାଦରୁ ସୃଷ୍ଟି ।
* ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ବ୍ୟକ୍ତିବାଦ ୟୁରୋପ୍ ମହାଦେଶରେ ବିକଶିତ ହୋଇଥିଲା ।
* ବ୍ୟକ୍ତିବାଦ ଅରାଜକତାବାଦ ଓ ଫାସିବାଦ ଭଳି ଦୁଇ ଉଗ୍ର ତତ୍ତ୍ୱର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ।
* ବ୍ୟକ୍ତିବାଦ ରାଷ୍ଟ୍ରକୁ ଏକ ଆବଶ୍ୟକୀୟ ମନ୍ଦ ଅନୁଷ୍ଠାନ ବୋଲି ବର୍ଣ୍ଣନା କରେ । ଏହା ବ୍ୟକ୍ତି ସ୍ୱାଧୀନତାରେ ହସ୍ତକ୍ଷେପ କରୁଥିବାରୁ ମନ୍ଦ ଅଟେ । ଏହା ଆବଶ୍ୟକୀୟ କାରଣ ଏହା ବ୍ୟକ୍ତିର ଧନ, ଜୀବନ ଓ ସ୍ୱାଧୀନତାର ସୁରକ୍ଷା କରେ ।
* ବ୍ୟକ୍ତିବାଦ ସର୍ବାଧିକ ବ୍ୟକ୍ତି ସ୍ୱାଧୀନତା ଓ ସର୍ବନିମ୍ନ ରାଷ୍ଟ୍ର କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଯୁକ୍ତି କରେ । ଏହା ବିଶ୍ୱାସ କରେ ଯେ ସେହି ରାଷ୍ଟ୍ର ଶ୍ରେଷ୍ଠ ଯିଏ ସର୍ବନିମ୍ନ ଶାସନ କରେ ।

* ବ୍ୟକ୍ତିବାଦର ଅନ୍ୟ ଅର୍ଥ ହେଉଛି 'ଅବାଧ ନୀତି' ବା 'ଲେସେ ଫେୟାର' (Lassez -faire), ଯାହା ଏକ ଫରାସୀ ବାକ୍ୟାଂଶ । ଏହାର ଅର୍ଥ ହେଉଛି 'ଏକୁଟିଆ ଛାଡ଼ିଦିଅ' (leave alone) ।
* ବ୍ୟକ୍ତିବାଦ ଅନୁସାରେ ରାଷ୍ଟ୍ର ଏକ ପୋଲିସ୍-ରାଷ୍ଟ୍ର, ରଣାତ୍ମକ ରାଷ୍ଟ୍ର ବା ଜଗୁଆଳି ରାଷ୍ଟ୍ର । ଏହା କେବଳ ମୌଳିକ ସୁରକ୍ଷାମୂଳକ କାର୍ଯ୍ୟ ସମ୍ପାଦନ କରେ ।
* ବ୍ୟକ୍ତିବାଦର ଯଥାର୍ଥତା ନୈତିକ, ଅର୍ଥନୈତିକ, ବୈଜ୍ଞାନିକ ଓ ବ୍ୟବହାରିକ ଦୃଷ୍ଟିକୋଣରୁ ପ୍ରତିପାଦିତ କରାଯାଇପାରେ ।
* ବ୍ୟକ୍ତିବାଦ 'ଯୋଗ୍ୟତମ ହିଁ ତିଷ୍ଠି ରହେ' ନୀତିରେ ବିଶ୍ୱାସ କରେ ।
* ବ୍ୟକ୍ତିବାଦର ସମର୍ଥନ କରୁଥିବା ଦାର୍ଶନିକମାନେ ହେଲେ ଆଡାମ୍ ସ୍ମିଥ୍, ଥୋମାସ୍ ହବ୍ସ୍, ଜନ୍ ଲକ୍, ଜନ୍ ଷ୍ଟୁଆର୍ଟ ମିଲ୍, ହର୍ବଟ ସ୍ପେନ୍ସର, ଫ୍ରିଡମ୍ୟାନ ଓ ରବର୍ଟ ନୋଜିକ ।
* ବ୍ୟକ୍ତିବାଦର ସମାଲୋଚନାରେ ବିଚାର କରାଯାଏ ଯେ – ରାଷ୍ଟ୍ର ଏକ ମନ୍ଦ ଅନୁଷ୍ଠାନ ନୁହେଁ । ଏହା ବ୍ୟକ୍ତିର ବିକାଶରେ ସହାୟକ ହୋଇଥାଏ । ବ୍ୟକ୍ତି ନୁହେଁ, ରାଷ୍ଟ୍ର ହିଁ ବ୍ୟକ୍ତି ସ୍ୱାର୍ଥର ଶ୍ରେଷ୍ଠ ବିଚାରକ । ଅବାଧ ପ୍ରତିଯୋଗିତା କ୍ଷତିକାରକ ଅଟେ । ଆଇନ୍, ସ୍ୱାଧୀନତା ବିରୋଧୀ ନୁହେଁ । ବ୍ୟକ୍ତିବାଦର ଜୈବିକ ବା ବୈଜ୍ଞାନିକ ଯୁକ୍ତି ଗ୍ରହଣୀୟ ନୁହେଁ । ଆଧୁନିକ ଜଟିଳ ସମାଜରେ ବ୍ୟକ୍ତିବାଦ ଗ୍ରହଣୀୟ ନୁହେଁ ।
* ଆଧୁନିକ ବ୍ୟକ୍ତିବାଦ ରାଷ୍ଟ୍ରକୁ ଏକ ସଂଯୋଜନାକାରୀ ସଂସ୍ଥା ଭାବରେ ଗ୍ରହଣ କରେ । ଏହା ଅନ୍ୟାନ୍ୟ ଗୋଷ୍ଠୀ ଓ ସଂଘମାନଙ୍କର ସ୍ୱାତନ୍ତ୍ର୍ୟ ଜାହିର କରିଥାଏ ।

### ୩.୬. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ :

୧. ବ୍ୟକ୍ତିବାଦର ଅର୍ଥ ଲେଖ ।

୨. ବ୍ୟକ୍ତିବାଦର ପୃଷ୍ଠଭୂମି ଆଲୋଚନା କର ।

୩. ବ୍ୟକ୍ତିବାଦର ମୂଲ୍ୟାଙ୍କନ କର ।

୪. ରାଷ୍ଟ୍ରର କାର୍ଯ୍ୟ ପରିସର ସଂକ୍ରାନ୍ତୀୟ ବ୍ୟକ୍ତିବାଦୀ ସିଦ୍ଧାନ୍ତକୁ ପରୀକ୍ଷା କର ।

### ୩.୭. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର :

୧. ଅନୁଚ୍ଛେଦ ୩.୧ ପଠନ କରନ୍ତୁ ।

୨. ଅନୁଚ୍ଛେଦ ୩.୨ ପଠନ କରନ୍ତୁ ।

୩. ଅନୁଚ୍ଛେଦ ୩.୩ ପଠନ କରନ୍ତୁ ।

୪. ଅନୁଚ୍ଛେଦ ୩.୩ ପଠନ କରନ୍ତୁ ।

❖❖❖

# ଜନମଙ୍ଗଳ ରାଷ୍ଟ୍ର
# (WELFARE STATE)

ସଂରଚନା :


| | |
|---|---|
| ୪ | ଉଦ୍ଦେଶ୍ୟ |
| ୪.୧ | ଜନମଙ୍ଗଳ ରାଷ୍ଟ୍ରର ଅର୍ଥ ଓ ଐତିହାସିକ ପୃଷ୍ଠଭୂମି । |
| ୪.୨ | ଜନମଙ୍ଗଳ ରାଷ୍ଟ୍ରର କାର୍ଯ୍ୟ । |
| ୪.୩ | ଜନମଙ୍ଗଳ ରାଷ୍ଟ୍ରର ଯଥାର୍ଥତା ବା ମୂଲ୍ୟାୟନ |
| ୪.୪ | ଜନମଙ୍ଗଳ ରାଷ୍ଟ୍ରର ସମାଲୋଚନା |
| ୪.୫ | ସାରାଂଶ |
| ୪.୬ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୪.୭ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |


## ୪. ଉଦ୍ଦେଶ୍ୟ :

ଏହି ବିଷୟବସ୍ତୁ ଅଧ୍ୟୟନ ପରେ ଆପଣ -

* ଜନମଙ୍ଗଳ ରାଷ୍ଟ୍ର କାହାକୁ କୁହାଯାଏ ଏବଂ ଏହାର ଐତିହାସିକ ପୃଷ୍ଠଭୂମି ବିଷୟରେ ଅବଗତ ହେବେ ।
* ଜନମଙ୍ଗଳ ରାଷ୍ଟ୍ରର ଅର୍ଥ ଓ ପ୍ରକୃତି ବିଷୟରେ ଜାଣିପାରିବେ ।
* ଜନମଙ୍ଗଳ ରାଷ୍ଟ୍ରର କାର୍ଯ୍ୟ ସମ୍ବନ୍ଧରେ ଅବଗତ ହେବେ ।
* ଜନମଙ୍ଗଳ ରାଷ୍ଟ୍ରର ଯଥାର୍ଥତା ଓ ସମାଲୋଚନା ସମ୍ବନ୍ଧରେ ଜ୍ଞାନ ଆହରଣ କରି ପାରିବେ ।

## ୪.୧ - ଜନମଙ୍ଗଳ ରାଷ୍ଟ୍ର କାହାକୁ କୁହାଯାଏ ? ଏହାର ଅର୍ଥ :

ରାଷ୍ଟ୍ରର କାର୍ଯ୍ୟ ପରିସର ସମ୍ବନ୍ଧୀୟ ତତ୍ତ୍ୱମାନଙ୍କ ମଧ୍ୟରୁ ଜନମଙ୍ଗଳ ରାଷ୍ଟ୍ର ଅନ୍ୟତମ । ଏହା ଏକ ଜନପ୍ରିୟ ତତ୍ତ୍ୱ । ଏହା ଉଭୟ ବ୍ୟକ୍ତିବାଦ ଓ ସମାଜବାଦର ଉଗ୍ର ରୂପକୁ ପରିହାର କରି ଏକ ମଧ୍ୟମ ପନ୍ଥା ଅନୁସରଣ କରେ । ଜନମଙ୍ଗଳ ରାଷ୍ଟ୍ର ଏକ ସକାରାତ୍ମକ ରାଷ୍ଟ୍ର (Positive state), ଯାହା ଜନସାଧାରଣଙ୍କ ପାଇଁ ଅଧିକ କିଛି କରିବାର ପ୍ରତିଶ୍ରୁତି ବହନ କରେ । ଏହା ଜନସାଧାରଣଙ୍କ ପାଇଁ ସର୍ବନିମ୍ନ ଜୀବନଧାରଣ ସେବା ଯୋଗାଇ ଦେବାର ସଂକଳ୍ପ କରେ । ଏହାର କାର୍ଯ୍ୟକଳାପ

କେବଳ ନକରାତ୍ମକ କାର୍ଯ୍ୟ (Negative function) ବା ପୋଲିସ୍ ବା ରାତ୍ରୀ ଜଗୁଆଳିର କାର୍ଯ୍ୟରେ ସୀମିତ ନୁହେଁ । ବ୍ୟକ୍ତିର ସ୍ୱାଧୀନତା ଓ ମର୍ଯ୍ୟାଦା ରକ୍ଷା କରିବା ସହ ତାକୁ ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ପ୍ରଦାନ କରିବା ଏହାର କର୍ତ୍ତବ୍ୟ । ଜାତି, ଧର୍ମ, ବର୍ଣ୍ଣ, ଶ୍ରେଣୀ, ଲିଙ୍ଗ ଓ ବାସସ୍ଥାନ ନିର୍ବିଶେଷରେ ସମାଜରେ ସମସ୍ତଙ୍କୁ ସୁବିଧା ପ୍ରଦାନ କରିବା ଓ ସେମାନଙ୍କୁ ସଙ୍କଟରୁ ଉଦ୍ଧାର କରିବା ଜନମଙ୍ଗଳ ରାଷ୍ଟ୍ରର କର୍ତ୍ତବ୍ୟ । ବ୍ୟକ୍ତିର 'ଜନ୍ମଠାରୁ ମୃତ୍ୟୁ' ପର୍ଯ୍ୟନ୍ତ କଲ୍ୟାଣ ସାଧନ ପାଇଁ ରାଷ୍ଟ୍ର ଉଦ୍ୟମ କରେ । ଏହି ରାଷ୍ଟ୍ରରୁ ସେବା ଲାଭ କରିବା ନାଗରିକର ଅଧିକାର, ଅନୁଗ୍ରହ ନୁହେଁ ।

ଜନମଙ୍ଗଳ ରାଷ୍ଟ୍ରର ସୃଷ୍ଟି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହୋଇଛି । ବ୍ୟକ୍ତିବାଦ ଓ ସମାଜବାଦର ସମନ୍ୱୟରେ ଗଢ଼ି ଉଠିଥିବା ଜନମଙ୍ଗଳ ରାଷ୍ଟ୍ର, ବ୍ୟକ୍ତି ଓ ରାଷ୍ଟ୍ର ମଧ୍ୟରେ ସମତା ରକ୍ଷା କରିପାରିଛି ।

ଜନମଙ୍ଗଳ ରାଷ୍ଟ୍ର ମିଶ୍ର ଅର୍ଥନୀତି (Mixed economy) ରେ ବିଶ୍ୱାସ କରେ । ଏହା ପୁଞ୍ଜିବାଦୀ, ଉଦାର ଅର୍ଥନୀତି ଓ ସମାଜବାଦୀ ରାଷ୍ଟ୍ରାୟତ୍ତ ଅର୍ଥନୀତିର ଚରମ ପନ୍ଥାକୁ ତ୍ୟାଗ କରି ଏକ ମିଶ୍ର ବା ମଧ୍ୟମ ପନ୍ଥାକୁ ଗ୍ରହଣ କରେ । ଏହି ରାଷ୍ଟ୍ରରେ ଉଭୟ ସରକାରୀ ଓ ଘରୋଇ ଉଦ୍ୟୋଗ ଦେଖିବାକୁ ମିଳେ । ଉତ୍ପାଦନ ଓ ବିତରଣର ମାଧ୍ୟମଗୁଡ଼ିକ ଜାତୀୟକରଣ ବ୍ୟବସ୍ଥାରେ ରାଷ୍ଟ୍ର ନିଜ ଅଧୀନରେ ରଖେ । ଏହା ସମାଜରେ ସାମାଜିକ ନ୍ୟାୟ (Socio-economic justice) ପ୍ରତିଷ୍ଠା କରିବାକୁ ଚେଷ୍ଟା କରେ ।

ଜନମଙ୍ଗଳ ରାଷ୍ଟ୍ର ଉଦାରବାଦୀ ଗଣତନ୍ତ୍ର ବ୍ୟବସ୍ଥାରେ ଏକ ମାନବବାଦୀ ସମାଜ ସୃଷ୍ଟି କରିବାର ଲକ୍ଷ୍ୟ ରଖେ । ଗଣତନ୍ତ୍ର ଏହି ରାଷ୍ଟ୍ରର ଏକ ମୌଳିକ ଆବଶ୍ୟକତା ଓ ଅଧିକାର । ଏଠାରେ ସମ୍ବିଧାନ, ଆଇନ ଓ ଯୋଜନାବଦ୍ଧ କାର୍ଯ୍ୟସୂଚୀ ଅନୁସାରେ ସାମାଜିକ ଓ ଅର୍ଥନୈତିକ କଲ୍ୟାଣ ସାଧନ କରାଯାଏ । ଏଠାରେ ସମ୍ପତ୍ତିଗତ ଅଧିକାରକୁ ଆଇନର ସ୍ୱୀକୃତି ମିଳିଥାଏ ଓ ଉପଯୁକ୍ତ କାରଣ ନ ଦର୍ଶାଇ ଓ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ନ କରି ରାଷ୍ଟ୍ର ବେସରକାରୀ ସମ୍ପତ୍ତିକୁ ସିଧାସଳଖ ଉପଯୋଗ କରିପାରେ ନାହିଁ । ଏହା ବ୍ୟକ୍ତିର ମୌଳିକ ଆବଶ୍ୟକତା ପୂରଣ କରିବା ସହିତ ଏକ ସୁସ୍ଥ ଜୀବନଯାପନ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରେ ।

ଲୋକମାନଙ୍କର ସେବା ଏହି ରାଷ୍ଟ୍ରରେ ପ୍ରଥମ କର୍ତ୍ତବ୍ୟ । ସେଥିପାଇଁ ଜନମଙ୍ଗଳ ରାଷ୍ଟ୍ରକୁ ସେବକ ରାଷ୍ଟ୍ର (Service State) ବୋଲି କୁହାଯାଏ । ୧୯୪୮ ମସିହାରେ ମିଳିତ ଜାତିସଂଘ (Uunited Nations Organisation) ଦ୍ୱାରା ଜାରି ହୋଇଥିବା ମାନବ ଅଧିକାରର ସାର୍ବଜନିକ ଘୋଷଣାନାମା (Universal Declaration of Human Rights) ର ୨୧ ରୁ ୨୯ଧାରା ମଧ୍ୟରେ ବର୍ଣ୍ଣିତ ଅଧିକାରଗୁଡ଼ିକ ଜନମଙ୍ଗଳ ରାଷ୍ଟ୍ରର ଆଧାର ବୋଲି ଧରି ନିଆଯାଇପାରେ । ଭାରତୀୟ ସମ୍ବିଧାନର ମୁଖବନ୍ଧ (Preamble) ଏବଂ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି (Directive Principles of state policy) ଯାହା ୪ର୍ଥ ଭାଗରେ ବର୍ଣ୍ଣିତ; ସେଥିରେ ଜନମଙ୍ଗଳ ରାଷ୍ଟ୍ରର ଚିନ୍ତାଧାରା ପ୍ରତିଫଳିତ ହୋଇଛି ।

### ୪.୧.୧. ଜନମଙ୍ଗଳ ରାଷ୍ଟ୍ରର ଐତିହାସିକ ପୃଷ୍ଠଭୂମି (Historical background of Welfare State):

ଊନବିଂଶ ଶତାବ୍ଦୀର ଶିଳ୍ପ ବିପ୍ଳବ ଓ ପୁଞ୍ଜିବାଦର କୁଫଳରୁ ଯେଉଁ ସମସ୍ୟା ସୃଷ୍ଟି ହେଲା, ତାହାକୁ ନିୟନ୍ତ୍ରଣ କରିବା ପାଇଁ ରାଷ୍ଟ୍ରର କଲ୍ୟାଣମୂଳକ ପଦକ୍ଷେପ ଆବଶ୍ୟକ ହେଲା ଏବଂ ଜନମଙ୍ଗଳ ରାଷ୍ଟ୍ରର ଉତ୍ପତ୍ତି ହେଲା ।

ଜନମଙ୍ଗଳ ରାଷ୍ଟ୍ରର ଧାରଣା ପ୍ରଥମେ ଆମେରିକାରେ ସୃଷ୍ଟି ହୋଇଥିଲା । ୧୯୩୦ ଦଶକର 'ବିରାଟ ଅର୍ଥନୈତିକ ଅବରୋହ' (The great economic depression) ବା ଆମେରିକାର ପୁଞ୍ଜିବାଦ ପତନର ସମ୍ମୁଖୀନ ହେଲା । ଏହି ଗୁରୁତର ଆର୍ଥିକ ସଂକଟ ଯୋଗୁଁ ଲୋକମାନଙ୍କର କ୍ରୟଶକ୍ତି କମିଗଲା ଏବଂ ଉତ୍ପାଦନକାରୀମାନେ ବାଧ୍ୟରେ ଉତ୍ପାଦନ କମାଇଲେ ଯାହାର ଫଳସ୍ୱରୂପ ଲୋକମାନେ କାର୍ଯ୍ୟରୁ ନିବୃତ୍ତ ହେଲେ ଓ ବେକାରୀ ସମସ୍ୟା ବୃଦ୍ଧି ପାଇଲା । ଏହାର ପ୍ରଭାବ ସମଗ୍ର

ବିଶ୍ୱ ଉପରେ ପଡ଼ିଲା । ଏହି ସମସ୍ୟାକୁ ଦୂର କରିବା ପାଇଁ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି. ରୁଜଭେଲଟ୍ (Franklin D. Roosevelt) 'ନିଉ ଡିଲ୍' (New Deal Programme) କାର୍ଯ୍ୟକ୍ରମ ପ୍ରସ୍ତୁତ କଲେ । ଏହି କାର୍ଯ୍ୟକ୍ରମ ଜନମଙ୍ଗଳ ରାଷ୍ଟ୍ର ସମ୍ବନ୍ଧରେ ଧାରଣା ଦେଲା ଓ ରାଷ୍ଟ୍ର ବ୍ୟକ୍ତିକୁ ସାମାଜିକ ଓ ଅର୍ଥନୈତିକ ସୁବିଧା ପ୍ରଦାନ କରିବା ପାଇଁ ଅର୍ଥନୈତିକ କାର୍ଯ୍ୟକ୍ରମରେ ହସ୍ତକ୍ଷେପ ବୃଦ୍ଧି କଲା ।

ପୁନଶ୍ଚ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫) ବିଶ୍ୱ ଅର୍ଥନୀତିକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେବାରୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଲା । ତେଣୁ ଏଭଳି ପରିସ୍ଥିତିରେ ରାଷ୍ଟ୍ରମାନେ ଜନସାଧାରଣଙ୍କ ସୁଖ, ଶାନ୍ତି, କଲ୍ୟାଣ ଓ ନିରାପତ୍ତା ପାଇଁ ଯତ୍ନବାନ ହୋଇ ଜନମଙ୍ଗଳ ରାଷ୍ଟ୍ରର ମୂଳଦୁଆକୁ ଦୃଢ଼ କଲେ ।

୧୯୪୨ ମସିହାରେ ଉଇଲିୟମ ବେଭେରିଜ୍ (William Beveridge) ଇଂଲଣ୍ଡରେ ସାମାଜିକ ବୀମା (Social Insurance) ଉପରେ ପ୍ରଦାନ କରିଥିବା ରିପୋର୍ଟରେ ଲୋକମାନଙ୍କର ଅଭାବ, ଅସ୍ୱାସ୍ଥ୍ୟ, ଅଜ୍ଞତା, ଅପରିଚ୍ଛନ୍ନତା ଓ ଅଳସୁଆମୀ ପରି ପାଞ୍ଚୋଟି ବଡ଼ ଅବସ୍ଥାର ବିଲୋପ ପାଇଁ ଗୁରୁତ୍ୱ ଦେଇ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଜାତୀୟ ସର୍ବନିମ୍ନ (National Minimum) ଚିଠା ପ୍ରସ୍ତୁତ କରି ଜନମଙ୍ଗଳ ରାଷ୍ଟ୍ରର ଭିତ୍ତି ସ୍ଥାପନ କଲେ ।

ଅଷ୍ଟାଦଶ ଶତାବ୍ଦୀର 'ପୋଲିସ୍ ରାଷ୍ଟ୍ର', ବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ ହେଲା । ଏହି ଜନମଙ୍ଗଳ ରାଷ୍ଟ୍ର ତତ୍ତ୍ୱର ମୁଖ୍ୟ ପ୍ରବକ୍ତାମାନେ ହେଲେ ଟି. ଏଚ୍. ଗ୍ରୀନ୍ (T. H. Green), ଏଲ୍.ଟି. ହବହାଉସ୍ (L. T. Hobhouse), ଜେ.ଏ ହବସନ୍ (J. A. Hobson) ଓ ଜେ. ଏମ କେନସ୍ (J. M. Keynes) ।

## ୪.୧.୨ ଜନମଙ୍ଗଳ ରାଷ୍ଟ୍ରର ସଂଜ୍ଞା (Definition of Welfare State) :

* ହବମାନ (Hobman) ଙ୍କ ଭାଷାରେ "ଜନମଙ୍ଗଳ ରାଷ୍ଟ୍ର ହେଉଛି ଉନବିଂଶ ଶତାବ୍ଦୀର ବ୍ୟକ୍ତିବାଦ ଏବଂ ବିଂଶ ଶତାବ୍ଦୀର ସମାଜବାଦ ମଧ୍ୟରେ ଏକ ନୈଷ୍ଠିକ ବିବାହ (ମିଳନ) ।"
* ଟି. ଡବ୍ଲ୍ୟୁ. କେଣ୍ଟ (T. W. Kent)ଙ୍କ ମତରେ, "ଯେଉଁ ରାଷ୍ଟ୍ର ନାଗରିକମାନଙ୍କୁ ବହୁବିଧ ସାମାଜିକ ସେବା ପ୍ରଦାନ କରିଥାଏ ତାହାକୁ ଜନମଙ୍ଗଳ ରାଷ୍ଟ୍ର କୁହାଯାଏ ।"
* ଜି. ଡି. ଏସ. କୋଲ୍ (G. D. H. Cole) ଙ୍କ ମତରେ, "ଯେଉଁ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକଙ୍କୁ ଜୀବନଧାରଣ ନିମନ୍ତେ ସର୍ବନିମ୍ନ ମାନ ଓ ସୁଯୋଗର ପ୍ରତିଶ୍ରୁତି ମିଳେ ତାହାକୁ ଏକ ଜନମଙ୍ଗଳ ରାଷ୍ଟ୍ର କୁହାଯାଏ ।"

ବିଭିନ୍ନ ସଂଜ୍ଞାମାନଙ୍କରୁ ବୁଝାଯାଏ ଯେ, ଜନମଙ୍ଗଳ ରାଷ୍ଟ୍ର ସର୍ବଦା ଜନସାଧାରଣଙ୍କର କଲ୍ୟାଣ ସାଧନ ପାଇଁ ଚେଷ୍ଟିତ ଥାଏ । ତେଣୁ ରାଷ୍ଟ୍ରକୁ ବ୍ୟକ୍ତିର ବନ୍ଧୁ, ଦାର୍ଶନିକ ଓ ନିର୍ଦ୍ଦେଶକ ରୂପେ ଅଭିହିତ କରାଯାଏ ।

## ୪.୨. ଜନମଙ୍ଗଳ ରାଷ୍ଟ୍ରର କାର୍ଯ୍ୟ (Functions of Welfare State) :

ପ୍ରତ୍ୟେକ ଆଧୁନିକ ରାଷ୍ଟ୍ର ଏକ ଜନମଙ୍ଗଳ ରାଷ୍ଟ୍ର । ଏହା ଉଭୟ ବାଧ୍ୟତାମୂଳକ ଓ ଇଚ୍ଛାଧୀନ କାର୍ଯ୍ୟ ସମ୍ପାଦନ କରେ; ଯାହା ନିମ୍ନରେ ବର୍ଣ୍ଣନା କରାଗଲା ।

### କ) ବାଧ୍ୟତାମୂଳକ କାର୍ଯ୍ୟ (Compulsory Functions) :

ରାଷ୍ଟ୍ର ନିଜର ସୁରକ୍ଷା, ପ୍ରଗତି ଓ ପରିଚାଳନା ସହିତ ବ୍ୟକ୍ତିର ଧନ, ଜୀବନ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ଯେଉଁ କାର୍ଯ୍ୟ ସମ୍ପାଦନ କରେ ତାହାକୁ ବାଧ୍ୟତାମୂଳକ ବା ଅତ୍ୟାବଶ୍ୟକ କାର୍ଯ୍ୟ କୁହାଯାଏ । ରାଷ୍ଟ୍ରର ଏହି ଅପରିହାର୍ଯ୍ୟ କାର୍ଯ୍ୟଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା ।

(୧) ଆଇନ୍ ଶୃଙ୍ଖଳା ରକ୍ଷା (Maintenance of Law and Order) :

ଜନମଙ୍ଗଳ ରାଷ୍ଟ୍ର ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆଇନ୍‌ର ଶାସନ ପ୍ରଣୟନ କରେ । ଏହ ଜନସାଧାରଣଙ୍କ ଧନ, ଜୀବନ ଓ ସ୍ୱାଧୀନତାର ସୁରକ୍ଷା କରି ସେମାନଙ୍କୁ ଏକ ନିରାପଦ, ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ଜୀବନଯାପନ ପାଇଁ ସୁଯୋଗ ଦିଏ । ଆଇନ୍ ଅମାନ୍ୟକାରୀଙ୍କୁ ଦଣ୍ଡବିଧାନ କରେ । ଏହା ରାଷ୍ଟ୍ରର ଏକ ମୌଳିକ କର୍ତ୍ତବ୍ୟ ।

(୨) ପ୍ରତିରକ୍ଷା (Defence) :

ଦେଶର ସାର୍ବଭୌମତ୍ୱ, ଭୌଗୋଳିକ ଏକତା ଓ ଅଖଣ୍ଡତା ରକ୍ଷା କରିବା ପ୍ରତ୍ୟେକ ରାଷ୍ଟ୍ରର ସର୍ବପ୍ରଧାନ ଓ ବାଧ୍ୟତମୂଳକ କାର୍ଯ୍ୟ ଅଟେ । ବହିଃଶତ୍ରୁ ଆକ୍ରମଣ, ଯୁଦ୍ଧ, ଅନୁପ୍ରବେଶ, ଧମକ କିମ୍ବା ଅନ୍ୟ ପ୍ରତିରକ୍ଷା ଆଶଙ୍କାକୁ ଦୂର କରିବା ପାଇଁ ରାଷ୍ଟ୍ର ଏକ ଶକ୍ତିଶାଳୀ, ସ୍ଥାୟୀ ସେନାବାହିନୀ ଗଠନ କରିଥାଏ ଯେଉଁଥିରେ ଜଳ ସ୍ଥଳ ଓ ଆକାଶବାହିନୀ ରହିଥାଆନ୍ତି । ଏହା ଛଡ଼ା ରାଷ୍ଟ୍ର ବିଭିନ୍ନ ଯୁଦ୍ଧ ସରଞ୍ଜାମ, କ୍ଷେପଣାସ୍ତ୍ର ଓ କୌଶଳ ଦ୍ୱାରା ନିଜର ପ୍ରତିରକ୍ଷା କ୍ଷମତା ପ୍ରତିପାଦନ କରିବାକୁ ଚେଷ୍ଟା କରେ ।

(୩) ଜନତାଙ୍କ ଧନ ଜୀବନର ସୁରକ୍ଷା (Protection of life and property of people) :

ଜନସାଧାରଣଙ୍କୁ ବହିଃଶତ୍ରୁ ଆକ୍ରମଣରୁ ରକ୍ଷା କରି ଦେଶର ସ୍ୱାଧୀନତା ସହ ସେମାନଙ୍କର ମଧ୍ୟ ଧନ ଜୀବନର ସୁରକ୍ଷା କରିବା ରାଷ୍ଟ୍ରର ଏକ ବାଧ୍ୟତାମୂଳକ ତଥା ଜରୁରୀ କର୍ତ୍ତବ୍ୟ ।

(୪) ନ୍ୟାୟ ପ୍ରଦାନ (Administration of Justice) :

ଜନସାଧାରଣଙ୍କ ନ୍ୟାୟ ପ୍ରଦାନ କରିବା ରାଷ୍ଟ୍ରର ଅନ୍ୟ ଏକ ମୌଳିକ କାର୍ଯ୍ୟ । ନିରପେକ୍ଷ ନ୍ୟାୟ ପ୍ରଦାନ କରିବା ପାଇଁ ଜନମଙ୍ଗଳ ରାଷ୍ଟ୍ରରେ ଏକ ସ୍ୱାଧୀନ ବିଚାର ବିଭାଗ ବା ନ୍ୟାୟପାଳିକା ରହିଥାଏ । କୌଣସି ଅପରାଧର ଉପଯୁକ୍ତ ବିଚାର କରାଯାଇ ଦୋଷୀକୁ ଦଣ୍ଡବିଧାନ କରାଯାଏ । ରାଷ୍ଟ୍ର ପ୍ରତ୍ୟେକ ବ୍ୟକ୍ତିକୁ ନ୍ୟାୟୋଚିତ ବ୍ୟବହାର ପ୍ରଦର୍ଶନ କରିଥାଏ ।

(୫) ଆନ୍ତର୍ଜାତିକ ସମ୍ପର୍କ (International Relation) :

ଆନ୍ତର୍ଜାତିକ ସ୍ତରରେ ଯେ କୌଣସି ରାଷ୍ଟ୍ର ସ୍ୱାଧୀନ ଓ ସାର୍ବଭୌମ ହେଲେ ମଧ୍ୟ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ । ଆଧୁନିକ ସମାଜରେ କୌଣସି ରାଷ୍ଟ୍ର ଏକାକୀ ତିଷ୍ଠି ପାରିବ ନାହିଁ । ପୃଥିବୀର ପ୍ରାୟ ସମସ୍ତ ରାଷ୍ଟ୍ର ପରସ୍ପର ଉପରେ ନିର୍ଭରଶୀଳ । ଅନ୍ୟ ରାଷ୍ଟ୍ରମାନଙ୍କ ସହ ସୁସମ୍ପର୍କ ରକ୍ଷା କରିବା ଏକ ବିଶେଷ ଆବଶ୍ୟକତା । ଏଣୁ ପ୍ରତ୍ୟେକ ରାଷ୍ଟ୍ର କୂଟନୀତି, ଚୁକ୍ତି ସ୍ୱାକ୍ଷର, ଶାନ୍ତି ପ୍ରକ୍ରିୟା, ବାଣିଜ୍ୟିକ, ଅର୍ଥନୈତିକ, ସାଂସ୍କୃତିକ, ସାମରିକ ତଥା ଆଞ୍ଚଳିକ ସହଯୋଗ ଆଦି କ୍ଷେତ୍ରରେ ଆନ୍ତର୍ଜାତିକ ସମ୍ପର୍କ ରକ୍ଷା କରେ ।

### ୪.୨.(ଖ) ଇଚ୍ଛାଧୀନ କାର୍ଯ୍ୟ (Optional Functions) :

ଜନମଙ୍ଗଳ ରାଷ୍ଟ୍ରର ଇଚ୍ଛାଧୀନ କାର୍ଯ୍ୟଗୁଡ଼ିକ ସକାରାତ୍ମକ ପ୍ରକୃତିର (Positive in nature) ଅଟେ । ରାଷ୍ଟ୍ର ତାହାର ଇଚ୍ଛା ଶକ୍ତି, ସମ୍ବଳ ଓ ସୁବିଧା ସୁଯୋଗ ଅନୁଯାୟୀ ଏହିସବୁ କାର୍ଯ୍ୟ ସମ୍ପାଦନ କରିଥାଏ । ଏହି କାର୍ଯ୍ୟଗୁଡ଼ିକ ପାଇଁ ରାଷ୍ଟ୍ରକୁ ବାଧ୍ୟ କରାଯାଇ ପାରିବ ନାହିଁ । ଏଗୁଡ଼ିକ ରାଷ୍ଟ୍ରର ସ୍ଥିତି ପାଇଁ ଅନିବାର୍ଯ୍ୟ ନ ହେଲେ ମଧ୍ୟ ଜନକଲ୍ୟାଣ ଦୃଷ୍ଟିରୁ ଉପାଦେୟ ଅଟେ । ଏହି କାର୍ଯ୍ୟଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା ।

୧. ଶିକ୍ଷାର ବିକାଶ ଓ ପ୍ରସାର (Development and Spread of Education) :

ଶିକ୍ଷା ବ୍ୟକ୍ତିର ନୈତିକ ଓ ବୌଦ୍ଧିକ ବିକାଶ ପାଇଁ ଏକାନ୍ତ ଆବଶ୍ୟକ । ଏହା ରାଷ୍ଟ୍ର ତଥା ସମାଜର ଚରିତ୍ର ଗଠନରେ ସହାୟକ ହୋଇଥାଏ । ରାଷ୍ଟ୍ର ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠା କରି ମେଧାବୃତ୍ତି ଓ ଶିକ୍ଷା ସହାୟକ ବୃତ୍ତି ପ୍ରଦାନ କରିଥାଏ ।

୨. ସ୍ୱାସ୍ଥ୍ୟ ସେବା (Health Services) :

ଏକ ଉନ୍ନତ ରାଷ୍ଟ୍ର ପାଇଁ ତାହାର ଜନସାଧାରଣମାନେ ସୁସ୍ଥ ଓ ସ୍ୱାସ୍ଥ୍ୟବାନ ହେବା ଜରୁରୀ । ଏଥିପାଇଁ ସ୍ୱାସ୍ଥ୍ୟ ସେବାର ଉନ୍ନତି ଓ ସ୍ୱାସ୍ଥ୍ୟକର ପରିବେଶ ଆବଶ୍ୟକ । ତେଣୁ ଜନମଙ୍ଗଳ ରାଷ୍ଟ୍ର ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଡାକ୍ତରଖାନା, ମହିଳା ଓ ଶିଶୁକଲ୍ୟାଣ କାର୍ଯ୍ୟକ୍ରମ, ସଂକ୍ରାମକ ରୋଗର ନିରାକରଣ, ଖାଦ୍ୟ ଅପମିଶ୍ରଣକୁ ରୋକିବା, ଶୁଦ୍ଧ ପାନୀୟ ଜଳ ଯୋଗାଣ ଇତ୍ୟାଦି ପଦକ୍ଷେପ ଦ୍ୱାରା ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଥାଏ ।

୩. କୃଷିର ବିକାଶ (Development of Agriculture) :

ରାଷ୍ଟ୍ରର ଆର୍ଥିକ ବିକାଶ କୃଷିର ଉନ୍ନତି ବିନା ଅସମ୍ଭବ । ଏହା ଦେଶର ପ୍ରଗତିର ଏକ ମାନଦଣ୍ଡ ଅଟେ । ତେଣୁ ଆଧୁନିକ ଜନମଙ୍ଗଳ ରାଷ୍ଟ୍ରଗୁଡ଼ିକ ଭୂ-ସଂସ୍କାର, ବୈଜ୍ଞାନିକ ପ୍ରଣାଳୀରେ କୃଷିକାର୍ଯ୍ୟର ବିକାଶ, ଉନ୍ନତ ବିହନ ଓ ରାସାୟନିକ ସାର ଯୋଗାଣ ବ୍ୟବସ୍ଥା ଦ୍ୱାରା ଏହି କାର୍ଯ୍ୟପାଇଁ ଆଗ୍ରହ ପ୍ରକାଶ କରି ତତ୍ପର ହୁଅନ୍ତି ।

୪. ଶିଳ୍ପ ଓ ବାଣିଜ୍ୟର ବିକାଶ (Development of Industries and Commerce) :

ଜନମଙ୍ଗଳ ରାଷ୍ଟ୍ର ଶିଳ୍ପ ଓ ବାଣିଜ୍ୟର ବିକାଶ ପାଇଁ ଗୁରୁତ୍ୱ ଦିଏ କାରଣ ଏହାଦ୍ୱାରା ରାଷ୍ଟ୍ରର ଆର୍ଥିକ ବିକାଶ ସାଧନ ହୁଏ । ଶିଳ୍ପ ଓ ବାଣିଜ୍ୟର ପ୍ରସାର ଫଳରେ କର୍ମନିଯୁକ୍ତି ବୃଦ୍ଧି ପାଏ ଓ ବେରୋଜଗାରୀ ସମସ୍ୟାର ସମାଧାନ ବହୁ ପରିମାଣରେ ହୋଇଥାଏ । ରାଷ୍ଟ୍ର ରପ୍ତାନୀ ଓ ଆମଦାନୀ ସମେତ ନୂତନ କାରିଗରୀ କୌଶଳର ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରେ ।

୫. ଜନହିତକର ସେବା (Public Utility Service) :

ଡାକ, ତାର ଓ ବିଦ୍ୟୁତ ସେବା, ପାନୀୟ ଜଳ ଯୋଗାଣ, ବଜାର ହାଟ, ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା, ପାଣିପାଗର ପୂର୍ବାନୁମାନ ଓ ସତର୍କ ସୂଚନା ପ୍ରଦାନ, ରାସ୍ତାଘାଟ ପରିଷ୍କାର ରଖିବା ଇତ୍ୟାଦି ଜନହିତକର କାର୍ଯ୍ୟ କରିବା ଆଧୁନିକ ଜନମଙ୍ଗଳ ରାଷ୍ଟ୍ରମାନଙ୍କ ପାଇଁ ନିୟମିତ କାର୍ଯ୍ୟରେ ପରିଣତ ହେଲାଣି ।

୬. ଗମନାଗମନ ଓ ଯୋଗାଯୋଗର ସୁବିଧା (Facilities of Transport and Communication) :

ଲୋକମାନଙ୍କ ଯାତାୟତ ଓ ଗମନାଗମନ ପାଇଁ ଜନମଙ୍ଗଳ ରାଷ୍ଟ୍ର ଉତ୍ତମ ଗମନାଗମନ ବ୍ୟବସ୍ଥା ପ୍ରବର୍ତ୍ତନ କରିଥାଏ । ଦେଶର ଆର୍ଥିକ ଉନ୍ନତି ପାଇଁ ରାଷ୍ଟ୍ର ମାଲପତ୍ର ପରିବହନ, ଡାକ ଓ ତାର, ରେଳ ଚଳାଚଳ, ବିମାନ ଚଳାଚଳ, ରାସ୍ତାଘାଟ ନିର୍ମାଣ ଓ ମରାମତିର କାର୍ଯ୍ୟ କରେ । ସହରାଞ୍ଚଳରେ ଯାନବାହନ ଚଳାଚଳର ନିୟନ୍ତ୍ରଣ କରିବା ଓ ଦୁର୍ଘଟଣା ନିରୋଧ କରିବା ପାଇଁ ରାଷ୍ଟ୍ର ଟ୍ରାଫିକ୍ ବ୍ୟବସ୍ଥା ଗ୍ରହଣ କରିଥାଏ । ଆଜିକାଲି ସୂଚନା ପ୍ରଯୁକ୍ତିର ବିକାଶ ଯୋଗୁଁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯୋଗାଯୋଗ ରକ୍ଷା କରିବା ସହଜସାଧ୍ୟ ହୋଇପାରିଛି ।

୭. ସାମାଜିକ ନିରାପତ୍ତା (Social Security):

ସମାଜରେ ଥିବା ବୃଦ୍ଧ, ଅନାଥ, ରୁଗ୍ଣ, ବିଧବା, ଶାରିରୀକ ଅକ୍ଷମ, ବେକାର ବା ନିସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ରାଷ୍ଟ୍ର ସାମାଜିକ ନିରାପତ୍ତା ଓ ସାହାଯ୍ୟ ପ୍ରଦାନ କରିଥାଏ । ଏହା ସହିତ ରାଷ୍ଟ୍ର ଦୁର୍ବଳ ଶ୍ରେଣୀର ସ୍ୱାର୍ଥ ରକ୍ଷା ମଧ କରିଥାଏ ।

୮. ସାହିତ୍ୟ, ବିଜ୍ଞାନ, କଳା ଓ ସଂସ୍କୃତିର ବିକାଶ (Development of Literature, Science, Art and Culture) :

ସାହିତ୍ୟ, ବିଜ୍ଞାନ, କଳା ଓ ସଂସ୍କୃତିର ବିକାଶ ରାଷ୍ଟ୍ରକୁ ବିକଶିତ ଓ ମହାନ୍ କରିଥାଏ । ଆଧୁନିକ ରାଷ୍ଟ୍ରଗୁଡ଼ିକ ଏହି ଦିଗଗୁଡ଼ିକ ପ୍ରତି ବିଶେଷ ଗୁରୁତ୍ୱ ଦିଅନ୍ତି ଏବଂ ସେଥିପାଇଁ ସରକାରୀ ବିଭାଗମାନ ରହିଥାଏ ।

୯. ପ୍ରାକୃତିକ ସମ୍ପଦର ବିକାଶ (Development of Natural Resources) :

ଜାତୀୟ ସ୍ୱାର୍ଥର ସୁରକ୍ଷା ଓ ବିକାଶ ପାଇଁ ରାଷ୍ଟ୍ର ନିଜର ପ୍ରାକୃତିକ ସମ୍ପଦର ବିନିଯୋଗ ଓ ବିକାଶ କରିବା ଆବଶ୍ୟକ । ପରିବେଶ ସୁରକ୍ଷା, ଜଙ୍ଗଲ ଓ ବଣ୍ୟଜନ୍ତୁଙ୍କର ସୁରକ୍ଷା, ମତ୍ସ୍ୟଚାଷର ଉନ୍ନତି, ସମୁଦ୍ର, ନଦୀ ଓ ଖଣିଜ ସମ୍ପଦର ସୁରକ୍ଷା ଓ ବିକାଶ ଦ୍ୱାରା ରାଷ୍ଟ୍ର ନିଜର ବିକାଶ ଆଣିପାରେ ।

**୪.୩. ଜନମଙ୍ଗଳ ରାଷ୍ଟ୍ରର ଯଥାର୍ଥତା ଓ ମୂଲ୍ୟାୟନ (Justification of Welfare State and its Evaluation) :**

ଜନମଙ୍ଗଳ ରାଷ୍ଟ୍ରର ମୂଲ୍ୟାୟନ ପାଇଁ ତାହାର ଉଭୟ ଯଥାର୍ଥତା ଓ ସମାଲୋଚନା ବିଷୟରେ ଆଲୋଚନା କରିବା ।

**୪.୩. (କ) ଜନମଙ୍ଗଳ ରାଷ୍ଟ୍ରର ଯଥାର୍ଥତା (Justification of Welfare State) :**

୧. ସକାରାତ୍ମକ ରାଷ୍ଟ୍ର (Positive State) :

ଜନମଙ୍ଗଳ ରାଷ୍ଟ୍ର ଏକ ଜଗୁଆଳି ବା ପୋଲିସ୍ ରାଷ୍ଟ୍ର ଭଳି କେବଳ ନକାରାତ୍ମକ କାର୍ଯ୍ୟ ନ କରି ବ୍ୟକ୍ତିତ୍ୱର ବିକାଶ ପାଇଁ ଅଧିକ କିଛି କରିବା ପାଇଁ ଗୁରୁତ୍ୱ ଦିଏ । ଏହା ଏକ ସକାରାତ୍ମକ ରାଷ୍ଟ୍ର । ଏଠାରେ ରାଷ୍ଟ୍ର 'ସେବାର ମାଧ୍ୟମ' ରୂପେ କାର୍ଯ୍ୟ କରେ । ବ୍ୟକ୍ତିର 'ଜନ୍ମରୁ ମୃତ୍ୟୁ' ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ରାଷ୍ଟ୍ର ବହନ କରେ ।

୨. ସର୍ବନିମ୍ନ ମୌଳିକ ସୁବିଧାର ପ୍ରତିଶ୍ରୁତି (Guarantee of basic minimum needs) :

ଜନମଙ୍ଗଳ ରାଷ୍ଟ୍ର ସମାଜର ପ୍ରତ୍ୟେକ ବ୍ୟକ୍ତିକୁ ଜୀବନଧାରଣ ଓ ଭରଣପୋଷଣ ପାଇଁ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗର ପ୍ରତିଶ୍ରୁତି ଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିକୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧା ରାଷ୍ଟ୍ର ଯୋଗାଇ ଦେଇଥାଏ ।

୩. ଜନହିତ ଓ ଜନମଙ୍ଗଳ ସେବା (Public Utility and Welfare) :

ଏହି ରାଷ୍ଟ୍ର ଜନହିତକର ଓ ଜନମଙ୍ଗଳ ସେବା ପ୍ରଦାନ କରି ଅଧିକ ଲୋକପ୍ରିୟତା ହାସଲ କରିଛି । ସମାଜର ଅବହେଳିତ ଓ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରି ଜନମଙ୍ଗଳ ରାଷ୍ଟ୍ର ସେମାନଙ୍କୁ ବଞ୍ଚିବାର ସୁଯୋଗ ଦିଏ । ରାଷ୍ଟ୍ରଠାରୁ ସେବା ପାଇବା ଲୋକମାନଙ୍କର ଅଧିକାର, ଏହା ରାଷ୍ଟ୍ରର ଅନୁଗ୍ରହ ବା ଦୟା ନୁହେଁ ।

୪. ସାମାଜିକ ଓ ଅର୍ଥନୈତିକ ନ୍ୟାୟ (Social and Economic Justice) :

ଜନମଙ୍ଗଳ ରାଷ୍ଟ୍ର ସମାଜରେ ଜାତି, ଧର୍ମ, ବର୍ଣ୍ଣ, ଭାଷା, ଲିଙ୍ଗ ଓ ଅଞ୍ଚଳ ଆଦି ଭିତ୍ତିରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଭେଦଭାବକୁ ଦୂର କରି ସାମାଜିକ ସମାନତା ଓ ନ୍ୟାୟ ପ୍ରତିଷ୍ଠା କରିବାକୁ ଚେଷ୍ଟା କରେ । ଏହା ସମାଜରେ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଥିବା ତାରତମ୍ୟକୁ ଦୂର କରି ଅର୍ଥନୈତିକ ସମତା ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରେ ।

୫. ମିଶ୍ର ଅର୍ଥନୀତି ଓ ଯୋଜନା (Mixed Economy and Planning) :

ଜନମଙ୍ଗଳ ରାଷ୍ଟ୍ର ବ୍ୟକ୍ତିଗତ ଓ ସମାଜବାଦର ଉଗ୍ର ରୂପକୁ ପରିହାର ଏକ ମଧ୍ୟବର୍ତ୍ତୀ ସ୍ଥାନ ବାଛି ନେଇଛି ଓ ଏକ ମିଶ୍ର ଅର୍ଥନୀତି ଅନୁସରଣ କରିଛି । ଏହା ଉଭୟ ରାଜନୈତିକ ସ୍ୱାଧୀନତା ଓ ଅର୍ଥନୈତିକ ସମାନତା ପ୍ରତିଷ୍ଠା ଦିଗରେ ଚେଷ୍ଟା କରେ । ଏଠାରେ ସୀମିତ ପୁଞ୍ଜିବାଦ ଓ ସୀମିତ ସମାଜବାଦ ସହିତ ଉଭୟ ରାଷ୍ଟ୍ରୀୟ (ସରକାରୀ) ଓ ଘରୋଇ (ବେସରକାରୀ) ଉଦ୍ୟୋଗ ଏକତ୍ର ଦେଖିବାକୁ ମିଳେ । ଏହି ରାଷ୍ଟ୍ର ଯୋଜନା ମାଧ୍ୟମରେ ଜାତୀୟ ଅର୍ଥନୀତିର ପରିଚାଳନା ଓ ବିକାଶ ଉପରେ ଗୁରୁତ୍ୱ ଦିଏ ।

୬. ଗଣତନ୍ତ୍ର ଉପରେ ଗୁରୁତ୍ୱ (Emphasis on Democracy) :

ଜନମଙ୍ଗଳ ରାଷ୍ଟ୍ର ଗଣତାନ୍ତ୍ରିକ ଅନୁଷ୍ଠାନ ଓ ପ୍ରକ୍ରିୟା ଉପରେ ଗୁରୁତ୍ୱ ପ୍ରଦାନ କରେ । ଗଣତନ୍ତ୍ର ଜନମଙ୍ଗଳ ରାଷ୍ଟ୍ରର ଏକ ମୌଳିକ ଉପାଦାନ ।

୭. ବନ୍ଧୁ, ଦାର୍ଶନିକ ଓ ପଥପ୍ରଦର୍ଶକ ରାଷ୍ଟ୍ର (Feiend, Philosopher and Guide state) :

ଜନମଙ୍ଗଳ ରାଷ୍ଟ୍ର ବ୍ୟକ୍ତିର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯତ୍ନ ନେଇଥାଏ । କେବଳ ତା'ର ବିପଦ ଆପଦ ନୁହେଁ ବରଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହି ରାଷ୍ଟ୍ର ତା'ର ବନ୍ଧୁ, ଦାର୍ଶନିକ ଓ ପଥ-ପ୍ରଦର୍ଶକ ଭାବରେ ତାକୁ ସାହାଯ୍ୟ କରିଥାଏ ଓ ଉଚିତ୍ ମାର୍ଗ ଦର୍ଶନରେ ସହାୟକ ହୋଇଥାଏ । ତେଣୁ ଏହା ବ୍ୟକ୍ତି ଓ ସମାଜ ପାଇଁ ବନ୍ଧୁ, ଦାର୍ଶନିକ ଓ ପଥ-ପ୍ରଦର୍ଶକ ଭାବେ କାର୍ଯ୍ୟ କରେ ।

୮. ଅନୁନ୍ନତ ସମାଜର ଆବଶ୍ୟକତା (Necessiry of underdeveloped societies) :

ଅନୁନ୍ନତ ଓ ବିକାଶମୁଖୀ ସମାଜ ତଥା ରାଷ୍ଟ୍ରଗୁଡ଼ିକ ସମାଜର ସାମଗ୍ରିକ ଓ ଦ୍ରୁତ ବିକାଶ ପାଇଁ ଜନମଙ୍ଗଳ ରାଷ୍ଟ୍ର ବ୍ୟବସ୍ଥାକୁ ଏକ ଜରୁରୀ ଆବଶ୍ୟକତା ବୋଲି ମନେ କରନ୍ତି ।

## ୪.୪. ଜନମଙ୍ଗଳ ରାଷ୍ଟ୍ରର ସମାଲୋଚନା (Criticisms of Welfare State) :

ଜନମଙ୍ଗଳ ରାଷ୍ଟ୍ରର ଅନେକ ଆବଶ୍ୟକତା ସତ୍ତ୍ୱେ ନିମ୍ନଲିଖିତ ସମାଲୋଚନା ଗୁଡ଼ିକରୁ ଏହା ମୁକ୍ତ ନୁହେଁ ।

୧. ବ୍ୟୟବହୁଳ (Expensive) :

ଏହା ସମାଜର ପ୍ରତ୍ୟେକ ବ୍ୟକ୍ତିକୁ ସାମାଜିକ ଓ ଆର୍ଥିକ ନିରାପତ୍ତା ଓ ସର୍ବନିମ୍ନ ସୁରକ୍ଷା ପ୍ରଦାନ କରିବା ପାଇଁ ବହୁଳ ଅର୍ଥ ବ୍ୟୟ କରିଥାଏ । ଫଳରେ ଅନ୍ୟାନ୍ୟ ଦିଗରେ ବିନିଯୋଗ ପାଇଁ ରାଷ୍ଟ୍ରୀୟ ଅର୍ଥ ନିଅଣ୍ଟ ହୁଏ ।

୨. କରଭାର ବୃଦ୍ଧି (Increased burden of taxation) :

ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ପାଇଁ ଏହି ରାଷ୍ଟ୍ର ଅଧିକ ଅର୍ଥ ଆବଶ୍ୟକ କରେ ଓ ଏହି ଆବଶ୍ୟକତା ପାଇଁ ଜନମଙ୍ଗଳ ରାଷ୍ଟ୍ର ଜନସାଧାରଣଙ୍କ ଉପରେ ଅଧିକ କର ଲାଗୁ କରିଥାଏ ।

୩. ପରାଙ୍ଗପୁଷ୍ଟ ମନୋବୃତ୍ତି (Parasite attitude) :

ଜନମଙ୍ଗଳ ରାଷ୍ଟ୍ର ପ୍ରତ୍ୟେକ ବ୍ୟକ୍ତିକୁ ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ କରିବାର ପ୍ରତିଶ୍ରୁତି ସହିତ ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ମଧ୍ୟ ଯୋଗାଇଦିଏ । ଏହା ଫଳରେ ଜନସାଧାରଣ ଉତ୍ସାହ ଓ ଆଗ୍ରହ ହରାଇ ଅଳସୁଆ ଓ କର୍ମକୁଣ୍ଠ ହୋଇ ପଡ଼ନ୍ତି । ବିନା ପରିଶ୍ରମରେ ଅର୍ଥ ରୋଜଗାର କରିବାର ପ୍ରବୃତ୍ତି ସେମାନଙ୍କଠାରେ ବଢ଼ିବାରେ ଲାଗେ । ଏହାଦ୍ୱାରା ସେମାନଙ୍କ ଭିତରେ ଏକ ପରାଙ୍ଗପୁଷ୍ଟ ମନୋବୃତ୍ତି ସୃଷ୍ଟି ହୁଏ, ଯାହା ବ୍ୟକ୍ତି ଓ ରାଷ୍ଟ୍ର ଉଭୟଙ୍କ ପାଇଁ କ୍ଷତିକାରକ ।

୪. ଅମଲାତାନ୍ତ୍ରିକ ଶାସନ (Bureaucratic Rule) :

ଜନମଙ୍ଗଳ ରାଷ୍ଟ୍ରର କାର୍ଯ୍ୟଭାର ବୃଦ୍ଧି ପାଉଥିବାରୁ ଅମଲାମାନଙ୍କ ଦ୍ୱାରା ଅନେକ କାର୍ଯ୍ୟ ସମ୍ପାଦିତ ହୁଏ । ତେଣୁ ଅମଲାତନ୍ତ୍ର ଅଧିକ ଶକ୍ତିଶାଳୀ ହୋଇଉଠେ । ଏହାର ନାଲି ଫିତାବାଦ (Red tapism) ଯୋଗୁଁ କାର୍ଯ୍ୟ ସମ୍ପାଦନରେ ବିଳମ୍ବ ହୁଏ, ଦୁର୍ନୀତି ବ୍ୟାପିଥାଏ ଓ ସରକାରୀ କ୍ଷେତ୍ରରେ ଦକ୍ଷତା ହ୍ରାସ ପାଏ ।

୫. ବ୍ୟକ୍ତିର ଉତ୍ସାହ ହ୍ରାସ (Kills the incentives) :

ଜନମଙ୍ଗଳ ରାଷ୍ଟ୍ରର ସର୍ବବ୍ୟାପୀ କାର୍ଯ୍ୟକଳାପ ଯୋଗୁଁ ବ୍ୟକ୍ତିର ଉତ୍ସାହ, ଦକ୍ଷତା ଓ ସୃଜନଶୀଳତା ନଷ୍ଟ ହୋଇଥାଏ, ଯାହା ଦ୍ୱାରା ବ୍ୟକ୍ତି ନିଜର କର୍ତ୍ତବ୍ୟବୋଧ ଓ ଉତ୍ତରଦାୟିତ୍ୱକୁ ଭୁଲି ରାଷ୍ଟ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ତେଣୁ ବ୍ୟକ୍ତିର ବିକାଶ ଠିକ୍ ଭାବେ ହୁଏ ନାହିଁ । ଏଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସଂଘମାନଙ୍କର ଗୁରୁତ୍ୱ ହ୍ରାସ ପାଏ ।

୬. ଦରିଦ୍ର ରାଷ୍ଟ୍ର ପାଇଁ ଅନୁପଯୋଗୀ (Not suitable for poor state) :

ଦରିଦ୍ର ରାଷ୍ଟ୍ରଗୁଡ଼ିକ ପାଇଁ ଜନମଙ୍ଗଳ ରାଷ୍ଟ୍ର ବ୍ୟବସ୍ଥା ଗ୍ରହଣ କରିବା ଉପଯୁକ୍ତ ନୁହେଁ । କାରଣ ନିଜର ସୀମିତ ସମ୍ବଳକୁ ସେମାନେ କେବଳ ଜନହିତକର ଓ କଲ୍ୟାଣମୂଳକ କାର୍ଯ୍ୟରେ ଲଗାଇଲେ, ଅନ୍ୟ ଦିଗ ପ୍ରତି ଅବହେଳା ହେବ ଓ ଅର୍ଥ ସଂକଟ ଦେଖାଦେବ । ଫଳରେ ସେମାନେ ବିଦେଶୀ ରାଷ୍ଟ୍ର ମାନଙ୍କଠାରୁ ଋଣ କରିବାକୁ ବାଧ ହେବେ । ତେଣୁ ଗରିବ ରାଷ୍ଟ୍ର ପାଇଁ ଏହି ବ୍ୟବସ୍ଥା ଉପଯୁକ୍ତ ନୁହେଁ ।

ଏସବୁ ସମାଲୋଚନା ସତ୍ତ୍ୱେ ଜନମଙ୍ଗଳ ରାଷ୍ଟ୍ରକୁ ସର୍ବଶ୍ରେଷ୍ଠ ରାଷ୍ଟ୍ର ରୂପେ ଅଭିହିତ କରାଯାଏ । ଆଧୁନିକ ଯୁଗରେ ଏହା ଅତ୍ୟନ୍ତ ଜନପ୍ରିୟ ରାଷ୍ଟ୍ର ଭାବରେ ପରିଗଣିତ ହୋଇଅଛି ।

## ୪.୫. ସାରାଂଶ

* ଜନମଙ୍ଗଳ ରାଷ୍ଟ୍ର ସାମାଜିକ ଉଦାରବାଦର ଫଳ ।
* ଜନମଙ୍ଗଳ ରାଷ୍ଟ୍ର ପାଇଁ ଗଣତନ୍ତ୍ର ଏକ ମୌଳିକ ଆବଶ୍ୟକତା ଓ ଆଧାର ।
* ବିଂଶ ଶତାବ୍ଦୀରେ ବିଶେଷତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜନମଙ୍ଗଳ ରାଷ୍ଟ୍ରର ଆବିର୍ଭାବ ଓ ପ୍ରସାର ଘଟିଲା ।
* ଜନମଙ୍ଗଳ ରାଷ୍ଟ୍ର ତତ୍ତ୍ୱର ଉତ୍ପତ୍ତିର ମୂଳ କାରଣ ବା ଐତିହାସିକ ପୃଷ୍ଠଭୂମି ହେଲା :

  (୧) ୧୯୩୦ ର ଆର୍ଥିକ ମାନ୍ଦାବସ୍ଥା,

  (୨) ରୁଜଭେଲଟ୍‌ଙ୍କ ନିଉ ଡିଲ (New Deal) ଯୋଜନା,

  (୩) ୧୯୪୨ ର ଉଇଲିୟମ ବେଭେରିଜ୍‌ଙ୍କ ରିପୋର୍ଟ ଓ

  (୪) ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ।
* ଟି. ଏଚ. ଗ୍ରୀନ୍, ଏଲ.ଟି. ହବହାଉସ, ହବସନ୍, ଜେ. ଏମ. କେନସ ପ୍ରଭୃତି ହେଉଛନ୍ତି ଏହି ତତ୍ତ୍ୱର ମୁଖ୍ୟ ପ୍ରବକ୍ତା ।
* ଯେଉଁ ରାଷ୍ଟ୍ର ଜନସାଧାରଣଙ୍କୁ ସାମାଜିକ ଓ ଜନମଙ୍ଗଳ ସେବା ପ୍ରଦାନ କରେ ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ଜୀବନଧାରଣର ସର୍ବନିମ୍ନ ମାନ ଓ ସୁଯୋଗର ପ୍ରତିଶ୍ରୁତି ଦେଇଥାଏ, ତାହାକୁ ଜନମଙ୍ଗଳ ରାଷ୍ଟ୍ର କୁହାଯାଏ ।
* ଏହା କେବଳ "ପୋଲିସ୍ କାର୍ଯ୍ୟ" ନ କରି ଲୋକମାନଙ୍କର ସର୍ବବିଧ ଉନ୍ନତି ପାଇଁ କାର୍ଯ୍ୟ କରେ ।
* ଆଧୁନିକ ଜନମଙ୍ଗଳ ରାଷ୍ଟ୍ର ଉଭୟ ବାଧ୍ୟତାମୂଳକ ଓ ଇଚ୍ଛାଧୀନ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।
* ବାଧ୍ୟତାମୂଳକ କାର୍ଯ୍ୟ ହେଉଛି - ଆଇନ୍ ଶୃଙ୍ଖଳା ରକ୍ଷା, ବ୍ୟକ୍ତିର ଧନଜୀବନର ସୁରକ୍ଷା, ପ୍ରତିରକ୍ଷା, ନ୍ୟାୟ ପ୍ରଦାନ ଓ ଆନ୍ତର୍ଜାତିକ ସମ୍ପର୍କ ରକ୍ଷା ।
* ଇଚ୍ଛାଧୀନ କାର୍ଯ୍ୟ ହେଉଛି -

  ଶିକ୍ଷା, ସ୍ୱାସ୍ଥ୍ୟ, ସେବା, କୃଷି, ସାମାଜିକ ନିରାପତ୍ତା ଓ ଜନହିତକର ସେବା ।
* ଏହି ରାଷ୍ଟ୍ର ମିଶ୍ର ଅର୍ଥନୀତିରେ ବିଶ୍ୱାସ କରେ ।
* ଜନମଙ୍ଗଳ ରାଷ୍ଟ୍ର ଏକ ସକାରାତ୍ମକ ରାଷ୍ଟ୍ର ଯାହା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶରେ ସହାୟକ ହୋଇଥାଏ ।
* ଏହା ବ୍ୟକ୍ତି ଓ ସମାଜ ପାଇଁ ଏକ ବନ୍ଧୁ, ଦାର୍ଶନିକ ଓ ପଥ ପ୍ରଦର୍ଶକ ରାଷ୍ଟ୍ର ଭାବେ କାର୍ଯ୍ୟ କରେ ।
* ଜନମଙ୍ଗଳ ରାଷ୍ଟ୍ର ଏକ ବ୍ୟୟବହୁଳ ରାଷ୍ଟ୍ର । ଏଠାରେ ଅମଲାତାନ୍ତ୍ରିକ ଶାସନ ଦେଖାଯାଏ । ଏହି ରାଷ୍ଟ୍ରରେ କର ଭାର ବୃଦ୍ଧି ପାଏ ଓ ବ୍ୟକ୍ତିର ପରାଙ୍ଗପୁଷ୍ଟ ମନୋଭାବ ସୃଷ୍ଟି ହୁଏ ।
* ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର, ଯାହା ସମ୍ବିଧାନର ଚତୁର୍ଥ ଭାଗରେ ବର୍ଣ୍ଣନା କରାଯାଇଛି ।

**୪.୬. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ :**

୧. ଜନମଙ୍ଗଳ ରାଷ୍ଟ୍ର କ'ଣ ? ଏହାର ଅର୍ଥ ବୁଝାଇ ଲେଖ ।

୨. ଜନମଙ୍ଗଳ ରାଷ୍ଟ୍ରର ଉତ୍ପତ୍ତି କିପରି ହେଲା ?

୩. ଜନମଙ୍ଗଳ ରାଷ୍ଟ୍ରର ଐତିହାସିକ ପୃଷ୍ଠଭୂମି ଲେଖ ।

୪. ଜନମଙ୍ଗଳ ରାଷ୍ଟ୍ର କ'ଣ ? ଏହାର କାର୍ଯ୍ୟାବଳୀ ବର୍ଣ୍ଣନା କର ।

୫. ଜନମଙ୍ଗଳ ରାଷ୍ଟ୍ରର ଅର୍ଥ ଓ ସଂଜ୍ଞା ଲେଖ ।

୬. ଜନମଙ୍ଗଳ ରାଷ୍ଟ୍ରର ମୂଲ୍ୟାଙ୍କନ କର ।

**୪.୭. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର :**

୧. ଅନୁଚ୍ଛେଦ ୪.୧ ପାଠ କରନ୍ତୁ ।

୨. ଅନୁଚ୍ଛେଦ ୪.୧.୧ ପାଠ କରନ୍ତୁ ।

୩. ଅନୁଚ୍ଛେଦ ୪.୧.୧ ପାଠ କରନ୍ତୁ ।

୪. ଅନୁଚ୍ଛେଦ ୪.୧, ୪.୨ ପାଠ କରନ୍ତୁ ।

୫. ଅନୁଚ୍ଛେଦ ୪.୧, ୪.୧.୨. ପାଠ କରନ୍ତୁ ।

୬. ଅନୁଚ୍ଛେଦ ୪.୩(କ), ୪.୪. ପାଠ କରନ୍ତୁ ।

❖❖❖

# ଜଗତୀକରଣ
# (GLOBALISATION)

**ସଂରଚନା :**

| | |
|---|---|
| ୫ | ଉଦ୍ଦେଶ୍ୟ |
| ୫.୧ | ଜଗତୀକରଣର ପୃଷ୍ଠଭୂମି । |
| ୫.୨ | ଜଗତୀକରଣର ଅର୍ଥ ଓ ବିଶେଷତ୍ୱ |
| ୫.୩ | ଜଗତୀକରଣର ଯଥାର୍ଥତା |
| ୫.୪ | ଜଗତୀକରଣର ସମାଲୋଚନା |
| ୫.୫ | ସାରାଂଶ |
| ୫.୬ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୫.୭ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |

**୫. ଉଦ୍ଦେଶ୍ୟ :**

ଏହି ବିଷୟବସ୍ତୁ ଅଧ୍ୟୟନ ପରେ ଆପଣ ;

* ଜଗତୀକରଣର ଉଦ୍‌ଭବର କାରଣ କ'ଣ ଓ ଏହାର ଅର୍ଥ କ'ଣ ଜାଣିପାରିବେ ।
* ଜଗତୀକରଣ ପ୍ରକ୍ରିୟାର ବିଶେଷତ୍ୱ ଓ ବୈଶିଷ୍ଟ୍ୟଗୁଡ଼ିକୁ ବୁଝି ପାରିବେ ।
* ଜଗତୀକରଣର ଯଥାର୍ଥତା ବା ସପକ୍ଷରେ ଥିବା ଯୁକ୍ତିଗୁଡ଼ିକ ବୁଝିପାରିବେ ।
* ଜଗତୀକରଣର ସମାଲୋଚନା ବା ପିପକ୍ଷରେ ଥିବା ଯୁକ୍ତିଗୁଡ଼ିକ ଜାଣିପାରିବେ ।

**୫.୧ - ଜଗତୀକରଣର ପୃଷ୍ଠଭୂମି (Background of Globalisation) :**

ରାଷ୍ଟ୍ରର କାର୍ଯ୍ୟ ପରିସରର ସମ୍ବନ୍ଧୀୟ ସିଦ୍ଧାନ୍ତଗୁଡ଼ିକ ମଧ୍ୟରୁ 'ଜଗତୀକରଣ' ମତବାଦ ସବୁଠାରୁ ଆଧୁନିକ । ଏହି ସିଦ୍ଧାନ୍ତକୁ 'ଭୂମଣ୍ଡଳୀକରଣ' ବା 'ବିଶ୍ୱାୟନ' ମଧ୍ୟ କୁହାଯାଏ । ବିଂଶ ଶତାବ୍ଦୀର ଶେଷ ଭାଗରେ ଆମେରିକା ଓ ଇଉରୋପୀୟ ରାଷ୍ଟ୍ରମାନଙ୍କରେ ଏହି ସିଦ୍ଧାନ୍ତର ପ୍ରସାର ଘଟିଅଛି । ଏହା ରାଷ୍ଟ୍ରର ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହ ସଂଯୋଗ କରେ ଏବଂ ମୁକ୍ତ ବଜାର ଓ ମୁକ୍ତ ବାଣିଜ୍ୟ ମାଧ୍ୟମରେ ବିଶ୍ୱ ଅର୍ଥନୀତି ପରିଚାଳନା କରିବାର ଲକ୍ଷ୍ୟ ରଖେ । ଏହା ଅବାଧ ପ୍ରତିଯୋଗିତା (Free competition) ଉପରେ ଗୁରୁତ୍ୱ ପ୍ରଦାନ କରେ । ପାରସ୍ପରିକ ସଂଯୋଗ ଓ ଘନିଷ୍ଠତା ଦ୍ୱାରା ସାରା ବିଶ୍ୱର ରାଷ୍ଟ୍ରମାନଙ୍କୁ ଏକତ୍ର କରିବାର ପ୍ରକ୍ରିୟା ହେଉଛି ଜଗତୀକରଣ । ଏହାକୁ ନବ-ଉଦାରବାଦ (Neo liberalism) ମଧ୍ୟ

କୁହାଯାଏ । ଜଗତୀକରଣ ନିର୍ଦ୍ଦିଷ୍ଟ ଅର୍ଥରେ କେବେ ଆରମ୍ଭ ହେଲା ତାହା କହିବା କଷ୍ଟକର । ଷୋଡ଼ଶ ଶତାବ୍ଦୀରେ ଇଉରୋପୀୟ ପୁଞ୍ଜିବାଦର ସମ୍ପ୍ରସାରଣରୁ ଜଗତୀକରଣର ସୃଷ୍ଟି ହୋଇଛି ବୋଲି କେତେକ ମତ ଦେବାବେଳେ ଅନ୍ୟ କେତେକ ଏହାର ସୃଷ୍ଟି ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ବୋଲି ଦର୍ଶାଇଛନ୍ତି । ରବର୍ଟସନ (Robertson)ଙ୍କ ମତରେ ଜଗତୀକରଣ ୧୮୭୫ ରୁ ୧୯୨୫ ମଧ୍ୟରେ ଆରମ୍ଭ ହୋଇଥିଲା କାରଣ ସେହି ସମୟ ଭିତରେ ବିଶ୍ୱର ସମୟ ମହାମଣ୍ଡଳ (Time zone) ଓ ଆନ୍ତର୍ଜାତୀୟ ତାରିଖ ରେଖା (International Date line) ର ପ୍ରତିଷ୍ଠା, ସାରା ବିଶ୍ୱରେ ଗ୍ରିଗୋରିଆନ୍ ପଞ୍ଜିକା (Gregorian Calender) ଏବଂ ଆନ୍ତର୍ଜାତୀୟ ତାରବାର୍ତ୍ତା ଓ ସଙ୍କେତ ଲିପି (International Telegraphic and signalling codes) ର ପ୍ରଚଳନ ହୋଇଥିଲା । ଆଉ କେତେକଙ୍କ ଯୁକ୍ତିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ଯୁଗର ଆରମ୍ଭ, ଉପନିବେଶ ଗୁଡ଼ିକର ମୁକ୍ତି ବା ସ୍ୱାଧୀନତା, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗର ନବୀକରଣ ଓ ଉତ୍ତର ପୂର୍ବ ଏସିଆର ଦେଶମାନଙ୍କର ଅର୍ଥନୈତିକ ଉତ୍‌ଥାନ ସହିତ ଜଗତୀକରଣର ଆରମ୍ଭ ହେଲା ।

ପ୍ରକୃତରେ ବିଧିବଦ୍ଧ ଭାବରେ ବିଶ୍ୱକୁ ଏକତ୍ର କରି ଶାନ୍ତି ସ୍ଥାପନା କରିବାର ରାଜନୈତିକ ଯୋଜନା ପ୍ରଥମ ବିଶ୍ୱଯୁଦ୍ଧ ପରେ ୧୯୨୦ ମସିହାରେ ରାଷ୍ଟ୍ରମଣ୍ଡଳ (League of Nations) ଗଠନ ଦ୍ୱାରା ଆରମ୍ଭ ହୋଇଥିଲା । ଏହା ବିଫଳ ହେବାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୫ ମସିହାରେ ଏହି ରାଜନୈତିକ ଜଗତୀକରଣର ବିକାଶ ପାଇଁ ବିକାଶଶୀଳ ରାଷ୍ଟ୍ର ମାନଙ୍କର ମିଳିତ ଉଦ୍ୟମରେ ପ୍ରତିଷ୍ଠା ହେଲା ମିଳିତ ଜାତିସଂଘ । ଏହାର ମୂଳ ଲକ୍ଷ୍ୟ ହେଲା ରାଷ୍ଟ୍ରମାନଙ୍କର ମିଳିତ ଉଦ୍ୟମରେ ଉପନିବେଶବାଦ, ତଥା ଯୁଦ୍ଧ ଓ ଆତଙ୍କରାଜର ବିଲୋପ, ବିଶ୍ୱ ଶାନ୍ତି ସ୍ଥାପନ, ସାର୍ବଜନୀନ ମାନବିକ ଅଧିକାରର ଘୋଷଣା ଓ ତା'ର କାର୍ଯ୍ୟକାରିତା ଜାରି ରଖିବା । ମିଳିତ ଜାତିସଂଘ ତାହାର ବିଭିନ୍ନ ଅଙ୍ଗମାନଙ୍କ ଦ୍ୱାରା ଅର୍ଥନୈତିକ, ସାଂସ୍କୃତିକ, ପ୍ରଯୁକ୍ତିଗତ ଓ ପରିବେଶୀୟ ଜଗତୀକରଣରେ ସହାୟକ ହୋଇପାରିଛି । ସେଗୁଡ଼ିକ ମଧ୍ୟରୁ ପ୍ରମୁଖ ଭୂମିକା ନେଇଥିବା ସଂସ୍ଥାମାନେ ହେଲେ : ବିଶ୍ୱ ବ୍ୟାଙ୍କ (World Bank), ଅର୍ଥନୈତିକ ଓ ସାମାଜିକ ପରିଷଦ (Economic and Social Council), ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି (International Monetary Fund), ବିଶ୍ୱ ବାଣିଜ୍ୟ ସଂଗଠନ (World Trade Organisation), ଓ ମିଳିତ ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ପରିଷଦ (UNESCO) ଇତ୍ୟାଦି । ସେଭଳି ବିଭିନ୍ନ ବିଶ୍ୱ ଦିବସ ଯଥା ବିଶ୍ୱ ମହିଳା ଦିବସ, ବିଶ୍ୱ ସ୍ୱାକ୍ଷରତା ଦିବସ, ବିଶ୍ୱ ପରିବେଶ ଦିବସ, ମାନବିକ ଅଧିକାର ଦିବସ ଆଦି ସାରା ବିଶ୍ୱରେ ପାଳିତ ହେଉଛି ।

ଜଗତୀକରଣର ଯେଉଁ ଦିଗଟି ଅଧିକ ପ୍ରଭାବଶାଳୀ ଓ ଆମର ପାଠ୍ୟକ୍ରମ ସହିତ ଅଧିକ ସଂପୃକ୍ତ ତାହା ହେଲା ଅର୍ଥନୈତିକ ଜଗତୀକରଣ । ୧୯୭୦ ଓ ୧୯୮୦ ଦଶକମାନଙ୍କରେ ବିଶ୍ୱର ଶିଳ୍ପ ଜଗତରେ ଅର୍ଥନୈତିକ ସଂକଟ ଦେଖାଦେବାରୁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହେଲା । ତେଣୁ ପୁଞ୍ଜିବାଦୀ ରାଷ୍ଟ୍ରମାନେ ଓ ସେମାନଙ୍କର ବହୁଦେଶୀୟ କମ୍ପାନୀଗୁଡ଼ିକ (Multi National Companies - MNCs) ବିପୁଳ କ୍ଷତି ସହିବାରୁ ସେମାନେ ଅନ୍ୟାନ୍ୟ ଦେଶ ବିଶେଷ କରି ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରମାନଙ୍କରେ ସେମାନଙ୍କର ବଜାର ସମ୍ପ୍ରସାରିତ କଲେ । ୧୯୯୧ ମସିହାରୁ ଭାରତ ଅର୍ଥନୈତିକ ଜଗତୀକରଣ ପ୍ରକ୍ରିୟାରେ ନିଜକୁ ସାମିଲ କରିଛି । ଅର୍ଥନୈତିକ ଜଗତୀକରଣର ଉଦ୍ଦେଶ୍ୟ ହେଲା ବିଶ୍ୱ ଅର୍ଥନୀତିକୁ ନୂତନ ଦିଗରେ ପରିଚାଳିତ କରିବା ଏବଂ ବିଶ୍ୱରେ ଏକ ସୁସ୍ଥ ବାଣିଜ୍ୟିକ ପରିବେଶ ସୃଷ୍ଟି କରିବା । ବିଶ୍ୱ ବାଣିଜ୍ୟ ସଂଗଠନରେ ଭାରତ ସମେତ ୧୪୮ ଟି ସଦସ୍ୟ ରାଷ୍ଟ୍ର ଅଛନ୍ତି । ଜଗତୀକରଣ ପ୍ରକ୍ରିୟା ଏକ ବିଶ୍ୱଗ୍ରାମ (Global village) ର ଲକ୍ଷ୍ୟ ରଖେ ।

**୫.୨.ଜଗତୀକରଣର ଅର୍ଥ ଓ ବିଶେଷତ୍ୱ (Meaning and Importance of Globalisation) :**

ଜଗତୀକରଣ ଏକ ପ୍ରକ୍ରିୟା ଓ ସିଦ୍ଧାନ୍ତ ଯାହା ସମଗ୍ର ବିଶ୍ୱର ରାଷ୍ଟ୍ରମାନଙ୍କୁ ଏକତ୍ର କରିବାର ପ୍ରୟାସ କରେ । ଏକ ସିଦ୍ଧାନ୍ତ ଭାବରେ ଜଗତୀକରଣ ରାଷ୍ଟ୍ରର ସୀମିତ କାର୍ଯ୍ୟକଳାପ, ବ୍ୟକ୍ତି ସ୍ୱାଧୀନତା ଓ ମୁକ୍ତ ବଜାର ଅର୍ଥନୀତି ଉପରେ ଗୁରୁତ୍ୱ ଆରୋପ କରେ । ବ୍ୟକ୍ତିବାଦ ଭଳି ଏହି ତତ୍ତ୍ୱ ରାଷ୍ଟ୍ରର କାର୍ଯ୍ୟକଳାପକୁ ସୁରକ୍ଷାମୂଳକ ବା ଅତ୍ୟାବଶ୍ୟକ କାର୍ଯ୍ୟରେ ସୀମିତ ରଖେ । ଜଗତୀକରଣ ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଶୀୟ, ପ୍ରଯୁକ୍ତିଗତ ଆଦି କ୍ଷେତ୍ରରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରମାନଙ୍କର ଏକ ମିଳିତ ଉଦ୍ୟମକୁ ପରିପ୍ରକାଶ କରେ । ପ୍ରକୃତରେ ଅଧିକ ବାସ୍ତବ କ୍ଷେତ୍ରରେ ଜଗତୀକରଣ ଅର୍ଥନୈତିକ ନୂତନ ଉଦାରବାଦ (Neo-liberalisation) କୁ ବୁଝାଏ । ଏହା ଅର୍ଥନୈତିକ କ୍ଷେତ୍ରରେ ଉଦାରୀକରଣ (Liberalisation), ଘରୋଇକରଣ (Privatisation) ଓ ବିଶ୍ୱାୟନ (Globalisation) ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଏ । ଏହାର ମୂଳ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ରାଷ୍ଟ୍ରର ଜାତୀୟ ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହ ସଂଯୋଗ କରିବା । ଏହା ରାଷ୍ଟ୍ରକୁ ଏକ ରାଜନୈତିକ ସଂସ୍ଥା ବା ଅନୁଷ୍ଠାନ ହିସାବରେ ଗ୍ରହଣ କରେ ଏବଂ ମୁକ୍ତବଜାର ଅର୍ଥନୀତି ଓ ଅବାଧ ପ୍ରତିଯୋଗିତାରେ ବିଶ୍ୱାସ କରେ । ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ପୁଞ୍ଜି, ମାନବସମ୍ବଳ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଅବାଧ ଚଳପ୍ରଚଳ ଏବଂ ମୁକ୍ତ ବଜାର ଓ ମୁକ୍ତ ବାଣିଜ୍ୟ ମାଧ୍ୟମରେ ଏକ ମୁକ୍ତ ବିଶ୍ୱ ଅର୍ଥନୀତି ସୃଷ୍ଟି କରିବା ଜଗତୀକରଣର ଲକ୍ଷ୍ୟ । ଏହାଦ୍ୱାରା ଉଭୟ ଉନ୍ନତ ଓ ଅନୁନ୍ନତ ରାଷ୍ଟ୍ରମାନେ ଉପକୃତ ହେବାର ଲକ୍ଷ୍ୟ ରଖନ୍ତି । ଉନ୍ନତ ରାଷ୍ଟ୍ରମାନେ ସେମାନଙ୍କର ପୁଞ୍ଜିନିବେଶ ଓ ଲାଭର ଉଦ୍ଦେଶ୍ୟରେ ଏବଂ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରମାନେ ସେମାନଙ୍କର ସମ୍ବଳର ସଦୁପଯୋଗ ଓ ଦ୍ରୁତ ଅର୍ଥନୈତିକ ପ୍ରଗତି ପାଇଁ ଜଗତୀକରଣ ପ୍ରକ୍ରିୟାକୁ ଗ୍ରହଣ କରିଛନ୍ତି ।

ଜଗତୀକରଣ ପ୍ରକ୍ରିୟା ଦ୍ୱାରା ଗୋଟିଏ ଅଞ୍ଚଳ, ସମାଜ ବା ରାଷ୍ଟ୍ର ଅନ୍ୟ ଅଞ୍ଚଳ, ସମାଜ ଓ ରାଷ୍ଟ୍ର ସହିତ ସଂଯୁକ୍ତ ହୋଇପାରନ୍ତି । ଗୋଟିଏ ଚିନ୍ତାଧାରା, ଆଦର୍ଶ, ପ୍ରଯୁକ୍ତିବିଦ୍ୟା, ଜ୍ଞାନକୌଶଳ, ମାନବ ସମ୍ବଳ, ଦ୍ରବ୍ୟ ଓ ସେବାକୁ ଗୋଟିଏ ରାଷ୍ଟ୍ର ମଧ୍ୟରେ ସୀମିତ ନ ରଖି ବିଶ୍ୱସ୍ତରରେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ କରିବାର ପ୍ରକ୍ରିୟା ହେଉଛି ଜଗତୀକରଣ । ତେଣୁ ଏହାକୁ 'ସଂଯୋଗୀକରଣ' (connecting) କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜଗତୀକରଣ ପ୍ରକ୍ରିୟା ବିଶ୍ୱ ବାଣିଜ୍ୟ ସଂଗଠନ (World Trade Organisation) ଉଦ୍ୟମରେ ସାରା ପୃଥିବୀରେ କାର୍ଯ୍ୟକାରୀ ହୋଇପାରିଛି । ସମଗ୍ର ପୃଥିବୀର ସନ୍ତୁଳିତ ବିକାଶ (balanced development) ରେ ଏହା ସହାୟକ ହୁଏ ।

ରାଜନୀତି ବିଜ୍ଞାନୀ ରବର୍ଟ ଗିଲ୍‌ପିନ୍ (Robert Gilpin) ଙ୍କ ମତରେ ଜଗତୀକରଣ ହେଉଛି, "ବାଣିଜ୍ୟ, ଅର୍ଥ ଓ ବୃହତ୍ ଅର୍ଥନୈତିକ ନୀତି (Macro-Economic Policy) କ୍ଷେତ୍ରରେ ଜାତୀୟ ଅର୍ଥନୀତିଗୁଡ଼ିକର ପାରସ୍ପରିକ ନିର୍ଭରଶୀଳତା ।

ଅନ୍ଥୋନୀ ଗିଡେନ୍ (Anthony Gidden) ଙ୍କ ମତରେ, "ଜଗତୀକରଣ ଅର୍ଥ ବହୁ ଦୂରରେ ଅବସ୍ଥିତ ଜନସମୂହକୁ ବିଶ୍ୱବ୍ୟାପୀ ସାମାଜିକ ସମ୍ପର୍କରେ ତୀବ୍ରତା ଓ ଘନତ୍ୱ ସହ ସଂଯୋଗ କରିବା ।"

ସମାଜଶାସ୍ତ୍ରୀ ରୋନାଲ୍‌ଡ୍ ରବର୍ଟସନ (Ronald Robertson) ଙ୍କ ମତରେ, "ଜଗତୀକରଣ ଉଭୟ ବିଶ୍ୱ ସଂକୋଚନ ଓ ପ୍ରଗାଢ଼ ବିଶ୍ୱ ଚେତନାକୁ ସୂଚିତ କରେ ।"

ଅନ୍ୟତମ ସମାଜଶାସ୍ତ୍ରୀ ମାର୍ଟିନ୍ ଆଲବ୍ରୋ (Martin Albrow) ଙ୍କ ଭାଷାରେ, "ଜଗତୀକରଣ ହେଉଛି ବିଶ୍ୱ ଜୀବନକୁ ପ୍ରଭାବିତ କରୁଥିବା ପେଶା, ମୂଲ୍ୟବୋଧ ଓ ପ୍ରଯୁକ୍ତିବିଦ୍ୟାର ବିସରଣ (diffusion) ।"

ଜଗତୀକରଣ ପ୍ରକ୍ରିୟା ସମଗ୍ର ପୃଥିବୀକୁ ରାଷ୍ଟ୍ର ନିର୍ବିଶେଷରେ ଏକ ବିଶ୍ୱ ଗ୍ରାମରେ (Global village) ପରିଣତ କରିବାର ଲକ୍ଷ୍ୟ ରଖେ । ଆଧୁନିକ ଅର୍ଥରେ ଜଗତୀକରଣ 'ବିଶ୍ୱ ବ୍ୟାପକତା' ରୂପେ ବ୍ୟବହୃତ ହୁଏ ଏବଂ ଏହି ଆଧୁନିକ ଅର୍ଥର ଜଗତୀକରଣ ପ୍ରଥମେ ୧୯୬୦ ମସିହା ପାଖାପାଖି ବ୍ୟବହୃତ ହେଉଥିଲା ।

ଏହି ସିଦ୍ଧାନ୍ତ ଅର୍ଥନୈତିକ ଓ ବୈଷୟିକ ବିକାଶର ମୂଳମନ୍ତ୍ର ରୂପେ କାର୍ଯ୍ୟ କରୁଛି ।

**୫.୨.୧. ଭାରତରେ ଜଗତୀକରଣ (Globalisation in India) :**

୧୯୯୧ ମସିହାରେ ଭାରତ ଜଗତୀକରଣ ପ୍ରକ୍ରିୟାରେ ନିଜକୁ ସାମିଲ କରିଛି । କିନ୍ତୁ ଭାରତରେ ୧୯୫୦ ମସିହାଠାରୁ ଏକ ରାଷ୍ଟ୍ରୀୟ ନିୟନ୍ତ୍ରିତ ଅର୍ଥନୀତି ପ୍ରଚଳିତ ଥିଲା । ଦେଶର ଅର୍ଥନୈତିକ, ସାମାଜିକ ଓ ବୈଷୟିକ ବିକାଶରେ ରାଷ୍ଟ୍ର ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସରକାର ଦେଶର ମୁଖ୍ୟ ଶିଳ୍ପ ସଂସ୍ଥା ଓ ଆୟକାରୀ ସଂସ୍ଥାଗୁଡ଼ିକର ଜାତୀୟକରଣ କରିଥିଲେ । ରାଷ୍ଟ୍ର ହସ୍ତରେ ଉତ୍ପାଦନ ଓ ବଣ୍ଟନର ଦାୟିତ୍ୱ ନ୍ୟସ୍ତ ଥିଲା । କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁଁ ୧୯୯୦ ମସିହା ବେଳକୁ ଦେଶର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଲା । ବୈଦେଶିକ ମୁଦ୍ରା ସଂକଟ ବିପଜ୍ଜନକ ସ୍ଥିତିରେ ପହଞ୍ଚିଲା । ଦେଶର ଏହି ପରିସ୍ଥିତିକୁ ସୁଧାରିବ ପାଇଁ ତତ୍‌କାଳୀନ କଂଗ୍ରେସ ସରକାର ୧୯୯୧ ମସିହାରେ ନୂତନ ଆର୍ଥିକ ନୀତି (New Economic policy) ଘୋଷଣା କଲେ । ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ନୀତିକୁ ଆର୍ଥିକ ବିକାଶର ନୂତନ ମନ୍ତ୍ର ରୂପେ ଗ୍ରହଣ କରାଗଲା । ଫଳରେ ଏକ ମୁକ୍ତ ଓ ନିୟନ୍ତ୍ରଣହୀନ ଅର୍ଥନୀତି ପ୍ରବର୍ତ୍ତିତ ହେଲା । ମୁକ୍ତ ବାଣିଜ୍ୟକୁ ଗୁରୁତ୍ୱ ଦିଆଗଲା । ରାଷ୍ଟ୍ରୀୟ ଉଦ୍ୟୋଗ ଅପେକ୍ଷା ଘରୋଇ ଉଦ୍ୟୋଗର ପ୍ରସାର ଅଧିକ ହେଲା ଏବଂ ମୁକ୍ତ ବାଣିଜ୍ୟ ପାଇଁ ବାଣିଜ୍ୟିକ କ୍ଷେତ୍ରରେ ଥିବା ନାନା କଟକଣା ଓ ନିୟନ୍ତ୍ରଣକୁ ପ୍ରତ୍ୟାହାର କରି କୋହଳ ନୀତି ଗ୍ରହଣ କରାଗଲା ।

**୫.୩. ଜଗତୀକରଣର ଯଥାର୍ଥତା (Justification of Globalisation)**

ଜଗତୀକରଣର ଯଥାର୍ଥତା ବର୍ଣ୍ଣନା କରିବାକୁ ଯାଇ ଆମେ ଏହା ସପକ୍ଷରେ ଥିବା ଯୁକ୍ତି ବା ଏହାର ସୁଗୁଣଗୁଡ଼ିକୁ ଆଲୋଚନା କରିବା ।

**୫.୩.୧. - ଦ୍ରୁତ ଆର୍ଥିକ ବିକାଶ (Rapid Economic Development) :**

ଜଗତୀକରଣ ପୁଞ୍ଜି ଓ ସମ୍ବଳର ଉପଯୁକ୍ତ ବିନିଯୋଗ କରି ଉଭୟ ଉନ୍ନତ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରମାନଙ୍କୁ ଲାଭବାନ କରାଏ । ଏହା ବିଶ୍ୱର ଦ୍ରୁତ ଓ ସନ୍ତୁଳିତ ଆର୍ଥିକ ବିକାଶରେ ସହାୟକ ହୁଏ । ମୁକ୍ତ ବାଣିଜ୍ୟ ଓ ମୁକ୍ତ ଅର୍ଥନୀତି ଦ୍ୱାରା ଅନୁନ୍ନତ ରାଷ୍ଟ୍ରମାନଙ୍କର ଦ୍ରୁତ ବିକାଶ ସମ୍ଭବ ହୋଇ ପାରୁଛି ।

**୫.୩.୨. - ପୁଞ୍ଜି ଓ ସମ୍ବଳର ଉପଯୁକ୍ତ ବିନିଯୋଗ (Proper use of capital and resources) :**

ଜଗତୀକରଣ ପ୍ରତ୍ୟେକ ରାଷ୍ଟ୍ରକୁ ତା'ର ପୁଞ୍ଜି ଓ ସମ୍ବଳର ଉପଯୁକ୍ତ ବିନିଯୋଗରେ ସାହାଯ୍ୟ କରେ । ବିକଶିତ ଓ ଧନୀ ରାଷ୍ଟ୍ରମାନଙ୍କର ବଳକା ପୁଞ୍ଜି, ସେମାନଙ୍କର ଉନ୍ନତ ବୈଷୟିକ ଓ ପ୍ରଯୁକ୍ତିଗତ ଜ୍ଞାନକୌଶଳ ଯେତେବେଳେ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରମାନଙ୍କର ପ୍ରାକୃତିକ ସମ୍ପଦ, ମାନବ ସମ୍ବଳ ଓ ଅନ୍ୟାନ୍ୟ ସମ୍ବଳ ସହ ସଂଯୋଗ ହୁଏ, ସେତେବେଳେ ଉଭୟର ଯଥାର୍ଥ ବିନିଯୋଗ ଘଟେ ଏବଂ ଉଭୟ ରାଷ୍ଟ୍ର ଉପକୃତ ହୁଅନ୍ତି ।

**୫.୩.୩. - ନିଯୁକ୍ତି ସୁଯୋଗ (Employment opportunity)÷**

ଜଗତୀକରଣ ଦ୍ୱାରା ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟର ବିଶ୍ୱବ୍ୟାପୀ ପ୍ରସାର ଘଟେ । ଫଳରେ ଅଧିକ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହୁଏ । ମାନବ ସମ୍ବଳର ସୁବିନିଯୋଗ ଦ୍ୱାରା ବେକାରୀ ଓ ଦାରିଦ୍ର୍ୟ ଦୂର ହୁଏ । ପ୍ରତ୍ୟେକ ବ୍ୟକ୍ତି

ଜୀବନଧାରଣ ପାଇଁ ଅର୍ଥ ଉପାର୍ଜନର ସୁବିଧା ପାଆନ୍ତି, ଫଳରେ ଦାରିଦ୍ର୍ୟ, କ୍ଷୁଧା ଓ ଅସ୍ୱାସ୍ଥ୍ୟ ଆଦିରୁ ମୁକ୍ତି ମିଳେ ।

୫.୩.୪. - ଅର୍ଥନୀତିର ଦକ୍ଷତା ବୃଦ୍ଧି (Increase in the efficiency of the Economy) :

ଜଗତୀକରଣ ପ୍ରକ୍ରିୟାର ମୁକ୍ତ ବଜାର ଓ ମୁକ୍ତ ବାଣିଜ୍ୟ ଅର୍ଥନୀତି ଯୋଗୁଁ ଅର୍ଥନୀତିରେ ତୀବ୍ର ପ୍ରତିଯୋଗିତା ସୃଷ୍ଟି ହୁଏ । ଏହା ଫଳରେ ଅର୍ଥନୀତିର ଦକ୍ଷତା ବୃଦ୍ଧି ପାଏ ଓ ଉତ୍ତମ ମାନର ସାମଗ୍ରୀ ଉତ୍ପାଦିତ ହୁଏ । ବଜାରରେ ସୁଲଭ ମୂଲ୍ୟରେ ଉନ୍ନତ ମାନର ସାମଗ୍ରୀ ଉପଲବ୍ଧ ହୋଇଥାଏ । ଏହା ସହିତ ପଣ୍ୟଦ୍ରବ୍ୟ ଓ ସେବାର ଉପଲବ୍ଧି ମଧ୍ୟ ସୁଲଭ ହୁଏ ।

୫.୩.୫ - ଉପଭୋକ୍ତାଙ୍କ ସାର୍ବଭୌମତା (Consumer's supremacy) :

ଜଗତୀକରଣ ଉପଭୋକ୍ତା ବ୍ୟକ୍ତି ଓ ଉପଭୋକ୍ତା ରାଷ୍ଟ୍ରମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ପ୍ରଦାନ କରେ । ବ୍ୟକ୍ତି ନିଜର ସମ୍ବଳ ଓ ଆର୍ଥିକ ସ୍ଥିତି ଅନୁସାରେ ବଜାରରେ ଉପଲବ୍ଧ ଦେଶୀ, ବିଦେଶୀ, ବିଭିନ୍ନ କିସମର, ବିଭିନ୍ନ ଗୁଣ, ମାନ ଓ ମୂଲ୍ୟର ଦ୍ରବ୍ୟ ନିଜର ପସନ୍ଦ ଅନୁସାରେ ବାଛିପାରେ । ସେହିପରି ରାଷ୍ଟ୍ରମାନେ ମଧ୍ୟ ନିଜର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନିଜ ପସନ୍ଦର ବହୁଦେଶୀୟ କମ୍ପାନୀ ବା ଅନ୍ତର୍ଜାତୀୟ ସେବା ପାଇଁ ବରାଦ କରି ପାରନ୍ତି । ଉପଭୋକ୍ତାର ପସନ୍ଦ ଓ ସନ୍ତୋଷକୁ ଜଗତୀକରଣ ଅଗ୍ରାଧିକାର ଦିଏ । ଏହା ବ୍ୟକ୍ତି ସାର୍ବଭୌମତ୍ୱର ଅନ୍ତର୍ନିହିତ ମୂଲ୍ୟକୁ ପ୍ରତିଫଳିତ କରେ ।

୫.୩.୬ - ପାରସ୍ପରିକ ସହଯୋଗ ଓ ସଦ୍‌ଭାବ (Mutual co-operation and Goodwill) :

ଜଗତୀକରଣ ସମଗ୍ର ବିଶ୍ୱକୁ ଏକତ୍ର ସଂଯୋଗ କରିବାର ଚେଷ୍ଟା କରେ । ପ୍ରତ୍ୟେକ ଦେଶର ଅର୍ଥନୀତି ବିଶ୍ୱ ଅର୍ଥନୀତି ସହ ସମ୍ପୃକ୍ତ ହୋଇଥିବାରୁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ସହଯୋଗ ଓ ସଦ୍‌ଭାବ ବୃଦ୍ଧି ପାଏ । ଜଗତୀକରଣ ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଅର୍ଥନୀତି ବ୍ୟତୀତ ସାମାଜିକ, ସାଂସ୍କୃତିକ, ଭାବ, ଆଦର୍ଶ ଓ ଚିନ୍ତାଧାରାର ଆଦାନ ପ୍ରଦାନରେ ମଧ୍ୟ ସହାୟକ ହୋଇଥାଏ ।

୫.୩.୭ - ଉତ୍କର୍ଷ ଓ ସୃଜନଶୀଳତାର ପୁରସ୍କାର (Reward for Excellence and creativity) :

ଜଗତୀକରଣ ମୁକ୍ତ ବଜାର ଓ ଅବାଧ ପ୍ରତିଯୋଗିତାର ସୁଯୋଗ ପ୍ରଦାନ କରୁଥିବାରୁ ଶ୍ରେଷ୍ଠ ଦ୍ରବ୍ୟ ଓ ଶ୍ରେଷ୍ଠ ସେବାର ଆଦର ଅଧିକ ହୁଏ ଏବଂ ଏଥିପାଇଁ ଅଧିକ ଅର୍ଥ ବା ପ୍ରାପ୍ୟ ମିଳିପାରେ । କର୍ମଠ, ପରିଶ୍ରମୀ, ବିଜ୍ଞ ଓ ଯୋଗ୍ୟ ବ୍ୟକ୍ତି ତଥା ଉଦ୍‌ଯୋଗୀମାନଙ୍କ ପାଇଁ ପୁରସ୍କାର ମିଳିବା ଏଠାରେ ସମ୍ଭବ ହୁଏ ।

୫.୩.୮ - ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରସାର ( Rapid spread of Information and Technology) :

ଜଗତୀକରଣ ଯୋଗୁଁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ତଥ୍ୟ ଓ ଜ୍ଞାନ କୌଶଳର ବ୍ୟାପକ ପ୍ରସାର ଫଳରେ ସମଗ୍ର ବିଶ୍ୱକୁ ଏକ ଗ୍ରାମରେ ରୂପାୟନ କରିବାରେ ସହଜ ହୁଏ । ବିଶ୍ୱର ବିଭିନ୍ନ ଦେଶର ବହୁ ବୈଜ୍ଞାନିକମାନଙ୍କର ମିଳିତ ଉଦ୍ୟମରେ ଯେଉଁ ନୂତନ ଉଦ୍ଭାବନ ଓ ଆବିଷ୍କାର ହୁଏ ତାହା ସମଗ୍ର ବିଶ୍ୱବାସୀଙ୍କ ପାଇଁ ସହଜରେ ଉପଲବ୍ଧ ହୁଏ ।

୫.୩.୯ - ବିଶ୍ୱଶାନ୍ତିର ମାଧ୍ୟମ (Medium of World Peace)

ଜଗତୀକରଣ ଅର୍ଥନୈତିକ କ୍ଷେତ୍ରରେ ସମସ୍ତ ରାଷ୍ଟ୍ରର ଅର୍ଥନୀତିକୁ ଗୋଟିଏ ସୂତ୍ରରେ ବାନ୍ଧି ବିଶ୍ୱ ଅର୍ଥନୀତିରେ ରୂପାନ୍ତରିତ କରୁଥିବାରୁ ରାଷ୍ଟ୍ରମାନେ ପରସ୍ପର ମଧ୍ୟରେ ଥିବା ଶତ୍ରୁତା ଓ ଘୃଣା ଭାବ ପରିହାର କରି ଶାନ୍ତିପୂର୍ଣ୍ଣ

ସହାବସ୍ଥାନ ଓ ସହଯୋଗ ପ୍ରତି ଆଗ୍ରହ ପ୍ରକାଶ କରନ୍ତି । ଫଳରେ ଏହା ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ସହାୟକ ହୁଏ ।

### ୫.୪. ଜଗତୀକରଣର ସମାଲୋଚନା (Criticism of Globalisation) :

ଜଗତୀକରଣର ସମାଲୋଚନା ବା ଏହା ବିପକ୍ଷରେ ଥିବା ଯୁକ୍ତିଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା । ଏଗୁଡ଼ିକୁ ଜଗତୀକରଣର ଦୁର୍ଗୁଣ ବା ଅପକାରିତା ମଧ୍ୟ କୁହାଯାଇପାରେ ।

#### ୫.୪.୧. ବେକାରୀ ବୃଦ୍ଧି (Increased in unemployment) :

ଜଗତୀକରଣ, ଘରୋଇକରଣକୁ ଗୁରୁତ୍ୱ ଦେଉଥିବାରୁ ସରକାରୀ ଉଦ୍ୟୋଗଗୁଡ଼ିକୁ ବନ୍ଦ କରି ଦିଆଯାଏ କିମ୍ବା ସରକାରୀ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର କରି ସେଗୁଡ଼ିକର ଘରୋଇକରଣ କରାଯାଏ । ଫଳରେ ସରକାରୀ କର୍ମଚାରୀ ଓ ଶ୍ରମିକଶ୍ରେଣୀ କର୍ମନିଯୁକ୍ତି ହରାଇ ବିଶେଷ ଉପେକ୍ଷିତ ହୁଅନ୍ତି । ଘରୋଇ ଉଦ୍ୟୋଗରେ ମାନବ ସମ୍ବଳର ନିଯୁକ୍ତି ବଦଳରେ ଅତ୍ୟାଧୁନିକ ଯାନ୍ତ୍ରିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହୁଏ । ମାନବ ଶକ୍ତି ଅପେକ୍ଷା ଯନ୍ତ୍ରଶକ୍ତିର ପ୍ରଭାବ ବୃଦ୍ଧି ପାଏ । ଫଳରେ ବେକାରୀ ବୃଦ୍ଧି ପାଏ । କାରଣ ଘରୋଇ ଶିଳ୍ପ ଅଧିକ ଲୋକ ନିଯୁକ୍ତି କରେ ନାହିଁ ।

#### ୫.୪.୨ – ଅବହେଳିତ ଓ ଅସୁରକ୍ଷିତ ସାମାଜିକ କ୍ଷେତ୍ର (Neglected and Insecured Social Sector) :

ଜଗତୀକରଣ ଫଳରେ ରାଷ୍ଟ୍ର ଜନମଙ୍ଗଳ ଓ ସେବାକାରୀ କାର୍ଯ୍ୟରୁ ଦୂରେଇ ରହିବା ଫଳରେ ସାମାଜିକ କ୍ଷେତ୍ର ଅବହେଳିତ ଓ ଅସୁରକ୍ଷିତ ହୁଏ । ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ଜରୁରୀ ସେବାର ଘରୋଇକରଣ ହେବାରୁ ସେଗୁଡ଼ିକ ବ୍ୟୟବହୁଳ ହୋଇଯାଏ । ଫଳରେ ଧନୀଲୋକମାନେ ସେହି ସୁବିଧା ପାଉଥିବାବେଳେ ଗରିବ ଶ୍ରେଣୀର ଲୋକମାନେ ସେହି ସୁବିଧାରୁ ବଞ୍ଚିତ ହୁଅନ୍ତି । ସମାଜରେ ଥିବା ଦୁର୍ବଳ, ଦରିଦ୍ର, ବିକଳାଙ୍ଗ, ରୁଗ୍ଣ, ଅନାଥ ଓ ଅସହାୟ ଲୋକମାନେ ସାମାଜିକ ଓ ଅର୍ଥନୈତିକ ସୁରକ୍ଷାରୁ ବଞ୍ଚିତ ହୁଅନ୍ତି । ଫଳରେ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବାଧା ସୃଷ୍ଟି ହୁଏ । ଜଗତୀକରଣର ବସ୍ତୁବାଦୀ ଦୃଷ୍ଟିକୋଣ ଥିଲେ ସୁଦ୍ଧା ଏହାର ମାନବବାଦୀ ଦୃଷ୍ଟିକୋଣ ନାହିଁ ।

#### ୫.୪.୩. ବିକଶିତ ଓ ପୁଞ୍ଜିବାଦୀ ଦେଶମାନଙ୍କର ଶୋଷଣ (Exploitation by developed and capitalist countries) :

ଧନୀ ଓ ପୁଞ୍ଜିବାଦୀ ରାଷ୍ଟ୍ରମାନେ ସେମାନଙ୍କର ବହୁଦେଶୀୟ କମ୍ପାନୀ (MNCs) ମାନଙ୍କ ଦ୍ୱାରା ଗରିବ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କର ପ୍ରାକୃତିକ ସମ୍ବଳକୁ ଲୁଣ୍ଠନ କରି ସେହି ଦେଶଗୁଡ଼ିକରେ ମାନବ ସମ୍ବଳକୁ କମ ପାରିଶ୍ରମିକ ଦେଇ ସେଥିରୁ ଅଧିକ ଲାଭ ଉଠାନ୍ତି । ସେହି ଦେଶମାନଙ୍କର କଞ୍ଚାମାଲକୁ ଶସ୍ତାରେ କିଣି ସେଥିରୁ ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ପୁଣି ସେହିମାନଙ୍କ ବଜାରରେ ବିକ୍ରି କରି ଯଥେଷ୍ଟ ଲାଭ ପାଇଥାଆନ୍ତି । ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କର କୁଟୀର ଶିଳ୍ପ ଓ ଘରୋଇ ଉଦ୍ୟୋଗ ବହୁଦେଶୀୟ କମ୍ପାନୀମାନଙ୍କ ସହ ପ୍ରତିଯୋଗିତା କରି ନ ପାରି ରୁଗ୍ଣ ବା ବିଲୋପ ହୋଇଯାଆନ୍ତି । ଏଣୁ ଉଭୟ ଅନୁନ୍ନତ ରାଷ୍ଟ୍ର ଓ ତାହାର ଜନସାଧାରଣ ଶୋଷଣର ଶିକାର ହୁଅନ୍ତି ।

#### ୫.୪.୪ – ନୂତନ ସାମ୍ରାଜ୍ୟବାଦ (New Imperialism) :

ବିଶ୍ୱରୁ ସାମ୍ରାଜ୍ୟବାଦର ବିଲୋପ ଘଟି ସାରିଥିଲେ ମଧ୍ୟ ଜଗତୀକରଣ ଏକ ନୂତନ ସାମ୍ରାଜ୍ୟବାଦର ସ୍ଥାପନା କରିଛି । ଗୋଟିଏ ଦେଶର ଅର୍ଥନୀତି ହେଉଛି ତାହାର ଏକ ଦୃଢ଼ ଜାତୀୟ କ୍ଷମତା । କିନ୍ତୁ ଜଗତୀକରଣରେ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରମାନଙ୍କର ଅର୍ଥନୀତିକୁ ପୁଞ୍ଜିବାଦୀ ଧନୀ ରାଷ୍ଟ୍ରମାନେ ସେମାନଙ୍କ ପୁଞ୍ଜିଲଗାଣ ଓ ବହୁଦେଶୀୟ କମ୍ପାନୀମାନଙ୍କ

ଦ୍ୱାରା ନିୟନ୍ତ୍ରିତ କରିଥାଆନ୍ତି । ଅର୍ଥନୀତି ବ୍ୟତୀତ ସେମାନେ ସେହି ରାଷ୍ଟ୍ରଗୁଡ଼ିକର ରାଜନୈତିକ ଓ ସାଂସ୍କୃତିକ କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବା ଫଳରେ ସେହି ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କର ଅର୍ଥନୈତିକ ସାର୍ବଭୌମତ୍ୱ ଓ ଗଣତନ୍ତ୍ର ବିପନ୍ନ ହୁଏ ଏବଂ ଏକ ପ୍ରକାର ନୂତନ ସାମ୍ରାଜ୍ୟବାଦର ସୃଷ୍ଟି ହୁଏ ।

୫.୪.୫ - ପୁଞ୍ଜିବାଦୀ ଓ ବିକଶିତ ରାଷ୍ଟ୍ରମାନଙ୍କର ପ୍ରାଧାନ୍ୟ (Dominance of Capitalist or Developed State) :

ଧନୀ ରାଷ୍ଟ୍ରମାନଙ୍କ ହାତରେ ଅଧିକ ସମ୍ବଳ ଓ ଅଧିକ ଅର୍ଥ ଥିବାରୁ ସେମାନେ ଏହାର ଉପଯୋଗ ଦ୍ୱାରା ଜଗତୀକରଣରୁ ସବୁ ପ୍ରକାର ସୁବିଧା ପାଇଥାଆନ୍ତି । ଫଳରେ ଧନୀ ରାଷ୍ଟ୍ରମାନେ ଅଧିକ ଧନୀ ହୁଅନ୍ତି ଓ ଗରିବ ରାଷ୍ଟ୍ରମାନେ ଅଧିକ ଗରିବ ହୁଅନ୍ତି । ଧନୀ ରାଷ୍ଟ୍ରମାନେ ତାଙ୍କ ଇଚ୍ଛାନୁସାରେ ଗରିବ ରାଷ୍ଟ୍ରମାନଙ୍କ ଉପରେ ନିଜର ହୁକୁମ୍ ଚଳାଇ ପାରନ୍ତି । ବାସ୍ତବରେ ଏହା ମୁଷ୍ଟିମେୟ ବା କିଛି ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କ ପରୋକ୍ଷ ଅତ୍ୟାଚାର ।

୫.୪.୬ - ବିନାଶକାରୀ ଉପଭୋକ୍ତାବାଦ (Destructive Consumerism) :

ମୁକ୍ତ ବଜାର ଅର୍ଥନୀତିରେ ତୀବ୍ର ପ୍ରତିଯୋଗିତା ଯୋଗୁଁ ବିଦେଶରୁ ଅନେକ ଆକର୍ଷଣୀୟ, ସୌଖୀନ ଓ ବିଳାସପୂର୍ଣ୍ଣ ସାମଗ୍ରୀ ସ୍ଥାନୀୟ ବଜାରରେ ଉପଲବ୍ଧ ହୁଏ । ଏହି ଦ୍ରବ୍ୟ ଗୁଡ଼ିକର ବିକ୍ରିପାଇଁ ବହୁଦେଶୀୟ କମ୍ପାନୀମାନେ ନାନା ପ୍ରଲୋଭନକାରୀ ବିଜ୍ଞାପନ ଦିଅନ୍ତି ଏବଂ ଲୋକମାନେ ଏହାଦ୍ୱାରା ପ୍ରଲୋଭିତ ହୋଇ ସେସବୁ କ୍ରୟ କରନ୍ତି । ଆବଶ୍ୟକ ହେଲେ ଏଥିପାଇଁ ଋଣ ମଧ୍ୟ କରନ୍ତି । ଏହି ସାମଗ୍ରୀ ଗୁଡ଼ିକୁ କିଣିବାର ନିଶା ବଢ଼ିବା ଫଳରେ ଲୋକମାନେ ଦୁର୍ନୀତିଗ୍ରସ୍ତ ଓ ଅପରାଧ ପ୍ରବଣ ହୁଅନ୍ତି । ଲୋକମାନଙ୍କର ସଞ୍ଚୟ ଶକ୍ତି କମିଯାଏ ଓ ଅର୍ଥନୈତିକ ପ୍ରଗତି ପାଇଁ ଯଥେଷ୍ଟ ପୁଞ୍ଜିଗଠନ ସମ୍ଭବ ହୁଏ ନାହିଁ ।

୫.୪.୭ - ପରିବେଶ ପ୍ରଦୂଷଣ (Environmental Pollution) :

ଜଗତୀକରଣ ଶିଳ୍ପ ଓ କଳ କାରଖାନାର ବ୍ୟାପକ ପ୍ରସାର ହେବା ଫଳରେ ଯାନବାହନ, ତାପଜ ଓ ପରମାଣୁ ଶକ୍ତି କେନ୍ଦ୍ର, ରାସାୟନିକ ସାର ଆଦିର ବହୁଳ ବ୍ୟବହାର ହୁଏ । ଦ୍ରୁତ ଶିଳ୍ପାୟନର ଚାହିଦା ମେଣ୍ଟାଇବାକୁ ଜଳ, ଜମି, ଜଙ୍ଗଲ ଓ ଖଣିଜ ସମ୍ପଦ ଭଳି ପ୍ରାକୃତିକ ସମ୍ପଦର ବ୍ୟାପକ ବ୍ୟବହାର ହୁଏ । ଏହା ଦ୍ୱାରା ଶବ୍ଦ, ବାୟୁ ଓ ଜଳ ପ୍ରଦୂଷିତ ହୋଇ ପରିବେଶ ସମସ୍ୟା ସୃଷ୍ଟି ହୁଏ ଏବଂ ନାନା ପ୍ରକାରର ମାରାତ୍ମକ ରୋଗ ବ୍ୟାଧି ବ୍ୟାପେ ।

୫.୪.୮ - ମାନବିକତାର ହତ୍ୟା (Murder or Humanism) :

ଜଗତୀକରଣ ବସ୍ତୁବାଦୀ ଅଟେ । ଏହାର କେବଳ ଅର୍ଥନୈତିକ ଅଭିବୃଦ୍ଧି ଓ ଲାଭ ଉପରେ ଗୁରୁତ୍ୱ ଦିଏ । ଏହାର ମାନବିକ ଦୃଷ୍ଟିକୋଣ ନାହିଁ । ଏହା ମାନବିକ ଗୁଣ ଯଥା ସମତା, ନ୍ୟାୟ ଓ ଭ୍ରାତୃତ୍ୱଭାବ ଉପରେ ଗୁରୁତ୍ୱ ଦିଏ ନାହିଁ ।

୫.୪.୯ - ଆଞ୍ଚଳିକ ସାହିତ୍ୟ ଓ ସଂସ୍କୃତିର ଅବକ୍ଷୟ (Decline of Regional Literature and Culture):

ଜଗତୀକରଣ ପାଶ୍ଚାତ୍ୟ ସାମାଜିକ ଚଳଣି, ମୂଲ୍ୟବୋଧ ଓ ଭାଷା ଉପରେ ଗୁରୁତ୍ୱ ଦେଉଥିବାରୁ ଆଞ୍ଚଳିକ ଓ ସ୍ଥାନୀୟ ସାମାଜିକ ମୂଲ୍ୟବୋଧ, ସାହିତ୍ୟ ଓ ସଂସ୍କୃତିର ଅବକ୍ଷୟ ହୋଇଥାଏ ।

୫.୪.୧୦ - ରାଷ୍ଟ୍ରର ପତନ (Decline of State) :

ଜଗତୀକରଣ ରାଷ୍ଟ୍ରର ନିୟନ୍ତ୍ରଣ କ୍ଷମତା ହ୍ରାସ କରି ତାହାକୁ ପତନ ବା ଅବକ୍ଷୟମୁଖୀ କରାଏ । ରାଷ୍ଟ୍ରର ବର୍ହିସାର୍ବଭୌମତ୍ୱ (External Sovereignty), ସୀମାରେଖା କେବଳ ଔପଚାରିକତା ର ନିଦର୍ଶନ ହୋଇ ରହେ ।

## ୫.୪. ସାରାଂଶ

* ଜଗତୀକରଣ ବହୁବିଧ ଅର୍ଥ ଓ ଦିଗନ୍ତର ଏକ ବିଚାରଧାରା ।
* ଏହା ଏକ ପ୍ରଗାଢ଼ ବିଶ୍ୱଚେତନା ।
* ଜଗତୀକରଣ ମତବାଦ ରାଷ୍ଟ୍ର କାର୍ଯ୍ୟକଳାପ ସଂକ୍ରାନ୍ତୀୟ ଆଧୁନିକ ତତ୍ତ୍ୱ ଅଟେ । ବିଂଶ ଶତାବ୍ଦୀର ଶେଷ ଭାଗରେ ଏହାର ପ୍ରସାର ଘଟିଛି ।
* ଜଗତୀକରଣର ଅନ୍ୟ ନାମ ବିଶ୍ୱାୟନ । ଏହା ଅର୍ଥନୈତିକ କ୍ଷେତ୍ରରେ ଉଦାରୀକରଣ ଓ ଘରୋଇକରଣରେ ବିଶ୍ୱାସ କରେ ।
* ଜଗତୀକରଣ ରାଷ୍ଟ୍ରର କାର୍ଯ୍ୟକଳାପକୁ ସୀମିତ କରେ ଓ ବ୍ୟକ୍ତି ସ୍ୱାଧୀନତା ଉପରେ ଗୁରୁତ୍ୱ ଦିଏ ।
* ଏହା ମୁକ୍ତ ବଜାର ଅର୍ଥନୀତି ଓ ଅବାଧ ପ୍ରତିଯୋଗିତାରେ ବିଶ୍ୱାସ କରେ ।
* ଏହାଦ୍ୱାରା ବିକଶିତ, ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ର ସମସ୍ତେ ଉପକୃତ ହୁଅନ୍ତି ।
* ଜଗତୀକରଣ ଏକ ବହୁବିଧ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ପ୍ରକ୍ରିୟା । ଏହାଦ୍ୱାରା ରାଷ୍ଟ୍ରମାନେ ବିଶ୍ୱବ୍ୟାପୀ ଏକ ମୁକ୍ତ ଅର୍ଥନୈତିକ ଓ ବାଣିଜ୍ୟିକ ପଦ୍ଧତିରେ ଆବଦ୍ଧ ହୁଅନ୍ତି ।
* ଜଗତୀକରଣ ଦ୍ୱାରା ଦେଶ ଦେଶ ମଧ୍ୟରେ ପୁଞ୍ଜି, ସମ୍ବଳ, ତଥ୍ୟ, କାରିଗରୀ ବିଦ୍ୟା, ସେବା ଓ ମାନବ ସମ୍ବଳ ଇତ୍ୟାଦିର ଆଦାନ ପ୍ରଦାନ ହୋଇଥାଏ ।
* ଭାରତ ୧୯୯୧ ମସିହାରୁ ଏହି ପ୍ରକ୍ରିୟାରେ ସାମିଲ ହୋଇଛି ।
* ଜଗତୀକରଣର ମୁଖ୍ୟ ଯଥାର୍ଥତା ହେଲା - ଦ୍ରୁତ ଆର୍ଥିକ ବିକାଶ, କର୍ମନିଯୁକ୍ତିର ସୃଷ୍ଟି, ଉପଭୋକ୍ତା ଲାଭବାନ ହେବା ସହିତ ସାଂସ୍କୃତିକ ସହଯୋଗ ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରସାର ହେଉଛି ।
* ଜଗତୀକରଣର ମୁଖ୍ୟ ସମାଲୋଚନା ହେଲା - ଏହା ଯୋଗୁଁ ବେକାରୀ ବୃଦ୍ଧି ହେଉଛି, ସାମାଜିକ କ୍ଷେତ୍ର ଅବହେଳିତ ହେଉଛି । ପୁଞ୍ଜିବାଦୀ ଶୋଷଣ ବଢ଼ୁଛି, ନୂତନ ସାମ୍ରାଜ୍ୟବାଦର ସୃଷ୍ଟି, ପୁଞ୍ଜିବାଦୀ ଓ ବିକଶିତ ରାଷ୍ଟ୍ରମାନଙ୍କର ପ୍ରାଧାନ୍ୟ ବଢ଼ୁଛି । ପରିବେଶ ପ୍ରଦୂଷଣ ବଢ଼ୁଛି ଏବଂ ବିନାଶକାରୀ ଉପଭୋକ୍ତାବାଦ ବଢ଼ୁଛି ।

### ୫.୬. ନିଜର ପ୍ରଗତୀ ପରୀକ୍ଷା ପାଇଁ ଅନୁଶୀଳନୀ :

୧. ଜଗତୀକରଣର ଅର୍ଥ ଲେଖ । ଏହାର ଯଥାର୍ଥତା ପ୍ରତିପାଦନ କର ।

୨. ଜଗତୀକରଣର ଉଦ୍ଦେଶ୍ୟ ଓ ପୃଷ୍ଠଭୂମି ଲେଖ ।

୩. ଜଗତୀକରଣ ଦ୍ୱାରା ଦ୍ରୁତ ଆର୍ଥିକ ବିକାଶ କିପରି ହୁଏ ?

୪. ପୁଞ୍ଜିବାଦୀ ରାଷ୍ଟ୍ରମାନେ କିପରି ଅନୁନ୍ନତ ରାଷ୍ଟ୍ରମାନଙ୍କୁ ଶୋଷଣ କରନ୍ତି ?

୫. ଜଗତୀକରଣର ସମାଲୋଚନା ଗୁଡ଼ିକ ଲେଖ ।

୬. ଜଗତୀକରଣର ଅର୍ଥ ଓ ବିଶେଷତ୍ୱ ଲେଖ ।

**୫.୬. ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର :**

୧. ଅନୁଚ୍ଛେଦ ୫.୨, ୫.୩ ପାଠ କରନ୍ତୁ ।

୨. ଅନୁଚ୍ଛେଦ ୫.୧ ପାଠ କରନ୍ତୁ ।

୩. ଅନୁଚ୍ଛେଦ ୫.୩.୧ ପାଠ କରନ୍ତୁ ।

୪. ଅନୁଚ୍ଛେଦ ୫.୪.୩, ୫.୪.୫ ପାଠ କରନ୍ତୁ ।

୫. ଅନୁଚ୍ଛେଦ ୫.୪ ପାଠ କରନ୍ତୁ ।

୬. ଅନୁଚ୍ଛେଦ ୫.୨ ପାଠ କରନ୍ତୁ ।

❖❖❖

# ଚତୁର୍ଥ ଅଧ୍ୟାୟ

# ମୌଳିକ ତତ୍ତ୍ୱ

## ସ୍ୱତନ୍ତ୍ରତା

## (LIBERTY)

**ସଂରଚନା :**


| | |
|---|---|
| ୪.୧ | ଉଦ୍ଦେଶ୍ୟ |
| ୪.୨ | ସ୍ୱତନ୍ତ୍ରତାର ଅର୍ଥ |
| ୪.୩ | ସ୍ୱତନ୍ତ୍ରତାର ସ୍ୱରୂପ : |
| ୪.୩.୧ | ନାସ୍ତିସୂଚକ ସ୍ୱତନ୍ତ୍ରତା |
| ୪.୩.୨ | ଆସ୍ତିସୂଚକ ସ୍ୱତନ୍ତ୍ରତା |
| ୪.୪ | ସ୍ୱତନ୍ତ୍ରତାର ଶ୍ରେଣୀବିଭାଗ |
| ୪.୫ | ସ୍ୱତନ୍ତ୍ରତାର ସୁରକ୍ଷା ପାଇଁ ବ୍ୟବସ୍ଥା |
| ୪.୬ | ସାରାଂଶ |
| ୪.୭ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୪.୮ | ପ୍ରଗତି ପରୀକ୍ଷା ଅନୁଶୀଳନୀର ଉତ୍ତର |


### ୪.୧ ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପାଠ ପରେ ଆପଣମାନେ

- ସ୍ୱତନ୍ତ୍ରତାର ଅର୍ଥ ବୁଝି ପାରିବେ
- ଆସ୍ତିସୂଚକ ଓ ନାସ୍ତିସୂଚକ ସ୍ୱତନ୍ତ୍ରତା ବିଷୟରେ ଜାଣି ପାରିବେ
- ସ୍ୱତନ୍ତ୍ରତାର ପ୍ରକାରଭେଦ ସଂପର୍କରେ ତଥ୍ୟ ପାଇ ପାରିବେ
- ସ୍ୱତନ୍ତ୍ରତାର ସୁରକ୍ଷା ସଂପର୍କରେ ସଚେତନ ହୋଇପାରିବେ

## ୪.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ !

### ୪.୨ ସ୍ୱତନ୍ତ୍ରତା (Liberty) ର ଅର୍ଥ

ରାଜନୀତି ବିଜ୍ଞାନର ବିଭିନ୍ନ ମୂଲ୍ୟବୋଧ ମାନଙ୍କ ମଧ୍ୟରୁ ସ୍ୱତନ୍ତ୍ରତା ଅନ୍ୟତମ । ସ୍ୱତନ୍ତ୍ରତା ନାମରେ ମାନବ ଇତିହାସରେ ବହୁ ରକ୍ତାକ୍ତ ବିପ୍ଳବ ସଂଘଟିତ ହୋଇଛି । ସ୍ୱତନ୍ତ୍ରତାକୁ ଗଣତନ୍ତ୍ରର ହୃତପିଣ୍ଡ କୁହାଯାଇଥାଏ । ସ୍ୱତନ୍ତ୍ରତା ଦ୍ୱାରା ମନୁଷ୍ୟର ଅନ୍ତର୍ନିହିତ ଗୁଣ ଓ ଶକ୍ତିର ବିକାଶ ହୋଇଥାଏ । ଏହାର ଦାବି ମନୁଷ୍ୟର ଏକ ସ୍ୱାଭାବିକ ପ୍ରକୃତି । 'ସ୍ୱତନ୍ତ୍ରତା' (Liberty) ଶବ୍ଦଟି ଏକ ଲାଟିନ ଶବ୍ଦ 'ଲିବର' (Liber) ରୁ ଆନୀତ ହୋଇଛି ଯାହାର ଅର୍ଥ 'ମୁକ୍ତି' । ଅର୍ଥାତ୍ ସ୍ୱତନ୍ତ୍ରତାର ଅର୍ଥ ହେଉଛି ଶୃଙ୍ଖଳା ଓ ବନ୍ଧନରୁ ମୁକ୍ତ ରହି ନିଜ ଇଚ୍ଛା ମୁତାବକ କାର୍ଯ୍ୟ ସଂପାଦନ କରିବା । ଏହାକୁ 'ନାସ୍ତିସୂଚକ ସ୍ୱତନ୍ତ୍ରତା' କୁହାଯାଏ ।

### ୪.୩ସ୍ୱତନ୍ତ୍ରତାର ସ୍ୱରୂପ :

#### ୪.୩.୧ ନାସ୍ତିସୂଚକ ସ୍ୱତନ୍ତ୍ରତା :

ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ବ୍ୟକ୍ତି କୈନ୍ଦ୍ରିକ ଉଦାରବାଦୀ ତତ୍ତ୍ୱ ସ୍ୱତନ୍ତ୍ରତାର ନାସ୍ତିସୂଚକ ମତ ଉପରେ ପ୍ରାଧାନ୍ୟ ଦେଇଥିଲା । ହବସ୍‌ଙ୍କ ମତରେ, "ସ୍ୱାଧୀନତାର ଅର୍ଥ ଆଇନର ଅନୁପସ୍ଥିତି ।" ସିଲିଙ୍କ ମତରେ, "ସ୍ୱତନ୍ତ୍ରତା ହେଉଛି ଅତ୍ୟଧିକ ଶାସନର ବିପରୀତ ।" ଏହି କ୍ଷେତ୍ରରେ ରାଷ୍ଟ୍ରର କାର୍ଯ୍ୟକଳାପ ସଂପର୍କରେ ମତ ଦେଇ ସ୍ପେନସର କହିଥିଲେ ଯେ, ରାଷ୍ଟ୍ରର କାର୍ଯ୍ୟକଳାପ "ନାସ୍ତିସୂଚକ ଭାବେ ନିୟନ୍ତ୍ରଣକାରୀ" ହେବା ଉଚିତ । ବିଂଶ ଶତାବ୍ଦୀରେ ସ୍ୱତନ୍ତ୍ରତାର ନାସ୍ତିସୂଚକ ଅର୍ଥ ଇଜିଆ ବର୍ଲିନ୍, ମିଲଟନ୍ ଫ୍ରିଡ୍‌ମ୍ୟାନ ଆଦିଙ୍କ ଦ୍ୱାରା ପ୍ରତିପାଦିତ ହୋଇଛି । ବର୍ଲିନଙ୍କ ମତରେ, ବଳ ପ୍ରୟୋଗର ଅନୁପସ୍ଥିତି ସ୍ୱତନ୍ତ୍ରତାର ଭିତ୍ତିଭୂମି ଅଟେ ।" ନାସ୍ତିସୂଚକ ସ୍ୱତନ୍ତ୍ରତା ତତ୍ତ୍ୱ ଏକ ସଂକୀର୍ଣ୍ଣ ଓ ସ୍ୱାର୍ଥପର ବ୍ୟକ୍ତି ଧାରଣା ଉପରେ ପର୍ଯ୍ୟବେସିତ । ସାମାଜିକ ଜୀବନର ଉପଯୋଗୀତା ଅନିୟନ୍ତ୍ରିତ ବ୍ୟକ୍ତି-ସ୍ୱତନ୍ତ୍ରତା ମତବାଦକୁ ଖଣ୍ଡନ କରିଥାଏ ।

#### ୪.୩.୨ ଆସ୍ତିସୂଚକ ସ୍ୱତନ୍ତ୍ରତା:

ଆଧୁନିକ ରାଜନୀତିବିଜ୍ଞାନୀମାନେ ସ୍ୱତନ୍ତ୍ରତାର ଆସ୍ତିସୂଚକ ଦିଗ ଉପରେ ଗୁରୁତ୍ୱ ଦିଅନ୍ତି । ଉନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଏହି ମତବାଦ ରଷୋ, ଗ୍ରୀନ୍, ବୋସାଙ୍କେ, ବାର୍କର, ଲାସ୍କି ଆଦିଙ୍କ ଦ୍ୱାରା ସମର୍ଥିତ ହୋଇଥିଲା । ରଷୋଙ୍କ ମତରେ, "ଯେଉଁଠି ଆଇନ ଅଗ୍ରଣୀ ଭୂମିକା ନିଏ, ସେଠାରେ ସ୍ୱତନ୍ତ୍ରତା ସମ୍ଭବ ।" ହିଗେଲ୍‌ଙ୍କ ଭାଷାରେ, "ଆଇନ ପ୍ରତି ଆଜ୍ଞାନୁବର୍ତ୍ତୀ ହେଲେ ପ୍ରକୃତ ସ୍ୱାଧୀନତା ଲାଭ ହୁଏ ।" ଗ୍ରୀନ୍ ସ୍ୱତନ୍ତ୍ରତାକୁ ଏକ ଆସ୍ତିସୂଚକ କ୍ଷମତା ରୂପେ ସୂଚୀତ କରି ମତ ଦେଇଛନ୍ତି ଯେ "ଏହା ଦ୍ୱାରା ବ୍ୟକ୍ତି ଉତ୍କର୍ଷତା ହାସଲ କରିବାରେ ସକ୍ଷମ ହୁଏ ଏବଂ ଏହା ସେ ସମାଜର ଅନ୍ୟମାନଙ୍କ ସହ ମିଶି କରିଥାଏ ।" ଏହି ମତର ବଳିଷ୍ଠ ପ୍ରବକ୍ତା ଲାସ୍କିଙ୍କ ଭାଷାରେ, "ସ୍ୱତନ୍ତ୍ରତା କହିଲେ ମୁଁ ଏକ ଅନୁକୂଳ ବାତାବରଣ ସୃଷ୍ଟିରେ ବିଶ୍ୱାସ କରେ ଯେଉଁଠାରେ ବ୍ୟକ୍ତିବିଶେଷ ନିଜର ସର୍ବଶ୍ରେଷ୍ଠ ବିକାଶ ଲାଭର ସୁଯୋଗ ପାଇ ପାରିବେ ।" ସ୍ୱତନ୍ତ୍ରତାର ସୀମିତ ପ୍ରକୃତିକୁ ସୂଚୀତ କରି ବାର୍କର କହିଛନ୍ତି ଯେ, "ଏହା ପ୍ରତ୍ୟେକ ବ୍ୟକ୍ତିର ଅସୀମ ସ୍ୱତନ୍ତ୍ରତା ନୁହେଁ, ବରଂ ସର୍ବଦା ସମସ୍ତଙ୍କର ନିୟନ୍ତ୍ରିତ ସ୍ୱତନ୍ତ୍ରତା ଅଟେ ।" ସ୍ୱତନ୍ତ୍ରତା ପାଇଁ ନିୟନ୍ତ୍ରଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ମେକେଞ୍ଜି ମତ ଦିଅନ୍ତି ଯେ, "ସ୍ୱତନ୍ତ୍ରତାର ଅର୍ଥ ସମସ୍ତ ପ୍ରକାର ନିୟନ୍ତ୍ରଣର ଅନୁପସ୍ଥିତି ନୁହେଁ, ବରଂ ଅନୁଚିତ ଓ ଅବିବେକୀ ନିୟନ୍ତ୍ରଣ ସ୍ଥାନରେ ଉଚିତ ଓ ବିଚାରବନ୍ତ ନିୟନ୍ତ୍ରଣ ଜାରୀ କରିବା ।" ସ୍ୱତନ୍ତ୍ରତାର ଆସ୍ତିସୂଚକ ଅର୍ଥ ରାଷ୍ଟ୍ରକୁ ଏକ ଜନମଙ୍ଗଳ ସଂସ୍ଥା ରୂପେ ଅଭିହିତ କରେ ।

## ୪.୪ ସ୍ୱତନ୍ତ୍ରତାର ଶ୍ରେଣୀ ବିଭାଗ :

**(୧) ପ୍ରାକୃତିକ ସ୍ୱତନ୍ତ୍ରତା :** ବ୍ୟକ୍ତି ଉପରେ କୌଣସି ପ୍ରକାର ନିୟନ୍ତ୍ରଣ ନରହିବା ହିଁ ହେଉଛି ପ୍ରାକୃତିକ ସ୍ୱାଧୀନତା । ସମାଜରେ ବଞ୍ଚିରହିବା ପାଇଁ ବ୍ୟକ୍ତି ଯେଉଁ ସୁବିଧା ସୁଯୋଗ ଆବଶ୍ୟକ କରିଥାଏ, ତାହା ପ୍ରାକୃତିକ ସ୍ୱତନ୍ତ୍ରତା । ପ୍ରକୃତିରେ ଆଦିମ ଯୁଗରେ ବ୍ୟକ୍ତି ଯେଉଁ ଅଖଣ୍ଡ ସ୍ୱାଧୀନତା ଉପଭୋଗ କରୁଥିଲା ତାହା ଏହି ପ୍ରକାର ସ୍ୱତନ୍ତ୍ରତା ଅଟେ । ଯେଉଁମାନେ ପ୍ରାକୃତିକ ସ୍ୱତନ୍ତ୍ରତାକୁ ସମର୍ଥନ କରନ୍ତି ସେମାନେ ମତ ଦିଅନ୍ତି ଯେ ଜୀବନ, ସ୍ୱାଧୀନତା ଓ ସଂପତ୍ତି ହେଉଛି ପ୍ରାକୃତିକ ସ୍ୱତନ୍ତ୍ରତା । ଚୁକ୍ତିବାଦୀମାନେ ଏହାର ସମର୍ଥକ ଅଟନ୍ତି ।

**(୨) ସାମାଜିକ ସ୍ୱତନ୍ତ୍ରତା :** ସମାଜରେ ପ୍ରତ୍ୟେକ ବ୍ୟକ୍ତିର ଧନ, ଜୀବନ ଓ ସଂପତ୍ତି ନିରାପଦ ରହିବା ଆବଶ୍ୟକ । ତେଣୁ ବ୍ୟକ୍ତି ସମାଜରେ ବସବାସ କରୁଥିବାରୁ ସାମାଜିକ ସ୍ୱତନ୍ତ୍ରତା ଲାଭ କରିଥାଏ । ଏହି ସ୍ୱତନ୍ତ୍ରତା ତିନିପ୍ରକାର; ଯଥା- (କ) ଶାରିରୀକ ସ୍ୱାଧୀନତା, (ଖ) ବୌଦ୍ଧିକ ସ୍ୱାଧୀନତା ଏବଂ (ଗ) ମତପ୍ରକାଶ ଓ ଚୁକ୍ତି ସ୍ୱାକ୍ଷର ପାଇଁ ସ୍ୱାଧୀନତା । ଏହି ସ୍ୱତନ୍ତ୍ରତା ନିରଙ୍କୁଶ ନୁହେଁ । ଏହି ସ୍ୱତନ୍ତ୍ରତାର ଉପଭୋଗରୁ ରାଷ୍ଟ୍ରର ଗଣତାନ୍ତ୍ରିକ ପ୍ରକୃତି ପ୍ରମାଣିତ ହୁଏ ।

**(୩) ରାଜନୈତିକ ସ୍ୱତନ୍ତ୍ରତା :** ଯେଉଁ ସ୍ୱତନ୍ତ୍ରତା ବଳରେ ବ୍ୟକ୍ତି ରାଷ୍ଟ୍ରର ରାଜନୈତିକ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥାଏ, ତାହାକୁ ରାଜନୈତିକ ସ୍ୱତନ୍ତ୍ରତା କୁହାଯାଏ । ଭୋଟ ଦେବାର ଅଧିକାର, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଅଧିକାର ହେଉଛି ରାଜନୈତିକ ସ୍ୱାଧୀନତା । ରାଜନୈତିକ ସ୍ୱତନ୍ତ୍ରତା ବା ସ୍ୱାଧୀନତା ମାଧ୍ୟମରେ ବ୍ୟକ୍ତି ରାଷ୍ଟ୍ରର ଶାସନ ପ୍ରକ୍ରିୟାରେ ସକ୍ରିୟ ଅଂଶ ଗ୍ରହଣ କରେ । ରାଜନୈତିକ ସ୍ୱାଧୀନତା ଓ ଗଣତନ୍ତ୍ର ଅଙ୍ଗାଙ୍ଗିଭାବେ ଜଡ଼ିତ । ଜଣେ ବ୍ୟକ୍ତି ଗୋଟିଏ ଭୋଟ, ନିରପେକ୍ଷ ନିର୍ବାଚନ ଆଦି ରାଜନୈତିକ ସ୍ୱତନ୍ତ୍ରତା ଅଟେ । ଲିଙ୍କନଙ୍କ ମତରେ, " ରାଜନୈତିକ ସ୍ୱାଧୀନତା ହିଁ ସାମ୍ବିଧାନିକ ସ୍ୱାଧୀନତା ।" ଏହା ଗଣତାନ୍ତ୍ରିକ ପରିବେଶରେ ଉପଭୋଗ କରାଯାଇପାରେ ।

**(୪) ଅର୍ଥନୈତିକ ସ୍ୱତନ୍ତ୍ରତା :** ଅର୍ଥନୈତିକ ସ୍ୱାଧୀନତା ଅନୁସାରେ ଜୀବିକା ଅର୍ଜନ ପାଇଁ ପ୍ରତ୍ୟେକ ବ୍ୟକ୍ତିକୁ ସୁବିଧା ସୁଯୋଗ ଦିଆଯିବା ସଙ୍ଗେ ସଙ୍ଗେ ଶୋଷଣ କବଳରୁ ମୁକ୍ତ କରାଯାଇଛି । ଲାସ୍କିଙ୍କ ଭାଷାରେ ଏହାକୁ ବ୍ୟକ୍ତିର ଦୈନନ୍ଦିନ ସ୍ୱତନ୍ତ୍ରତା କୁହାଯାଏ ।" ଏହି ସ୍ୱତନ୍ତ୍ରତା ବିନା ସାମାଜିକ ଓ ରାଜନୈତିକ ସ୍ୱତନ୍ତ୍ରତା ମୂଲ୍ୟହୀନ । ଗଣତନ୍ତ୍ରର ସଫଳତା ଅର୍ଥନୈତିକ ସ୍ୱତନ୍ତ୍ରତା ଉପରେ ନିର୍ଭର କରେ । କାର୍ଯ୍ୟକରିବାର ଅଧିକାର, ବୃତ୍ତିଗତ ଅଧିକାର, ଠିକ୍ ମଜୁରୀ ପାଇବାର ଅଧିକାର, ବେକାରୀ ଦୂରୀକରଣ ଆଦି ଅର୍ଥନୈତିକ ସ୍ୱତନ୍ତ୍ରତାର ଅନ୍ତର୍ଭୁକ୍ତ । ମାର୍କ୍ସଙ୍କ ମତବାଦର ପ୍ରସାର ଫଳରେ ଅର୍ଥନୈତିକ ସ୍ୱତନ୍ତ୍ରତାର ପ୍ରାଧାନ୍ୟ ଓ ବିଶେଷତ୍ୱ ବୃଦ୍ଧି ପାଇଛି ।

**(୫) ଜାତୀୟ ସ୍ୱତନ୍ତ୍ରତା :** ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରର ନିୟନ୍ତ୍ରଣରୁ ମୁକ୍ତ ହୋଇନିଜର କାର୍ଯ୍ୟପନ୍ଥା ସ୍ୱାଧୀନ ଭାବେ ଅନୁସରଣ କଲେ ତାକୁ ଜାତୀୟ ସ୍ୱତନ୍ତ୍ରତା କୁହାଯାଏ । ଏହା ରାଷ୍ଟ୍ରର ସ୍ୱାଧୀନତା, ଦେଶପ୍ରୀତି, ଓ ରାଷ୍ଟ୍ରର ସୁରକ୍ଷା ଉପରେ ପର୍ଯ୍ୟବେସିତ । ସାର୍ବଭୌମତ୍ୱ ବିନା କୌଣସି ରାଷ୍ଟ୍ର ଜାତୀୟ ସ୍ୱତନ୍ତ୍ରତା ଉପଭୋଗ କରିପାରେ ନାହିଁ ।

**(୬) ଆନ୍ତର୍ଜାତିକ ସ୍ୱତନ୍ତ୍ରତା :** ସମଗ୍ର ବିଶ୍ୱରେ ଯୁଦ୍ଧ ପରିହାର, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ନିୟନ୍ତ୍ରଣ ଓ ଶାନ୍ତିପୂର୍ଣ୍ଣ ଭାବେ ବିବାଦ ସମାଧାନରେ ବଳପ୍ରୟୋଗ ବନ୍ଦ ଆଦି ଏହି ସ୍ୱତନ୍ତ୍ରତାର ଲକ୍ଷ୍ୟ ଅଟେ । ପୃଥିବୀରେ ଶାନ୍ତି ଓ ସହଯୋଗ ମାଧ୍ୟମରେ ସମୃଦ୍ଧି ହାସଲ କରିବା ପାଇଁ ଏହା ଉଦ୍ଦିଷ୍ଟ । ବ୍ୟକ୍ତିର ଜୀବନ ଧାରଣର ମାନ ଉନ୍ନତ କରିବା ପାଇଁ ରାଷ୍ଟ୍ରମାନେ ସାମରିକ ଖର୍ଚ୍ଚ ହ୍ରାସ କରି ଜନହିତକର କାର୍ଯ୍ୟ ପାଇଁ ସମ୍ବଳ ବିନିଯୋଗ କରିବା ଆବଶ୍ୟକ ବୋଲି ଏହା ମତ ଦେଇଥାଏ ।

## ୪.୫ ସ୍ୱତନ୍ତ୍ରତାର ସୁରକ୍ଷା ପାଇଁ କିପରି ପଦକ୍ଷେପ ନିଆଯାଇପାରିବ (Safeguard of Liberty)

ସ୍ୱତନ୍ତ୍ରତା ଏକ ସାମାଜିକ ଧାରଣା । ଏହାର ଉଭୟ ବ୍ୟକ୍ତିଗତ ଓ ସାମାଜିକ ମୂଲ୍ୟବୋଧ ରହିଛି । ସ୍ୱତନ୍ତ୍ରତା ନିୟନ୍ତ୍ରଣର ସଂପୂର୍ଣ୍ଣ ଅନୁପସ୍ଥିତିକୁ ସମର୍ଥନ କରେ ନାହିଁ । ସାମାଜିକ ଜୀବନର ଉପଯୋଗୀତା ଅନିୟନ୍ତ୍ରିତ ବ୍ୟକ୍ତି - ସ୍ୱତନ୍ତ୍ରତା ମତବାଦକୁ ଖଣ୍ଡନ କରିଥାଏ । ପ୍ରତ୍ୟେକ ବ୍ୟକ୍ତିର ସ୍ୱତନ୍ତ୍ରତା ଅନ୍ୟମାନଙ୍କର ସ୍ୱତନ୍ତ୍ରତା ସହିତ ସଂପୃକ୍ତ । ନିୟନ୍ତ୍ରଣହୀନ ସ୍ୱତନ୍ତ୍ରତା ସ୍ୱେଚ୍ଛାଚାରିତାରେ ପରିଣତ ହୁଏ । ସ୍ୱତନ୍ତ୍ରତାର ଆସ୍ତିସୂଚକ ଧାରଣା ରାଷ୍ଟ୍ରକୁ ଏକ ଜନମଙ୍ଗଳ ସଂସ୍ଥା ରୂପେ ଅଭିହିତ କରିଥାଏ । ସ୍ୱତନ୍ତ୍ରତା ସୁରକ୍ଷିତ ହୋଇ ନ ପାରିଲେ ଏହାର କୌଣସି ମୂଲ୍ୟ ରୁହେ ନାହିଁ । ନିମ୍ନଲିଖିତ ଆନୁଷ୍ଠାନିକ ବ୍ୟବସ୍ଥା ଓ ବୈଷୟିକ ସର୍ତ୍ତ ପାଳନ ଦ୍ୱାରା ସ୍ୱତନ୍ତ୍ରତାକୁ ସୁରକ୍ଷିତ କରାଯାଇ ପାରିବ -

**(୧) ଲିଖିତ ସମ୍ବିଧାନ :** ରାଷ୍ଟ୍ରର ସମ୍ବିଧାନ ଲିଖିତ ଓ ସ୍ପଷ୍ଟ ଓ ସହଜରେ ବୋଧଗମ୍ୟ ହେବା ଆବଶ୍ୟକ । ଏହା ସଂପୂର୍ଣ୍ଣ ଅନମନୀୟ ନ ହେଲେ ମଧ ଏହାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକରେ ସହଜରେ ପରିବର୍ତ୍ତନ ନ ହେବା ଆବଶ୍ୟକ । ଏହା ବ୍ୟକ୍ତିର ଅଧିକାର ଓ ରାଷ୍ଟ୍ରୀୟ କ୍ଷମତା ମଧ୍ୟରେ ଏକ ସୁସନ୍ତୁଳନ ରକ୍ଷା କରେ ଯାହାଫଳରେ ସ୍ୱତନ୍ତ୍ରତାର ପ୍ରକୃତ ଉପଭୋଗ ସମ୍ଭବ ହୋଇଥାଏ ।

**(୨) ଆଇନର ଶାସନ :** ଏହା ବ୍ୟକ୍ତିକୁ ଆଇନ ସମ୍ମୁଖରେ ସମାନ ବୋଲି ବିବେଚନା କରିବା ସଙ୍ଗେ ସଙ୍ଗେ ତାକୁ ଆଇନର ସମାନ ନିରାପତ୍ତା ପ୍ରଦାନ କରିଥାଏ । ଏହା ସ୍ୱତନ୍ତ୍ରତାର ରକ୍ଷା କବଚ ଅଟେ ।

**(୩) ମୌଳିକ ଅଧିକାର :** ସମ୍ବିଧାନ ନାଗରିକର ମୌଳିକ ଅଧିକାରକୁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହାର ନିରାପତ୍ତା ପାଇଁ ସମ୍ବିଧାନିକ ବ୍ୟବସ୍ଥା ମଧ ଗ୍ରହଣ କରିଥାଏ । ମୌଳିକ ଅଧିକାର ଗୁଡ଼ିକ ନିରଙ୍କୁଶ ନୁହଁନ୍ତି ଓ ସେଗୁଡ଼ିକ ନ୍ୟାୟଯୋଗ୍ୟ ଅଟନ୍ତି ।

**(୪) ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟପାଳିକା :** ବ୍ୟକ୍ତି ସ୍ୱତନ୍ତ୍ରତାର ସୁରକ୍ଷା ପାଇଁ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟପାଳିକାର ଆବଶ୍ୟକତା ରହିଛି । ବିଚାରପତିମାନଙ୍କ ସୁସ୍ଥ ଯୋଗ୍ୟତାଭିତ୍ତିକ ନିଯୁକ୍ତି ନୀତି, ସ୍ଥିର ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ, ଜଟିଳ ପଦଚ୍ୟୁତି ବ୍ୟବସ୍ଥା, ଆକର୍ଷଣୀୟ ଦରମା ଓ ଭତ୍ତା ଆଦି ମାଧ୍ୟମରେ ନ୍ୟାୟପାଳିକା ସ୍ୱାଧୀନ ଓ ନିରପେକ୍ଷ ଭାବେ ନିଜର କାର୍ଯ୍ୟ ସଂପାଦନ କରି ନାଗରିକର ଅଧିକାରର ସୁରକ୍ଷା ଓ ସମ୍ବିଧାନର ଜଗୁଆଳୀ ହିସାବରେ ଭୂମିକା ଗ୍ରହଣ କରିପାରିବ ।

**(୫) ଅର୍ଥନୈତିକ ସମାନତା ଓ ସାମାଜିକ ନ୍ୟାୟ :** ସାମାଜିକ ନ୍ୟାୟ ଓ ଅର୍ଥନୈତିକ ନିରାପତ୍ତାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ମୁକ୍ତ ପରିବେଶରେ ହିଁ ବ୍ୟକ୍ତିର ସ୍ୱତନ୍ତ୍ରତା ସୁରକ୍ଷିତ ରୁହେ । ଆଧୁନିକ ଜନମଙ୍ଗଳ ରାଷ୍ଟ୍ର ଆସ୍ତିସୂଚକ ପଦକ୍ଷେପ ନେଇ ଆୟ ଓ ସଂପତ୍ତିଗତ ଅସମାନତା ଦୂରକରି, ସର୍ବନିମ୍ନ ଅର୍ଥନୈତିକ ଆବଶ୍ୟକତା ପରିପୂରଣ, ଦାରିଦ୍ର୍ୟ ନିରାକରଣ ଆଦି ପଦକ୍ଷେପ ନେଇ ସ୍ୱତନ୍ତ୍ରତାକୁ ସୁରକ୍ଷିତ ରଖିପାରେ ।

**(୬) ଗଣତାନ୍ତ୍ରିକ ରାଷ୍ଟ୍ର :** ଗଣତାନ୍ତ୍ରିକ ରାଷ୍ଟ୍ରରେ ହିଁ ବ୍ୟକ୍ତିର ସ୍ୱାଧୀନତା ବୃଦ୍ଧି ପାଇଥାଏ । ଏଥିରେ ଲୋକ ପ୍ରତିନିଧିମାନେ ଶାସନ କରନ୍ତି । ଲୋକମାନଙ୍କଦ୍ୱାରା ନିର୍ବାଚିତ ଏହି ପ୍ରତିନିଧିମାନେ ଜନ ସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହୋଇଥାଆନ୍ତି । ଫଳରେ ଲୋକମାନଙ୍କର ଅଧିକାର ଦିଗରେ ସଦାସର୍ବଦା ସରକାର ଯତ୍ନବାନ ରହିଥାଏ । ଲୋକ ପ୍ରତିନିଧିମାନେ ସ୍ୱେଚ୍ଛାଚାରୀ ହୋଇ ପାରନ୍ତି ନାହିଁ ।

**(୭) ସରକାରୀ କ୍ଷମତାର ବିକେନ୍ଦ୍ରୀକରଣ :** କେନ୍ଦ୍ରଠାରୁ ତୃଣମୂଳଯାଏ ସରକାରୀ କ୍ଷମତା ବିଭାଜିତ ଏବଂ ବିକେନ୍ଦ୍ରିତ ହେବା ଯୋଗୁଁ ସରକାରଙ୍କର କ୍ଷମତା ହ୍ରାସ ପାଇବା ସଙ୍ଗେ ସଙ୍ଗେ ଜନସାଧାରଣ ସରକାରରେ ଅଂଶଗ୍ରହଣ କରିବାର ସୁଯୋଗ

ପାଇପାରନ୍ତି । ସରକାରଙ୍କର କ୍ଷମତା କମିଗଲେ ବ୍ୟକ୍ତି ସ୍ୱତନ୍ତ୍ରତା ବଢ଼ିଥାଏ । ସଂଘୀୟ ରାଷ୍ଟ୍ର ଓ ସ୍ୱାୟତ୍ତ ଶାସନ ସଂସ୍ଥା ମାଧ୍ୟମରେ ଏହା ସମ୍ଭବପର ହୋଇଥାଏ ।

**(୮) କ୍ଷମତାର ପୃଥକୀକରଣ :** ସରକାରଙ୍କର ତିନୋଟି ବିଭାଗ ପରସ୍ପରଠାରୁ ଅଲଗା ହେଲେ ପରସ୍ପର ପରସ୍ପରକୁ ନିୟନ୍ତ୍ରଣ କରିବେ । ସରକାର ଦାୟିତ୍ୱସଂପନ୍ନ ହେବା ପାଇଁ ବାଧ୍ୟ ହେବେ ଏବଂ ବ୍ୟକ୍ତି ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିପାରିବ । ଲର୍ଡ ଆକଟନଙ୍କ ମତରେ କ୍ଷମତା ହିଁ ଶାସକକୁ ଦୁର୍ନୀତିଗ୍ରସ୍ତ କରାଇଥାଏ ।

**(୯) ନିରପେକ୍ଷ ଗଣମାଧ୍ୟମ :** ଗଣମାଧ୍ୟମ ଗଣତନ୍ତ୍ରର ଏକ ମୌଳିକ ଅଂଶବିଶେଷ । ନିରପେକ୍ଷ ସମ୍ବାଦ ପରିବେଷଣ କରାଗଲେ ସରକାର ବ୍ୟକ୍ତି ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବାକୁ ଭୟ କରିବେ । ସରକାରଙ୍କର ଦୋଷ ଦୁର୍ବଳତାକୁ ପଦାରେ ପକାଇବାର କାମ ହେଉଛି ଗଣମାଧ୍ୟମର । ସମ୍ବାଦ ସରବରାହ ସଂସ୍ଥାର ନିରପେକ୍ଷତାହିଁ ସ୍ୱାଧୀନତାପାଇଁ ଅପରିହାର୍ଯ୍ୟ ।

**(୧୦) ସୁସଙ୍ଗଠିତ ରାଜନୈତିକ ଦଳୀୟ ବ୍ୟବସ୍ଥା :** ବିଲାତ ଏବଂ ଆମେରିକା ପରି ଦ୍ୱି-ଦଳୀୟ ପ୍ରଥା ହିଁ ଗଣତନ୍ତ୍ର ଶାସନପାଇଁ ଅଧିକ ଉପଯୋଗୀ । ଗୋଟିଏ ଦଳ ସରକାର ଗଠନ କରନ୍ତି ଏବଂ ଅନ୍ୟ ଦଳ ବିରୋଧୀ ଦଳଭାବରେ କାର୍ଯ୍ୟ କରି ସରକାରଙ୍କର ଦୋଷ ଦୁର୍ବଳତାକୁ ଲୋକଲୋଚନକୁ ଆଣନ୍ତି । ଏହାଦ୍ୱାରା ଲୋକମାନଙ୍କର ରାଜନୈତିକ ସଚେତନତା ବୃଦ୍ଧି ପାଇଥାଏ ଏବଂ ସେମାନଙ୍କର ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିଥାଏ ।

**(୧୧) ଚିରନ୍ତନ ଜାଗୃତି :** ପରିଶେଷରେ ଲୋକେ ନିଜ ନିଜର ସ୍ୱାଧୀନତା ପ୍ରତି ବିଶେଷଭାବେ ଜାଗ୍ରତ ରହିବା ଆବଶ୍ୟକ । ଏହା ସଙ୍ଗେ ସଙ୍ଗେ ଅନ୍ୟର ଅଧିକାର ପ୍ରତି ମଧ୍ୟ ସେମାନେ ସଚେତନ ରହିବା ଆବଶ୍ୟକ । ପ୍ରତ୍ୟେକ ନାଗରିକ ନିଜର ସ୍ୱାଧୀନତାକୁ ଉପଭୋଗ କରିବା ସମୟରେ ଅନ୍ୟ ଜଣଙ୍କର ସ୍ୱାଧୀନତା ପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ । ସେଥିପାଇଁ ପ୍ରତ୍ୟେକ ଅଧିକାର ସହ କର୍ତ୍ତବ୍ୟ ଓତପ୍ରୋତ ଭାବରେ ଜଡ଼ିତ । ରାଜନୈତିକ ସଂସ୍କୃତିହିଁ ଲୋକମାନଙ୍କୁ ଏ ଦିଗରେ ସଚେତନ କରିଥାଏ । ନାଗରିକମାନଙ୍କର ଅଧିକାର ସଚେତନତା ଓ କର୍ତ୍ତବ୍ୟନିଷ୍ଠା ସ୍ୱତନ୍ତ୍ରତାର ସୁରକ୍ଷାର ମୁଖ୍ୟ ସର୍ତ୍ତ ଅଟେ ।

## ୪.୬. ସାରାଂଶ

ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ସମସ୍ତ ସୁଯୋଗର ଆଇନଗତ ଉପସ୍ଥିତିକୁ ସ୍ୱତନ୍ତ୍ରତା କୁହାଯାଏ । ସ୍ୱତନ୍ତ୍ରତା ସମାଜଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ରାଷ୍ଟ୍ର ଦ୍ୱାରା ଆଇନ ମାଧ୍ୟମରେ ପ୍ରଦତ୍ତ ଓ ସୁରକ୍ଷିତ ହେଉଥିବାରୁ ଏହା ସମସ୍ତ ନିୟନ୍ତ୍ରଣରୁ ମୁକ୍ତ ରହି ନିରଙ୍କୁଶ ହେବା ସମ୍ଭବପର ନୁହେଁ ।ଆଇନ ଓ ସ୍ୱତନ୍ତ୍ରତା ପରସ୍ପରର ପରିପୂରକ ଅଟନ୍ତି । ରାଷ୍ଟ୍ରର ଆଇନ ଦ୍ୱାରା ସ୍ୱତନ୍ତ୍ରତା ପ୍ରଦତ୍ତ ଓ ସୁରକ୍ଷିତ ହୋଇଥାଏ । ଲକ୍‌ଙ୍କ ମତରେ, "ଆଇନର ଲକ୍ଷ୍ୟ ନୁହେଁ ସ୍ୱତନ୍ତ୍ରତାର ଲୋପ ବା ସଙ୍କୋଚନ, ବରଂ ଏହାର ସଂରକ୍ଷଣ ଓ ପରିବର୍ତ୍ତନ ।" ସମାଜବାଦୀମାନେ ରାଷ୍ଟ୍ରର କାର୍ଯ୍ୟ ପରିସରକୁ ବ୍ୟାପକ କରିବାର ଅଭିପ୍ରାୟ ରଖିଥାନ୍ତି ।

## ୪.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ !

ପ୍ର.୧ ସ୍ୱତନ୍ତ୍ରତା କ'ଣ ? ଆସ୍ତିସୂଚକ ଓ ନାସ୍ତିସୂଚକ ସ୍ୱତନ୍ତ୍ରତା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

ପ୍ର.୨ ସ୍ୱତନ୍ତ୍ରତାର ଶ୍ରେଣୀବିଭାଗ ଆଲୋଚନା କର ।

ପ୍ର.୩ ସ୍ୱତନ୍ତ୍ରତାର ସୁରକ୍ଷା ପାଇଁ କିପରି ପଦକ୍ଷେପ ନିଆଯାଇପାରିବ ?

**ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ :**

**ପ୍ର.୧. ନାସ୍ତିସୂଚକ ଅର୍ଥରେ ସ୍ୱତନ୍ତ୍ରତା ହେଉଛି ______ ର ଅନୁପସ୍ଥିତି ।**

(i) ନିୟନ୍ତ୍ରଣ (ii) ଆର୍ଥିକ ଅସମାନତା

(iii) ରାଜନୈତିକ ବାଧା (iv) ଆନ୍ତର୍ଜାତୀୟ ପ୍ରତିବନ୍ଧକ

**ପ୍ର.୨. 'ସ୍ୱତନ୍ତ୍ରତା' ଶବ୍ଦଟି ଏକ ଲାଟିନ୍ ଶବ୍ଦ ______ରୁ ଉଦ୍ଭୂତ ଯାହାର ଅର୍ଥ ______ ।**

(i) ଲ୍ୟାଗ୍ ; ସ୍ଥିର (ii) ଲିବର ; ମୁକ୍ତି

(iii) ସୁପର ଆନସ୍; ସର୍ବୋଚ୍ଚକ୍ଷମତା (iv) ଷ୍ଟାଟସ୍; ମର୍ଯ୍ୟାଦା

**ପ୍ର.୩. ସରକାରର ଗଠନ, ନିୟନ୍ତ୍ରଣ ଓ ସମାଲୋଚନା କରିବା ______ ସ୍ୱତନ୍ତ୍ରତା ଅଟେ ।**

(i) ଅର୍ଥନୈତିକ (ii) ସାମାଜିକ

(iii) ରାଜନୈତିକ (iv) ଆନ୍ତର୍ଜାତିକ

**ପ୍ର.୪. ଶାଶ୍ୱତ ______ ସ୍ୱତନ୍ତ୍ରତାର ମୂଲ୍ୟ ଅଟେ ।**

(i) ଜାଗୃତି ବା ଅନ୍ତଃଦୃଷ୍ଟି (ii) ବିଶ୍ୱାସ

(iii) ଚିନ୍ତାଧାରା (iv) ଅଭିବ୍ୟକ୍ତି

**ପ୍ର.୫. ______ ସ୍ୱତନ୍ତ୍ରତା ପାଇଁ ପ୍ରଥମ ସର୍ତ୍ତ ଅଟେ ।**

(i) ନ୍ୟାୟ (ii) ସମାନତା

(iii) ଆଇନ (iv) ଅଧିକାର

**୪.୮ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର ।**

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ -ଉତ୍ତର:**

ପ୍ର.୧ ଅଧ୍ୟାୟର ୪.୨ ଓ ୪.୩. ଅଂଶର ପାଠ ଦେଖ ।

ପ୍ର.୨ ଅଧ୍ୟାୟର ..୪.୪ ଅଂଶର ପାଠ ଦେଖ ।

ପ୍ର.୩ ଅଧ୍ୟାୟର ..୪.୫ ଅଂଶର ପାଠ ଦେଖ ।

**ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ -ଉତ୍ତର**

୧. (i) ନିୟନ୍ତ୍ରଣ ୨. (ii) 'ଲିବର୍' ; ମୁକ୍ତି ୩. (iii) ରାଜନୈତିକ ୪. (i) ଜାଗୃତି ବା ଅନ୍ତଃଦୃଷ୍ଟି ୫. (iii) ଆଇନ ।

❖❖❖

# ପଞ୍ଚମ ଅଧ୍ୟାୟ

# ସମାନତା

# (EQUALITY)

ସଂରଚନା :


୫.୧ ଉଦ୍ଦେଶ୍ୟ

୫.୨ ସମାନତାର ଅର୍ଥ

୫.୩ ସମାନତାର ପ୍ରକୃତି

୫.୪ ସମାନତାର ପ୍ରକାରଭେଦ

୫.୫ ସ୍ୱତନ୍ତ୍ରତା ଓ ସମାନତା ମଧ୍ୟରେ ସଂପର୍କ

୫.୬ ସାରାଂଶ

୫.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୫.୮ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର


## ୫.୧ ଉଦ୍ଦେଶ୍ୟ :

ଏହି ଅଧ୍ୟାୟ ପାଠ ପରେ ଆପଣମାନେ

- ସମାନତାର ଅର୍ଥ ଜାଣି ପାରିବେ
- ସମାନତାର ପ୍ରକୃତି ବୁଝି ପାରିବେ
- ସମାନତାର ପ୍ରକୃତି ଭେଦ ସଂପର୍କରେ ତଥ୍ୟ ପାଇ ପାରିବେ
- ସମାନତାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ ହୋଇପାରିବେ
- ସମାନତାର ଓ ସ୍ୱତନ୍ତ୍ରତାର ମଧ୍ୟରେ ସଂପର୍କ ତର୍ଜମା କରିପାରିବେ

## ୫.୨ ସମାନତାର ଅର୍ଥ (Meaning of Equality)

ଲାସ୍କିଙ୍କ ମତରେ, "ସମାଜରେ କୌଣସି ବ୍ୟକ୍ତି ନିକଟତମ ବ୍ୟକ୍ତିଙ୍କଠାରୁ ଯେଉଁଳି ଅଧିକ ସୁବିଧା ସୁଯୋଗ ପାଉ ନଥିବ, ତାହାହିଁ ସମାନତା ।" (No Man shall be placed in society that he canover-reach his neighbour to the extent which constitutes a denial of the latter's citizenship).

ଲକ୍କଙ୍କ ମତରେ, "ସମସ୍ତ କ୍ଷମତା ଏବଂ କାର୍ଯ୍ୟ ପରିସର ପରସ୍ପର ଦେଣନେଣ ନୀତିରେ ପ୍ରତିଷ୍ଠିତ ହୋଇ ସମସ୍ତେ ସମାନ ସୁବିଧାସୁଯୋଗ ଉପଭୋଗ କରିବା ହିଁ ସମାନତା ।" (Equality is a state or condition wherein all the power and jurisdiction is reciprocal no one haivng more than others.)

ବାର୍କରଙ୍କ ମତରେ, "ସମମର୍ଯ୍ୟାଦା ଏବଂ ସୁବିଧାସୁଯୋଗର ସୁଷମ ବଣ୍ଟନ ହିଁ ସମାନତା ।" (Equality mean simialr status and just distribution of opportunities available in the society.)

ଏତଦ୍‌ବ୍ୟତୀତ ୧୭୮୯ ମସିହାରେ ମାନବିକ ଅଧିକାର ଘୋଷଣା କରିଛି ଯେ, ମଣିଷ ସମତା ମନ୍ତ୍ରରେ ଜନ୍ମଗ୍ରହଣ କରିଛି ଏବଂ ଏହା ବ୍ୟକ୍ତିର ଏକ ଜନ୍ମଗତ ଅଧିକାର । ଏଣୁ ସମୟ, ସୁବିଧା ଓ ସମାନ ମର୍ଯ୍ୟାଦା ପାଇବା ପାଇଁ ସମସ୍ତଙ୍କର ସମାନ ଦାବି ରହିଛି ।

ଏହି ସମାନତା ପ୍ରତିଷ୍ଠା ପାଇଁ ଦକ୍ଷିଣ ଆଫ୍ରିକା, ଆମେରିକା ଏବଂ ଫ୍ରାନ୍‌ସ ଇତ୍ୟାଦି ରାଷ୍ଟ୍ରମାନଙ୍କରେ ଅନେକ ବିପ୍ଳବ ମୁଣ୍ଡ ଟେକିଛି ଏବଂ ଶେଷରେ ସଫଳତା ହାସଲ କରିଛି । ପେରିକ୍ଲିସ୍, ସୋଫିଷ୍ଟ ଏବଂ ଷ୍ଟୋଇକ୍ ଦାର୍ଶନିକମାନେ ସମାନତାର ପୃଷ୍ଠପୋଷକ ଥିଲେ । ଅନ୍ୟପକ୍ଷରେ ପ୍ଲାଟୋ ଏବଂ ଆରିଷ୍ଟୋଟଲ ଅସମାନତାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇଥିଲେ ।

ପରେ ପରେ ମଣ୍ଟେସ୍କ୍ୟୁ, ଭଲଟାୟାର, ରୁଶୋ, ଆଡାମସ୍ମିଥ୍ ଏବଂ ହ୍ୟୁମ୍ ପ୍ରଭୃତି ସମାନତାର ପ୍ରବର୍ତ୍ତକ ସାଜିଲେ । ପ୍ରାକ୍ କାଳରେ ଏହା ଆଇନଗତ ଏବଂ ରାଜନୀତିକ ଥିଲା । ପରେ ପରେ ଏହା ଆଉ ଏକ ନୂତନ ପ୍ରକାର ହେଲା, ଯାହାକି ସାମାଜିକ ଅର୍ଥନୈତିକ ସମାନତା ଅଟେ ।

ବାସ୍ତବରେ ସମାନତା ଏକ ବହୁପାର୍ଶ୍ୱିକ ଧାରଣା । ଏହାର ପ୍ରକୃତି ବ୍ୟକ୍ତିମାନଙ୍କ ମଧ୍ୟରେ ପୃଥକତା ସୃଷ୍ଟି କରିଛି । ସମାନତାର ମଧ୍ୟ ଦୁଇଟି ଦିଗ ଅଛି; ଯଥା :- ଅସ୍ତିବାଚକ ଏବଂ ନାସ୍ତିବାଚକ । ନାସ୍ତିବାଚକ ଅର୍ଥରେ ଏହା ବୁଝାପଡ଼େ ଯେ, ସମାଜର ସ୍ୱତନ୍ତ୍ର ସୁବିଧାର ଅନୁପସ୍ଥିତ; କିନ୍ତୁ ଅସ୍ତିବାଚକ ଅର୍ଥରେ ଏହା ବ୍ୟକ୍ତିର ଗୁଣାତ୍ମକ ଅଭିବୃଦ୍ଧିରେ ଯଥେଷ୍ଟ ସାହାଯ୍ୟ ପ୍ରଦାନ କରିଥାଏ । ସୁବିଧା ଓ ସୁଯୋଗ ହାସଲ କରିବା ହିଁ ବ୍ୟକ୍ତିର ଯୋଗ୍ୟତା ଉପରେ ନିର୍ଭର କରିଥାଏ ।

ଏହି କ୍ଷେତ୍ରରେ ମାର୍କସ ତାଙ୍କର ମତାମତ ଦେଇଛନ୍ତି ଯେ, ଅର୍ଥନୈତିକ ସମତା ସମସ୍ତ ପ୍ରକାର ସମାନତାର ମୂଳ ଆଧାର ଅଟେ । ବ୍ୟକ୍ତି ଆର୍ଥିକ ସମାନତା ହାସଲ କଲେ ସମସ୍ତପ୍ରକାର ଶ୍ରେଣୀ ଭେଦଭାବ ଦୂର ହେବା ସହ ତା'ର ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇବ ଏବଂ ସାମାଜିକ ନିୟନ୍ତ୍ରଣ ସମ୍ଭବ ହୋଇପାରିବ । ପ୍ରତ୍ୟେକ ବ୍ୟକ୍ତିକୁ ତା'ର ସାମର୍ଥ୍ୟ ଅନୁସାରେ କାମ କରାଇ ତା'ର ଆବଶ୍ୟକତା ଅନୁସାରେ ପାରିଶ୍ରମିକ ପ୍ରଦାନ କଲେ ସମାନତା ସହଜସାଧ୍ୟ ହେବ ।

### ୫.୩ ସମାନତାର ପ୍ରକୃତି (Nature of Equality)

**୧। ସସୀମ (Limited) :** ସମାନତା ସସୀମ ଏବଂ ନିୟନ୍ତ୍ରିତ ଅଟେ । ମଣିଷ ମଣିଷ ମଧ୍ୟରେ ଅନେକ ବିଭେଦ ରହିଛି; କିନ୍ତୁ ନିଜର ଶକ୍ତି, ସାମର୍ଥ୍ୟ ଅନୁଯାୟୀ ସୁବିଧାସୁଯୋଗ ଉପଭୋଗ କଲେ ସମାଜରେ ସମାନତା ପ୍ରତିଷ୍ଠା ହେବ । ସୁବିଧାସୁଯୋଗ ସୀମିତ । ଏହାର ଯୋଗ୍ୟତାଭିତ୍ତିକ ସୁଷମ ବଣ୍ଟନ ହିଁ ସମାନତା ।

**୨। ଅଧିକାରର ମୂଳଭିତ୍ତି (Foundation of Rights) :** ସମାନତାକୁ ବାଦ୍‌ଦେଇ ଅଧିକାର ପରିକଳ୍ପନା କରାଯାଇପାରେ ନାହିଁ । ଅଧିକାଂଶ ସଂଘର୍ଷର ମୂଳଦୁଆ ହେଉଛି ସମାନତା । ସେଥିପାଇଁ ସମସ୍ତ ଗଣତନ୍ତ୍ର ରାଷ୍ଟ୍ରରେ ସମତାକୁ ଉଚ୍ଚ ସ୍ଥାନ ଦିଆଯାଇଛି ।

୩। ଗଣତନ୍ତ୍ରିକ ଭାବନା **(Democratic Feeling) :** ସମାନତା ଗଣତାନ୍ତ୍ରିକ ଭାବନାର ମୂଲ୍ୟବୋଧ ପ୍ରକାଶ କରିଥାଏ । ଜଣେ ବ୍ୟକ୍ତିକୁ ଖଣ୍ଡିଏ ଭୋଟ ସମତାର ନିଦର୍ଶନ ଅଟେ । ଗଣତାନ୍ତ୍ରିକ ବ୍ୟବସ୍ଥା ସବୁବେଳେ ଆଇନର ଶାସନକୁ ଗୁରୁତ୍ୱ ଦିଏ, ଯାହାକି ସମତା ଉପରେ ଆଧାରିତ ।

୪। ଆଇନର ଆଧାର **(Base of the Law) :** ସମାନତା ଆଇନ ଶାସନର ମୂଳଦୁଆ ସଦୃଶ । ସମସ୍ତଙ୍କୁ ସୁରକ୍ଷା ଏବଂ ସୁବିଧା ଯୋଗାଇବା ପାଇଁ ଏହା ପ୍ରସ୍ତୁତ କରୁଥିବା ଆଇନର ଆଧାର ହେଉଛି ସମତା । ନ୍ୟାୟ ଓ ନୈତିକ ମୂଲ୍ୟବୋଧକୁ କାର୍ଯ୍ୟକାରୀ କରିବାପାଇଁ ଆଧାର ହେଉଛି ସମାନତା ।

୫। ସ୍ୱତନ୍ତ୍ର ସୁବିଧାର ଅନୁପସ୍ଥିତି **(Absence of Special Privilege) :** ସମାନତା କୌଣସି ସ୍ୱତନ୍ତ୍ର ସୁବିଧାର ଉପସ୍ଥିତିକୁ ପ୍ରଶ୍ରୟ ଦିଏ ନାହିଁ । ଏଠାରେ ସମସ୍ତେ ସମାନ । ଏହାଦ୍ୱାରା ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସୁରକ୍ଷା ମିଳିଥାଏ । ଧନୀ ଓ ଗରିବ ମଧ୍ୟରେ ତାରତମ୍ୟ ହ୍ରାସ କରିବା ହିଁ ସମାନତା । ମୌଳିକ ଆବଶ୍ୟକତାର ପୂରଣ ପାଇଁ ସମାନତାଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଏ ।

**୫.୪ ସମାନତାର ଶ୍ରେଣୀ ବିଭାଗ :**

ସମାନତାକୁ ପ୍ରାକୃତିକ, ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମାନତା ଭଳି କେତେକ ଭାଗରେ ବିଭକ୍ତ କରାଯାଇପାରେ ।

**(୧) ପ୍ରାକୃତିକ ସମାନତା (Natural Equality) :** ରଷୋଙ୍କ ମତରେ ମଣିଷ ଜନ୍ମରୁ ସମାନ ଏବଂ ପରିବେଶଗତ ପାର୍ଥକ୍ୟ ଯୋଗୁଁ ତା' ବ୍ୟକ୍ତିତ୍ୱର ଭିନ୍ନତା ପରିଲକ୍ଷିତ ହୋଇଥାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ପ୍ରଚଳିତ ସ୍ତରିକୃତ ସାମାଜିକ ବ୍ୟବସ୍ଥା ଜାତି, ବର୍ଣ୍ଣ, ଧର୍ମ, ଶିକ୍ଷାଗତ ଯୋଗ୍ୟତା, ଲିଙ୍ଗ ଇତ୍ୟାଦି ପ୍ରାକୃତିକ ସମାନତା ପ୍ରତି ବାଧା ସୃଷ୍ଟି କରୁଛି । ପ୍ରକୃତି ରାଜ୍ୟରେ ପ୍ରାକୃତିକ ସ୍ୱତନ୍ତ୍ରତାକୁ ବ୍ୟକ୍ତି ପ୍ରାକୃତିକ ସମାନତାର ପରିବେଶରେ ଉପଭୋଗ କରୁଥିଲା । ମନୁଷ୍ୟ ସ୍ୱତନ୍ତ୍ରତା ଓ ସମାନତା ଆଇ ଜନ୍ମ ହୋଇଛି ଓ ପ୍ରକୃତି ଦ୍ୱାରା ବିଚାରବୁଦ୍ଧି ସଂପନ୍ନ ହୋଇଛି ବୋଲି ଏହି ସମାନତା ବିଶ୍ୱାସ କରିଥାଏ । ଏହା ରୋମ୍‌ର ସିସିରୋ, ପଲିବିୟସ୍ ଓ ଆଧୁନିକସମୟର ହବସ୍, ଲକ୍ ଓ ରଷୋଙ୍କ ଦ୍ୱାରା ସମର୍ଥିତ ଅଟେ ।

**(୨)ସାମାଜିକ ସମାନତା (Social Equality) :** ସାମାଜିକ ପରିସ୍ଥିତିରେ ସାମାଜିକ ପରମ୍ପରା ଓ ଚଳନିର ନିୟନ୍ତ୍ରଣ ଅନୁଯାୟୀ ପ୍ରତ୍ୟେକ ମନୁଷ୍ୟ ଜାତି, ଧର୍ମ, ବର୍ଣ୍ଣ, ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ଭେଦଭାବ ନରଖି ସମାନ ରୂପେ ବିବେଚିତ ହେଲେ ତାହାକୁ ସାମାଜିକ ସମାନତା କୁହାଯାଏ । ଏହା ଅସ୍ପୃଶ୍ୟତାକୁ ଓ ବର୍ଣ୍ଣଗତ ବୈଷମ୍ୟନୀତିକୁ ବିରୋଧ କରିଥାଏ । ଏହା ବିନା ଅନ୍ୟ ସମସ୍ତ ସମାନତା ହାସଲ କରିବା ଅସମ୍ଭବ ଅଟେ ।

**(୩) ରାଜନୈତିକ ସମାନତା : (Political Equality) :** ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ରର ନାଗରିକ । ଏଣୁ ରାଷ୍ଟ୍ରର ଶାସନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାପାଇଁ ସେ ସମାନ ଅଧିକାର ପ୍ରାପ୍ତ ହେବା ଆବଶ୍ୟକ । କୌଣସି ବ୍ୟକ୍ତିକୁ ରାଜନୈତିକ ବ୍ୟାପାରରେ ଅଗ୍ରାଧିକାର ଦିଆଗଲେ ର ାଜନୈତିକ ବ୍ୟବସ୍ଥାର ଭିତ୍ତି ଦୁର୍ବଳ ହୁଏ । ଏଣୁ ଭୋଟ ଦାନର ଅଧିକାର, ସାଧାରଣ ପଦ ପଦବୀ ଗ୍ରହଣ କରିବାର ଅଧିକାର, ସରକାରଙ୍କୁ ସମାଲୋଚନା କରିବାର ଅଧିକାର ଇତ୍ୟାଦି କ୍ଷେତ୍ରରେ ପ୍ରତ୍ୟେକ ନାଗରିକ ସମାନ ସୁଯୋଗ ପାଇବା ଆବଶ୍ୟକ ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳନୀତି ଅଟେ ।

**(୪) ଆଇନଗତ ସମାନତା (Legal Equality) :** ଆଇନ ଆଗରେ ସମସ୍ତେ ସମାନ ଓ ଆଇନ ସମସ୍ତଙ୍କୁ ସମାନ ସୁଯୋଗ ଓ ନିରାପତ୍ତା ପ୍ରଦାନ କରିଥାଏ । ରାଷ୍ଟ୍ରରେ 'ଆଇନର ଶାସନ' ପ୍ରଚଳିତ ହୋଇଥାଏ । ଆଇନ ଦ୍ୱାରା ନିର୍ଦ୍ଧାରିତ

ପ୍ରକ୍ରିୟାରେ ନ୍ୟାୟ ପ୍ରଦାନ କରାଯାଏ । ଏହାକୁ ଆଇନଗତ ସମାନତା କୁହାଯାଏ । ଏହା ଗଣତାନ୍ତ୍ରିକ ରାଷ୍ଟ୍ରର ମୂଳଭିତ୍ତି ଅଟେ । ଏହାକୁ ନାଗରିକ ସମାନତା ମଧ୍ୟ କୁହାଯାଏ ।

**(୫) ଅର୍ଥନୈତିକ ସମାନତା (Economic Equality) :** ଅର୍ଥନୈତିକ ବ୍ୟାପାରରେ ବ୍ୟକ୍ତି ସମାନ ସୁଯୋଗ ପାଇବା ଆବଶ୍ୟକ । ସମାନ ଅର୍ଥନୈତିକ ସୁଯୋଗ ପ୍ରଦାନ ଏବଂ ଶୋଷଣମୁକ୍ତ ବ୍ୟବସ୍ଥା ପ୍ରତିଷ୍ଠା ଅର୍ଥନୈତିକ ସମାନତାର ଲକ୍ଷ୍ୟ ଅଟେ । ସମାନ କାମ ପାଇଁ ସମାନ ମଜୁରୀ, ସର୍ବନିମ୍ନ ଅର୍ଥନୈତିକ ଆବଶ୍ୟକତା ପୂରଣ ଆଦି ଅଧିକାର ପ୍ରଦାନର ପରିବେଶ ମଧ୍ୟରେ ଅର୍ଥନୈତିକ ସମାନତା ପ୍ରଦାନ କରାଯାଇଥାଏ । ଏହି ସମାନତାର ନିୟମ ଅନୁଯାୟୀ ସମସ୍ତଙ୍କ ମଧ୍ୟରେ ଜାତୀୟ ଆୟ ଓ ସମ୍ପଦର ସୁଷମ ବଣ୍ଟନ କରାଯାଇଥାଏ । ଏହା ରାଜନୈତିକ ସମାନତା ଓ ସ୍ୱତନ୍ତ୍ରତା ପାଇଁ ଏକ ଆବଶ୍ୟକୀୟ ସର୍ତ୍ତ ରୂପେ କାର୍ଯ୍ୟ କରେ ।

**(୬) ଆନ୍ତର୍ଜାତିକ ସମାନତା (International Equality) :** ଆନ୍ତର୍ଜାତିକ ସମାଜରେ ଆକାର, କ୍ଷମତା ଓ ପ୍ରଭାବ ନିର୍ବିଶେଷରେ ପ୍ରତ୍ୟେକ ସାର୍ବଭୌମ ରାଷ୍ଟ୍ର ସମାନ ବୋଲି ବିବେଚିତ ହୋଇଥା'ନ୍ତି । କୌଣସି ରାଷ୍ଟ୍ର ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିପାରେ ନାହିଁ । ଆନ୍ତର୍ଜାତୀୟ ଆଇନ ଅନୁସାରେ ସବୁ ରାଷ୍ଟ୍ର ସମାନ ମର୍ଯ୍ୟାଦା, ଅଧିକାର, ସୁବିଧା ଆଦି ଲାଭ କରିଥାନ୍ତି । ବିଶ୍ୱଶାନ୍ତି, ନିରାପତ୍ତା ଓ ସାମୂହିକ ସମୃଦ୍ଧିର ସାଧାରଣ ଲକ୍ଷ୍ୟ ହାସଲ ପାଇଁ ଏହା ଅତ୍ୟନ୍ତ ଅପରିହାର୍ଯ୍ୟ ଅଟେ ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ହୁଏ ଯେ ସମାନତା ସର୍ବସମତା ବା ଗାଣିତିକ ସମାନତାକୁ ସୂଚୀତ କରେ ନାହିଁ । ସମାନତା ଓ ସ୍ୱତନ୍ତ୍ରତା ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରସ୍ପରର ପରିପୂରକ ଅଟନ୍ତି । ସାମାଜିକ ଓ ଅର୍ଥନୈତିକ ଅସମାନତାର ପୃଷ୍ଠଭୂମିରେ ଆଇନଗତ ଓ ରାଜନୈତିକ ସମାନତା ମୂଲ୍ୟହୀନ ହୋଇପଡ଼େ । ବିଶ୍ୱଯୁଦ୍ଧ ଓ ଆଣବିକ ଅସ୍ତ୍ରଶସ୍ତ୍ରର ଭୟାବହତା ଆନ୍ତର୍ଜାତିକ ସମାନତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ ।

### ୫.୫ ସମାନତା ଓ ସ୍ୱତନ୍ତ୍ରତା ମଧ୍ୟରେ ସଂପର୍କ

ମନୁଷ୍ୟ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅନୁକୂଳ ବାତାବରଣକୁ ହିଁ 'ସ୍ୱତନ୍ତ୍ରତା' କୁହାଯାଏ । ଏହା ନିୟନ୍ତ୍ରଣର ଅନୁପସ୍ଥିତି ନୁହେଁ, ବରଂ ଉଚିତ ଓ ବିଚାରବନ୍ତ ନିୟନ୍ତ୍ରଣର ଉପସ୍ଥିତିକୁ ସମର୍ଥନ କରିଥାଏ । ସ୍ୱତନ୍ତ୍ରତା ଏକ ସାମାଜିକ ଧାରଣା ଅଟେ । ଅନ୍ୟପକ୍ଷରେ, ସମାନତାର ଅର୍ଥ ନୁହେଁ ସର୍ବସମତା କିମ୍ବା ଏହା ସମସ୍ତ ମନୁଷ୍ୟ ସମାନ ବୋଲି ବିବେଚନା କରେ ନାହିଁ । ବରଂ ଏହା ଆଇନଗତ ସମାନତା ଉପରେ ଗୁରୁତ୍ୱ ଦେଇଥାଏ । ଊନବିଂଶ ଶତାବ୍ଦୀଠାରୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମାନତା ପାଇଁ ଆନ୍ଦୋଳନ ତୀବ୍ର ହୋଇଥିଲା । ଲାସ୍କିଙ୍କ ମତରେ ନାସ୍ତିସୂଚକ ଅର୍ଥରେ ସମାନତାର ଅର୍ଥ ହେଉଛି "ସମାଜର ସ୍ୱତନ୍ତ୍ର ଅଧିକାରର ଅନୁପସ୍ଥିତି" ଏବଂ ଆସ୍ତିସୂଚକ ଅର୍ଥରେ ଏହା ସମାନ ପରିସ୍ଥିତିରେ ସମସ୍ତଙ୍କ ପାଇଁ ନିଜର ଗୁଣାତ୍ମକ ମାନବୃଦ୍ଧି ନିମନ୍ତେ ଉପଯୁକ୍ତ ସୁବିଧା ସୁଯୋଗର ଉପସ୍ଥିତିକୁ ବୁଝାଇଥାଏ । ଉଭୟ ସ୍ୱତନ୍ତ୍ରତା ଓ ସମାନତା ଗଣତାନ୍ତ୍ରିକ ଚିନ୍ତାଧାରାର ଅନୁକୂଳ ଅଟନ୍ତି । ଫରାସୀ ବିପ୍ଳବ ସମୟଠାରୁ ଉଭୟ ସ୍ୱତନ୍ତ୍ରତା ଓ ସମାନତା ପାଇଁ ଏକତ୍ର ଦାବୀ ଉପସ୍ଥାପନ କରାଯାଇ ଆସୁଥିଲେ ମଧ୍ୟ ପାଶ୍ଚାତ୍ୟ ଉଦାରବାଦୀ ଚିନ୍ତାଧାରାରେ ସ୍ୱତନ୍ତ୍ରତା ଓ ସମାନତା ମଧ୍ୟରେ ଥିବା ଦୁଇଟି ପରସ୍ପର ବିରୋଧୀ ମତ ପ୍ରକାଶ ପାଉଛି । ପ୍ରଥମତଃ, ଏ ଦୁହେଁ ପରସ୍ପରର ବିରୋଧୀ ଓ ଦ୍ୱିତୀୟତଃ, ଏ ଦୁହେଁ ପରସ୍ପରର ପରିପୂରକ ବୋଲି ବିବେଚନା କରାଯାଇଥାଏ ।

**ସମାନତା ଓ ସ୍ୱତନ୍ତ୍ରତା ମଧ୍ୟରେ ସମ୍ପର୍କ :**

**(କ) ସମାନତା ଓ ସ୍ୱତନ୍ତ୍ରତା ପରସ୍ପରର ବିରୋଧୀ :** ଡି. ଟକେଭେଲି, ଲର୍ଡ ଆକ୍ଟନ ଇତ୍ୟାଦି ଦାର୍ଶନିକମାନେ ସମାନତା ଓ ସ୍ୱତନ୍ତ୍ରତା ପରସ୍ପରର ବିରୋଧୀ ବୋଲି ମତ ଦେଇଛନ୍ତି । ଆକ୍ଟନଙ୍କ ମତରେ "ସମାନତା ପ୍ରତି ଆଗ୍ରହ, ସ୍ୱତନ୍ତ୍ରତା ପ୍ରତି ଥିବା ଆଶାକୁ ବୃଥା କରିଦିଏ ।" ସ୍ୱତନ୍ତ୍ରତା ମଣିଷର ପ୍ରାକୃତିକ ଆବଶ୍ୟକତା ହୋଇଥିବା ବେଳେ ବ୍ୟକ୍ତି ସାମାଜିକ କ୍ଷେତ୍ରରେ ପରସ୍ପର ସହ ଏକ ଅସମାନ ସୂତ୍ରରେ ଆବଦ୍ଧ ହୋଇଥାଏ । ଏଣୁ ସମାନତା ଓ ସ୍ୱତନ୍ତ୍ରତା ସହାବସ୍ଥାନ କରିନପାରନ୍ତି । ସେହିଭଳି ସ୍ୱତନ୍ତ୍ରତା ଏକ ନିୟନ୍ତ୍ରଣମୁକ୍ତ ପରିବେଶ ଆବଶ୍ୟକ କରୁଥିବାବେଳେ ସମାନତା କେବଳ ଏକ ନିୟନ୍ତ୍ରିତ ପରିବେଶରେ ହିଁ ଉପଭୋଗ କରାଯାଇ ପାରେ । ସ୍ୱତନ୍ତ୍ରତା ରାଷ୍ଟ୍ରର ସୀମିତ କ୍ଷମତା ପରିସର ଦାବି କରୁଥିବାବେଳେ ସମାନତା ରାଷ୍ଟ୍ରୀୟ ହସ୍ତକ୍ଷେପ ଦାବି କରେ । ଏଣୁ ସମାନତା ଏକ 'ଆସ୍ତି ସୂଚକ ରାଷ୍ଟ୍ର'ର ପରିବେଶ ଆବଶ୍ୟକ କରୁଥିବା ବେଳେ ସ୍ୱତନ୍ତ୍ରତା ଏକ 'ନାସ୍ତିସୂଚକ' ପରିବେଶ ଆବଶ୍ୟକ କରେ । ସମସ୍ତଙ୍କ ପାଇଁ ସମାନତା ପ୍ରଦାନ କରିବାକୁ ହେଲେ ଅନ୍ୟକେତେକ ଦକ୍ଷ, ଯୋଗ୍ୟ ଲୋକଙ୍କର ସ୍ୱାଧୀନତା ସଙ୍କୁଚିତ ହୋଇଥାଏ । ଅର୍ଥନୈତିକ ସମାନତାର ପ୍ରଚେଷ୍ଟା ବ୍ୟକ୍ତିର ସଂପରିଗତ ସ୍ୱତନ୍ତ୍ରତାକୁ କ୍ଷୁର୍ଣ୍ଣ କରି ତା'ର କାର୍ଯ୍ୟ ଦକ୍ଷତା ଉପରେ ମଧ୍ୟ ଆଞ୍ଚ ଆଣିଥାଏ ।

**(ଖ) ସମାନତା ଓ ସ୍ୱତନ୍ତ୍ରତା ପରସ୍ପରର ପରିପୂରକ :** ବାର୍କର, ଲାସ୍କି, ପୋଲାର୍ଡ ଇତ୍ୟାଦି ଦାର୍ଶନିକମାନେ ସମାନତା ଓ ସ୍ୱତନ୍ତ୍ରତା ପରସ୍ପରର ପରିପୂରକ ବୋଲି ଅଭିହିତ କରିଛନ୍ତି । ଯେଉଁମାନେ ସମାନତା, ଓ ସ୍ୱତନ୍ତ୍ରତା ପରସ୍ପରର ବିରୋଧୀ ବୋଲି ମତ ଦିଅନ୍ତି ସେମାନେ ଉଭୟର ସଠିକ୍ ସଂଜ୍ଞା ନିରୂପଣ କରିନଥା'ନ୍ତି । ସେମାନେ ନାସ୍ତିସୂଚକ ସ୍ୱତନ୍ତ୍ରତା ସହ ବ୍ୟକ୍ତିର ପ୍ରାକୃତିକ ସମାନତାକୁ ଗୁରୁତ୍ୱ ଦେଇଥା'ନ୍ତି । କିନ୍ତୁ ବାସ୍ତବ ଅର୍ଥରେ ସମାନତା ଏକ ଆଇନଗତ ନିୟନ୍ତ୍ରିତ ପରିସ୍ଥିତିରେ ସମସ୍ତଙ୍କ ପାଇଁ ସମାନ ସୁଯୋଗର ଉପସ୍ଥିତିକୁ ବୁଝାଉଥିବାବେଳେ ସ୍ୱତନ୍ତ୍ରତା ଆଇନ ଦ୍ୱାରା ନିର୍ଦ୍ଧାରିତ ଓ ସୁରକ୍ଷିତ ହୋଇଥାଏ । ଟନିଙ୍କ ମତରେ, "ସମାନତାର ଏକ ବୃହତ୍ତ ଅଂଶ ସ୍ୱତନ୍ତ୍ରତାକୁ କ୍ଷୁର୍ଣ୍ଣ କରେ ନାହିଁ । ବରଂ ଏଥିପାଇଁ ଅତ୍ୟନ୍ତ ଆବଶ୍ୟକ ଅଟେ ।" ସେହିପରି ପୋଲାର୍ଡ ମତଦେଇଛନ୍ତି ଯେ, "ସ୍ୱତନ୍ତ୍ରତା ରୂପକ ସମସ୍ୟାର ସମାଧାନର ପନ୍ଥା କେବଳ ସମାନତା ମଧ୍ୟରେ ହିଁ ନିହିତ ଅଛି ।" ତେଣୁ ମାର୍କ୍ସବାଦୀମାନେ ମତ ଦେଇଛନ୍ତି ଯେ, ସମାନତା ଓ ସ୍ୱତନ୍ତ୍ରତା ସହାବସ୍ଥାନ କରୁ ନଥିବା ପରିସ୍ଥିତିରେ ରାଷ୍ଟ୍ରର ବିଲୋପ ସାଧନ ହେବା ଆବଶ୍ୟକ । ଅର୍ଥନୈତିକ ସମାନତା ବିନା ରାଜନୈତିକ ସ୍ୱତନ୍ତ୍ରତା ମୂଲ୍ୟହୀନ ଅଟେ ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ହୁଏ ଯେ, ସମାନତା ଓ ସ୍ୱତନ୍ତ୍ରତା ପରସ୍ପର ପରିପୂରକ ଅଟନ୍ତି । ସ୍ୱତନ୍ତ୍ରତାର ସଫଳ ଉପଭୋଗ ପାଇଁ, ସମାନତା ଏକ ଆବଶ୍ୟକୀୟ ସର୍ତ୍ତ ଅଟେ । ଉଭୟଙ୍କର ଲକ୍ଷ୍ୟ ସମାନ ଅର୍ଥାତ ବ୍ୟକ୍ତିର ବ୍ୟକ୍ତିତ୍ୱର ସଫଳ ରୂପାୟନ ଅଟେ । ଏକ ଜନମଙ୍ଗଳ ରାଷ୍ଟ୍ର ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସ୍ୱତନ୍ତ୍ରତା ଓ ସମାନତା ପରସ୍ପରର ସହଯୋଗୀ ଓ ପରିବର୍ଦ୍ଧକ । ସମାନତା ବିନା ସ୍ୱତନ୍ତ୍ରତା ମୁଷ୍ଟିମେୟ ସୁବିଧାବାଦୀଙ୍କର ସ୍ୱେଚ୍ଛାଚାରିତାରେ ପରିଣତ ହୁଏ ।

## ୧.୮. ସାରାଂଶ

> ମାନବ ସଭ୍ୟତାର କ୍ରମ ବିବର୍ତ୍ତନ ସହିତ ସମାନତା ଓ ସ୍ୱତନ୍ତ୍ରତାର ଦାବି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଫରାସୀ ବିପ୍ଳବରେ ସମାନତା ଓ ସ୍ୱତନ୍ତ୍ରତା ପାଇଁ ସମାନ ଦାବି ଉପସ୍ଥାପନ କରାଯାଇଥିଲା । ସେହିପରି ପ୍ରତ୍ୟେକ ଦେଶର ସ୍ୱାଧୀନତା ଆନ୍ଦୋଳନ ବା ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ଏହାର ଦାବି ଉପସ୍ଥାପନ କରାଯାଇଥାଏ । ଏଣୁ ସ୍ୱତନ୍ତ୍ରତା ଭଳି ସମାନତା ମଧ୍ୟ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ଓ ରାଷ୍ଟ୍ରର କାର୍ଯ୍ୟଧାରାକୁ ନିୟନ୍ତ୍ରିତ ଓ ନିର୍ଦ୍ଦେଶିତ କରିଥାଏ । ସ୍ୱତନ୍ତ୍ରତାର ଅର୍ଥ ନୁହେଁ ଯେ ସମସ୍ତେ ଜନ୍ମରୁ ସମାନ । ଆସ୍ତିସୂଚକ ଅର୍ଥରେ ସମାନ ପରିସ୍ଥିତିରେ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ ସମାନତାର ଲକ୍ଷ୍ୟ ହୋଇଥିବା ବେଳେ ନାସ୍ତିସୂଚକ ଅର୍ଥରେ କୌଣସି ପରିସ୍ଥିତିରେ କୌଣସି ସ୍ୱତନ୍ତ୍ର ସୁବିଧା ପ୍ରଦାନ ନକରିବାକୁ ସମାନତା କୁହାଯାଏ । ସମାନତା ଆଇନ୍‌ର ଶାସନ ପ୍ରତିଷ୍ଠା କରିଥାଏ ।

୫.୬ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

ପ୍ର.୧ ସମାନତା କ'ଣ ? ଏହାର ପ୍ରକୃତି ଆଲୋଚନା କର ।

ପ୍ର.୨ ସମାନତାର ଶ୍ରେଣୀବିଭାଗ ବର୍ଣ୍ଣନା କର ।

ପ୍ର.୩ ସମାନତା ଓ ସ୍ୱତନ୍ତ୍ରତା ମଧ୍ୟରେ ସଂପର୍କ ତର୍କମା କର ।

## ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ

ପ୍ର.୧. ସ୍ୱତନ୍ତ୍ରତା ଓ ______ ପରସ୍ପର ପରିପୂରକ ।

(i) ସମାନତା (ii) ନ୍ୟାୟ

(iii) ଆଇନ (iv) ଅଧିକାର

ପ୍ର.୨. ______ ବିନା ରାଜନୈତିକ ସ୍ୱତନ୍ତ୍ରତା ମୂଲ୍ୟହୀନ ଅଟେ ।

(i) ସାମାଜିକ ସମାନତା (ii) ରାଜନୈତିକ ସମାନତା

(iii) ଅର୍ଥନୈତିକ ସମାନତା (iv) ରାଜନୈତିକ ନ୍ୟାୟ

ପ୍ର.୩. ______ ବିନା ସ୍ୱତନ୍ତ୍ରତା ଉପଭୋଗ କରାଯାଇ ପାରିବ ନାହିଁ ।

(i) ସମାନତା (ii) ନ୍ୟାୟ

(iii) ଆଇନ (iv) ଅଧିକାର

ପ୍ର.୪. ସମାନତାର ଅର୍ଥ କ'ଣ ?

(i) ସମସ୍ତେ ଜନ୍ମରୁ ସମାନ

(ii) ସମସ୍ତଙ୍କ ପାଇଁ ସମାନ ସୁଯୋଗ

(iii) ଶ୍ରେଣୀ ବିଭାଜନମୁକ୍ତ ସମାଜ

(iv) ସମସ୍ତଙ୍କ ପାଇଁ ସମାନ ପରିସ୍ଥିତିରେ ସମାନ ସୁଯୋଗ

ପ୍ର.୫.ସମାନତା ଓ ସ୍ୱତନ୍ତ୍ରତା ପରସ୍ପରର ବିରୋଧୀ ବୋଲି କିଏ ମତ ଦିଅନ୍ତି ?

(i) ଲାସ୍କି (ii) ଟନି

(iii) ଡି. ଟକେଭେଲି (iv) ବାର୍କର

(ଖ) ପଦଗୁଡ଼ିକୁ ଦୁଇଟି ବାକ୍ୟରେ ବୁଝାଇ ଲେଖ ।

ପ୍ର.୧. ସମାନତା କ'ଣ ?

ପ୍ର. ୨. ଆଇନଗତ ସମାନତା କ'ଣ ?

### ୫.୮ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

#### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

ପ୍ର.୧ ଏହି ଅଧ୍ୟାୟର .୫.୨ ଓ ୫.୩ ଅଂଶର ପାଠ ଦେଖ।

ପ୍ର.୨ ଏହି ଅଧ୍ୟାୟର .୫.୪.ଅଂଶର ପାଠ ଦେଖ।

ପ୍ର.୩ ଏହି ଅଧ୍ୟାୟର .୫.୫ ଅଂଶର ପାଠ ଦେଖ।

**(କ) ପ୍ରଦତ୍ତ ବିକଳ୍ପ ମାନଙ୍କ ମଧ୍ୟରୁ ସଠିକ୍ ଉତ୍ତର ।**

୧. (i) ସମାନତା ୨.(iii) ଅର୍ଥନୈତିକ ସମାନତା ୩. (i) ସମାନତା .୪.(iv) ସମସ୍ତଙ୍କ ପାଇଁ ସମାନ ପରିସ୍ଥିତିରେ ସମାନ ସୁଯୋଗ ୫.ଉ (iii) ଡି. ଟକେଭେଲି

**(ଖ) ପଦଗୁଡ଼ିକୁ ଦୁଇଟି ବାକ୍ୟରେ ବୁଝା ଅ ।**

**ପ୍ର.୧. ସମାନତା କ'ଣ ?**

**ଉ :** ଆସ୍ତିସୂଚକ ଅର୍ଥରେ ସମାନତାର ଅର୍ଥ ହେଉଛି ସମାନ ପରିସ୍ଥିତିରେ ସମସ୍ତଙ୍କ ପାଇଁ ସମାନ ସୁଯୋଗର ଉପସ୍ଥିତି ଏବଂ ନାସ୍ତିସୂଚକ ଅର୍ଥରେ ଏହା କୌଣସି ପରିସ୍ଥିତିରେ କୌଣସି ବ୍ୟକ୍ତି ପାଇଁ କୌଣସି ସ୍ୱତନ୍ତ୍ର ସୁଯୋଗର ଅନୁପସ୍ଥିତିକୁ ସୂଚିତ କରିଥାଏ ।

**ପ୍ର. ୨. ଆଇନଗତ ସମାନତା କ'ଣ ?**

ଉ : ଆଇନଗତ ସମାନତାରେ ଆଇନ ସମ୍ମୁଖରେ ସମସ୍ତଙ୍କୁ ସମାନ ବୋଲି ବିବେଚନା କରାଯାଏ । ସମାନ ପରିସ୍ଥିତିରେ ଆଇନ ସମସ୍ତଙ୍କୁ ସମାନ ସୁଯୋଗ ଓ ନିରାପତ୍ତା ପ୍ରଦାନ କରିଥାଏ ।

❖❖❖

# ଷଷ୍ଠ ଅଧ୍ୟାୟ

# ନ୍ୟାୟ

# (JUSTICE)

## (ଅର୍ଥ, ପ୍ରକାରଭେଦ, ସାମାଜିକ ନ୍ୟାୟର ତାତ୍ପର୍ଯ୍ୟ)

**ସଂରଚନା :**

| | |
|---|---|
| ୬.୧ | ଉଦ୍ଦେଶ୍ୟ |
| ୬.୨ | ନ୍ୟାୟର ଅର୍ଥ |
| ୬.୩ | ନ୍ୟାୟର ପ୍ରକାର ଭେଦ |
| ୬.୩.୧ | ସାମାଜିକ |
| ୬.୩.୨ | ରାଜନୈତିକ |
| ୬.୩.୩ | ଆର୍ଥିକ |
| ୬.୪ | ସାମାଜିକ ନ୍ୟାୟର ତାତ୍ପର୍ଯ୍ୟ |
| ୬.୫ | ସାରାଂଶ |
| ୬.୬ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୬.୭ | ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |

**୬.୧ ଉଦ୍ଦେଶ୍ୟ**

ଏହି ଅଧ୍ୟାୟ ପାଠ ପରେ ଆପଣମାନେ

- ନ୍ୟାୟର ଅର୍ଥ ବୁଝି ପାରିବେ ।
- ନ୍ୟାୟର ବିଭିନ୍ନ ପ୍ରକାର ଭଦେ ସଂପର୍କରେ ଜାଣି ପାରିବେ ।
- ସାମାଜିକ ନ୍ୟାୟର ଗୁରୁତ୍ୱ ଉପଲବ୍ଧି କରି ପାରିବେ ।

**୬.୨ ନ୍ୟାୟର ଅର୍ଥ**

**ପ୍ର'୧ ? ଏହାର ଉତ୍ସ ଏବଂ ପ୍ରକାରଭେଦଗୁଡ଼ିକ ଆଲୋଚନା କର ।**

ରାଜନୀତି, ଧର୍ମନୀତି, ଦର୍ଶନ ଓ ନ୍ୟାୟତତ୍ତ୍ୱର କେନ୍ଦ୍ରବିନ୍ଦୁ ହେଉଛି 'ନ୍ୟାୟ' । ଏହାର ପରିସର ଏତେ ବ୍ୟାପକ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ଏହାର ପ୍ରକୃତ ଅର୍ଥକୁ ସ୍ପଷ୍ଟ କରିପାରେ ନାହିଁ । ନ୍ୟାୟ ମନୁଷ୍ୟର ବାହ୍ୟ ତଥା ଆଭ୍ୟନ୍ତରୀଣ ମନୋଭାବର ଏକ ସୁସ୍ପଷ୍ଟ ଅଭିବ୍ୟକ୍ତି । ନିରପେକ୍ଷତାର ଅନ୍ୟନାମ ହେଉଛି 'ନ୍ୟାୟ' । Digest ପୁସ୍ତକରେ ନ୍ୟାୟର ସଂଜ୍ଞା ଦିଆଯାଇଛି । ତାହା ହେଲା, "ପ୍ରତ୍ୟେକକୁ ତା'ର ଅଧିକାର ଦେବାପାଇଁ ସ୍ଥିର ଓ ବାଧ୍ୟତାମୂଳକ ତତ୍ତ୍ୱକୁ ନ୍ୟାୟ କୁହାଯାଏ ।" ଏହାର ବିଭିନ୍ନ ଆଦର୍ଶ ଥାଏ । ସମ୍ମାନଜନକଭାବେ ବଞ୍ଚିବା, କାହାକୁ ଆଘାତ ନ ଦେବା, ପ୍ରତ୍ୟେକକୁ ତା'ର ପ୍ରାପ୍ୟ ଦେବା । ନ୍ୟାୟ ତତ୍ତ୍ୱ ଉଭୟ ମାନବୀୟ ଓ ଐଶ୍ୱରିକ ଜ୍ଞାନଦ୍ୱାରା ସମ୍ବନ୍ଧ ଉଚିତ ଓ ଅନୁଚିତ ବିଜ୍ଞାନ ।

ପ୍ଲାଟୋ – "ନିର୍ଦ୍ଧାରିତ ସ୍ଥାନରେ ରହି ନାଗରିକ ଯେଉଁ ଆନ୍ତରିକତାର ସହିତ କର୍ତ୍ତବ୍ୟ ସମ୍ପାଦନ କରେ ତାହାହିଁ ନ୍ୟାୟ ।"

ସାଲମଣ୍ଡ – ରାଷ୍ଟ୍ର ଏବଂ ବ୍ୟକ୍ତି ମଧ୍ୟରେ ଆଦର୍ଶ ସମ୍ପର୍କ ପ୍ରତିଷ୍ଠା ହେଉଛି ନ୍ୟାୟ ।

ଉତ୍ସ – ବିଚାରପତି Holms ନ୍ୟାୟ ସମ୍ବନ୍ଧରେ କହନ୍ତି ଯେ, "ଏହା ସମୟ ଓ ପରିସ୍ଥିତି ଅନୁଯାୟୀ ପରିବର୍ତ୍ତିତ ହୋଇପାରେ ।" ଏଣୁ ନ୍ୟାୟର ନିର୍ଦ୍ଦିଷ୍ଟ ଉତ୍ସ ପାଇବା କଷ୍ଟକର, ତଥାପି ନିମ୍ନଲିଖିତ ସୂତ୍ରକୁ ଏ ଦୃଷ୍ଟିରୁ ଅବଜ୍ଞା କରାଯାଇ ନ ପାରେ ।

ନ୍ୟାୟର ଉତ୍ସ – ବାର୍କରଙ୍କ ମତରେ, ନ୍ୟାୟର ଚାରିଗୋଟି ଉତ୍ସ ରହିଛି; ଯଥା – ଧାର୍ମିକ, ପ୍ରକୃତି, ଅର୍ଥନୈତିକ ସ୍ୱାର୍ଥ ଓ ନୀତିଶାସ୍ତ୍ର ।

**୬.୩ ନ୍ୟାୟର ପ୍ରକାର ଭେଦ**

ଆରିଷ୍ଟୋଟଲ୍ ନ୍ୟାୟକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ଯଥା – (1) ବଣ୍ଟନ ନ୍ୟାୟ (Distributive Justice) ଓ (2) ସଂଶୋଧନାତ୍ମକ ନ୍ୟାୟ (Corrective Justice) । କିନ୍ତୁ ସାଧାରଣତଃ ନ୍ୟାୟକୁ ତିନିଭାଗରେ ବିଭକ୍ତ କରାଯାଇପାରେ । ଯଥା – (1) ସାମାଜିକ ନ୍ୟାୟ, (2) ଅର୍ଥନୈତିକ ନ୍ୟାୟ, (3) ରାଜନୈତିକ ନ୍ୟାୟ ।

**୬.୩.୧ ସାମାଜିକ ନ୍ୟାୟ (Social Justice)** – "ସମାଜରେ ବାସକରୁଥିବା ଲୋକମାନେ ସେମାନଙ୍କର ଅଧିକାର ଓ ସ୍ୱାର୍ଥକୁ ସଂରକ୍ଷିତ କରିବା ପ୍ରଣାଳୀକୁ 'ସାମାଜିକ ନ୍ୟାୟ' କୁହାଯାଏ । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ବାସସ୍ଥାନ ନିର୍ବିଶେଷରେ ସମସ୍ତଙ୍କୁ ସୁବିଧା ସୁଯୋଗ ପ୍ରଦାନ ସାମାଜିକ ନ୍ୟାୟର ମାଧ୍ୟମ ଅଟେ । ସମାଜର ଦୁର୍ବଳ ଶ୍ରେଣୀ ଓ ଦାରିଦ୍ର୍ୟ ଜର୍ଜରିତ ବ୍ୟକ୍ତିର ଉନ୍ନତିସାଧନ ଓ ଶୋଷଣମୁକ୍ତି ଏହାର ଲକ୍ଷ୍ୟ ଅଟେ । ଭାରତ ସମ୍ବିଧାନର ଚତୁର୍ଥ ଖଣ୍ଡରେ ବର୍ଣ୍ଣିତ ରାଷ୍ଟ୍ର ନିୟାମକ ତତ୍ତ୍ୱ ଭାରତରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତିବଦ୍ଧ । ଏକ ଉଦାରବାଦୀ ସମାଜରେ ଶୋଷଣ, ଅତ୍ୟାଚାର ଓ ବୈଷମ୍ୟ ଆଦି ଦୁର୍ବଳତାର ପ୍ରତିରୋଧକ ହିସାବରେ ସାମାଜିକ ନ୍ୟାୟ କାର୍ଯ୍ୟ କରିଥାଏ । ଏହା ଏପରି ଏକ ସାମାଜିକ ବ୍ୟବସ୍ଥାକୁ ସୂଚିତ କରେ ଯେଉଁଠି ସମାନ ସ୍ଥିତିର ସମସ୍ତେ ବ୍ୟକ୍ତିତ୍ୱ ବିକାଶପାଇଁ ସମାନ ସୁବିଧାପ୍ରାପ୍ତ ହୋଇଥା'ନ୍ତି । ଏହା ରାଷ୍ଟ୍ରିୟ ଆଇନଗତ ହସ୍ତକ୍ଷେପଦ୍ୱାରା ମନୁଷ୍ୟକୃତ ଅସମାନତା ଆଦି ଦୂର କରିବାପାଇଁ ଉଦ୍ୟମ କରିଥାଏ । ଏହା ବ୍ୟକ୍ତିର ଅଧିକାର ଓ ସାମାଜିକ ନିୟନ୍ତ୍ରଣ ମଧ୍ୟରେ ସମନ୍ୱୟ ସ୍ଥାପନ କରେ । ଏହା ଭାରତ ପରି ଜନମଙ୍ଗଳ ରାଷ୍ଟ୍ରର ମୌଳିକ ନୀତି ଅଟେ ।

ଭାରତରେ ସମ୍ବିଧାନର 15 ଧାରାରେ ଧର୍ମ, ଜାତି, ଲିଙ୍ଗ, ଜନ୍ମସ୍ଥାନ ଆଦି କାରଣରୁ ବିଭେଦତା ସୃଷ୍ଟିକୁ ବାରଣ କରାଯାଇଛି । 16 ଧାରାରେ ସରକାରୀ କର୍ମସଂସ୍ଥାନ କ୍ଷେତ୍ରରେ ସମାନ ସୁବିଧାସୁଯୋଗ ପ୍ରଦାନ, 17 ଧାରାରେ ଅସ୍ପୃଶ୍ୟତାର ବାରଣ, 23 ଧାରାରେ

ବିନା ମଜୁରିରେ ଶ୍ରମ ପ୍ରଦାନକୁ ବାରଣ, 29 ଧାରାରେ ସଂଖ୍ୟାନ୍ୟୁନ ଗୋଷ୍ଠୀର ସ୍ୱାର୍ଥ ସଂରକ୍ଷଣ, 38 ଧାରାରେ ବ୍ୟକ୍ତିର ଜନମଙ୍ଗଳ ସମ୍ପର୍କିତ ସାମାଜିକ ବ୍ୟବସ୍ଥାର ସ୍ଥିତି, 42 ଧାରାରେ ଶ୍ରମିକର କାର୍ଯ୍ୟକ୍ଷେତ୍ରରେ ମାନବିକ ପରିବେଶର ସୃଷ୍ଟି ଆଦି ବ୍ୟବସ୍ଥା ଧାର୍ଯ୍ୟ ହୋଇ ସାମାଜିକ ନ୍ୟାୟ ପ୍ରତିଷ୍ଠାର ଲକ୍ଷ୍ୟ ପୂରଣ କରାଯାଇଛି । 'ନିରାପତ୍ତାଭିତ୍ତିକ ବୈଷମ୍ୟ' (Protective Discrimination) ବ୍ୟବସ୍ଥା ଦ୍ୱାରା ସାମାଜିକ ନ୍ୟାୟ ପ୍ରତିଷ୍ଠା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ବିଭିନ୍ନ ଅର୍ଥନୈତିକ ଯୋଜନା ଓ ବ୍ୟବସ୍ଥାପକଦ୍ୱାରା ପ୍ରଣୀତ ଆଇନ ମାଧ୍ୟମରେ ଭାରତରେ ସାମାଜିକ ନ୍ୟାୟର ପ୍ରତିଶ୍ରୁତି ପୂରଣ ପାଇଁ କାର୍ଯ୍ୟ କରାଯାଇଛି ।

**୬.୩.୨ ଅର୍ଥନୈତିକ ନ୍ୟାୟ (Economic Justice)** - "ସମାଜରେ ସମ୍ପଦର ସୁଷମ ବଣ୍ଟନକୁ ଅର୍ଥନୈତିକ ନ୍ୟାୟ କୁହାଯାଏ ।" ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆର୍ଥିକ ସ୍ୱଚ୍ଛଳତା, ସମାନ କାମପାଇଁ ସମାନ ମଜୁରି, ଧନୀ-ଦରିଦ୍ର ମଧ୍ୟରେ ଆୟଗତ ପାର୍ଥକ୍ୟ ହ୍ରାସ, ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ଆର୍ଥିକ ସାହାଯ୍ୟ ଆଦି ଅର୍ଥନୈତିକ ନ୍ୟାୟର ଉଦାହରଣ ଅଟେ । ଏକ ଅର୍ଥନୈତିକ ଶୋଷଣମୁକ୍ତ ଶ୍ରେଣୀ ସଂଘର୍ଷବିହୀନ ସମାଜ ପ୍ରତିଷ୍ଠା ଏହାର ଲକ୍ଷ୍ୟ ଅଟେ । ମାର୍କସ୍‌ବାଦୀମାନେ ଶୋଷଣ ଓ ଅର୍ଥନୈତିକ ଅନ୍ୟାୟର ମୂଳ କାରଣ ରୂପେ ବ୍ୟକ୍ତିଗତ ସମ୍ପତ୍ତିକୁ ସୂଚିତ କରି ଏହାର ଉଚ୍ଛେଦ ପାଇଁ ଦାବି କରିଥା'ନ୍ତି । ଭାରତୀୟ ସମ୍ବିଧାନର 38 ଧାରା ମଧ୍ୟରେ ରାଷ୍ଟ୍ର ନିୟାମକ ତତ୍ତ୍ୱରେ ଅର୍ଥନୈତିକ ନ୍ୟାୟର ପ୍ରତିଫଳନ ଘଟିଛି ।

**୬.୩.୩ ରାଜନୈତିକ ନ୍ୟାୟ (Political Justice)** - "ରାଷ୍ଟ୍ରର ସାବାଳକଙ୍କୁ ଭୋଟ ଦାନର ଅଧିକାର ପ୍ରଦାନ, ଆଇନର ଶାସ ବ୍ୟବସ୍ଥା, ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ପରିଚାଳନା, ଚିନ୍ତନ ଓ ପ୍ରକାଶନର ସ୍ୱାଧୀନତା, ସରକାର ଗଠନ ଓ ସରକାରଙ୍କୁ ସମାଲୋଚନା କରିବାର ସ୍ୱାଧୀନତା ପ୍ରଦାନ ଆଦି ମାଧ୍ୟମରେ ରାଜନୈତିକ ନ୍ୟାୟ ପ୍ରତିଷ୍ଠା କରାଯାଇପାରେ । ଏକ ଉଦାରବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏବଂ ଜାତୀୟ ସ୍ୱାଧୀନତାର ପରିବେଶରେ ରାଜନୈତିକ ନ୍ୟାୟ ଉପଲବ୍ଧ ହୋଇଥାଏ । ଭାରତରେ ମୌଳିକ ଅଧିକାର ମାଧ୍ୟମରେ ଏହାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

## ୬.୪ ସାମାଜିକ ନ୍ୟାୟର ତାତ୍ପର୍ଯ୍ୟ

ସମାଜରେ ବାସ କରୁଥିବା ଲୋକମାନେ ସେମାନଙ୍କର ସାମାଜିକ ଅଧିକାର ଓ ସ୍ୱାର୍ଥକୁ ସରକ୍ଷଣ କରିବାର ବ୍ୟବସ୍ଥାକୁ 'ସାମାଜିକ ନ୍ୟାୟ' କୁହାଯାଏ । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ବାସସ୍ଥାନ, ଶିକ୍ଷାଗତ ଯୋଗ୍ୟତା, ସଂପତ୍ତି ଆଦି ଭିତ୍ତିରେ ସୃଷ୍ଟ ମଣିଷକୃତ ଅସମାନତା ନିର୍ବିଶେଷରେ ସମସ୍ତଙ୍କୁ ସମାନ ସାମାଜିକ ସୁଯୋଗ ଓ ମର୍ଯ୍ୟାଦା ପ୍ରଦାନ ସାମାଜିକ ନ୍ୟାୟର ଲକ୍ଷ୍ୟ ଅଟେ । ଏକ ଉଦାରବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶୋଷଣ, ଅତ୍ୟାଚାର ଓ ବୈଷମ୍ୟ ଆଦି ଦୁର୍ବଳତାର ପ୍ରତିରୋଧକ ହିସାବରେ ସାମାଜିକ ନ୍ୟାୟ କାର୍ଯ୍ୟ କରିଥାଏ । ଏହା ଏପରି ଏକ ସାମାଜିକ ବ୍ୟବସ୍ଥାକୁ ସୂଚୀତ କରେ ଯେଉଁଠି ସମାନ ସ୍ଥିତିରେ ସମସ୍ତେ ବ୍ୟକ୍ତିତ୍ୱ ବିକାଶ ପାଇଁ ସମାନ ସୁବିଧାପ୍ରାପ୍ତ ହୋଇଥା'ନ୍ତି । ଏହା ବ୍ୟକ୍ତିର ଅଧିକାର ଓ ସାମାଜିକ ନିୟନ୍ତ୍ରଣ ମଧ୍ୟରେ ସମନ୍ୱୟ ରକ୍ଷା କରେ । ପି.ବି.ଗଜେନ୍ଦ୍ର ଗଡ଼କରଙ୍କ ମତରେ, "ସାମାଜିକ ନ୍ୟାୟର ଅର୍ଥ ଅସମାନତାର ବିଲୋପ ଓ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଉନ୍ନତି ପାଇଁ ସମାନ ସୁବିଧା ସୁଯୋଗ ପ୍ରଦାନ ।" ଏହାର ଗୁରୁତ୍ୱ ପ୍ରତିପାଦନ କରି କେ. ସୁବାରାଓ କହିଛନ୍ତି ଯେ, "ବୃହତ୍ତର ଅର୍ଥରେ ଏହା (ସାମାଜିକ ନ୍ୟାୟ) ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଜୀବନରେ ଅସନ୍ତୁଳନ ଉଚ୍ଛେଦ ପାଇଁ କାର୍ଯ୍ୟ କରେ । ସଂକ୍ଷିପ୍ତ ଅର୍ଥରେ, ସାମାଜିକ ନ୍ୟାୟ ଏକ ବାସ୍ତବ ସୁସନ୍ତୁଳିତ ସମାଜ ପ୍ରତିଷ୍ଠାର ସାହାଯ୍ୟ କରେ ।

**ସାମାଜିକ ନ୍ୟାୟ ପ୍ରଦାନ ପାଇଁ ଆବଶ୍ୟକୀୟ ସର୍ତ୍ତାବଳୀ :**

(୧) ଆଇନ ସମ୍ମୁଖରେ ସମାନତା ।

(୨) ସ୍ୱତନ୍ତ୍ର ଅଧିକାରର ଅନୁପସ୍ଥିତି ।

(୩) ବିଭେଦତା ସୃଷ୍ଟିକାରୀ ସମସ୍ତ ମଣିଷକୃତ ବ୍ୟବସ୍ଥାର ପ୍ରତିରୋଧ ।

(୪) ଅନ୍ଧବିଶ୍ୱାସ ଓ ସାମାଜିକ କୁସଂସ୍କାର ମୁକ୍ତ ସାମାଜିକ ବ୍ୟବସ୍ଥା ।

(୫) ଜାତିପ୍ରଥାର ବିଲୋପସାଧନ ।

(୬) ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ।

(୭) ବ୍ୟକ୍ତିର ଅଧିକାର ଓ ସାମାଜିକ ନିୟନ୍ତ୍ରଣ ମଧ୍ୟରେ ସନ୍ତୁଳନ ରକ୍ଷା ।

## ୬.୫. ସାରାଂଶ

- ନ୍ୟାୟ ଏକ ଧାରଣା ଯାହା ବିଭିନ୍ନ ଆଦର୍ଶର ପରିଧିକୁ ସ୍ପର୍ଶ କରିବା ସହ ବ୍ୟକ୍ତିର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ଆଦର୍ଶତାର ମାନଦଣ୍ଡରେ ମୂଲ୍ୟାଙ୍କନ କରିଥାଏ । ନିରପେକ୍ଷତା ନ୍ୟାୟର ଏକ ଅନିବାର୍ଯ୍ୟ ସର୍ତ୍ତ ଅଟେ । ନ୍ୟାୟ ଆଇନର ଶାସନର ପ୍ରତିଷ୍ଠା ସ୍ୱେଚ୍ଛାଚାରିତାର ଅବସାନ ପାଇଁ ଯୁକ୍ତି ବାଢେ । ନ୍ୟାୟର ଅପମୃତ୍ୟୁ ସମତାର ମାର୍ଗକୁ ପ୍ରତିବନ୍ଧିତ କରିଥାଏ । ନ୍ୟାୟିକ ସିଦ୍ଧାନ୍ତ ଅଧିକାର ଓ ଆଇନର ସୁରକ୍ଷା ପାଇଁ ଅଭିପ୍ରେତ । ସାମାଜିକ ନ୍ୟାୟ ସମସ୍ତ ପ୍ରକାର ମଣିଷକୃତ ବିଭେଦତାକୁ ଦୂର କରି ସାମାଜିକ ସମତା ପ୍ରତିଷ୍ଠା କରିଥାଏ । ଦାନିୟଲ ଭେବସ୍ଟରଙ୍କ ମତରେ "ନ୍ୟାୟ ମଣିଷର ସର୍ବାଧିକ ହିତ ପାଇଁ ବଦ୍ଧ ପରିକର ।"

## ୬.୬ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

ପ୍ର.୧ ନ୍ୟାୟ କ'ଣ ? ଏହାର ବିଭିନ୍ନ ପ୍ରକାରଭେଦ ଆଲୋଚନା କର ।

ପ୍ର.୨ ସାମାଜିକ ନ୍ୟାୟର ତାତ୍ପର୍ଯ୍ୟ ବିଶ୍ଳେଷଣ ଓ ମୂଲ୍ୟାଙ୍କନ କର ।

### ବସ୍ତୁନିଷ୍ଠ ଓ ସଂକ୍ଷିପ୍ତ ପ୍ରଶ୍ନ

**ପ୍ର.୧ ସାମାଜିକ ନ୍ୟାୟ କ'ଣ ?**

## ୬.୭ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନର ଉତ୍ତର

ପ୍ର.୧ ଏହି ଅଧ୍ୟାୟର ୬.୨ ଓ ୬.୩ ଅଂଶର ପାଠ ଦେଖ ।

ପ୍ର.୨ ଏହି ଅଧ୍ୟାୟର ୬.୪ ଅଂଶର ପାଠ ଦେଖ ।

### ବସ୍ତୁନିଷ୍ଠ ଓ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

ପ୍ର.୧ – ମନୁଷ୍ୟ ସମାଜରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଜନ୍ମସ୍ଥାନ ଆଦି ଭିତ୍ତିରେ ସୃଷ୍ଟ ମଣିଷକୃତ ଅସମାନତା ଦୂର କରି ସମସ୍ତଙ୍କୁ ସାମାଜିକ କ୍ଷେତ୍ରରେ ସମାନ ସୁଯୋଗ ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ସାମାଜିକ ନ୍ୟାୟର ଲକ୍ଷ୍ୟ ।

❖❖❖

# ସପ୍ତମ ଅଧ୍ୟାୟ

# ଅଧିକାର

# (RIGHTS)

## (ଅର୍ଥ, ପ୍ରକାରଭେଦ, ମାନବିକ ଅଧିକାର ଓ ଏହାର ଗୁରୁତ୍ୱ)

**ସଂରଚନା :**


| | |
|---|---|
| ୭.୧ | ଉଦ୍ଦେଶ୍ୟ |
| ୭.୨ | ଅଧିକାରର ଅର୍ଥ |
| ୭.୩ | ଅଧିକାରର ଶ୍ରେଣୀବିଭାଗ |
| ୭.୪ | ମାନବିକ ଅଧିକାର - ଅର୍ଥ |
| ୭.୪.୧ | ପ୍ରକାର ଭେଦ ଓ ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା |
| ୭.୪.୨ | ମାନିବକ ଅଧିକାରର ଉଲ୍ଲଂଘନ |
| ୭.୪.୩ | ମାନବିକ ଅଧିକାରର ସୁରକ୍ଷା |
| ୭.୫ | ସାରାଂଶ |
| ୭.୬ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୭.୭ | ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |


### ୭.୨ ଅଧିକାରର ଅର୍ଥ

ଲାସ୍କିଙ୍କ ମତରେ, "ସାମାଜିକ ଜୀବନେର ଯେଉଁ ସର୍ତ୍ତଗୁଡ଼ିକ ବିନା ମନୁଷ୍ୟ ତା'ର ବ୍ୟକ୍ତିତ୍ୱର ସଂପୂର୍ଣ୍ଣ ପରିପ୍ରକାଶ କରିପାରେ ନାହିଁ, ତାହାକୁ ଅଧିକାର କୁହାଯାଏ ।" ଏଣୁ ରାଷ୍ଟ୍ରଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗକୁ ଅଧିକାର କୁହାଯିବା ଯଥାର୍ଥ ଅଟେ । ବୋସାଙ୍କେ ଦର୍ଶାଇଛନ୍ତି ଯେ ଅଧିକାର ହେଉଛି "ସମାଜ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ରାଷ୍ଟ୍ରଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଦାବୀ ।" ଅଧିକାରର ଲକ୍ଷ୍ୟ ସଂପର୍କରେ ସୂଚନା ଦେଇ ଗ୍ରୀନ୍ କହିଛନ୍ତି ଯେ, "ଜନସାଧାରଣଙ୍କ ମଙ୍ଗଳ ସାଧନ ପାଇଁ ଯେଉଁ କ୍ଷମତା ଦାବି କରାଯାଇଥାଏ ଓ ସ୍ୱୀକୃତି ପାଇଥାଏ, ତାହାକୁ ଅଧିକାର କୁହାଯାଏ ।" ଏହାକୁ ପ୍ରମାଣିତ କରି ହବ୍‌ହାଉସ୍ ମତ ଦେଇଛନ୍ତି ଯେ, "ପ୍ରକୃତ ଅଧିକାର ସମାଜ ମଙ୍ଗଳର ସର୍ତ୍ତ ଅଟେ ଏବଂ ବିଭିନ୍ନ ଅଧିକାରର ଯଥାର୍ଥତା ସମାଜର ସୁସାମଞ୍ଜସ୍ୟ ଓ ଉନ୍ନତ କାର୍ଯ୍ୟାବଳୀ ଉପରେ ନିର୍ଭର କରେ ।" ଏଣୁ ବ୍ୟକ୍ତିର ଅଧିକାରଗୁଡ଼ିକ ସାମାଜିକ ମଙ୍ଗଳ ବିଧାନର ସର୍ତ୍ତ ରୂପେ ଗୃହୀତ ହୋଇଥାଏ । ଏହି ଅଧିକାର ଗୁଡ଼ିକ ରାଷ୍ଟ୍ର ଦ୍ୱାରା ପ୍ରଦତ୍ତ, ସୁରକ୍ଷିତ ଓ କାର୍ଯ୍ୟକାରୀ ହୋଇଥାଏ । ଗୋଟିଏ ରାଷ୍ଟ୍ରର ପରିଚୟ

ଏହା ପ୍ରଦାନ କରୁଥିବା ଅଧିକାର ଦ୍ୱାରା ନିର୍ଦ୍ଧାରିତ ହୁଏ ବୋଲି ଲାସ୍କି ମତ ଦେଇଛନ୍ତି । ଅଧିକାର ନିରଙ୍କୁଶ ନୁହେଁ । ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତେ ସମାନ ଅଧିକାର ଉପଭୋଗ କରିବା ଉଚିତ । ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ଘନିଷ୍ଠ ସଂପର୍କ ରହିଛି । ଜଣକର ଅଧିକାର ଅନ୍ୟ ଜଣଙ୍କର କର୍ତ୍ତବ୍ୟ ଅଟେ । କର୍ତ୍ତବ୍ୟ ସଂପାଦନ ରୂପକ ମୂଲ୍ୟ ପ୍ରଦାନ କଲେ ଜଣେ ବ୍ୟକ୍ତି ଅଧିକାର ଉପଭୋଗ କରିବାକୁ ଯୋଗ୍ୟ ହୋଇଥାଏ ।

**୭.୩ ଅଧିକାରର ଶ୍ରେଣୀ ବିଭାଗ :**

ଅଧିକାରକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା- (କ) ନୈତିକ ଅଧିକାର ଓ (ଖ) ଆଇନଗତ ଅଧିକାର ।

**(କ) ନୈତିକ ଅଧିକାର (Moral Right) :** ଏହା ସାମାଜିକ ନୈତିକତା ଓ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ହୋଇଥାଏ । ଏହା ବ୍ୟକ୍ତିର ବିବେକ, ବିଚାର ଓ ମାନବିକତାର ପରିପ୍ରକାଶ ଅଟେ । ଏହା ଆଇନ ଅଦାଲତରେ ସାବ୍ୟସ୍ତ ହୋଇପାରେ ନାହିଁ । ପିଲାମାନଙ୍କର ପିତାମାତାଙ୍କଠାରୁ ସ୍ନେହ ଓ ଆଦର ପାଇବା, ଦୁଃଖୀ, ରୋଗୀ ବ୍ୟକ୍ତି ଅନ୍ୟମାନଙ୍କଠାରୁ ସାହାଯ୍ୟ ଓ ସହାନୁଭୂତି ପାଇବା ଆଦି ସାମାଜିକ ନୈତିକ ଅଧିକାରର ଉଦାହରଣ ଅଟେ । ସେହିପରି ପ୍ରତିଶ୍ରୁତି ଓ ବିଶ୍ୱାସ ଭଙ୍ଗକାରୀ ରାଜନୈତିକ ନେତାଙ୍କୁ ନିର୍ବାଚନରେ ଭୋଟ ନ ଦେବା ରାଜନୈତିକ-ନୈତିକ ଅଧିକାର ଅଟେ । ନିଜ ସ୍ୱାଭିମାନ ବଜାୟ ରଖିବା ସଂସ୍କୃତିକ-ନୈତିକ ଅଧିକାର ହୋଇଥିବା ବେଳେ ଧନୀ ରାଷ୍ଟ୍ରମାନେ ଅନଗ୍ରସର ରାଷ୍ଟ୍ରମାନଙ୍କୁ ବୈଦେଶିକ ସାହାଯ୍ୟ ଓ ଉନ୍ନତ କାରିଗରୀ କୌଶଳ ହସ୍ତାନ୍ତର କରିବା ଅର୍ଥନୈତିକ - ନୈତିକ ଅଧିକାର ଶ୍ରେଣୀଭୁକ୍ତ ଅଟେ ।

**(ଖ) ଆଇନଗତ ବା ବୈଧାନିକ ଅଧିକାର (Legal Right) :** ଏହି ଅଧିକାରଗୁଡ଼ିକ ରାଷ୍ଟ୍ରଦ୍ୱାରା ପ୍ରଦତ୍ତ, ସ୍ୱୀକୃତ ଓ ସୁରକ୍ଷିତ ହୋଇଥାଏ । ଏହି ଅଧିକାର ସଙ୍କୁଚିତ ହେବା ପରିସ୍ଥିତିରେ ବ୍ୟକ୍ତି ଆଇନ ଅଦାଲତରେ ଆଶ୍ରୟ ନେଇ ପାରନ୍ତି । ଏହି ଅଧିକାର ସାଧାରଣତଃ ଲିଖିତ ଆକାରରେ ବ୍ୟକ୍ତିକୁ ପ୍ରଦାନ କରାଯାଇଥାଏ । ଏଗୁଡ଼ିକ ସାର୍ବଜନୀନ ଅଟନ୍ତି । ରାଜନୀତିବିଜ୍ଞାନରେ କେବଳ ଆଇନଗତ ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହି ଅଧିକାର ମୁଖ୍ୟତଃ ତିନିଭାଗରେ ବିଭକ୍ତ ଯଥା- (୧) ସାମାଜିକ ଅଧିକାର, (୨) ରାଜନୈତିକ ଅଧିକାର ଓ (୩) ଅର୍ଥନୈତିକ ଅଧିକାର ।

**(୧) ସାମାଜିକ ଅଧିକାର (Civil Rights) :** ଯେଉଁ ଅଧିକାରଗୁଡ଼ିକ ମଣିଷର ସୁସ୍ଥ, ସୁନ୍ଦର ଓ ସଭ୍ୟ ଜୀବନ ଧାରଣ ଲାଗି ଏକାନ୍ତ ଆବଶ୍ୟକ, ତାହାକୁ ସାମାଜିକ ଅଧିକାର କୁହାଯାଏ । ସାଧାରଣତଃ ମନୁଷ୍ୟର ଜୀବନ, ସ୍ୱାଧୀନତା, ସଂପତ୍ତି ଓ ବ୍ୟକ୍ତିତ୍ୱ ବିକାଶର ବ୍ୟବସ୍ଥା ଏହି ସାମାଜିକ ଅଧିକାର ମାଧ୍ୟମରେ କରାଯାଇଥାଏ । ନିମ୍ନଲିଖିତ ସାମାଜିକ ଅଧିକାରଗୁଡ଼ିକ ପ୍ରାୟତଃ ପ୍ରତ୍ୟେକ ରାଷ୍ଟ୍ରରେ ସ୍ୱୀକୃତି ପ୍ରାପ୍ତ ହୋଇଛି -

i) ଜୀବନ ଧାରଣର ଅଧିକାର ଯାହା ଫଳରେ ରାଷ୍ଟ୍ର ବ୍ୟକ୍ତିର ଜୀବନ ତଥା ସୁରକ୍ଷାର ଦାୟିତ୍ୱ ବହନ କରେ ।

ii) ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ।

iii) ସମାନତାର ଅଧିକାର ଅର୍ଥାତ୍ ଆଇନ ଦୃଷ୍ଟିରୁ ସମସ୍ତେ ସମାନ ।

iv) ଚୁକ୍ତିଗତ ଅଧିକାର ଯାହା ବ୍ୟକ୍ତିକୁ ପରସ୍ପର ମଧ୍ୟରେ ନ୍ୟାୟ ଓ ସାମାଜିକ ମଙ୍ଗଳ ଦୃଷ୍ଟିରୁ ବିଭିନ୍ନ ଚୁକ୍ତି ବା ସମ୍ବନ୍ଧ ସ୍ଥାପନ କରିବାର ସୁଯୋଗ ପ୍ରଦାନ କରେ ।

v) ଧର୍ମ ଗ୍ରହଣ, ପ୍ରଚାର, ଧର୍ମାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା, ଧର୍ମଗତ ଟିକସର ବାରଣ ଆଦି ଅଧିକାର ପ୍ରଦାନ କରୁଥିବା ଧାର୍ମିକ ଅଧିକାର ।

vi) ଚିନ୍ତନ ଓ ମତ ପ୍ରକାଶନର ଅଧିକାର ଓ ଗଣମାଧ୍ୟମର ସ୍ୱାଧୀନତା ଅଧିକାର ।

vii) ବିବିଧ ଆବଶ୍ୟକତାର ପରିପୂରଣ ପାଇଁ ସଂଘ ଗଠନ କରିବାର ଅଧିକାର ।

viii) ସାମାଜିକ ଗୁଣାବଳୀର ମୂଳପୀଠ ରୂପେ ପରିଚିତ ପରିବାର ଗଠନର ଅଧିକାର ।

ix) ସାହିତ୍ୟ, ଭାଷା, ସଂସ୍କୃତି, ଲିପି ଆଦିର ସୁରକ୍ଷା ତଥା ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ସଂସ୍କୃତି ଓ ଶିକ୍ଷାଗତ ଅଧିକାର ।

x) ସାମାଜିକ ନିରାପତ୍ତା ଓ ସାମାଜିକ ନ୍ୟାୟ ପାଇବାର ଅଧିକାର ।

xi) ବିନା ଅପରାଧରେ ଗିରଫ ନ ହେବାର ଅଧିକାର ।

xii) ସ୍ୱାଧୀନ ବିହାର ଓ ସ୍ୱାଧୀନ ବସବାସ କରିବାର ଅଧିକାର ।

**(୨) ରାଜନୈତିକ ଅଧିକାର :** ଜଣେ ନାଗରିକ ଯେଉଁ ଅଧିକାର ବଳରେ ରାଷ୍ଟ୍ରର ସମସ୍ତ ପ୍ରକାର ରାଜନୈତିକ ବ୍ୟାପାରରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଏ, ତାହାକୁ ରାଜନୈତିକ ଅଧିକାର କୁହାଯାଏ । ଏହା ଗଣତନ୍ତ୍ରର ଭିତ୍ତିଭୂମି ରୂପେ ବିବେଚିତ ହୋଇଥାଏ । ନିମ୍ନଲିଖିତ ଅଧିକାରଗୁଡ଼ିକ ମୁଖ୍ୟ ରାଜନୈତିକ ଅଧିକାର ଅଟେ -

i) ପ୍ରତିନିଧିମୂଳକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାବାଳକ ଭୋଟ ପ୍ରଥାର ନିୟମ ଅନୁସାରେ ନିର୍ବାଚନରେ ଭୋଟ ପ୍ରଦାନର ଅଧିକାର ।

ii) ଭୋଟଦାନ ଅଧିକାରର ପରିପୂରକ ଭାବେ ପରିଚିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଅଧିକାର ।

iii) ସରକାରୀ ପଦପଦବୀ ଗ୍ରହଣ କରିବାର ଅଧିକାର ।

iv) ନାଗରିକ ସରକାରର ତ୍ରୁଟିପୂର୍ଣ୍ଣ ଓ ଅନ୍ୟାୟ ନୀତି ବିରୁଦ୍ଧରେ ବ୍ୟକ୍ତିଗତ ବା ମିଳିତ ଭାବେ ସରକାରଙ୍କ ନିକଟରେ ଆବେଦନ କରିବାର ଅଧିକାର ।

v) ସରକାରଙ୍କ ତ୍ରୁଟି ବିଚ୍ୟୁତି ଦର୍ଶାଇ ଜନମତ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସରକାରଙ୍କୁ ଗଠନମୂଳକ ସମାଲୋଚନା କରିବାର ଅଧିକାର ।

vi) ନାଗରିକମାନେ ରାଷ୍ଟ୍ରର ଯେକୌଣସି ସ୍ଥାନରେ ସ୍ଥାୟୀ ବସବାସ କରିବାର ଅଧିକାର ।

vii) ବିଦେଶରେ ପ୍ରତ୍ୟେକ ନାଗରିକ ନିଜ ରାଷ୍ଟ୍ରଦ୍ୱାରା ସୁରକ୍ଷା ପାଇବାର ଅଧିକାର ।

viii) ସାମ୍ବିଧାନିକ ଉପାୟରେ ସରକାରର ଦୋଷତ୍ରୁଟି ସଂଶୋଧନ ହେବା ପ୍ରକ୍ରିୟା ସଫଳ ନ ହେଲେ ସୀମିତ କାର୍ଯ୍ୟକାରୀତା ଯୋଗ୍ୟ ଅହିଂସା ପ୍ରତିରୋଧ ଅଧିକାର ।

ix) ମୁକ୍ତ ଆଲୋଚନା ଓ ଗଠନ ମୂଳକ ସମାଲୋଚନା ମାଧ୍ୟମରେ ଜନମତ ସୃଷ୍ଟି ତଥା ଏହାର ସୁରକ୍ଷା ପାଇଁ ସାଧାରଣ ସଭା-ସମିତି ଆୟୋଜନର ଅଧିକାର ।

x) ନାଗରିକତା ପ୍ରାପ୍ତି ହେବାର ଅଧିକାର ।

**(୩) ଅର୍ଥନୈତିକ ଅଧିକାର :** ସମାଜରେ ସୁସ୍ଥ ଓ ସଫଳ ଜୀବନ ଯାପନ ପାଇଁ ମନୁଷ୍ୟର ସର୍ବନିମ୍ନ ଅର୍ଥନୈତିକ ଆବଶ୍ୟକତା ପୂରଣ ଜନିତ ଯେଉଁ କେତେକ ଅଧିକାର ଅପରିହାର୍ଯ୍ୟ, ତାହାକୁ ଅର୍ଥନୈତିକ ଅଧିକାର କୁହାଯାଏ । ସାମ୍ୟବାଦୀ

ଓ ସମାଜବାଦୀ ରାଷ୍ଟ୍ରରେ ଏହି ଅଧିକାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଗଣତାନ୍ତ୍ରିକ ରାଷ୍ଟ୍ରରେ ବ୍ୟକ୍ତିର ଅର୍ଥନୈତିକ ସ୍ୱଚ୍ଛଳତାର ସୁବ୍ୟବସ୍ଥା କରିବାର ଲକ୍ଷ୍ୟ ରଖୁଥିବା ଅର୍ଥନୈତିକ ଅଧିକାରକୁ ରାଜନୈତିକ ଅଧିକାରର ସଫଳ ବିନ୍ୟାସର ସର୍ତ୍ତରୂପେ ଗ୍ରହଣ କରାଯାଏ । ନିମ୍ନଲିଖିତ ଅଧିକାରଗୁଡ଼ିକ କେତେକ ମୁଖ୍ୟ ଅର୍ଥନୈତିକ ଅଧିକାର ଅଟେ -

i) ଖାଦ୍ୟ, ବସ୍ତ୍ର, ବାସଗୃହ ପ୍ରାପ୍ତ ହେବା ସଂକ୍ରାନ୍ତୀୟ ସର୍ବନିମ୍ନ ଅର୍ଥନୈତିକ ପ୍ରୟୋଜନ ଅଧିକାର ।

ii) କର୍ମନିଯୁକ୍ତିର ଅଧିକାର ଓ ଯେକୌଣସି ବୃତ୍ତି ଗ୍ରହଣର ଅଧିକାର ।

iii) ଉପଯୁକ୍ତ ପାରିଶ୍ରମିକ ପ୍ରାପ୍ତ ହେବାର ଅଧିକାର ।

iv) କର୍ମ ସଂସ୍ଥାନରେ ଶାରୀରିକ ଓ ମାନସିକ କ୍ଲାନ୍ତି ଦୂର କରିବା ପାଇଁ ଅବସର ଓ ବିଶ୍ରାମ ଅଧିକାର ।

v) ଅର୍ଥନୈତିକ ଶୋଷଣମୁକ୍ତ ହେବାର ଅଧିକାର ।

vi) ଅର୍ଥନୈତିକ ନିରାପତ୍ତା ଓ ନ୍ୟାୟର ଅଧିକାର ।

ଉପରୋକ୍ତ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଧିକାର ବିନା ନାଗରିକତା ସଂପୂର୍ଣ୍ଣ ହୋଇ ପାରିବ ନାହିଁ । ରାଜନୈତିକ ଅଧିକାର ନଥିଲେ ସାମାଜିକ ଅଧିକାରର ବିଲୟ ଘଟିଥାଏ । ଅତ୍ୟାଚାରୀ ଶାସନ ଓ ଶୋଷଣ ବିରୁଦ୍ଧରେ ରାଜନୈତିକ ଅଧିକାର ହେଉଛି ସଫଳ ନିଦାନ । ସେହିପରି ଅର୍ଥନୈତିକ ଅଧିକାର ପ୍ରଦାନ କରା ନଗଲେ ରାଜନୈତିକ ଅଧିକାର ମୂଲ୍ୟହୀନ ହୋଇଯାଏ ।

**୭.୪ ମାନବିକ ଅଧିକାର (Human Right) କ'ଣ ?**

ମଣିଷକୁ ମଣିଷ ଭଳି ମର୍ଯ୍ୟାଦାର ସହ ବଞ୍ଚିରହିବାର ସୁଯୋଗ ଦେଉଥିବା ଅଧିକାର ସମୂହକୁ ମାନବିକ ଅଧିକାର କୁହାଯାଏ । ଜାତି, ଧର୍ମ, ବର୍ଣ୍ଣ, ଭାଷା, ଦେଶ, ଅଞ୍ଚଳ, ଲିଙ୍ଗ ଆଦି ନିର୍ବିଶେଷରେ ଏ ଅଧିକାର ସମସ୍ତଙ୍କୁ ମିଳିଥାଏ । ସମାନତା, ନ୍ୟାୟ ଓ ମର୍ଯ୍ୟାଦାର ଭିତ୍ତିଭୂମି ଉପରେ ଶୋଷଣମୁକ୍ତ ଓ ଉଜ୍ଜ୍ୱଳ ସମ୍ଭାବନା ପୂର୍ଣ୍ଣ ସମାଜ ଗଠନ ପାଇଁ ଏହା ସଚେତନଶୀଳତା ସୃଷ୍ଟି କରିବାର ପ୍ରତିଶ୍ରୁତି ବହନ କରିଥାଏ । ମାନବିକ ଅଧିକାର ମାନବବାଦର ମୂଳମନ୍ତ୍ରରେ ଦୀକ୍ଷିତ । ଏହି ଅଧିକାରଗୁଡ଼ିକ ମୌଳିକ, ସ୍ୱାଭାବିକ ବା ପ୍ରକୃତିଦତ୍ତ ଓ ଚିରନ୍ତନ ବୋଲି ବିଚାର କରାଯାଏ । ରାଷ୍ଟ୍ରଦ୍ୱାରା ସ୍ୱୀକୃତ ନ ହେବା ବା ସମ୍ବିଧାନରେ ସ୍ଥାନ ନ ପାଇବା ଏହାର ଗୁରୁତ୍ୱକୁ ହ୍ରାସ କରେନାହିଁ । ୧୨୧୫ ମସିହାରେ ଇଂଲଣ୍ଡର ରାଜା ଦ୍ୱିତୀୟ ଜନ୍‌ଙ୍କ ଦ୍ୱାରା ସ୍ୱାକ୍ଷରିତ 'ମାଗ୍ନା କାର୍ଟା' ମାନବିକ ଅଧିକାର ପ୍ରଥମ ଲିଖିତ ଓ ସ୍ୱୀକୃତ ସନନ୍ଦ ରୂପେ ବିବେଚିତ ହୋଇଥାଏ । ୧୭୭୬ ମସିହାର 'ଆମେରିକାର ସ୍ୱାଧୀନତା ଘୋଷଣାନାମା' ଓ ୧୭୮୯ ମସିହାର ଫ୍ରାନ୍ସ୍‌ର ମାନବର ଅଧିକାର ଘୋଷଣାନାମା' ମାନବ ଅଧିକାରକୁ ଏକ ବିଶ୍ୱ ଆନ୍ଦୋଳନର ରୂପ ପ୍ରଦାନ କରିଥିଲା । ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଦ୍ୱାରା ଅନୁମୋଦିତ 'ମାନବିକ ଅଧିକାରର ସାର୍ବଜନୀନ ଘୋଷଣାନାମା' ମାନବିକ ଅଧିକାରକୁ ସାର୍ବଜନୀନ କରିବା ସଙ୍ଗେ ସଙ୍ଗେ ଏକ ନିର୍ଦ୍ଦିଷ୍ଟ ରୂପ ପ୍ରଦାନ କଲା ।

**୭.୪.୧ ପ୍ରକାର ଭେଦ ଓ ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା**

୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ପ୍ରକାଶିତ "ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା" (Universal Declaration of Human Rights) ମାନବିକ ଅଧିକାରକୁ ବିଶ୍ୱ ବ୍ୟାପକତା ପ୍ରଦାନ କରିଥିଲା । ପ୍ରତ୍ୟେକ ବର୍ଷ ଡିସେମ୍ବର ୧୦ ତାରିଖ ମାନବିକ ଅଧିକାର ଦିବସ ରୂପେ ସମଗ୍ର ବିଶ୍ୱରେ ପାଳିତ ହେଉଛି । ମାନବିକ ଅଧିକାର ମାନବବାଦ ଉପରେ

ଆଧାରିତ । ସ୍ୱାଧୀନତା, ସମାନତା, ନିରାପତ୍ତା, ଭୂଖଣ୍ଡୀୟ ଏକତ୍ୱ ଓ ସାର୍ବଭୌମତ୍ୱ ଏହାର ମୌଳିକ ଆଦର୍ଶ ଅଟେ । ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା ଦ୍ୱାରା ନିମ୍ନଲିଖିତ ଅଧିକାର ଗୁଡ଼ିକ ମାନବିକ ଅଧିକାର ରୂପେ ସ୍ୱୀକୃତ ହୋଇଛି :-

୧) ପ୍ରତ୍ୟେକ ବ୍ୟକ୍ତି ଅଧିକାର ଓ ମର୍ଯ୍ୟାଦା ଦୃଷ୍ଟିରୁ ଜନ୍ମରୁ ସମାନ ଅଟନ୍ତି । (ଧାରା ୧)

୨) ଜୀବନଧାରଣ, ସ୍ୱତନ୍ତ୍ର୍ୟ ଓ ନିରାପତ୍ତା ସଂପର୍କିତ ବ୍ୟକ୍ତି ସ୍ୱାଧୀନତା । (ଧାରା ୩)

୩) କୌଣସି ବ୍ୟକ୍ତି ଦାସତ୍ୱର ବନ୍ଧନରେ ନ ରହିବାର ବ୍ୟବସ୍ଥା । (ଧାରା ୪)

୪) ଆଇନ ସମ୍ମୁଖରେ ସମାନତା ଓ ଆଇନର ସମାନ ନିରାପତ୍ତା ପ୍ରଦାନ । (ଧାରା ୭)

୫) ମୌଳିକ ଅଧିକାର ଉଲ୍ଲଂଘନର ଆଇନଗତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ । (ଧାରା ୮)

୬) ବିବେକ, ଚିନ୍ତନ, ପ୍ରକାଶିନ ଓ ଧାର୍ମିକ ସ୍ୱାଧୀନତା । (ଧାରା ୧୮ ଓ ୧୯)

୭) ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ । (ଧାରା ୨୨)

୮) ସ୍ୱେଚ୍ଛାଚାରୀ ଅଣଆଇନ ସମ୍ମତ ଗିରଫ ଓ ଅଟକର ପ୍ରତିରୋଧ । (ଧାରା ୯)

୯) ସଂପତ୍ତିଗତ ଅଧିକାର । (ଧାରା ୧୭)

୧୦) ଶାନ୍ତିପୂର୍ଣ୍ଣ ସମାବେଶ ଓ ସଂଘ ଗଠନର ସ୍ୱାଧୀନତା । (ଧାରା ୨୦)

୧୧) କାମ କରିବାର ସ୍ୱାଧୀନତା । (ଧାରା ୨୩)

୧୨) ଶିକ୍ଷା ପ୍ରାପ୍ତିର ଅଧିକାର । (ଧାରା ୨୬)

୧୩) ଉତ୍ତମ ଜୀବନ ଧାରଣ ବ୍ୟବସ୍ଥା (ଧାରା ୨୫)

୧୪) ସମାଜ ପ୍ରତି କର୍ତ୍ତବ୍ୟ ସଂପାଦନ (ଧାରା ୨୯ ଓ ୩୦)

ଏତଦ୍ ବ୍ୟତୀତ ୧୯୬୬ ମସିହାରେ ଜାତିସଂଘର ସାଧାରଣ ପରିଷଦଦ୍ୱାରା ଗୃହୀତ ଆନ୍ତର୍ଜାତିକ ସାମାଜିକ ଓ ରାଜନୈତିକ ଅଧିକାର ସନନ୍ଦ ଓ ଆନ୍ତର୍ଜାତିକ ଓ ସଂସ୍କୃତିକ ଅଧିକାର ସନନ୍ଦଦ୍ୱାରା ଉପରୋକ୍ତ ମାନବିକ ଅଧିକାର ଉପରେ ପୁନଃ ଗୁରୁତ୍ୱ ଆରୋପ କରାଯାଇଛି । ଶ୍ରମିକ ସଂଗଠନ ଗଠନ, ବୀମା ବ୍ୟବସ୍ଥା, ପରିବାର ଗଠନ, ବ୍ୟକ୍ତିର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ, ଆନ୍ଦୋଳନ କରିବାର ଅଧିକାରକୁ ନୂତନ ଭାବେ ସ୍ୱୀକୃତି ଦିଆଯାଇଛି । ସେହିପରି ୧୯୭୮ ମସିହାରେ ଆମେରିକାରେ ଅନୁଷ୍ଠିତ ମାନବିକ ଅଧିକାର ସମ୍ମିଳନୀରେ ପରିବାରକୁ ସମାଜର ପ୍ରାଥମିକ ଓ ପ୍ରାକୃତିକ ସଂଗଠନ ରୂପେ ସ୍ୱୀକୃତି ଦିଆଯିବା ସଙ୍ଗେ ସଙ୍ଗେ ରାଜନୈତିକ ଆଶ୍ରୟ ପ୍ରଦାନକୁ ଅନ୍ୟତମ ଅଧିକାର ରୂପେ ଅନୁମୋଦନ କରାଯାଇଛି । ୧୯୫୨ ମସିହାରେ ମହିଳାମାନଙ୍କୁ ରାଜନୈତିକ ଅଧିକାର ପ୍ରଦାନ ଘୋଷଣାନାମା ଓ ୧୯୯୫ ମସିହାର ବେଜିଂ ଘୋଷଣାନାମା ମହିଳା ମାନଙ୍କ ମାନବିକ ଅଧିକାରର ସ୍ୱରୂପ ନିରୂପଣକ୍ଷେତ୍ରରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଅଟନ୍ତି । ୧୯୬୫ ମସିହାରେ ବର୍ଣ୍ଣବୈଷମ୍ୟ ଦୂରୀକରଣ ସଂପର୍କିତ ଘୋଷଣାନାମା ସାମାଜିକ ନ୍ୟାୟଜନିତ ମାନବିକ ଅଧିକାରକୁ ନିର୍ଦ୍ଦେଶିତ କରିଥାଏ ।

### ୭.୪.୨ ମାନବିକ ଅଧିକାରର ଉଲ୍ଲଂଘନ

ମାନବିକ ଅଧିକାର ନିମ୍ନଲିଖିତ ବିଭିନ୍ନ ଉପାୟରେ ଉଲ୍ଲଂଘନ ହୁଏ –

i) ବର୍ଣ୍ଣ, ଜାତି, ଧର୍ମ, ଅଞ୍ଚଳ ଓ ଲିଙ୍ଗଗତ ବିଦ୍ୱେଷ ।

ii) ଦମନମୂଳକ ଆଇନ ।

iii) ପୁଲିସ ଓ ସାମରିକ ବାହିନୀର ମାତ୍ରାଧିକ କାର୍ଯ୍ୟ ।

iv) ଆତଙ୍କବାଦ ଓ ହିଂସା ।

v) ସାମ୍ରାଜ୍ୟବାଦ ଓ ଉପନିବେଶବାଦ ।

vi) ସାମାଜିକ କୁସଂସ୍କାର ଓ କୁପରମ୍ପରା ।

vii) ପୁଲିସ ହାଜତ୍ ଓ କାରାଗାରରେ ଅମାନବୀୟ ବ୍ୟବହାର ଓ ମୃତ୍ୟୁ ।

viii) ରାଜନୈତିକ ବନ୍ଦୀମାନଙ୍କୁ ନିର୍ଯ୍ୟାତନା ।

ix) ଅର୍ଥନୈତିକ ଶୋଷଣ ।

x) ଶିକ୍ଷା ଓ ସଚେତନଶୀଳତାର ଅଭାବ

xi) ମୌଳବାଦୀ ଓ ସାଂପ୍ରଦାୟିକ କାର୍ଯ୍ୟଧାରାକୁ ସରକାରୀ ପୃଷ୍ଠପୋଷକତା ପ୍ରଦାନ ।

xii) ସ୍ୱେଚ୍ଛାଚାରୀ ଗିରଫ ଓ ରୁଦ୍ଧ କୋଠରୀ ଅଣ ସାମ୍ବିଧାନିକ ପଦ୍ଧତିରେ ବିଚାର ଓ ଦଣ୍ଡବିଧାନ ।

xiii) ମହିଳା ଓ ସଂଖ୍ୟାଲଘୁଙ୍କୁ ନିରାପତ୍ତା ପ୍ରଦାନ କରାନଯିବା ।

### ୭.୪.୩ ମାନବିକ ଅଧିକାରର ସୁରକ୍ଷା

ନିମ୍ନଲିଖିତ ସର୍ତ୍ତ ପୂରଣ କରାଗଲେ ମାନବିକ ଅଧିକାରର ସୁରକ୍ଷା କରାଯାଇପାରିବ–

(i) ଲିଖିତ ଓ ଅନମନୀୟ ସମ୍ବିଧାନ

(ii) ସ୍ୱାଧୀନ ନ୍ୟାୟପାଳିକା

(iii) ଅର୍ଥନୈତିକ ଶୋଷଣମୁକ୍ତ ପରିବେଶ ଏବଂ ଅର୍ଥନୈତିକ ସମାନତାର ଉପସ୍ଥିତି ।

(iv) ଶିକ୍ଷା ଓ ସଚେତନଶୀଳତାର ପ୍ରସାର

(v) ଗଣତାନ୍ତ୍ରିକ ସମାଜ ଓ ଶାସନ ବ୍ୟବସ୍ଥା

(vi) ଆଇନର ଶାସନ

(vii) ସଂଯତ ଓ ଜାଗ୍ରତ ଗଣମାଧ୍ୟମ ।

## ୭.୫ ସାରାଂଶ

ସମ୍ବିଧାନ ସମ୍ମତ ମୌଳିକ ଅଧିକାର, ସ୍ୱାଧୀନ ନ୍ୟାୟପାଳିକା, ନ୍ୟାୟିକ ପୁନରାବଲୋକନ କ୍ଷମତା, ନ୍ୟାୟିକ ସକ୍ରିୟତାବାଦ, ଆଇନର ଶାସନ, ଗଣମାଧମ ଆଦି ବ୍ୟବସ୍ଥା ଦ୍ୱାରା ମାନବିକ ଅଧିକାର ସୁରକ୍ଷା ସମ୍ଭବ ଅଟେ ।

## ୭.୬ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

ପ୍ର.୧. ଅଧିକାର (Right) କ'ଣ ? ଏହାର ବିଭିନ୍ନ ଶ୍ରେଣୀବିଭାଗ ଆଲୋଚନା କର ।

ପ୍ର.୨. ମାନବିକ ଅଧିକାର (Human Right) କ'ଣ ? ଏହାର ବିଭିନ୍ନ ଶ୍ରେଣୀବିଭାଗ ଆଲୋଚନା କର ।

### ବସ୍ତୁନିଷ୍ଠ ଓ ସଂକ୍ଷିପ୍ତ ପ୍ରଶ୍ନ

**ପ୍ର.୧. ______ ନୈତିକ ଅଧିକାରକୁ ସ୍ୱୀକୃତି ଦେଇ ନଥିବା ବେଳେ ଆଇନଗତ ଅଧିକାରକୁ ସଂରକ୍ଷିତ ରଖିଥାଏ ।**

(i) ସମାଜ (ii) ରାଷ୍ଟ୍ର

(iii) ଆନ୍ତର୍ଜାତିକ ସଂଗଠନ

(iv) ଗଣତନ୍ତ୍ର

**ପ୍ର.୨. ______ ରାଜନୈତିକ ଅଧିକାରର ଏକ ଉଦାହରଣ ଅଟେ ।**

(i) ଭୋଟଦେବା, ସରକାର ଗଠନ ଓ ସମାଲୋଚନା କରିବା

(ii) ସମାନ କାମ ପାଇଁ ସମାନ ମଜୁରୀ

(iii) କାମ କରିବାର ଅଧିକାର

(iv) ଶିକ୍ଷା ପ୍ରାପ୍ତ ହେବାର ଅଧିକାର

**ପ୍ର.୩. ଜୀବନଧାରଣର ଅଧିକାର, ସଂପତ୍ତିଗତ ଅଧିକାର ଓ ଧର୍ମଗତ ଅଧିକାର ______ ଅଧିକାର ଅଟେ ।**

(i) ସାମାଜିକ (ii) ରାଜନୈତିକ

(iii) ଅର୍ଥନୈତିକ (iv) ଧାର୍ମିକ

**ପ୍ର.୪. ଜାତିସଂଘର ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା ______ ଦିନ ଘୋଷିତ ହୋଇଥିଲା ।**

(i) ୧୯୪୮ ମସିହା ଡିସେମ୍ବର ୧୦ ତାରିଖ

(ii) ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ

(iii) ୧୯୪୮ ମସିହା ଜାନୁୟାରୀ ୧ ତାରିଖ

(iv) ୧୯୪୯ ମସିହା ଡିସେମ୍ବର ୧୦ ତାରିଖ

ପ୍ର.୫. ମାନବିକ ଅଧିକାର ______ ସମାନତା ଉପରେ ନିର୍ଭରଶୀଳ ।

(i) ସାମାଜିକ (ii) ରାଜନୈତିକ

(iii) ଅର୍ଥନୈତିକ (iv) ଧାର୍ମିକ

**୭.୭ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର**

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନର ଉତ୍ତର

ପ୍ର.୧ ଏହି ଅଧ୍ୟାୟର .୭.୨ ଓ ୭.୩ ଅଂଶର ପାଠ ଦେଖ ।

ପ୍ର.୨ ଏହି ଅଧ୍ୟାୟର ୭.୪ ଓ ୭.୪.୧ ଅଂଶର ପାଠ ଦେଖ ।

**ବସ୍ତୁନିଷ୍ଠ ଓ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର**

୧. (ii) ରାଷ୍ଟ୍ର ୨. (i) ଭୋଟଦେବା, ସରକାର ଗଠନ ଓ ସମାଲୋଚନା କରିବା ୩. (i) ସାମାଜିକ

୪. (i) ୧୯୪୮ ମସିହା ଡିସେମ୍ବର ୧୦ ତାରିଖ ୫. (iii) ଅର୍ଥନୈତିକ

❖❖❖

# ଅଷ୍ଟମ ଅଧ୍ୟାୟ

# ଧର୍ମନିରପେକ୍ଷତା

## (ଧର୍ମନିରପେକ୍ଷତା ପ୍ରତି ପାଶ୍ଚାତ୍ୟ ଓ ଭାରତୀୟ ଦୃଷ୍ଟିଭଙ୍ଗୀ)

**ସଂରଚନା :**


| | |
|---|---|
| ୮.୧ | ଉଦ୍ଦେଶ୍ୟ । |
| ୮.୨ | ଧର୍ମନିରପେକ୍ଷତାର ଅର୍ଥ । |
| ୮.୩ | ଧର୍ମନିରପେକ୍ଷତା ସଂପର୍କୀୟ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ । |
| ୮.୪ | ଧର୍ମନିରପେକ୍ଷତା ସଂପର୍କୀୟ ଭାରତୀୟ ଦୃଷ୍ଟିଭଙ୍ଗୀ । |
| ୮.୫ | ଭାରତରେ ଧର୍ମନିରପେକ୍ଷତାର ପ୍ରକୃତି ଓ ସ୍ଥିତି । |
| ୮.୬ | ସାରାଂଶ |
| ୮.୭ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୮.୮ | ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |
| ୮.୧ | ଉଦ୍ଦେଶ୍ୟ |


ଏହି ଅଧ୍ୟାୟ ପାଠ ପରେ ଆପଣମାନେ

- ଧର୍ମନିରପେକ୍ଷତାର ଅର୍ଥ ଜାଣି ପାରିବେ ।
- ଧର୍ମନିରପେକ୍ଷତା ସଂପର୍କୀତ ପାଶ୍ଚାତ୍ୟ ଓ ଭାରତୀୟ ଦୃଷ୍ଟିଭଙ୍ଗୀ ବୁଝି ପାରିବେ ।
- ଭାରତରେ ଧର୍ମନିରପେକ୍ଷତାର ସ୍ଥିତିର ମୂଲ୍ୟାଙ୍କନ କରି ପାରିବେ ।

**୮.୨ ଧର୍ମନିରପେକ୍ଷତାର ଅର୍ଥ**

*'ଧର୍ମନିରପେକ୍ଷତାବାଦ' ଶବ୍ଦଟି ପ୍ରଥମେ ଆନୁଷ୍ଠାନିକ ରୂପରେ ୧୮୫୧ ମସିହାରେ ଜର୍ଜ ଜାକବ ହୋଲିଓକ୍‌ଙ୍କ ଦ୍ୱାରା ତାଙ୍କର ସାମାଜିକ ନୀତିଶାସ୍ତ୍ରରେ ବ୍ୟବହୃତ ହୋଇଥିଲା ।*

*ଧର୍ମନିରପେକ୍ଷତାବାଦର ଅର୍ଥ ନୁହେଁ ଧର୍ମର ବିଲୋପ ସାଧନ । ଏହାର ପ୍ରକୃତ ଲକ୍ଷ୍ୟ ହେଉଛି ରାଷ୍ଟ୍ର ଓ ତାହାର କାର୍ଯ୍ୟକଳାପ, ଶିକ୍ଷାବ୍ୟବସ୍ଥା ଓ ନୀତିଶାସ୍ତ୍ରକୁ ଧର୍ମଠାରୁ ପୃଥକ୍ ଓ ସ୍ୱାଧୀନ କରିବା ।*

*ଭାରତରେ ଧର୍ମନିରପେକ୍ଷତାର ଅର୍ଥ ଧର୍ମଠାରୁ ଦୂରତା ରକ୍ଷା ନୁହେଁ, ବରଂ ସର୍ବଧର୍ମ ସମାନତା ଓ ସାଂପ୍ରଦାୟିକ ସଦ୍‌ଭାବ ରକ୍ଷା ଅଟେ ।*

## ୮.୩ ଧର୍ମନିରପେକ୍ଷତା ସଂପର୍କୀୟ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ :

ଧର୍ମନିରପେକ୍ଷତା ରାଷ୍ଟ୍ରର ଭିତ୍ତିକୁ ଧର୍ମଭିତ୍ତିକ କରେ ନାହିଁ କିମ୍ବା ରାଷ୍ଟ୍ରରେ କୌଣସି ଧର୍ମର ପ୍ରାଧାନ୍ୟ ରୁହେ ନାହିଁ। ଧର୍ମନିରପେକ୍ଷତା ସଂପର୍କୀୟ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ନିମ୍ନୋକ୍ତ ଚାରିତ୍ରିକ ଲକ୍ଷଣକୁ ସୂଚୀତ କରିଛି;

୧. ରାଷ୍ଟ୍ର ଓ ଧର୍ମର ପରସ୍ପରଠାରୁ ସ୍ୱାଧୀନ ଓ ସ୍ୱତନ୍ତ୍ର ନିଜସ୍ୱ ପରିସର ରହିଛି ।

୨. ରାଷ୍ଟ୍ର କୌଣସି ଧାର୍ମିକ ଅନୁଷ୍ଠାନ ପ୍ରତିଷ୍ଠା ସହଯୋଗ କିମ୍ବା ସେଗୁଡ଼ିକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରେ ନାହିଁ ।

୩. ରାଷ୍ଟ୍ରର ମୌଳିକ ଆଇନଦ୍ୱାରା ସୂଚୀତ ପରିସର ମଧ୍ୟରେ କାର୍ଯ୍ୟ କରୁଥିବା ଧାର୍ମିକ ସଂପ୍ରଦାୟଗୁଡ଼ିକର କାର୍ଯ୍ୟଧାରାରେ ରାଷ୍ଟ୍ର କଦାପି ପ୍ରତିବନ୍ଧକ ସୃଷ୍ଟି କରି ପାରେ ନାହିଁ ।

୪. ସଂଗଠିତ ଧର୍ମଗୁଡ଼ିକଠାରୁ ରାଷ୍ଟ୍ର ନୀତିଗତ ଦୂରତ୍ୱ ବଜାୟ ରଖିବ ।

୫. ଧର୍ମନିରପେକ୍ଷତାର ଏହି ଢାଞ୍ଚାରେ ସ୍ୱାଧୀନତା ଓ ସମାନତାକୁ ବ୍ୟକ୍ତିବାଦୀ ଢଙ୍ଗରେ ବ୍ୟାଖ୍ୟା କରାଯାଇଥାଏ । ଏଠାରେ ସଂପ୍ରଦାୟ ବା ଗୋଷ୍ଠୀଭିତ୍ତିକ ଅଧିକାର ବା ସଂଖ୍ୟାଲଘୁର ଅଧିକାର ପାଇଁ କୌଣସି ସୁଯୋଗ ନଥାଏ ।

୬. ଏହି ବ୍ୟବସ୍ଥାରେ ବ୍ୟକ୍ତିର ସ୍ୱାତନ୍ତ୍ରତାକୁ ସ୍ୱାତନ୍ତ୍ରତା ଓ ବ୍ୟକ୍ତିମାନଙ୍କ ମଧ୍ୟରେ ସମାନତାକୁ ସମାନତା ବୋଲି ଗ୍ରହଣ କରାଯାଇଥାଏ ।

୭. ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀରେ ମୁସ୍ତାଫା କମଲ୍ ଅତାତୁର୍କ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀର ସମର୍ଥକ ଥିଲେ । ଧର୍ମନିରପେକ୍ଷତା ସଂପର୍କୀୟ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ବ୍ୟକ୍ତିଗତ ସ୍ୱାଧୀନତା, ଅନ୍ତଃ-ଧର୍ମୀୟ ଘଟଣାବଳୀ, ସଂଖ୍ୟାଲଘୁର ଅଧିକାର, ସମାନତା ଇତ୍ୟାଦି ପ୍ରସଙ୍ଗକୁ ଗୁରୁତ୍ୱ ଦେଉ ନଥିବାରୁ ସମାଲୋଚନାର ଶୀକାର ହୋଇଥାଏ । ଏହି ଦୃଷ୍ଟିଭଙ୍ଗୀରେ ରାଷ୍ଟ୍ର ଦ୍ୱାରା ସମର୍ଥିତ କୌଣସି ଧାର୍ମିକ ସଂସ୍କାର ପାଇଁ ସୁଯୋଗ ନଥାଏ ।

## ୮.୪ ଧର୍ମନିରପେକ୍ଷତା ସଂପର୍କୀୟ ଭାରତୀୟ ଦୃଷ୍ଟିଭଙ୍ଗୀ :

ଜବାହାର ଲାଲ ନେହେରୁଙ୍କ ମତରେ ଧର୍ମ ନିରପେକ୍ଷତାର ଅର୍ଥ ରାଷ୍ଟ୍ର ଦ୍ୱାରା ସମସ୍ତ ଧର୍ମକୁ ସମାନ ନିରାପତ୍ତା ପ୍ରଦାନ । ଗାନ୍ଧିଜୀଙ୍କ ଭାଷାରେ ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର ହୋଇଥିବା କାରଣରୁ ରାଜନୀତିରେ ଏହାର କୌଣସି ସ୍ଥାନ ନାହିଁ । ଧର୍ମନିରପେକ୍ଷତା ସଂପର୍କୀୟ ଭାରତୀୟ ଦୃଷ୍ଟିଭଙ୍ଗୀ ନିମ୍ନୋକ୍ତ ଚରିତ୍ରିକ ଲକ୍ଷଣଗୁଡ଼ିକ ସୂଚୀତ କରେ :

୧. ଧର୍ମନିରପେକ୍ଷତା କୌଣସି ରାଷ୍ଟ୍ରୀୟ ଧର୍ମକୁ ପ୍ରାଧାନ୍ୟ ଦିଏ ନାହିଁ ।

୨. ଏହା କୌଣସି ଧାର୍ମିକ ଦର୍ଶନ ବା ଆଦର୍ଶକୁ ରାଷ୍ଟ୍ରୀୟ ସମର୍ଥନ ଦିଏ ନାହିଁ କିନ୍ତୁ ସମସ୍ତ ଧର୍ମକୁ ସମାନ ନିରାପତ୍ତା ପ୍ରଦାନ କରିଥାଏ ।

୩. ଏହି ବ୍ୟବସ୍ଥାରେ ଆନ୍ତଃ-ଧାର୍ମିକ ସମାନତା ଉପରେ ପ୍ରାଧାନ୍ୟ ଦିଆଯାଏ ।

୪. ଏଠାରେ ଧାର୍ମିକ ଅନୁଷ୍ଠାନ ଓ ରାଷ୍ଟ୍ରକୁ ପରସ୍ପରଠାରୁ କଠୋର ଭାବେ ପୃଥକ୍ କରାଯାଏ ନାହିଁ ।

୫. କୌଣସି ଧର୍ମର ପ୍ରାଧାନ୍ୟକୁ ସ୍ୱୀକୃତି ଦିଆଯାଏ ନାହିଁ ।

୬. ଯେ କୌଣସି ଧର୍ମଭିତ୍ତିକ ଅତ୍ୟାଚାରକୁ ବିରୋଧ କରାଯାଏ ।

୭. ଉଭୟ ଅନ୍ତଃ ଓ ଆନ୍ତଃ ଧାର୍ମିକ ସଂସ୍କାର ପାଇଁ ଆଇନ ଦ୍ୱାରା ନିର୍ଦ୍ଧାରିତ ସୀମିତ ପଦକ୍ଷେପ ରାଷ୍ଟ୍ର ଗ୍ରହଣ କରିପାରେ ।

୮. ଏହି ବ୍ୟବସ୍ଥାରେ ବ୍ୟକ୍ତିର ଗୋଷ୍ଠୀଗତ ଅଧିକାର ଓ ସଂଖ୍ୟାଲଘୁର ଅଧିକାର ସୁବ୍ୟବସ୍ଥିତ ଓ ସୁରକ୍ଷିତ ଢଙ୍ଗରେ ରାଷ୍ଟ୍ରଦ୍ୱାରା ପରିଚାଳିତ ହୋଇଥାଏ ।

୯. ଭାରତ ସମ୍ବିଧାନର ୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ଦ୍ୱାରା ପ୍ରାକ୍ କଥନରେ 'ଧର୍ମନିରପେକ୍ଷତା' ଶବ୍ଦର ସଂଯୋଗ କରାଯାଇଛି ।

୧୦.ଏହି ବ୍ୟବସ୍ଥାରେ ସମସ୍ତଙ୍କ ସମାନ ଧାର୍ମିକ ଅଧିକାର ପ୍ରଦାନ କରାଯାଇ ଥିବା ବେଳେ ସଂପୂର୍ଣ୍ଣ ଧର୍ମ ସହିଷ୍ଣୁତା ନୀତି ପାଳନ କରାଯାଇଥାଏ ।

୧୧ ଏଠାରେବହୁ ସଂସ୍କୃତିବାଦ (Multiculturalism)କୁ ସମର୍ଥନ କରାଯାଇ ପାରେ ।

୧୨.ଏହି ଦୃଷ୍ଟିଭଙ୍ଗୀର ସାମାଜିକ ନ୍ୟାୟ ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । ଭାରତୀୟ ସମ୍ବିଧାନର ୧୭, ୨୬, ୨୮ ଆଦି ଧାରାକୁ ଉଦାହରଣ ରୂପେ ନିଆଯାଇ ପାରେ ।

୧୩.ଧାର୍ମିକ ସଂଖ୍ୟାଲଘୁ ଗୋଷ୍ଠୀ ସେମାନଙ୍କର ଶିକ୍ଷା ଓ ସଂସ୍କୃତିର ସୁରକ୍ଷା ପାଇଁ ନିଜସ୍ୱ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା କରି ପାରନ୍ତି ଯାହା ରାଷ୍ଟ୍ରର ଆର୍ଥିକ ଅନୁଦାନରୁ ମଧ୍ୟ ବଞ୍ଚିତ ହୁଏ ନାହିଁ ।

### ୮.୫ ଭାରତରେ ଧର୍ମନିରପେକ୍ଷତାର ପ୍ରକୃତି ଓ ସ୍ଥିତି

୪୨ତମ୍ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବାର ପରବର୍ତ୍ତୀ ଅବସ୍ଥାରେ ଭାରତୀୟ ସମ୍ବିଧାନର ପ୍ରାକ୍ କଥନ ଏହାକୁ ଏକ ସାର୍ବଭୌମ, ସମାଜବାଦି, ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରରୂପେ ଘୋଷଣା କରିଛି । ସ୍ୱାତନ୍ତ୍ର୍ୟତାକୁ ସାମ୍ବିଧାନିକ ଆଦର୍ଶ ରୂପେ ଗ୍ରହଣ କରି ଚିନ୍ତନ, ପ୍ରକାଶନ, ବିଶ୍ୱାସ, ପୂଜା ଉପାସନା ଇତ୍ୟାଦିକୁ ସ୍ୱାଧୀନତା ପ୍ରଦାନ କରିବା ପାଇଁ ଏହା ସଂକଳ୍ପବଦ୍ଧ ଅଟେ । ମୌଳିକ ଅଧିକାର ଅଧ୍ୟାୟର ୨୫ ଠାରୁ ୩୦ ଧାରା ମଧ୍ୟରେ ବର୍ଣ୍ଣିତ ଧର୍ମ ସଂକ୍ରାନ୍ତୀୟ ଅଧିକାର (Right to Religion) ରେ ଧର୍ମ ପ୍ରଚାର, ଉପାସନା, ପ୍ରସାରର ପୂର୍ଣ୍ଣ ସ୍ୱାଧୀନତା ଭାରତୀୟ ନାଗରିକଙ୍କୁ ପ୍ରଦାନ କରାଯାଇଛି । ଅତୀତ ଭାରତର ଇତିହାସରେ 'ଜିଜିୟା' ଭଳି ଅନେକ କର (tax) ବିଭିନ୍ନ ଧର୍ମ ଉପରେ ବସାଯାଉଥିଲା । ମାତ୍ର ଭାରତୀୟ ସମ୍ବିଧାନର ୨୭ ଧାରାରେ କୌଣସି ଧର୍ମ ଉପାସନା ବା ପ୍ରଚାର କ୍ଷେତ୍ରରେ କୌଣସି କର ଧାର୍ଯ୍ୟର ବ୍ୟବସ୍ଥାକୁ ସଂପୂର୍ଣ୍ଣ ନିରୋଧ କରାଯାଇଛି । ଏଣୁ ଆଉରଙ୍ଗଜେବଙ୍କର ଧର୍ମ ଅସହିଷ୍ଣୁ ନୀତିକୁ ଗ୍ରହଣ ନ କରି ଆକବରଙ୍କର ଧର୍ମ ସହିଷ୍ଣୁ ନୀତିକୁ ଆଦର୍ଶ ରୂପେ ଗ୍ରହଣ କରିବା ପାଇଁ ଇତିହାସ ହିଁ ପ୍ରେରଣା ଦେଲା ସ୍ୱାଧୀନତା ପ୍ରାପ୍ତି ସମୟରେ ହିନ୍ଦୁ ଓ ମୁଲମାନ ସାମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ରକ୍ତାକ୍ତ ସଂଘର୍ଷ ହିଁ ସମ୍ବିଧାନ ପ୍ରଣେତାମାନଙ୍କୁ ଭାରତକୁ ଏକ "ଧର୍ମ ନିରପେକ୍ଷ" ରାଷ୍ଟ୍ରରୂପେ ଚିହ୍ନିତ କରିବା ପାଇଁ ପ୍ରେରଣା ଆଣି ଦେଲା । ଭାରତରେ ଧର୍ମର ବହୁଳତା (Religious Pluralism) ହେତୁ ବିଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠା ପାଇଁ ଧର୍ମ ନିରପେକ୍ଷ ନୀତି ଅଧିକ ବାସ୍ତବ ଓ ସ୍ପୃହଣୀୟ ବୋଧ ହେଲା ।

ଭାରତରେ ଧର୍ମ ନିରପେକ୍ଷ ନୀତିର ଅର୍ଥ ଯାହା ଇଉରୋପୀୟ ଦେଶମାନଙ୍କର ଏହାର ଅର୍ଥ ଠିକ୍ ବିପରୀତ ଅଟେ । ସେହି ଦେଶମାନଙ୍କରେ ଗୋଟିଏ ଦେଶର, ଧର୍ମପ୍ରତି ଉଦାସୀନତା ବା ଅପକ୍ଷପାତିତାକୁ ତାହାର ଧର୍ମନିରପେକ୍ଷ ନୀତିରୂପେ ଗ୍ରହଣ କରାଯାଏ । ମାତ୍ର ଭାରତରେ ଧର୍ମ ନିରପେକ୍ଷତାର ଅର୍ଥ କୌଣସି ଧର୍ମକୁ ରାଷ୍ଟ୍ରୀୟ ଧର୍ମରୂପେ ଗ୍ରହଣ କରାଯିବ ନାହିଁ ଏବଂ ପ୍ରତ୍ୟେକ ଧର୍ମକୁ ସମାନ ସମ୍ମାନ ପ୍ରଦର୍ଶନ କରାଯିବ । ଭାରତରେ ସମ୍ପୂର୍ଣ୍ଣ ଧର୍ମ ସହିଷ୍ଣୁତା ନୀତି ଅନୁସୃତ ହେଉଛି । ଡଃ ରାଧାକୃଷ୍ଣନଙ୍କ ମତରେ, "କୌଣସି ଲୋକକୁ ଧର୍ମଗତ କାରଣରୁ କୌଣସି ଜିନିଷର ଉପଭୋଗରୁ ବଞ୍ଚିତ କରାଯାଇ ପାରିବ ନାହିଁ ଓ ସାଧାରଣ ଜୀବନଯାପନ କ୍ଷେତ୍ରରେ ସମସ୍ତଙ୍କର ପୂର୍ଣ୍ଣ ଅଂଶ ରହିବ ।" ତେଣୁ ସାମାଜିକ ନ୍ୟାୟର ଦୃଷ୍ଟିକୋଣରୁ ତଫସିଲଭୁକ୍ତ

ଜାତି, ଉପଜାତି, ସାମାଜିକ ଅନୁନ୍ନତ ଶ୍ରେଣୀ, ଧାର୍ମିକ ସଂଖ୍ୟାନ୍ୟୁନ ଗୋଷ୍ଠୀ ଇତ୍ୟାଦିଙ୍କୁ ଯେଉଁ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରାଯାଇଛି, ତାହା ଧର୍ମନିରପେକ୍ଷ ନୀତିର ବିରୋଧି ନୁହେଁ । ପୃଥିବୀର ପଶ୍ଚିମାଞ୍ଚଳ ରାଜ୍ୟମାନଙ୍କରେ ଧର୍ମକୁ ରାଜନୀତିଠାରୁ ପୃଥକ୍ କରିବାର ପ୍ରକ୍ରିୟାରୁ ହିଁ ଧର୍ମନିରପେକ୍ଷ ନୀତିର ଜନ୍ମ । ମାତ୍ର ଭାରତରେ ସେହି ସୂତ୍ରରେ କୌଣସି ପ୍ରଭାବ ଧର୍ମନିରପେକ୍ଷତା ଉପରେ ପଡ଼ି ନାହିଁ ।

ଭାରତ ନିଜକୁ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ରରୂପେ ଘୋଷଣା କରି ସାରିବା ପରଠାରୁ ଭାରତର ଏହି ନୀତି ଘାତ ପ୍ରତିଘାତର ସ୍ତର ଦେଇ ଗତି କରିଆସୁଅଛି । ରାଷ୍ଟ୍ର ଏବଂ ଏହାର ରାଜନୈତିକ ପଦାଧିକାରୀମାନେ ଧର୍ମକୁ ଅସ୍ତ୍ର ରୂପେ ବ୍ୟବହାର କରି ନିଜର ରାଜନୈତିକ ଲକ୍ଷ୍ୟ ସାଧନ କରୁଛନ୍ତି । ଅନ୍ୟପକ୍ଷରେ ଏହି ସୁଯୋଗ ଫଳରେ ଧର୍ମ, ରାଜନୀତିର ବିଭିନ୍ନ ପର୍ଯ୍ୟାୟ ମଧ୍ୟକୁ ଅନଧିକାର ପ୍ରବେଶ କରୁଛି । ଏଣୁ ଉଭୟ ଆଡୁ ଆଚରଣ ନୀତିକୁ ଅମାନ୍ୟ କରିଯିବା ଫଳରେ ଆଜି ଭାରତରେ ଏହି ନୀତି ଏକ ସମସ୍ୟା ରୂପେ ଦେଖା ଦେଇଛି । ରାମଜନ୍ମ ଭୂମି-ବାବ୍ରି ମସ୍‌ଜିଦ୍, ହରିଜନ ଓ ଆଦିବାସୀମାନଙ୍କର ଧର୍ମ ପରିବର୍ତ୍ତନ, ଶାହାବାନୁ ମକଦ୍ଦମାର ରାୟ, ତଲାଖ୍ ପ୍ରାପ୍ତ ମୁସଲମାନ ସ୍ତ୍ରୀ ଲୋକମାନଙ୍କର ସ୍ୱାର୍ଥରକ୍ଷା ସଂକ୍ରାନ୍ତୀୟ ଆଇନ, ଏକ ଏକବିଧ ଦେୱାନୀ ଆଇନ (Uniform Civil Code) ପାଇଁ ଦାବୀ ମିରଟ୍ ଦଙ୍ଗା ଇତ୍ୟାଦି ଏହି ସମସ୍ୟାକୁ ଲୋକ ଲୋଚନକୁ ଆଣି ପାରିଛି । ଧର୍ମ ନିରପେକ୍ଷତା ସମ୍ବନ୍ଧୀୟ ସମସ୍ୟା ସାଂପ୍ରଦାୟିକତା (Communalism) ସୃଷ୍ଟି ପାଇଁ ଦାୟୀ ଅଟେ । ଗୋଟିଏ ଧାର୍ମିକ ଗୋଷ୍ଠୀର ଲକ୍ଷ୍ୟ ଓ ଆଦର୍ଶକୁ ଚରିତାର୍ଥ କରିବା ପାଇଁ ରାଜନୀତିର ବଳୟ ମଧ୍ୟରେ ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁ ନୀତି କରିବା ହିଁ ସାଂପ୍ରଦାୟିକତା ଅଟେ । ସାଂପ୍ରଦାୟିକତା ଧର୍ମ ନିରପେକ୍ଷତାର ବିରୋଧି ଅଟେ । ଭାରତ ବିଭାଜନ ସମୟଠାରୁ ସ୍ୱାଧୀନୋତ୍ତର ଭାରତରେ ମଧ୍ୟ ଏହି ସାଂପ୍ରଦାୟିକତା ନୀତିର ବହୁଳ ପ୍ରସାର ଘଟିଛି । ଜାତୀୟ ସଂହତି ସେ ବହୁ ମାତ୍ରାରେ ଏହାଦ୍ୱାରା ବାଧାପ୍ରାପ୍ତ ହେଉଛି ତାହା ନିଃସନ୍ଦେହରେ କୁହାଯାଇପାରେ । କୌଣସି ଧର୍ମ ପ୍ରତି ଆନୁଗତ୍ୟ ଥିବା ବ୍ୟକ୍ତି ବିଶେଷ ବା ଦଳ ପ୍ରତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୌଣସି ପକ୍ଷପାତ ନୀତି ଗ୍ରହଣ କରାଗଲେ ସାଂପ୍ରଦାୟିକତାର ଚରମ ପରିପ୍ରକାଶ ଘଟିଥାଏ ।

## ୮.୬. ସାରାଂଶ

* ଧର୍ମନିରପେକ୍ଷତା ଏକ ଧର୍ମ ବିରୋଧି ବ୍ୟବସ୍ଥା ନୁହେଁ । ଏହା ଧାର୍ମିକ ବ୍ୟାପାରରେ ରାଷ୍ଟ୍ରର ହସ୍ତକ୍ଷେପ ଓ ପ୍ରାଧାନ୍ୟକୁ ଗ୍ରହଣ କରେ ନାହିଁ । ସମସ୍ତଙ୍କୁ ସମାନ ଧାର୍ମିକ ଅଧିକାର ଆଇନଗତ ଭାବେ ପ୍ରଦାନ କରାଯିବା ସହିତ ସଂପୂର୍ଣ୍ଣ ଧର୍ମ ସହିଷ୍ଣୁତା ନୀତି ପାଳନ କରାଯାଇଥାଏ । ରାଷ୍ଟ୍ରୀୟ ଧର୍ମକୁ ଏହା ସ୍ୱୀକୃତି ଦିଏ ନାହିଁ । ଧର୍ମନିରପେକ୍ଷତା ସଂପର୍କୀତ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ଏକ ପୁରାତନ ଉଦାରବାଦୀ ଚିନ୍ତାଧାରା ଅଟେ । ଧର୍ମ ଏକ ବ୍ୟକ୍ତିଗତ ମୂଲ୍ୟବୋଧ ଉପରେ ଆଧାରିତ ହୋଇଥାଏ । ଧର୍ମନିରପେକ୍ଷତା ସଂପର୍କୀୟ ଭାରତୀୟ ଦୃଷ୍ଟିଭଙ୍ଗୀ ଗାନ୍ଧିଜୀଙ୍କ "ସର୍ବ-ଧର୍ମ-ସମଭାବ" ଦର୍ଶନ ଉପରେ ଆଧାରିତ । ରାଷ୍ଟ୍ର ଆଇନ ମାଧ୍ୟମରେ ପ୍ରତ୍ୟେକ ଧର୍ମକୁ ସ୍ୱାଧୀନତା ଓ ନିରାପତ୍ତା ପ୍ରଦାନ କରିଥାଏ । ଏଠାରେ ସଂଖ୍ୟାଲଘୁର ଅଧିକାର ସୁରକ୍ଷିତ ରୁହେ । ଧାର୍ମିକ ସଂସ୍କାର ରାଷ୍ଟ୍ର ପ୍ରଯୋଜିତ ମଧ୍ୟ ହୋଇପାରେ ।

## ୮.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

ପ୍ର.୧ ଧର୍ମନିରପେକ୍ଷତା କହିଲେ କ'ଣ ବୁଝ ? ଧର୍ମନିରପେକ୍ଷତା ସମ୍ବନ୍ଧୀୟ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ଆଲୋଚନା କର ।

ପ୍ର.୨ ଧର୍ମନିରପେକ୍ଷତା ସମ୍ବନ୍ଧୀୟ ଭାରତୀୟ ଦୃଷ୍ଟିଭଙ୍ଗୀ ତର୍ଜମା କର ।

ପ୍ର.୩ ଭାରତରେ ଧର୍ମନିରପେକ୍ଷତାର ପ୍ରକୃତି ଓ ସ୍ଥିତି ସଂପର୍କରେ ଆଲୋଚନା କର ।

**ବସ୍ତୁନିଷ୍ଠ ଓ ସଂକ୍ଷିପ୍ତ ପ୍ରଶ୍ନ**

**ପ୍ର.୧. ଧର୍ମନିରପେକ୍ଷତାବାଦ ଶବ୍ଦଟି ସର୍ବପ୍ରଥମେ କିଏ କେଉଁ ମସିହାରେ ବ୍ୟବହାର କରିଥିଲେ ?**

(i) ମାକିଆଭେଲି, ୧୫୨୬

(ii) କାର୍ଲମାର୍କ୍ସ, ୧୮୪୮

(iii) ଜର୍ଜ ଜାକବ ହୋଲିଓକ୍, ୧୮୫୧

(iv) ଜନ୍ ଲକ୍, ୧୬୮୯

**ପ୍ର.୨. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଜାତୀୟ ସଂହତି ପ୍ରତି ବିପଦ ?** (i)ଧର୍ମନିରପେକ୍ଷତାବାଦ

(ii) ସାମାଜିକ ନ୍ୟାୟ

(iii) ସାଂପ୍ରଦାୟିକତାବାଦ

(iv) ସମାଜବାଦ

**ପ୍ର.୩. କେଉଁ ମସିହାରେ ଓ କେଉଁ ସମ୍ବିଧାନ ସଂଶୋଧନ ବଳରେ ଭାରତକୁ ଆନୁଷ୍ଠାନିକ ରୂପେ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ବୋଲି ଘୋଷଣା କରାଗଲା ?**

(i) ୧୯୭୬, ୪୨ ତମ

(ii) ୧୯୭୮, ୪୪ତମ

(iii) ୧୯୮୫, ୫୨ତମ

(iv) ୧୯୭୧, ୨୪ତମ

**୮.୮ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର :**

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନର ଉତ୍ତର**

ପ୍ର.୧ ଉ : ଏହି ଅଧ୍ୟାୟର ଭାଗ ୮.୨ ଓ ୮.୩ ର ପାଠ ଦେଖ ।

ପ୍ର.୨ ଉ : ଏହି ଅଧ୍ୟାୟର ଭାଗ ୮.୪ ର ପାଠ ଦେଖ ।

ପ୍ର.୩ ଉ : ଏହି ଅଧ୍ୟାୟର ଭାଗ ୮.୫.ର ପାଠ ଦେଖ ।

**ବସ୍ତୁନିଷ୍ଠ ଓ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର**

୧. (iii) ଜର୍ଜ ଜାକବ ହୋଲିଓକ୍, ୧୮୫୧

୨. (iii) ସାଂପ୍ରଦାୟିକତାବାଦ

୩.(i) ୧୯୭୬, ୪୨ତମ

❖❖❖

# ନବମ ଅଧ୍ୟାୟ

# ଉନ୍ନୟନ

## (ଅର୍ଥ, ଉନ୍ନୟନର ଢାଞ୍ଚା - ପୁଞ୍ଜିବାଦୀ ଓ ସମାଜବାଦୀ ଢାଞ୍ଚା, ନିରନ୍ତର ଉନ୍ନୟନ)

ସଂରଚନା :


| | |
|---|---|
| ୯.୧ | ଉଦ୍ଦେଶ୍ୟ |
| ୯.୨ | ଉନ୍ନୟନର ଅର୍ଥ |
| ୯.୩ | ଉନ୍ନୟନ ପ୍ରତି ଦୃଷ୍ଟିଭଙ୍ଗୀ |
| ୯.୩.୧ | ଆଧୁନିକ ଉଦାରବାଦୀ ଦୃଷ୍ଟିଭଙ୍ଗୀ |
| ୯.୩.୨ | ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ |
| ୯.୪ | ଉନ୍ନୟନର ବିଭିନ୍ନ ଢାଞ୍ଚା |
| ୯.୫ | ନିରନ୍ତର ଉନ୍ନୟନ (Sustainable Development) |
| ୯.୬ | ସାରାଂଶ |
| ୯.୭ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୯.୮ | ପ୍ରଗତି ପରୀକ୍ଷା ଅନୁଶୀଳନୀର ଉତ୍ତର |


### ୯.୧ ଉଦ୍ଦେଶ୍ୟ :

ଏହି ଅଧ୍ୟାୟ ପାଠ ପରେ

- ଉନ୍ନୟନର ଅର୍ଥ ବୁଝିପାରିବେ ।
- ଉନ୍ନୟନ ସଂକ୍ରାନ୍ତୀୟ ବିଭିନ୍ନ ଦୃଷ୍ଟିଭଙ୍ଗୀ ଶିକ୍ଷା କରି ପାରିବେ ।
- ଉନ୍ନୟନର ବିଭିନ୍ନ ଢାଞ୍ଚା ସଂପର୍କରେ ଜାଣି ପାରିବେ ।

### ୯.୨ ଉନ୍ନୟନର ଅର୍ଥ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅଣଉପନିବେଶୀକରଣ ପ୍ରକ୍ରିୟାର ଆରମ୍ଭ ସମୟରେ ଏସିଆ ଓ ଆଫ୍ରିକା ମହାଦେଶର ନୂତନ ସ୍ୱାଧୀନତା ପ୍ରାପ୍ତି ଦେଶଗୁଡ଼ିକ ପରିପ୍ରେକ୍ଷୀରେ ସାମାଜିକ ବିଜ୍ଞାନରେ ଉନ୍ନୟନ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ଏହି ଦେଶଗୁଡ଼ିକରେ ବ୍ୟାପକ ଦରିଦ୍ର୍ୟ, ନିରକ୍ଷରତା, ସ୍ୱାସ୍ଥ୍ୟବସ୍ଥାର ରୁଗ୍ଣ ସ୍ଥିତି ଆଦି ଅର୍ଥନୈତିକ ଚିତ୍ରକୁ ମଳିନ କରିଦେଇଥିଲେ । ଏହି ଦେଶଗୁଡ଼ିକ ଉପନିବେଶିକ ଶାସନର ସାମ୍ରାଜ୍ୟବାଦୀ ଶୋଷଣର ଶୀକାର ହୋଇଥିଲା । କଞ୍ଚାମାଲର ବ୍ୟାପକ ଚାଲାଣ, ପ୍ରତିଯୋଗୀତା ହ୍ରାସ ପାଇଁ ସ୍ଥାନୀୟ ଶିଳ୍ପଗୁଡ଼ିକର ଧ୍ୱଂସସାଧକ, ଉପନିବେଶିକ ବଜାର ସୃଷ୍ଟି ଆଫ୍ରୋ-ଏସୀୟ ଦେଶଗୁଡ଼ିକ ଅର୍ଥନୈତିକ ବିକାଶଠାରୁ ବହୁ ଦୂରରେ ରଖିଥିଲା ।

ଅଭିଧାନିକ ଦୃଷ୍ଟିରୁ ବିକାଶର ଅର୍ଥ ହେଉଛି ଗୋଟିଏ ସ୍ତରରୁ ଅନ୍ୟ ଏକ ଉନ୍ନତ ସ୍ତରକୁ ପରିବର୍ତ୍ତନ ହେବା । ଏଣୁ ବିକାଶ ହେଉଛି ଅଭିବୃଦ୍ଧିର ଏକ ନିରୂପିତ ଅବସ୍ଥା । ବିକାଶର ସଂକୀର୍ଣ୍ଣ ରୂପରେ ଏହା ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସହିତ ଜଡ଼ିତ ହେଉଥିଲେ ମଧ୍ୟ ବୃହତ୍ତର ଦୃଷ୍ଟିକୋଣରୁ ମାନବ ସମାଜର ଆଶା ଓ ଅଭିଳାଷକୁ ଚରିତାର୍ଥ କରିବା ପାଇଁ ବିକାଶ ପ୍ରକ୍ରିୟା ଏକ ଜରୁରୀ ଆବଶ୍ୟକତା ଅଟେ । ସାମୁଏଲ୍ ହଣ୍ଟିଙ୍ଗଟନଙ୍କ ମତରେ, "ରାଜନୈତିକ ବିକାଶ ହେଉଛି ଏକ ପ୍ରଣାଳୀ ବା ପଦ୍ଧତି, ଯାହାଦ୍ୱାରା ସଙ୍ଗଠନ ଓ ନୀତିନିୟମମାନ ମୂଲ୍ୟବୋଧ ଓ ସ୍ଥିରତା ପ୍ରାପ୍ତି ହୋଇଥା'ନ୍ତି ।"

## ୯.୩ ଉନ୍ନୟନ ପ୍ରତି ଦୃଷ୍ଟିଭଙ୍ଗୀ

### ୯.୩.୧ ଆଧୁନିକ ଉଦାରବାଦୀ ଦୃଷ୍ଟିଭଙ୍ଗୀ

ଆଧୁନିକ ଉଦାରବାଦରେ ପୁରାତନ ବ୍ୟବସ୍ଥାର ସାମାଜିକ-ରାଜନୈତିକ ଅବସ୍ଥାରେ ପରିବର୍ତ୍ତନ ଅଣାଯାଇଥାଏ । କୃଷିଭିତ୍ତିକ ସମାଜର ଅର୍ଥନୈତିକ ସ୍ଥିତିକ ଶିଳ୍ପଭିତ୍ତିକ ସମାଜରେ ଅଧିକ ସମୃଦ୍ଧ କରାଯାଇଥାଏ । ପ୍ରାକ୍ ଆଧୁନିକ ରାଜନୈତିକ ଶୃଙ୍ଖଳାରେ କେବଳ ତିନିଗୋଟି କାର୍ଯ୍ୟ ଯଥା କର ଆଦାୟ, ଶାନ୍ତିଶୃଙ୍ଖଳା ଓ ରାଷ୍ଟ୍ରର ବାହ୍ୟ ନାଗରିକର କଲ୍ୟାଣ ପାଇଁ ବିଭିନ୍ନ ସେବା ପ୍ରଦାନକାରୀ କାର୍ଯ୍ୟ ସଂପାଦିତ ହୁଏ । ପ୍ରାକ୍ ରାଜନୈତିକ ବ୍ୟବସ୍ଥା ସୀମିତ ପ୍ରତିନିଧିତ୍ୱ ପାଇଁ ସୁଯୋଗ ସୃଷ୍ଟି କରୁଥିବା ବେଳେ ଆଧୁନିକ ରାଷ୍ଟ୍ରରେ ଗଣତନ୍ତ୍ରର ପରିସର ବ୍ୟାପକ ହୋଇଥାଏ । ଏକ ଉଦାରବାଦୀ ଗଣତନ୍ତ୍ର ଜନମତ ଅନୁଯାୟୀ ଜନସମର୍ଥନ ଭିତିରେ ପରିଚାଳିତ ହୋଇଥାଏ ।

ସଂକୀର୍ଣ୍ଣ ଗୋଷ୍ଠୀ ପରିଚିତିରୁ ବ୍ୟାପକ ଜାତୀୟ ପରିଚୟ ସୃଷ୍ଟି କରିବା ଉନ୍ନୟନର ଲକ୍ଷ୍ୟ । ଶ୍ରମ ବିଭାଜନ ନୂତନ ସ୍ୱରୂପ ଓ ବିଶେଷଜ୍ଞ ଗୋଷ୍ଠୀର ସୃଷ୍ଟି ଏହା ଦ୍ୱାରା ସମ୍ଭବ ହେଲା । ଜନ୍ମ ଓ ପରମ୍ପରାଗତ ଭୂମିକା ଅପେକ୍ଷା ନିଜର ଦକ୍ଷତା ପ୍ରଦର୍ଶନ ଭିତିରେ ବ୍ୟକ୍ତି ଭୂମିକା ଗ୍ରହଣ କଲା । ଉନ୍ନୟନ ଲିଙ୍ଗଗତ ସମାନତା, ଧାର୍ମିକ, ସ୍ୱାଧୀନତା, ସାମାଜିକ ନ୍ୟାୟ, ମାନବିକ ଅଧିକାର, ମୁକ୍ତ ବଜାର ଅର୍ଥନୀତି ଓ ସ୍ୱଚ୍ଛ ଶାସନ ଉପରେ ପର୍ଯ୍ୟବେସିତ ହୋଇଥାଏ । ଉନ୍ନତକାମୀ ଦେଶଗୁଡ଼ିକ ଉନ୍ନତ ଦେଶରେ ରୂପାନ୍ତରିତ ହେବାକୁ ହେଲେ ପାଶ୍ଚାତ୍ୟ ରାଷ୍ଟ୍ରର ରାଜନୈତିକ-ଅର୍ଥନୈତିକ ଢାଞ୍ଚାର ଅନୁସରଣ କରିବାକୁ ପଡ଼ିବ ।

### ୯.୩.୨ ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ

ଉନ୍ନୟନ ସଂକ୍ରାନ୍ତୀୟ ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ କାର୍ଲମାର୍କ୍ସ, ଏଙ୍ଗେଲ, ଲେନିନ ଆଦି ପୁରାତନ ମାର୍କ୍ସବାଦୀମାନଙ୍କ ଦର୍ଶନ ଉପରେ ପ୍ରତିଷ୍ଠିତ । ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣରେ ଶିଳ୍ପଦ୍ୱାରା କଦାପି ଅର୍ଥନୈତିକ ବିକାଶ ସମ୍ଭବ ନୁହେଁ ବୋଲି ମାର୍କ୍ସବାଦୀମାନେ ବିଶ୍ୱାସ କରନ୍ତି । ମାର୍କ୍ସବାଦୀମାନେ ଏକ ସମାଜବାଦୀ ଢାଞ୍ଚା ସପକ୍ଷରେ ମତ ଦିଅନ୍ତି ଯାହା ଶ୍ରେଣୀବିହୀନ, ରାଷ୍ଟ୍ରବିହୀନ, ଶୋଷଣମୁକ୍ତ ସମାଜ ପ୍ରତିଷ୍ଠାର ଲକ୍ଷ୍ୟ ରଖିଥାଏ । ଉପନିବେଶର ଅଧିନସ୍ଥ ରାଷ୍ଟ୍ର ଗୁଡ଼ିକ ସାମ୍ରାଜ୍ୟବାଦ ବିରୁଦ୍ଧରେ ସଂଗ୍ରାମ କରିବାକୁ ଲେନିନ ତାଙ୍କର "ସାମ୍ରାଜ୍ୟବାଦ : ପୁଞ୍ଜିବାଦର ସର୍ବୋଚ୍ଚ ସ୍ତର" ପୁସ୍ତକରେ ଆହ୍ୱାନ ଦେଇଛନ୍ତି । ପୁଞ୍ଜିବାଦୀ ସମାଜରେ ଶ୍ରମିକ ପୃଥକୀକରଣ (Alienation) ପ୍ରକ୍ରିୟାର ଶୀକାର ହୋଇଥାଏ । ଶ୍ରମିକ ତା'ର ଶ୍ରମ ପାଇଁ ପ୍ରାପ୍ୟ ପାଇଥିଲେ ମଧ୍ୟ ଉଦ୍‌ବୃତ୍ତ ମୂଲ୍ୟ ତତ୍ତ୍ୱ କାରଣରୁ ସମାଜରେ ଶ୍ରେଣୀ ସଂଘର୍ଷ ଦେଖାଯାଏ । ପଲ୍ ବ୍ୟାରେନ୍‌ଙ୍କ ମତରେ ବର୍ତ୍ତମାନର ବିକଶିତ ରାଷ୍ଟ୍ରଗୁଡ଼ିକ ତୃତୀୟ ବିଶ୍ୱ ଅଧିନସ୍ଥ

ରାଷ୍ଟ୍ରଗୁଡ଼ିକରେ ପ୍ରାକୃତିକ ସମ୍ବଳକୁ ନିଜର ବିକାଶ ପାଇଁ ଉପଯୋଗ କରୁଛନ୍ତି । ଏଣୁ ମାର୍କ୍ସବାଦୀମାନେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଅର୍ଥନୈତିକ ଉନ୍ନୟନ ପାଇଁ ପୁଞ୍ଜିବାଦୀ ଢାଞ୍ଚାକୁ ପ୍ରତ୍ୟାଖାନ କରିଥା'ନ୍ତି ।

କେନ୍ଦ୍ର-ପ୍ରାନ୍ତ ଢାଞ୍ଚା (Centre-periphery model)ରେ ସାମ୍ରାଜ୍ୟବାଦୀ ଶକ୍ତିଗୁଡ଼ିକ କେନ୍ଦ୍ରକୁ ପ୍ରତିନିଧିତ୍ୱ କରୁଥିବା ବେଳେ ଉପନିବେଶ ଗୁଡ଼ିକ ପ୍ରାନ୍ତକୁ ପ୍ରତିନିଧିତ୍ୱ କରିଥା'ନ୍ତି । ଆଣ୍ଡ୍ରି ଫ୍ରାନ୍କ୍ ତାଙ୍କର "ଲାଟିନ ଆମେରିକାରେ ପୁଞ୍ଜିବାଦ ଓ ଅନଗ୍ରସରତା" ପୁସ୍ତକରେ କେନ୍ଦ୍ରର ବିକାଶ ହେଲେ ପ୍ରାନ୍ତର ବିକାଶ ପ୍ରତିରୋଧ ହୋଇଥାଏ ବୋଲି ମତ ଦେଇଛନ୍ତି । ମାର୍କ୍ସବାଦୀ ଓ ନବ୍ୟ-ମାର୍କ୍ସବାଦୀମାନେ 'ତୃତୀୟ ବିଶ୍ୱର' ଅନୁନ୍ନତ ଅବସ୍ଥାକୁ 'ନିର୍ଭରଶୀଳତା ଢାଞ୍ଚା' (Dependency Model) ମାଧ୍ୟମରେ ସୂଚୀତ କରିବାକୁ ପ୍ରୟାସ କରିଛନ୍ତି । ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ସାମାଜିକ-ରାଜନୈତିକ ଓ ଅର୍ଥନୈତିକ ଉନ୍ନୟରେ ଢାଞ୍ଚା ଉପରେ ଅତ୍ୟଧିକ ନିର୍ଭରଶୀଳତା ହିଁ ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କର ଅନୁନ୍ନତିର କାରଣ ବୋଲି ସେମାନେ ମତ ଦିଅନ୍ତି ।

## ୯.୪ ଉନ୍ନୟନର ବିଭିନ୍ନ ଢାଞ୍ଚା

### (୧) ସାମାଜିକ ଢାଞ୍ଚା (Socialist Model) :

ମୁକ୍ତ ବଜାର ଅର୍ଥନୀତି ନମୁନା ବା ଉଦାରବାଦୀ ନମୁନାର ବିପରୀତ ବା ବିରୋଧି ନମୁନା ହେଉଛି ସମାଜବାଦୀ ନମୁନା । ଏଥିରେ ରାଷ୍ଟ୍ର ଉତ୍ପାଦନ ଓ ବିତରଣର ସାଧନଗୁଡ଼ିକୁ ନିୟନ୍ତ୍ରଣ କରେ । ଅବାଧ ବେସରକାରୀ ପ୍ରତିଯୋଗିତା ଅପେକ୍ଷା ରାଷ୍ଟ୍ର ନିୟନ୍ତ୍ରଣ ମାଧ୍ୟମରେ ବ୍ୟକ୍ତିର ସ୍ୱାଧୀନତା ଓ ବିକାଶ ଅଧିକ ସୁରକ୍ଷିତ ବୋଲି ବିଶ୍ୱାସ କରାଯାଏ । ସମାଜବାଦୀ ଢ଼ାଞ୍ଚା ତିନି ପ୍ରକାରର, ଯଥା - (୧) ମାର୍କ୍ସବାଦୀ ଢାଞ୍ଚା, (୨) ଗଣତାନ୍ତ୍ରିକ - ସମାଜବାଦୀ ଢାଞ୍ଚା (୩) ମିଶ୍ର ଅର୍ଥନୀତି ଢାଞ୍ଚା ।

### (୧) ମାର୍କ୍ସବାଦୀ ଢାଞ୍ଚା (Marxian Model)

ମାର୍କ୍ସବାଦୀ ନମୁନା ସାଧାରଣତଃ ସାମ୍ୟବାଦୀ ରାଷ୍ଟ୍ରମାନଙ୍କରେ କାର୍ଯ୍ୟକାରୀ ହୋଇଥାଏ । ଏହି ନମୁନା କାର୍ଲମାର୍କ୍ସଙ୍କ ସାମ୍ୟବାଦୀ ବା ବୈଜ୍ଞାନିକ ସମାଜବାଦୀ ତତ୍ତ୍ୱ ଉପରେ ଆଧାରିତ ଯାହାର ପ୍ରମୁଖ ଲକ୍ଷଣଗୁଡ଼ିକ ନିମ୍ନରେ ଦିଆଗଲା ।

**(କ) ଐତିହାସିକ ବସ୍ତୁବାଦ (Historical Materislism) :** କାର୍ଲମାର୍କ୍ସଙ୍କ ଚିନ୍ତାଧାରାରେ ଇତିହାସର ଗତି ବା ଧାରା, ପରିବର୍ତ୍ତନ ଆଦି ବସ୍ତୁବାଦୀ କାରଣ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଅର୍ଥାତ୍ ଅର୍ଥନୈତିକ କାରକମାନଙ୍କ ଉତ୍ପାଦନ ଧାରା ଦ୍ୱାରା ଇତିହାସ ପ୍ରଭାବିତ ଓ ସ୍ଥିରୀକୃତ ହୁଏ । କାରଣ ଏହା ସାମାଜିକ ସମ୍ପର୍କ ନିର୍ଦ୍ଧାରଣ ଅଥବା ପରିବର୍ତ୍ତନ ସହ ପୁନଃନିର୍ମାଣ କରିଥାଏ । ତେଣୁ ଉତ୍ପାଦନର ସାଧନଗୁଡ଼ିକ ସମାଜର ସମୂହ ମାଲିକାନିରେ ରହିବା ଉଚିତ ।

**(ଖ) ଶ୍ରେଣୀ ସଂଘର୍ଷ (Class Struggle) :** ଇତିହାସରେ ବର୍ଣ୍ଣିତ ତଥା ଏ ପର୍ଯ୍ୟନ୍ତ ଦୃଶ୍ୟମାନ ସକଳ ସମାଜ ଶ୍ରେଣୀ ସଂଘର୍ଷ ଦ୍ୱାରା ଜର୍ଜରିତ ବୋଲି ମାର୍କ୍ସ ଉଲ୍ଲେଖ କରିଛନ୍ତି । ପ୍ରତ୍ୟେକ ସମାଜରେ ସର୍ବଦା ପରସ୍ପର ବିରୋଧୀ ସଂଘର୍ଷରତ ଦୁଇଟି ଗୋଷ୍ଠୀ ରହିଆସିଛନ୍ତି । ଗୋଟିଏ ଧନୀ ହେଲେ ଅନ୍ୟଟି ନିର୍ଦ୍ଧନ; ଗୋଟିଏ ପୁଞ୍ଜିପତି ହେଲେ ଅନ୍ୟଟି ସର୍ବହରା; ଗୋଟିଏ ଶାସକ ହେଲେ ଅନ୍ୟଟି ଶାସିତ; ମୋଟ ଉପରେ କହିଲେ ଗୋଟିଏ ଶୋଷକ ହେଲେ ଅନ୍ୟଟି ଶୋଷିତ ଅଟେ ।

**(ଗ) ଉଦ୍‌ବୃତ୍ତ ମୂଲ୍ୟ (Surplus Values) :** ଶ୍ରମିକର ଶ୍ରମ ଯୋଗୁ କୌଣସି ଦ୍ରବ୍ୟର ବଜାର ମୂଲ୍ୟ ନିରୂପିତ ହୁଏ । ମାତ୍ର କିଛି ନକରି ବି ଲାଭାଂଶ ବା ଉଦ୍‌ବୃତ୍ତ ମୂଲ୍ୟ ପୁଞ୍ଜିପତି ମାଲିକ ନେଇଯାଏ । ଅନ୍ୟପକ୍ଷରେ ସବୁ କରି ବିଚରା ଶ୍ରମିକ କିଛି ବି ପାଏନାହିଁ । ଏପରି ଶୋଷଣ ଫଳରେ ପୁଞ୍ଜିପତି ମାଲିକମାନେ ଅଧିକରୁ ଅଧିକ ଧନୀ ହୋଇ ଚାଲନ୍ତି ଯେତେବେଳେ କି ଶୋଷିତ ହୋଇ ଶ୍ରମିକମାନେ ସର୍ବହରା ପାଲଟି ଯାଆନ୍ତି ।

(ଘ) ବିପ୍ଳବ (Revolution) : ମୁଷ୍ଟିମେୟ ପୁଞ୍ଜିପତି ମାଲିକ ଓ ଅନେକ ସର୍ବହରା ଶ୍ରମିକମାନଙ୍କ ମଧ୍ୟରେ ପାର୍ଥକ୍ୟ ଚରମ ସୀମାରେ ପହଞ୍ଚିଲେ ବିପ୍ଳବ ଅବଶ୍ୟମ୍ଭାବୀ ହୋଇଉଠେ । ଏହି ବିପ୍ଳବ ନିମନ୍ତେ ସର୍ବହରା ଶ୍ରମିକଗଣ ଏକଜୁଟ ହୋଇ ନିର୍ଣ୍ଣାୟକ ସଂଗ୍ରାମରେ ମାତନ୍ତି ଓ ସଫଳକାମ ହୁଅନ୍ତି । ଫଳରେ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାର ପତନ ଘଟେ ।

(ଙ) ସର୍ବହରାର ଏକଛତ୍ରବାଦ (Dictatorship of the Proletariat) : ପୁଞ୍ଜିବାଦ ଓ ତାହାର ପ୍ରଯୋଜିତ ରାଷ୍ଟ୍ର ବ୍ୟବସ୍ଥାର ପତନ ଫଳରେ ସମାଜବାଦୀ ସମାଜ (Socialistic society) ପ୍ରତିଷ୍ଠା ନିମନ୍ତେ ପଥ ପରିଷ୍କାର ହେଲେ ମଧ୍ୟ ସଙ୍ଗେ ସଙ୍ଗେ ତାହା ବିଦ୍ୟମାନ ହୁଏ ନାହିଁ । କାରଣ ହଠାତ୍ ଏକ ଅସ୍ଥାୟୀ ଓ ଅନ୍ତରୀଣ ବ୍ୟବସ୍ଥା ଦୃଶ୍ୟମାନ ହୁଏ ଯାହାକୁ ସର୍ବହରାର ଏକଛତ୍ରବାଦ କୁହାଯାଏ । ଏହି ସମୟରେ ପୁଞ୍ଜିବାଦର ଅବଶେଷକୁ ନିଶ୍ଚିହ୍ନ କରାଯାଇ ସମାଜବାଦର ଚୂଡ଼ାନ୍ତ ବିଜୟ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ କରାଯାଏ ।

(ଚ) ଶ୍ରେଣୀବିହୀନ ଓ ରାଷ୍ଟ୍ରହୀନ ସମାଜ ପ୍ରତିଷ୍ଠା (Establishment of Classless and Stateless Society) : ମାର୍କ୍ସବାଦର ଚରମ ଓ ସର୍ବଶେଷ ଲକ୍ଷ୍ୟ ହେଲା ଏକ ଶ୍ରେଣୀ ବିହୀନ ଓ ରାଷ୍ଟ୍ରହୀନ ସମାଜ ପ୍ରତିଷ୍ଠା କରିବା । ଶ୍ରେଣୀ ସଂଘର୍ଷ ନିମନ୍ତେ ମୁଖ୍ୟତଃ ଦାୟୀ ପୁଞ୍ଜିପତି ଗୋଷ୍ଠୀ ଓ ତାହାର ସମର୍ଥନକାରୀ ରାଷ୍ଟ୍ରର ପତନ ଓ ବିଲୟ ହେଲେ ଶ୍ରେଣୀ ସଂଘର୍ଷ ସୃଷ୍ଟି ହେବ ନାହିଁ ଏବଂ ଶୋଷଣ ଓ ଦମନକାରୀ ରାଷ୍ଟ୍ରର ଅନୁପସ୍ଥିତିରେ ଜନସାଧାରଣ ବାସ୍ତବ ସାମ୍ୟ ଅନୁଭବ କରିବେ । ସମାଜର ବିକାଶ ବୈପ୍ଳବିକ ଓ ବ୍ୟାପକ ରୂପରେ ଦୃଶ୍ୟମାନ ହେବ ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ତତ୍କାଳୀନ ସୋଭିଏତ୍ ଋଷିଆ ।

(୨) ଗଣତାନ୍ତ୍ରିକ-ସମାଜବାଦୀ ଢାଞ୍ଚା (Democratic-socialist Model)

(କ) ସମ୍ବିଧାନରେ ବିଶ୍ୱାସ (Faith in the Constitution) : ଗଣତାନ୍ତ୍ରିକ-ସମାଜବାଦୀ ବିକାଶ ନମୁନା ଏକଛତ୍ରବାଦ ଓ ଅଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରତ୍ୟାଖ୍ୟାନ କରେ ଏବଂ ସାମ୍ବିଧାନିକ ବ୍ୟବସ୍ଥାର ପରିଧି ମଧ୍ୟରେ ରହି ବିକାଶ ହାସଲ କରିବା ସମ୍ଭବ ବୋଲି ବିଶ୍ୱାସ କରେ । ଏହା ଆଇନର ଶାସନ ଓ ବ୍ୟକ୍ତି ସ୍ୱତନ୍ତ୍ରତା ଉପରେ ଗୁରୁତ୍ୱ ଦେବା ସହ ଅର୍ଥନୈତିକ ବିକାଶ ନିମନ୍ତେ ପ୍ରଯତ୍ନ କରେ ।

(ଖ) ଗଣତନ୍ତ୍ର ଓ ସମାଜବାଦର ମଧ୍ୟମ ପନ୍ଥା (Modway between Democracy and Socialism) : ବିକାଶର ଏହି ନମୁନା ଉଭୟ ଗଣତନ୍ତ୍ର ଓ ସମାଜବାଦର ଆଦର୍ଶ ମିଳନ କରାଇଛି ଏବଂ ଉଭୟଙ୍କ ସୁଗୁଣଗୁଡ଼ିକୁ ଉପଯୋଗ କରି ରାଜନୀତି ଓ ଅର୍ଥନୀତି ମଧ୍ୟରେ ଏକ ଭାରସାମ୍ୟ ରକ୍ଷା କରିପାରିଛି । ଫଳରେ ବିନା ଅସନ୍ତୋଷରେ ବିକାଶଧାରା ବାସ୍ତବ ତ୍ୱରିତ ହୋଇପାରିବ । କାରଣ ଏଠାରେ ସମାଜବାଦର ଉଗ୍ରରୂପ ନଥାଏ ।

(ଗ) ଉଭୟ ବ୍ୟକ୍ତି ଓ ସମାଜ ଉପରେ ଗୁରୁତ୍ୱ (Focus both on Individual and Society) : ଏହା ଉଭୟ ବ୍ୟକ୍ତି ଓ ସମାଜକୁ ଗୁରୁତ୍ୱ ଦିଏ । ସମାଜର ସମୂହ କଲ୍ୟାଣ ନିମନ୍ତେ ବ୍ୟକ୍ତିକୁ ବଳପୂର୍ବକ ତ୍ୟାଗ ସ୍ୱୀକାର କରିବାକୁ ବାଧ୍ୟ କରିବା ପରିବର୍ତ୍ତେ ଏହା ଶାନ୍ତିପୂର୍ଣ୍ଣ ଓ ଅହିଂସା ପ୍ରବର୍ତ୍ତନା ମାଧ୍ୟମରେ ବ୍ୟକ୍ତିକୁ ସେହି କାର୍ଯ୍ୟରେ ନିୟୋଜିତ କରିବାର ପ୍ରେରଣା ଦାନ କରେ । ଏହି ନମୁନାର ଅନ୍ୟତମ ଉଦ୍ଭାବକ ତଥା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଗଣତନ୍ତ୍ର ପ୍ରତି ପ୍ରଗାଢ଼ ଆସ୍ଥା ପ୍ରକଟ କରିଥିଲେ ଏବଂ ତତ୍କାଳିନ ସୋଭିଏତ୍ ଋଷିଆର ସମାଜବାଦୀ ବିକାଶ ଦ୍ୱାରା ପ୍ରଚଣ୍ଡ ଭାବେ ପ୍ରଭାବିତ ହୋଇଥିଲା ।

(୩) ମିଶ୍ର ଅର୍ଥନୀତି ଢାଞ୍ଚା **(Mixed Economy Model)**

ଏହି ନମୁନା ଉଭୟ ବଜାର ଅର୍ଥନୀତି ନମୁନା ଓ ସମାଜବାଦୀ ଅର୍ଥନୀତି ଢାଞ୍ଚା ଏକ ମିଶ୍ରଣ ଯାହାର ଲକ୍ଷଣଗୁଡ଼ିକ ନିମ୍ନରେ ପ୍ରଦାନର କରାଗଲା ।

**(କ) ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଉପସ୍ଥିତି (Presence of both Public and Private Sectors) :** ଏହି ନମୁନାରେ ଉଭୟ ସରକାରୀ କ୍ଷେତ୍ର ଓ ବେସରକାରୀ କ୍ଷେତ୍ର ମିଳିମିଶି ସାଧାରଣ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରନ୍ତି । ସେମାନେ ମିଳିତ ଭାବେ ଅର୍ଥନୈତିକ ବିକାଶ ଓ ଜାତୀୟ ଅଭିବୃଦ୍ଧି କାମନା କରନ୍ତି । ବେସରକାରୀ କ୍ଷେତ୍ର ଲାଭଦାୟକ ଉଦ୍ୟୋଗ ପ୍ରତି ଅଧିକ ଆକୃଷ୍ଟ ହେଉଥିବା ବେଳେ ମୌଳିକ ସେବା, ଲାଭ ନଥିବା କ୍ଷୁଦ୍ର, ଅନାକର୍ଷଣୀୟ ଆଦି କ୍ଷେତ୍ରମାନଙ୍କରେ ସରକାରୀ ଉଦ୍ୟୋଗ କାର୍ଯ୍ୟ କରିଥାଏ । ସାଧାରଣତଃ ସରକାରୀ କ୍ଷେତ୍ର ବିକାଶ ନିମନ୍ତେ ମୌଳିକ ଭିତ୍ତିଭୂମି ଯୋଗାଇ ଦେଇଥାଏ ।

**(ଖ) ଅର୍ଥନୈତିକ ଯୋଜନା (Economic Planning) :** ସ୍ଥିରୀକୃତ ଓ ପୂର୍ବନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ନିମନ୍ତେ ସରକାର ଅର୍ଥନୈତିକ ଯୋଜନାକୁ ଏକ କୌଶଳ ରୂପେ ବ୍ୟବହାର କରିଥାଏ । ଭାରତ ଭଳି ବିକାଶଶୀଳ ଦେଶମାନଙ୍କରେ ସମୟବଦ୍ଧ (time-bound) ଜାତୀୟ ଯୋଜନା ପ୍ରସ୍ତୁତ ହୁଏ ଯାହାର ପରିଚାଳନା ନିମନ୍ତେ ଏକ ସ୍ୱୀକୃତ ସଂସ୍ଥା ଥାଏ । ଭାରତରେ ଯୋଜନା ଆୟୋଗ (Planning Commission) ଦେଶର ପଞ୍ଚବାର୍ଷିକ ଯୋଜନାଗୁଡ଼ିକ (Five year plans)ର ସଫଳ ସ୍ରଷ୍ଟା ।

(୫) କାର୍ଯ୍ୟାତ୍ମକ ଢାଞ୍ଚା **(Functional Model)**

ଯୁକ୍ତରାଷ୍ଟ୍ର ଆମେରିକାର ପ୍ରସିଦ୍ଧ ରାଜନୀତି ବିଜ୍ଞାନୀ ଗାବ୍ରିଏଲ୍ ଆଲମଣ୍ଡଙ୍କ ମତରେ, ରାଜନୀତିକ ବିକାଶ ମୁଖ୍ୟତଃ ସଂଗଠନାତ୍ମକ ଓ କାର୍ଯ୍ୟାତ୍ମକ ପଦ୍ଧତି ଉପରେ ପର୍ଯ୍ୟବସିତ ଅଟେ । ତାଙ୍କ ମତରେ, ପ୍ରତ୍ୟେକ ରାଜନୈତିକ ବ୍ୟବସ୍ଥା ଦାବି ଓ ନିଷ୍ପତ୍ତି (Input-Output) ପ୍ରଣାଳୀରେ ତାଙ୍କର କାର୍ଯ୍ୟସମ୍ପାଦନ କରିଥାନ୍ତି । ତାଙ୍କ ମତରେ ଦାବି-ସଂଶ୍ଳିଷ୍ଟ କାର୍ଯ୍ୟମାନ ହେଲା – ରାଜନୀତିକ ସାମାଜିକୀକରଣ, ରାଜନୀତିକ ନିଯୁକ୍ତି, ସ୍ୱାର୍ଥ ରୂପାୟନ, ସ୍ୱାର୍ଥ ସମ୍ମେଳନ ଓ ରାଜନୀତିକ ଯୋଗାଯୋଗ । ସେହିପରି ନିଷ୍ପତ୍ତି-ସମ୍ବଳିତ କାର୍ଯ୍ୟଗୁଡ଼ିକ ହେଲା – ଆଇନ ପ୍ରଣୟନ, ଆଇନର କାର୍ଯ୍ୟକାରିତା ଓ ଆଇନର ସମୀକ୍ଷା ଓ ତର୍ଜମା । ଏହି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ନିର୍ଦ୍ଦିଷ୍ଟ ସଂଗଠନମାନ ରହିଥାନ୍ତି । ଏହି ସଂଗଠନାତ୍ମକ-କାର୍ଯ୍ୟାତ୍ମକ ପଦ୍ଧତିରେ ରାଜନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ।

(୬) ପରିବର୍ତ୍ତନୀୟ ଢାଞ୍ଚା **(Change Model) :** ଲିଓନାର୍ଡ ବିଣ୍ଡର (Leonard Binder) ରାଜନୈତିକ ବିକାଶର ପରିବର୍ତ୍ତନୀୟ ଢାଞ୍ଚାର ପ୍ରବକ୍ତା ଅଟନ୍ତି । ତାଙ୍କ ମତରେ, ରାଜନୈତିକ ବିକାଶର ମୁଖ୍ୟ ଲକ୍ଷଣଗୁଡ଼ିକ ହେଲା – (କ) ପରିଚୟର ପରିବର୍ତ୍ତନ : ସଂକୀର୍ଣ୍ଣ ଚିନ୍ତାଧାରାରୁ ସାମାଜିକତା ଓ ଧର୍ମୀୟ ଚେତନାରୁ ଧର୍ମନିରପେକ୍ଷତାକୁ ପରିବର୍ତ୍ତନ ।

(ଖ) ବୈଧତାରେ ପରିବର୍ତ୍ତନ : କାଳ୍ପନିକତାରୁ ବାସ୍ତବତାକୁ ପରିବର୍ତ୍ତନ କରିବା ।

(ଗ) ରାଜନୀତିକ ଅଂଶଗ୍ରହଣରେ ପରିବର୍ତ୍ତନ : ସମ୍ଭ୍ରାନ୍ତ ଶ୍ରେଣୀରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଏବଂ ପରିବାରରୁ ଆରମ୍ଭ କରି ଗୋଷ୍ଠୀ ପର୍ଯ୍ୟନ୍ତ ରାଷ୍ଟ୍ର ପରିଚାଳନାରେ ଅଂଶଗ୍ରହଣ କରିବା ।

(ଘ) ପ୍ରଶାସନିକ ଓ ଆଇନ ବ୍ୟବସ୍ଥାର ପରିବର୍ତ୍ତନ : ଦେଶର ସମସ୍ତ ଅପହଞ୍ଚ ସ୍ଥାନରେ ଶାସନକୁ ପହଞ୍ଚାଇବା ।

## ୯.୫ ନିରନ୍ତର ଉନ୍ନୟନ (Sustainable Development)

ଐତିହାସିକ ଦୃଷ୍ଟିରୁ ବିବେଚନା କଲେ ଜଣାଯାଏ ଯେ ନିରନ୍ତର ବିକାଶ ପରି ଶବ୍ଦର ସାଧାରଣ ବ୍ୟବହାର ୧୯୯୨ ମସିହାର ଜାତିସଂଘ ଦ୍ୱାରା ଆୟୋଜିତ ପରିବେଶ ଓ ଉନ୍ନୟନ ସଂକ୍ରାନ୍ତୀୟ ସମ୍ମିଳନୀରେ ଆରମ୍ଭ ହୋଇଥିଲା । ଶିଳ୍ପ ବିକାଶ, ଜନସଂଖ୍ୟା ବୃଦ୍ଧି, ଦ୍ରୁତ ସହରୀକରଣ, ପୃଥିବୀର ଉଷ୍ଣତା ବୃଦ୍ଧି ଆଜି ନିରନ୍ତର ଉନ୍ନୟନ ପ୍ରକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି କରିଥା'ନ୍ତି । ଭୂ-ସମ୍ମିଳନୀ (Earth Summit)ରେ ପରିବେଶକୁ ପ୍ରଦୂଷଣମୁକ୍ତ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ନିରନ୍ତର ବିକାଶ ସାମଗ୍ରିକ ଉନ୍ନତି ଏବଂ ଉନ୍ନୟନ ଜନିତ କ୍ଷତିର ଭରଣା ଉପରେ ଗୁରୁତ୍ୱ ଦେଇଥାଏ । ଦରିଦ୍ର୍ୟତା, ନିରକ୍ଷରତା ଆଦିର ପ୍ରଭାବ ହ୍ରାସ କରି ବ୍ୟାପକ ଜନସଚେତନତା ଦ୍ୱାରା ନିରନ୍ତର ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ପାରିବ ।

## ୯.୬ ସାରାଂଶ :

ବିକାଶ ଏପରି ଏକ ପ୍ରକ୍ରିୟା ଯାହା ଏକ ଉନ୍ନତର ଜୀବନ ପାଇଁ ମାର୍ଗ ନିର୍ଦ୍ଦେଶ କରେ । ବିକାଶର ସଂକୀର୍ଣ୍ଣ ଅର୍ଥ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସହିତ ଜଡ଼ିତ ଥିବା ବେଳେ ବ୍ୟାପକ ଅର୍ଥରେ ଏହା ମନୁଷ୍ୟ ସମାଜର ସାମଗ୍ରିକ ଉନ୍ନତି ସହ ଜଡ଼ିତ । ରାଷ୍ଟ୍ର ବ୍ୟବସ୍ଥାର ବିକାଶକୁ ରାଜନୈତିକ ବିକାଶ କୁହାଯାଏ । ଆଲମଣ୍ଡ ସଂଗଠନାତ୍ମକ ଓ କାର୍ଯ୍ୟାତ୍ମକ ଢାଞ୍ଚା ମାଧ୍ୟମରେ ରାଜନୈତିକ ସାମାଜିକୀକରଣ ଉପରେ ଅଧିକ ପ୍ରାଧାନ୍ୟ ଦେଇ ବିକାଶର ଧାରାକୁ ତ୍ୱରାନ୍ୱିତ କରିଛନ୍ତି । ରିଗ୍ ବିକାଶ ସମ୍ବନ୍ଧୀୟ ପରିବେଶ ଢାଞ୍ଚା ଉପରେ ଗୁରୁତ୍ୱ ଦେଇଛନ୍ତି । ନିରବଚ୍ଛିନ୍ନ ଢାଞ୍ଚାରେ ବିକାଶକୁ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ବୋଲି ସୂଚୀତ କରାଯାଇଛି । ରାଜନୈତିକ ବିକାଶ ସ୍ୱୟଂସଂପୂର୍ଣ୍ଣ ଓ ସ୍ୱୟଂଶାସିତ ହେବା ଉଚିତ ।

## ୯.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ:

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

ପ୍ର.୧ ଉନ୍ନୟନର ଅର୍ଥ କ'ଣ ? ଆଧୁନିକ ଉଦାରବାଦୀ ଓ ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ ଆଲୋଚନା କର ।

ପ୍ର.୨ ଉନ୍ନୟନର ବିଭିନ୍ନ ଢାଞ୍ଚ ଆଲୋଚନା କର ।

ପ୍ର.୩ ନିରନ୍ତର ଉନ୍ନୟନ କହିଲେ କ'ଣ ବୁଝ ?

## ୯.୮ ପ୍ରଗତି ପରୀକ୍ଷା ଅନୁଶୀଳନୀର ଉତ୍ତର:

ପ୍ର.୧ ଉ : ଏହି ଅଧ୍ୟାୟର ଭାଗ ୯.୨ ଓ ୯.୩ ର ପାଠ ଦେଖ ।

ପ୍ର.୨ଉ : ଏହି ଅଧ୍ୟାୟର ଭାଗ ୯.୪ ର ପାଠ ଦେଖ ।

ପ୍ର.୩ ଉ : ଏହି ଅଧ୍ୟାୟର ଭାଗ ୯.୫ର ପାଠ ଦେଖ ।

❖❖❖

# ଦଶମ ଅଧ୍ୟାୟ

# ଭାରତ ସମ୍ବିଧାନର କାର୍ଯ୍ୟକାରୀତା

# ସମ୍ବିଧାନର ଦର୍ଶନ ତତ୍ତ୍ୱ

**ସଂରଚନା :**

| | |
|---|---|
| ୧୦. | ସଂଗଠନା |
| ୧୦.୧ | ଉଦ୍ଦେଶ୍ୟ |
| ୧୦.୨ | ସମ୍ବିଧାନ |
| ୧୦.୩ | ସମ୍ବିଧାନ ପ୍ରଣୟନ ସଭା |
| ୧୦.୪ | ପ୍ରସ୍ତାବନା |
| ୧୦.୫ | ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ |
| ୧୦.୬ | ସମ୍ବିଧାନ ସଂଶୋଧନ ପଦ୍ଧତି |
| ୧୦.୭ | ସାରାଂଶ |
| ୧୦.୮ | ନିଜ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୧୦.୯ | ନିଜ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |

❖ **୧୦.୧ ଉଦ୍ଦେଶ୍ୟ :**

ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ;

- ➢ ସମ୍ବିଧାନର ଅର୍ଥ ଓ ସଂଜ୍ଞା ବିଷୟରେ ଜାଣିପାରିବେ ।
- ➢ ସମ୍ବିଧାନର ପ୍ରସ୍ତୁତି ଓ ସମ୍ବିଧାନ ପ୍ରଣୟନ ସଭା ବିଷୟରେ ଜାଣିପାରିବେ ।
- ➢ ସମ୍ବିଧାନର ପ୍ରସ୍ତାବନା ସମ୍ବନ୍ଧରେ ଜାଣିପାରିବେ ।
- ➢ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ବିଷୟରେ ଜାଣିପାରିବେ ।
- ➢ ସମ୍ବିଧାନର ସଂଶୋଧନ ପଦ୍ଧତି ବିଷୟରେ ଜାଣିପାରିବେ ।

ପ୍ରତ୍ୟେକ ରାଷ୍ଟ୍ରର ମୌଳିକ ଆଇନ୍ ଗ୍ରନ୍ଥକୁ ସମ୍ବିଧାନ କୁହାଯାଏ । ସେଥିରେ ରାଷ୍ଟ୍ର ଶାସନ ଓ ସରକାର ପରିଚାଳନା ସମ୍ବନ୍ଧୀୟ ଆଇନ୍ କାନୁନ୍‌ଗୁଡ଼ିକ ସୁବ୍ୟବସ୍ଥିତ ଢଙ୍ଗରେ ଥାଏ । ସମ୍ବିଧାନ ଉଭୟ ଲିଖିତ ଓ ଅଲିଖିତ ଭାବରେ ଥାଏ । ଏହା ରାଷ୍ଟ୍ରର ଗଠନ ପଦ୍ଧତି, ସରକାରଙ୍କ କ୍ଷେତ୍ରାଧିକାର ଓ କ୍ଷମତା, ବ୍ୟବସ୍ଥାପିକା ସଭାଗୁଡ଼ିକର କ୍ଷେତ୍ରାଧିକାର ଓ କ୍ଷମତା, ନ୍ୟାୟପାଳିକାର କ୍ଷେତ୍ରାଧିକାର ଓ କ୍ଷମତା ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥାଏ ।

ଆମ ଦେଶ ଭାରତର ସମ୍ବିଧାନ ପୃଥିବୀର ସର୍ବ ବୃହତ୍ ଲିଖିତ ସମ୍ବିଧାନ ଅଟେ । ଦେଶର ସର୍ବୋଚ୍ଚ କ୍ଷମତା ଜନସାଧାରଣଙ୍କ ଠାରେ ନ୍ୟସ୍ତ ଥାଏ । ଜନସାଧାରଣ ଗଠିତ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ବିଧିବଦ୍ଧ ଭାବରେ ଆମ ସମ୍ବିଧାନ ରଚନା କରାଯାଇ ଗୃହୀତ ହୋଇଛି । ଏଥିରେ ବର୍ଣ୍ଣିତ ସମସ୍ତ ଆଇନ୍ କାନୁନ୍‌ଗୁଡ଼ିକ ଅଲଘନୀୟ । ଭାରତ ସମ୍ବିଧାନରେ ସମୁଦାୟ ୩୯୫ ଗୋଟି ଧାରା ୨୨ ଗୋଟି ଭାଗରେ ବିଭକ୍ତ ହୋଇ ଲିପିବଦ୍ଧ ହୋଇଛି । ପ୍ରତ୍ୟେକ ଭାଗରେ ସରକାରଙ୍କ ନିର୍ଦ୍ଦିଷ୍ଟ ଗୋଟିଏ କାର୍ଯ୍ୟ ଧାରା ବର୍ଣ୍ଣିତ ହୋଇଛି । ସମ୍ବିଧାନର ୧୨ ଗୋଟି ଅନୁଚ୍ଛେଦ ଅଛି । ସମୟ ସହିତ ତାଳ ଦେଇ ସମ୍ବିଧାନ ଗତି କରିବା ପାଇଁ ସଂଶୋଧନର ବ୍ୟବସ୍ଥା ରହିଛି । ଏଯାବତ୍ ଆମ ସମ୍ବିଧାନରେ ୧୨୨ ଗୋଟି ସଂଶୋଧନ ହୋଇ ସାରିଲାଣି ।

୨୬ ଜାନୁଆରୀ ୧୯୫୦ ଠାରୁ ଆମ ସମ୍ବିଧାନ ସଂକ୍ରତାର ସହିତ କାର୍ଯ୍ୟକାରୀ ହୋଇ ଆସୁଅଛି । ଏହା ଭାରତର ପ୍ରଗତି, ସ୍ଥିରତା ଓ ଶକ୍ତି ବୃଦ୍ଧିର ପ୍ରମୁଖ ଉତ୍ସ ଭାବରେ ବିବେଚିତ ହୋଇ ଆସୁଅଛି ।

### ❖ ୧୦.୨ ସମ୍ବିଧାନର ପ୍ରସ୍ତୁତି :

ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଭାରତର ସମ୍ବିଧାନ ପ୍ରସ୍ତୁତ ହୋଇଛି । ଭାରତୀୟ ପ୍ରତିନିଧିମାନଙ୍କ ଦ୍ୱାରା ସମ୍ବିଧାନ ପ୍ରଣୟନ ସଭା ଗଠିତ ହୋଇଥିଲା, ଯାହା ୧୯୪୬ ମସିହା ଠାରୁ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ତାହାର ପ୍ରଥମ ଅଧିବେଶନ ୯ ଡିସେମ୍ବର ୧୯୪୬ ଦିନ ଆହୁତ ହୋଇଥିଲା, ଦୀର୍ଘ ୨ ବର୍ଷ ୧୧ ମାସ ଏବଂ ୧୮ ଦିନର ପ୍ରଚେଷ୍ଟା 'ଳରେ ସମ୍ବିଧାନ ପ୍ରଣୟନ ସଭା ୨୬ ନଭେମ୍ବର ୧୯୪୯ ଦିନ ଭାରତ ସମ୍ବିଧାନର ରୂପରେଖ ପ୍ରସ୍ତୁତ କରିଥିଲା । ପରିଣାମ ସ୍ୱରୂପ ପ୍ରଥମ ସାଧାରଣତନ୍ତ୍ର ଦିବସ ଅର୍ଥାତ୍ ୨୬ ଜାନୁଆରୀ ୧୯୫୦ ଦିନ ଆମ ସମ୍ବିଧାନ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଥିଲା ।

୧୯୪୫ ମସିହାରେ ଭାରତୀୟମାନଙ୍କ ଦାବୀକୁ ବିଲାତ ସରକାର ଗ୍ରହଣ କରି ନେଇଥିଲେ ପରିଣାମ ସ୍ୱରୂପ କ୍ୟାବିନେଟ୍ ମିଶନ୍ ଯୋଜନା ୧୯୪୫ ଆଧାରରେ ଭାରତ ସମ୍ବିଧାନକୁ ପ୍ରସ୍ତୁତ କରିବା ପାଇଁ ଉପର ବର୍ଣ୍ଣିତ ସମ୍ବିଧାନ ପ୍ରଣୟନ ସଭା ଗଠିତ ହୋଇଥିଲା ।

### ❖ ୧୦.୩ ସମ୍ବିଧାନ ପ୍ରଣୟନ ସଭା :

ସମ୍ବିଧାନ ପ୍ରଣୟନ ସଭାର ମୋଟ୍ ସଭ୍ୟମାନଙ୍କ ସଂଖ୍ୟା ୩୮୯ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା । ସେଥିରୁ ୨୯୨ ଜଣ ସଭ୍ୟ ଇଂରେଜ ଶାସିତ ରାଜ୍ୟଗୁଡ଼ିକରୁ, ୪ ଜଣ ମୁଖ୍ୟ କମିଶନର ପ୍ରଦେଶରୁ ଏବଂ ୯୩ ଜଣ ଭାରତୀୟ ରାଜକୀୟ ପ୍ରଦେଶଗୁଡ଼ିକରୁ ନିର୍ବାଚିତ ହେବାକୁ ଧାର୍ଯ୍ୟ ହୋଇଥିଲା । ଇଂରେଜ ଶାସିତ ରାଜ୍ୟଗୁଡ଼ିକୁ ପ୍ରଦତ୍ତ ୨୯୨ ଆସନ ମଧ୍ୟରୁ ୨୧୦ଗୋଟି ସାଧାରଣ, ୭୮ ଜଣ ମୁସଲମାନ୍ ଓ ୪ ଜଣ ଶିଖ୍ ବର୍ଗଙ୍କୁ ପ୍ରଦାନ କରାଯାଇଥିଲା । ସମସ୍ତ ଭାରତୀୟ ରାଜନୈତିକ ଦଳଗୁଡ଼ିକ କ୍ୟାବିନେଟ୍ ମିଶନ ଯୋଜନାକୁ ଗ୍ରହଣ କରିନେବାରୁ ଭାରତ ସମ୍ବିଧାନ ପ୍ରସ୍ତୁତ ହେବାର ପଥ ପରିଷ୍କାର ହୋଇଗଲା । ସମ୍ବିଧାନ ପ୍ରଣୟନ ସଭାର ନିର୍ବାଚନ ଜୁଲାଇ ୧୯୪୬ ରେ ଅନୁଷ୍ଠିତ ହେଲା । ସଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ୨୧୦ ଆସନ ମଧ୍ୟରୁ କଂଗ୍ରେସ୍ – ୧୯୯, ୭୮ ଗୋଟି ମୁସଲମାନ ଆସନ ମଧ୍ୟରୁ ମୁସଲମାନ ଲିଗ୍ ୭୩ ଗୋଟି ଆସନ ଲାଭ କଲେ । ସର୍ବୋପରି ସମ୍ବିଧାନ ପ୍ରଣୟନ ସଭାରେ କଂଗ୍ରେସ୍ ୨୧୧ ସଭ୍ୟଙ୍କ ସମର୍ଥନ ପାଇ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ।

କଂଗ୍ରେସ୍‌ର ବିପୁଳ ବିଜୟ ଯୋଗୁଁ ମୁସଲମାନ୍ ଲିଗ୍ ହତୋତ୍ସାହିତ ହୋଇ ପଡିଥିଲା । ମୁସଲମାନ ମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ପାକିସ୍ତାନ ଗଠନ କରିବାକୁ ସେମାନେ ଏକ ସଂକଳ୍ପ ନେଲେ । କ୍ୟାବିନେଟ୍ ମିଶନ୍ ଯୋଜନାରୁ ସେମାନେ ଓହରି ଗଲେ ।

ସମ୍ବିଧାନ ପ୍ରଣୟନ ସଭା ଏକ ସାର୍ବଭୌମ ସଭା ନଥିଲା । କାରଣ ତାହା କ୍ୟାବିନେଟ୍ ମିଶନ୍ ଅଧୀନରେ ପ୍ରତିଷ୍ଠା ହୋଇଥିଲା, ଯାହାକୁ ବିଲାତ ସଂସଦ କ୍ଷମତା ପ୍ରଦାନ କରିଥିଲା । ସମ୍ବିଧାନ ପ୍ରଣୟନ ସଭାକୁ ଇଂରେଜ ସରକାର ଭାଙ୍ଗି ପାରିବେ ନାହିଁ ବୋଲି ବଲ୍ଲଭ ଭାଇ ପଟେଲ୍ ଓ ଜବାହାର ଲାଲ୍ ନେହେରୁଙ୍କ ପ୍ରଚେଷ୍ଟାରେ ଏକ ସଂକଳ୍ପ ଗୃହୀତ ହେବାରୁ ତାହା ଏକ ସାର୍ବଭୌମ ସଭାର ମାନ୍ୟତା ହାସଲ କଲା । ସଭାର ପ୍ରଥମ ବୈଠକ ୯ ଡିସେମ୍ବର ୧୯୪୬ ଦିନ ଅସ୍ଥାୟୀ ସଭାପତି ଡଃ ସଚ୍ଚିଦାନନ୍ଦ ସିହ୍ନାଙ୍କ ଅଧ୍ୟକ୍ଷତାରେ ବସିଥିଲା । ମୁସଲମାନ୍ ଲିଗ୍ ବୈଠକକୁ ବର୍ଜନ କରିଥିଲେ । ୧୩ ଡିସେମ୍ବର ୧୯୪୬ ଦିନ ଜବାହାରଲାଲ୍ ନେହେରୁ "ଆଭିମୁଖ୍ୟ ପ୍ରସ୍ତାବ" ଆଗତ କରିଥିଲେ, ଯାହାକୁ ସମ୍ବିଧାନ ପ୍ରଣୟନ ସଭା ସର୍ବସମ୍ମତି କ୍ରମେ ୨୨ ଜାନୁଆରୀ ୧୯୪୭ ରେ ଅନୁମୋଦନ କରିଥିଲା । ସେହି ସଂକଳ୍ପ ଭାରତକୁ ଏକ ସାର୍ବଭୌମ, ସ୍ୱାଧୀନ, ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଗଢି ତୋଳିବା ସହିତ ସମସ୍ତ ନାଗରିକମାନଙ୍କୁ ମୌଳିକ ଅଧିକାର, ନ୍ୟାୟ ପ୍ରଦାନ କରିବା ସହ ଦେଶକୁ ଏକ ଜନ ମଙ୍ଗଳ ରାଷ୍ଟ୍ରରେ ପରିଣତ କରିବାର ବ୍ୟବସ୍ଥା ହୋଇଥିଲା ।

ଚିଠା କମିଟି ୨୧ ଫେବୃୟାରୀ ୧୯୪୮ ଦିନ ସମ୍ବିଧାନ ପ୍ରଣୟନ ସଭାରେ ଏକ ଚିଠା ସମ୍ବିଧାନ ଉପସ୍ଥାପିତ କଲା । ବିଧିବଦ୍ଧ ଆଲୋଚନା ପରେ ଏକ ନୂତନ ଚିଠା ସମ୍ବିଧାନ ୪ ନଭେମ୍ବର ୧୯୪୮ ରେ ଉପସ୍ଥାପିତ ହେଲା । ସମୁଦାୟ ୭୬୩୫ଗୋଟି ସଂଶୋଧନ ପ୍ରସ୍ତାବ ମଧ୍ୟରୁ ୨୪୭୩ ସଂଶୋଧନକୁ ଅନୁମୋଦନ କରାଗଲା । ୨୬ ନଭେମ୍ବର ୧୯୪୯ ଦିନ ସମ୍ବିଧାନକୁ ଅନୁମୋଦନ କରାଗଲା । ସମ୍ବିଧାନ ପ୍ରଣୟନ ସଭାର ସର୍ବଶେଷ ଅଧିବେଶନ ୨୪ ଜାନୁୟାରୀ ୧୯୫୦ ଦିନ ଆହୂତ ହେଲା ଏବଂ ଡଃ ରାଜେନ୍ଦ୍ର ପ୍ରସାଦଙ୍କୁ ସର୍ବସମ୍ମତି କ୍ରମେ ଭାରତ ସାଧାରଣତନ୍ତ୍ରର ରାଷ୍ଟ୍ରପତି ଭାବରେ ନିର୍ବାଚିତ କରାଗଲା ଓ ଆମ ସମ୍ବିଧାନ ୨୬ ଜାନୁୟାରୀ ୧୯୫୦ ରେ କାର୍ଯ୍ୟକାରୀ ହେଲା ।

### ❖ ୧୦.୪ ପ୍ରସ୍ତାବନା :

ଭାରତ ସମ୍ବିଧାନର ମୁଖବନ୍ଧକୁ ପ୍ରସ୍ତାବନା କୁହାଯାଏ । ଏହାକୁ ସମ୍ବିଧାନର ଦର୍ପଣ ବୋଲି ବିବେଚନା କରାଯାଏ । କେହି କେହି ଏହାକୁ ସମ୍ବିଧାନର ଚାବି କାଠି, ଜାତକ ଓ ଆତ୍ମା ବୋଲି କହିଥା'ନ୍ତି । ୮୫ ଶବ୍ଦ ସଂଯୋଜିତ ଏହି ପ୍ରସ୍ତାବନା କୁ ଗୋଟିଏ ବାକ୍ୟରେ ବର୍ଣ୍ଣନା କରାଯାଇଅଛି । ସମ୍ବିଧାନ ପ୍ରଣୟନ ସଭାରେ ଜବାହାର ଲାଲ୍ ନେହେରୁଙ୍କ ଦ୍ୱାରା ଆଗତ "ଆଭିମୁଖ୍ୟ ପ୍ରସ୍ତାବ" ଆଧାରରେ ଏହି ପ୍ରସ୍ତାବନା ପ୍ରସ୍ତୁତ କରାଯାଇଛି ।

ଭାରତ ସମ୍ବିଧାନର ପ୍ରସ୍ତାବନା ଘୋଷଣା କରେ ଯେ, **"ଆମେ ଭାରତବାସୀ, ଭାରତକୁ ଏକ ସାର୍ବଭୌମ ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ର ରୂପରେ ଗଢି ତୋଳିବା ପାଇଁ ଏବଂ ଏହାର ସମସ୍ତ ନାଗରିକଙ୍କୁ :**

**ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;**

**ଚିନ୍ତା, ମତ ପ୍ରକାଶ, ଧାରଣା, ଧର୍ମ ବିଶ୍ୱାସ ଓ ଉପାସନାର ସ୍ୱାଧୀନତା;**

**ମର୍ଯ୍ୟାଦା ଓ ସୁଯୋଗର ସମାନତା ପ୍ରଦାନ କରିବା;**

ଏବଂ ବ୍ୟକ୍ତିର ମର୍ଯ୍ୟାଦା ଓ ଜାତିର ଏକତା ଓ ଅଖଣ୍ଡତା ସୁନିଶ୍ଚିତ କରିବା ପୂର୍ବକ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରିବା ନିମନ୍ତେ ସତ୍ୟନିଷ୍ଠ ଭାବରେ ସଂକଳ୍ପ କରି ଆମ୍ଭମାନଙ୍କ ସମ୍ବିଧାନ ପ୍ରଣୟନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଏତଦ୍ଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକାର, ପ୍ରଣୟନ ଓ ସମର୍ପଣ କଲୁ ।"

୧୯୭୬ ମସିହାରେ ସମ୍ବିଧାନର ୪୨ ତମ ସଂଶୋଧନ ମାଧ୍ୟମରେ ପ୍ରସ୍ତାବନାକୁ ସଂଶୋଧିତ କରାଯାଇ ତହିଁରେ ସମାଜବାଦୀ, **ଧର୍ମ ନିରପେକ୍ଷ ଏବଂ ଅଖଣ୍ଡତା ଶବ୍ଦ ଯୋଗ କରାଯାଇଛି ।**

ଭାରତର ଜନ ସାଧାରଣ ପ୍ରକୃତରେ ସମ୍ବିଧାନର ଉତ୍ସ ଅଟନ୍ତି । 'ଆମେ ଭାରତବାସୀ' ଅର୍ଥାତ୍ ସମଗ୍ର ଭାରତବାସୀଙ୍କ ଦ୍ୱାରା ସମ୍ବିଧାନ ସୃଷ୍ଟି କରାଯାଇଛି । ସମ୍ବିଧାନ ପ୍ରଣୟନ ସଭା ଭାରତୀୟମାନଙ୍କ ପ୍ରକୃତ ପ୍ରତିନିଧି ଭାବରେ ସମ୍ବିଧାନକୁ ଜନ୍ମ ଦେଇଛନ୍ତି ।

ସମ୍ବିଧାନର ପ୍ରସ୍ତାବନା ଭାରତକୁ ଏକ ସାର୍ବଭୌମ ରାଷ୍ଟ୍ର ବୋଲି ଘୋଷଣା କରିଛି । ପ୍ରସ୍ତାବନାର ପ୍ରଥମ ଦୁଇ ଶବ୍ଦ 'ଆମେ ଭାରତବାସୀ' ସାର୍ବଭୌମ ବା ସର୍ବୋଚ୍ଚ କ୍ଷମତାର ଅଧିକାରୀ ଅଟନ୍ତି । ସ୍ୱାଧୀନ ଭାରତ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ବ୍ୟାପାରରେ ସର୍ବୋଚ୍ଚ କ୍ଷମତାର ଅଧିକାରୀ ଆଭ୍ୟନ୍ତରୀଣ ବ୍ୟାପାରରେ ଯେକୌଣସି ନିଷ୍ପତ୍ତି ଗ୍ରହଣ କରିବାକୁ ଆମ ଦେଶ ହକ୍‌ଦାର । ସେହିଭଳି ଅନ୍ୟ କୌଣସି ଦେଶ ବା ବହିଃ ଶକ୍ତି ଦ୍ୱାରା ଭାରତ ନିୟନ୍ତ୍ରିତ ନୁହେଁ । ଆନ୍ତର୍ଜାତୀୟ ସଂଗଠନ ଗୁଡ଼ିକରେ ଆମ ଦେଶର ଯୋଗଦାନ ସମ୍ପୂର୍ଣ୍ଣ ଭାବରେ ସ୍ୱେଚ୍ଛାକୃତ ଯଦ୍ୱାରା ଆମ ସାର୍ବଭୌମ କ୍ଷତିଗ୍ରସ୍ତ ହୁଏ ନାହିଁ ।

ଭାରତ ଏକ 'ସମାଜବାଦୀ' ରାଷ୍ଟ୍ରର ମାନ୍ୟତା ହାସଲ କରିଛି । ୪୨ ତମ ସମ୍ବିଧାନ ସଂଶୋଧନ ବଳରେ ଏହି ଶବ୍ଦଟି ପ୍ରସ୍ତାବନାରେ ଯୋଗ କରାଯାଇଛି । ସମ୍ବିଧାନର ଚତୁର୍ଥ ଭାଗ ଅର୍ଥାତ୍ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକରେ ଆମେ ଅନେକ ସମାଜବାଦୀ ଚିନ୍ତାଧାରାର ପ୍ରତିଫଳନ ଦେଖିବାକୁ ପାଉ । ଆମ ଦେଶ ଉଭୟ ସରକାରୀ ଓ ବେସରକାରୀ ଉଦ୍ୟୋଗର ଗୁରୁତ୍ୱ ବହନ କରୁଥିବା ମିଶ୍ର ଅର୍ଥନୀତି ଦ୍ୱାରା ପରିଚାଳିତ । ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ପ୍ରଭେଦକୁ ସଙ୍କୁଚିତ କରି ଏକ ଶୋଷଣମୁକ୍ତ ସମାଜ ଗଠନ କରିବା ସମାଜବାଦର ଲକ୍ଷ୍ୟ ।

ସମାଜବାଦୀ ଶବ୍ଦ ଭଳି 'ଧର୍ମ ନିରପେକ୍ଷ' ଶବ୍ଦଟି ୧୯୭୬ ମସିହାରେ ପ୍ରାସ୍ତାବନାରେ ସ୍ଥାନ ପାଇଥିଲା । ଯେଉଁ ରାଷ୍ଟ୍ରରେ ସରକାରୀ ଧର୍ମ ନ ଥାଏ, ନାଗରିକମାନେ ସ୍ୱଇଚ୍ଛାରେ ଯେକୌଣସି ଧର୍ମ ଉପରେ ବିଶ୍ୱାସ କରିବାର ଅଧିକାର ପ୍ରାପ୍ତ ହୋଇଥାଆନ୍ତି, ସରକାର କୌଣସି ଧର୍ମକୁ ପ୍ରୋତ୍ସାହିତ କିମ୍ବା ନିରୁତ୍ସାହିତ କରି ନ ଥା'ନ୍ତି, ସେ ଦେଶକୁ ଧର୍ମ ନିରପେକ୍ଷ କୁହାଯାଏ । ଏଠାରେ ଧର୍ମ ନିରପେକ୍ଷର ଅର୍ଥ ସର୍ବ ଧର୍ମ ସମନ୍ୱୟ ଅଟେ ।

ଆମ ଦେଶ କେବଳ ଏକ 'ଗଣତାନ୍ତ୍ରିକ' ରାଷ୍ଟ୍ର ନୁହେଁ ବରଂ ପୃଥିବୀର ସର୍ବ ବୃହତ୍ ଗଣତନ୍ତ୍ରର ମାନ୍ୟତା ହାସଲ କରିଅଛି । ଏଠାରେ ଆଇନର ଶାସନ ଚାଲେ ଏବଂ ସମୟଭିତ୍ତିକ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ହୋଇଥାଏ । ନାଗରିକମାନଙ୍କ ଇଚ୍ଛାନୁଯାୟୀ ସରକାର ପ୍ରତିଷ୍ଠା ଓ ଅପସାରିତ ହୁଏ । ବ୍ୟକ୍ତିର ଅଧିକାର ଓ ସ୍ୱାଧୀନତାକୁ ରାଷ୍ଟ୍ର ଅଗ୍ରାଧିକାର ଦେଇ ସୁରକ୍ଷିତ ରଖେ । ରାଷ୍ଟ୍ରମୁଖ୍ୟ – ରାଷ୍ଟ୍ରପତି ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ତେଣୁ ଭାରତକୁ ଏକ ସାଧାରଣତନ୍ତ୍ର ରାଷ୍ଟ୍ର କୁହାଯାଏ ।

ଭାରତର ସମସ୍ତ ନାଗରିକମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ସୁନିଶ୍ଚିତ କରିବା ନିମନ୍ତେ ପ୍ରସ୍ତାବନା ଘୋଷଣା କରେ । ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ବିକାଶ ପାଇଁ ପ୍ରତ୍ୟେକ ନାଗରିକକୁ ସୁଯୋଗ ପ୍ରଦାନ କରାଯାଇଛି । ସମାଜର ପ୍ରତ୍ୟେକ ବ୍ୟକ୍ତି ଯଥାଯଥ ଭାବରେ ସମ୍ମାନିତ ହେବେ ଏବଂ ସେମାନଙ୍କ ମଧ୍ୟରେ କୌଣସି ତାରତମ୍ୟ ରହିବ ନାହିଁ । ପ୍ରତ୍ୟେକ ନାଗରିକକୁ ସମ୍ମାନଜନକ ଜୀବନଯାପନ କରିବା ପାଇଁ ଅର୍ଥନୈତିକ ସୁଯୋଗ ମିଳିବ । ପ୍ରତ୍ୟେକଙ୍କ ଅର୍ଥନୈତିକ ଆବଶ୍ୟକତା ପୂରଣ ଦିଗରେ ରାଷ୍ଟ୍ର ବ୍ୟବସ୍ଥା କରିବ । ସେହିଭଳି ରାଜନୈତିକ କ୍ଷେତ୍ରରେ ସମସ୍ତ ନାଗରିକଙ୍କୁ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ମିଳିବ ।

ବ୍ୟକ୍ତିତ୍ୱର ବିକାଶ ଗଣତନ୍ତ୍ରର ପରମ ଲକ୍ଷ୍ୟ । ସେଥିପାଇଁ କେତେକ ଅନୁକୂଳ ଅବସ୍ଥା ନିହାତି ଆବଶ୍ୟକ । ଏହା ବ୍ୟକ୍ତିର ଅଧିକାର ଅଟେ । କେତେକ ସର୍ବନିମ୍ନ ଅଧିକାର ବିନା ବ୍ୟକ୍ତିତ୍ୱର ବିକାଶ ଅସମ୍ଭବ । ସୁତରାଂ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିକୁ ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା ପ୍ରଦାନ କରିଛି । ସେହିଭଳି ଅସମାନତା ଦୂର କରି ପ୍ରତ୍ୟେକଙ୍କୁ ସମାନ ମର୍ଯ୍ୟାଦା ଓ ସୁଯୋଗର ପ୍ରତିଶ୍ରୁତି ସମ୍ବିଧାନ ମାଧ୍ୟମରେ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଭାରତୀୟ ନିଜକୁ ଗୋଟିଏ ମା'ର ସନ୍ତାନ

ବୋଲି ବିଚାର ନ କଲେ ଦେଶ ପ୍ରେମ ଉଦ୍ରେକ ହେବ ନାହିଁ । ଆମ ଦେଶରେ ଅନେକ ଜାତି, ଧର୍ମ, ସଂସ୍କୃତି, ଭାଷାଭାଷୀମାନେ ଏକତ୍ର ବାସ କରୁଛନ୍ତି । ଅତଏବ, ମୈତ୍ରୀଭାବର ଗୁରୁତ୍ୱ ଅନୁଭବ ହୋଇଥାଏ । ଜନସାଧାରଣଙ୍କ ମନରେ ପରସ୍ପର ପ୍ରତି ସମ୍ମାନ ଓ ସହାନୁଭୂତି ଏହି ମୈତ୍ରୀ ଭାବନାକୁ ଶ୍ରେଷ୍ଠ କରିଥାଏ ।

ଭାରତ ଏକ ବିଶାଳ ଦେଶ । ବିଭିନ୍ନ ଜାତି, ଧର୍ମ, ଭାଷା, ସଂସ୍କୃତିକୁ ନେଇ ଆମ ଦେଶ ଗଠିତ । ସମ୍ବିଧାନ ପ୍ରଣେତାମାନେ ଏ ବିଷୟରେ ସଚେତନ ଥିଲେ । ଦେଶରେ ଏକତା ବଜାୟ ନ ରହିଲେ ସମ୍ବିଧାନ କଳ୍ପିତ ରାଷ୍ଟ୍ର ମୂଲ୍ୟହୀନ ହୋଇପଡ଼ିବ । ତେଣୁ ଦେଶର ଏକତାକୁ ସେମାନେ ସମ୍ବିଧାନରେ ପ୍ରାଧାନ୍ୟ ଦେଇଛନ୍ତି । ପରବର୍ତ୍ତୀ ଅବସ୍ଥାରେ ୪୨ ତମ ସଂଶୋଧନ ଜରିଆରେ ସମ୍ବିଧାନ ପ୍ରସ୍ତାବନାରେ "ଅଖଣ୍ଡତା" ଶବ୍ଦ ସନ୍ନିବେଶ କରାଯାଇଛି ।

### ❖ ୧୦.୫ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ :

ଆମ ଦେଶର ସମ୍ବିଧାନ ଅଦ୍ୱିତୀୟ । ପୃଥିବୀର ସର୍ବ ବୃହତ୍ ଲିଖିତ ଉଦାରବାଦୀ ଗଣତାନ୍ତ୍ରିକ ସମ୍ବିଧାନ ଭାବରେ ବିଶ୍ୱ ବିଦିତ । ସମ୍ବିଧାନରେ ଆମେ ଉଭୟ ସଂଘୀୟ ଓ ଏକିକ, ନମନୀୟତା ଓ ଅନମନୀୟତା ଦେଖିବାକୁ ପାଉ । ଭାରତ ବିକାଶରେ ଏହା ୧୯୫୦ ଠାରୁ ସହାୟତା କରିଆସୁଛି । ସମ୍ବିଧାନ ଯୋଗୁଁ ଭାରତ ସମଗ୍ର ପୃଥିବୀରେ ଉଦାରବାଦୀ ଗଣତନ୍ତ୍ରର ସର୍ବ ବଡ଼ ଦେଶ ଭାବରେ ଉଭା ହୋଇଛି ।

### ❖ ୧୦.୫.୧ ବୃହତ୍ତମ ଲିଖିତ ସମ୍ବିଧାନ :

ଭାରତ ସମ୍ବିଧାନ ପୃଥିବୀର ବୃହତ୍ତମ ଲିଖିତ ସମ୍ବିଧାନର ମାନ୍ୟତା ଲାଭ କରିଛି । ସମ୍ବିଧାନ ପ୍ରଣୟନ ସଭାରେ ପ୍ରଣେତାମାନେ ସମ୍ବିଧାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏହାକୁ ପ୍ରସ୍ତୁତ କରିଛନ୍ତି । ସେଥିପାଇଁ ସମ୍ବିଧାନ ପ୍ରଣୟନ ସଭା ୨ ବର୍ଷ ୧୧ ମାସ ଓ ୧୮ ଦିନର ସମୟ ନେଇଥିଲା । ଆମ ସମ୍ବିଧାନ ବିସ୍ତୃତ ଅଟେ । ଏହାର ୩୯୫ ଗୋଟି ଧାରା ୨୨ ଗୋଟି ଭାଗରେ ଏବଂ ୧୨ ଗୋଟି ଅନୁଚ୍ଛେଦରେ ବର୍ଣ୍ଣିତ ହୋଇଛି । ଏଯାବତ୍ ଆମ ସମ୍ବିଧାନରେ ୧୨୨ ଗୋଟି ସଂଶୋଧନ ହୋଇ ସାରିଲାଣି । ଆମ ସମ୍ବିଧାନ ଉଭୟ କେନ୍ଦ୍ର ଓ ସମସ୍ତ ରାଜ୍ୟଗୁଡ଼ିକ ପାଇଁ ପ୍ରଯୁଜ୍ୟ । ୭ ଗୋଟି ଧାରା ସନ୍ନିବେଶିତ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ୮୯ ଗୋଟି ଧାରା ସନ୍ନିବେସିତ ଫ୍ରାନ୍ସ ସମ୍ବିଧାନ ଠାରୁ ଆମ ସମ୍ବିଧାନ ବୃହତ୍ ଅଟେ ।

### ❖ ୧୦.୫.୨ ନାଗରିକ ପ୍ରସ୍ତୁତ ସମ୍ବିଧାନ :

ଭାରତ ସମ୍ବିଧାନକୁ ନାଗରିକମାନେ ପ୍ରସ୍ତୁତ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତର ଜନ ସାଧାରଣଙ୍କ ଦ୍ୱାରା ବିଧିବଦ୍ଧ ଭାବରେ ନିର୍ବାଚିତ ପ୍ରତିନିଧିମାନେ ସମ୍ବିଧାନ ପ୍ରଣୟନ ସଭା ଗଠନ କରିଥିଲେ । ଏହାର ପ୍ରଥମ ଅଧିବେଶନ ୯ ଡିସେମ୍ବର ୧୯୪୬ ଦିନ ଆହୁତ ହୋଇଥିଲା । ୨୨ ଜାନୁଆରୀ ୧୯୪୭ ଦିନ ଜବାହାରଲାଲ୍ ନେହେରୁଙ୍କ ପ୍ରସ୍ତାବିତ "ଆଭିମୁଖ୍ୟ ପ୍ରସ୍ତାବ" କୁ ଅନୁମୋଦନ କରାଯାଇଥିଲା । ସେହିଦିନ ଠାରୁ ସମ୍ବିଧାନ ପ୍ରଣୟନ ସୁଗମ ହେଲା । ୨୬ ନଭେମ୍ବର ୧୯୪୯ ଦିନ ସମ୍ବିଧାନ ପ୍ରଣୟନ ସଭା ଆମ ସମ୍ବିଧାନକୁ ଅନୁମୋଦନ କଲା । ଦେଶର ନୂତନ ସମ୍ବିଧାନ ୨୬ ଜାନୁଆରୀ ୧୯୫୦ ଦିନ ଠାରୁ କାର୍ଯ୍ୟକାରୀ ହେଲା । ସେହି ଦିବସକୁ ଆମେ "ସାଧାରଣତନ୍ତ୍ର ଦିବସ" ଭାବରେ ପାଳନ କରିଆସୁଛୁ । ଭାରତ ସମ୍ବିଧାନକୁ ନାଗରିକମାନେ ପ୍ରସ୍ତୁତ କରିଛନ୍ତି ବୋଲି ପ୍ରସ୍ତାବନା ପ୍ରକାଶ କରେ ।

### ❖ ୧୦.୫.୩ ପ୍ରସ୍ତାବନା :

ପ୍ରସ୍ତାବନାରୁ ଆମେ ସମ୍ବିଧାନର ମୌଳିକ ଲକ୍ଷ୍ୟ ସମ୍ପର୍କରେ ସୂଚନା ପାଇଥାଉ । ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ର ଭାବରେ ଗଢ଼ି ତୋଳିବାକୁ ସମ୍ବିଧାନ ପ୍ରଣୟନ ସଭା ସଂକଳ୍ପ ନେଇଛି । ସାଧାରଣ

ଜନତାଙ୍କୁ ଜନମଙ୍ଗଳ ରାଷ୍ଟ୍ରର ଆବଶ୍ୟକତା ଯଥା ସମସ୍ତଙ୍କୁ ନ୍ୟାୟ, ସ୍ୱାଧୀନତା, ସମାନତା ପ୍ରଦାନ କରି ଭ୍ରାତୃତ୍ୱ ବୃଦ୍ଧି କରିବା, ବ୍ୟକ୍ତିର ମର୍ଯ୍ୟାଦା ଓ ଦେଶର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ପ୍ରସ୍ତାବନା ସଙ୍କଳ୍ପବଦ୍ଧ । ଏହା ସମ୍ବିଧାନର ଛବି କାଠି । ଅତ୍ୟନ୍ତ ସଂକ୍ଷିପ୍ତ ଭାବରେ ସମ୍ବିଧାନର ପ୍ରକୃତି ସମ୍ପର୍କରେ ପ୍ରସ୍ତାବନା ବର୍ଣ୍ଣନା କରେ ।

### ❖ ୧୦.୫.୪ ଭାରତ ଏକ ଗଣତାନ୍ତ୍ରିକ ସମାଜବାଦୀ ରାଷ୍ଟ୍ର :

ଭାରତ ସମ୍ବିଧାନରୁ ଗଣତାନ୍ତ୍ରିକ ସମାଜବାଦୀ ଚିନ୍ତାଧାରାର ପ୍ରତିଫଳନ ଦେଖିବାକୁ ମିଳେ । ଏଯାବତ୍ ପ୍ରସ୍ତାବନାରେ ଏକ ମାତ୍ର ସଂଶୋଧନ ହୋଇଛି । ୧୯୭୬ ମସିହାରେ ୪୨ ତମ ସଂଶୋଧନ ମାଧ୍ୟମରେ 'ସମାଜବାଦୀ' ଶବ୍ଦ ଅନ୍ତର୍ଭୁକ୍ତ କରାଯାଇଛି । ସମସ୍ତ ପ୍ରକାର ଶୋଷଣରୁ ନାଗରିକମାନଙ୍କୁ ମୁକ୍ତ କରି ସମସ୍ତ ପ୍ରକାର ସମ୍ପଦର ସମବଣ୍ଟନ କରିବା ସହ ନାଗରିକମାନଙ୍କୁ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟ ପ୍ରଦାନ କରିବାକୁ ସାମ୍ବିଧାନିକ ବ୍ୟବସ୍ଥା କରାଯାଇଛି । ଏ ସମସ୍ତ କାର୍ଯ୍ୟକୁ ଶାନ୍ତିପୂର୍ଣ୍ଣ, ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଉପାୟରେ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା ହୋଇଛି ।

### ❖ ୧୦.୫.୫ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର :

ଭାରତରେ କୌଣସି ଧର୍ମକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ମିଳେ ନାହିଁ । ରାଷ୍ଟ୍ରୀୟ ଧର୍ମ ଭାବରେ କୌଣସି ସରକାରୀ ଧର୍ମ ନାହିଁ । ଇସଲାମୀୟ ରାଷ୍ଟ୍ରଗୁଡ଼ିକ ଭଳି ଭାରତ ଏକ ଧର୍ମ ସପକ୍ଷ ଦେଶ ନୁହେଁ । ଆମ ଦେଶରେ ସମସ୍ତ ଧର୍ମଗୁଡ଼ିକୁ ଧର୍ମୀୟ ସ୍ୱାଧିନତା ପ୍ରଦାନ କରାଯାଇଛି । ଭାରତୀୟ ନାଗରିକମାନଙ୍କୁ ଧର୍ମୀୟ ସ୍ୱାଧୀନତାର ଅଧିକାର ପ୍ରଦାନ କରାଯାଇଛି ।

### ❖ ୧୦.୫.୬ ଭାରତ ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର :

ଭାରତ ସମ୍ବିଧାନ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସରଣ କରେ । ସରକାର ଜନସାଧାରଣଙ୍କ ଠାରୁ ସାର୍ବଭୌମ କ୍ଷମତା ଆହରଣ କରିଥାଏ । ସମସ୍ତ ନାଗରିକ ସମାନ ରାଜନୈତିକ ଅଧିକାର ଉପଭୋଗ କରନ୍ତି । ଏହି ଅଧିକାର ଯୋଗୁଁ ସମସ୍ତ ନାଗରିକମାନେ ରାଜନୈତିକ କାର୍ଯ୍ୟରେ ମୁକ୍ତ ଭାବରେ ଅଂଶଗ୍ରହଣ କରିଥାଆନ୍ତି । ସେମାନେ ସରକାରଙ୍କୁ ନିର୍ବାଚିତ କରନ୍ତି । ମୁକ୍ତ, ଅବାଧ ଏବଂ ନିୟମିତ ନିର୍ବାଚନ ମାଧ୍ୟମରେ ସରକାର ନିର୍ବାଚିତ ହୁଅନ୍ତି । ପ୍ରତ୍ୟେକ କାର୍ଯ୍ୟ ପାଇଁ ସେମାନେ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରୁହନ୍ତି । ନିର୍ବାଚନ ମାଧ୍ୟମରେ ଜନସାଧାରଣ ସରକାର ପରିବର୍ତ୍ତନ କରିଥାଆନ୍ତି । ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ ନଥିବା ସରକାର ତିଷ୍ଠି ରହିପାରେ ନାହିଁ । ସେଥିପାଇଁ ଭାରତକୁ ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ କୁହାଯାଏ ।

ପ୍ରସ୍ତାବନା ଭାରତକୁ ଏକ ସାଧାରଣତନ୍ତ୍ର ଦେଶ ଭାବରେ ଘୋଷଣା କରେ । ଆମ ଦେଶର ଶାସନ ମୁଖ୍ୟ ମନୋନୀତ ହୋଇନଥାନ୍ତି କିମ୍ବା ବଂଶାନୁକ୍ରମିକ ପରମ୍ପରାରେ ବଛା ଯାଆନ୍ତି ନାହିଁ । ଆମ ଦେଶର ମୁଖ୍ୟ ରାଷ୍ଟ୍ରପତି ପ୍ରତି ପାଞ୍ଚ ବର୍ଷରେ ଥରେ ନିର୍ବାଚିତ ହୁଅନ୍ତି । ତେଣୁ ଆମ ଦେଶକୁ ସାଧାରଣତନ୍ତ୍ର କୁହାଯାଏ ।

### ❖ ୧୦.୫.୭ ରାଜ୍ୟ ସମାହାରର ରାଷ୍ଟ୍ର :

ଭାରତ ସମ୍ବିଧାନର ପ୍ରଥମ ଧାରା ଅନୁଯାୟୀ ଭାରତ ରାଜ୍ୟମାନଙ୍କ ସମାହାରର ରାଷ୍ଟ୍ର ଅଟେ । ଏହା ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ କଥା ପ୍ରକାଶ କରେ ।

୧. ସାର୍ବଭୌମ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସ୍ୱେଚ୍ଛାମୂଳକ ଭାବରେ ସଂଗଠିତ ହୋଇଥିବା ଚୁକ୍ତିର ପରିଣାମରୁ ଭାରତ ସୃଷ୍ଟି ହୋଇନାହିଁ ।

୨. ରାଜ୍ୟଗୁଡ଼ିକ କେନ୍ଦ୍ର ଠାରୁ ପୃଥକ ହେବାର ଅଧିକାର ରଖନ୍ତି ନାହିଁ । ଏବେ ଭାରତ ଅଧିନରେ ୨୯ ଗୋଟି ରାଜ୍ୟ ୭ ଗୋଟି କେନ୍ଦ୍ର ଶାସିତ ଅଞ୍ଚଳ ପରିଚାଳିତ ହେଉଛି । କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି କ୍ରମେ ଆନ୍ଧ୍ରପ୍ରଦେଶକୁ ଦୁଇ ଭାଗ କରି ତେଲେଙ୍ଗାନା ରାଜ୍ୟ ଜୁଲାଇ ୨୦୧୩ ରୁ ସୃଷ୍ଟି ହୋଇଛି ।

❖ ୧୦.୫.୮ ଐକିକ ସଂଘବାଦ :

ଭାରତକୁ ଏକ ସଂଘୀୟ ରାଷ୍ଟ୍ର ବୋଲି ବିବେଚନା କରାଯାଏ । ସମ୍ବିଧାନ ଆମ ଦେଶକୁ ସଂଘୀୟ ଢାଞ୍ଚାରେ ପ୍ରସ୍ତୁତ କରିଥିଲେ ହେଁ ବାସ୍ତବରେ ଏହାର ନୀତି, ନିୟମଗୁଡ଼ିକ ଐକିକ ସଂଘବାଦ ବୋଲି ମତବ୍ୟକ୍ତ କରନ୍ତି । ସଂଘୀୟ ରାଷ୍ଟ୍ରର ସମସ୍ତ ଲକ୍ଷଣ ଆମ ଦେଶରେ ଦେଖିବାକୁ ମିଳେ, ଯଥା (୧) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ, (୨) ଏକ ଲିଖିତ ଓ ଅନମନୀୟ ସମ୍ବିଧାନ, (୩) ସ୍ୱାଧୀନ ଓ ନିରପେକ୍ଷ ବିଚାର ବ୍ୟବସ୍ଥା ଯିଏ କେନ୍ଦ୍ର ଓ ରାଜ୍ୟ ବିବାଦଗୁଡ଼ିକୁ ବିଚାର କରିବା ପାଇଁ କ୍ଷମତା ପ୍ରାପ୍ତ, (୩) କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଲେଖାଏଁ ସରକାର ବା ଦ୍ୱୈତ ସରକାର । ସମ୍ବିଧାନ କେନ୍ଦ୍ର ସରକାରକୁ ଯଥେଷ୍ଟ ଶକ୍ତିଶାଳୀ କରିଛି, ଯାହାର ପ୍ରମାଣ ଆମେ ଏକ ସମ୍ବିଧାନ, ଏକକ ନାଗରିକତା, ରାଷ୍ଟ୍ରପତିଙ୍କ ଜରୁରୀ କ୍ଷମତା, ନିର୍ବାଚନ କମିଶନ, ସଂଘ ଲୋକ ସେବା ଆୟୋଗ ଇତ୍ୟାଦିରୁ ପାଇଥାଉ । ଉଭୟ ସଂଘୀୟ ଓ ଐକିକ ଲକ୍ଷଣଗୁଡ଼ିକ ମିଶ୍ରିତ ଅବସ୍ଥାରେ ଆମେ ସମ୍ବିଧାନରୁ ଦେଖିବାକୁ ପାଉ ।

❖ ୧୦.୫.୯ ନମନୀୟତା ଓ ଅନମନୀୟତାର ମିଶ୍ରଣ :

ଆମ ଦେଶର ସମ୍ବିଧାନ ସଂଶୋଧନ ପ୍ରଣାଳୀ ଉଭୟ ନମନୀୟ ଓ ଅନମନୀୟ ପଦ୍ଧତିରେ କରାଯାଇଥାଏ । ଏହାର କିଛି ଅଂଶକୁ ଅତ୍ୟନ୍ତ ସହଜରେ ଓ ଆଉ କିଛି ଅଂଶକୁ ଅତ୍ୟନ୍ତ କଷ୍ଟରେ ସଂଶୋଧନ କରାଯାଇଥାଏ । କେନ୍ଦ୍ର ବ୍ୟବସ୍ଥାପିକା ସଭା ଅର୍ଥାତ୍ ସଂସଦ ସମ୍ବିଧାନକୁ ସଂଶୋଧନ କରିବା ପାଇଁ କ୍ଷମତା ପ୍ରାପ୍ତ । ସମ୍ବିଧାନ ସଂଶୋଧନ ପାଇଁ ଅନୁସୃତ ତିନି ଗୋଟି ପଦ୍ଧତି ମଧ୍ୟରୁ ପ୍ରଥମଟି ସହଜ, ଦ୍ୱିତୀୟଟି ଆଂଶିକ ସହଜ ଓ ଆଂଶିକ ଜଟିଳ ଏବଂ ତୃତୀୟଟି ଅତ୍ୟନ୍ତ ଜଟିଳ ଅଟେ । ସଂସଦର ସାଧାରଣ ସଂଖ୍ୟା ଗରିଷ୍ଠତା ବଳରେ ସମ୍ବିଧାନର କେତେକ ଅଂଶ ସାଧାରଣ ଆଇନ୍ ପ୍ରକ୍ରିୟା ଦ୍ୱାରା ସଂଶୋଧିତ ହୋଇଥାଏ । ମଧ୍ୟମ ପଦ୍ଧତି ଅନୁଯାୟୀ ସମ୍ବିଧାନର କେତେକ ଅଂଶର ସଂଶୋଧନ ନିମନ୍ତେ ଆଗତ ପ୍ରସ୍ତାବ ସଂସଦର ଉଭୟ ଗୃହରେ ପୃଥକ୍ ପୃଥକ୍ ଭାବରେ ମୋଟ୍ ସଭ୍ୟ ସଂଖ୍ୟାର ସଂଖ୍ୟାଗରିଷ୍ଠ ମତ ଓ ଗୃହରେ ଉପସ୍ଥିତ ଥାଇ ମତଦାନ କରୁଥିବା ସଭ୍ୟମାନଙ୍କର ଦୁଇ ତୃତୀୟାଂଶ ସମର୍ଥନ ହାସଲ କରିବା ଦ୍ୱାରା ସମ୍ଭବ ହୋଇଥାଏ । ତୃତୀୟ ପଦ୍ଧତିଟି ଅତ୍ୟନ୍ତ ଅନମନୀୟ ବା ଜଟିଳ । ଏହି ପଦ୍ଧତିରେ ସମ୍ବିଧାନ ସଂଶୋଧନ ନିମନ୍ତେ ଆଗତ ପ୍ରସ୍ତାବ ସଂସଦରେ ଗୃହୀତ ହୋଇ ସାରିବା ପରେ ଅର୍ଦ୍ଧାଧିକ ରାଜ୍ୟଗୁଡ଼ିକର ସମର୍ଥନ ଆବଶ୍ୟକ କରିଥାଏ । କହିବା ବାହୁଲ୍ୟ ଯେ, ସମ୍ବିଧାନ ସଂଶୋଧନ ସମ୍ପର୍କୀୟ ସମସ୍ତ ପ୍ରସ୍ତାବ କେବଳ କେନ୍ଦ୍ର ସରକାର ସଂସଦରେ ଆଗତ କରନ୍ତି ଓ ତାହା ଗୃହୀତ ହୋଇସାରିବା ପରେ ସର୍ବଶେଷ ସ୍ୱୀକୃତି ନିମନ୍ତେ ରାଷ୍ଟ୍ରପତିଙ୍କ ନିକଟକୁ ପ୍ରେରଣ କରାଯାଇଥାଏ । ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଲା ପରେ ସମ୍ବିଧାନ ସଂଶୋଧନ ବୈଧତା ପ୍ରାପ୍ତ ହୋଇ କାର୍ଯ୍ୟକାରୀ ହୁଏ ।

❖ ୧୦.୫.୧୦ ମୌଳିକ ଅଧିକାର :

ଭାରତ ସମ୍ବିଧାନର ତୃତୀୟ ଭାଗରେ (ଧାରା ୧୨ ରୁ ୩୫ ମଧ୍ୟରେ) ନାଗରିକମାନଙ୍କ ମୌଳିକ ଅଧିକାର ସୁନିଶ୍ଚିତ କରାଯାଇଛି । ସମ୍ବିଧାନ ପ୍ରଥମେ କାର୍ଯ୍ୟକାରୀ ହେଲାବେଳକୁ ଏହି ମୌଳିକ ଅଧିକାର ସାତ ଗୋଟି ଥିଲା । ୧୯୭୯ ମସିହାରେ ଅନୁମୋଦିତ ୪୪ ତମ ସମ୍ବିଧାନ 'ଲରେ ସମ୍ବିଧାନରୁ ସମ୍ପତ୍ତିଗତ ଅଧିକାରକୁ (ଧାରା – ୩୧) ମୌଳିକ ଅଧିକାରରୁ ବାଦ୍ ଦିଆଯାଇଛି । ଏବେ ଜଣେ ଭାରତୀୟ ନାଗରିକ ୬ ଗୋଟି ମୌଳିକ ଅଧିକାର ଉପଭୋଗ କରିଥାଏ । ଏହି ଅଧିକାରଗୁଡ଼ିକ ନ୍ୟାୟଯୋଗ୍ୟ । ସେଗୁଡ଼ିକୁ ସଂକ୍ଷିପ୍ତ ଭାବରେ ବର୍ଣ୍ଣନା କରିବା ।

୧. ସମାନତାର ଅଧିକାର – ୧୪ ରୁ ୧୮ ଧାରା ମଧ୍ୟରେ ଏହା ସ୍ଥାନ ପାଇଛି । ଆଇନ୍ ଚକ୍ଷୁରେ ସମସ୍ତେ ସମାନ, ନାଗରିକମାନଙ୍କ ମଧ୍ୟରେ ଭେଦଭାବର ପରିସମାପ୍ତି, ସୁବିଧା ସୁଯୋଗର ସମାନତା, ଅସ୍ପୃଶ୍ୟତା ଉଚ୍ଛେଦ ଓ ଅଣସ୍ୱୀକୃତ ଉପାଧି ଉଚ୍ଛେଦ ଇତ୍ୟାଦି ଏହି ଅଧିକାର ଅନ୍ତର୍ଭୁକ୍ତ ।

୨. ସ୍ୱାଧୀନତାର ଅଧିକାର – ୧୯ ରୁ ୨୨ ଧାରା ମଧ୍ୟରେ ଏହା ବର୍ଣ୍ଣନା କରାଯାଇଛି । ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା, ଶାନ୍ତିପୂର୍ବକ ସମ୍ମେଳନ, ସଂଘ ଗଠନର ସ୍ୱାଧୀନତା, ଦେଶ ମଧ୍ୟରେ ଅବାଧ ଗମନାଗମନର ସ୍ୱାଧୀନତା, ଦେଶର ଯେକୌଣସି

ଅଞ୍ଚଳରେ ବସବାସ କରିବାର ସ୍ୱାଧୀନତା ଓ ବୃତ୍ତିଗତ ଜୀବିକା ବା ବ୍ୟବସାୟ କରିବାର ସ୍ୱାଧୀନତା ଏହି ଅଧିକାର ଅନ୍ତର୍ଭୁକ୍ତ । ଏହି ଅଧିକାର ଅଧୀନରେ ୬ ରୁ ୧୪ ବର୍ଷ ବୟସର ବାଳକ ବାଳିକାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନର ବ୍ୟବସ୍ଥା ୨୧ (କ) ଧାରା ଅନୁଯାୟୀ କରାଯାଇଛି ।

୩. ଶୋଷଣ ବିରୋଧୀ ଅଧିକାର – ୨୩ ଓ ୨୪ ଧାରା ଅନୁଯାୟୀ ମାନବ କ୍ରୟ ବିକ୍ରୟ ଓ ବାଧ୍ୟତାମୂଳକ ଶ୍ରମ କିମ୍ବା ଭିକ୍ଷା ବୃତ୍ତିକୁ ନିଷେଧ କରାଯାଇଛି । ସେହିଭଳି ନା'ବାଳକମାନଙ୍କୁ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ସତର୍କ କରିଦିଆଯାଇଛି ।

୪. ଧର୍ମୀୟ ସ୍ୱାଧୀନତାର ଅଧିକାର – ୨୫ ରୁ ୨୮ ଧାରା ମାନରେ ପ୍ରତ୍ୟେକ ଭାରତୀୟ ନାଗରିକର ଧର୍ମୀୟ ସ୍ୱାଧୀନତାକୁ ସୁନିଶ୍ଚିତ କରାଯାଇଛି । ବିବେକ, ଧର୍ମ ଓ ଉପାସନା କ୍ଷେତ୍ରରେ ସମସ୍ତେ ସ୍ୱାଧୀନ ଅଟନ୍ତି । ନିଜ ଇଚ୍ଛା ମତେ ଯେକୌଣସି ବ୍ୟକ୍ତି ଯେ କୌଣସି ଧର୍ମରେ ଦୀକ୍ଷିତ ହୋଇପାରିବେ । ପ୍ରତ୍ୟେକ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଅନୁଷ୍ଠାନ ପ୍ରତିଷ୍ଠା କରିବା ଏହି ଅଧିକାରର ଅନ୍ତର୍ଭୁକ୍ତ । କୌଣସି ବ୍ୟକ୍ତିକୁ ଧର୍ମୀୟ ଶୁଳ୍କ ପ୍ରଦାନ କରିବାକୁ ବାଧ୍ୟ କରାଯାଇ ପାରିବ ନାହିଁ । ରାଷ୍ଟ୍ର ନାଗରିକମାନଙ୍କ ଉପରେ ଧର୍ମୀୟ କର ଲଦି ପାରିବ ନାହିଁ ଏବଂ ସରକାର ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଧର୍ମ ଶିକ୍ଷା ପ୍ରଦାନ କରାଯାଇପାରିବ ନାହିଁ ବୋଲି ବ୍ୟବସ୍ଥା କରାଯାଇଛି ।

୫. ଶିକ୍ଷା ଓ ସାଂସ୍କୃତିକ ଅଧିକାର – ସମ୍ବିଧାନର ଧାରା ୨୯ ଓ ୩୦ ମାଧ୍ୟମରେ ଭାରତୀୟମାନଙ୍କୁ ଏହି ଅଧିକାର ପ୍ରଦାନ କରାଯାଇଛି । ସଂଖ୍ୟାଲଘୁମାନଙ୍କ ଭାଷା ଓ ସଂସ୍କୃତିର ସୁରକ୍ଷା ଏବଂ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା ଏହି ଅଧିକାରର ଅନ୍ତର୍ଭୁକ୍ତ ।

୬. ସାମ୍ବିଧାନିକ ପ୍ରତିକାରର ଅଧିକାର – ୩୨ ଧାରାରେ ବର୍ଣ୍ଣିତ ଏହି ଅଧିକାର ସମଗ୍ର ମୌଳିକ ଅଧିକାରଗୁଡ଼ିକର ରକ୍ଷା କବଚ । ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା ପାଇଁ ଉଚ୍ଚ ଏବଂ ସର୍ବୋଚ୍ଚ ନ୍ୟାୟାଳୟକୁ ଆଦେଶ ପ୍ରଦାନ କରିବାକୁ କ୍ଷମତା ପ୍ରଦାନ କରାଯାଇଛି । ମାନ୍ୟବର ନ୍ୟାୟାଳୟ ମୌଳିକ ଅଧିକାର ଲଂଘନ କ୍ଷେତ୍ରରେ ହସ୍ତକ୍ଷେପ କରି ପାଞ୍ଚ ଗୋଟି ଆଦେଶ ପ୍ରଦାନ କରିପାରିବେ । ସେଗୁଡ଼ିକୁ ବନ୍ଦୀପ୍ରତ୍ୟକ୍ଷୀକରଣ, ପରମାଦେଶ, ନିଷେଧାଜ୍ଞା, ଉତ୍ପ୍ରେଷଣ ଓ ଅଧିକାର ପୃଚ୍ଛା କୁହାଯାଏ ।

❖ **୧.୫.୧୧ ମୌଳିକ କର୍ତ୍ତବ୍ୟ:**

ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ, ଜଣକର ଅଧିକାର ଅନ୍ୟ ଜଣର କର୍ତ୍ତବ୍ୟ । ବିନା କର୍ତ୍ତବ୍ୟରେ ଅଧିକାର ଉପଭୋଗ କରିବା ଅସମ୍ଭବ । ଆମ ସମ୍ବିଧାନର ଚତୁର୍ଥ ଭାଗରେ ୫୧ (କ) ଧାରାରେ ନାଗରିକର ମୌଳିକ କର୍ତ୍ତବ୍ୟ ସ୍ଥାନ ପାଇଛି । ସେଗୁଡ଼ିକ ହେଲା –

- ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ସମ୍ବିଧାନକୁ ସମ୍ମାନ ଦେବା ।
- ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିବା ମହାନ ଆଦର୍ଶଗୁଡ଼ିକୁ ଅନୁସରଣ କରିବା ।
- ଦେଶର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତା ସୁରକ୍ଷିତ ରଖିବା ।
- ଦେଶକୁ ରକ୍ଷା କରିବା ଏବଂ ଆବଶ୍ୟକ ସ୍ଥଳେ ଦେଶର ସେବା କରିବା ।
- ଭାରତର ସମସ୍ତ ନାଗରିକମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ଭାବନା ବୃଦ୍ଧି କରାଇବା ଓ ନାରୀମାନଙ୍କୁ ଅସମ୍ମାନ ପ୍ରଦର୍ଶନ ନ କରିବା ।

- ବୈଷମ୍ୟ ପୂର୍ଣ୍ଣ ଆମ ସଂସ୍କୃତିର ରଞ୍ଜିମନ୍ତ ପରମ୍ପରାର ସଂରକ୍ଷଣ କରିବା ଓ ସେଗୁଡ଼ିକୁ ଆଦର କରିବା ।
- ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେବା ଏବଂ ଜୀବେ ଦୟା କରିବା ।
- ବୈଜ୍ଞାନିକ ଦୃଷ୍ଟିକୋଣ, ମାନବ ଧର୍ମ ଓ ଅନୁସନ୍ଧାନଶୀଳ ତଥା ସଂସ୍କାରଶୀଳ ମନୋଭାବର ବିକାଶ ଘଟାଇବା ।
- ହିଂସା ପରିହାର କରି ସର୍ବ ସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ।
- ବ୍ୟକ୍ତିଗତ ଓ ସାମୂହିକ କାର୍ଯ୍ୟ କଳାପ ମାଧ୍ୟମରେ ସମସ୍ତ କ୍ଷେତ୍ରରେ ଉତ୍କର୍ଷ ସାଧନ ପାଇଁ ଉଦ୍ୟମ କରିବା ।
- ଛଅରୁ ଚଉଦ ବର୍ଷ ପର୍ଯ୍ୟନ୍ତ ସମସ୍ତ ବାଳକ ବାଳିକାମାନଙ୍କୁ ଶିକ୍ଷା ଲାଭ ନିମନ୍ତେ ବିଦ୍ୟାଳୟକୁ ପଠାଇବା ।

### ❖ ୧୦.୫.୧୨ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି :

ଭାରତ ସମ୍ବିଧାନର ଚତୁର୍ଥ ଭାଗରେ ୩୬ ଧାରାରୁ ୫୧ ଧାରା ପର୍ଯ୍ୟନ୍ତ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ବର୍ଣ୍ଣନା କରାଯାଇଛି । ପ୍ରକୃତି ଦୃଷ୍ଟିରୁ ଏହି ନୀତିଗୁଡ଼ିକୁ (୧) ସମାଜବାଦୀ, (୨) ଗାନ୍ଧିବାଦୀ ଓ (୩) ଉଦାରବାଦୀ ନୀତିରେ ବିଭକ୍ତ କରାଯାଇଛି । ଏହି ନୀତିଗୁଡ଼ିକ ରାଷ୍ଟ୍ର ନିମନ୍ତେ ସକାରାତ୍ମକ ନିର୍ଦ୍ଦେଶ ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଯଥାସମ୍ଭବ ଚେଷ୍ଟା କରିବେ । ଯଦି ସରକାର ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ବିଫଳ ହୁଅନ୍ତି, ତେବେ ସେଥିପାଇଁ କୌଣସି ଦଣ୍ଡ ମିଳିବ ନାହିଁ । କାରଣ ଏହି ନୀତିଗୁଡ଼ିକ ନ୍ୟାୟଯୋଗ୍ୟ ନୁହନ୍ତି । ଏହି ନୀତିଗୁଡ଼ିକ ଦେଶରେ ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା କରିବା ପାଇଁ ଉଦ୍ଦିଷ୍ଟ । ଏହି ନୀତିଗୁଡ଼ିକ ଜନମଙ୍ଗଳ ରାଷ୍ଟ୍ରର ଆବଶ୍ୟକତା । ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ ସମାନ କାମକୁ ସମାନ ମଜୁରୀ, ସମଗ୍ର ଦେଶ ପାଇଁ ଏକକ ଦେଓ୍ୱାନୀ ସଂହିତା, ଗୋହତ୍ୟା ନିଷେଧ, ଗ୍ରାମ ପଞ୍ଚାୟତ ଗଠନ ଇତ୍ୟାଦି ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିର ଉଦାହରଣ ।

### ❖ ୧୦.୫.୧୩ ଦ୍ୱିସଦନୀୟ ବ୍ୟବସ୍ଥାପିକା :

କେନ୍ଦ୍ର ବ୍ୟବସ୍ଥାପିକା ସଭା ଦ୍ୱିସଦନୀୟ ବୋଲି ସାମ୍ବିଧାନିକ ବ୍ୟବସ୍ଥା ହୋଇଛି । ନିମ୍ନ ସଦନକୁ ଲୋକସଭା ଓ ଉଚ୍ଚ ସଦନକୁ ରାଜ୍ୟ ସଭା କୁହାଯାଏ ।

ଲୋକସଭାର ସଭ୍ୟମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି ଓ ସମଗ୍ର ଦେଶକୁ ପ୍ରତିନିଧିତ୍ୱ କରନ୍ତି । ଲୋକସଭାର ଆସନ ସଂଖ୍ୟା ୫୫୦ । ବର୍ତ୍ତମାନ ୫୪୫ ସଭ୍ୟମାନଙ୍କ ମଧ୍ୟରୁ ୫୪୩ ଜଣ ନିର୍ବାଚିତ ହେଉଛନ୍ତି ଏବଂ ୨ ଜଣ ଆଙ୍ଗ୍ଲୋ ଭାରତୀୟଙ୍କୁ ସଭ୍ୟ ଭାବରେ ମନୋନୀତ କରାଯାଉଛି । ଜନସଂଖ୍ୟା ଅନୁପାତରେ ପ୍ରତ୍ୟେକ ରାଜ୍ୟର ପ୍ରତିନିଧିମାନଙ୍କ ଆସନ ଧାର୍ଯ୍ୟ କରାଯାଇଥାଏ । ଅନୁସୂଚିତ ଜାତି ଓ ଜନ ଜାତିର ଜନସାଧାରଣଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ପାଇଁ ଲୋକସଭାରେ ସ୍ଥାନ ସଂରକ୍ଷଣ କରାଯାଇଛି । ଅନ୍ୟୁନ କ୍ରମେ ୨୫ ବର୍ଷ ବୟସ ହୋଇଥିବା ବ୍ୟକ୍ତି ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିପାରିବେ । ଲୋକସଭାର କାର୍ଯ୍ୟକାଳ ୫ ବର୍ଷ ଏବଂ ଦେଶରେ ପ୍ରଣୀତ ହେଉଥିବା ସମସ୍ତ ଆଇନଗୁଡ଼ିକ ଏହି ସଦନରେ ହୋଇଥାଏ । ଅର୍ଥ ବିଧେୟକ ଅନୁମୋଦନ କ୍ଷେତ୍ରରେ ଏହା ରାଜ୍ୟସଭାଠାରୁ କ୍ଷମତାଶାଳୀ ।

ସଂସଦର ଉଚ୍ଚ କକ୍ଷକୁ ରାଜ୍ୟ ସଭା କୁହାଯାଏ । ଏହାର ସଭ୍ୟମାନେ ରାଜ୍ୟଗୁଡ଼ିକୁ ପ୍ରତିନିଧିତ୍ୱ କରିଥାଆନ୍ତି । ଏହି ସଭାର ସଭ୍ୟମାନଙ୍କ ସଂଖ୍ୟା ୨୫୦ । ଏବେ ରାଜ୍ୟ ସଭାର ସଭ୍ୟ ସଂଖ୍ୟା ୨୪୫ । ତନ୍ମଧ୍ୟରୁ ୨୩୩ ଜଣ ସଭ୍ୟ ରାଜ୍ୟଗୁଡ଼ିକରୁ ନିର୍ବାଚିତ

ହୁଅନ୍ତି ଓ ୧୨ ଜଣ ସଭ୍ୟଙ୍କୁ ରାଷ୍ଟ୍ରପତି ମନୋନୀତ କରନ୍ତି । ଏହା ଏକ ସ୍ଥାୟୀ କକ୍ଷ ଏବଂ ଏହାର ଏକ ତୃତୀୟାଂଶ ସଭ୍ୟମାନେ ପ୍ରତି ଦୁଇ ବର୍ଷରେ ଥରେ ଅବସର ନିଅନ୍ତି । ପ୍ରତ୍ୟେକ ସଭ୍ୟର କାର୍ଯ୍ୟକାଳ ୬ ବର୍ଷ ଅଟେ ।

ଏହି ଦୁଇ ସଦନ ମଧ୍ୟରୁ ଲୋକସଭା ଶକ୍ତିଶାଳୀ । ଅର୍ଥନୈତିକ କ୍ଷମତା କେବଳ ଲୋକସଭାର ଅଛି । କେନ୍ଦ୍ର ମନ୍ତ୍ରୀ ପରିଷଦ ଲୋକ ସଭା ପାଖରେ ସାମୂହିକ ଉତ୍ତରଦାୟୀ ଥାଆନ୍ତି । ବିଲାତ ଲର୍ଡସ୍ ସଭା ଭଳି ରାଜ୍ୟସଭା କ୍ଷମତାହୀନ ନୁହନ୍ତି ଏବଂ କମନସ୍ ସଭା ପରି ଆମ ଦେଶର ଲୋକସଭା ଶକ୍ତିଶାଳୀ ନୁହନ୍ତି ।

ଏହି ଢାଞ୍ଚାରେ ରାଜ୍ୟଗୁଡ଼ିକରେ ରାଜ୍ୟ ବ୍ୟବସ୍ଥାପିକା ସଭା ଅର୍ଥାତ୍ ରାଜ୍ୟ ବିଧାନମଣ୍ଡଳ ଅଛି । ତନ୍ମଧ୍ୟରୁ ଛଅ ଗୋଟି ରାଜ୍ୟରେ ଦ୍ୱିସଦନୀୟ ବିଧାନମଣ୍ଡଳ ଅଛି । ଉଚ୍ଚ ସଦନକୁ ବିଧାନ ପରିଷଦ ଓ ନିମ୍ନ ସଦନକୁ ବିଧାନ ସଭା କୁହାଯାଏ । କେନ୍ଦ୍ର ଶାସିତ ଅଞ୍ଚଳ ପଣ୍ଡିଚେରୀ ଓ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀ ଓ ଓଡିଶା ବିଧାନ ମଣ୍ଡଳ ଏକ ସଦନୀୟ, ଯାହାକୁ କେବଳ ବିଧାନସଭା କୁହାଯାଏ ।

### ❖ ୧୦.୫.୧୪ ସଂସଦୀୟ ସରକାର :

ଭାରତ ସମ୍ବିଧାନ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ସଂସଦୀୟ ସରକାର ପ୍ରତିଷ୍ଠାର ବ୍ୟବସ୍ଥା କରିଛନ୍ତି । ରାଷ୍ଟ୍ରପତି ଯଦିଓ ରାଷ୍ଟ୍ରମୁଖ୍ୟ ଅଟନ୍ତି, ବାସ୍ତବ କ୍ଷମତା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପରିଚାଳିତ ମନ୍ତ୍ରୀ ପରିଷଦ ଠାରେ ନ୍ୟସ୍ତ ଥାଏ । ପ୍ରଧାନମନ୍ତ୍ରୀ ବାସ୍ତବ ଶାସନ ମୁଖ୍ୟ ଅଟନ୍ତି ଓ ମନ୍ତ୍ରୀମାନେ କେନ୍ଦ୍ର ବ୍ୟବସ୍ଥାପିକା ସଭାର ସଭ୍ୟ ହୋଇଥାଆନ୍ତି । ମନ୍ତ୍ରୀମାନେ ସେମାନଙ୍କ ସମସ୍ତ କାର୍ଯ୍ୟ ପାଇଁ ସାମୂହିକ ଭାବରେ ଏବଂ ବ୍ୟକ୍ତିଗତ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ ରହିଥାଆନ୍ତି । ଅନାସ୍ଥା ପ୍ରସ୍ତାବ ମାଧ୍ୟମରେ ଲୋକସଭା ମନ୍ତ୍ରୀଣ୍ଡଳକୁ ଭାଙ୍ଗି ଦେଇପାରେ । ବାସ୍ତବରେ ପ୍ରଧାନମନ୍ତ୍ରୀଙ୍କ ସୁପାରିଶ କ୍ରମେ ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳକୁ ଭାଙ୍ଗିଦେବାକୁ କ୍ଷମତାପ୍ରାପ୍ତ ହୋଇଛନ୍ତି । ପ୍ରାୟ ଏହି ଢାଞ୍ଚାର ସରକାର ପ୍ରତି ରାଜ୍ୟଗୁଡ଼ିକରେ ଦେଖିବାକୁ ମିଳିଥାଏ ।

### ❖ ୧୦.୫.୧୫ ସାର୍ବଜନୀନ ସାବାଳକ ଭୋଟ୍ ପ୍ରଥା :

ସମ୍ବିଧାନର ୩୨୬ ଧାରା ଅନୁଯାୟୀ ପ୍ରତ୍ୟେକ ସାବାଳକ ଭୋଟ୍ ଦାନର କ୍ଷମତା ପାଇଛନ୍ତି । ଜାତି, ଧର୍ମ, ଭାଷା, ଲିଙ୍ଗ, ଜନ୍ମ ସ୍ଥାନ ନିର୍ବିଶେଷରେ ପ୍ରତ୍ୟେକ ସାବାଳକ ପଞ୍ଜୀକୃତ ହୋଇ ନାଗରିକତା ହାସଲ କରନ୍ତି ଓ ନିର୍ବାଚନରେ ସେମାନଙ୍କ ମତ ସାବ୍ୟସ୍ତ କରନ୍ତି । ୬୨ ତମ ସମ୍ବିଧାନ ସଂଶୋଧନ ବଳରେ ୧୮ ବର୍ଷ ବୟସ୍କର ପ୍ରତ୍ୟେକ ଯୁବକ, ଯୁବତୀଙ୍କୁ ସାବାଳକ ମାନ୍ୟତା ପ୍ରଦାନ କରାଯାଇଛି ଓ ସେମାନେ ଭୋଟ୍ ଦେବା ପାଇଁ କ୍ଷମତା ପ୍ରାପ୍ତ ହୋଇଛନ୍ତି ।

### ❖ ୧୦.୫.୧୬ ଏକକ ନାଗରିକତା :

ଭାରତ ଏକ ସାର୍ବଭୌମ, ସ୍ୱାଧୀନ ଓ ସୁସଂହତ ରାଷ୍ଟ୍ର ଅଟେ । ବର୍ତ୍ତମାନ ଆମ ଦେଶରେ ୨୯ ଗୋଟି ରାଜ୍ୟ ଓ ୭ ଗୋଟି କେନ୍ଦ୍ର ଶାସିତ ଅଞ୍ଚଳ ଅଛି । ସମସ୍ତ ନାଗରିକଙ୍କୁ ଭାରତର ନାଗରିକ ମାନ୍ୟତା ପ୍ରଦାନ କରାଯାଏ । କୌଣସି ରାଜ୍ୟ ସ୍ୱତନ୍ତ୍ର ଭାବରେ ନାଗରିକତା ପ୍ରଦାନ କରିନଥାଏ । ପ୍ରତ୍ୟେକ ନାଗରିକ ଆଇନ୍ ଅନୁଯାୟୀ ଅଧିକାର ଓ ସ୍ୱାଧୀନତା ଉପଭୋଗ କରନ୍ତି ।

### ❖ ୧୦.୫.୧୭ ସ୍ୱାଧୀନ ନିରପେକ୍ଷ ବିଚାର ବ୍ୟବସ୍ଥା :

ଆମ ଦେଶରେ ଏକ ସୁସଂହତ ନିରପେକ୍ଷ ଓ ସ୍ୱାଧୀନ ବିଚାର ବ୍ୟବସ୍ଥା କାର୍ଯ୍ୟ କରୁଛି । ଅଧଃସ୍ତନ ନ୍ୟାୟାଳୟ ଠାରୁ ଆରମ୍ଭ କରି ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ସମସ୍ତ ଅଦାଲତ ଏକତ୍ର ହୋଇ ନିରପେକ୍ଷ ନ୍ୟାୟ ପ୍ରଦାନ କରନ୍ତି । ଜିଲ୍ଲା ସ୍ତରରେ ଜିଲ୍ଲା ଅଦାଲତ, ରାଜ୍ୟ ସ୍ତରରେ ଉଚ୍ଚ ନ୍ୟାୟାଳୟ ଅଛି ଏବଂ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନୂଆଁ ଦିଲ୍ଲୀ ଠାରେ ଅବସ୍ଥିତ । ନ୍ୟାୟପାଳିକା ସରକାରଙ୍କ ଅନ୍ୟ ଦୁଇ ଅଙ୍ଗ କାର୍ଯ୍ୟ ପାଳିକା ଓ ବ୍ୟବସ୍ଥାପିକା ଠାରୁ ସ୍ୱାଧୀନ ଅଟେ ।

❖ ୧୦.୫.୧୮ ନ୍ୟାୟିକ ପୁନରାବଲୋକନ :

ଆମ ସମ୍ବିଧାନର କୌଣସି ପୃଷ୍ଠାରେ ନ୍ୟାୟିକ ପୁନରାବଲୋକନ ଶବ୍ଦ ବ୍ୟବହାର କରାଯାଇନାହିଁ । ଏକଥା ସର୍ବମାନ୍ୟ ଯେ, ସମ୍ବିଧାନ ଆମ ଦେଶର ମୌଳିକ ଆଇନ୍ ଗ୍ରନ୍ଥ ଏବଂ ଏହାକୁ ଲଘନ କରି କୌଣସି ଆଇନ୍ ପ୍ରଣୀତ ହୋଇପାରିବ ନାହିଁ । ତଥାପି ଯଦି ପାର୍ଲାମେଣ୍ଟ ଅବା ରାଜ୍ୟ ବିଧାନସଭା ସୀମା ଅତିକ୍ରମ କରି ଆଇନ୍ ପ୍ରଣୟନ କରନ୍ତି ତେବେ ସେହି ଆଇନ୍‌କୁ ସର୍ବୋଚ୍ଚ ନ୍ୟାୟାଳୟ ଅବୈଧ ଘୋଷଣା କରିପାରିବ । ଏହାକୁ ନ୍ୟାୟିକ ପୁନରାବଲୋକନ କୁହାଯାଏ । ନ୍ୟାୟପାଳିକା କେବଳ ବ୍ୟବସ୍ଥାପିକା ସଭା ପ୍ରଣୀତ ଆଇନ୍‌ର ବୈଧତା ଦେଖେ ତାହା ନୁହେଁ, ଶାସକର କାର୍ଯ୍ୟ ସମ୍ବିଧାନ ମୁତାବକ ତଥା ବ୍ୟବସ୍ଥାପିକା ପ୍ରଣୀତ ଆଇନ୍ ଅନୁଯାୟୀ ହେଉଛି ନା ନାହିଁ ତାହା ମଧ୍ୟ ଦେଖିଥାଏ ।

❖ ୧୦.୫.୧୯ ଜରୁରୀ ପରିସ୍ଥିତି :

ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା କରାଯାଇଛି । ଏହା ତିନିଗୋଟି ପ୍ରକାରର ଅଟେ । (୧) ଜାତୀୟ ଜରୁରୀ ପରିସ୍ଥିତି (୩୫୨ ଧାରା) – ଯୁଦ୍ଧ, ବାହ୍ୟ ଶତ୍ରୁ ଆକ୍ରମଣ, ଯୁଦ୍ଧ ଆଶଙ୍କା ଏବଂ ସଶସ୍ତ୍ର ବାହିନୀର ସୈନିକମାନେ ଯଦି ବିପ୍ଲବ କରନ୍ତି, ତେବେ ସମଗ୍ର ଦେଶରେ ଜାତୀୟ ଜରୁରୀ ପରିସ୍ଥିତ ଜାରି କରାଯାଇପାରିବ । (୨) ରାଜ୍ୟ ଜରୁରୀ ପରିସ୍ଥିତି (୩୫୬ ଧାରା) – ସମ୍ବିଧାନ ମୁତାବକ ରାଜ୍ୟ ଶାସନ ଯଦି ଚାଲି ନ ପାରେ ତେବେ ସେହି ରାଜ୍ୟ ଅଥବା ରାଜ୍ୟଗୁଡ଼ିକରେ ଏହା ଜାରି କରାଯାଇପାରିବ । ଏହାକୁ ମଧ୍ୟ ରାଷ୍ଟ୍ରପତି ଶାସନ କୁହାଯାଏ । (୩) ଆର୍ଥିକ ଜରୁରୀ ପରିସ୍ଥିତି (୩୬୦ ଧାରା) – ଅର୍ଥନୈତିକ ସ୍ଥିରତା ଯଦି ବିପଦାପନ୍ନ ହୁଏ, ତେବେ ସମଗ୍ର ଦେଶରେ ଏହି ଜରୁରୀ ପରିସ୍ଥିତି ଜାରି କରାଯାଇପାରିବ ।

କେନ୍ଦ୍ର ମନ୍ତ୍ରୀମଣ୍ଡଳର ଲିଖିତ ପରାମର୍ଶ କ୍ରମେ ରାଷ୍ଟ୍ରପତି ଏହାକୁ ଜାରି କରିପାରିବେ । ଏହି ସମୟରେ ରାଷ୍ଟ୍ରପତିଙ୍କ କ୍ଷମତା ଅତ୍ୟନ୍ତ ବୃଦ୍ଧି ପାଇଥାଏ । ବାସ୍ତବରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପରିଚାଳିତ ମନ୍ତ୍ରୀ ପରିଷଦ ସେତେବେଳେ ସୀମାତିରିକ୍ତ କ୍ଷମତା ଉପଭୋଗ କରିପାରିବେ ।

❖ ୧୦.୫.୨୦ ସମ୍ବିଧାନର ଉତ୍ସ :

ସମ୍ବିଧାନ ପ୍ରଣୟନ ସଭା ଆମ ଦେଶ ପାଇଁ ସମ୍ବିଧାନ ପ୍ରସ୍ତୁତ କଲାବେଳେ ଅନେକଗୁଡ଼ିଏ ଉତ୍ସକୁ ପ୍ରାଧାନ୍ୟ ଦେଇ ସେଗୁଡ଼ିକୁ ଆମ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିଛନ୍ତି । ପରିଣାମ ସ୍ୱରୂପ ଆମ ସମ୍ବିଧାନ ବିଶ୍ୱର ସର୍ବ ବୃହତ ସମ୍ବିଧାନର ମାନ୍ୟତା ହାସଲ କରିଛି । ସମ୍ବିଧାନ ପ୍ରଣେତାମାନେ ଭାରତ ଶାସନ ଆଇନ୍ -୧୯୩୫କୁ ଆମ ସମ୍ବିଧାନର ମୂଳାଧାର ବିବେଚନା କରିଛନ୍ତି । ସଂସଦୀୟ ସରକାର ଓ ଦ୍ୱିସଦନୀୟ ବ୍ୟବସ୍ଥାକୁ ଆମେ ବ୍ରିଟିଶ୍ ସମ୍ବିଧାନରୁ ଆଣିଛୁ । ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରୁ ଆମେ ସାଧାରଣତନ୍ତ୍ର, ନ୍ୟାୟପାଳିକାର ସ୍ୱାଧୀନତା, ନ୍ୟାୟିକ ପୁନରାବଲୋକନ ଓ ମୌଳିକ ଅଧିକାରକୁ ଆଣି ଆମ ସମ୍ବିଧାନରେ ସାମିଲ କରିଛୁ । ତତ୍କାଳୀନ ସୋଭିଏତ୍ ଋଷରୁ ସମାଜବାଦ ବ୍ୟବସ୍ଥା, କାନାଡା ଓ ଅଷ୍ଟ୍ରେଲିଆ ସମ୍ବିଧାନରୁ ସଂଘୀୟ ବ୍ୟବସ୍ଥା, ଜର୍ମାନୀର ୱେମର୍ ସମ୍ବିଧାନରୁ ରାଷ୍ଟ୍ରପତିଙ୍କ ଜରୁରୀ ପରିସ୍ଥିତି ଓ ଆୟରଲାଣ୍ଡ ସମ୍ବିଧାନରୁ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକ ଆସି ଆମ ସମ୍ବିଧାନରେ ସ୍ଥାନ ପାଇଛି ।

ଭାରତୀୟ ସମ୍ବିଧାନରୁ ଏହାର ପ୍ରଣେତାମାନଙ୍କ ଦୂରଦୃଷ୍ଟିର ପରିଚୟ ମିଳେ । ପ୍ରଫେସର୍ ଏମ୍.ପି. ଶର୍ମାଙ୍କ ମତ ଅନୁଯାୟୀ ଆମ ସମ୍ବିଧାନ ପ୍ରଣେତାମାନଙ୍କର ଉଦ୍ଦେଶ୍ୟ ନଥିଲା ଯେ, ଗୋଟିଏ ପ୍ରକୃତ କିମ୍ବା ଅନନ୍ୟ ସମ୍ବିଧାନ ପ୍ରସ୍ତୁତ କରିବା । ସେମାନେ ଗୋଟିଏ ଉତ୍ତମ ଏବଂ କାର୍ଯ୍ୟଶୀଳ ସମ୍ବିଧାନ ପ୍ରସ୍ତୁତ କରିବାକୁ ଚାହୁଁଥିଲେ । ସମ୍ବିଧାନର ଭଲ ମନ୍ଦ ଭାରତର ଲୋକ ପ୍ରତିନିଧିମାନଙ୍କଠାରେ ନ୍ୟସ୍ତ କରାଯାଇଛି ।

❖ **୧.୬ ସମ୍ବିଧାନ ସଂଶୋଧନ ପଦ୍ଧତି :**

ଭାରତ ସମ୍ବିଧାନର ୩୬୮ ଧାରାରେ ଏହାର ସଂଶୋଧନ ପ୍ରଣାଳୀ ଲିପିବଦ୍ଧ ହୋଇଛି । ଆମ ସମ୍ବିଧାନ ଏକ ଲିଖିତ ସମ୍ବିଧାନ । ଏହାକୁ ଗତିଶୀଳ ଓ ଯୁଗୋପଯୋଗୀ କରିବା ପାଇଁ ଏଥିରେ ସଂଶୋଧନ ପ୍ରଣାଳୀ ବର୍ଣ୍ଣନା କରାଯାଇଛି । ଏଯାବତ୍ ୩୬୮ ଧାରା ବଳରେ ଆମ ସମ୍ବିଧାନରେ ୧ ୨ ୨ ଗୋଟି ସଂଶୋଧନ କରାଯାଇସାରିଲାଣି । ଆମ ସମ୍ବିଧାନର ବିଂଶ ଅଧ୍ୟାୟରେ ସଂଶୋଧନ ପ୍ରଣାଳି ଲିପିବଦ୍ଧ କରାଯାଇଛି । କେନ୍ଦ୍ର ବ୍ୟବସ୍ଥାପିକା ସଭା ସମ୍ବିଧାନ ସଂଶୋଧନ କରିବା ପାଇଁ କ୍ଷମତାପ୍ରାପ୍ତ ।

ଯେଉଁ ସମ୍ବିଧାନର ସଂଶୋଧନ ପଦ୍ଧତି ଅତ୍ୟନ୍ତ ସରଳ ତା'କୁ ନମନୀୟ ସମ୍ବିଧାନ କୁହାଯାଏ । ଯେଉଁ ସମ୍ବିଧାନର ସଂଶୋଧନ ପଦ୍ଧତି ଜଟିଳ ତା'କୁ ଅନମନୀୟ ସମ୍ବିଧାନ କୁହାଯାଏ । ଇଂଲଣ୍ଡ ସମ୍ବିଧାନର ସଂଶୋଧନ ପଦ୍ଧତି ଅତ୍ୟନ୍ତ ସରଳ ହୋଇଥିବାରୁ ତା'କୁ ନମନୀୟ ସମ୍ବିଧାନ କୁହାଯାଏ । ସେହିପରି ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ସଂଶୋଧନ ପଦ୍ଧତି ଜଟିଳ ହୋଇଥିବାରୁ ତା'କୁ ଅନମନୀୟ ସମ୍ବିଧାନ କୁହାଯାଏ । କିନ୍ତୁ ଆମ ସମ୍ବିଧାନର ସଂଶୋଧନ ଆଂଶିକ ସରଳ ଓ ଆଂଶିକ ଜଟିଳ ପଦ୍ଧତି ମାଧ୍ୟମରେ ହୋଇଥାଏ । ସମ୍ବିଧାନ ପ୍ରଣେତାମାନେ ଏହି ଦୁଇ ପଦ୍ଧତି ମଧ୍ୟରେ ଅପୂର୍ବ ସମନ୍ୱୟ ପ୍ରତିଷ୍ଠା କରିଛନ୍ତି ।

❖ **ପ୍ରଥମ ପ୍ରଣାଳୀ :**

ସାଧାରଣ ଆଇନ୍ ପ୍ରଣୟନ ପଦ୍ଧତିରେ ସମ୍ବିଧାନର କେତେକ ଅଂଶକୁ ସଂଶୋଧନ କରାଯାଇପାରିବ । ରାଜ୍ୟର ନାମ, ସୀମା, କ୍ଷେତ୍ରଫଳ ପରିବର୍ତ୍ତନ, ନାଗରିକତା, ସଂସଦର ଅସ୍ଥାୟୀ ସଂଖ୍ୟା ଓ ସ୍ୱାଧୀକାର ଆଦି ବିଷୟଗୁଡ଼ିକ ସଂସଦର ଉଭୟ ଗୃହର ଉପସ୍ଥିତ ସଂଖ୍ୟା ଗରିଷ୍ଠ ସଦସ୍ୟଙ୍କ ଦ୍ୱାରା ସଂଶୋଧିତ ହୋଇଥାଏ । ଏହା ନମନୀୟ ପଦ୍ଧତିର ଏକ ଉଦାହରଣ ।

❖ **ଦ୍ୱିତୀୟ ପ୍ରଣାଳୀ :**

ଦ୍ୱିତୀୟ ସଂଶୋଧନ ପ୍ରଣାଳୀ ଅନୁଯାୟୀ ସମ୍ବିଧାନର ଅଧିକାଂଶ ଭାଗ ଯଥା – ମୌଳିକ ଅଧିକାର, ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି, ଜରୁରୀ ପରିସ୍ଥିତି ଆଦି ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ହେଲେ, ସମ୍ପୃକ୍ତ ପ୍ରସ୍ତାବଗୁଡ଼ିକ ସଂସଦର ପ୍ରତ୍ୟେକ ସଭାରେ ମୋଟ୍ ସଦସ୍ୟଙ୍କ ଅର୍ଦ୍ଧାଧିକ ଭୋଟ୍ ଓ ଉପସ୍ଥିତ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ହାସଲ ବଳରେ ସଂଶୋଧିତ ହୋଇଥାଏ । ଏହି ବ୍ୟବସ୍ଥାରେ ଆମେ ଉଭୟ ନମନୀୟ ଓ ଅନମନୀୟ ପଦ୍ଧତିର ଅପୂର୍ବ ସମନ୍ୱୟ ଦେଖିବାକୁ ପାଇଥାଉ ।

❖ **ତୃତୀୟ ପ୍ରଣାଳୀ :**

ଏହି ପ୍ରଣାଳୀ ଅଧୀନରେ କେନ୍ଦ୍ର ଓ ରାଜ୍ୟ ତାଲିକାଭୁକ୍ତ ବିଷୟ, ରାଷ୍ଟ୍ରପତି ନିର୍ବାଚନ ପଦ୍ଧତି, କେନ୍ଦ୍ର ଓ ରାଜ୍ୟର କାର୍ଯ୍ୟପାଳିକା କ୍ଷମତା, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବ୍ୟବସ୍ଥାପିକା କ୍ଷମତାର ବଣ୍ଟନ, ଉଚ୍ଚ ଓ ଉଚ୍ଚତମ ନ୍ୟାୟାଳୟ ସମ୍ପର୍କୀତ ବିଷୟ ଓ ସଂସଦରେ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ବିଷୟ ଆଦି ସଂଶୋଧନ ପ୍ରସ୍ତାବ ଇତ୍ୟାଦି ପ୍ରଥମେ ସଂସଦର ପ୍ରତ୍ୟେକ ସଭାର ମୋଟ୍ ସଦସ୍ୟଙ୍କ ଅର୍ଦ୍ଧାଧିକ ଭୋଟ୍ ଓ ଉପସ୍ଥିତ ସଦସ୍ୟଙ୍କର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଲାଭ କରିବା ଆବଶ୍ୟକ । ଏହାପରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ ବିଧାନସଭାଗୁଡ଼ିକର ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଥାଏ । ଅର୍ଦ୍ଧାଧିକ ରାଜ୍ୟର ବିଧାନସଭା ପ୍ରସ୍ତାବଟିକୁ ଅନୁମୋଦନ କଲେ ତାହା ଗୃହୀତ ହେଲା ବୋଲି ବିବେଚନା କରାଯାଏ । ସମ୍ବିଧାନ ସଂଶୋଧନ ପ୍ରଣାଳୀର ଏହି ବ୍ୟବସ୍ଥାଟି ଅତ୍ୟନ୍ତ ଜଟିଳ ।

❖ **ସମ୍ବିଧାନ ସଂଶୋଧନ ପ୍ରଣାଳି ତ୍ରୁଟିଯୁକ୍ତ :**

୧. ଆମ ସମ୍ବିଧାନ ସଂଶୋଧନ ପଦ୍ଧତିକୁ ସମାଲୋଚନା କରି କୁହାଯାଏ ଯେ, ରାଷ୍ଟ୍ରପତିଙ୍କ ସ୍ୱୀକୃତି ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ରଖାଯାଇନାହିଁ ।

୨. ଭାରତ ଏକ ସଂଘୀୟ ରାଷ୍ଟ୍ର ହୋଇଥିଲେ ହେଁ ରାଜ୍ୟ ବିଧାନସଭାଗୁଡ଼ିକ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆଗତ କରିପାରିବେ ନାହିଁ ।

୩. ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନ ସଂଶୋଧନ ପାଇଁ ଜନମତ ସଂଗ୍ରହର ବ୍ୟବସ୍ଥା ରଖାଯାଇନାହିଁ ।

ଭାରତ ସମ୍ବିଧାନର ସଂଶୋଧନ ପଦ୍ଧତି ଉଭୟ ନମନୀୟ ଓ ଅନମନୀୟ ହୋଇଥିବାରୁ ଉଭୟ ପଦ୍ଧତିର ପ୍ରୟୋଗ କରେ ସଂଶୋଧନ କରାଯାଇଥାଏ । ୧୯୬୭ ମସିହାରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଗୋଲକନାଥ ବନାମ ପଞ୍ଜାବ ମୋକଦ୍ଦମା ବିଚାର କରି ରାୟ ପ୍ରଦାନ କରିଥିଲେ ଯେ, ସଂସଦ ମୌଳିକ ଅଧିକାର ସଂଶୋଧନ କରିପାରିବ ନାହିଁ । ୧୯୭୮ ମସିହାରେ ମାନ୍ୟବର ନ୍ୟାୟାଳୟ କେଶବାନନ୍ଦ ଭାରତୀ ବନାମ କେରଳ ମୋକଦ୍ଦମାର ବିଚାର କରି ସମ୍ବିଧାନର ସମସ୍ତ ଅଂଶ ଏପରିକି ମୌଳିକ ଅଧିକାରକୁ ସଂସଦ ସଂଶୋଧନ କରିପାରିବ ବୋଲି ରାୟ ପ୍ରଦାନ କଲେ । କିନ୍ତୁ ସଂଶୋଧନ ମାଧ୍ୟମରେ ସମ୍ବିଧାନର ମୌଳିକ ଢାଞ୍ଚାକୁ ସଂସଦ ସଂଶୋଧନ କରିପାରିବ ନାହିଁ ବୋଲି ସେହି ରାୟରେ ସ୍ପଷ୍ଟ କଲେ । ୧୯୮୦ ମସିହା ମିନର୍ଭା ମିଲସ୍ ବନାମ ଭାରତ ସରକାରଙ୍କ ମୋକଦ୍ଦମାକୁ ବିଚାର କରି ପୂର୍ବ ପ୍ରକାଶିତ ରାୟକୁ କାଏମ ରଖିଲେ । ସମ୍ବିଧାନର ମୌଳିକ ଢାଞ୍ଚା କ'ଣ ସେ ସମ୍ପର୍କରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ କିଛି ସ୍ପଷ୍ଟ କଲେ ନାହିଁ । ଏହାର ସୁରକ୍ଷା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ହୋଇଥିବାରୁ ଏହି କ୍ଷେତ୍ରରେ ନ୍ୟାୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେ ହୁଏ ।

### ❖ ୧୦.୭ ସାରାଂଶ :

ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ରରେ ମୌଳିକ ଆଇନ ଗ୍ରନ୍ଥକୁ ସମ୍ବିଧାନ କୁହାଯାଏ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସ୍ୱାଧୀନୋତ୍ତର ଭାରତ ପାଇଁ ଏକ ସମ୍ବିଧାନ ପ୍ରସ୍ତୁତ କରିବାକୁ ପ୍ରବଳ ଦାବୀ କରାଯାଇଥିଲା । 'କ୍ୟାବିନେଟ୍ ମିଶନ ଯୋଜନା – ୧୯୪୫ ଆଧାରରେ ସମ୍ବିଧାନ ପ୍ରଣୟନ କରିବା ପାଇଁ ଇଂରେଜ ସରକାର ପଥ ପ୍ରସ୍ତୁତ କଲେ । ପରିଣାମ ସ୍ୱରୂପ ସମ୍ବିଧାନ ପ୍ରଣୟନ ସଭା ଗଠିତ ହେଲା । ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରୁଥିବା ଏହି ସଭା ପୁଙ୍ଖାନୁପୁଙ୍ଖ ଆଲୋଚନା ଜାରି ରଖି ୨ ବର୍ଷ ୧୧ ମାସ ଓ ୧୮ ଦିନରେ ଆମ ସମ୍ବିଧାନ ପ୍ରସ୍ତୁତ କଲା ଯାହା ୨୬ ଜାନୁୟାରୀ ୧୯୫୦ ଠାରୁ ଆମ ଦେଶରେ କାର୍ଯ୍ୟକାରୀ ହୋଇଆସୁଛି ।

ସମ୍ବିଧାନର ମୁଖବନ୍ଧକୁ ପ୍ରସ୍ତାବନା କୁହାଯାଏ । ପ୍ରସ୍ତାବନା ମାଧ୍ୟମରେ ଆମ ଦେଶକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ କରି ସମସ୍ତ ନାଗରିକମାନଙ୍କୁ ନ୍ୟାୟ, ସ୍ୱାଧୀନତା ଓ ସମାନତା ସୁନିଶ୍ଚିତ କରିବା ସହ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଶପଥ ନିଆଯାଇଛି ।

ଭାରତ ସମ୍ବିଧାନ ପୃଥିବୀର ବୃହତ୍ ଲିଖିତ ସମ୍ବିଧାନ । ସମ୍ବିଧାନ ପ୍ରଣୟନ ସଭା ଏହାକୁ ପ୍ରସ୍ତୁତ କଲା ବେଳେ ବିଶ୍ୱର ବଛା ବଛା ସମ୍ବିଧାନକୁ ଏକତ୍ର କରି ତହିଁରୁ ଆମ ଦେଶ ପାଇଁ ପ୍ରଯୁଜ୍ୟ ହେଉଥିବା ଅଂଶଗୁଡ଼ିକୁ ଆଣି ଆମ ସମ୍ବିଧାନରେ ଭର୍ତ୍ତି କରିବାରୁ ଏହା ଏକ ବୃହତ୍ ସମ୍ବିଧାନ ପାଲଟି ଗଲା । ଆମ ସମ୍ବିଧାନରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡ଼ିକର ଢାଞ୍ଚାକୁ ସଂସଦୀୟ ସରକାରରେ ପରିଣତ କରିବାକୁ ସାମ୍ବିଧାନିକ ବ୍ୟବସ୍ଥା ହୋଇଛି । ସମ୍ବିଧାନ ଆକାରରେ ସଂଘୀୟ ହୋଇଥିଲେ ହେଁ ଏହାର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା ତା'କୁ ଐକିକର ମାନ୍ୟତା ପ୍ରଦାନ କରେ । ଭାରତ ସମ୍ବିଧାନର ସଂଶୋଧନ ପ୍ରଣାଳୀରେ ଉଭୟ ନମନୀୟ ଓ ଅନମନୀୟତାର ମିଶ୍ରଣ ଦେଖିବାକୁ ମିଳେ । ନାଗରିକମାନଙ୍କୁ (୧) ସମାନତାର ଅଧିକାର, (୨) ସ୍ୱାଧୀନତାର ଅଧିକାର, (୩) ଶୋଷଣ ବିରୋଧି ଅଧିକାର, (୪) ଧର୍ମୀୟ ସ୍ୱାଧୀନତାର ଅଧିକାର, (୫) ଶିକ୍ଷା ଓ ସାଂସ୍କୃତିକ ଅଧିକାର (୬) ସାମ୍ବିଧାନିକ ପ୍ରତିକାର ଅଧିକାର ଭଳି ୬ ଗୋଟି ମୌଳିକ ଅଧିକାର ସୁନିଶ୍ଚିତ କରାଯାଇଛି । ଯାହା ନ୍ୟାୟଯୋଗ୍ୟ । ଅଧିକାର ଓ କର୍ତ୍ତବ୍ୟ ପରସ୍ପର ପରିପୂରକ ହୋଇଥିବାରୁ ସମ୍ବିଧାନର ୫୧ (କ) ଧାରାରେ ପ୍ରତ୍ୟେକ ଭାରତୀୟ ନାଗରିକ ୧୧ ଟି ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।

ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ର ବୋଲି ପ୍ରମାଣ କରିବା ପାଇଁ ସମ୍ବିଧାନର ୪ର୍ଥ ଭାଗରେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ସନ୍ନିବେଶ କରାଯାଇଛି । କେନ୍ଦ୍ର ବ୍ୟବସ୍ଥାପିକା ସଭା ସଂସଦ ଦ୍ୱିସଦନୀୟ ଅଟେ । ତନ୍ମଧ୍ୟରୁ ନିମ୍ନ ସଦନ ଲୋକସଭାକୁ ପ୍ରତିନିଧିମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି ଓ ଉଚ୍ଚ ସଦନ ରାଜ୍ୟସଭା ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ କରିଥାଏ । ଏହି ଢାଞ୍ଚାରେ ୬ ଗୋଟି ରାଜ୍ୟର ବିଧାନସଭା ଗଠିତ ହୋଇଛି । ଅନ୍ୟ ୨୩ ଗୋଟି ରାଜ୍ୟର ବିଧାନସଭା ଏକ କକ୍ଷ ବିଶିଷ୍ଟ ସଂସଦ ଓ ବିଧାନସଭାର ସଭ୍ୟମାନଙ୍କୁ ସାର୍ବଜନୀନ ସାବାଳକ ଭୋଟ୍ ପ୍ରଥା ମାଧ୍ୟମରେ ନିର୍ବାଚିତ କରାଯାଏ । ଆମ ଦେଶରେ ଏକକ ନାଗରିକତା ପ୍ରଚଳିତ । ସମ୍ବିଧାନ ଆମ ଦେଶର ନ୍ୟାୟପାଳିକାକୁ ସ୍ୱାଧୀନ ଓ ନିରପେକ୍ଷ ସୃଷ୍ଟି କରିଛି । ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କାର୍ଯ୍ୟ ଅବୈଧ ହେଲେ ତା'କୁ ନ୍ୟାୟିକ ପୁନରାବଲୋକନ ଜରିଆରେ ସମୀକ୍ଷା କରିବା ପାଇଁ ନ୍ୟାୟପାଳିକା କ୍ଷମତାପ୍ରାପ୍ତ । ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ରାଷ୍ଟ୍ରପତିଙ୍କୁ ୩୫୨, ୩୫୬ ଓ ୩୬୦ ଧାରା ବଳରେ କ୍ଷମତା ପ୍ରୟୋଗ କରିବାକୁ ସାମ୍ବିଧାନିକ ବ୍ୟବସ୍ଥା ହୋଇଛି । ଏହି ସମୟରେ ରାଷ୍ଟ୍ରପତି ନିଜକୁ ବାସ୍ତବ ଶାସନ ମୁଖ୍ୟ ପ୍ରତିପାଦନ କରିପାରିବେ । ଭାରତ ସମ୍ବିଧାନକୁ ଯୁଗୋପଯୋଗୀ ଓ ଗତିଶୀଳ କରିବା ପାଇଁ ଧାରା ୩୬୮ ବଳରେ ସଂଶୋଧନ କରାଯିବାର ବ୍ୟବସ୍ଥା ହୋଇଛି । ଏହି ସଂଶୋଧନ ପ୍ରଣାଳୀ ମଧ୍ୟରୁ ଗୋଟିଏ ସରଳ, ଗୋଟିଏ ଜଟିଳ ଏବଂ ଅନ୍ୟଟି ଆଂଶିକ ସରଳ ଓ ଆଂଶିକ ଜଟିଳ ଅଟେ । ଏଯାବତ୍ ସମ୍ବିଧାନର ୧୨୨ ଗୋଟି ସଂଶୋଧନ ହୋଇସାରିଲାଣି ।

## ❖ ୧୦.୮ ନିଜ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ:

୧. ସମ୍ବିଧାନ ପ୍ରଣୟନ ସଭାର ଗଠନ ଓ କାର୍ଯ୍ୟ ବର୍ଣ୍ଣନା କର ।

୨. ସମ୍ବିଧାନର ପ୍ରସ୍ତାବନା ବର୍ଣ୍ଣନା କର ଓ ତାହାର ବିଶ୍ଳେଷଣ କର ।

୩. ଭାରତ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ଆଲୋଚନା କର ।

୪. ସମ୍ବିଧାନ ସଂଶୋଧନ ପଦ୍ଧତି ବର୍ଣ୍ଣନା କର ।

୫. ଭାରତୀୟ ନାଗରିକମାନଙ୍କ ମୌଳିକ କର୍ତ୍ତବ୍ୟ ବର୍ଣ୍ଣନା କର ।

## ❖ ୧୦.୯ ନିଜ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର:

୧. ଅନୁଚ୍ଛେଦ ୧୦.୨ ଓ ୧୦.୩ ଦେଖନ୍ତୁ ।

୨. ଅନୁଚ୍ଛେଦ ୧୦.୪ ଦେଖନ୍ତୁ ।

୩. ଅନୁଚ୍ଛେଦ ୧୦.୫ ଦେଖନ୍ତୁ ।

୪. ଅନୁଚ୍ଛେଦ ୧୦.୬ ଦେଖନ୍ତୁ ।

୫. ଅନୁଚ୍ଛେଦ ୧୦.୫.୧୧ ଦେଖନ୍ତୁ ।

❖❖❖

# ଏକାଦଶ ଅଧ୍ୟାୟ

# ସାମ୍ବିଧାନିକ ଅଧିକାର

**ସଂରଚନା :**


୧୧. ସଂରଚନା

୧୧.୧ ଉଦ୍ଦେଶ୍ୟ

୧୧.୨ ମୌଳିକ ଅଧିକାର

୧୧.୨.୧ ସମାନତାର ଅଧିକାର

୧୧.୨.୨ ସ୍ୱାଧିନତାର ଅଧିକାର

୧୧.୨.୩ ଶୋଷଣ ବିରୋଧି ଅଧିକାର

୧୧.୨.୪ ଧର୍ମୀୟ ସ୍ୱାଧିନତାର ଅଧିକାର

୧୧.୨.୫ ଶିକ୍ଷା ଓ ସାଂସ୍କୃତିକ ଅଧିକାର

୧୧.୨.୬ ସାମ୍ବିଧାନିକ ପ୍ରତିକାରର ଅଧିକାର

୧୧.୩ ମୌଳିକ ଅଧିକାରର ମୂଲ୍ୟାୟନ

୧୧.୪ ମୌଳିକ କର୍ତ୍ତବ୍ୟ

୧୧.୫ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି

୧୧.୫.୧ ସମାଜବାଦୀ ନୀତି

୧୧.୫.୨ ଗାନ୍ଧିବାଦୀ ନୀତି

୧୧.୫.୩ ଉଦାରବାଦୀ ନୀତି

୧୧.୬ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିର ମୂଲ୍ୟାୟନ

୧୧.୭ ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ମଧ୍ୟରେ ପ୍ରଭେଦ

୧୧.୮ ସାରାଂଶ

୧୧.୯ ନିଜ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୧୧.୧୦ ନିଜ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

## ❖ ୧୧.୧ ଉଦ୍ଦେଶ୍ୟ :

ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ ;

- ➢ ସମ୍ବିଧାନ ଦ୍ୱାରା ସୁନିଶ୍ଚିତ ହୋଇଥିବା ମୌଳିକ ଅଧିକାରଗୁଡ଼ିକ ସମ୍ପର୍କରେ ଜାଣିପାରିବେ ।
- ➢ ମୌଳିକ ଅଧିକାରଗୁଡ଼ିକର ପ୍ରକାରଭେଦ ସମ୍ପର୍କରେ ଜାଣିପାରିବେ ।
- ➢ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଜାଣିପାରିବେ ।
- ➢ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ସମ୍ପର୍କରେ ଜାଣିପାରିବେ ।
- ➢ ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ମଧ୍ୟରେ ଥିବା ପ୍ରଭେଦ ବିଷୟରେ ଜାଣିପାରିବେ ।

ବ୍ୟକ୍ତିତ୍ୱର ବିକାଶ ପାଇଁ ଯେଉଁ ସୁବିଧା ସୁଯୋଗ ପ୍ରଦାନ କରାଯାଇଥାଏ, ତା'କୁ ଅଧିକାର କୁହାଯାଏ । ଏକ ଇଂରାଜୀ ପ୍ରବାଦ ଅନୁଯାୟୀ, "ରାଷ୍ଟ୍ରର ଚରିତ୍ର ଓ ଲକ୍ଷଣ ତା' ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକରୁ ଜଣାପଡ଼େ ।" ଅଧିକାର ଦୁଇ ପ୍ରକାରର - ଅସ୍ତିସୂଚକ ଓ ନାସ୍ତିସୂଚକ । ଅସ୍ତିସୂଚକ ଅଧିକାରଗୁଡ଼ିକ ଜରିଆରେ ବ୍ୟକ୍ତି ନିଜର ଅଭିବୃଦ୍ଧି କରିବା ସହିତ ନିଜ ସ୍ୱାର୍ଥ ଓ ସାମୂହିକ ସ୍ୱାର୍ଥ ପାଇଁ ଜୀବନଧାରଣ କରେ । ମାତ୍ର ନାସ୍ତିସୂଚକ ଅଧିକାରଗୁଡ଼ିକ ଆଇନର ପରିସୀମା ଓ ପ୍ରତିବନ୍ଧକ ମଧ୍ୟରେ ଉପଭୋଗ କରାଯାଇଥାଏ । ଅନ୍ୟ ସମସ୍ତ ରାଷ୍ଟ୍ରରେ ନାଗରିକମାନେ ଯେଭଳି ବିଭିନ୍ନ ଅଧିକାର ଉପଭୋଗ କରନ୍ତି । ସେମିତି ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତ ନାଗରିକ ସମ୍ବିଧାନ ସୃଷ୍ଟ ଛଅଗୋଟି ମୌଳିକ ଅଧିକାର ଉପଭୋଗ କରନ୍ତି । ଆମ ସମ୍ବିଧାନର ତୃତୀୟ ଭାଗରେ ଧାରା ୧୨ ରୁ ୩୫ ମଧ୍ୟରେ ଛଅଗୋଟି ମୌଳିକ ଅଧିକାର ବର୍ଣ୍ଣନା କରାଯାଇଛି ।

୧୯୭୬ ମସିହାର ୪୨ ତମ ସମ୍ବିଧାନ ସଂଶୋଧନ ବଳରେ ସମ୍ବିଧାନର ୪ର୍ଥ – କ ଅଧ୍ୟାୟରେ ଧାରା ୫୧-କ ଯୋଗ କରାଯାଇ ଦଶଗୋଟି ମୌଳିକ କର୍ତ୍ତବ୍ୟ ଉଲ୍ଲେଖ କରାଯାଇଛି । ୨୦୦୨ ମସିହା ୮୬ ତମ ସମ୍ବିଧାନ ସଂଶୋଧନ ବଳରେ ଆଉ ଏକ କର୍ତ୍ତବ୍ୟ ଯୋଗ କରାଯାଇ ମୋଟ୍ ମୌଳିକ କର୍ତ୍ତବ୍ୟର ସଂଖ୍ୟାକୁ ୧୧କୁ ବୃଦ୍ଧି କରାଯାଇଛି । ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ଜଣକର କର୍ତ୍ତବ୍ୟ ଅନ୍ୟ ଜଣର ଅଧିକାର । ପରିମାଣ ସ୍ୱରୂପ ସମସ୍ତେ ଅଧିକାର ଓ କର୍ତ୍ତବ୍ୟର ମହତ୍ତ୍ୱ ଅନୁଭବ କରିପାରିବେ ।

ଆମ ସମ୍ବିଧାନର ୪ର୍ଥ ଭାଗରେ ଧାରା ୩୬ ରୁ ୫୧ ମଧ୍ୟରେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ବର୍ଣ୍ଣନା କରାଯାଇଛି । ସମ୍ବିଧାନର ପ୍ରସ୍ତାବନାରେ ଆମେ ଏହି ଅସ୍ତିସୂଚକ ନୀତି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପାଇଛୁ । ନାଗରିକମାନଙ୍କୁ ସାମାଜିକ, ଅର୍ଥନୈତିକ ନ୍ୟାୟ ପ୍ରଦାନ କରିବା ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିର ଲକ୍ଷ୍ୟ । ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ର ରୂପେ ଗଢ଼ି ତୋଳିବା ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ ଏହି ନୀତିଗୁଡ଼ିକର ଅନ୍ତର୍ଭୁକ୍ତ ।

## ❖ ୧୧.୨ ମୌଳିକ ଅଧିକାର :

ପ୍ରଫେସର ହାରୋଲଡ୍ ଲାସ୍କିଙ୍କ ମତରେ, "ଯେଉଁ ସାମାଜିକ ପରିବେଶ ବା ପରିସ୍ଥିତି ବିନା ଜଣେ ବ୍ୟକ୍ତି ନିଜ ଜୀବନରେ ପୂର୍ଣ୍ଣତା ପାଇପାରେ ନାହିଁ ଓ ଜଣେ ଉତ୍ତମ ବା ସର୍ବୋତ୍କୃଷ୍ଟ ବ୍ୟକ୍ତି ଭାବରେ ପରିଗଣିତ ହୋଇପାରେ ନାହିଁ, ସେଗୁଡ଼ିକୁ ଅଧିକାର କୁହାଯାଏ ।"

ଅଧିକାର ଦୁଇ ପ୍ରକାରର – ଅସ୍ତି ଓ ନାସ୍ତିସୂଚକ । ଅସ୍ତିସୂଚକ ଅଧିକାରଗୁଡ଼ିକ ମାଧ୍ୟମରେ ବ୍ୟକ୍ତିତ୍ୱ ବିକାଶ ହେବା ସହିତ ନିଜ ସ୍ୱାର୍ଥ ଓ ସାମୁହିକ ସ୍ୱାର୍ଥ ପାଇଁ ବ୍ୟକ୍ତି ଜୀବନଧାରଣ କରେ । ନାସ୍ତିସୂଚକ ଅଧିକାରଗୁଡ଼ିକ ଆଇନ୍‌ର ପରିସୀମା ଓ ପ୍ରତିବନ୍ଧକ ମଧ୍ୟରେ ଉପଭୋଗ କରାଯାଇଥାଏ ।

ଅନ୍ୟ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନେ ଯେପରି ବିଭିନ୍ନ ଅଧିକାର ଉପଭୋଗ କରନ୍ତି । ସେହିପରି ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତ ନାଗରିକ ସମ୍ବିଧାନ ସ୍ୱୀକୃତ ଛଅ ଗୋଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି । ଆମ ସମ୍ବିଧାନର ତୃତୀୟ ଭାଗରେ ୨୪ ଗୋଟି ଧାରା ଅଧୀନରେ ଛଅ ଗୋଟି ମୌଳିକ ଅଧିକାର ସମ୍ପର୍କରେ ବିଶଦ ବର୍ଣ୍ଣନା କରାଯାଇଛି । ସମ୍ବିଧାନର ୧୨ ଧାରାରୁ ୩୫ ଧାରା ମଧ୍ୟରେ ବର୍ଣ୍ଣିତ ଅଧିକାରଗୁଡ଼ିକ ପ୍ରତ୍ୟେକ ଭାରତୀୟମାନଙ୍କ ପାଇଁ ଉଦ୍ଦିଷ୍ଟ । ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖ ଦିନ ଠାରୁ କାର୍ଯ୍ୟକାରୀ ହୋଇଥିବା ଆମ ସମ୍ବିଧାନରେ ସଂଶୋଧନ ମାଧ୍ୟମରେ ସମ୍ପତ୍ତିଗତ ଅଧିକାର (ଧାରା – ୩୧) କୁ ପ୍ରତ୍ୟାହାର କରାଯାଇଛି । ପରିଣାମ ସ୍ୱରୂପ ଆମେ ଏବେ ଛଅ ଗୋଟି ମୌଳିକ ଅଧିକାର ଉପଭୋଗ କରୁଛୁ । ସମ୍ପତ୍ତିଗତ ଅଧିକାର ଏବେ ଏକ ଆଇନ୍‌ଗତ ଅଧିକାରର ମାନ୍ୟତା ପାଇଛି ।

ଇଂରେଜ ଶାସନ ସମୟରୁ ଆମ ଦେଶରେ ମୌଳିକ ଅଧିକାର ପାଇଁ ଦାବୀ କରାଯାଉଥିଲା । ୧୯୧୭ ଓ ୧୯୧୯ ମସିହା ମଧ୍ୟରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଭାରତୀୟମାନଙ୍କ ପାଇଁ ମୌଳିକ ଅଧିକାର ଦାବୀ କରାଯାଇ ବିଭିନ୍ନ ପ୍ରସ୍ତାବମାନ ଗୃହୀତ ହୋଇଥିଲା । ୧୯୨୮ ମସିହାରେ ମୋତିଲାଲ ନେହେରୁ କମିଟି ରିପୋର୍ଟରେ ମଧ୍ୟ ଅନୁରୂପ ଦାବୀ କରାଯାଇଥିଲା । ୧୯୩୦ ମସିହାରେ ସାଇମନ୍ କମିଶନ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ । ୧୯୩୦ ମସିହା କରାଚୀ ଅଧିବେଶନରେ ଓ ୧୯୩୨-୩୩ ମସିହାର ଗୋଲ୍‌ଟେବୁଲ୍ ବୈଠକରେ ଅନୁରୂପ ଦାବୀ କରାଯାଇଥିଲେ ହେଁ ଇଂରେଜ ସରକାର ଏ ସମସ୍ତ ଦାବୀକୁ ଉପେକ୍ଷା କରିଥିଲେ । ୧୯୩୫ ମସିହାର ଭାରତ ଶାସନ ଆଇନ୍‌ରେ ମଧ୍ୟ ମୌଳିକ ଅଧିକାର ସ୍ଥାନ ପାଇଥିଲା ।

ସର୍ବଶେଷରେ ୧୯୪୬ ମସିହାରେ ଭାରତ ଗସ୍ତ କରିଥିବା କ୍ୟାବିନେଟ୍ ମିଶନ ସ୍ୱାଧୀନୋତ୍ତର ଭାରତ ପାଇଁ ଏକ ସମ୍ବିଧାନ ପ୍ରଣୟନ ସହିତ ନାଗରିକମାନଙ୍କ ପାଇଁ ମୌଳିକ ଅଧିକାର ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରିଥିଲେ ।

ସମ୍ପ୍ରତି ଭାରତର ନାଗରିକମାନେ ନିମ୍ନ ବର୍ଣ୍ଣିତ ଛଅଗୋଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି ।

୧. ସମାନତାର ଅଧିକାର (୧୪ରୁ ୧୮ ଧାରା)

୨. ସ୍ୱାଧୀନତାର ଅଧିକାର (୧୯ ରୁ ୨୨ ଧାରା)

୩. ଶୋଷଣ ବିରୋଧୀ ଅଧିକାର (୨୩ ରୁ ୨୪ ଧାରା)

୪. ଧର୍ମଗତ ସ୍ୱାଧୀନତା ଅଧିକାର (୨୫ ରୁ ୨୮ ଧାରା)

୫. ଶିକ୍ଷା ଓ ସାଂସ୍କୃତିକ ଅଧିକାର (୨୯ ରୁ ୩୦ ଧାରା)

୬. ସାମ୍ବିଧାନିକ ପ୍ରତିକାରର ଅଧିକାର (୩୨ ଧାରା)

### ❖ ୧୧.୨.୧ ସମାନତା ଅଧିକାର :

ସମ୍ବିଧାନର ୧୪ ରୁ ୧୮ ଧାରା ମଧ୍ୟରେ ସମାନତାର ଅଧିକାର ବର୍ଣ୍ଣିତ । ଏହାର ଅର୍ଥ ଆଇନ ସମ୍ମୁଖରେ ସମ ସ୍ଥିତିରେ ସମସ୍ତେ ସମାନ ଏବଂ ଆଇନ ସମସ୍ତଙ୍କୁ ସମାନ ସୁରକ୍ଷା ଯୋଗାଇଦେବ ।

➢ ୧୪ ଧାରା – ଆଇନ୍ ସମ୍ମୁଖରେ ସମସ୍ତେ ସମାନ –

ଏହି ଧାରା ଅଧିନରେ ପ୍ରତ୍ୟେକ ଭାରତୀୟ ନାଗରିକ ଆଇନ ସମ୍ମୁଖରେ ସମାନ ବିବେଚିତ ହୋଇଥାଏ । ଏତଦ୍‌ବ୍ୟତୀତ ଆଇନ୍ ସମସ୍ତଙ୍କୁ ସମାନ ସୁରକ୍ଷା ଯୋଗାଇଦେଇଥାଏ । ଆଇନ୍‌ର ପରିସର ମଧ୍ୟରେ କୌଣସି ପାତର ଅନ୍ତର କରାଯାଏ ନାହିଁ । ଏହାର ବ୍ୟତିକ୍ରମ ଅନୁଯାୟୀ ଆଇନ୍ ମଧ୍ୟ ସମସ୍ତଙ୍କ ପାଇଁ ସମ ପ୍ରଯୁଜ୍ୟ ହୋଇନଥାଏ । ବାସ୍ତବରେ ଏହି ଅଧିକାରର ପରିସର ମଧ୍ୟରେ ଆଇନ୍ ସମାନ୍ତରାଳ ଅଟେ । ନିଃସହାୟ, ଶିଶୁ, ବୃଦ୍ଧ, ତ'ସିଲଭୁକ୍ତ ଜାତି ଏବଂ ଉପଜାତି ବ୍ୟକ୍ତିମାନଙ୍କ ପାଇଁ ସାମାଜିକ ଓ ଅର୍ଥନୈତିକ ସ୍ୱତନ୍ତ୍ର ସୁବିଧା ସୁଯୋଗ ପ୍ରଦାନ କରାଯାଇଛି । ଏଥିପାଇଁ ସମତା ପ୍ରଭାବିତ ହୁଏ ନାହିଁ ।

➢ ୧୫ ଧାରା – ପକ୍ଷପାତିତାର ନିଷେଧାଦେଶ –

ଏହି ଧାରା ଅଧିନରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା ଓ ଜନ୍ମ ସ୍ଥାନ ଭିତ୍ତିରେ କୌଣସି ପକ୍ଷପାତିତା କରାଯାଇପାରିବ ନାହିଁ । ଏହିସବୁ ଆଧାରରେ ରାଷ୍ଟ୍ର କିମ୍ବା କୌଣସି ବ୍ୟକ୍ତି ବିଭେଦ ସୃଷ୍ଟି କରିପାରିବ ନାହିଁ । ସର୍ବସାଧାରଣ ସମ୍ପତ୍ତି ଓ ଅନୁଷ୍ଠାନଗୁଡ଼ିକର ବ୍ୟବହାର ପାଇଁ କାହାକୁ ବାରଣ କରାଯାଇପାରିବ ନାହିଁ । ପରିଣାମ ସ୍ୱରୂପ ଜଣେ ନାଗରିକ ସର୍ବସାଧାରଣ କୂପ, ପୋଖରୀ, ରାସ୍ତା, ଘାଟ, ପାର୍କ, ଭୋଜନାଳୟ ଇତ୍ୟାଦି ବ୍ୟବହାର କରିପାରିବ ।

ଏହାର ବ୍ୟତିକ୍ରମ ଅନୁଯାୟୀ ଶିଶୁ ଓ ଅନୁନ୍ନତ ଜାତିମାନଙ୍କ ଶିକ୍ଷା ଓ ସାମାଜିକ ବିକାଶ ପାଇଁ ସ୍ୱତନ୍ତ୍ର ସୁବିଧା କରାଗଲେ ସମାନତାର ପ୍ରତିବନ୍ଧକ ହେବନାହିଁ ।

➢ ୧୬ ଧାରା – ସରକାରୀ ନିଯୁକ୍ତି କ୍ଷେତ୍ରରେ ସମାନ ସୁଯୋଗ –

ରାଷ୍ଟ୍ର ଅଧିନସ୍ଥ କୌଣସି ପଦ ପଦବୀ ନିମନ୍ତେ ସମଯୋଗ୍ୟତା ଭିତ୍ତିକ ବ୍ୟକ୍ତି ସମାନ ସୁଯୋଗ ପାଇବ । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା ଓ ଜନ୍ମସ୍ଥାନ ଆଧାରରେ କାହାର ନିଯୁକ୍ତି ସୁବିଧାକୁ ବିଚାର କରାଯାଇପାରିବ ନାହିଁ ।

ସରକାରୀ ନିଯୁକ୍ତି କ୍ଷେତ୍ରରେ ଅନୁନ୍ନତ, ତ'ସିଲଭୁକ୍ତ ଜାତି ଓ ଉପଜାତି ପ୍ରାର୍ଥୀମାନଙ୍କୁ ସ୍ୱତନ୍ତ୍ର ସୁବିଧା ଓ ସଂରକ୍ଷଣ ବ୍ୟବସ୍ଥା ସମ୍ବିଧାନ ଦ୍ୱାରା ସ୍ୱୀକୃତ । ସରକାରୀ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ । ପଦୋନ୍ନତି କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି ।

➢ ୧୭ ଧାରା – ଅସ୍ପୃଶ୍ୟତା ଉଚ୍ଛେଦ –

ଏହି ଧାରା ଅଧିନରେ ସାମାଜିକ ଅସ୍ପୃଶ୍ୟତାକୁ ଉଚ୍ଛେଦ କରାଯାଇଛି । ଜାତିଆଣ ଭେଦଭାବକୁ ପ୍ରଶୟ ଦିଆଯାଇନାହିଁ । ଏହି ବ୍ୟବସ୍ଥାକୁ ରୋକିବା ପାଇଁ ସରକାର ୧୯୫୫ ମସିହାରେ ଅସ୍ପୃଶ୍ୟତା ନିବାରଣ ଆଇନ୍ କାର୍ଯ୍ୟକାରୀ କରିଛନ୍ତି । ଆଇନ୍ ଉଲ୍ଲଂଘନକାରୀକୁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି ।

➢ ୧୮ ଧାରା – ଉପାଧି ବିଲୋପ –

ଏହି ଧାରା ଅଧିରେ ସାମାଜିକ ସମାନତା ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାରର "ଆଳଙ୍କାରିକ ଉପାଧି" ପ୍ରଦାନ ବନ୍ଦ ରଖାଯାଇଛି । କେବଳ ଶିକ୍ଷାଗତ ଓ ସାମରିକ ପଦବୀ ପ୍ରଦାନରେ ଅଙ୍କୁଶ ରହିବ ନାହିଁ । ୧୯୭୭ ମସିହାରେ ତତ୍କାଳୀନ ସରକାର ସ୍ୱଳ୍ପ ସମୟ ପାଇଁ ସମସ୍ତ ବେସାମରିକ ଉପାଧି ପ୍ରଦାନକୁ ଉଠାଇ ଦେଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସେଗୁଡ଼ିକ ପ୍ରଦାନ କରାଯାଇଛି ।

❖ ୧୧.୨.୨ ସ୍ୱାଧିନତା ଅଧିକାର :

ସମ୍ବିଧାନର ୧୯ ରୁ ୨୨ ଧାରା ମଧ୍ୟରେ ସ୍ୱାଧିନତା ଅଧିକାର ବର୍ଣ୍ଣନା କରାଯାଇଛି ।

୧୯ ଧାରାରେ ଛଅ ଗୋଟି ସ୍ୱାଧିନତା ସମ୍ପର୍କରେ ଉଲ୍ଲେଖ ରହିଛି । ସେଗୁଡିକ ହେଲା ;

(କ) ବାକ୍ ଓ ଅଭିବ୍ୟକ୍ତି ସ୍ୱାଧିନତା

(ଖ) ଶାନ୍ତିପୂର୍ଣ୍ଣ ଭାବେ ନିରସ୍ତ୍ର ସମବେତ ହେବା

(ଗ) ସଂଘ ଗଠନ କରିବା

(ଘ) ଭ୍ରମଣର ସ୍ୱାଧିନତା

(ଙ) ଯେକୌଣସି ବୃତ୍ତି / ପେସା / ବ୍ୟବସାୟ କରିବାର ସ୍ୱାଧିନତା

(ଚ) ଦେଶର ଯେକୌଣସି ସ୍ଥାନରେ ବସବାସ କରିବାର ସ୍ୱାଧିନତା ।

ଏହି ଛଅ ଗୋଟି ସ୍ୱାଧିନତା ଅଧିକାର ଅସୀମ ନୁହେଁ । ଧାରା ୧୯(୨) ଅନୁଯାୟୀ ଏହି ସ୍ୱାଧିନତା ଅଧିକାର ଉପରେ "ନ୍ୟାୟୋଚିତ ପ୍ରତିବନ୍ଧକ" ଲାଗୁ କରାଯାଇଛି । ତେବେ ଏହି ପ୍ରତିବନ୍ଧକଗୁଡିକ ବିଧିବଦ୍ଧ ଭାବରେ ଆଇନ୍ ମାଧ୍ୟମରେ କାର୍ଯ୍ୟକାରୀ ହେବ ଓ ସେହି ଆଇନ୍‌ଗୁଡିକର ବୈଧତା ନ୍ୟାୟାଳୟ ଦ୍ୱାରା ସ୍ଥିରୀକୃତ ହେବ । ନ୍ୟାୟାଳୟ ଚାହିଁଲେ ଅନ୍ୟାୟୋଚିତ ପ୍ରତିବନ୍ଧକ ସମ୍ବଳିତ ଆଇନ୍‌ଗୁଡିକ ବାତିଲ୍ କରିଦେଇପାରିବେ । ସୂଚନାଯୋଗ୍ୟ ଯେ, ଉପରୋକ୍ତ ନ୍ୟାୟୋଚିତ ପ୍ରତିବନ୍ଧକଯୁକ୍ତ ସ୍ୱାଧିନତା ଅଧିକାରଗୁଡିକ ପ୍ରତ୍ୟେକ ଭାରତୀୟ ଉପଭୋଗ କରିପାରିବେ ମାତ୍ର ସେଗୁଡିକ ଜାତୀୟ ଜରୁରୀ ପରିସ୍ଥିତି ଜାରି ହୋଇଥିବା ସମୟରେ ଉପଭୋଗ କରିହେବ ନାହିଁ ।

➢ ୨୦ ଧାରା –

ଏହି ଧାରା ଅଧିନରେ କୌଣସି ବ୍ୟକ୍ତି ଯେପରି ଅନ୍ୟାୟ ଭାବେ ଦଣ୍ଡିତ ନ ହୁଏ ସେ ସମ୍ପର୍କରେ ସାମ୍ବିଧାନିକ ସୁରକ୍ଷା ନିଶ୍ଚିତ କରାଯାଇଛି । ଏହି ସୁରକ୍ଷାଗୁଡିକ ଚାରି ପ୍ରକାରର ।

(କ) କୋଣସି ବ୍ୟକ୍ତି ଗୋଟିଏ ନିର୍ଦ୍ଦିଷ୍ଟ ଅପରାଧ ପାଇଁ ଦୁଇ ଥର ଦଣ୍ଡ ଭୋଗିପାରିବ ନାହିଁ ।

(ଖ) ନିର୍ଦ୍ଦିଷ୍ଟ ଅପରାଧ ପାଇଁ ଆଇନ୍‌ରେ ବ୍ୟବସ୍ଥା ଥିବା ଦଣ୍ଡ ପରିମାଣ ଠାରୁ ଅଧିକ ଦଣ୍ଡରେ କୌଣସି ବ୍ୟକ୍ତି ଦଣ୍ଡିତ ହୋଇପାରିବ ନାହିଁ ।

(ଗ) ନିଜ ବିରୋଧରେ ସାକ୍ଷ୍ୟ ପ୍ରଦାନ କରିବାକୁ ଓ ଅପରାଧ ସ୍ୱୀକାର କରିବାକୁ କାହାରିକୁ ବାଧ୍ୟ କରାଯାଇପାରିବ ନାହିଁ ।

(ଘ) ପ୍ରଚଳିତ ଆଇନ୍ ଭଙ୍ଗ ଅପରାଧରେ ସେହି ଆଇନାନୁଯାୟୀ ଦଣ୍ଡିତ ହେବା ବ୍ୟତୀତ ଅନ୍ୟ କୌଣସି କାରଣରୁ କୌଣସି ବ୍ୟକ୍ତି ଦଣ୍ଡିତ ହେବେ ନାହିଁ ।

➢ ୨୧ ଧାରା – ବ୍ୟକ୍ତିର ଜୀବନ ଓ ସ୍ୱତନ୍ତ୍ରତାର ସୁରକ୍ଷା

ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର ଯାହାକି ଜରୁରୀ ପରିସ୍ଥିତି ଜାରି ହୋଇଥିବା ସମୟରେ ମଧ୍ୟ ନିଲମ୍ବିତ ହୁଏ ନାହିଁ । ଆଇନ୍ ଦ୍ୱାରା ନିର୍ଦ୍ଧାରିତ ବା ସ୍ଥିରୀକୃତ ପ୍ରଣାଳି ବ୍ୟତୀତ ବ୍ୟକ୍ତିକୁ ତା' ଜୀବନରେ ବଞ୍ଚିବା ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତା ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ । ଏହି ଅଧିକାର ଉଭୟ ଭାରତୀୟ ନାଗରିକ ଓ ଅଣନାଗରିକମାନଙ୍କ ପାଇଁ ପ୍ରଯୁଜ୍ୟ । ଆମ ସମ୍ବିଧାନ ପ୍ରଣେତାମାନେ ଏହି ବ୍ୟବସ୍ଥାକୁ ଜାପାନ ସମ୍ବିଧାନରୁ ଆଣିଛନ୍ତି । ଆମ ଦେଶରେ "ବ୍ୟକ୍ତିଗତ ସ୍ୱତନ୍ତ୍ରତା" ଆଇନ୍ ଦ୍ୱାରା ନିର୍ଦ୍ଧାରିତ ପ୍ରଣାଳୀ ମାଧ୍ୟମରେ ସଙ୍କୁଚିତ ଅଥବା ବିଲୁପ୍ତ କରାଯାଇପାରିବ । ଏହା ଆଇନ୍ ଅସଙ୍ଗତ କିମ୍ବା ସମ୍ବିଧାନ ବିରୋଧି ବୋଲି ବିବେଚିତ ହେବ ନାହିଁ ।

୨୦୦୨ ମସିହାର ୮୬ ତମ ସମ୍ବିଧାନ ସଂଶୋଧନ ବଳରେ ଜୀବନଧାରଣ ଅଧିକାର ସହିତ 'ଶିକ୍ଷା ଅଧିକାରକୁ' ସମ୍ବିଧାନ୍ୟ ୨୧ (କ) ଧାରାରେ ଯୋଗ କରାଯାଇଛି ।

➢ ୨୨ ଧାରା – ବେଆଇନ୍ ଗିରଫ ଓ ଅଟକ ବିରୋଧରେ ସୁରକ୍ଷା ଅଧିକାର –

ଏହି ଧାରା ଅଧିନରେ ବ୍ୟକ୍ତିର ସୁରକ୍ଷାକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିବେଚିତ କରାଯାଇଛି । କୌଣସି ବ୍ୟକ୍ତିକୁ ବେଆଇନ୍ ଭାବରେ ଗିରଫ ନ କରିବା ଓ ଅଟକ ନ ରଖିବା ପାଇଁ କେତେକ ସମ୍ବିଧାନିକ ବ୍ୟବସ୍ଥା କରାଯାଇଛି । ଜାତୀୟ ନିରାପତ୍ତା ଓ ପ୍ରତିରକ୍ଷା ଦୃଷ୍ଟିରୁ ଯେକୌଣସି ବ୍ୟକ୍ତିକୁ ଗିରଫ କରି ଅଟକ ରଖିବା ପାଇଁ ଆଇନ୍ ମାଧ୍ୟମରେ ସରକାରଙ୍କୁ କ୍ଷମତା ପ୍ରଦାନ କରାଯାଇଛି ।

୨୨ ଧାରାରେ ଉଲ୍ଲେଖ ଥିବା ଅନ୍ୟ ସ୍ୱତନ୍ତ୍ର ବ୍ୟବସ୍ଥାଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି ।

(କ) ଗିରଫ କିମ୍ବା ଅଟକ ରହିଥିବା ବ୍ୟକ୍ତିକୁ ତା'ର କାରଣ ସମ୍ପର୍କରେ ଯଥାଶୀଘ୍ର ଅବଗତ କରାଯିବ ।

(ଖ) ଗିରଫ ବା ଅଟକ ଥିବା ବ୍ୟକ୍ତିକୁ ୨୪ ଘଣ୍ଟା ମଧ୍ୟରେ ନିକଟସ୍ଥ ଦଣ୍ଡାଧିକାରୀଙ୍କ ନିକଟରେ ହାଜର କରାଯିବ ।

(ଗ) ଗିରଫ ବା ଅଟକ ଥିବା ବ୍ୟକ୍ତିକୁ ନିଜ ପକ୍ଷ ରଖିବା ପାଇଁ ମନ ମୁତାବକ ଓକିଲ ଚୟନ କରିବାକୁ ସୁବିଧା ପ୍ରଦାନ କରାଯିବ ।

ପ୍ରଫେସର୍ ଦୁର୍ଗା ଦାସ ବସୁଙ୍କ ଅନୁଯାୟୀ ନିରାପତ୍ତାମୂଳକ ଅଟକ ଆଇନ୍‌ର ତାତ୍ପର୍ଯ୍ୟ ହେଲା ବିନା ବିଚାରରେ ଅଟକ । ତେଣୁ ଏହାର ଦୁରୁପଯୋଗ ହେବାର ଯଥେଷ୍ଟ ଆଶଙ୍କା ଥାଏ । ଉଦାହରଣ ସ୍ୱରୂପ, ୧୯୭୫ ରୁ ୧୯୭୭ ପର୍ଯ୍ୟନ୍ତ ଜାରି ହୋଇଥିବା ଜରୁରୀ ପରିସ୍ଥିତି ସମୟରେ ଆମ ଦେଶର ସର୍ବାଧିକ ୧ ଲକ୍ଷ ୭୫ ହଜାର ବ୍ୟକ୍ତି ନିରାପତ୍ତାମୂଳକ ଅଟକ ଆଇନ୍ ବଳରେ ଗିରଫ ହୋଇ ଜେଲ୍‌ରେ ଥିଲେ ।

❖ ୧୧.୨.୩ ଶୋଷଣ ବିରୋଧି ଅଧିକାର :

ସମ୍ବିଧାନର ଧାରା ୨୩ ଓ ୨୪ ରେ ଉପରୋକ୍ତ ବିଷୟ ଉଲ୍ଲେଖ କରାଯାଇଛି ।

➢ ୨୩(୧) ଧାରା – ଏହି ଅଧିକାର ଅନୁଯାୟୀ ବେଠି, ଭିକ୍ଷାବୃତ୍ତି, ମନୁଷ୍ୟ ଶରୀର ଉପରେ ଅତ୍ୟାଚାର ଜନିତ ସମସ୍ତ ପ୍ରକାର ଶୋଷଣକୁ ନିଷିଦ୍ଧ କରାଯାଇଛି । ବାଧ୍ୟତାମୂଳକ ସେବା ଅଥବା ପାରିଶ୍ରମିକ ବିନା ସେବାକୁ ବେଠି କୁହାଯାଏ । ଗୋତି ପ୍ରଥା ବା ପାରିଶ୍ରମିକ ବିନା ଶ୍ରମ ଦାନ ବ୍ୟବସ୍ଥା ଏବେ ଆଇନତଃ ଉଚ୍ଛେଦ କରାଯାଇଛି । ଏବେ ଏହାକୁ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯାଉଛି । ସେହିପରି ଶିଶୁ ଓ ମହିଳାଙ୍କ ଉପରେ ବଳାତ୍କାର, ବିଭିନ୍ନ ପ୍ରକାରର ଶାରୀରିକ ଓ ମାନସିକ ଅତ୍ୟାଚାର, ବିଭିନ୍ନ କୁ-କାର୍ଯ୍ୟରେ ମହିଳାମାନଙ୍କୁ ବାଧ୍ୟତାମୂଳକ ନିୟୋଜନ ଇତ୍ୟାଦିକୁ ଏହି ଧାରା ବଳରେ ନିଷିଦ୍ଧ କରାଯାଇଛି ।

➢ ୨୩(୨) ଧାରା – ଦେଶର ସୁରକ୍ଷା ଓ ନିରାପତ୍ତା ପାଇଁ ସରକାର ଚାହିଁଲେ ଆଇନ ମାଧ୍ୟମରେ ଯେକୌଣସି ନାଗରିକଙ୍କୁ ପାରିଶ୍ରମିକ ବିନା ଦେଶ ସେବାରେ ନିୟୋଜିତ କରିପାରିବେ । ଜାତୀୟ ସେବା ଆଇନ୍ – ୧୯୭୨ ଅନୁଯାୟୀ ସରକାର ଚାହିଁଲେ ଦେଶର ପ୍ରତିରକ୍ଷା ତଥା ବିକାଶ କାର୍ଯ୍ୟରେ ଡାକ୍ତର ଓ ଇଞ୍ଜିନିୟରମାନଙ୍କୁ ବାଛି ପାରିବେ ।

➢ ୨୪ ଧାରା – ଏହି ଅଧିକାର ବଳରେ ୧୪ ବର୍ଷରୁ କମ୍ ବୟସ୍କ କୌଣସି ପିଲାକୁ କଳ କାରଖାନା, ଖଣି ବା ଜୀବନ ପ୍ରତି ବିପଦ ଥିବା କାର୍ଯ୍ୟରେ ନିୟୋଜିତ କରିପାରିବେ ନାହିଁ ।

### ❖ ୧୧.୨.୪ ଧର୍ମଗତ ସ୍ୱାଧିନତା ଅଧିକାର :

ବିଶିଷ୍ଟ ସମ୍ବିଧାନ ବିଶାରଦ ଦୁର୍ଗା ଦାସ ବସୁଙ୍କ ମତରେ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ସମସ୍ତ ପ୍ରକାର ଧର୍ମ ପ୍ରତି ନିରପେକ୍ଷ ଓ ସଦ୍‌ଭାବ ପୋଷଣ କରେ । ଆମ ଦେଶରେ କୌଣସି ଧର୍ମକୁ ରାଷ୍ଟ୍ର ଧର୍ମର ମାନ୍ୟତା ପ୍ରଦାନ କରାଯାଇନାହିଁ ବରଂ ଏଠାରେ ସବୁ ଧର୍ମକୁ ସମାନ ଭାବରେ ପ୍ରତିଷ୍ଠା, ସ୍ୱୀକୃତି, ମାନ୍ୟତା ଓ ସୁରକ୍ଷା ମିଳିଥାଏ । ଭାରତର ପ୍ରତ୍ୟେକ ନାଗରିକ ନିଜ ପସନ୍ଦ ମୁତାବକ ଯେକୌଣସି ଧର୍ମ ଆଚରଣ ଓ ପ୍ରଚାର କରିପାରିବେ ଓ ଯେକୌଣସି ଧର୍ମରେ ବିଶ୍ୱାସ କରିପାରିବେ ।

ଆମ ସମ୍ବିଧାନର ୨୫ ରୁ ୨୮ ଧାରା ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତିର ଧର୍ମୀୟ ସ୍ୱାଧିନତା ବିଷୟ ବର୍ଣ୍ଣନା କରାଯାଇଛି । ଆମ ସମ୍ବିଧାନ ପ୍ରଣେତାମାନେ ରାଷ୍ଟ୍ରର ଧର୍ମ ନିରପେକ୍ଷତା ମନୋଭାବ ସହିତ ବ୍ୟକ୍ତିର ଧର୍ମୀୟ ସ୍ୱାଧିନତା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ଓ ତତ୍ ସମ୍ପର୍କୀତ ସ୍ୱୀକୃତି ସମ୍ବିଧାନର ପ୍ରସ୍ତାବନାରେ ସ୍ଥାନ ପାଇଛି ।

- ୨୫ ଧାରା – ବିବେକ ସ୍ୱାଧିନତାର ଅଧିକାର ଓ ଯେକୌଣସି ଧର୍ମରେ ବିଶ୍ୱାସ କରିବା, ଯେକୌଣସି ଆଚରଣ କରିବା ବା ପ୍ରଚାର କରିବାର ଅଧିକାର ।
- ୨୬ ଧାରା – କୌଣସି ଧର୍ମାନୁଷ୍ଠାନ ପରିଚାଳନା ଅଧିକାର ।
- ୨୭ ଧାରା – କୌଣସି ନିର୍ଦ୍ଦିଷ୍ଟ ଧର୍ମର ଉନ୍ନତି କଳ୍ପେ ସର୍ବ ସାଧାରଣଙ୍କ ଉପରେ ସରକାର ଟିକସ ଲାଗୁ କରିପାରିବେ ନାହିଁ ।
- ୨୮ ଧାରା – କୌଣସି ସରକାରୀ ଅଥବା ସରକାରଙ୍କ ସହଯୋଗରେ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିର୍ଦ୍ଦିଷ୍ଟ ଧର୍ମ ସମ୍ପର୍କୀୟ ଶିକ୍ଷା ପ୍ରଦାନ କରାଯିବ ନାହିଁ ।

ସରକାର କୌଣସି ବ୍ୟକ୍ତିର ଧର୍ମ ସ୍ୱାଧିନତା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ପ୍ରତିଟି ଧାର୍ମିକ ଅନୁଷ୍ଠାନର ସୁରକ୍ଷା ପ୍ରତି ସଚେତନ ରହିବେ । ଦେଶର ଐକ୍ୟ ବଜାୟ ରଖିବା ସହିତ ବିଭିନ୍ନ ଧର୍ମ ମଧ୍ୟରେ ସଦ୍‌ଭାବ ଓ ଶୃଙ୍ଖଳା ରକ୍ଷା କରିବା ମଧ୍ୟ ରାଷ୍ଟ୍ରର ଅନ୍ୟ ଏକ ଗୁରୁ ଦାୟିତ୍ୱ । ସେହିପରି ଧର୍ମ ସଂକ୍ରାନ୍ତୀୟ ବିବାଦ ଯୋଗୁଁ ଦେଶର ନିରାପତ୍ତା ଯେପରି କ୍ଷୁର୍ଣ୍ଣ ନ ହୁଏ, ସେଥିପ୍ରତି ରାଷ୍ଟ୍ର ଓ ସରକାର ଉଦ୍ୟମ କରିବେ ।

### ❖ ୧୧.୨.୫ ଶିକ୍ଷା ଓ ସାଂସ୍କୃତିକ ଅଧିକାର :

ସମ୍ବିଧାନର ୨୯ ଓ ୩୦ ଧାରା ଅନୁଯାୟୀ ସଂଖ୍ୟାଲଘୁ ଗୋଷ୍ଠୀର ବ୍ୟକ୍ତିମାନଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରାଯାଇଛି ।

- ୨୯ ଧାରା – ଭାରତରେ ବସବାସ କରୁଥିବା ବ୍ୟକ୍ତିମାନଙ୍କର ନିର୍ଦ୍ଦିଷ୍ଟ ଭାଷା, ଲିପି ଓ ସଂସ୍କୃତିର ସୁରକ୍ଷା ସେମାନେ କରିପାରିବେ ।
- ୩୦ ଧାରା – ସେହିପରି ଧର୍ମ ଓ ଭାଷାଭିତ୍ତିକ ସଂଖ୍ୟାଲଘୁ ଗୋଷ୍ଠୀର ବ୍ୟକ୍ତିମାନେ ନିଜର ଶିକ୍ଷାନୁଷ୍ଠାନମାନ ସ୍ଥାପନ କରିପାରିବେ ଓ ସେଗୁଡ଼ିକୁ ପରିଚାଳନା କରିପାରିବେ । ଏ କ୍ଷେତ୍ରରେ ଭେଦ ଭାବ ରହିତ ସରକାରୀ ସାହାଯ୍ୟ ମିଳିପାରିବ । ପୁନଶ୍ଚ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନ ଲାଗି ନାମ ଲେଖା କ୍ଷେତ୍ରରେ ସଂଖ୍ୟାଲଘୁ ଗୋଷ୍ଠୀର ବ୍ୟକ୍ତି ସମାନ ସୁବିଧା ସୁଯୋଗ ପାଇପାରିବେ ଓ ସେମାନଙ୍କ ପାଇଁ କୌଣସି କଟକଣା ରହିବ ନାହିଁ ।

### ❖ ୧୧.୨.୬ ସାମ୍ବିଧାନିକ ପ୍ରତିକାର ଅଧିକାର :

ଆମ ସମ୍ବିଧାନରେ ମୌଳିକ ଅଧିକାରଗୁଡ଼ିକ କେବଳ ସନ୍ନିବେଶିତ ହୋଇନାହିଁ ବରଂ ସେହି ଅଧିକାରଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରାଯାଇଛି ।

➢ ୩୨ ଧାରା – ଯଦି କୌଣସି ନାଗରିକର ମୌଳିକ ଅଧିକାର କ୍ଷୁର୍ଣ୍ଣ ହୁଏ, ଭଙ୍ଗ ହୁଏ ବା ଅଧିକାର ଉପଭୋଗ କରିବାକୁ ସେ ଅସମର୍ଥ ହୁଏ ତେବେ ତା'ର ସୁରକ୍ଷା ଲାଗି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବ । ଏ କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତ ପାଞ୍ଚ ଗୋଟି ଆଦେଶନାମା ପ୍ରୟୋଗ କରି ମୌଳିକ ଅଧିକାରକୁ ସୁରକ୍ଷା ଦେଇପାରିବେ ।

(କ) ବନ୍ଦୀ ପ୍ରତ୍ୟକ୍ଷୀକରଣ – ବେଆଇନ୍ ଭାବରେ ଅଟକ କିମ୍ବା ଗିରି' ହୋଇଥିବା ବ୍ୟକ୍ତିକୁ ଖଲାସ କରିବାକୁ ମାନ୍ୟବର ସର୍ବୋଚ୍ଚ କିମ୍ବା ଉଚ୍ଚ ଅଦାଲତ ଏଭଳି ଆଦେଶ ଦେଇପାରିବେ । ଏହି ଆଦେଶ ଉଭୟ ରାଷ୍ଟ୍ର ଓ ଯେକୌଣସି ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ ବିରୁଦ୍ଧରେ ପ୍ରୟୋଗ କରାଯାଇପାରିବ ।

(ଖ) ପରମାଦେଶ – ଯେକୌଣସି ସରକାରୀ କର୍ମଚାରୀ, ଜନସାଧାରଣ ପରିଚାଳିତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷକୁ ସେମାନଙ୍କ କର୍ତ୍ତବ୍ୟ ଯଥାବିଧି ସମ୍ପାଦନ କରିବା ପାଇଁ ନ୍ୟାୟାଳୟ ପ୍ରଦତ୍ତ ଆଦେଶ ।

(ଗ) ନିଷେଧାଜ୍ଞା – ଏହି ଆଦେଶ ମାଧ୍ୟମରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଅଧଃସ୍ତନ ନ୍ୟାୟାଳୟଗୁଡ଼ିକୁ ସେମାନଙ୍କ କ୍ଷମତା ବହିର୍ଭୂତ କୌଣସି ବିବାଦ ଅଥବା ମୋକଦ୍ଦମା ବିଚାର ନ କରିବା ପାଇଁ କହିପାରିବେ ।

(ଘ) ଉତ୍ପ୍ରେକ୍ଷଣ – କୌଣସି ମୋକଦ୍ଦମା ବିଚାର କ୍ଷେତ୍ରରେ ନ୍ୟାୟାଳୟ ନିଜ କ୍ଷମତା ବହିର୍ଭୂତ କାର୍ଯ୍ୟ କରିଥାଆନ୍ତି ସେ କ୍ଷେତ୍ରରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହି ଆଦେଶ ଜରିଆରେ ମୋକଦ୍ଦମା ବିଚାରକୁ ବନ୍ଦ ରଖିବା ପାଇଁ ଆଦେଶ ଦେବା ସହିତ ନିଜ ପାଖକୁ ମୋକଦ୍ଦମା ହସ୍ତାନ୍ତର କରିବା ପାଇଁ ଆଦେଶ ପ୍ରଦାନ କରିଥାଆନ୍ତି ।

(ଙ) ଅଧିକାର ପୃଚ୍ଛା – ବିନା ଅଧିକାରରେ କୌଣସି ପଦବୀରେ ଯଦି କେହି ବ୍ୟକ୍ତି ଅବସ୍ଥାପିତ ହୋଇଥାଆନ୍ତି, ତାଙ୍କୁ ଅପସାରଣ କରିବା ପାଇଁ ଏହି ଆଦେଶ ପ୍ରଦାନ କରାଯାଇଥାଏ ।

❖ **୧୧.୩ :**

ଅନେକ ସମ୍ବିଧାନ ବିଶାରଦ ମୌଳିକ ଅଧିକାରଗୁଡ଼ିକର ଦୋଷ ତ୍ରୁଟି ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକୁ ନିମ୍ନମତେ ଆଲୋଚନା କରାଗଲା ।

୧. ମୌଳିକ ଅଧିକାରରେ କାର୍ଯ୍ୟ କରିବା ଓ ବିଶ୍ରାମ ନେବାର ଅଧିକାର ଅନ୍ତର୍ଭୁକ୍ତ ହୋଇନାହିଁ ।

୨. ୨୨ ଧାରାରେ ବର୍ଣ୍ଣିତ ନିରାପତ୍ତାମୂଳକ ଅଟକ ଆଇନ୍ ବ୍ୟକ୍ତି ସ୍ୱାଧୀନତା ଉପରେ ଏକ ଅସ୍ତିସୂଚକ ଅଙ୍କୁଶ । ଏହି କ୍ଷମତାର ଦୁରୁପଯୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି ।

୩. ୩୨ ଧାରାରେ ବର୍ଣ୍ଣିତ ସାମ୍ବିଧାନିକ ପ୍ରତିକାର ଅଧିକାରକୁ ଜାତୀୟ ଜରୁରୀ ପରିସ୍ଥିତି ଜାରି ହୋଇଥିବା ସମୟରେ ଅକାମୀ କରି ଦିଆଯାଏ । ବ୍ୟକ୍ତି ତାହା ଉପଭୋଗ କରିବାରୁ ବଞ୍ଚିତ ହୁଏ ।

୪. ଅଧିକାରଗୁଡ଼ିକ ପ୍ରାୟତଃ ନ୍ୟାୟୋଚିତ ପ୍ରତିବନ୍ଧକ ଦ୍ୱାରା ସଙ୍କୁଚିତ ହୋଇଛନ୍ତି ।

୫. ଅନୁସୂଚୀତ ଜାତି, ଉପଜାତି, ମହିଳା ଓ ପଛୁଆ ଶ୍ରେଣୀର ଉନ୍ନତି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିପାରିବେ ଓ ସରକାରୀ ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କରିପାରିବେ ।

୬. ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱତନ୍ତ୍ରତା ରକ୍ଷା କରିବା ଉଦ୍ଦେଶ୍ୟରେ ସମ୍ବିଧାନରେ ଶିକ୍ଷା ଓ ସାଂସ୍କୃତିକ ଅଧିକାର ନାମରେ ସ୍ୱତନ୍ତ୍ର ଅଧିକାର ବ୍ୟବସ୍ଥା ହୋଇଛି ।

୭. ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିକୁ ଅଧିକ ମାନ୍ୟତା ଦେବା ପାଇଁ ମୌଳିକ ଅଧିକାରଗୁଡ଼ିକୁ ସଙ୍କୁଚିତ କରାଯାଇଛି ।

### ❖ ୧୧.୪ ମୌଳିକ କର୍ତ୍ତବ୍ୟ :

ଆମ ସମ୍ବିଧାନ କାର୍ଯ୍ୟକାରୀ ହେବା ସମୟରେ ମୌଳିକ କର୍ତ୍ତବ୍ୟକୁ ସମ୍ବିଧାନ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ୧୯୭୬ ମସିହାର ୪୨ ତମ ସମ୍ବିଧାନ ସଂଶୋଧନ ବଳରେ ସମ୍ବିଧାନର ୪ର୍ଥ – କ ଅଧ୍ୟାୟରେ ୫୧ – କ ଯୋଗ କରାଯାଇ ଦଶ ଗୋଟି ମୌଳିକ କର୍ତ୍ତବ୍ୟକୁ ଲିପିବଦ୍ଧ କରାଗଲା । ପୁନର୍ବାର ୨୦୦୨ ମସିହାର ୮୬ ତମ ସମ୍ବିଧାନ ସଂଶୋଧନ ଆଇନ୍ ବଳରେ ଏକାଦଶ କର୍ତ୍ତବ୍ୟଟି ଏହି ଧାରାରେ ସଂଯୋଗ କରାଗଲା । ସମ୍ପ୍ରତି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ୧୧ ଗୋଟି ମୌଳିକ କର୍ତ୍ତବ୍ୟ ରହିଛି ।

ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । କର୍ତ୍ତବ୍ୟ ବିନା ଅଧିକାର ଓ ଅଧିକାର ବିନା କର୍ତ୍ତବ୍ୟର ସ୍ଥିତି ଅସମ୍ଭବ । ବ୍ୟକ୍ତି ପାଇଁ ଅଧିକାର ଯେତିକି ଆବଶ୍ୟକ ଦେଶ ପାଇଁ ତା'ର କର୍ତ୍ତବ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ସେ ଅନ୍ୟ ଜଣକର ଅଧିକାର ଉପଭୋଗ କରିବାରେ ସହାୟକ ହେବ । 'ଳରେ ସମସ୍ତେ ଅଧିକାର ଓ କର୍ତ୍ତବ୍ୟର ମହତ୍ତ୍ୱ ଅନୁଭବ କରିପାରିବେ ।

୫୧ – କ ଧାରାରେ ବର୍ଣ୍ଣିତ କର୍ତ୍ତବ୍ୟଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

୧. ସମ୍ବିଧାନ, ଏହାର ଆଦର୍ଶ ଓ ଅନୁଷ୍ଠାନଗୁଡ଼ିକୁ ମାନି ଚଳିବା, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା ।

୨. ସ୍ୱାଧୀନତା ସଂଗ୍ରାମକୁ ପ୍ରୋତ୍ସାହିତ କରୁଥିବା ଆଦର୍ଶଗୁଡ଼ିକୁ ଅନୁସରଣ କରିବା ।

୩. ଦେଶର ଐକ୍ୟ, ସଂହତି ଓ ସାର୍ବଭୌମତ୍ୱକୁ ସମ୍ମାନ ପ୍ରଦର୍ଶନ କରିବା ଓ ସୁରକ୍ଷା ଦେବା ।

୪. ଦେଶ ସେବାରେ ବ୍ରତୀ ହେବା ସହିତ ପ୍ରତିରକ୍ଷା ବାହିନୀରେ ଯୋଗ ଦେଇ ରାଷ୍ଟ୍ର ସୁରକ୍ଷା ଓ ନିରାପତ୍ତା ପ୍ରତି ସଚେତନ ରହିବା ।

୫. ଜନସାଧାରଣଙ୍କ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରିବା, ମୈତ୍ରୀ ସ୍ଥାପନ କରିବା, ଧର୍ମ ବିଦ୍ୱେଷ, ଆଞ୍ଚଳିକତା ଓ ଭାଷା ବିଦ୍ୱେଷ ଆଦି ଦୁର୍ଗୁଣକୁ ପରିତ୍ୟାଗ କରିବା ଓ ସର୍ବୋପରି ନାରୀ ଜାତିର ମର୍ଯ୍ୟାଦାହାନୀ କରୁଥିବା ବଦ୍‌ଅଭ୍ୟାସ ପରିତ୍ୟାଗ କରିବା ।

୬. ଭାରତର ପୁରାତନ ସଂସ୍କୃତି, କଳା ନିପୁଣତା, ପରମ୍ପରା ଆଦିକୁ ସୁରକ୍ଷା ଦେବା ।

୭. ବୈଜ୍ଞାନିକ ମନୋଭାବ, ମାନବିକତା, ସଂସ୍କାର ଓ ଅନୁସନ୍ଧିତ୍ସୁ ଚିନ୍ତାଧାରାର ପ୍ରକାଶ କରିବା ।

୮. ଜନସାଧାରଣ ସମ୍ପତ୍ତିକୁ ସୁରକ୍ଷା ଦେବା ଓ ହିଂସା ପରିତ୍ୟାଗ କରିବା ।

୯. ବ୍ୟକ୍ତି ଓ ତା'ର ସମୂହ କାର୍ଯ୍ୟକଳାପକୁ ସର୍ବୋତ୍କୃଷ୍ଟ ସ୍ଥାନକୁ ଉନ୍ନୀତ କରିବା ସହିତ ରାଷ୍ଟ୍ରର ସାମଗ୍ରୀକ ବିକାଶ ଦିଗରେ ଉଦ୍ୟମ କରିବା ।

୧୦. ଜଙ୍ଗଲ, ହ୍ରଦ, ନଦୀ, ବଣ୍ୟ ଜନ୍ତୁଙ୍କ ପ୍ରତି ସଦୟ ହେବା ସହିତ ପରିବେଶକୁ ଉନ୍ନତ କରିବା ଓ ସୁରକ୍ଷା ଦେବା ।

୧୧. ପ୍ରତି ପିତାମାତା ଓ ଅଭିଭାବକ ନିଜର ସନ୍ତାନକୁ ୬ ବର୍ଷରୁ ୧୪ ବର୍ଷ ମଧ୍ୟରେ ଶିକ୍ଷାଲାଭର ସୁଯୋଗ ଯୋଗାଇବେ ।

ମୌଳିକ କର୍ତ୍ତବ୍ୟଗୁଡ଼ିକ ନ୍ୟାୟ ଯୋଗ୍ୟ ନୁହେଁ । କର୍ତ୍ତବ୍ୟ ପାଳନରେ ଅବହେଳା ପ୍ରଦର୍ଶନ କଲେ କେଉଁ ପ୍ରକାରର ଦଣ୍ଡ ବିଧାନ କରାଯିବ ସେ ସମ୍ପର୍କରେ ସମ୍ବିଧାନ ସମ୍ପୂର୍ଣ୍ଣ ନୀରବ । କୌଣସି ଆଇନ୍‌ର ବୈଧତା ନିର୍ଣ୍ଣୟ ବେଳେ କିମ୍ବା ସମ୍ବିଧାନର ତର୍ଜମା ବେଳେ

ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ, ପ୍ରତି ନାଗରିକର କର୍ତ୍ତବ୍ୟ ସମ୍ପାଦନ ବାଧ୍ୟତାମୂଳକ ଅଟେ ଓ ରାଷ୍ଟ୍ରର ସର୍ବ ପ୍ରଥମ ଦାୟିତ୍ୱ ହେଉଛି ଏହି କର୍ତ୍ତବ୍ୟ ସମ୍ପାଦନର ଲକ୍ଷ୍ୟ ଯେଉଁକି ସାଧିତ ହୁଏ । କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ ନିଷ୍ଠା, ସଙ୍କୋଚ ମନୋଭାବ ରହିଲେ ଆମ ଦେଶର ବିକାଶ ତ୍ୱରାନ୍ୱିତ ହେବ ଓ ଅନ୍ୟ ଦେଶ ପାଇଁ ଏହା ଦିଗ୍‌ଦର୍ଶକ ସାଜିବ ।

## ❖ ୧୧.୫ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି :

ଭାରତ ସମ୍ବିଧାନର ୪ର୍ଥ ଭାଗ ଅନ୍ତର୍ଭୁକ୍ତ ୩୬ ରୁ ୫୧ ଧାରା ମାଧ୍ୟମରେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଲିପିବଦ୍ଧ କରାଯାଇଛି । ଆମ ସମ୍ବିଧାନର ପ୍ରସ୍ତାବନାରେ ଏହି ଅସ୍ତିସୂଚକ ନୀତି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯାଇଛି । ନାଗରିକମାନଙ୍କୁ ସାମାଜିକ ତଥା ଅର୍ଥନୈତିକ ନ୍ୟାୟ ପ୍ରଦାନ କରିବା ହେଉଛି ଏହି ନୀତିଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ । ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ର ଭାବରେ ଗଢ଼ି ତୋଳିବା ପାଇଁ ଆବଶ୍ୟକ ସମସ୍ତ ଉପାଦାନ ଏହି ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିର ଅନ୍ତର୍ଭୁକ୍ତ ।

ସମ୍ବିଧାନ ପ୍ରଣେତାମାନେ ଆୟରଲ୍ୟାଣ୍ଡ ସମ୍ବିଧାନର ୪୫ ଧାରା, ୧୯୩୯ ମସିହା ହାଭାନା ସମ୍ମିଳନୀର ଘୋଷଣାନାମା, ପ୍ରାକ୍ତନ ସୋଭିଏତ୍ ଋଷିଆ ସମ୍ବିଧାନର ୧୨୧ ରୁ ୧୨୮ ଧାରା ଏବଂ ଖାଦ୍ୟ ଓ କୃଷି ସମ୍ପର୍କୀତ ମିଳିତ ଜାତି ସଂଘ ସମ୍ମିଳନୀର ପ୍ରାକ୍ କଥନରୁ ଏହି ଚିନ୍ତାଧାରା ଉଧାର ଆଣି ଆମ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିଛନ୍ତି ।

ଏହି ନୀତିଗୁଡ଼ିକର ତିନିଗୋଟି ଉପାଦାନ ରହିଛି । ସେଗୁଡ଼ିକ ହେଲା –

୧. ଏହି ନୀତିଗୁଡ଼ିକ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ପ୍ରତି ଉଦ୍ଦିଷ୍ଟ ତଥା ସମ୍ବିଧାନ ପ୍ରଦତ୍ତ ଅସ୍ତିସୂଚକ ନିର୍ଦ୍ଦେଶାବଳୀ ।

୨. ରାଷ୍ଟ୍ର ଶାସନ ପାଇଁ ସର୍ବୋତ୍କୃଷ୍ଟ ବିବେଚିତ ଏହି ମୁଖ୍ୟ ନୀତିଗୁଡ଼ିକୁ କୌଣସି କାର୍ଯ୍ୟପାଳିକା ଅଥବା ନିର୍ବାଚିତ ବ୍ୟବସ୍ଥାପିକା ଉପେକ୍ଷା କରିପାରିବେ ନାହିଁ ।

୩. ଭାରତରେ ଏକ ସାମାଜିକ ତଥା ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ସାମାଜିକ ଓ ଅର୍ଥନୈତିକ ଆଦର୍ଶଗୁଡ଼ିକର ପରିପ୍ରକାଶ ଏହି ନୀତି ମାଧ୍ୟମରେ କରାଯାଇଛି ।

ଏହି ନୀତିଗୁଡ଼ିକର ଅନ୍ୟ କେତେକ ବୈଶିଷ୍ଟ୍ୟ ରହିଛି ।

୧. ମୌଳିକ ଅଧିକାର ପରି ଏହି ନୀତିଗୁଡ଼ିକ ନ୍ୟାୟଯୋଗ୍ୟ ନୁହେଁ ।

୨. ରାଷ୍ଟ୍ର ସୁଶାସନ ପାଇଁ ଏହି ନୀତିଗୁଡ଼ିକର ବିଶେଷ ତାତ୍ପର୍ଯ୍ୟ ରହିଛି.

୩. ଆଇନ୍ ପ୍ରଣୟନ ମାଧ୍ୟମରେ ଏହି ନୀତିଗୁଡ଼ିକୁ କାର୍ଯ୍ୟକାରୀ କରାଇବା ରାଷ୍ଟ୍ର ଓ ନିର୍ବାଚିତ ସରକାରର ପ୍ରଧାନ କର୍ତ୍ତବ୍ୟ ହେବ ।

ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକୁ ତିନି ଭାଗରେ ବିଭକ୍ତ କରାଯାଇଛି ।

୧. ସମାଜବାଦୀ ନୀତି

୨. ଗାନ୍ଧିବାଦୀ ନୀତି

୩. ଉଦାରବାଦୀ ନୀତି

## ❖ ୧୧.୬ ସମାଜବାଦୀ ନୀତି :

ସମ୍ବିଧାନର ପ୍ରସ୍ତାବନାରେ ଭାରତ ଏକ ସମାଜବାଦୀ ରାଷ୍ଟ୍ର ବୋଲି ଉଲ୍ଲେଖ କରାଯାଇଛି । ସେହି ଲକ୍ଷ୍ୟ ସାଧନ ଦିଗରେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଅଧିନରେ କେତେଗୁଡ଼ିଏ ସମାଜବାଦୀ ନୀତି ସ୍ଥାନ ପାଇଛି ।

୧. ୩୯ ଧାରା ଅନୁଯାୟୀ

କ) ପ୍ରତ୍ୟେକ ବ୍ୟକ୍ତିଙ୍କର ଜୀବନଧାରଣ ଓ ଜୀବିକା ନିର୍ବାହ ନିମନ୍ତେ ଏକ ସମୁଚିତ ଉପାୟ ନିର୍ଦ୍ଧାରିତ ହେବ ।

ଖ) ସମାଜର ସମୂହ ସମ୍ପତ୍ତି ସର୍ବସାଧାରଣଙ୍କ ମଙ୍ଗଳ ସାଧନ ପାଇଁ ସମସ୍ତଙ୍କ ମଧ୍ୟରେ ସୁଷମ ଭାବରେ ବଣ୍ଟନ କରାଯିବ ଯଦ୍ଵାରା ସ୍ୱଳ୍ପ ସଂଖ୍ୟକ ବ୍ୟକ୍ତିଙ୍କ ପାଖରେ ଅଧିକ ଧନ ସମ୍ପତ୍ତି ମହଜୁଦ ହୋଇ ରହିବ ନାହିଁ ।

୨. ସମସ୍ତ ଶ୍ରମିକମାନଙ୍କୁ ସେମାନଙ୍କ କର୍ମକ୍ଷେତ୍ରରେ ନ୍ୟାୟୋଚିତ ଏବଂ ମାନବୀୟ ସୁବିଧା ସୁଯୋଗ ସହିତ ଉପଯୁକ୍ତ ସମ ପରିମାଣ ପାରିଶ୍ରମିକ ପ୍ରଦାନ କରାଯିବା ସହିତ ରୁଚି ସମ୍ପନ୍ନ ଜୀବନଧାରଣର ମାନ ନିର୍ଦ୍ଧାରଣ କରାଯିବ ଓ ସମସ୍ତଙ୍କୁ ସାମାଜିକ ତଥା ସାଂସ୍କୃତିକ ସୁଯୋଗ ଉପଭୋଗ କରିବା ପାଇଁ ସୁବିଧା ପ୍ରଦାନ କରାଯିବ । (୪୩ ଧାରା)

୩. ଜନସ୍ୱାସ୍ଥ୍ୟର ଉନ୍ନତି ସହିତ ମର୍ଯ୍ୟାଦାପୂର୍ଣ୍ଣ ଜୀବନଧାରଣ ଓ ପୁଷ୍ଟିସାର ଖାଦ୍ୟର ମାନ ବୃଦ୍ଧି ପାଇଁ ଆବଶ୍ୟକ ସୁଯୋଗ ସୃଷ୍ଟି କରାଯିବ । (୪୭ ଧାରା)

୪. କାରଖାନା ପରିଚାଳନାରେ ଶ୍ରମିକମାନଙ୍କର ସହଯୋଗ ଓ ପ୍ରତିନିଧିତ୍ୱ (୪୩-କ ଧାରା)

୫. ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ବାଧ୍ୟତାମୂଳକ ଓ ମାଗଣା ଶିକ୍ଷା ପ୍ରଦାନ କରାଯିବ । (୪୫ ଧାରା)

୬. କର୍ମ ଯୋଗାଣ, ବାର୍ଦ୍ଧକ୍ୟ ଅବସ୍ଥାରେ ସାମାଜିକ ନିରାପତ୍ତା ପ୍ରଦାନ ଓ ମାତୃକଲ୍ୟାଣ ବ୍ୟବସ୍ଥା ।

### ❖ ୧୧.୫.୨ ଗାନ୍ଧିବାଦୀ ନୀତି :

ଗାନ୍ଧିଜୀଙ୍କ ନୀତି ଆଦର୍ଶକୁ ଜୀବନ୍ତ ଓ ସକ୍ରିୟ ରଖିବା ଉଦ୍ଦେଶ୍ୟରେ ସମ୍ବିଧାନ ପ୍ରଣେତାମାନେ ନିମ୍ନ ବର୍ଣ୍ଣିତ ଚିନ୍ତାଧାରାଗୁଡ଼ିକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିଛନ୍ତି ।

୧. ଗ୍ରାମ ପଞ୍ଚାୟତ ସ୍ଥାପନ (୪୦ ଧାରା)

୨. କୁଟୀର ଶିଳ୍ପର ବିକାଶ (୪୩ ଧାରା)

୩. ଦେଓ୍ୱାନୀ ଆଇନ୍ (୪୪ ଧାରା)

୪. ସ୍ୱାଧୀନ ତଥା ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରଦାନ (୪୫ ଧାରା)

୫. ସମାଜର ଦୁର୍ବଳ, ଅନଗ୍ରସର ବର୍ଗ ଯଥା - ଅନୁସୂଚିତ ଜାତି ଓ ଜନଜାତି ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ ଓ ସଂରକ୍ଷଣ ବ୍ୟବସ୍ଥା ଜାରି ରଖିବା (୪୬ ଧାରା)

୬. ଜନସ୍ୱାସ୍ଥ୍ୟ ସେବାର ମାନ ବୃଦ୍ଧି କରିବା ଓ ନିଶା ନିବାରଣ (୪୭ ଧାରା)

୭. କୃଷି, ଗୋ-ସେବା ଓ ପଶୁପାଳନର ବିକାଶ ପାଇଁ ପ୍ରୟାସ ଜାରି ରଖିବା ଓ ଗୋ-ହତ୍ୟା ନିଷେଧ (୪୮ ଧାରା)

୮. କୃଷି କ୍ଷେତ୍ରରେ ବୈଜ୍ଞାନିକ ପ୍ରଣାଳୀର ବ୍ୟବହାର ଓ ଜଙ୍ଗଲ ତଥା ବଣ୍ୟ ଜନ୍ତୁଙ୍କ ଉପଯୁକ୍ତ ସୁରକ୍ଷା ସହିତ ପରିବେଶ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବା । (୪୮ – କ ଧାରା)

### ❖ ୧୧.୫.୩ ଉଦାରବାଦୀ ନୀତି :

୧. କଳା, ଭାସ୍କର୍ଯ୍ୟ ଏବଂ ଐତିହାସିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ତଥା ବିଭିନ୍ନ ଜାତୀୟ ସ୍ମାରଣିକାଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରାଯିବ । (୪୯ ଧାରା)

୨. ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ କ୍ଷମତା ପୃଥକୀକରଣ । (୫୦ ଧାରା)

୩. ସମଗ୍ର ଦେଶରେ ଏକକ ଦେୱାନୀ ଆଇନ୍ ପ୍ରଚଳନ । (୪୪ ଧାରା)

୪. ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା ଦିଗରେ ଆବଶ୍ୟକ ନୀତି ନିର୍ଦ୍ଧାରଣ ଯଥା –

(କ) ପଡୋଶୀ ଦେଶମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବୁଝାମଣା ଓ ସମ୍ମାନଜନକ ସମ୍ପର୍କ ପ୍ରତିଷ୍ଠା

(ଖ) ଆନ୍ତର୍ଜାତୀୟ ଆଇନ୍ ଓ ଚୁକ୍ତି ପ୍ରତି ପ୍ରଦର୍ଶନ ଓ ସେଗୁଡିକର ପାଳନ ସମ୍ମାନଜନକ ।

(ଗ) ମଧ୍ୟସ୍ଥତା ଜରିଆରେ ଆନ୍ତର୍ଜାତୀୟ ସମସ୍ୟା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ।

### ❖ ୧୧.୬ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିର ମୂଲ୍ୟାୟନ :

ସମ୍ବିଧାନର ଚତୁର୍ଥ ଭାଗରେ ସ୍ଥାନିତ ହୋଇଥିବାରୁ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡିକର ବାସ୍ତବ କାର୍ଯ୍ୟକାରିତା ଓ ଭବିଷ୍ୟତ ନେଇ ଅନେକ ସମ୍ବିଧାନ ବିଶେଷଜ୍ଞ ଓ ସମାଲୋଚକ ସନ୍ଦେହ ପ୍ରକାଶ କରିଥିଲେ । ଏପରିକି ସମ୍ବିଧାନ ପ୍ରଣୟନ ସଭାରେ ମଧ୍ୟ ଅନେକ ଝଡ ଉଠିଥିଲା । କେତେକଙ୍କ ମତରେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡିକ କେବଳ ନୈତିକ ଘୋଷଣା, ଏହା ପଛରେ ଆନ୍ତରିକତା ନାହିଁ । ନ୍ୟାୟ ଯୋଗ୍ୟ ହୋଇପାରୁ ନ ଥିବାରୁ ଏଗୁଡିକ ମୂଲ୍ୟହୀନ ଓ ଗୁରୁତ୍ୱହୀନ । ସମ୍ବିଧାନ ସଭାର ସଦସ୍ୟ ନସିରୁଦ୍ଦିନ୍‌ଙ୍କ ମତରେ "ନିର୍ଦ୍ଦେଶିତ ନୀତିଗୁଡିକ ନବ ବର୍ଷର ଶପଥ ପରି, ଯାହାକି ତା' ପରଦିନ ଭଙ୍ଗ ହୋଇଥାଏ ।" ଅନ୍ୟତମ ସଦସ୍ୟ କେ.ଟି. ଶାହା ଏହି ନୀତିଗୁଡିକୁ ବ୍ୟାଙ୍କର ସୁବିଧା ଓ ସାମର୍ଥ୍ୟ ଅନୁଯାୟୀ ବିନିମୟ ହୋଇପାରୁଥିବା ଏକ ଚେକ୍ ସହିତ ତୁଳନା କରିଛନ୍ତି । ଜଣେ ବିଲାତୀ ସମାଲୋଚକଙ୍କ ମତରେ ଊନବିଂଶ ଶତାବ୍ଦୀର ପ୍ରସିଦ୍ଧ ଇଂରେଜ ସମାଜବାଦୀ ସିଡ୍‌ନି ଓ ବିଏଟ୍ରିସ୍ ୱେବ୍‌ଙ୍କ ପ୍ରେତାତ୍ମାମାନେ ଭାରତ ସମ୍ବିଧାନର ପୃଷ୍ଠାଗୁଡିକରେ ଲୁଚି ଗୋଡାଉଛନ୍ତି ଅର୍ଥାତ୍ ଏହି ବ୍ୟବସ୍ଥା ଅତି ପୁରୁଣାକାଳିଆ ଯାହାର ସମୟ ଅତିବାହିତ ହୋଇଗଲାଣି ।

ବାସ୍ତବ ଅଭିଜ୍ଞତା ପ୍ରମାଣ କରିଛି ଯେ, ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡିକର ତୀବ୍ର ଓ କଠୋର ସମାଲୋଚନା ବ୍ୟର୍ଥ ସାବ୍ୟସ୍ତ ହୋଇଛି । ସମ୍ବିଧାନ କାର୍ଯ୍ୟକାରୀ ହେବା ଠାରୁ ଏ ପର୍ଯ୍ୟନ୍ତ କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ସରକାରମାନେ ଏହି ନୀତିଗୁଡିକୁ ପ୍ରୟୋଗ କରି ଅନେକ ସଫଳତା ହାସଲ କରିସାରିଲେଣି । ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇଥିବା ବାର ଗୋଟି ପଞ୍ଚ ବାର୍ଷିକ ଯୋଜନା ମାଧ୍ୟମରେ ଦେଶରେ ଏକ ସାମାଜିକ ଓ ଅର୍ଥନୈତିକ ବିପ୍ଳବ ଆସି ପାରିଅଛି । ଜମିଦାରି, ଜାଗିରଦାରୀ ଓ ରୟତୱାରୀ ବ୍ୟବସ୍ଥା ଉଚ୍ଛେଦ ହୋଇଛି । ଭୂସଂସ୍କାର ଆଇନ୍ ମାଧ୍ୟମରେ ଜମିର ମାଲିକାନା ସତ୍ତ୍ୱ ନିର୍ଦ୍ଧାରଣ ହେଲା ଓ ଗରୀବ ଭୂମିହୀନ ପ୍ରଜାଙ୍କୁ ମଧ୍ୟ ଜମି ମିଳିବାରେ ସୁବିଧା କରାଗଲା । ଦେଶୀୟ ରାଜ୍ୟଗୁଡିକର ପୂର୍ବତନ ଶାସକମାନଙ୍କୁ ସ୍ୱତନ୍ତ୍ର ସୁବିଧା ଉଚ୍ଛେଦ, ବ୍ୟାଙ୍କ ଜାତୀୟକରଣ, ଗ୍ରାମାଞ୍ଚଳରେ ବ୍ୟାଙ୍କ ପ୍ରତିଷ୍ଠା, କୋହଳ ଋଣ ବ୍ୟବସ୍ଥା କରିବା ସହିତ ରାଷ୍ଟ୍ର ଏବଂ ସାମାଜିକ, ଅର୍ଥନୈତିକ ଦୁର୍ବଳ ବର୍ଗଙ୍କ ମାନଦଣ୍ଡରେ ବୃଦ୍ଧି ଘଟିଲା । ବାର୍ଦ୍ଧକ୍ୟ, ବିଧବା ଭତ୍ତା, ଶିକ୍ଷା ବୃତ୍ତି ପ୍ରଚଳନ, ଅନାଥାଶ୍ରମ, ଜରା ନିବାସ, କନ୍ୟାଶ୍ରମ ପ୍ରତିଷ୍ଠା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବ୍ୟାପକ ପ୍ରସାର, ଆଇନ୍‌ଗତ ସହାୟତା ପ୍ରଦାନ ଇତ୍ୟାଦି ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ଯୋଗାଇଲା । ଗ୍ରାମ ପଞ୍ଚାୟତ ଗଠନ, କୁଟୀର ଶିଳ୍ପର ବିକାଶ, ଗୋ-ହତ୍ୟା ନିଷେଧ, ନିଶା ନିବାରଣ, ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ; ମହିଳା, ଶିଶୁ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ ଓ ସହାୟତା ପ୍ରଦାନ; କୃଷି, ଶିଳ୍ପ, ଜଳ ସେଚନ, ଶକ୍ତି କ୍ଷେତ୍ରରେ ଉନ୍ନତ ଓ ଆତ୍ମନିର୍ଭରଶୀଳ ଯୋଜନା ଗ୍ରହଣ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡିକୁ ବହୁ ମାର୍ଗରେ ସାକାର କରିଅଛି ।

## ❖ ୧୧.୭ ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ମଧ୍ୟରେ ପ୍ରଭେଦ :

୧. ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକ ସକାରାତ୍ମକ ହୋଇଥିବା ବେଳେ ମୌଳିକ ଅଧିକାରଗୁଡ଼ିକ ନକାରାତ୍ମକ । ରାଷ୍ଟ୍ର କ'ଣ କରିବା ଉଚିତ୍ ଓ ଅନୁଚିତ୍ – ଏହି ଦୁଇଟି କଥା ଯଥାକ୍ରମେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଓ ମୌଳିକ ଅଧିକାର ମାଧ୍ୟମରେ ବର୍ଣ୍ଣନା କରାଯାଇଛି ।

୨. ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ନ୍ୟାୟଯୋଗ୍ୟ ହୋଇ ନ ଥିବା ବେଳେ ମୌଳିକ ଅଧିକାର ନ୍ୟାୟଯୋଗ୍ୟ ।

୩. ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା କରେ, ମୌଳିକ ଅଧିକାର ରାଜନୈତିକ ଗଣତନ୍ତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ।

୪. ଜାତୀୟ ଜରୁରୀ ପରିସ୍ଥିତି ଜାରି ସମୟରେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଉପରେ କୌଣସି ପ୍ରଭାବ ପଡେ ନାହିଁ । ଅପର ପକ୍ଷରେ ସ୍ୱାଧୀନତା ଓ ସାମ୍ବିଧାନିକ ପ୍ରତିକାର ନିଲମ୍ବିତ ରହିଥାଏ ।

୫. ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଉପରେ ନ୍ୟାୟୋଚିତ ପ୍ରତିବନ୍ଧକ ନ ଥାଏ । କିନ୍ତୁ ମୌଳିକ ଅଧିକାର ଉପରେ କେତେକ ପ୍ରତିବନ୍ଧକ ରହିଥାଏ ।

## ❖ ୧୧.୮ ସାରାଂଶ :

ମୌଳିକ ଅଧିକାରଗୁଡ଼ିକ ସ୍ୱତନ୍ତ୍ର ଭାବରେ ଲିଖିତ ସମ୍ବିଧାନରେ ସ୍ଥାନ ପାଇଥାଏ । ସମ୍ବିଧାନ ସଂଶୋଧନ ବିନା ସେଗୁଡ଼ିକୁ ସଂଶୋଧନ କିମ୍ବା ପରିବର୍ତ୍ତନ କରାଯାଇପାରିବ ନାହିଁ । ଭାରତ ସମ୍ବିଧାନ ତୃତୀୟ ଭାଗରେ ୧୨ ରୁ ୩୫ ଧାରା ମାଧ୍ୟମରେ ମୌଳିକ ଅଧିକାରଗୁଡ଼ିକ ବର୍ଣ୍ଣନା କରାଯାଇଛି । କିନ୍ତୁ ନିର୍ଦ୍ଦିଷ୍ଟ ଅଧିକାରଗୁଡ଼ିକୁ ୧୪ ରୁ ୩୨ ଧାରା ମଧ୍ୟରେ ବର୍ଣ୍ଣନା କରାଯାଇଛି । ମୌଳିକ ଅଧିକାରଗୁଡ଼ିକ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ନୁହେଁ । କେତେକ ଅଧିକାର କେବଳ ନାଗରିକମାନଙ୍କୁ ମିଳୁଥିବା ବେଳେ ଅନ୍ୟ କେତେକ ଅଧିକାର ସମସ୍ତ ଦେଶବାସୀ ଓ ଦେଶ ମଧ୍ୟରେ ଥିବା ବିଦେଶୀମାନଙ୍କ ପାଇଁ ଉପଲବ୍ଧ ହୁଏ । ସଂଖ୍ୟାଲଘୁଙ୍କ ପାଇଁ ସ୍ୱତନ୍ତ୍ର ଅଧିକାର ରହିଛି । ମୌଳିକ ଅଧିକାରଗୁଡ଼ିକ ମଧ୍ୟରୁ କେତେକ ସକାରାତ୍ମକ ଓ ଆଉ କେତେକ ନକାରାତ୍ମକ । ମୌଳିକ ଅଧିକାରଗୁଡ଼ିକ ନିରଙ୍କୁଶ ନୁହେଁ । ସେଗୁଡ଼ିକ ଉପରେ ରାଷ୍ଟ୍ର ଦ୍ୱାରା ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲାଗୁ କରାଯାଇ ପାରିବ । ଏହି ଅଧିକାରଗୁଡ଼ିକ ନ୍ୟାୟାଳୟ ଦ୍ୱାରା ପ୍ରବର୍ତ୍ତିତ ହୋଇପାରେ । ନ୍ୟାୟିକ ପୁନରାବଲୋକନ କ୍ଷମତା ଏଥିପାଇଁ ପ୍ରଯୁଜ୍ୟ । ଅଧିକାର ସମୂହ ସମ୍ବିଧାନର ମୌଳିକ ଢାଞ୍ଚାର ଅଂଶବିଶେଷ ହେଲେ ମଧ୍ୟ ସଂସଦ ଦ୍ୱାରା ସେଗୁଡ଼ିକ ସଂଶୋଧିତ ହୋଇପାରେ । ବର୍ତ୍ତମାନ ୬ ପ୍ରକାରର ମୌଳିକ ଅଧିକାର ସମ୍ବିଧାନ ଅନ୍ତର୍ଭୁକ୍ତ । ସେଗୁଡ଼ିକ ହେଲା ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଶୋଷଣ ବିରୋଧୀ ଅଧିକାର, ଧର୍ମୀୟ ସ୍ୱାଧୀନତା ଅଧିକାର, ଶିକ୍ଷା ଓ ସାଂସ୍କୃତିକ ଅଧିକାର ଏବଂ ସାମ୍ବିଧାନିକ ପ୍ରତିକାରର ଅଧିକାର । ସମ୍ପତ୍ତିଗତ ଅଧିକାରକୁ ୪୪ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ପ୍ରତ୍ୟାହାର କରାଯାଇଛି । ବର୍ତ୍ତମାନ ଏହା ଏକ ଆଇନଗତ ଅଧିକାର । ଧାରା ୧୪ ରୁ ୧୮ ମଧ୍ୟରେ ସମାନତା ଅଧିକାର ବର୍ଣ୍ଣିତ । ସେଗୁଡ଼ିକ ଆଇନ୍ ଆଗରେ ସମାନତା, ଆଇନ୍‌ର ସମାନ ସୁରକ୍ଷା, ଭେଦଭାବରୁ ମୁକ୍ତି, ନିଯୁକ୍ତି କ୍ଷେତ୍ରରେ ସମାନ ସୁଯୋଗ, ଅସ୍ପୃଶ୍ୟତାର ବିଲୋପ ଏବଂ ଉପାଧି ଉଚ୍ଛେଦ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଛି । ଧାରା ୧୯ ରୁ ୨୨ ମଧ୍ୟରେ ବର୍ଣ୍ଣିତ ସ୍ୱାଧୀନତା ଅଧିକାରଗୁଡ଼ିକ ମୌଳିକ ସ୍ୱାଧୀନତା, ଜୀବନ ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତାର ସୁରକ୍ଷା ବିଷୟ ସୁନିଶ୍ଚିତ କରିଛି । ଶୋଷଣ ବିରୋଧୀ ଅଧିକାର ୨୩ ଓ ୨୪ ଧାରାରେ ବର୍ଣ୍ଣିତ । ଏଥିରେ ମଣିଷ ବ୍ୟବସାୟ, ବେଠି, ଭିକ୍ଷାବୃତ୍ତି ଓ ନାବାଳକମାନଙ୍କୁ ବିପଜ୍ଜନକ କାର୍ଯ୍ୟରେ ନିଯୁକ୍ତି ନିଷିଦ୍ଧ କରାଯାଇଛି । ୨୫ ରୁ ୨୮ ଧାରାଗୁଡ଼ିକରେ ଧର୍ମୀୟ ସ୍ୱାଧୀନତା ବିଷୟ ବର୍ଣ୍ଣନା କରାଯାଇଛି । ଏଥିରେ ଧର୍ମ ଗ୍ରହଣ, ଧର୍ମାଚରଣ, ଧର୍ମ ପ୍ରଚାର, ଧର୍ମାନୁଷ୍ଠାନ ଓ ଧାର୍ମିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା ବିଷୟ ବର୍ଣ୍ଣନା କରାଯାଇଛି । ୨୯ ଓ ୩୦ ଧାରାରେ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ଅଧୀନରେ ଭାଷା ଓ ସଂଖ୍ୟା ଲଘୁମାନଙ୍କ ଅଧିକାର ସୁନିଶ୍ଚିତ କରାଯାଇଛି ।

୩୨ ଧାରାରେ ପ୍ରଦତ୍ତ ସାମ୍ବିଧାନିକ ପ୍ରତିକାର ଅଧିକାର ଦ୍ୱାରା ଅନ୍ୟ ଅଧିକାରଗୁଡ଼ିକୁ ନ୍ୟାୟପାଳିକା ସୁରକ୍ଷିତ ରଖିଥାଏ । ଏଥିପାଇଁ ନ୍ୟାପାଳିକା ବନ୍ଦୀ ପ୍ରତ୍ୟକ୍ଷୀକରଣ, ପରମାଦେଶ, ନିଷେଧାଜ୍ଞା, ଉତ୍‌ପ୍ରେକ୍ଷଣ ଓ ଅଧିକାର ପୃଚ୍ଛା ନାମରେ ପାଞ୍ଚଗୋଟି ଆଦେଶ ଦେଇପାରିବେ ।

ଆମ ସମ୍ବିଧାନରେ ବର୍ଣ୍ଣିତ ମୌଳିକ କର୍ତ୍ତବ୍ୟଗୁଡ଼ିକ ପୂର୍ବତନ ଋଷ୍ ସମ୍ବିଧାନର ଅନୁକରଣରେ ସୃଷ୍ଟି କରାଯାଇଛି । ମୌଳିକ କର୍ତ୍ତବ୍ୟଗୁଡ଼ିକ ସମ୍ବିଧାନର ୪ର୍ଥ (କ) ଭାଗ ଅଧିନସ୍ଥ ୫୧(କ) ଧାରାରେ ବର୍ଣ୍ଣନା କରାଯାଇଛି । ମୂଳ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଲିପିବଦ୍ଧ ନ ଥିଲା । ୧୯୭୬ ମସିହାର ୪୨ ତମ ସମ୍ବିଧାନରେ ସଂଶୋଧନ ଆଇନ୍ ବଳରେ ୧୦ଟି ଏବଂ ୨୦୦୨ ମସିହାର ୮୬ ତମ ସଂଶୋଧନ ଆଇନ୍ ବଳରେ ଗୋଟିଏ କର୍ତ୍ତବ୍ୟ ସୃଷ୍ଟି ହୋଇ ସର୍ବମୋଟ୍ ୧୧ ଗୋଟି କର୍ତ୍ତବ୍ୟ ପ୍ରତ୍ୟେକ ଭାରତୀୟ ନାଗରିକମାନଙ୍କୁ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା ହୋଇଛି । ମୌଳିକ କର୍ତ୍ତବ୍ୟଗୁଡ଼ିକ ନ୍ୟାୟଯୋଗ୍ୟ ନୁହନ୍ତି । ସେଗୁଡ଼ିକୁ ପାଳନ ନ କଲେ କୌଣସି ଦଣ୍ଡ ବିଧାନ କରାଯାଇପାରିବ ନାହିଁ । ମୌଳିକ କର୍ତ୍ତବ୍ୟଗୁଡ଼ିକ ସୁବିସ୍ତୃତ ଓ ସାକାର ନୁହଁନ୍ତି । ସେଗୁଡ଼ିକ ମଧ୍ୟରୁ ଅନେକ ଆତ୍ମନିଷ୍ଠ ମଧ୍ୟ ।

ସମ୍ବିଧାନର ୪ର୍ଥ ଭାଗରେ ୩୬ ଧାରାରୁ ୫୧ ମଧ୍ୟରେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ବର୍ଣ୍ଣନା କରାଯାଇଛି । ଏହି ନୀତିଗୁଡ଼ିକୁ ଭାରତରେ ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ଅଥବା ଗଣତାନ୍ତ୍ରିକ ସମାଜବାଦ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖନ୍ତି । ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକରେ ଜନମଙ୍ଗଳ ରାଷ୍ଟ୍ରର ଚରିତ୍ର ନିହିତ । ଏଗୁଡ଼ିକ ରାଷ୍ଟ୍ର ପ୍ରତି ସକାରାତ୍ମକ ନିର୍ଦ୍ଦେଶ । ଏଗୁଡ଼ିକ ୧୯୩୭ ମସିହାରେ ଆୟାରଲାଣ୍ଡ ସମ୍ବିଧାନ ଓ ଫେବୀୟ ସମାଜବାଦ ଅନୁକରଣରେ ପ୍ରସ୍ତୁତ । ଏହି ନୀତିଗୁଡ଼ିକ ନ୍ୟାୟଯୋଗ୍ୟ ନହଁନ୍ତି, ତଥାପି ଦେଶୀୟ ଶାସନରେ ମୌଳିକ ଭୂମିକା ଗ୍ରହଣ କରିଥା'ନ୍ତି । ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକ ଭାରତରେ ଏକ ଶାନ୍ତିପୂର୍ଣ୍ଣ ଓ ସାମ୍ବିଧାନିକ ବିପ୍ଳବର ଘୋଷଣା କରନ୍ତି । ଆଦର୍ଶ ଓ ଅନ୍ତର୍ନିହିତ ଭାବନା ଦୃଷ୍ଟିରୁ ଏହି ନୀତିଗୁଡ଼ିକ ୩ ଭାଗରେ ବିଭକ୍ତ କରାଯାଇଛି । (କ) ସମାଜବାଦୀ ନୀତି, (ଖ) ଗାନ୍ଧିବାଦୀ ନୀତି, (ଗ) ଉଦାରବାଦୀ ନୀତି

ମୌଳିକ ଅଧିକାରଗୁଡ଼ିକ ଠାରୁ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକ ପୃଥକ୍ ହେଲେ ମଧ୍ୟ ଉଭୟଙ୍କ ମିଳିତ ଭୂମିକା ଭାରତ ସମ୍ବିଧାନର ମୂଳ ଭିତ୍ତି ବା ମୌଳିକ ଆଧାର ସୃଷ୍ଟି କରେ । ଉଚ୍ଚତମ ନ୍ୟାୟାଳୟ ମୌଳିକ ଅଧିକାରଗୁଡ଼ିକୁ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଠାରୁ ଉର୍ଦ୍ଧ୍ୱରେ ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଛନ୍ତି ।

❖ **୧୧.୯ ନିଜ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ:**

୧. ଭାରତୀୟ ନାଗରିକମାନେ ଉପଭୋଗ କରୁଥିବା ମୌଳିକ ଅଧିକାରଗୁଡ଼ିକ ବର୍ଣ୍ଣନା କର ।

୨. ସମାନତା, ଧର୍ମୀୟ ସ୍ୱାଧୀନତା ଓ ସାମ୍ବିଧାନିକ ପ୍ରତିକାର ଅଧିକାର ବର୍ଣ୍ଣନା କର ।

୩. ସମାନତା ଓ ସ୍ୱାଧିନତାର ଅଧିକାର ବର୍ଣ୍ଣନା କର ।

୪. ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକ ବର୍ଣ୍ଣନା କର ।

୫. ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଅନ୍ତର୍ଗତ ସମାଜବାଦୀ ଓ ଉଦାରବାଦୀ ନୀତି ବର୍ଣ୍ଣନା କର ।

୬. ମୌଳିକ କର୍ତ୍ତବ୍ୟଗୁଡ଼ିକ ଆଲୋଚନା କର ।

୭. ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିର ମୂଲ୍ୟାୟନ କର ।

୮. ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତିଗୁଡ଼ିକ ମଧ୍ୟରେ ଥିବା ପ୍ରଭେଦ ଆଲୋଚନା କର ।

❖ **୧୧.୧୦ ନିଜ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର:**

୧. ଅନୁଚ୍ଛେଦ ୧.୨ ଦେଖନ୍ତୁ ।

୨. ଅନୁଚ୍ଛେଦ ୧.୨.୧, ୧.୨.୪ ଓ ୧.୨.୬ ଦେଖନ୍ତୁ ।

୩. ଅନୁଚ୍ଛେଦ ୧.୨.୧ ଓ ୧.୨.୨ ଦେଖନ୍ତୁ ।

୪. ଅନୁଚ୍ଛେଦ ୧.୫ ଦେଖନ୍ତୁ ।

୫. ଅନୁଚ୍ଛେଦ ୧.୫.୧ ଓ ୧.୫.୩ ଦେଖନ୍ତୁ ।

୬. ଅନୁଚ୍ଛେଦ ୧.୪ ଦେଖନ୍ତୁ ।

୭. ଅନୁଚ୍ଛେଦ ୧.୬ ଦେଖନ୍ତୁ ।

୮. ଅନୁଚ୍ଛେଦ ୧.୭ ଦେଖନ୍ତୁ ।

❖❖❖

# ଦ୍ୱାଦଶ ଅଧ୍ୟାୟ

# ନିର୍ବାଚନ ଓ ପ୍ରତିନିଧିତ୍ୱ

# (ELECTION AND REPRESENTATION)

## (ନିର୍ବାଚନ ଓ ଗଣତନ୍ତ୍ର; ନିର୍ବାଚନ ଆୟୋଗ; ଗଠନ ଓ କାର୍ଯ୍ୟାବଳୀ; ସ୍ୱାଧୀନ ଓ ଦୁର୍ନୀତି ମୁକ୍ତ ନିର୍ବାଚନ ପ୍ରତି ଆହ୍ୱାନ; ନିର୍ବାଚନ ସଂସ୍କାର)

**ସଂରଚନା :**


| | |
|---|---|
| ୧୨.୧ | ଉଦ୍ଦେଶ୍ୟ |
| ୧୨.୨ | ନିର୍ବାଚନ ଓ ପ୍ରତିନିଧିତ୍ୱମୂଳକ ଗଣତନ୍ତ୍ର |
| ୧୨.୩ | ନିର୍ବାଚନ ଆୟୋଗ |
| ୧୨.୩.୧ | ନିର୍ବାଚନ ଆୟୋଗର ଗଠନ |
| ୧୨.୩.୨ | ନିର୍ବାଚନ ଆୟୋଗର କାର୍ଯ୍ୟାବଳୀ |
| ୧୨.୪ | ଅବାଧ ନିରପେକ୍ଷ ନିର୍ବାଚନ ପ୍ରତି ଆହ୍ୱାନ |
| ୧୨.୫ | ନିର୍ବାଚନ ସଂସ୍କାର |
| ୧୨.୬ | ସାରାଂଶ |
| ୧୨.୭ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ । |
| ୧୨.୮ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର । |


**୧୨.୧ ଉଦ୍ଦେଶ୍ୟ**

ଏହି ଅଧ୍ୟାୟ ପାଠ ପରେ ଆପଣମାନେ

- ପ୍ରତିନିଧିତ୍ୱମୂଳକ ଗଣତନ୍ତ୍ରରେ ନିର୍ବାଚନର ଆବଶ୍ୟକତା ସଂପର୍କରେ ଜାଣିପାରିବା ।
- ନିର୍ବାଚନ ଆୟୋଗର ଗଠନ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ସଂପୂର୍ଣ୍ଣ ତଥ୍ୟ ପାଇ ପାରିବେ ।
- ସ୍ୱାଧୀନ, ଦୁର୍ନୀତିମୁକ୍ତ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ପ୍ରତି ଥିବା ଆହ୍ୱାନ ଗୁଡ଼ିକ ପ୍ରତି ସଚେତନ ହୋଇପାରିବେ ।
- ଭାରତରେ ନିର୍ବାଚନ ପ୍ରକ୍ରିୟାରେ ଆବଶ୍ୟକ ହେଉଥିବା ସଂସ୍କାରଦିଗରେ ନିଜର ଯୋଗଦାନ ଦେଇପାରିବେ ।

## ୧୨.୨ ନିର୍ବାଚନ ଓ ପ୍ରତିନିଧିମୂଳକ ଗଣତନ୍ତ୍ର

ଆଧୁନିକ ଗଣତନ୍ତ୍ରକୁ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର କୁହାଯାଏ, କାରଣ ଏହି ବ୍ୟବସ୍ଥାରେ ସାର୍ବଭୌମ କ୍ଷମତାର ଅଧିକାରୀ ହିସାବରେ ସୂଚୀତ ହୋଇଥିବା ଜନସାଧାରଣ ଦ୍ୱାରା ଶାସିତ ହୁଅନ୍ତି । ରାଷ୍ଟ୍ରର ବିଶାଳତା, ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି, ସମୟର ଅଭାବ, ଜଟିଳ ବା ପ୍ରଣାଳୀରେ ଚୟନ ହୁଅନ୍ତି ତାହାକୁ ନିର୍ବାଚନ କୁହାଯାଏ ଓ ପ୍ରତିନିଧିମାନଙ୍କୁ ଚୟନ କରୁଥିବା ମତଦାତାମାନଙ୍କୁ ନିର୍ବାଚକ ନିର୍ବାଚକମଣ୍ଡଳୀ କୁହାଯାଏ । ନିର୍ବାଚନ ପ୍ରତ୍ୟକ୍ଷ ବା ପରୋକ୍ଷ ହୋଇପାରେ । ପ୍ରତ୍ୟକ୍ଷ ନିର୍ବାଚନ ଅଧିକ ଗଣତାନ୍ତ୍ରିକ କାରଣ ମତଦାତାମାନେ ସିଧାସଳଖ ଭାବେ ସେମାନଙ୍କର ରାଜନୈତିକ ତାଲିମ ଓ ଚେତନାର ପ୍ରତିଫଳନ ଘଟାଇ ବ୍ୟାପକ ଅଂଶଗ୍ରହଣ ମାଧ୍ୟମରେ ନିଜର ପ୍ରତିନିଧି ନିର୍ବାଚନ କରିଥା'ନ୍ତି । ଭାରତରେ ଲୋକସଭା ଓ ରାଜ୍ୟ ବିଧାନସଭାର ନିର୍ବାଚନ ଏହି ପ୍ରକ୍ରିୟାରେ ସଂଘଟିତ ହୋଇଥାଏ । ଅନ୍ୟପକ୍ଷରେ, ପରୋକ୍ଷ ନିର୍ବାଚନରେ ଭୋଟଦାତାମାନେ ସିଧାସଳଖ ନିଜର ପ୍ରତିନିଧି ନିର୍ବାଚନ ନ କରି ଏକ ମଧ୍ୟବର୍ତ୍ତୀ ନିର୍ବାଚନ ମଣ୍ଡଳୀକୁ ନିର୍ବାଚିତ କରନ୍ତି ଯିଏ ପରିଶେଷରେ ପ୍ରକୃତି ପ୍ରତିନିଧି ଚୟନ କରନ୍ତି । ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟସଭାର ସଦସ୍ୟମାନେ ଏହି ପଦ୍ଧତିରେ ନିର୍ବାଚିତ ହୁଅନ୍ତି । ଏହି ପଦ୍ଧତିରେ ଜନମତର ପ୍ରକୃତ ପ୍ରତିଫଳନ ଘଟେ ନାହିଁ ବୋଲି ସମାଲୋଚନା କରାଗଲେ ମଧ୍ୟ କମ୍ ବ୍ୟୟସାପେକ୍ଷ ଓ ନିର୍ବାଚନରେ ମିଥ୍ୟା ପ୍ରଚାର, ଭୟ, ପ୍ରଲୋଭନ ଆଦି ପ୍ରସଙ୍ଗରେ ପ୍ରଭାବ ହ୍ରାସ ଯୋଗୁଁ ଏହା ପସନ୍ଦଯୋଗ୍ୟ ହୋଇଥାଏ ।

ପ୍ରାୟତଃ ଅଧିକାଂଶ ଗଣତନ୍ତ୍ରରେ ଜାତି, ଧର୍ମ, ବର୍ଣ୍ଣ, ଭାଷା, ଲିଙ୍ଗ, ସମ୍ପତ୍ତି, ବାସସ୍ଥାନ ଶିକ୍ଷାଗତ ଯୋଗ୍ୟତା ନିର୍ବିଶେଷରେ ନିର୍ଦ୍ଦିଷ୍ଟ ବୟସସୀମା ଅତିକ୍ରାନ୍ତ ହୋଇଥିବା ପ୍ରତ୍ୟେକ ସାବାଳକଙ୍କୁ ମତାଧିକାର ପ୍ରଦାନ କରାଯିବାକୁ ସାର୍ବଜନୀନ ସାବାଳକ ଭୋଟପ୍ରଥା କୁହାଯାଏ । ଏହା 'ଜନପ୍ରିୟ ସାର୍ବଭୌମତ୍ୱ' (Popular Sovereignty) ତତ୍ତ୍ୱକୁ ସମର୍ଥନ କରିଥାଏ ।

କିନ୍ତୁ ଜନ୍ ଷ୍ଟୁଆର୍ଟ ମିଲ୍ଙ୍କ ମତରେ କର ଲାଗୁ କରୁଥିବା ବ୍ୟବସ୍ଥାପିକାର ସଦସ୍ୟମାନେ କେବଳ କରଦାତାମାନଙ୍କ ଦ୍ୱାରା ହିଁ ନିର୍ବାଚିତ ହେବା ଉଚିତ । ସେ ମତାଧିକାର ନିମନ୍ତେ ଶିକ୍ଷାଗତ ଯୋଗ୍ୟତା ଉପରେ ମଧ୍ୟ ଜୋର ଦେଇଥିଲେ । ମିଲ୍ ଓ ଚାଲର୍ସ ବ୍ରାଡ୍‌ଲାଫ୍‌ଙ୍କ ଭଳି ସଂସ୍କାରକମାନେ ନାରୀ ମତାଧିକାର ଆନ୍ଦୋଳନକୁ ଅଧିକ ସକ୍ରିୟ କରିଥିଲେ । ଇଂଲଣ୍ଡରେ ୧୯୧୮, ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୧୯ ମସିହାରେ ଓ ସୁଇଜରଲ୍ୟାଣ୍ଡରେ ୧୯୭୦ ମସିହାରେ ମହିଳାମାନଙ୍କୁ ଭୋଟଦାନର ଅଧିକାର ପ୍ରଦାନ କରା ଯାଇଥିଲା ।

ମତଦାନ ପ୍ରଣାଳୀ ପ୍ରକାଶ୍ୟ (Open) ବା ଗୁପ୍ତ (Secret) ହୋଇପାରେ । ମଣ୍ଟେସ୍କ୍ୟୁ ଓ ମିଲ୍‌ଙ୍କ ଭଳି ଦାର୍ଶନିକମାନେ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ୍ୟଭାବେ ମତଦାନ କରିବା ସପକ୍ଷରେ ମତ ଦେଇଛନ୍ତି । କିନ୍ତୁ ଗୁପ୍ତ ମତଦାନ ପ୍ରକ୍ରିୟା ଅଧିକ ଗ୍ରହଣୀୟ ଓ ପ୍ରାୟତଃ ସର୍ବତ୍ର ଦେଖାଯାଏ । ସର୍ବାଧିକ କ୍ଷେତ୍ରରେ ଏକକ ଭୋଟଦାନ ବ୍ୟବସ୍ଥା ପ୍ରଚଳିତ ଯେଉଁଥିରେ ଗୋଟିଏ 'ଭୋଟଦାତା ଗୋଟିଏ ଭୋଟ' ନୀତି ଅନୁସୃତ ହୋଇଥାଏ । ଭାରତରେ ଲୋକସଭା, ରାଜ୍ୟ ବିଧାନସଭା ଆଦି ନିର୍ବାଚନରେ ଏହି ନୀତିର ପ୍ରୟୋଗ ହୁଏ । ଅନ୍ୟପକ୍ଷରେ 'ଅଧିକ ମୂଲ୍ୟଯୁକ୍ତ ଭୋଟ' (Weighted Votes) ବ୍ୟବସ୍ଥାରେ ଜଣେ ଭୋଟଦାତା ଗୋଟିଏ ଭୋଟ ଦେଇଥିଲେ ମଧ୍ୟ ବିଭିନ୍ନ ଆଧାରରେ ତା'ର ଭୋଟର ମୂଲ୍ୟ ଭିନ୍ନ ଭିନ୍ନ ଭାବେ ନିର୍ଦ୍ଧାରିତ ହୋଇଥାଏ । ଭାରତରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟସଭାର ସଦସ୍ୟମାନଙ୍କ ନିର୍ବାଚନ କ୍ଷେତ୍ରରେ ସଂପୃକ୍ତ ନିର୍ବାଚନ ମଣ୍ଡଳୀର ସଦସ୍ୟମାନଙ୍କର ଭୋଟର ମୂଲ୍ୟ ଭିନ୍ନ ଭିନ୍ନ ରୂପେରେ ନିର୍ଦ୍ଧାରିତ ହୋଉଛି ।

ପ୍ରତିନିଧିମୂଳକ ଗଣତନ୍ତ୍ର ବ୍ୟବସ୍ଥା ଥିବା ପୃଥିବୀର ଅଧିକାଂଶ ରାଷ୍ଟ୍ର ପରି ଭାରତରେ ମଧ୍ୟ ଭୌଗଳିକ ବା କ୍ଷେତ୍ରାଞ୍ଚଳ ପ୍ରତିନିଧିତ୍ୱ (Geographical or Territorial Representation) ଦେଖାଯାଏ । ଏହି ବ୍ୟବସ୍ଥାରେ ସମଗ୍ର ଦେଶକୁ ଜନସଂଖ୍ୟା ଆଧାରରେ କେତେକ ଭୌଗୋଳିକ କ୍ଷେତ୍ରରେ ବିଭକ୍ତ କରାଯାଇ ପ୍ରତ୍ୟେକକୁ ଗୋଟିଏ ଲେଖାଏଁ

ନିର୍ବାଚନମଣ୍ଡଳୀ ରୂପେ ଗ୍ରହଣ କରାଯାଇଥାଏ । ଏହି ନିର୍ବାଚନ ମଣ୍ଡଳୀରୁ ଜଣେ ସଦସ୍ୟ ନିର୍ବାଚିତ ହେଲେ ତାହାକୁ ଏକକ ସଦସ୍ୟ ବିଶିଷ୍ଟ ନିର୍ବାଚନମଣ୍ଡଳୀ (Single Member Constituency) କୁହାଯାଏ । ଭାରତରେ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ଏହି ପଦ୍ଧତି ଅନୁସୃତ ହୁଏ । କିନ୍ତୁ ଯଦି ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଏକାଧିକ ପ୍ରତିନିଧି ନିର୍ବାଚିତ ହୁଅନ୍ତି ତାହାକୁ ବହୁ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ (Multi-Member Constituency) କୁହାଯାଏ । ଭାରତର ରାଜ୍ୟସଭା ନିର୍ବାଚନ କ୍ଷେତ୍ରରେ ଏହି ବ୍ୟବସ୍ଥା ଅନୁସୃତ ହୁଏ ।

## ୧୨.୩ ନିର୍ବାଚନ ଆୟୋଗ

### ୧୨.୩.୧ ନିର୍ବାଚନ କମିଶନର ଗଠନ

ଭାରତୀୟ ସମ୍ବିଧାନ ପଞ୍ଚଦଶ ଅଧ୍ୟାୟରେ ସ୍ୱତନ୍ତ୍ରଭାବରେ ଏକ ନିର୍ବାଚନ କମିଶନର ଗଠନ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଏହି ସଙ୍ଗଠନ ସମ୍ପର୍କରେ ସବିସ୍ତୃତ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା, ସମ୍ବିଧାନ ପ୍ରଣେତାମାନଙ୍କରମ୍ଭାକୁ ସମ୍ବିଧାନର ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ଅନ୍ତର୍ଭୁକ୍ତ କରି ତତ୍ ସଂକ୍ରାନ୍ତୀୟ ରାଜନୈତିକ ଅଧିକାରର ସଂରକ୍ଷଣ ପ୍ରତି ଦୁର୍ବଳତାକୁ ସୂଚିତ କରିଥାଏ । ଶାସନ ବିଧାୟକ ସଭାର ଜନୈକ ସଦସ୍ୟ ଏଚ୍.ଏନ୍.କୁଞ୍ଜୁରୁଙ୍କ ମତରେ, "ଯଦି ନିର୍ବାଚନ କଳ ତ୍ରୁଟିଯୁକ୍ତ ବା ଏହାକୁ କାର୍ଯ୍ୟକାରୀ କରୁଥିବା ଲୋକମାନଙ୍କର ଚରିତ୍ର ସନ୍ଦେହମୁକ୍ତ ନୁହେଁ, ତାହାହେଲେ ଗଣତନ୍ତ୍ରର ଚେର ମଧ୍ୟ ବିଷାକ୍ତ ହୋଇଯିବ ।" ବର୍ତ୍ତମାନର ଗଣତାନ୍ତ୍ରିକ ଶାସନ ପରୋକ୍ଷ ବା ପ୍ରତିନିଧିମୂଳକ ଅଟେ । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ରାଷ୍ଟ୍ରର କାର୍ଯ୍ୟପରିସରରେ ବୃଦ୍ଧିଜନିତ ଚାପ ହେତୁ ପ୍ରତ୍ୟେକ ଲୋକ ପ୍ରତ୍ୟକ୍ଷଭାବରେ ଶାସନ କ୍ଷେତ୍ରରେ ଅଂଶଗ୍ରହଣ କରିବା ଏକ ଅସମ୍ଭବ ବ୍ୟାପାର ଅଟେ । ଏଣୁ ବର୍ତ୍ତମାନର ଗଣତାନ୍ତ୍ରିକ ଶାସନ ଲୋକପ୍ରତିନିଧିମାନଙ୍କ ଶାସନ ଅଟେ । ଏହି ଲୋକପ୍ରତିନିଧିମାନଙ୍କର ମନୋନୟନ ପାଇଁ ନିର୍ବାଚନ ପ୍ରକ୍ରିୟାକୁ ଗ୍ରହଣ କରାଯାଇଛି । ଏଣୁ ଭାରତରେ ନିର୍ବାଚନ ସାମ୍ବିଧାନିକ ସ୍ୱୀକୃତି ଲାଭ କରିଛି । ଏଥିନିମନ୍ତେ ଏକ ସ୍ୱାଧୀନ ନିରପେକ୍ଷ ତଥା ସାମ୍ବିଧାନିକ ସଂସ୍ଥା ଗଠନ କରାଯାଇ ସମ୍ବିଧାନର 324 ଧାରା ବଳରେ ଏହାକୁ ସଂସଦ ଓ ରାଜ୍ୟ ବିଧାନସଭାକୁ ନିର୍ବାଚନ ପରିଚାଳନା, ନିୟନ୍ତ୍ରଣ ତଥା ତତ୍ତ୍ୱାବଧାନ ନିମନ୍ତେ କ୍ଷମତା ପ୍ରଦାନ କରାଯାଇଛି । ଏହି ସଂସ୍ଥାକୁ ନିର୍ବାଚନ କମିଶନ କୁହାଯାଏ ।

ନିର୍ବାଚନ କମିଶନ ମୁଖ୍ୟ ନିର୍ବାଚନ କମିଶନଙ୍କ ଅଧକ୍ଷତାରେ ଗଠିତ ହୋଇଥାଏ । ରାଷ୍ଟ୍ରପତି ମୁଖ୍ୟ ନିର୍ବାଚନ କମିଶନର ତଥା ଆଞ୍ଚଳିକ ନିର୍ବାଚନ କମିଶନରମାନଙ୍କୁ ନିଯୁକ୍ତି କରିଥାନ୍ତି; ମାତ୍ର ଏହି ନିଯୁକ୍ତି କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ ସଂସଦୀୟ ନିୟମ ନଥିଲେ ରାଷ୍ଟ୍ରପତି ନିଜସ୍ୱ ନିର୍ଦ୍ଦେଶନାମା ଜାରି କରିପାରନ୍ତି । ମୁଖ୍ୟ ନିର୍ବାଚନ କମିଶନର ରାଷ୍ଟ୍ରପତିଙ୍କର ଆସ୍ଥାଭାଜନ ଥିବା ପର୍ଯ୍ୟନ୍ତ ନିଜ ପଦରେ ରହିଥାନ୍ତି । ଆଞ୍ଚଳିକ ନିର୍ବାଚନ କମିଶନରମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିବା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ତତ୍‌ସଂକ୍ରାନ୍ତୀୟ ରିପୋର୍ଟକୁ ରାଷ୍ଟ୍ରପତି ବିଚାରକୁ ନେଇଥା'ନ୍ତି । ଏହି ସଂସ୍ଥାର ସ୍ୱାଧୀନତା ରକ୍ଷା କରିବାପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କ ପଦଚ୍ୟୁତି ବ୍ୟବସ୍ଥାକୁ ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନଙ୍କ ଅନୁରୂପ ଜଟିଳ ପ୍ରକୃତିସମ୍ପନ୍ନ କରାଯାଇଛି । 'ପ୍ରମାଣିତ ଅସଦ୍‌ବ୍ୟବହାର' କିମ୍ବା 'ଅଯୋଗ୍ୟତା' କାରଣରୁ ସଂସଦର ଉଭୟ ସଦନ ଦ୍ୱାରା ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ସହ ଏକ ବହିଷ୍କାର ପ୍ରସ୍ତାବ ଗୃହୀତ ହେଲେ, ରାଷ୍ଟ୍ରପତି ସେହି ପ୍ରସ୍ତାବ ବଳରେ ତାଙ୍କୁ ପଦଚ୍ୟୁତ କରିଥାନ୍ତି ।

### ୧୨.୩.୨ ନିର୍ବାଚନ କମିଶନଙ୍କ କାର୍ଯ୍ୟଧାରା :

(କ) କେନ୍ଦ୍ରୀୟ ସଂସଦ ଓ ରାଜ୍ୟ ବିଧାନସଭାକୁ ନିର୍ବାଚନ କରାଯିବା ପୂର୍ବରୁ ତଥା ପ୍ରତ୍ୟେକ ଜନଗଣନା ପରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ କରିବାର ଦାୟିତ୍ୱ ନିର୍ବାଚନ କମିଶନରଙ୍କର ଅଟେ ।

(b) ନିର୍ବାଚନକୁ ସ୍ୱାଧୀନ ଓ ନିରପେକ୍ଷଭାବେ ପରିଚାଳନା କରିବାର ସମସ୍ତ ଦାୟିତ୍ୱ ଉକ୍ତ କମିଶନରଙ୍କ ଅଟେ ।

(c) ନିର୍ବାଚନ ସଂକ୍ରାନ୍ତୀୟ ତାରିଖ ଓ କାର୍ଯ୍ୟକ୍ରମ ଘୋଷଣା ଉକ୍ତ କମିଶନ କରିଥାଏ ।

(d) ନିର୍ବାଚନ ସଂକ୍ରାନ୍ତୀୟ ବନ୍ଦୋବସ୍ତ ସମ୍ବନ୍ଧରେ ଉପୁଜିଥିବା ସମସ୍ତ ଦ୍ୱନ୍ଦ୍ୱର ସମାଧାନ ପାଇଁ ନିର୍ବାଚନ କମିଶନ ଅନୁସନ୍ଧାନକାରୀଙ୍କୁ ନିଯୁକ୍ତି କରିଥାନ୍ତି ।

(e) ନିର୍ବାଚନ କମିଶନ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ଅନୁରୋଧ କରି ନିର୍ବାଚନ ପରିଚାଳନା ପାଇଁ ଆବଶ୍ୟକ କର୍ମଚାରୀ ସଂଗ୍ରହ କରିଥାନ୍ତି ।

(f) ନିର୍ବାଚନ କମିଶନ, ରାଜନୈତିକ ଦଳମାନଙ୍କୁ ସ୍ୱୀକୃତି ତଥା ନିର୍ବାଚନ ସଂକେତ ପ୍ରଦାନ ପାଇଁ ଏକ ବିଚାରଳୟରୂପେ କାର୍ଯ୍ୟ କରିଥାଏ ।

(g) କୌଣସି କେନ୍ଦ୍ରର ପୁନି ଭୋଟ ଗ୍ରହଣ ପାଇଁ ନିଷ୍ପତ୍ତି ଉକ୍ତ କମିଶନ ଦେଇଥାନ୍ତି ।

(h) ଗୋଟିଏ ରାଜ୍ୟରେ ଏକ ବର୍ଷରୁ ଅଧିକ କାଳ ରାଷ୍ଟ୍ରପତି ଶାସନ ବଳବତ୍ତର ରହିବା ଆବଶ୍ୟକ ହେଲେ, ମୁଖ୍ୟ ନିର୍ବାଚନ କମିଶନର ସେଠାରେ ନିର୍ବାଚନ କରିବା ସମ୍ଭବ ନୁହେଁ ବୋଲି ଏକ ସୁପାରିସପତ୍ର ଦେବା ଆବଶ୍ୟକ ।

(i) ନିର୍ବାଚନ କମିଶନ ନିର୍ବାଚନ ସମୟରେ ରାଜନୈତିକ ଦଳ ତଥା ଜନସାଧାରଣଙ୍କ ପାଇଁ ଆଚରଣବିଧି (Code of conduct) ପ୍ରଣୟନ କରିପାରନ୍ତି । 1972 ମସିହାରେ ରାଜ୍ୟ ବିଧାନସଭାଗୁଡ଼ିକ ପାଇଁ ଅନୁଷ୍ଠିତ ହୋଇଥିବା ପଞ୍ଚମ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏହିପରି ଏକ ଆଚରଣବିଧି ପ୍ରଣୀତ ହୋଇଥିଲା । ଉକ୍ତ ଆଚରଣବିଧିରେ ନିମ୍ନୋକ୍ତ ବିଷୟଗୁଡ଼ିକ ମୁଖ୍ୟ ବିଷୟ ଭାବରେ ସ୍ଥାନ ଗ୍ରହଣ କରିଛି ।

(1) କୌଣସି ଦଳ କିମ୍ବା ପ୍ରାର୍ଥୀ, କୌଣସି ଗୋଷ୍ଠୀ ବା ଜାତି ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିବେ ନାହିଁ ।

(2) ଗୋଟିଏ ରାଜନୈତିକ ଦଳ ଅନ୍ୟ ଗୋଟିଏ ଦଳକୁ କେବଳ ଏହାର ନୀତି ଓ ଯୋଜନା ଦୃଷ୍ଟିକୋଣରୁ ସମାଲୋଚନା କରିପାରିବ ।

(3) ଅନ୍ୟ ପ୍ରତିଯୋଗୀମାନଙ୍କ ନିର୍ବାଚନ ସଭା ଓ ଶୋଭାଯାତ୍ରାଗୁଡ଼ିକରେ ଜଣେ ପ୍ରତିଯୋଗୀ ନିଜର ସମର୍ଥକମାନଙ୍କ ଦ୍ୱାରା କୌଣସି ଗଣ୍ଡଗୋଳ କରିପାରିବେ ନାହିଁ ।

(4) ଜଣେ ପ୍ରାର୍ଥୀ କୌଣସି ପୋଲିସ୍ ଅଧିକାରୀଙ୍କ ବିରୁଦ୍ଧରେ ଆପତ୍ତି କରିବାକୁ ଚହିଁଲ ସର୍ବପ୍ରଥମେ ଜିଲ୍ଲା ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଏହା କରିପାରିବେ ।

(5) ଭୋଟ ସଂଗ୍ରହ ସ୍ଲୋଗାନ୍‌ରେ କିମ୍ବା ଭାଷଣରେ ଜାତିଗତ ତଥା ସାଂପ୍ରଦାୟିକ ଚିନ୍ତାଧାରା ପ୍ରତିଧ୍ୱନିତ ହେବା ଉଚିତ୍ ନୁହେଁ ।

(6) ନିର୍ବାଚନ ଆଇନ୍‌ରେ ଉଲ୍ଲିଖିତ ସମସ୍ତ ଦୁର୍ନୀତିମୂଳକ ପନ୍ଥାକୁ ପ୍ରାର୍ଥୀମାନେ ସାଧୁତାର ସହ ପ୍ରତିରୋଧ କରିବା ଆବଶ୍ୟକ ।

### ୧୨.୪ ଭାରତରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରତି ଆହ୍ୱାନ

ଭାରତରେ ଏକ ସାମ୍ବିଧାନିକ ଓ ସ୍ୱୟଂଶାସିତ ସଂସ୍ଥା ହିସାବରେ ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟାକୁ ସୁସଂଗଠିତ ଭାବେ ପରିଚାଳନା କରୁଛନ୍ତି । ଭାରତରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରତି ଲୋକଙ୍କର ବିଶ୍ୱାସ ବୃଦ୍ଧି ପାଉଛି ଯାହାକି

ଗଣତନ୍ତ୍ରର ଭିତ୍ତିକୁ ଦୃଢ଼ କରୁଛି । କିନ୍ତୁ ଭାରତରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରତି ନିମ୍ନଲିଖିତ ଆହ୍ୱାନଗୁଡ଼ିକ ଦେଶର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି;

୧. ନିର୍ବାଚନ ମଣ୍ଡଳୀର ବ୍ୟାପକ ଭୌଗଳିକ ସ୍ଥିତି ବା ପରିସୀମା ଓ ବିପୁଳସଂଖ୍ୟକ ଭୋଟଦାତାଙ୍କ ଉପସ୍ଥିତି ନିର୍ବାଚନ ପ୍ରକ୍ରିୟାକୁ ସୁରୂରୂପେ ସଂପାଦନ କରିବାରେ ବାଧା ସୃଷ୍ଟି କରୁଛି । ଭୋଟଦାତା ଓ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଉଛି ।

୨. ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେଉଛି । ଅନେକ ଯୋଗ୍ୟ ଭୋଟଦାତାଙ୍କ ନାମ ଭୋଟର ତାଲିକାରେ ନଥିବା ବେଳେ ମୃତ ଓ ନିର୍ବାଚନମଣ୍ଡଳୀ ପରିତ୍ୟାଗ କରିଥିବା ମତଦାତାମାନଙ୍କ ନାମ ଭୋଟର ତାଲିକାରେ ଦେଖିବାକୁ ମିଳିଥାଏ । ଏହା ଫଳରେ ଅନେକ ଯୋଗ୍ୟ ଭୋଟଦାତା ଭୋଟ ଦାନରୁ ବଞ୍ଚିତ ହେଉଛନ୍ତି ।

୩. ବହୁଦଳୀୟ ବ୍ୟବସ୍ଥା, ସ୍ୱାଧୀନ ପ୍ରାର୍ଥୀ ଓ ଦେଶର ବିଭିନ୍ନତା ଆଦି କାରଣରୁ ନିର୍ବାଚନରେ ପ୍ରାର୍ଥୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି ଯାହାଫଳରେ ଭୋଟଦାତା ମତଦାନ ବେଳେ ବିଭ୍ରାନ୍ତିର ଶୀକାର ହେଉଛନ୍ତି ଓ ନିର୍ବାଚନ ପ୍ରକ୍ରିୟା ବ୍ୟୟବହୁଳ ଓ ଜଟିଳ ହେଉଛି ।

୪. ଦିନକୁ ଦିନ ନିର୍ବାଚନ ଅଧିକ ପ୍ରତିଦ୍ୱନ୍ଦିତାମୂଳକ ହେଉଥିବାରୁ ଏବଂ ପ୍ରାର୍ଥୀ ତଥା ରାଜନୈତିକ ଦଳମାନେ ଯେ କୌଣସି ଉପାୟରେ ଜିତିବାର ଲକ୍ଷ୍ୟ ରଖୁଥିବାରୁ ନିର୍ବାଚନ ବ୍ୟୟବହୁଳ ହୋଇଉଠୁଛି । ଦୃଶ୍ୟମାନ ବ୍ୟୟବହୁଳ ପ୍ରଚାର ଓ ଅନ୍ୟାନ୍ୟ ବିବିଧ ଅଘୋଷିତ ଖର୍ଚ୍ଚ ଆଚରଣ ବିଧିରେ ନିଷେଧ କରାଯାଇଥିବା ବେଳେ ଏହାର ପ୍ରଲୋଭନ ଦ୍ୱାରା ଭୋଟ ହାସଲ ପାଇଁ ପ୍ରଚେଷ୍ଟା କରାଯାଉଛି । ଏହି ବିପୁଳ ଅର୍ଥ ଚାନ୍ଦା ଆଦାୟ ଆଦି ଅର୍ଥନୈତିକ ଉପାୟରେ ସଂଗୃହୀତ ହୁଏ । ଏହା ସାମାଜିକ ଓ ରାଜନୈତିକ ଦୁର୍ନୀତିକୁ ପ୍ରୋତ୍ସାହିତ କରିଥାଏ ।

୫. ବହୁଦଳୀୟ ବ୍ୟବସ୍ଥା ଓ ସୁବିଧାବାଦୀ ମେଣ୍ଟ ରାଜନୀତି ଯୋଗୁଁ କୌଣସି ଦଳ ବା ମେଣ୍ଟ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ହାସଲ ନ କରିବା ଦୃଷ୍ଟିରୁ ସରକାର ଗଠନରେ ଅସ୍ଥିରତା ଦେଖାଯାଉଛି ଓ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଲୋକସଭା ଓ ବିଧାନସଭା ଭଙ୍ଗ କରାଯାଇ ସାନି ନିର୍ବାଚନ ବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସଂଘଟିତ ହେଉଥିବାରୁ ଏହା ରାଷ୍ଟ୍ରର ଅର୍ଥକୋଷ ଉପରେ ବ୍ୟାପକ ଚାପ ପକାଉଛି ।

୬. ଭାରତର ଭୋଟଦାତାମାନେ ଅଧିକରୁ ଅଧିକ ଭାବେ ଜାତିଗତ ଭୋଟଦାନ ଦ୍ୱାରା ପ୍ରଭାବିତ ହେଉଛନ୍ତି । ଜାତି ଏକ ପ୍ରମୁଖ ରାଜନୈତିକ ଦଳ ରୂପେ ଉଭା ହେଲାଣି । ଏହା ଫଳରେ ଜାତିଗତ ବିଭେଦତା ଓ ଶତ୍ରୁତା ବୃଦ୍ଧି ପାଉଛି ଓ ଏହା ଜାତୀୟ ସଂହତି ପ୍ରତି ବିପଦ ସୃଷ୍ଟି କରୁଛି । ଏହା ନିର୍ବାଚନୀ ହିଂସାକୁ ପ୍ରୋତ୍ସାହିତ କରୁଛି ।

୭. ଧର୍ମ ଭିତ୍ତିକ ଭୋଟଦାନ ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରତି ଏକ ପ୍ରମୁଖ ଆହ୍ୱାନ ଅଟେ । ଏହା ସାଂପ୍ରଦାୟିକତାକୁ ଉତ୍ସାହିତ କରୁଛି ଯାହାକି ଜାତୀୟ ସଂହତି ପାଇଁ ଅତ୍ୟନ୍ତ ବିପଦଜନକ ଅଟେ ।

୮. ଭାରତରେ ନିର୍ବାଚନ ପ୍ରକ୍ରିୟାରେ ବାହୁବଳ ଓ ଅପରାଧିମାନଙ୍କ ଭୂମିକା ଓ ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଅପରାଧି ପୃଷ୍ଠଭୂମି ଥିବା ସାଂସଦ ଓ ବିଧାୟକ ତଥା ମନ୍ତ୍ରୀମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଭୋଟଦାତାମାନେ ଭୟଶୂନ୍ୟ ଭାବେ ନିର୍ମଳ ଭାବମୂର୍ତ୍ତି ଥିବା ପ୍ରାର୍ଥୀଙ୍କୁ ସମର୍ଥନ କରିପାରୁ ନାହାନ୍ତି ।

## ୧୨.୫ ନିର୍ବାଚନ ସଂସ୍କାର (Electoral Reforms)

ଭାରତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଚିତ । ଏହାର ଗଣତାନ୍ତ୍ରିକ ପରମ୍ପରା ମଧ୍ୟ ଉନ୍ନତ ଓ ସୁଦୃଢ଼ । ଭାରତରେ ମୋଟାମୋଟି ଭାବରେ ଏକ ସୁସ୍ଥ ନିର୍ବାଚନ ପରମ୍ପରା ଦେଖିବାକୁ ମିଳୁଥିଲେ ମଧ୍ୟ ନିର୍ବଚନରେ ଉଭୟ ଢାଞ୍ଚାଗତ ଓ

ପ୍ରକ୍ରିୟାଗତ ତ୍ରୁଟିମାନ ଦୃଷ୍ଟିଗୋଚର ହୁଏ । ସେଗୁଡ଼ିକର ବର୍ଣ୍ଣନା ସହ ଆବଶ୍ୟକୀୟ ସଂସ୍କାର ପ୍ରସ୍ତାବମାନ ନିମ୍ନରେ ଆଲୋଚନା କରାଗଲା ।

**(୧) ଆପେକ୍ଷିକ ସଂଖ୍ୟାଗରିଷ୍ଠତା ବଦଳରେ ପ୍ରକୃତ ସଂଖ୍ୟାଗରିଷ୍ଠତା (Not Relative but Real Majority) :** ଗଣତନ୍ତ୍ର ସଂଖ୍ୟାଗରିଷ୍ଠତାରେ ବିଶ୍ୱାସ କରେ । ପ୍ରାର୍ଥୀମାନଙ୍କ ବିଜୟ ପ୍ରକୃତ ସଂଖ୍ୟାଗରିଷ୍ଠତା ଦ୍ୱାରା ହେବା ପରିବର୍ତ୍ତେ ଅନେକ କ୍ଷେତ୍ରରେ ଆପେକ୍ଷିକ ସଂଖ୍ୟାଗରିଷ୍ଠତା (Relative Majority) ଦ୍ୱାରା ନିର୍ଣ୍ଣୟ ହେଉଛି । ଅର୍ଥାତ୍ ଯେଉଁ ପ୍ରାର୍ଥୀ ଅନ୍ୟ ପ୍ରାର୍ଥୀମାନଙ୍କଠାରୁ ଅଧିକ ଭୋଟ ପାଇଥାଆନ୍ତି ତାଙ୍କୁ ହିଁ ବିଜୟୀ ଘୋଷିତ କରାଯାଏ ଯଦିଓ ସେହି ବିଜୟୀ ପ୍ରାର୍ଥୀଙ୍କ ଭୋଟହାର ପ୍ରକୃତ ସଂଖ୍ୟାଗରିଷ୍ଠତା ଶତକଡ଼ା ୫୦ ଭାଗରୁ ଅଧିକ ହେବା ପରିବର୍ତ୍ତେ କମ୍ ଓ ସ୍ଥଳବିଶେଷରେ ଯଥେଷ୍ଟ କମ୍ ହୋଇଥାଏ । ଏପରିକି ମୋଟ ମତଦାନର ଶତକଡ଼ା ୧୦ ଭାଗ ମତ ହାସଲ କରିଥିବା ପ୍ରାର୍ଥୀ ମଧ୍ୟ ବିଜୟୀ ହେବାର ନଜିର ରହିଛି । ଅନ୍ୟ ଭାଷାରେ କହିଲେ ସର୍ବାଧିକ ଅର୍ଥାତ୍ ଶତକଡ଼ା ୯୦ ଭାଗ ମତଦାତା ଯାହାକୁ ପ୍ରତିନିଧି ରୂପେ ପାଇବାକୁ ଚାହାନ୍ତି ନାହିଁ, ଦୁର୍ଭାଗ୍ୟବଶତଃ ସେହି ହିଁ ତାଙ୍କର ପ୍ରତିନିଧି ହୁଅନ୍ତି । ଏହା ଗଣତନ୍ତ୍ରର ଏକ ଅଗଣତାନ୍ତ୍ରିକ ପରମ୍ପରା । ଏହି ତ୍ରୁଟି ଦଳୀୟ ବିଜୟ କ୍ଷେତ୍ରରେ ମଧ୍ୟ ପରିଲକ୍ଷିତ ହୁଏ । ଏହି ତ୍ରୁଟିକୁ ସୁଧାରିବା ପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ନିମନ୍ତେ ନିର୍ବାଚନଜନିତ କଟକଣାକୁ ଅଧିକ ଜଟିଳ କରିବାର ଆବଶ୍ୟକତା ରହିଛି । ଦ୍ୱିଦଳୀୟ ବ୍ୟବସ୍ଥା ପରିସ୍ଥିତିକୁ ସୁଧାରି ପାରିବା ଲକ୍ଷ୍ୟନେଇ ବେପରୁଆ ରାଜନୈତିକ ଦଳ ଓ ନିର୍ଦ୍ଦଳୀୟ ପ୍ରାର୍ଥୀମାନଙ୍କୁ ନିର୍ବାଚନରୁ ଦୂରେଇ ରଖିବା ପାଇଁ ବ୍ୟବସ୍ଥା ହେବା ଆବଶ୍ୟକ । ଦଳଭିତ୍ତିକ ଗଣତନ୍ତ୍ର ଶାସନରେ ସ୍ୱାଧୀନ ବା ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ଉପସ୍ଥିତିକୁ ସ୍ୱୀକାର କରାଯିବା ଅନୁଚିତ । ପୁନଶ୍ଚ ସମାନୁପାତିକ ଭୋଟ ବ୍ୟବସ୍ଥାର (Proportional Representation) ତାଲିକା ପ୍ରଥା (List System) ଲାଗୁ କରାଗଲେ ପରିସ୍ଥିତି ବାସ୍ତବିକ ଗଣତାନ୍ତ୍ରିକ ହୋଇପାରିବ । ଏହି ବ୍ୟବସ୍ଥାରେ ମତଦାତାଙ୍କ ମଧ୍ୟରୁ ସମର୍ଥକ ଶତାଂଶ ଅନୁଯାୟୀ ଦଳମାନେ ମତଦାନ ହାର ସଂଗ୍ରହ କରିବେ ଏବଂ ସେମାନଙ୍କ ଦ୍ୱାରା ହାସଲ ହୋଇଥିବା ମତ ଶତାଂଶ ହାର ଅନୁଯାୟୀ ସମପରିମାଣ ଆସନ ମଧ୍ୟ ସେମାନଙ୍କୁ ମିଳିବ ।

**(୨) ମତଦାନ ହାରରେ ଉନ୍ନତି (Improvement in Polling Rate) :** ମତଦାନ ହାରରେ ଯଥେଷ୍ଟ ଉନ୍ନତି ନ ଘଟିଲେ ଉପର ବର୍ଣ୍ଣିତ ବାସ୍ତବ ସଂଖ୍ୟାଗରିଷ୍ଠତା ମଧ୍ୟ ଏକ ପ୍ରହସନରେ ପରିଣତ ହେବ । ଏହାର ଉନ୍ନତି ପାଇଁ ମତଦାନକୁ ବାଧ୍ୟତାମୂଳକ କରାଯାଇପାରେ । ତେବେ ରାଜନୈତିକ ଓ ସାମାଜିକ ଶିକ୍ଷାର ପ୍ରସାର ମାଧ୍ୟମରେ ଏହି ଲକ୍ଷ୍ୟ ସହଜରେ ହାସଲ କରାଯାଇପାରିବ ।

**(୩) ନିର୍ବାଚନ ଖର୍ଚ୍ଚହ୍ରାସ ଓ ରାଷ୍ଟ୍ରାୟତ୍ତ ନିର୍ବାଚନ ପାଣ୍ଠି ଗଠନ (Reducation of Election Expenses and Creation of State Election Fund) :** ଦିନକୁ ଦିନ ନିର୍ବାଚନ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେଉଥିବାରୁ ତଥା ପ୍ରାର୍ଥୀ ଓ ଦଳମାନେ ଯେକୌଣସି ଉପାୟରେ ଜିତିବାର ଲକ୍ଷ୍ୟ ରଖୁଥିବାରୁ ନିର୍ବାଚନ ବ୍ୟୟବହୁଳ ହୋଇଉଠୁଛି । ଦୃଶ୍ୟମାନ ବ୍ୟୟବହୁଳ ପ୍ରଚାର ଓ ଅନ୍ୟାନ୍ୟ ଖର୍ଚ୍ଚ ବାହାରେ ଆଚରଣ ବିଧିରେ ନିଷେଧ କରାଯାଇଥିବା ଅର୍ଥାଦି ପ୍ରଲୋଭନ ଦ୍ୱାରା ମଧ୍ୟ ଭୋଟ ହାସଲ କରାଯାଉଛି । ଖର୍ଚ୍ଚ ହେଉଥିବା ଏହି ବିପୁଳ ଅର୍ଥ ଦଳ ଓ ପ୍ରାର୍ଥୀମାନେ ସର୍ତ୍ତମୂଳକ ଚାନ୍ଦା ଆଦାୟ ତଥା ଅନ୍ୟାନ୍ୟ ଅନୈତିକ ଉପାୟରେ ହାସଲ କରନ୍ତି, ଯାହାର ପ୍ରଭାବ ପରୋକ୍ଷରେ ଓ ପରିବେଶରେ ସାଧାରଣ ଜନତାଙ୍କ ଉପରେ ପଡ଼େ । ରାଜନୈତିକ ଓ ସାମାଜିକ ଦୁର୍ନୀତି ବଢ଼ିବା ପାଇଁ ଏହି କାରଣ ମୁଖ୍ୟତଃ ଦାୟୀ । ଏହାକୁ ରୋକିବା ପାଇଁ ନିର୍ବାଚନ ଖର୍ଚ୍ଚ ସର୍ବନିମ୍ନ ହେବା ଜରୁରୀ । ବର୍ତ୍ତମାନ ଏ ଦିଗରେ କିଛି କଟକଣା ଥିଲେ ମଧ୍ୟ ତାହା ସେତେ ଫଳପ୍ରଦ ହେଉନାହିଁ । ନିର୍ବାଚନ ପୂର୍ବରୁ ସମସ୍ତ ପ୍ରାର୍ଥୀ ଏବଂ ନିର୍ବାଚନ ପରେ ନିୟମିତ ବ୍ୟବଧାନରେ ନିର୍ବାଚିତ ପ୍ରତିନିଧିମାନେ ନିଜର ସମ୍ପତ୍ତି ତାଲିକା ଘୋଷଣା କରିବା ଓ ତାହାର ପ୍ରକୃତ ଯାଞ୍ଚ ପାଇଁ ସୁଯୋଗ ଦେବାକୁ ବାଧ୍ୟତାମୂଳକ କରାଯିବା ଜରୁରୀ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏ ଦିଗରେ କିଛି ପଦକ୍ଷେପ ନେବାକୁ ଆରମ୍ଭ କରିଥିବା ଏକ ସ୍ୱାଗତଯୋଗ୍ୟ କଥା । ଏତଦ୍‌ଭିନ୍ନ ଏକ ରାଷ୍ଟ୍ରାୟତ୍ତ ନିର୍ବାଚନ ପାଣ୍ଠି ଗଠନ ଦ୍ୱାରା ପ୍ରାର୍ଥୀ ଓ ଦଳମାନଙ୍କୁ ଆଦୌ ନିର୍ବାଚନ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ଅଥବା ଖୁବ୍ କମ୍ ଖର୍ଚ୍ଚ କରିବାକୁ ପଡ଼ିବ । ପ୍ରାର୍ଥୀମାନଙ୍କର ମିଳିତ

ପ୍ରାଚୀରପତ୍ର, ପ୍ରଚାରପତ୍ର, ବ୍ୟାନର ଏବଂ ଏକା ମଞ୍ଚରୁ ମିଳିତ ନିର୍ବାଚନ ପ୍ରଚାର ରାଷ୍ଟ୍ର ଦ୍ୱାରା ଆୟୋଜନ କରାଗଲେ ଖର୍ଚ୍ଚକୁ ବହୁ ପରିମାଣରେ ରୋକାଯିବା ସଙ୍ଗେ ସଙ୍ଗେ ପ୍ରଚାରଜନିତ ଉତ୍ତେଜନା ଓ ପ୍ରଦୂଷଣକୁ ମଧ୍ୟ ରୋକାଯାଇ ପାରିବ ।

**(୪) ଖିଆଲି ଓ ତୁଚ୍ଛ ପ୍ରାର୍ଥୀମାନଙ୍କୁ ବାରଣ (Ban on Whimsical and Frivolous Candidates) :** ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ହୋଇଥିବାରୁ ଖିଆଲି ଓ ତୁଚ୍ଛ ପ୍ରାର୍ଥୀମାନେ ଯେପରି ଏଥିରେ ଅଂଶଗ୍ରହଣ କରି ନ ପାରିବେ ସେ ଦିଗରେ ଶକ୍ତ କଟକଣା ଜାରି ହେବା ଆବଶ୍ୟକ । ଆଜିର ଗଣତନ୍ତ୍ର ପରୋକ୍ଷ ଓ ଦଳୀୟ ଗଣତନ୍ତ୍ର ହୋଇଥିବାରୁ ନିର୍ଦ୍ଦଳୀୟ ଅଥବା ସ୍ୱାଧୀନ ପ୍ରାର୍ଥୀଙ୍କର ଭୂମିକା କିଛି ନାହିଁ କହିଲେ ଚଳେ । ନିର୍ବାଚନ ପରେ ଘୋଡ଼ାବେପାର ଓ ରାଜନୈତିକ ଅସ୍ଥିରାବସ୍ଥାର ଗୋଳିଆ ପାଣିରୁ ଫାଇଦା ଉଠାଇବା ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥିର ସରକାର ପ୍ରତିଷ୍ଠା କରିବା ଓ ରାଜନୈତିକ ହଟଚମଟକୁ ବନ୍ଦ କରିବା ପାଇଁ ଏମାନଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରାଯିବା ଆବଶ୍ୟକ । ଗଣତନ୍ତ୍ରର ନୀତିକୁ ଯଦି ସମ୍ମାନ ଦିଆଯାଇ ଏମାନଙ୍କୁ ନିର୍ବାନରେ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ଦିଆଯାଏ, ତେବେ ବହୁ ଅଧିକ ଗୁଣ ଅମାନତ ଜମା ଦେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ କଟକଣା ଏମାନଙ୍କ ପାଇଁ ଲାଗୁହେବା ଆବଶ୍ୟକ । ଏହା ସହ ଦଳବଦଳ ନିରୋଧ ଆଇନର ସଂଶୋଧନ କରାଯାଇ ଦଳବଦଳକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ଜରୁରୀ । ପ୍ରାର୍ଥୀଙ୍କ ନିର୍ବାଚନ ପୂର୍ବର ଓ ପରର ଦଳୀୟ/ନିର୍ଦ୍ଦଳୀୟ ସ୍ଥିତିରେ କୌଣସି ପରିବର୍ତ୍ତନ ହେବା ଅନାବଶ୍ୟକ ।

**(୫) ଏକକାଳୀନ ନିର୍ବାଚନ ଓ ସ୍ଥିର କାର୍ଯ୍ୟକାଳ (Simultaneous Elecation and Fixed Term) :** ସାରା ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଏକକାଳୀନ ନିର୍ବାଚନ ହେବା ଆବଶ୍ୟକ । ଏହାଦ୍ୱାରା ନିର୍ବାଚନ ଖର୍ଚ୍ଚ ବହୁ ପରିବାଣରେ କମିଯିବା ସଙ୍ଗେ ସଙ୍ଗେ ଅନେକ ମୂଲ୍ୟବାନ କାର୍ଯ୍ୟଦିବସ ଓ ମାନବଶକ୍ତି ସଞ୍ଚୟ କରାଯାଇପାରିବ । ପର୍ବପର୍ବାଣୀର ଦେଶ ଭାରତରେ ନିର୍ବାଚନ ବାରମ୍ୱାର ହେଉଥିବାରୁ ଏହା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ରୂପେ ପରିଗଣିତ ହେଲାଣି । ବାରମ୍ବାର ଓ ଅସମୟ ନିର୍ବାଚନକୁ ରୋକିବା ପାଇଁ ବ୍ୟବସ୍ଥାପିକାର କାର୍ଯ୍ୟକାଳ ସ୍ଥିର ରଖାଯିବା ଆବଶ୍ୟକ । ଅର୍ଥାତ୍ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଲୋକସଭା, ବିଧାନସଭା ଆଦିକୁ ଭଙ୍ଗାଯାଇପାରିବ ନାହିଁ । କୌଣସି ନିର୍ଦ୍ଦିଷ୍ଟ ଦଳ ବା ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ ନ କରିବା ଦୃଷ୍ଟିରୁ ସରକାର ଗଠନ ସମ୍ଭବ ନ ହେଲେ ସର୍ବଦଳୀୟ ଜାତୀୟ ସରକାର ମଧ୍ୟ ଗଠନ କରାଯାଇପାରେ ।

**(୬) ଉପନିର୍ବାଚନ ଓ ବହୁସ୍ଥାନ ପ୍ରତିଦ୍ୱନ୍ଦ୍ୱିତା ଉଚ୍ଛେଦ (Abolition of bye-election and multi-place contest) :** କୌଣସି ସଭ୍ୟଙ୍କ ମୃତ୍ୟୁ, ଇସ୍ତଫା ଆଦି କାରଣରୁ ହେଉଥିବା ଉପନିର୍ବାଚନକୁ ସମ୍ପୂର୍ଣ୍ଣ ରୂପେ ଉଠାଇଦେବା ଆବଶ୍ୟକ । ଏହାଦ୍ୱାରା ଦେଶର ସମୟ ଓ ସମ୍ୱଳର ଅଯଥା ଅପଚୟ ରୋକାଯାଇପାରିବ । ବେଳେବେଳେ ନିର୍ବଚନରେ ପ୍ରତିଦ୍ୱନ୍ଦ୍ୱିତା କରିନଥିବା ଦଳୀୟ ପ୍ରାର୍ଥୀଙ୍କୁ ସରକାରରେ ସାମିଲ କରିବା ପାଇଁ ଦଳର ଅନ୍ୟ କୌଣସି ସଭ୍ୟ ନିଜର ନିର୍ବାଚିତ ସଭ୍ୟପଦରୁ ଇସ୍ତଫା ଦିଅନ୍ତି ଓ ଉପନିର୍ବାଚନ ପାଇଁ ପଥ ପରିଷ୍କାର କରନ୍ତି । ଜଣେ ଜଣେ ପାର୍ଥୀ ଏକାଧିକ ସ୍ଥାନରୁ ନିର୍ବାଚିତ ହୋଇ ଗୋଟିଏ ସଭ୍ୟପଦ ଗ୍ରହଣ କରିବା ଫଳରେ ଅନ୍ୟ ସଭ୍ୟପଦଗୁଡ଼ିକୁ ଛାଡ଼ି ଦିଅନ୍ତି । ଏହାଯୋଗୁ ମଧ୍ୟ ନିର୍ବାଚନ ସରିବା ପରେ ପରେ ପୁନର୍ବାର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । କେତେକଙ୍କର ଖିଆଲି ମନୋଭାବ ଯୋଗୁ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି ହୁଏ । ଏଣୁ ଉପନିର୍ବାଚନକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ବିକଳ୍ପ ପ୍ରତିନିଧିତ୍ୱ ବିଷୟରେ ଚିନ୍ତା କରାଯିବା ଉଚିତ । ବିନା ସଭ୍ୟପଦରେ ମନ୍ତ୍ରୀପଦ ପାଇବାର ବ୍ୟବସ୍ଥାକୁ ଉଠାଇ ଦିଆଯିବା ଆବଶ୍ୟକ । ଏହାଛଡ଼ା ଗୋଟିଏ ସଭ୍ୟପଦରୁ ଇସ୍ତଫା ନଦେଇ ଅନ୍ୟ ସଭ୍ୟପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ମଧ୍ୟ ସୁଯୋଗ ଦିଆନଯିବା ଆବଶ୍ୟକ । ନିର୍ବାଚନ ସମୟରେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ନିର୍ବାଚନ ବାତିଲ କରାନଯାଇ ବିକଳ୍ପ ବ୍ୟବସ୍ଥା କରାଯିବା ସମୀଚୀନ ହେବ ।

**(୭) ବିବିଧ ସଂସ୍କାର (Miscellaneous Reforms) :** ଉପରୋକ୍ତ ସଂସ୍କାର ପ୍ରସ୍ତାବ ସହ ଅନ୍ୟ କେତେକ ପ୍ରସ୍ତାବ ମଧ୍ୟ ବିଚାରଯୋଗ୍ୟ । ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

(କ) ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ର ଓ ରାଜ୍ୟମାନଙ୍କରେ କୌଣସି ଦଳୀୟ ସରକାର କାର୍ଯ୍ୟ କରିବା ପରିବର୍ତ୍ତେ ଯଥାକ୍ରମେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଦ୍ୱାରା ଶାସନ ପରିଚାଳନା କରାଗଲେ ନିରପେକ୍ଷତା ଅବଲମ୍ବନ କରାଯାଇପାରିବ ।

(ଖ) ପ୍ରାର୍ଥୀମାନଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ଥିର ହେବା ଆବଶ୍ୟକ ।

(ଗ) ସରକାରୀ କର୍ମଚାରୀଙ୍କ ପରି ପ୍ରାର୍ଥୀମାନଙ୍କର ମଧ୍ୟ ଅବସର ଗ୍ରହଣ ସମୟ ରହିବା ଆବଶ୍ୟକ । ଅର୍ଥାତ୍ ନିର୍ଦ୍ଧାରିତ ବୟସ ପରେ କୌଣସି ବ୍ୟକ୍ତି ପ୍ରାର୍ଥୀ ହୋଇପାରିବେ ନାହିଁ ।

(ଘ) ଅପରାଧ ପୃଷ୍ଠଭୂମି ଥିବା ଓ ବିଚାରାଳୟ ଦ୍ୱାରା ଦଣ୍ଡିତ ବ୍ୟକ୍ତିଙ୍କୁ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ନଦେବା ଠିକ୍ ହେବ ।

(ଙ) ନିର୍ବାଚନ ଫଳ ଘୋଷଣା ପରେ ଦଳମାନଙ୍କ ଦ୍ୱାରା ସୁବିଧାବାଦୀ ମେଣ୍ଟ ପାଇଁ ସୁଯୋଗ ଦିଆଯିବା ଉଚିତ ନୁହେଁ ।

## ୧୨.୬. ସାରାଂଶ

* ପ୍ରତିନିଧିମୂଳକ ଗଣତନ୍ତ୍ରରେ ନିର୍ବାଚନ ଅପରିହାର୍ଯ୍ୟ । ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ସଂସ୍ଥା ହିଁ ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିପାରିବ । ଏଥିପାଇଁ ଭାରତରେ ଏକ ସାମ୍ବିଧାନିକ ସଂସ୍ଥା ହିସାବରେ ନିର୍ବାଚନ ଆୟୋଗ କାର୍ଯ୍ୟ କରୁଛି । ନିର୍ବାଚନରେ ଅର୍ଥବଳ, ବାହୁବଳ, ଶାସକ ଦଳ ଦ୍ୱାରା ସରକାରୀ କଳର ଅଣଆଇନଗତ ଉପଯୋଗ, ସାଂପ୍ରଦାୟିକ ଓ ଜାତିଗତ ରାଜନୀତି ତଥା ଭୋଟବ୍ୟାଙ୍କର ବ୍ୟବହାର ଆଦି ନିର୍ବାଚନ ପ୍ରକ୍ରିୟାକୁ କଳୁଷିତ କରୁଛି । ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି । ରାଜନୀତିରେ ନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ ଘଟୁଛି । ଭାରତରେ ତିନିସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗ ସ୍ୱାଧୀନ ଓ ନିରପେକ୍ଷତାର ସହ କାର୍ଯ୍ୟ ସଂପାଦନ କରୁଛନ୍ତି । ଖିଆଲି ଓ ତୁଚ୍ଛ ପ୍ରାର୍ଥୀମାନଙ୍କୁ ବାରଣ କରିବା, ଉପନିର୍ବାଚନ ଓ ବହୁସ୍ଥାନ ପ୍ରତିଦ୍ୱନ୍ଦ୍ୱିତା ସୁଯୋଗ ଉଚ୍ଛେଦ କରିବା, ନିର୍ବାଚନୀ ଖର୍ଚ୍ଚ ଉପରେ ଅଙ୍କୁଶ ବସାଇବା, ଆପେକ୍ଷିକ ସଂଖ୍ୟାଗରିଷ୍ଠତା ବଦଳରେ ପ୍ରକୃତ ସଂଖ୍ୟାଗରିଷ୍ଠତା ଉପରେ ଗୁରୁତ୍ୱ ଦିଆଯାଇ ନିର୍ବାଚନୀ ସଂସ୍କାର କରାଗଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଅତ୍ୟନ୍ତ ବଳିଷ୍ଠ ଓ ସଫଳ ହୋଇପାରିବ ।

## ୧୨.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୧. ଭାରତରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ମୁଖ୍ୟ ପ୍ରତିବନ୍ଧକ ବା ଆହ୍ୱାନଗୁଡ଼ିକ ଆଲୋଚନା କର ।

୨. ଭାରତରେ ନିର୍ବାଚନ ଆୟୋଗର ଗଠନ ଓ କାର୍ଯ୍ୟାବଳୀ ବର୍ଣ୍ଣନା କର ।

୩. ଭାରତରେ ପ୍ରତିନିଧିମୂଳକ ଗଣତନ୍ତ୍ରର ଭିତ୍ତି ଦୃଢ଼ କରିବାକୁ ଆବଶ୍ୟକ ହେଉଥିବା ନିର୍ବାଚନ ସଂସ୍କାରଗୁଡ଼ିକ ସଂପର୍କରେ ଆଲୋଚନା କର ।

## ୧୨.୮ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର ।

୧. ଅନୁଚ୍ଛେଦ ୧୨.୪ ପାଠ କରନ୍ତୁ ।

୨. ଅନୁଚ୍ଛେଦ .୧୨.୩ ର ପାଠ ଦେଖନ୍ତୁ ।

୩. ଅନୁଚ୍ଛେଦ ୧୨.୫ ଦ୍ରଷ୍ଟବ୍ୟ ।

❖❖❖

# ତ୍ରୟୋଦଶ ଅଧ୍ୟାୟ

# ବ୍ୟବସ୍ଥାପିକା

# (LEGISLATURE)

## (ସଂସଦ - ଗଠନ ଓ କାର୍ଯ୍ୟାବଳୀ; ରାଜ୍ୟ ବ୍ୟବସ୍ଥାପିକା (ଓଡ଼ିଶା ବିଧାନସଭା) ଗଠନ ଓ କାର୍ଯ୍ୟାବଳୀ)

**ସଂରଚନା :**


୧୩.୧ ଉଦ୍ଦେଶ୍ୟ

୧୩.୨ ଭାରତର ସଂସଦ

୧୩.୨.୧ ସଂସଦର ଗଠନ - ସଦସ୍ୟଙ୍କ ଯୋଗ୍ୟତା : ନିର୍ବାଚନ ଓ କାର୍ଯ୍ୟକାଳ ।

୧୩.୨.୨ ଲୋକସଭାର ଗଠନ ଓ କାର୍ଯ୍ୟାବଳୀ ।

୧୩.୨.୩ ରାଜ୍ୟସଭାର ଗଠନ ଓ କାର୍ଯ୍ୟାବଳୀ ।

୧୩.୨.୪ ଲୋକସଭା ବାଚସ୍ପତି ଙ୍କ ନିର୍ବାଚନ ଓ କାର୍ଯ୍ୟାବଳୀ

୧୩.୩ ଓଡ଼ିଶା ବିଧାନ ସଭା

୧୩.୩.୧ ଓଡ଼ିଶା ବିଧାନସଭାର ଗଠନ, ସଦସ୍ୟଙ୍କ ଯୋଗ୍ୟତା; ନିର୍ବଚନ ।

୧୩.୩.୨ ବିଧାନସଭାର କାର୍ଯ୍ୟବଳୀ

୧୩.୪ ସାରାଂଶ

୧୩.୫ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ ।

୧୩.୬ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର ।


**୧୩.୧ ଉଦ୍ଦେଶ୍ୟ**

ଏହି ଅଧ୍ୟାୟ ପାଠ କରି ସାରିବା ପରେ ଆପଣମାନେ

- ଭାରତର ସଂସଦର ଗଠନ, ସଦସ୍ୟମାନଙ୍କର ଯୋଗ୍ୟତା, କାର୍ଯ୍ୟକାଳ ଆଦି ସଂପର୍କରେ ଜାଣି ପାରିବେ ।
- ଭାରତର ସଂସଦର କାର୍ଯ୍ୟାବଳୀ ସଂପର୍କରେ ଅବଗତ ହେବେ ।

- ରାଜ୍ୟସଭା ଓ ଲୋକସଭା ମଧ୍ୟରେ ଅନ୍ତଃ ସଂପର୍କ ତର୍ଜମା କରିବେ ।
- ଓଡ଼ିଶା ବିଧାନସଭାର ଗଠନ, ସଦସ୍ୟମାନଙ୍କର ଯୋଗ୍ୟତା, କାର୍ଯ୍ୟକାଳ ଆଦି ସଂପର୍କରେ ତଥ୍ୟ ପାଇ ପାରିବେ ।
- ବିଧାନସଭା ଓ ଲୋକସଭାର ଅଧ୍ୟକ୍ଷଙ୍କ ଭୂମିକା ସଂପର୍କରେ ଅବଗତ ହେବେ ।
- ବିଧାନ ସଭାର କାର୍ଯ୍ୟାବଳୀର ସମୀକ୍ଷା କରି ପାରିବେ ।

## ୧୩.୨ ଭାରତର ସଂସଦ

ଭାରତର କେନ୍ଦ୍ରୀୟ ବ୍ୟବସ୍ଥାପିକାର ନାମ ସଂସଦ । ସମ୍ବିଧାନର ୭୯ ଧାରା ଅନୁସାରେ ଭାରତର ସଂସଦ ରାଷ୍ଟ୍ରପତି, ରାଜ୍ୟସଭା ଓ ଲୋକସଭାକୁ ନେଇ ଗଠିତ । ସଂସଦ ଦ୍ୱିସଦନୀୟ ନୀତିକୁ ଗ୍ରହଣ କରିଛି ।

### ୧୩.୨.୧ ସଂସଦର ଗଠନ - ସଦସ୍ୟଙ୍କ ଯୋଗ୍ୟତା : ନିର୍ବାଚନ ଓ କାର୍ଯ୍ୟକାଳ

**ରାଜ୍ୟସଭାର ଗଠନ :** ଏହା ସଂସଦର ଉଚ୍ଚସଦନ । ଏହାର ସଭ୍ୟସଂଖ୍ୟା ୨୫୦ । ଏହା ମଧ୍ୟରୁ ୨୩୮ ଜଣ ରାଜ୍ୟ ବିଧାନସଭା ଗୁଡ଼ିକ ଦ୍ୱାରା ନିଜ ରାଜ୍ୟର ନିର୍ଦ୍ଧାରଣ ସଂଖ୍ୟା ଅନୁଯାୟୀ ନିର୍ବାଚିତ ହେଉଥିବା ବେଳେ ଅବଶିଷ୍ଟ ୧୨ ଜଣ କଳା, ବିଜ୍ଞାନ, ସମାଜସେବା, ସାହିତ୍ୟ ଆଦି କ୍ଷେତ୍ରରେ ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନଙ୍କ ମଧ୍ୟରୁ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି । ଏହା ଏକ ଅର୍ଦ୍ଧ-ସ୍ଥାୟୀ ଗୃହ କାରଣ ପ୍ରତି ୨ ବର୍ଷରେ ଏହାର ଏକ-ତୃତୀୟାଂଶ ସଦସ୍ୟ ଅବସର ନିଅନ୍ତି । ଏଣୁ ଜଣେ ସଦସ୍ୟଙ୍କ କାର୍ଯ୍ୟକାଳ ଛଅବର୍ଷ । ଉପରାଷ୍ଟ୍ରପତି ନିଜ ପଦବୀ ବଳରେ ଏହାର ଅଧ୍ୟକ୍ଷ ରୂପେ ଦାୟିତ୍ୱ ବହନ କରିଥାନ୍ତି । ଗୃହର ସଭ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ଉପାଧ୍ୟକ୍ଷ ରୂପେ ନିର୍ବାଚିତ କରିଥାନ୍ତି ।

**ଲୋକସଭାର ଗଠନ :** ଏହା ସଂସଦର ନିମ୍ନସଦନ । ଏହାର ସଭ୍ୟସଂଖ୍ୟା ୫୪୫ । ଏହି ସଭ୍ୟମାନେ ରାଜ୍ୟମାନଙ୍କର ନିର୍ଦ୍ଧାରିତ ସଂଖ୍ୟା ଅନୁଯାୟୀ ନାଗରିକଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି । ଏହାର ସାଧାରଣ କାର୍ଯ୍ୟକାଳ ପାଞ୍ଚ ବର୍ଷ । କାର୍ଯ୍ୟକାଳ ସରିବା ପୂର୍ବରୁ ରାଷ୍ଟ୍ରପତି ଏହାକୁ ଭାଙ୍ଗି ଦେଇ ସାନି ନିର୍ବାଚନ ଘୋଷଣା କରିପାରନ୍ତି କିମ୍ବା ଜରୁରୀ ପରିସ୍ଥିତିରେ ଏହାର କାର୍ଯ୍ୟକାଳ ଏକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ । ଗୃହର ସଦସ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ବାଚସ୍ପତି ଓ ଅନ୍ୟ ଜଣଙ୍କୁ ଉପବାଚସ୍ପତି ରୂପେ ନିର୍ବାଚିତ କରିଥାନ୍ତି । ୫୪୫ ଜଣ ସଦସ୍ୟଙ୍କ ମଧ୍ୟରୁ ୨ ଜଣ ଆଙ୍ଗ୍ଲୋ ଭାରତୀୟ ସମ୍ପ୍ରଦାୟର ପ୍ରତିନିଧି ନ ଥିଲେ ରାଷ୍ଟ୍ରପତି ଉକ୍ତ ସମ୍ପ୍ରଦାୟରୁ ୨ ଜଣ ପ୍ରତିନିଧି ମନୋନୀତ କରିଥାନ୍ତି ।

**ସଂସଦର କାର୍ଯ୍ୟାବଳୀ :**

**(କ) ଆଇନ ପ୍ରଣୟନ :** ସଂସଦ ଦେଶର ପ୍ରମୁଖ ଆଇନ ପ୍ରଣୟନ ସଂସ୍ଥା ଅଟେ । ଏହା କେନ୍ଦ୍ର ତାଲିକା ଓ ଯୁଗ୍ମ ତାଲିକାଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିପାରେ । ଯୁଗ୍ମ ତାଲିକାଭୁକ୍ତ ୫୨ ଗୋଟି ବିଷୟ ମଧ୍ୟରୁ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ପ୍ରଣୀତ ଉଭୟ କେନ୍ଦ୍ର ଓ ରାଜ୍ୟଆଇନ ପରସ୍ପରର ବିରୋଧୀ ହେଲେ କେନ୍ଦ୍ର ଆଇନ ବଳବତ୍ତର ରହେ । ଏତଦ୍‌ବ୍ୟତୀତ ରାଜ୍ୟତାଲିକାଭୁକ୍ତ ୬୧ ଗୋଟି ବିଷୟ ଉପରେ ରାଜ୍ୟସଭାର ସ୍ୱତନ୍ତ୍ର ଅନୁମୋଦନ ବା ଦୁଇ ବା ଅଧିକ ରାଜ୍ୟଙ୍କ ଅନୁରୋଧ ବା ଆନ୍ତର୍ଜାତୀୟ ଚୁକ୍ତିର କାର୍ଯ୍ୟକାରିତା ବା ଜରୁରୀ ପରିସ୍ଥିତି ଜାରୀ ଥିବା ପରିସ୍ଥିତିରେ ସଂସଦ ଆଇନ ପ୍ରଣୟନ କରିପାରେ । ଏକ ସାଧାରଣ ବିଧେୟକ ସଂସଦର ଯେ କୌଣସି ଗୃହରେ ପ୍ରଥମେ ଆଗତ କରାଯାଇପାରୁଥିଲେ ମଧ୍ୟ ଅର୍ଥବିଧେୟକ କେବଳ ଲୋକସଭାରେ ହିଁ ପ୍ରଥମେ ଆଗତ ହୋଇପାରେ । ସାଧାରଣ ବିଧେୟକ କ୍ଷେତ୍ରରେ ଉଭୟ ଗୃହ ମଧ୍ୟରେ ବିବାଦ ଦେଖାଗଲେ ରାଷ୍ଟ୍ରପତି ଯୁଗ୍ମ ଅଧିବେଶନ ଆହ୍ୱାନ କରନ୍ତି । କିନ୍ତୁ ଲୋକସଭା ଦ୍ୱାରା ଗୃହୀତ ଅର୍ଥବିଧେୟକକୁ ରାଜ୍ୟସଭା କେବଳ ୧୪ ଦିନ ପର୍ଯ୍ୟନ୍ତ ଅଟକାଇ ଦେଇପାରେ । ୨୪୮ ଧାରାର ବ୍ୟବସ୍ଥାନୁଯାୟୀ ଅବଶେଷ କ୍ଷମତା କେନ୍ଦ୍ରୀୟ ସଂସଦ ହସ୍ତରେ ନ୍ୟସ୍ତ ହୋଇଛି ।

**(ଖ) ଅର୍ଥ ସମ୍ବନ୍ଧୀୟ କ୍ଷମତା :** ଲୋକପ୍ରତିନିଧିମାନଙ୍କୁ ନେଇ ଗଠିତ ସଂସଦ ଆର୍ଥିକ ବ୍ୟାପାରରେ ବିଶେଷ କ୍ଷମତା ଉପଭୋଗ କରିଥାଏ । ଏହା ଦେଶର ବାର୍ଷିକ ବଜେଟ୍ ଅନୁମୋଦନ କରେ । ସଂସଦର ବିନା ଅନୁମୋଦନରେ ନୂତନ କର ବସାଯାଇ ପାରିବ ନାହିଁ କିମ୍ବା ଅର୍ଥ ବିନିଯୋଗ କରାଯାଇପାରିବ ନାହିଁ । ବଜେଟ୍ ସହ ଆର୍ଥିକ ବିଧେୟକ ଓ ବ୍ୟୟମଞ୍ଜୁରୀ ବିଧେୟକକୁ ଏହା ଅନୁମୋଦନ ନ କଲେ । ଦେଶର ଆର୍ଥିକ ପ୍ରଶାସନରେ ଅଚଳ ଅବସ୍ଥା ସୃଷ୍ଟି ହୁଏ । ସାଧାରଣ ହିସାବ ସମିତି ଓ ଅଟକଳ ସମିତି ପରି ସଂସଦୀୟ ସମିତିଦ୍ୱାରା ଏହା ଆର୍ଥିକ କାର୍ଯ୍ୟ ଉପରେ ନିୟନ୍ତ୍ରଣ ଜାରି କରିପାରେ । ୨୬୬ ଧାରାନୁସାରେ ଭାରତର ସଞ୍ଚିତ ପାଣ୍ଠିର ପରିଚାଳନା ସଂସଦର ଆଇନ ବଳରେ କରାଯାଇପାରେ ।

**(ଗ) କାର୍ଯ୍ୟପାଳିକା ଉପରେ ନିୟନ୍ତ୍ରଣ :** ଭାରତରେ ସଂସଦୀୟ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାରୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଥିବା ମନ୍ତ୍ରୀପରିଷଦ ସଂସଦର ନିମ୍ନସଦନ ଅର୍ଥାତ୍ ଲୋକସଭା ନିକଟରେ ଉତ୍ତରଦାୟୀ ରହିଥାଏ । କେନ୍ଦ୍ର ମନ୍ତ୍ରୀପରିଷଦର କାର୍ଯ୍ୟକାଳ ଲୋକସଭାର ସଂଖ୍ୟା ଗରିଷ୍ଠ ଆସ୍ଥା ଉପରେ ନିର୍ଭର କରେ । ମୁଲତବୀ ପ୍ରସ୍ତାବ, କାଟ୍ ପ୍ରସ୍ତାବ ବାସ୍ତବ କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରିଥାଏ । ମନ୍ତ୍ରୀମାନଙ୍କୁ ଗୃହର ସଦସ୍ୟମାନେ ପ୍ରଶ୍ନପଚାରି ନିୟନ୍ତ୍ରଣ କରିଥାନ୍ତି । ଏହା ଫଳରେ ପ୍ରଶାସନିକ ତ୍ରୁଟି ବିଚ୍ୟୁତି ପଦାକୁ ଆସିଥାଏ ।

**(ଘ) ସମ୍ବିଧାନ ସଂଶୋଧନ କାର୍ଯ୍ୟ :** ଲୋକପ୍ରତିନିଧିମାନଙ୍କୁ ନେଇ ଗଠିତ ଏହି କେନ୍ଦ୍ରୀୟ ବ୍ୟବସ୍ଥାପିକା ଭାରତର ଜନମତକୁ ଠିକ୍‌ଭାବେ ପ୍ରତିନିଧିତ୍ୱ କରୁଥିବାରୁ ଏହାକୁ ସମ୍ବିଧାନ ସଂଶୋଧନର ଦାୟିତ୍ୱ ଦିଆଯାଇଛି । ସମ୍ବିଧାନ ସଂଶୋଧନ ବିଧେୟକ ସଂସଦର ଯେ କୌଣସି ଗୃହରେ ପ୍ରଥମେ ଆଗତ ହୋଇ ଉଭୟ ଗୃହ ଦ୍ୱାରା ସ୍ୱତନ୍ତ୍ର ଭାବେ ଅନୁମୋଦିତ ହେବା ଆବଶ୍ୟକ । ଏଣୁ ସମ୍ବିଧାନ ସଂଶୋଧନ କ୍ଷେତ୍ରରେ ସଂସଦର ଉଭୟ ଗୃହର କ୍ଷମତା ପ୍ରାୟତଃ ସମାନ ।

**(ଙ) ନିର୍ବାଚନଗତ କ୍ଷମତା :** ସଂସଦ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ଅଂଶ ଗ୍ରହଣ କରେ । ରାଷ୍ଟ୍ରପତି ନିର୍ବାଚନରେ ସଂସଦର ଉଭୟଗୃହରେ ନିର୍ବାଚିତ ସଦସ୍ୟମାନେ ଅଂଶ ଗ୍ରହଣ କରିପାରୁଥିବା ବେଳେ ଉପରାଷ୍ଟ୍ରପତି ନିର୍ବାଚନରେ ଉଭୟ ଗୃହର ସମସ୍ତ ସଦସ୍ୟଭାଗ ନେଇ ପାରନ୍ତି । ଏତଦ୍ ବ୍ୟତୀତ ଲୋକସଭାର ସଦସ୍ୟମାନେ ନିଜର ବାଚସ୍ପତି ଓ ଉପବାଚସ୍ପତି ଏବଂ ରାଜ୍ୟସଭାର ସଦସ୍ୟମାନେ ଉପାଧ୍ୟକ୍ଷ ନିର୍ବାଚନରେ ଅଂଶଗ୍ରହଣ କରିଥାନ୍ତି ।

**(ଚ) ନ୍ୟାୟିକ କ୍ଷମତା :** ସଂସଦ ମହାଭିଯୋଗ ପ୍ରସ୍ତାବ ଗୃହୀତ କରି ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟର ବିଚାରପତି ଓ ଅନ୍ୟାନ୍ୟ କେତେକ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ପଦଚ୍ୟୁତ କରିପାରନ୍ତି । ରାଷ୍ଟ୍ରପତିଙ୍କୁ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ସଂସଦର ଯେକୌଣସି ଗୃହରେ ପ୍ରଥମେ ଆଗତ ହୋଇପାରୁଥିବା ବେଳେ ଉପରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଆଗତ ମହାଭିଯୋଗ ପ୍ରସ୍ତାବ ପ୍ରଥମେ ରାଜ୍ୟସଭାରେ ଆଗତ ହୋଇଥାଏ । ଏତଦ୍‌ବ୍ୟତୀତ ସ୍ୱାଧୀକାର ଭଙ୍ଗପ୍ରସ୍ତାବର ବିଚାର କରି ନିଜର ସଭ୍ୟ ଓ ଅନ୍ୟମାନଙ୍କୁ ଏହା ଦଣ୍ଡ ବିଧାନ କରିପାରେ ଯାହା ବିରୁଦ୍ଧରେ ନ୍ୟାୟାଳୟରେ ଆବେଦନ କରାଯାଇପାରିବ ନାହିଁ । ଏହାଦ୍ୱାରା ଭର୍ତ୍ସନା, କ୍ଷମାପ୍ରାର୍ଥନା, ବହିଷ୍କାର, ଜେଲଦଣ୍ଡ, ଜୋରିମାନା ଆଦି ଦଣ୍ଡବିଧାନ କରାଯାଇପାରେ ।

**(ଛ) ବିବିଧ କାର୍ଯ୍ୟ :** ସଂସଦରରେ ହେଉଥିବା ଆଲୋଚନା, ତର୍କବିତର୍କ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ଫଳରେ ଲୋକମାନଙ୍କ ରାଜନୈତିକ ଚେତନା ବୃଦ୍ଧି ପାଇଥାଏ ଓ ସେମାନେ ରାଜନୈତିକ ଶିକ୍ଷା ଲାଭ କରନ୍ତି । ଏହା ଏକ ଅଭିଯୋଗ ପ୍ରକୋଷ୍ଠ ରୂପେ ଗୁରୁଦାୟିତ୍ୱ ସମ୍ପାଦନ କରିଥାଏ । ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସଂସଦ ସଂଯୋଗ ରକ୍ଷା କରିଥାଏ ।

ସଂସଦ ରାଷ୍ଟ୍ରର ଏକ କ୍ଷୁଦ୍ର ରୂପ ଅଟେ । ଏହା ଜନମତର ପ୍ରକୃତ ପ୍ରତିଫଳନ ଘଟାଇଥାଏ । ଜନସ୍ୱାର୍ଥର ପ୍ରକୃତ ରକ୍ଷାକାରୀରୂପେ ଏହାର ଗୁରୁଦାୟିତ୍ୱ ରହିଛି । ସଂସଦର ଦକ୍ଷତା ଉପରେ ଗଣତନ୍ତ୍ରର ସଫଳତା ନିର୍ଭର କରିଥାଏ । ହସ୍ତାନ୍ତରିତ

ଆଇନ ପ୍ରଣୟନ ବ୍ୟବସ୍ଥା, କାର୍ଯ୍ୟପାଳିକାର ବୈଷୟିକ ଜ୍ଞାନ ଓ ନେତୃତ୍ୱ, ରାଷ୍ଟ୍ରର ଜନମଙ୍ଗଳ ପ୍ରକୃତି, ବ୍ୟବସ୍ଥାପିକାର ସୀମିତ ସମୟ ଆଦି କାରଣରୁ ସଂସଦର ଅବକ୍ଷୟ ଆରମ୍ଭ ହୋଇଛି ।

**୧୩.୨.୨ ଲୋକସଭାର ଗଠନ**

**ଓ କାର୍ଯ୍ୟାବଳୀ :**

**ଲୋକସଭାର ଗଠନ**

ଭାରତରେ ପ୍ରଚଳିତ ଦ୍ୱିସଦନୀୟ ସଂସଦର ନିମ୍ନସଦନ ରୂପେ ଲୋକସଭା ପରିଚିତ । ଏହାର ସଭ୍ୟମାନେ ପ୍ରତ୍ୟକ୍ଷ ଭାବେ ସାବାଳକ ଭୋଟଦାତାମାନଙ୍କ ଦ୍ୱାରା ବିଭିନ୍ନ ରାଜ୍ୟମାନଙ୍କର କ୍ଷେତ୍ରୀୟ ନିର୍ବାଚନ ମଣ୍ଡଳୀଗୁଡ଼ିକରୁ ନିର୍ବାଚିତ ହୋଇଥିବାରୁ ଏହା ଏକ ଜନପ୍ରିୟ ଓ ପ୍ରଭାବଶାଳୀ ଗୃହ ଅଟେ ।

**ଗଠନ :** ସମ୍ବିଧାନର ୮୧ ଧାରା ଅନୁଯାୟୀ ଲୋକସଭାର ମୋଟ ସଭ୍ୟସଂଖ୍ୟା ୫୫୨ ରୁ ଅଧିକ ହେବ ନାହିଁ । ଏହା ମଧ୍ୟରୁ ୫୩୦ ଜଣ ବିଭିନ୍ନ ରାଜ୍ୟମାନଙ୍କରୁ, ୨୦ ଜଣ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରୁ ଓ ୨ ଜଣ ଆଙ୍ଗ୍ଲୋ ଭାରତୀୟ ସମ୍ପ୍ରଦାୟର ସଦସ୍ୟ ରହିଥା'ନ୍ତି । ସମ୍ବିଧାନର ୩୩୦ ଧାରା ଅନୁସାରେ ଲୋକସଭାରେ ଅନୁସୂଚିତ ଜାତି ପାଇଁ ୪୬ଟି ଓ ଅନୁସୂଚିତ ଜନଜାତି ପାଇଁ ୭୯ଟି ଆସନ ସଂରକ୍ଷିତ ରହିଛି । ୮୪ ତମ ସମ୍ବିଧାନ ସଂଶୋଧନ ଆଇନ, ୨୦୦୧ ଅନୁଯାୟୀ ଲୋକସଭାର ଏହି ଆସନ ସଂଖ୍ୟା ୨୦୨୬ ମସିହା ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ । ୩୩୧ ଧାରାର ବ୍ୟବସ୍ଥା ଅନୁସାରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟରୁ ଅନ୍ୟୁନ ଦୁଇଜଣ ନିର୍ବାଚିତ ପ୍ରତିନିଧି ନ ଥିବା ପରିସ୍ଥିତିରେ ରାଷ୍ଟ୍ରପତି ସର୍ବାଧିକ ଦୁଇଜଣଙ୍କୁ ମନୋନୀତ କରିପାରନ୍ତି । ବର୍ତ୍ତମାନ ଲୋକସଭାର ମୋଟ ଆସନ ସଂଖ୍ୟା ୫୪୫ । ସେଥିମଧ୍ୟରୁ ରାଜ୍ୟମାନଙ୍କରୁ ୫୩୦, କେନ୍ଦ୍ରଶାସିତ ଅଞ୍ଚଳରୁ ୧୩ ଓ ଆଙ୍ଗ୍ଲୋ-ଭାରତୀୟଙ୍କ ପାଇଁ ୨ଟି ଆସନର ବ୍ୟବସ୍ଥା ରହିଛି । ଓଡ଼ିଶାରୁ ୨୧ ଜଣ ପ୍ରତିନିଧି ଲୋକସଭାରେ ରହିଛନ୍ତି ।

**ଲୋକସଭା ସଭ୍ୟଙ୍କ ଯୋଗ୍ୟତା :** ସମ୍ବିଧାନର ୮୪ ଧାରା ଅନୁଯାୟୀ,

(କ) ସେ ଭାରତର ନାଗରିକ ହୋଇଥିବେ ।

(ଖ) ତାଙ୍କୁ ୨୫ ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିବ ।

(ଗ) ସଂସଦ ଦ୍ୱାରା ନିର୍ଦ୍ଧାରିତ ଅନ୍ୟାନ୍ୟ ଯୋଗ୍ୟତା ତାଙ୍କର ଥିବ ।

**ଲୋକସଭାର ସଭ୍ୟପଦ ପାଇଁ ଅଯୋଗ୍ୟତା :** ସମ୍ବିଧାନର ୧୦୨ ଧାରା ଅନୁସାରେ,

(କ) ସେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ଲାଭଜନକ ବ୍ୟବସାୟ କରୁ ନଥିବେ ।

(ଖ) ସେ କ୍ଷମତା ସମ୍ପନ୍ନ ନ୍ୟାୟପାଳିକା ଦ୍ୱାରା ବିକୃତ ମସ୍ତିଷ୍କ ଘୋଷିତ ହୋଇ ନ ଥିବେ ।

(ଗ) ସେ ଦେବାଳିଆ ବୋଲି ଘୋଷିତ ହୋଇ ନଥିବେ ।

(ଘ) ସେ ଦଳବଦଳ ନିରୋଧ ଆଇନ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇ ନ ଥିବେ ।

**କାର୍ଯ୍ୟକାଳ :** ସମ୍ବିଧାନର ୮୩ ଧାରା ଅନୁସାରେ ଲୋକସଭାର ସାଧାରଣ କାର୍ଯ୍ୟକାଳ ପାଞ୍ଚ ବର୍ଷ । ଏହାର କାର୍ଯ୍ୟକାଳ ପୂରିବା ପୂର୍ବରୁ ରାଷ୍ଟ୍ରପତି ଏହାକୁ ଭାଙ୍ଗି ଦେଇ ପୁନି ନିର୍ବାଚନ ଘୋଷଣା କରିପାରନ୍ତି । ଜରୁରୀ ପରିସ୍ଥିତି ଜାରୀଥିବା ସମୟରେ ଏହାର କାର୍ଯ୍ୟକାଳକୁ ସର୍ବାଧିକ ଏକବର୍ଷ ବୃଦ୍ଧି କରାଯାଇ ପାରେ ।

**ସଦସ୍ୟଙ୍କ ସ୍ୱାଧିକାର (Privileges) :** ସମ୍ବିଧାନର ୧୦୫ ଧାରା ଅନୁଯାୟୀ ଗୃହରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବାର ସ୍ୱାଧୀନତା ପ୍ରତ୍ୟେକ ସଦସ୍ୟଙ୍କର ରହିଛି । ଗୃହରେ ପ୍ରଦତ୍ତ ଭାଷଣ କିମ୍ବା ଭୋଟଦାନ ପାଇଁ କୋଣସି ସଦସ୍ୟଙ୍କ ବିରୁଦ୍ଧରେ ବିଚାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ । ବାଚସ୍ପତିଙ୍କ ଅନୁମତି ବିନା ଗୃହର ପରିସର ମଧ୍ୟରେ କୌଣସି ସଦସ୍ୟଙ୍କୁ ଗିରଫ କରାଯାଇପାରିବ ନାହିଁ ।

**କୋରମ୍ :** ଲୋକସଭାର ଏକ ନିର୍ଦ୍ଦିଷ୍ଟ ଅଧିବେଶନ ବସିବା ପାଇଁ ଆବଶ୍ୟକ ସର୍ବନିମ୍ନ ସଂଖ୍ୟକ ସଭ୍ୟଙ୍କୁ 'କୋରମ୍' (Quorum) କୁହାଯାଏ । ଏହା ଗୃହର ମୋଟ ସଦସ୍ୟ ସଂଖ୍ୟାର ଏକ-ଦଶମାଂଶ ଅର୍ଥାତ୍ ବର୍ତ୍ତମାନ ଏହା ୫୫ ଅଟେ ।

**ଲୋକସଭାର ବାଚସ୍ପତି :** ସମ୍ବିଧାନର ୯୩ ଧାରା ଅନୁଯାୟୀ ଲୋକସଭାର ସଭ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ବାଚସ୍ପତି ଓ ଅନ୍ୟଜଣଙ୍କୁ ଉପବାଚସ୍ପତି ରୂପେ ନିର୍ବାଚିତ କରନ୍ତି । ସେ ଗୃହର ଅଧିବେଶନରେ ଅଧକ୍ଷତା କରନ୍ତି ଓ ଗୃହର କାର୍ଯ୍ୟ ପରିଚାଳନା କରନ୍ତି । ସେ ଗୃହର ଆଲୋଚନା କିମ୍ବା ଭୋଟଦାନରେ ଅଂଶ ଗ୍ରହଣ କରନ୍ତି ନାହିଁ । କିନ୍ତୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ସପକ୍ଷ ଓ ବିପକ୍ଷ ଭୋଟ ସମାନ ହୋଇଯିବା ପରିସ୍ଥିତିରେ ସେ ନିଜର 'ନିର୍ଣ୍ଣାୟକ ଭୋଟ' (casting vote) ଦେଇଥାନ୍ତି । ସେ ସଂସଦର ମିଳିତ ଅଧିବେଶନରେ ମଧ ଅଧକ୍ଷତା କରନ୍ତି । ସେ ଏକ ବିଧେୟକକୁ ଅର୍ଥ ବିଧେୟକ ରୂପେ ପ୍ରମାଣପତ୍ର ଦିଅନ୍ତି । ଦଳବଦଳ ନିରୋଧ ଆଇନ ଅନୁଯାୟୀ ସଦସ୍ୟଙ୍କ ଅଯୋଗ୍ୟତା ନିର୍ଦ୍ଧାରଣ ତାଙ୍କର ଦାୟିତ୍ୱ ଅଟେ ।

**ଲୋକସଭାର କାର୍ଯ୍ୟାବଳୀ :**

**(କ) ଆଇନ ପ୍ରଣୟନ :** ସାଧାରଣ ବିଧେୟକ ସଂସଦର ଯେକୌଣସି ଗୃହରେ ପ୍ରଥମେ ଆଗତ କରାଯାଇ ପାରେ । କିନ୍ତୁ କୌଣସି ଏକ ନିର୍ଦ୍ଦିଷ୍ଟ ବିଧେୟକକୁ ଗୃହୀତ କରିବା କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ମତଭେଦ ଦେଖାଗଲେ ସମ୍ବିଧାନର ୧୦୮ ଧାରା ଅନୁସାରେ ରାଷ୍ଟ୍ରପତି ଉଭୟ ଗୃହର ମିଳିତ ଅଧିବେଶନ ଡାକିଥା'ନ୍ତି । ଏହି ଅଧିବେଶନରେ ଲୋକସଭାର ବଚସ୍ପତି ଅଧକ୍ଷତା କରନ୍ତି । ଲୋକସଭାର ସଭ୍ୟ ସଂଖ୍ୟା ରାଜ୍ୟସଭାଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ଏହି କ୍ଷେତ୍ରରେ ଲୋକସଭାର ମନ ହିଁ ବଳବତ୍ତର ରହେ ।

**(ଖ) ଆର୍ଥିକ କ୍ଷମତା :** ଅର୍ଥବିଧେୟକ ଓ ବଜେଟ୍ କେବଳ ଲୋକସଭାରେ ହିଁ ପ୍ରଥମେ ଆଗତ କରାଯାଇପାରେ । ଲେକସଭା ବାଚସ୍ପତି ହିଁ କୌଣସି ଏକ ବିଧେୟକକୁ ଅର୍ଥ ବିଧେୟକ ରୂପେ ପ୍ରମାଣପତ୍ର ଦିଅନ୍ତି । ଲୋକସଭାରେ ଗୃହୀତ ଅର୍ଥବିଧେୟକକୁ ଗୃହୀତ କରିବାରେ ୧୪ ଦିନ ବିଳମ୍ବ ଘଟାଇବା ବ୍ୟତୀତ ରାଜ୍ୟସଭା ଅନ୍ୟ କୌଣସି କ୍ଷମତା ଉପଭୋଗ କରେ ନାହିଁ ।

**(ଗ) କାର୍ଯ୍ୟପାଳିକା ଉପରେ ନିୟନ୍ତ୍ରଣ :** ସଂସଦୀୟ ବ୍ୟବସ୍ଥା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଥିବା ମନ୍ତ୍ରୀପରିଷଦ ସାମୂହିକ ଭାବେ ନିଜର ସମସ୍ତ ପ୍ରଶାସନିକ ତ୍ରୁଟି ବିଚ୍ୟୁତି ପାଇଁ ଲୋକସଭା ନିକଟରେ ଉତ୍ତରଦାୟୀ ରହିଥାଏ । ଲୋକସଭାର ସଂଖ୍ୟାଗରିଷ୍ଠ ଆସ୍ଥାଭାଜନ ଥିବା ପର୍ଯ୍ୟନ୍ତ ମନ୍ତ୍ରୀମଣ୍ଡଳ କ୍ଷମତାରେ ରହେ । ଲୋକସଭାରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲେ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବାକୁ ବାଧ ହୋଇଥାଏ । ପ୍ରଶ୍ନୋତ୍ତର, ମୁଲତବୀ ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ, ବିଭିନ୍ନ ରିପୋର୍ଟ ସମ୍ପର୍କରେ ଗୃହରେ ଆଲୋଚନା ଆଦି ମାଧ୍ୟମରେ ଲୋକସଭା ସରକାରଙ୍କ ଦୋଷ ଦୁର୍ବଳତାକୁ ସମାଲୋଚନା କରିଥା'ନ୍ତି ।

**(ଘ) ସମ୍ବିଧାନ ସଂଶୋଧନ କ୍ଷମତା ଓ କାର୍ଯ୍ୟ :** ସଂସଦର ଯେକୌଣସି ଗୃହରେ ସମ୍ବିଧାନ ସଂଶୋଧାନ ଚିଠା ବିଧେୟକ ଆଗତ କରାଯାଇ ପାରେ । ଏହି ବିଧେୟକ ସଂସଦର ଉଭୟ ଗୃହଦ୍ୱାରା ସ୍ୱତନ୍ତ୍ର ଭାବେ ଗୃହୀତ ହେବାର ଆବଶ୍ୟକତା ଥିବାରୁ ଉଭୟ ଗୃହ ମଧ୍ୟରେ ମତ ବିଭେଦତା ଦେଖାଗଲେ ତାହା ଅକାମୀ ହୋଇଯାଏ ।

**(ଡ) ନ୍ୟାୟିକ କ୍ଷମତା ଓ କାର୍ଯ୍ୟ :** ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଅନୁମୋଦନ, ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ପଦଚ୍ୟୁତ କରିବାର ପ୍ରସ୍ତାବ ଗ୍ରହଣ, ସ୍ୱାଧୀକାର ଭଙ୍ଗକାରୀଙ୍କୁ ଦଣ୍ଡବିଧାନ ଆଦି ଲୋକସଭାର ନ୍ୟାୟିକ କାର୍ଯ୍ୟ ଅଟେ ।

**(ଚ) ନିର୍ବାଚନ କାର୍ଯ୍ୟ :** ରାଷ୍ଟ୍ରପତି ନିର୍ବାଚନରେ ଏହା ନିର୍ବାଚିତ ସଦସ୍ୟ ଏବଂ ଉପରାଷ୍ଟ୍ରପତି ନିର୍ବାଚନରେ ଏହାର ସମସ୍ତ ଅଂଶ ଗ୍ରହଣ କରିଥା'ନ୍ତି । ଏହା ନିଜର ବାଚସ୍ପତି ଓ ଉପବାଚସ୍ପତି ନିର୍ବାଚନ କରିଥାଏ ।

**(ଛ) ଆପତ୍ତି ଓ ଅଭିଯୋଗ ଉପସ୍ଥାପନ ପ୍ରକୋଷ୍ଠ :** ଲୋକସଭାର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେଉଥିବାରୁ ଲୋକମାନଙ୍କର ବିଭିନ୍ନ ଅଭିଯୋଗ, ଦାବୀ ଓ ଜନମତକୁ ଉତ୍ତମ ରୂପେ ଗୃହରେ ଉପସ୍ଥାପନ କରିଥା'ନ୍ତି । ଏହା ଏକ କ୍ଷୁଦ୍ର ଭାରତବର୍ଷ ଭଳି ପ୍ରତୀୟମାନ ହୁଏ ।

ଭାରତୀୟ ସଂସଦୀୟ ବ୍ୟବସ୍ଥାରେ ଲୋକସଭା **ରାଜ୍ୟସଭା ଅପେକ୍ଷା ଅଧିକ** କ୍ଷମତା ଉପଭୋଗ କରିଥାଏ । ପ୍ରତିନିଧି ସଭା ଭାବରେ ଏହା ପ୍ରଶାସନର ପ୍ରତ୍ୟେକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରିଥାଏ ।

**୧୩.୨.୩ ରାଜ୍ୟସଭାର ଗଠନ**

**ଓ କାର୍ଯ୍ୟାବଳୀ:**

**ରାଜ୍ୟସଭାର ଗଠନ**

**:** ଭାରତୀୟ ସଂସଦ ଦ୍ୱିସଦନୀୟ ଅଟେ । ଏହାର ଦ୍ୱିତୀୟ ତଥା ଉଚ୍ଚସଦନ ରୂପେ ରାଜ୍ୟସଭା ପରିଚିତ । ସଂଘୀୟ ବ୍ୟବସ୍ଥାର ସର୍ତ୍ତ ପୂରଣ କରି ଏହି କକ୍ଷ ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଇଥାଏ । ସମ୍ବିଧାନର ୮୦ ଧାରା ଅନୁଯାୟୀ ଏହାର ମୋଟ ସଭ୍ୟ ସଂଖ୍ୟା ୨୫୦ ରୁ ଅଧିକ ହୋଇପାରିବ ନାହିଁ । ସେଥି ମଧ୍ୟରୁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳମାନଙ୍କର ମୋଟ ନିର୍ବାଚିତ ସଦସ୍ୟ ସଂଖ୍ୟା ୨୩୮ ଏବଂ ସାହିତ୍ୟ, ବିଜ୍ଞାନ, କଳା, ସାମାଜସେବା ଆଦି କ୍ଷେତ୍ରରୁ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ସଦସ୍ୟ ସଂଖ୍ୟା ୧୨ । ଆମେରିକାରେ ଦ୍ୱିତୀୟ ତଥା ଉଚ୍ଚ ସଦନ ରୂପେ ପରିଚିତ 'ସିନେଟ୍'ରେ ରାଜ୍ୟମାନଙ୍କୁ ଆକାର ଓ ଜନସଂଖ୍ୟା ନିର୍ବିଶେଷରେ ସମାନ ପ୍ରତିନିଧିତ୍ୱର ସୁଯୋଗ ଦିଆଯାଇଥିବା ବେଳେ ଭାରତରେ ଲୋକସଂଖ୍ୟା ଭିତ୍ତିରେ ଏହି ଆସନ ବଣ୍ଟନ ହୋଇଛି । ଉତ୍ତର ପ୍ରଦେଶରୁ ସର୍ବାଧିକ ୩୧ ଜଣ, ଓଡ଼ିଶାରୁ ୧୦ ଜଣ, ମେଘାଳୟ, ସିକିମ, ମିଜୋରାମ, ଅରୁଣାଚଳ ପ୍ରଦେଶ ଆଦି ରାଜ୍ୟମାନଙ୍କରୁ ଜଣେ ଲେଖାଏଁ ପ୍ରତିନିଧି ରହିବାର ବ୍ୟବସ୍ଥା ରହିଛି । କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରୁ ୩ଟି ଓ ପଣ୍ଡିଚେରୀରୁ ଗୋଟିଏ କୁ ଛାଡ଼ି ଦେଲେ ଅନ୍ୟ ୫ଟି କେନ୍ଦ୍ରଶାସିତ ଅଞ୍ଚଳର ଲୋକସଂଖ୍ୟା ଯଥେଷ୍ଟ କମ୍ ହୋଇଥିବାରୁ ସେହି ଅଞ୍ଚଳର କେହି ପ୍ରତିନିଧି ରାଜ୍ୟ ସଭାରେ ନାହାଁନ୍ତି ।

**ନିର୍ବାଚନ :** ରାଜ୍ୟସଭା ଏକ ସ୍ଥାୟୀ ସଭା ହେଲେ ମଧ୍ୟ ଏହାର ଏକ-ତୃତୀୟାଂଶ ସଦସ୍ୟ ପ୍ରତି ଦୁଇ ବର୍ଷରେ ନିର୍ବାଚିତ ଓ ମନୋନୀତ ହୋଇଥା'ନ୍ତି । ରାଜ୍ୟସଭା ନିର୍ବାଚନ ପରୋକ୍ଷ ନିର୍ବାଚନ ଅଟେ । ରାଜ୍ୟସଭାର ସଦସ୍ୟମାନେ ସମ୍ପୃକ୍ତ ରାଜ୍ୟ ବିଧାନ ସଭାର ସଦସ୍ୟମାନଙ୍କ ଦ୍ୱାରା ସମାନୁପାତିକ ପଦ୍ଧତି ଅନୁଯାୟୀ ଏକକ ହସ୍ତାନ୍ତରଣୀୟ ଭୋଟ ପ୍ରଣାଳୀ ଦ୍ୱାରା ନିର୍ବାଚିତ ହୋଇଥା'ନ୍ତି । ରାଜ୍ୟସଭାର ପ୍ରତି ସଦସ୍ୟଙ୍କର କାର୍ଯ୍ୟକାଳ ୬ ବର୍ଷ ଅଟେ ।

**ଯୋଗ୍ୟତା :** ସମ୍ବିଧାନର ୮୪ ଧାରା ଅନୁଯାୟୀ –

(କ) ସେ ଭାରତର ନାଗରିକ ହୋଇଥିବେ ।

(ଖ) ତାଙ୍କୁ ଅନ୍ୟୁନ ୩୦ ବର୍ଷ ବୟସ ହୋଇଥିବ ।

(ଗ) ସେ ବିକୃତ ମସ୍ତିଷ୍କ ବା ଦେବାଳିଆ ହୋଇନଥିବେ ।

(ଘ) ସେ କୌଣସି ସରକାରୀ ଲାଭଜନିକ ପଦବୀରେ ଅବସ୍ଥାପିତ ହୋଇନଥିବେ ।

(ଙ) ସଂସଦ ସଦସ୍ୟ ହେବା ପାଇଁ ତାଙ୍କର ସମସ୍ତ ଯୋଗ୍ୟତା ଥିବ ।

**ଅଧ୍ୟକ୍ଷ :** ସମ୍ବିଧାନର ୮୯ ଧାରା ଅନୁସାରେ ଉପରାଷ୍ଟ୍ରପତି ନିଜର ପଦବୀ ବଳରେ ରାଜ୍ୟସଭାରେ ଅଧ୍ୟକ୍ଷତା କରନ୍ତି । କେବଳ ରାଜ୍ୟସଭା ତା'ର ଉପାଧ୍ୟକ୍ଷଙ୍କୁ ନିର୍ବାଚନ କରେ । ରାଜ୍ୟସଭା ଏହାର ଅଧ୍ୟକ୍ଷଙ୍କୁ ମହାଭିଯୋଗ ବଳରେ ପଦଚ୍ୟୁତ କରିପାରେ, ଯାହା ଲୋକସଭା ଦ୍ୱାରା ମଧ୍ୟ ଅନୁମୋଦିତ ହେବା ଆବଶ୍ୟକ ।

**କ୍ଷମତା ଓ କାର୍ଯ୍ୟାବଳୀ :**

**(୧) ଆଇନ ପ୍ରଣୟନ କ୍ଷମତା :** ଆଇନ ପ୍ରଣୟନ କ୍ଷେତ୍ରରେ ରାଜ୍ୟସଭା ଓ ଲୋକସଭାର ପ୍ରାୟ ସମାନ କ୍ଷମତା ଅଛି । ଲୋକସଭା ଦ୍ୱାରା ଗୃହୀତ ସାଧାରଣ ବିଲ୍‌ଟି ରାଜ୍ୟସଭାରେ ଗୃହୀତ ନ ହେଲେ ତାହା ଆଇନ୍‌ରେ ପରିଣତ ହୋଇପାରେ ନାହିଁ । ରାଜ୍ୟସଭା ଗୋଟିଏ ସାଧାରଣ ବିଲ୍‌କୁ ୬ ମାସ ଅଟକାଇ ରଖିପାରେ । ଉଭୟ ସଭା ମଧ୍ୟରେ ମତ ବିଭେଦତା ଦେଖାଗଲେ ଆହୂତ ଯୁଗ୍ମ ଅଧିବେଶନରେ ରାଜ୍ୟସଭାର ଗୁରୁତ୍ୱ ଜାହିର ହୁଏ ନାହିଁ ।

**(୨) ଅର୍ଥ ସମ୍ବନ୍ଧୀୟ କ୍ଷମତା :** ରାଜ୍ୟସଭାର ଅର୍ଥ ସମ୍ବନ୍ଧୀୟ କ୍ଷମତା ଅତି ସୀମିତ । ଲୋକସଭାରେ ଗୃହୀତ ଅର୍ଥବିଲ୍‌କୁ ରାଜ୍ୟସଭା ମାତ୍ର ୧୪ ଦିନ ଅଟକାଇ ରଖିପାରେ । ୧୪ ଦିନ ମଧ୍ୟରେ ରାଜ୍ୟସଭାରେ କୌଣସି ସୁପାରିଶ ନ ହେଲେ ଏହା ଗୃହୀତ ହେଲା ବୋଲି ଧରି ନିଆଯାଏ ।

**(୩) କାର୍ଯ୍ୟପାଳିକା ଉପରେ ନିୟନ୍ତ୍ରଣ :** ମନ୍ତ୍ରୀମଣ୍ଡଳ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବା କ୍ଷମତା ରାଜ୍ୟସଭାର ନାହିଁ । ଅଧିବେଶନ ସମୟରେ ମନ୍ତ୍ରୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ରାଜ୍ୟସଭାର ସଦସ୍ୟମାନେ ଉତ୍ତର ଆଦାୟ କରନ୍ତି । ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ, ମୁଲତବୀ ପ୍ରସ୍ତାବ ମାଧ୍ୟମରେ ରାଜ୍ୟସଭାର ସଭ୍ୟମାନେ ସରକାରଙ୍କର ଦୋଷତ୍ରୁଟି ଦର୍ଶାଇଥା'ନ୍ତି । ବିଭିନ୍ନ କମିଟିର ସଦସ୍ୟ ହିସାବରେ ମଧ୍ୟ ରାଜ୍ୟସଭାର ସଦସ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥାଏ । ରାଜ୍ୟ ସଭାର କିଛି ସଦସ୍ୟଙ୍କୁ ମଧ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦିଆଯାଇଥାଏ ।

**(୪) ବିଚାରଗତ କ୍ଷମତା :** କେତେକ କ୍ଷେତ୍ରରେ ରାଜ୍ୟସଭା ବିଚାରକ ଭାବେ କାର୍ଯ୍ୟ କରେ । ରାଷ୍ଟ୍ରପତିଙ୍କ ବହିଷ୍କାର ବେଳେ ଲୋକସଭା ଦ୍ୱାରା ଅଣାଯାଇଥିବା ଅଭିଯୋଗଗୁଡ଼ିକୁ ରାଜ୍ୟସଭା ବିଚାରକରି ଦେଖେ । କୌଣସି ସଦସ୍ୟ ଗୃହର ଶୃଙ୍ଖଳା ଭଙ୍ଗକରେ ରାଜ୍ୟସଭା ତାଙ୍କୁ ଦଣ୍ଡ ବିଧାନ କରିଥାଏ । ଉପରାଷ୍ଟ୍ରପତି, ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟର ବିଚାରପତିମାନଙ୍କୁ ପଦଚ୍ୟୁତ କରିବାରେ ରାଜ୍ୟସଭା ଅଂଶଗ୍ରହଣ କରେ ।

**(୫) ନିର୍ବାଚନ କ୍ଷମତା :** ରାଜ୍ୟସଭାର ନିର୍ବାଚିତ ସଦସ୍ୟମାନେ ରାଷ୍ଟ୍ରପତି ଓ ସମସ୍ତ ସଦସ୍ୟ ଉପରାଷ୍ଟ୍ରପତିଙ୍କ ନିର୍ବାଚନରେ ଅଂଶଗ୍ରହଣ କରନ୍ତି । ଏହା ତା'ର ଉପାଧ୍ୟକ୍ଷଙ୍କୁ ନିର୍ବାଚନ କରେ ।

**(୬) ସମ୍ବିଧାନିକ କ୍ଷମତା :** ସମ୍ବିଧାନ ସଂଶୋଧନ ପାଇଁ ଉଦ୍ଦିଷ୍ଟ ବିଲ୍ ରାଜ୍ୟସଭାରେ ଆଗତ ହୋଇପାରେ । ଲୋକସଭାରେ ଗୃହୀତ ହୋଇଥିବା ସମ୍ବିଧାନ ସଂଶୋଧନ ବିଲ୍ ରାଜ୍ୟସଭାର ଅନୁମୋଦନ ପାଇଁ ଆସିଥାଏ । ଉଭୟ ଗୃହର ପୃଥକ୍ ଅନୁମୋଦନ ବିନା ତାହା ସଂସଦଦ୍ୱାରା ଗୃହୀତ ହେଲା ବୋଲି ଗ୍ରହଣ କରାଯାଏ ନାହିଁ ।

**ବିଶେଷ କ୍ଷମତା ଓ ସ୍ୱତନ୍ତ୍ର ଗୁରୁତ୍ୱ :**

ରାଜ୍ୟସଭା ଏକ ଗୁରୁତ୍ୱହୀନ କକ୍ଷ ନୁହେଁ । ଏହାର କେତେକ ବିଶେଷ କ୍ଷମତା ଓ ଗୁରୁତ୍ୱ ରହିଛି –

(କ) ରାଜ୍ୟସଭାର ଦୁଇ-ତୃତୀୟାଂଶ ସମର୍ଥକ କ୍ରମେ ଗୃହୀତ ପ୍ରସ୍ତାବ ଭିତ୍ତିରେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ତାଲିକାଭୁକ୍ତ ବିଷୟ କ୍ଷେତ୍ରରେ ଏକବର୍ଷ ପାଇଁ ସଂସଦ ଆଇନ ପ୍ରଣୟନ କରିପାରିବ ।

(ଖ) ରାଜ୍ୟସଭା ଏକ ପ୍ରସ୍ତାବ ମାଧ୍ୟମରେ କୌଣସି ରାଜ୍ୟରେ ନୂତନ ସର୍ବଭାରତୀୟ ସେବାର ପଦବୀ ସଂଖ୍ୟା ବୃଦ୍ଧି ବା ହ୍ରାସ କରିପାରେ ।

(ଗ) ଉପ-ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଆଗତ ମହାଭିଯୋଗ ପ୍ରସ୍ତାବ ପ୍ରଥମେ ରାଜ୍ୟ ସଭାରେ ଆରମ୍ଭ ହୁଏ ।

(ଘ) ଲୋକସଭା ଭାଙ୍ଗି ଯାଇଥିବା ପରିସ୍ଥିତିରେ ରାଜ୍ୟସଭା ଜରୁରୀ ପରିସ୍ଥିତି ଘୋଷଣାନାମାକୁ ଅନୁମୋଦନ କଲେ ଏହା ବଳବତ୍ତର ରହିଥାଏ ।

(ଙ) ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଇ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ହୁଏ ଯେ ରାଜ୍ୟସଭା ଆମେରିକାର ସିନେଟ୍ ସଭା ପରି କ୍ଷମତାଶାଳୀ ଓ ପ୍ରଭାବଶାଳୀ ନ ହେଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଗୁରୁତ୍ୱହୀନ ଓ ଅନାବଶ୍ୟକ ନୁହେଁ ବୋଲି ପ୍ରମାଣ କରିଛି ।

### ୧୩.୨.୪ ଲୋକସଭା ବାଚସ୍ପତି ଙ୍କ ନିର୍ବାଚନ ଓ କାର୍ଯ୍ୟାବଳୀ

ସଂସଦର ଯେକୌଣସି ଗୃହରେ ଅଧ୍ୟକ୍ଷତା କରୁଥିବା ଅଧିକାରୀଙ୍କୁ ପୀଠାସୀନ ଅଧିକାରୀ (Presiding Officer) କୁହାଯାଏ । ଲୋକସଭାର ପୀଠାସୀନ ଅଧିକାରୀଙ୍କୁ ବାଚସ୍ପତି (Speaker) ଓ ତାଙ୍କ ଅନୁପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ କରୁଥିବା ବ୍ୟକ୍ତିଙ୍କୁ ଉପବାଚସ୍ପତି (Deputy Speaker) କୁହାଯାଏ । ସମ୍ବିଧାନର ୯୩ ଧାରାରେ ଲୋକସଭାର ବାଚସ୍ପତି ଓ ଉପବାଚସ୍ପତି ନିଯୁକ୍ତି ବିଷୟରେ ବର୍ଣ୍ଣନା କରାଯାଇଛି । ଲୋକସଭାର ସଭ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ବାଚସ୍ପତି ଓ ଅନ୍ୟଜଣଙ୍କୁ ଉପବାଚସ୍ପତି ରୂପେ ନିର୍ବାଚିତ କରନ୍ତି ।

**କାର୍ଯ୍ୟକାଳ ଓ ପଦଚ୍ୟୁତି :** ବାଚସ୍ପତିଙ୍କ କାର୍ଯ୍ୟକାଳ ଲୋକସଭାର କାର୍ଯ୍ୟକାଳ ସହିତ ସମାନ । ଇଂଲଣ୍ଡର କମନସ୍ ସଭାର ନିର୍ଦ୍ଦଳୀୟ ଓ ସ୍ଥାୟୀ ବାଚସ୍ପତି ବ୍ୟବସ୍ଥା ଭାରତରେ ପ୍ରଚଳିତ ହୋଇନାହିଁ । ପରମ୍ପରା ଦୃଷ୍ଟିରୁ ସେଠାରେ ବାଚସ୍ପତିଙ୍କ ନିର୍ବାଚନ ମଣ୍ଡଳୀରେ ଅନ୍ୟ କେହି ପ୍ରତିଦ୍ୱନ୍ଦିତା କରନ୍ତି ନାହିଁ । ପରମ୍ପରା ଦୃଷ୍ଟିରୁ ସେଠାରେ ବାଚସ୍ପତି ହେବାରେ ବାଧା ନ ଥାଏ । ନିଜର କାର୍ଯ୍ୟକାଳ ସରିବା ପୂର୍ବରୁ ସେ ଇସ୍ତଫା ଦେଇ ପାରନ୍ତି କିମ୍ବା ତାଙ୍କୁ ୧୪ ଦିନିଆ ନୋଟିସ୍ ଦେଇ ଲୋକସଭାର ସଂଖ୍ୟାଧିକ ସଭ୍ୟଙ୍କ ସମର୍ଥନରେ ବହିଷ୍କାର କରାଯାଇ ପାରେ । ଲୋକସଭା ଭାଙ୍ଗିଗଲେ ବାଚସ୍ପତିଙ୍କ କାର୍ଯ୍ୟକାଳ ସରିଯାଏ ନାହିଁ; ନବଗଠିତ ଲେକସଭାର ନୂଆ ବାଚସ୍ପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ ତାଙ୍କ ପଦବୀରେ ରହନ୍ତି । ବାଚସ୍ପତିଙ୍କ ବହିଷ୍କାର ପ୍ରସ୍ତାବ ଉପରେ ଆଲୋଚନା ସମୟରେ ସେ ଗୃହରେ ଅଧ୍ୟକ୍ଷତା କରନ୍ତି ନାହିଁ, କିନ୍ତୁ ଗୃହରେ ଉପସ୍ଥିତି ରହି ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି । ବାଚସ୍ପତି ତାଙ୍କର ଇସ୍ତଫାପତ୍ର ଉପବାଚସ୍ପତିଙ୍କୁ ଦେଇଥା'ନ୍ତି ।

**ବାଚସ୍ପତିଙ୍କ କାର୍ଯ୍ୟାବଳୀ :**

(୧) ସେ ଲୋକସଭାର ପ୍ରତ୍ୟେକ ଅଧିବେଶନରେ ଅଧ୍ୟକ୍ଷତା କରନ୍ତି । ସଂସଦର ଯୁଗ୍ମ ଅଧିବେଶନରେ ମଧ୍ୟ ସେ ଅଧ୍ୟକ୍ଷତା କରିଥା'ନ୍ତି ।

(୨) ସେ ଗୃହ ମଧ୍ୟରେ ଶାନ୍ତି ଶୃଙ୍ଖଳା ଓ ଶିଷ୍ଟାଚାର ବଜାୟ ରଖନ୍ତି । ଗୃହର ମର୍ଯ୍ୟାଦା ହାନି କରୁଥିବା ବ୍ୟକ୍ତିଙ୍କୁ ଭର୍ତ୍ସନା କରିବା ଓ ଗୃହରୁ ବିତାଡ଼ନ କରିବା କ୍ଷମତା ତାଙ୍କର ରହିଛି । ଗୃହର ବିଶୃଙ୍ଖଳିତ ସଭ୍ୟଙ୍କ ସଭ୍ୟଙ୍କୁ ସେ ଗୃହର ଅବଶିଷ୍ଟ ଅଧିବେଶନରୁ ନିଲମ୍ବିତ (Suspend) କରିପାରନ୍ତି ।

(୩) ଗୃହର ନେତାଙ୍କ ସହ ପରାମର୍ଶ କରି ସେ ଗୃହର କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରନ୍ତି ଓ ଗୃହର କାର୍ଯ୍ୟକୁ ସେହି ଅନୁଯାୟୀ ପରିଚାଳନା କରନ୍ତି ।

(୪) ସେ ଗୃହର ନୀତି ନିୟମଗୁଡ଼ିକର ବ୍ୟାଖ୍ୟା କରନ୍ତି । ସମସ୍ତ ବିଷୟରେ ତାଙ୍କର ବିବୃତି ଓ ନିର୍ଣ୍ଣୟ (Rulling) ଚୂଡ଼ାନ୍ତ ଅଟେ ।

(୫) ସେ ସଦସ୍ୟମାନଙ୍କୁ ଆଲୋଚନାରେ ଅଂଶଗ୍ରହଣ କରିବା ଓ ପ୍ରଶ୍ନ ପଚାରିବାର ଅନୁମତି ଦିଅନ୍ତି ।

(୬) ବିଭିନ୍ନ ବିଧେୟକ, ସଂଶୋଧନ, ପ୍ରସ୍ତାବ (motion), ବୈଧାନିକ ପ୍ରସଙ୍ଗ (point of order)କୁ ଗୃହରେ ଉପସ୍ଥାପନ କରିବା ଓ ତତ୍‌ସଂକ୍ରାନ୍ତୀୟ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତି ଓ ସେଥିପାଇଁ କୌଣସି କାରଣ ଦର୍ଶାଇବାକୁ ସେ ବାଧ ନୁହନ୍ତି ।

(୭) ବିଭିନ୍ନ ବିଧେୟକ ଉପରେ ସେ ଭୋଟ ଗ୍ରହଣ କରନ୍ତି । କୌଣସି ପରିସ୍ଥିତିରେ ବିପକ୍ଷ ଓ ସପକ୍ଷ ଭୋଟ ସମାନ ହେଲେ ସେ ନିଜର ନିର୍ଣ୍ଣାୟକ (casting vote) ଭୋଟ ଦେଇ ସମସ୍ୟାର ସମାଧାନ କରନ୍ତି ।

(୮) ସେ ବିଭିନ୍ନ ଗୃହ କମିଟିର ସଭ୍ୟ ଓ ଅଧ୍ୟକ୍ଷମାନଙ୍କୁ ମନୋନୀତ କରନ୍ତି । ନିଜେ ମଧ୍ୟ କେତେକ ଗୃହ କମିଟିର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରନ୍ତି ।

(୯) ଗୃହର ସଦସ୍ୟମାନଙ୍କର ସ୍ୱାଧିକାର, ଭାଷଣ ଓ ମତାମତ ଦେବାର ସ୍ୱାଧୀନତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ରକ୍ଷା କରିବା ବାଚସ୍ପତିଙ୍କର କର୍ତ୍ତବ୍ୟ ଅଟେ ।

(୧୦)ରାଷ୍ଟ୍ରପତି ଓ ସଂସଦ ମଧ୍ୟରେ ବାଚସ୍ପତି ସଂଯୋଗ ରକ୍ଷା କରନ୍ତି । ସଂସଦର ସମସ୍ତ ତଥ୍ୟ ବାଚସ୍ପତିଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଏ ।

(୧୧)କୌଣସି ବିଧେୟକ ଅର୍ଥ ବିଧେୟକ କି ନୁହେଁ ତାହା ବାଚସ୍ପତି ନିର୍ଣ୍ଣୟ କରନ୍ତି ।

(୧୨)୧୯୮୫ ମସିହାର ୫୨ ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ସୃଷ୍ଟ ଦଳବଦଳ ନିରୋଧ ଆଇନର ପ୍ରୟୋଗ ବାଚସ୍ପତିଙ୍କ ଦ୍ୱାରା ହୋଇଥାଏ । ଏହି ଆଇନର ସର୍ତ୍ତ ଭଙ୍ଗ କରୁଥିବା ସଭ୍ୟ ଦଳବଦଳ କଲେ ତାଙ୍କର ସଭ୍ୟପଦ ରଦ୍ଦ ସଂକ୍ରାନ୍ତୀୟ ନିଷ୍ପତ୍ତି ବାଚସ୍ପତି ନିଅନ୍ତି ।

**ବାଚସ୍ପତିଙ୍କ ଭୂମିକା :** ଲୋକସଭାରେ ବାଚସ୍ପତି ଭାଷଣ ଦିଅନ୍ତି ନାହିଁ କିମ୍ବା ଆଲୋଚନାରେ ଅଂଶ ଗ୍ରହଣ କରି ନ ଥା'ନ୍ତି । ତେଣୁ ବାଚସ୍ପତି "କଥା କୁହନ୍ତି ନାହିଁ" ବୋଲି କୁହାଯାଏ । କିନ୍ତୁ ସେ ଲୋକସଭାର କ୍ଷମତା, ଅଧିକାର ଓ ମର୍ଯ୍ୟାଦାର ପ୍ରତୀକ ଅଟନ୍ତି । ଲୋକସଭାର ଗୌରବ ଓ କାର୍ଯ୍ୟଦକ୍ଷତା ବାଚସ୍ପତିଙ୍କ ବିଚକ୍ଷଣତା ଉପରେ ନିର୍ଭର କରେ । ସେ ମିଷ୍ଟଭାଷୀ, ଉପହାସ ପ୍ରିୟ ଓ ସହନଶୀଳ ହେବା ଆବଶ୍ୟକ । ସେ ଲୋକସଭା ବାହାରେ ଲୋକସଭାର ପ୍ରତିନିଧିତ୍ୱ କରିଥା'ନ୍ତି । ଯଦିଓ ଆମ ଦେଶର ବାଚସ୍ପତି ଇଂଲଣ୍ଡର କମନସ୍ ସଭାର ବାଚସ୍ପତିଙ୍କ ଅପେକ୍ଷା କମ୍ ନିର୍ଦ୍ଦଳୀୟ, ତଥାପି ଆମେରିକାର ନିମ୍ନ ସଦନ ଅର୍ଥାତ୍ ପ୍ରତିନିଧି ସଭାର ବାଚସ୍ପତିଙ୍କ ଅପେକ୍ଷା ସେ ଅଧିକ ନିର୍ଦ୍ଦଳୀୟ ବୋଲି ବିଶ୍ୱାସ କରାଯାଏ । ଇଂଲଣ୍ଡ ଭଳି ଭାରତରେ ଯଦି ବାଚସ୍ପତିଙ୍କୁ ନିର୍ଦ୍ୱନ୍ଦରେ ନିର୍ବାଚିତ କରିବାର ପରମ୍ପରା ସୃଷ୍ଟି କରାଯାଇ ପାରନ୍ତା, ତେବେ ବାଚସ୍ପତିଙ୍କ କାର୍ଯ୍ୟଦକ୍ଷତା ଓ ସମ୍ମାନ ବହୁ ପରିମାଣରେ ବୃଦ୍ଧି ପାଆନ୍ତା ।

**୧୩.୩ ରାଜ୍ୟ ବ୍ୟବସ୍ଥାପିକା (State Legislature)**

**୧୩.୩.୧ ଓଡ଼ିଶା ବିଧାନସଭାର ଗଠନ, ସଦସ୍ୟଙ୍କ ଯୋଗ୍ୟତା, ନିର୍ବାଚନ, କାର୍ଯ୍ୟକାଳ ଓ ବାଚସ୍ପତି:**

ଭାରତ ସମ୍ବିଧାନର ୧୬୮ ଧାରାର ବ୍ୟବସ୍ଥା ଅନୁଯାୟୀ ଭାରତର ପ୍ରତ୍ୟେକ ରାଜ୍ୟପାଇଁ ଗୋଟିଏ ବ୍ୟବସ୍ଥାପିକା ରହିବାର ବ୍ୟବସ୍ଥା ରହିଛି । ଏହି ରାଜ୍ୟ ବ୍ୟବସ୍ଥାପିକା ଏକ ସଦନୀୟ କିମ୍ବା ଦ୍ୱିସଦନୀୟ ହୋଇପାରେ ଯାହାର ନିଷ୍ପତ୍ତି ସମ୍ପୃକ୍ତ ରାଜ୍ୟ ଉପରେ ନିର୍ଭର କରେ । ନିମ୍ନସଦନ ବିଧାନସଭା ନାମରେ ପରିଚିତ ଯାହା ଏକ ଜନପ୍ରିୟ କକ୍ଷ ଅଟେ । ବିଧାନସଭା ରାଜ୍ୟ ପାଇଁ ସମସ୍ତ ଆଇନ ପ୍ରଣୟନ କରେ । ଆମ ଓଡ଼ିଶା ବିଧାନସଭାର ମୋଟ ସଦସ୍ୟ ସଂଖ୍ୟା ୧୪୭ ଅଟେ । ସେଥି ମଧ୍ୟରୁ ୩୪ଟି ସ୍ଥାନ ଆଦିବାସୀ ଓ ୨୨ଟି ସ୍ଥାନ ହରିଜନ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ହେବାର ବ୍ୟବସ୍ଥା ୩୩୨ ଧାରା ଅନୁଯାୟୀ କରାଯାଇଛି । ଏହାର ସଭ୍ୟମାନେ ପ୍ରତ୍ୟକ୍ଷ ନିର୍ବାଚନ ପଦ୍ଧତିରେ ନିର୍ବାଚିତ ହୋଇଥା'ନ୍ତି ।

**ଯୋଗ୍ୟତା :** ବିଧାନସଭାର ସଭ୍ୟ ହେବା ପାଇଁ ନିମ୍ନ ଯୋଗ୍ୟତାଗୁଡ଼ିକ ଆବଶ୍ୟକ । ୧୭୩ ଧାରାର ବ୍ୟବସ୍ଥା ଅନୁଯାୟୀ –

(କ) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।

(ଖ) ତାଙ୍କୁ ଅନ୍ୟୁନ ୨୫ ବର୍ଷ ବୟସ ହୋଇଥିବ ।

(ଗ) ସେ ବିକୃତ ମସ୍ତିଷ୍କ କିମ୍ବା ଦେବାଳିଆ ହୋଇ ନଥିବେ ।

(ଘ) ସରକାରଙ୍କ ଅଧିନରେ କୌଣସି ଲାଭ ଜନକ ପଦବୀରେ ଅବସ୍ଥାପିତ ହୋଇ ନଥିବେ ।

(ଙ) ପାର୍ଲିଆମେଣ୍ଟ ଦ୍ୱାରା ପ୍ରଣୀତ ଆଇନ ଅନୁସାରେ ତାଙ୍କର ଅନ୍ୟାନ୍ୟ ଯୋଗ୍ୟତା ଥିବ ।

**କାର୍ଯ୍ୟକାଳ :** ୧୭୨ ଧାରା ଅନୁସାରେ ବିଧାନ ସଭାର ସାଧାରଣ କାର୍ଯ୍ୟକାଳ ୫ ବର୍ଷ । ଏହା ପୂର୍ବରୁ ରାଜ୍ୟପାଳ ଏହାକୁ ଭାଙ୍ଗ କରି ରାଷ୍ଟ୍ରପତି ଶାସନ ଜାରି କରି ପାରିବେ । ଜାତୀୟ ଜରୁରୀ ପରିସ୍ଥିତିରେ ଏହା କାର୍ଯ୍ୟକାଳ ଆଉ ଏକବର୍ଷ ବଢ଼ାଇ ଦିଆଯାପାରେ ।

**କୋରମ୍ :** ବିଧାନ ସଭାର ପ୍ରତ୍ୟେକ ଅଧିବେଶନ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ସଂଖ୍ୟକ ଉପସ୍ଥିତିକୁ 'କୋରମ୍' କୁହାଯାଏ । ଓଡ଼ିଶା ବିଧାନସଭାର ଏକ ଦଶମାଂଶ ଅର୍ଥାତ୍ ୧୫ ଜଣ ସଦସ୍ୟ କୋରମ୍ ଗଠନ କରନ୍ତି ।

**ବାଚସ୍ପତି :** ୧୭୮ ଧାରା ଅନୁସାରେ ବିଧାନ ସଭାର ପ୍ରଥମ ବୈଠକରେ ଗୃହର ସଦସ୍ୟମାନେ ବାଚସ୍ପତି ଓ ଉପବାଚସ୍ପତିଙ୍କୁ ନିର୍ବାଚନ କରନ୍ତି । ବାଚସ୍ପତି ଗୃହରେ ଅଧକ୍ଷତା କରନ୍ତି ଓ ଗୃହର କାର୍ଯ୍ୟ ପରିଚାଳନା କରନ୍ତି । ସେ ଗୃହର ଆଲୋଚନା ବା ଭୋଟଦାନରେ ଅଂଶ ଗ୍ରହଣ କରନ୍ତି ନାହିଁ । ନିର୍ଣ୍ଣାୟକ ବା କାଷ୍ଟିଂ ଭୋଟ ଦେଇଥା'ନ୍ତି ।

**୧୩.୩.୨ ବିଧାନସଭାର କାର୍ଯ୍ୟାବଳୀ**

**(୧) ଆଇନ ପ୍ରଣୟନ :** ବିଧାନ ସଭାର ମୁଖ୍ୟ କାର୍ଯ୍ୟ ହେଲା ଆଇନ ପ୍ରଣୟନ ଓ ବ୍ୟବସ୍ଥାପନା । ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା ଭୁକ୍ତ ସମସ୍ତ ବିଷୟଗୁଡ଼ିକ ଉପରେ ବିଧାନ ସଭା ଆଇନ ପ୍ରଣୟନ କରିଥାଏ । ବିଧାନ ସଭାରେ ଯୁଗ୍ମ ତାଲିକା ଭୁକ୍ତ ବିଷୟ ଉପରେ ପ୍ରଣୀତ ରାଜ୍ୟ ଆଇନ କେନ୍ଦ୍ର ଆଇନ ସହ ବିରୋଧି ହେଲେ କେନ୍ଦ୍ର ଆଇନ ବଳବତ୍ତର ରହିବ ।

**(୨) କାର୍ଯ୍ୟପାଳିକା ଉପରେ ନିୟନ୍ତ୍ରଣ :** ମନ୍ତ୍ରୀପରିଷଦ ୧୬୪ ଧାରା ଅନୁସାରେ ବିଧାନ ସଭା ନିକଟରେ ଉତ୍ତର ଦାୟୀ ଅଟେ । ବିଧାନ ସଭାର ଆସ୍ଥାଭାଜନ ହେଉଥିବା ପର୍ଯ୍ୟନ୍ତ ମନ୍ତ୍ରୀପରିଷଦ ତା'ର କାର୍ଯ୍ୟ ସମ୍ପାଦନ କରିଥାଏ । ବିଧାନ ସଭାର ଅଧିବେଶନରେ ସଭ୍ୟମାନେ ମନ୍ତ୍ରୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରନ୍ତି । ମୁଲତବୀ ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ,

କାଟ ପ୍ରସ୍ତାବ ନିନ୍ଦା ପ୍ରସ୍ତାବ ଓ ଅନାସ୍ଥା ପ୍ରସ୍ତାବ ଆଣି ମନ୍ତ୍ରୀମାନଙ୍କର କାର୍ଯ୍ୟକୁ ସମାଲୋଚନା କରାଯାଏ । ମୋଟ ଉପରେ ବିଧାନ ସଭା ମନ୍ତ୍ରୀପରିଷଦ ଉପରେ ତା'ର ନିୟନ୍ତ୍ରଣ ଜାରି କରିଥାଏ ।

**(୩) ଆର୍ଥିକ କ୍ଷମତା :** ବିଧାନ ସଭାର ଆର୍ଥିକ କ୍ଷମତା ଅନୁସାରେ ଏହା ଜନସାଧାରଣଙ୍କ ଉପରେ କର ବସାଇବା, କର ଛାଡ଼ କରିବା ଓ ଅନ୍ୟାନ୍ୟ ଅର୍ଥ ସମ୍ପର୍କୀୟ ନୀତି ପ୍ରଣୟନ କରେ । ବିଧାନ ସଭା ବଜେଟ୍‌କୁ ଅନୁମୋଦନ କରେ । ବିଧାନ ସଭାରେ ସ୍ୱୀକୃତି ଲାଭ କରିଥିବା ଅର୍ଥ ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ଦେବାକୁ ବାଧ୍ୟ ଅଟନ୍ତି ।

**(୪) ସମ୍ବିଧାନ ସଂଶୋଧନ କ୍ଷମତା :** ସମ୍ବିଧାନ ସଂଶୋଧନ ସଂକ୍ରାନ୍ତୀୟ କେତେକ ବିଲ୍ ମଧ୍ୟ ବିଧାନ ସଭାର ଅନୁମୋଦନ ଆବଶ୍ୟକ କରିଥାଏ । ସଂଘୀୟ ବ୍ୟବସ୍ଥା କିମ୍ବା ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ଥିଲେ, ଏ କ୍ଷେତ୍ରରେ ସଂସଦର ଅନୁମୋଦନ ସହ ଅର୍ଦ୍ଧାଧିକ ରାଜ୍ୟ ବିଧାନ ସଭାର ଅନୁମୋଦନ ଆବଶ୍ୟକ । କିନ୍ତୁ ସମ୍ବିଧାନ ସଂଶୋଧନ କ୍ଷେତ୍ରରେ ସଂସଦର ପ୍ରାଧାନ୍ୟ ଅନସ୍ୱୀକାର୍ଯ୍ୟ ଅଟେ ।

**(୫) ନିର୍ବାଚନ କ୍ଷମତା :** ବିଧାନ ସଭାର ନିର୍ବାଚିତ ସଦସ୍ୟମାନେ ରାଷ୍ଟ୍ରପତିଙ୍କର ନିର୍ବାଚନରେ ଅଂଶଗ୍ରହଣ କରନ୍ତି । ଏହା ତା'ର ବାଚସ୍ପତି ଓ ଉପବାଚସ୍ପତିଙ୍କୁ ନିର୍ବାଚନ କରେ । ବିଶ୍ୱ ବିଦ୍ୟାଳୟ ସିନେଟ୍‌କୁ ବିଧାନ ସଭା ତା'ର ପ୍ରତିନିଧିଙ୍କୁ ନିର୍ବାଚିତ କରି ପଠାଇଥାଏ । ରାଜ୍ୟସଭାର ସଦସ୍ୟମାନେ ବିଧାନସଭା ଦ୍ୱାରା ନିର୍ବାଚିତ ହୁଅନ୍ତି । ବିଧାନ ପରିଷଦର ଏକ-ତୃତୀୟାଂଶ ସଦସ୍ୟ ମଧ୍ୟ ଏହି ଗୃହ ଦ୍ୱାରା ନିର୍ବାଚିତ ହୁଅନ୍ତି ।

**(୬) ଆପତ୍ତି ଅଭିଯୋଗ ଉପସ୍ଥାପନ :** ବିଧାନ ସଭାର ସଦସ୍ୟମାନେ ସେମାନଙ୍କର ଅଞ୍ଚଳର ସମସ୍ୟାଗୁଡ଼ିକ ବିଧାନ ସଭାରେ ଉପସ୍ଥାପନ କରି ସରକାରଙ୍କର ଦୃଷ୍ଟି ଆକର୍ଷଣ କରନ୍ତି । ଏହା ଜନମତକୁ ପ୍ରତିଫଳନ କରେ । ଏହା ଜନସାଧାରଣଙ୍କୁ ରାଜନୈତିକ ଶିକ୍ଷା ପ୍ରଦାନ କରେ ।

## ୧୩.୪ ସାରାଂଶ

ସଂସଦ ରାଷ୍ଟ୍ରପତି, ରାଜ୍ୟସଭା ଓ ଲୋକସଭାକୁ ନେଇ ଗଠିତ । ରାଜ୍ୟସଭା ସଂସଦର ଉଚ୍ଚସଦନ ଅଟେ ଯାହା ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଇଥାଏ । ଏହା ମୋଟ ୨୫୦ ଜଣ ସଦସ୍ୟଙ୍କୁ ନେଇ ଗଠିତ । ଏମାନଙ୍କ ମଧ୍ୟରୁ ୨୩୮ ଜଣ ବିଭିନ୍ନ ରାଜ୍ୟ ବିଧାନସଭା ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ଅବଶିଷ୍ଟ ୧୨ ଜଣଙ୍କୁ କଳା, ସାହିତ୍ୟ, ସମାଜସେବା, ବିଜ୍ଞାନ ଆଦି କ୍ଷେତ୍ରରୁ ରାଷ୍ଟ୍ରପତି ମନୋନୀତ କରିଥା'ନ୍ତି । ଏହାର ସଦସ୍ୟମାନଙ୍କ ମଧ୍ୟରୁ ପ୍ରତି ଦୁଇବର୍ଷରେ ଏକ-ତୃତୀୟାଂଶ ଅବସର ନିଅନ୍ତି । ଏହାର ସଦସ୍ୟଙ୍କ କାର୍ଯ୍ୟକାଳ ଛଅବର୍ଷ ।

ଲୋକସଭା ସଂସଦର ନିମ୍ନସଦନ ଅଟେ ଯାହା ସଂଘୀୟ ବ୍ୟବସ୍ଥାରେ ଲୋକମାନଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଇଥାଏ । ଏହାର ମୋଟ ସଭ୍ୟ ସଂଖ୍ୟା ୫୪୫ । ଆଙ୍ଗ୍ଲୋ-ଭାରତୀୟ ସଂପ୍ରଦାୟରୁ ଉପଯୁକ୍ତ ପ୍ରତିନିଧିତ୍ୱ ନ ଥିଲେ ରାଷ୍ଟ୍ରପତି ଉକ୍ତ ସଂପ୍ରଦାୟରୁ ଦୁଇ ଜଣଙ୍କୁ ମନୋନୀତ କରିପାରନ୍ତି । ଏହି ଗୃହର ସାଧାରଣ କାର୍ଯ୍ୟକାଳ ପାଞ୍ଚବର୍ଷ । କିନ୍ତୁ ରାଷ୍ଟ୍ରପତି ଏହାକୁ ପୂର୍ବରୁ ଭାଙ୍ଗିଦେଇ ସାନି ନିର୍ବାଚନ ଘୋଷଣା କରିପାରନ୍ତି ।

ରାଜ୍ୟ ବ୍ୟବସ୍ଥାପିକା : ସମ୍ବିଧାନର ୧୬୮ ଧାରା ଅନୁସାରେ ଭାରତର ପ୍ରତ୍ୟେକ ରାଜ୍ୟ ପାଇଁ ଗୋଟିଏ ବ୍ୟବସ୍ଥାପିକା ରହିବାର ବ୍ୟବସ୍ଥା ରହିଛି ।

ଏକ ସଦନୀୟ ବ୍ୟବସ୍ଥାପିକା ରାଜ୍ୟପାଳ ଓ ବିଧାନସଭାକୁ ନେଇ ଗଠିତ; କିନ୍ତୁ ଦ୍ୱି-ସଦନୀୟ ବ୍ୟବସ୍ଥାପିକା ରାଜ୍ୟପାଳ ଓ ବିଧାନସଭା ଓ ବିଧାନ ପରିଷଦକୁ ନେଇ ଗଠିତ ।

ବିଧାନ ସଭା ପ୍ରାର୍ଥୀଙ୍କର ସର୍ବନିମ୍ନ ବୟସ ୨୫ ବର୍ଷ ଓ ବିଧାନ ପରିଷଦର ପ୍ରାର୍ଥୀଙ୍କର ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।ବିଧାନସଭା ସଦସ୍ୟଙ୍କ ସାଧାରଣ କାର୍ଯ୍ୟକାଳ ୫ ବର୍ଷ, କିନ୍ତୁ ବିଧାନ ପରିଷଦର ସଦସ୍ୟଙ୍କ କାର୍ଯ୍ୟକାଳ ୬ ବର୍ଷ ।

ଓଡ଼ିଶା ବିଧାନସଭାର ମୋଟ ସଦସ୍ୟ ସଂଖ୍ୟା ୧୪୭ । ତଫସିଲଭୁକ୍ତ ଜାତି ପାଇଁ ୨୨ ଓ ତଫସିଲଭୁକ୍ତ ଉପଜାତି ପାଇଁ ୩୪ଟି ସ୍ଥାନ ସଂରକ୍ଷିତ ରହିଛି ।

ଓଡ଼ିଶା ବିଧାନସଭାର କୋରମ ହେଉଛି ଗୃହର ମୋଟ ସଭ୍ୟ ସଂଖ୍ୟାର ଏକ-ଦଶମାଂଶ ।

ବିଧାନସଭାର ବାଚସ୍ପତି ଗୃହରେ ଅଧ୍ୟକ୍ଷତା କରନ୍ତି ।

### ୧୩.୫ ନିଜର ପ୍ରଗତି ପାଇଁ ଅନୁଶୀଳନୀ

#### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:

୧. ଭାରତର ସଂସଦର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

୨. ଲୋକସଭାର ଗଠନ ଓ କାର୍ଯ୍ୟାବଳୀ ବର୍ଣ୍ଣନା କର ।

୩. ରାଜ୍ୟସଭାର ଗଠନ ଓ କାର୍ଯ୍ୟାବଳୀ ତର୍ଜମା କର ।

୪. ଓଡ଼ିଶା ବିଧାନସଭାର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

୫. ଲୋକସଭାର ବାଚସ୍ପତିଙ୍କ ଭୂମିକା ତର୍ଜମା କର ।

#### ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ :

ପ୍ର.୧. ଭାରତର ସଂସଦ ______, ରାଜ୍ୟସଭା ଓ ଲୋକସଭାକୁ ନେଇ ଗଠିତ ।

ପ୍ର.୨. ଭାରତର ସଂସଦ ______ ସଦନୀୟ, କିନ୍ତୁ ଓଡ଼ିଶାର ବ୍ୟବସ୍ଥାପିକା ______ ସଦନୀୟ ଅଟେ ।

ପ୍ର.୩. ଲୋକସଭାର ମୋଟ ସଭ୍ୟସଂଖ୍ୟା ______ ଓ ରାଜ୍ୟ ସଭାର ମୋଟ ସଭ୍ୟ ସଂଖ୍ୟା ______ ।

ପ୍ର.୪. ଓଡ଼ିଶା ବିଧାନ ସଭାରେ ______ ଜଣ ସଭ୍ୟ ରହିଛନ୍ତି ।

ପ୍ର.୫. ଓଡ଼ିଶା ବିଧାନ ସଭାରେ ତଫସିଲଭୁକ୍ତ ଜାତି (ହରିଜନ)ଙ୍କ ପାଇଁ ______ ଓ ତଫସିଲଭୁକ୍ତ ଉପଜାତି (ଆଦିବାସୀ)ଙ୍କ ପାଇଁ ______ ଗୋଟି ଆଇନ ସଂରକ୍ଷିତ ରହିଛି ।

ପ୍ର.୬. ଓଡ଼ିଶାରୁ ଲୋକସଭାରେ ______ ଜଣ ଓ ରାଜ୍ୟ ସଭାରେ ______ ଜଣ ପ୍ରତିନିଧି ଅଛନ୍ତି ।

ପ୍ର.୭. ରାଜ୍ୟସଭା ଓ ବିଧାନ ପରିଷଦର ସଭ୍ୟ ହେବାପାଇଁ ସର୍ବନିମ୍ନ ବୟସ ______ ବର୍ଷ ଓ ଲୋକସଭା ଓ ବିଧାନ ସଭା ପାଇଁ ସର୍ବନିମ୍ନ ବୟସ ______ ବର୍ଷ ଧାର୍ଯ୍ୟ କରାଯାଇଛି ।

ପ୍ର.୮. ଲୋକସଭା ଓ ବିଧାନସଭାର ସାଧାରଣ କାର୍ଯ୍ୟକାଳ ______ ବର୍ଷ ।

ପ୍ର.୯. ରାଜ୍ୟସଭା ଓ ବିଧାନ ପରିଷଦର ସଭ୍ୟଙ୍କ କାର୍ଯ୍ୟକାଳ ______ ବର୍ଷ ।

ପ୍ର.୧୦. ______ ସଂସଦର ମିଳିତ ଅଧିବେଶନ ଆହ୍ୱାନ କରନ୍ତି କିନ୍ତୁ ______ ସେଥିରେ ଅଧ୍ୟକ୍ଷତା କରନ୍ତି ।

## ୧୩.୬ ନିଜର ପ୍ରଗତି ପାଇଁ ଅନୁଶୀଳନୀର ଉତ୍ତର

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:

ପ୍ର.୧ ଉ : ଏହି ଅଧ୍ୟାୟର ଭାଗ ୧୩.୨.୧ ର ପାଠ ଦେଖ ।

ପ୍ର.୨ ଉ : ଏହି ଅଧ୍ୟାୟର ଭାଗ ୧୩.୨.୨ର ପାଠ ଦେଖ ।

ପ୍ର.୩ ଉ : ଏହି ଅଧ୍ୟାୟର ଭାଗ ୧୩.୨.୩ ର ପାଠ ଦେଖ ।

ପ୍ର.୪ ଉ : ଏହି ଅଧ୍ୟାୟର ଭାଗ ୧୩.୩.୧ ଓ ୧୩.୩.୨ ର ପାଠ ଦେଖ ।

ପ୍ର.୫ ଉ : ଏହି ଅଧ୍ୟାୟର ଭାଗ ୧୩.୨.୪ ର ପାଠ ଦେଖ ।

### ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ :

୧.ରାଷ୍ଟ୍ରପତି ;୨. ଦ୍ୱି; ଏକ ;୩.୫୪୫; ୨୫୦;୪. ୧୪୭; ୫. ୨୨; ୩୪ ; ୬.୨୧; ୧୦;

୭. ୩୦; ୨୫; ୮: ୫; ୯.ଛଅ ୧୦. ରାଷ୍ଟ୍ରପତି; ଲୋକସଭାର ବାଚସ୍ପତି

❖❖❖

# ଚତୁର୍ଦ୍ଦଶ ଅଧ୍ୟାୟ

# କାର୍ଯ୍ୟପାଳିକା

# (EXECUTIVE)

## (ରାଷ୍ଟ୍ରପତି-କ୍ଷମତା ଓ ପଦମର୍ଯ୍ୟାଦା; ପ୍ରଧାନମନ୍ତ୍ରୀ-କାର୍ଯ୍ୟାବଳୀ ଓ ଭୂମିକା; ରାଜ୍ୟପାଳ-କ୍ଷମତା ଓ ପଦମର୍ଯ୍ୟାଦା; ମୁଖ୍ୟମନ୍ତ୍ରୀ-କାର୍ଯ୍ୟାବଳୀ ଓ ଭୂମିକା)

ସଂରଚନା :


୧୪.୧ ଉଦ୍ଦେଶ୍ୟ

୧୪.୨ ରାଷ୍ଟ୍ରପତି

୧୪.୨.୧ ଯୋଗ୍ୟତା, ନିର୍ବାଚନ, କାର୍ଯ୍ୟକାଳ ଓ ପଦଚ୍ୟୁତି

୧୪.୨.୨ ରାଷ୍ଟ୍ରପତିଙ୍କ କ୍ଷମତା

୧୪.୨.୩ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା

୧୪.୩ ପ୍ରଧାନମନ୍ତ୍ରୀ - ନିଯୁକ୍ତି ଓ କାର୍ଯ୍ୟକାଳ

୧୪.୩.୧ କାର୍ଯ୍ୟାବଳୀ ଓ ଭୂମିକା

୧୪.୩.୨ କେନ୍ଦ୍ର ମନ୍ତ୍ରିମଣ୍ଡଳର ଗଠନ ଓ କାର୍ଯ୍ୟାବଳୀ

୧୪.୪ ରାଜ୍ୟପାଳ ଯୋଗ୍ୟତା, ନିଯୁକ୍ତି ଓ କାର୍ଯ୍ୟକାଳ

୧୪.୪.୧ କ୍ଷମତା ଓ ପଦମର୍ଯ୍ୟାଦା

୧୪.୫ ମୁଖ୍ୟମନ୍ତ୍ରୀ - ନିଯୁକ୍ତି ଓ କାର୍ଯ୍ୟକାଳ

୧୪.୫.୧ କାର୍ଯ୍ୟକାଳ ଓ ଭୂମିକା

୧୪.୬ ସାରାଂଶ

୧୪.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୧୪.୮ ନିଜର ପ୍ରଗତି ପାଇଁ ଅନୁଶୀଳନୀର ଉତ୍ତର

## ୧୪.୧ ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପାଠ କରି ସାରିବା ପରେ ଆପଣମାନେ

- ଭାରତର କେନ୍ଦ୍ରର କାର୍ଯ୍ୟପାଳିକା ଓ ରାଜ୍ୟ କାର୍ଯ୍ୟପାଳିକାର ସ୍ୱରୂପ ଜାଣିପାରିବେ ।
- ରାଷ୍ଟ୍ରପତିଙ୍କ ଯୋଗ୍ୟତା, ନିର୍ବାଚନ ଓ କାର୍ଯ୍ୟକାଳ ସଂପର୍କରେ ଜ୍ଞାନ ଆହରଣ କରି ପାରିବେ ।
- ରାଷ୍ଟ୍ରପତିଙ୍କ କ୍ଷମତା ଓ ପଦମର୍ଯ୍ୟାଦା ତର୍ଜମା କରି ପାରିବା ।
- ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାବଳୀ ଓ ଭୂମିକାକୁ ସମୀକ୍ଷା କରି ପାରିବେ ।
- ରାଜ୍ୟପାଳଙ୍କ କ୍ଷମତା ଓ ପଦମର୍ଯ୍ୟାଦାକୁ ବିଶ୍ଳେଷଣ କରି ପାରିବେ ।
- ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାବଳୀ ଓ ଭୂମିକା ସଂପର୍କରେ ଅବଗତ ହୋଇ ପାରିବେ ।

## ୧୪.୨ ରାଷ୍ଟ୍ରପତି

ଭାରତରେ ଏକ ସଂସଦୀୟ ଶାସନ ବ୍ୟବସ୍ଥା ପ୍ରଚଳିତ । ଏଠାରେ ରାଷ୍ଟ୍ରପତି ନାମକୁ ମାତ୍ର କାର୍ଯ୍ୟପାଳିକା ଏବଂ ରାଷ୍ଟ୍ର ମୁଖ୍ୟ ହିସାବରେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଥିବା ମନ୍ତ୍ରିପରିଷଦ ବାସ୍ତବ କାର୍ଯ୍ୟପାଳିକା ଓ ଶାସନ ମୁଖ୍ୟ ରୂପେ କାର୍ଯ୍ୟ ସମ୍ପାଦନ କରନ୍ତି । ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ ଏବଂ ପ୍ରଧାନମନ୍ତ୍ରୀ ଶାସନମୁଖ୍ୟ ହିସାବରେ କାର୍ଯ୍ୟ କରନ୍ତି ।

### ୧୪.୨.୧ ଯୋଗ୍ୟତା, ନିର୍ବାଚନ, କାର୍ଯ୍ୟକାଳ ଓ ପଦଚ୍ୟୁତ

ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ର ହୋଇଥିବାରୁ ଏହାର ରାଷ୍ଟ୍ରମୁଖ୍ୟ ଅର୍ଥାତ୍ ରାଷ୍ଟ୍ରପତି ଲୋକସଭା ଓ ରାଜ୍ୟସଭାର ନିର୍ବାଚିତ ସଦସ୍ୟ ଓ ବିଧାନସଭାର ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ଗଠିତ ନିର୍ବାଚନ ମଣ୍ଡଳୀଦ୍ୱାରା ନିର୍ବାଚିତ ହୋଇଥା'ନ୍ତି । ତାଙ୍କ ନିର୍ବାଚନରେ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଓ ଏକକ ହସ୍ତାନ୍ତରଣୀୟ ଭୋଟଦାନ ପଦ୍ଧତିର ପ୍ରୟୋଗ ହୋଇଥାଏ । ତାଙ୍କର ସାଧାରଣ କାର୍ଯ୍ୟକାଳ ୫ ବର୍ଷ ହେଲେ ମଧ୍ୟ ସେ ଏହା ପୂର୍ବରୁ ଇସ୍ତଫା ଦେଇପାରନ୍ତି କିମ୍ବା ସଂସଦର ଯେକୌଣସି ଗୃହରେ ପ୍ରଥମେ ଏକ ୧୪ ଦିନିଆ ନୋଟିସ୍ ମାଧ୍ୟମରେ ଆଗତ ହୋଇ ପାରୁଥିବା ଏବଂ ଉଭୟ ଗୃହରେ ଦୁଇ-ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ଅନୁମୋଦିତ ହେଉଥିବା ମହାଭିଯୋଗ ପ୍ରସ୍ତାବଦ୍ୱାରା ପଦଚ୍ୟୁତ ହୋଇଥା'ନ୍ତି ।

**ରାଷ୍ଟ୍ରପତିଙ୍କ କ୍ଷମତା ଓ କାର୍ଯ୍ୟାବଳୀ :**

### ୧୪.୨.୨ ରାଷ୍ଟ୍ରପତିଙ୍କ କ୍ଷମତା

**(i) କାର୍ଯ୍ୟପାଳିକା କ୍ଷମତା :**

ସମ୍ବିଧାନର ୫୩ ଧାରା କେନ୍ଦ୍ରର ସମସ୍ତ ପ୍ରଶାସନିକ କ୍ଷମତାକୁ ରାଷ୍ଟ୍ରପତିଙ୍କ ହସ୍ତରେ ଅର୍ପଣ କରିଛି । ଏହି କ୍ଷମତା ସେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗ କ୍ରମେ ବ୍ୟବହାର କରିଥା'ନ୍ତି । ଏଣୁ ସେ, ପ୍ରଧାନମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନ୍ୟାନ୍ୟ ସଦସ୍ୟ, ରାଜ୍ୟପାଳ, ମହା ହିସାବ ରକ୍ଷକ ଓ ନିରୀକ୍ଷକ, ଆଟର୍ଣ୍ଣି ଜେନେରାଲ୍, କେନ୍ଦ୍ର ପ୍ରଶାସନିକ ସେବା ଆୟୋଗ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ କରିଥା'ନ୍ତି, ତାଙ୍କ ନାମରେ କେନ୍ଦ୍ରର ଶାସନ ବ୍ୟବସ୍ଥା ଚାଲିଥାଏ ।

**(ii)ବ୍ୟବସ୍ଥାପିକା କ୍ଷମତା :**

ସମ୍ବିଧାନ ୭୯ ଧାରା ଅନୁଯାୟୀ ରାଷ୍ଟ୍ରପତି ଭାରତୀୟ ସଂସଦର ଅବିଚ୍ଛେଦ୍ୟ ଅଂଶ ଅଟନ୍ତି । ସେ ଲୋକସଭାକୁ ଆଙ୍ଗ୍ଲୋ ଭାରତୀୟ ସମ୍ପ୍ରଦାୟରୁ ୨ ଜଣ ଏବଂ ରାଜ୍ୟସଭାକୁ କଳା, ବିଜ୍ଞାନ, ସମାଜସେବା ଇତ୍ୟାଦି କ୍ଷେତ୍ରରୁ ୧୨ ଜଣଙ୍କ ମନୋନୀତ କରିଥା'ନ୍ତି । ସେ ସଂସଦର ଅଧିବେଶନ ଆହ୍ୱାନ କରିବା ସ୍ଥଗିତ ରଖିବା କାର୍ଯ୍ୟକାଳ ପୂରିବା ପୂର୍ବରୁ ଲୋକସଭାକୁ ଭାଙ୍ଗିଦେଇ ପୁନି ନିର୍ବାଚନ ଘୋଷଣା କରିପାରନ୍ତି । ତାଙ୍କର ବିନା ଅନୁମୋଦନରେ ସଂସଦର ଅଧିବେଶନ ବସି ନ ଥିବା ସମୟରେ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ସେ ୧୨୩ ଧାରା ବଳରେ ସାମୟିକ ସମୟ ପାଇଁ 'ଅଧାଦେଶ' ଜାରି କରନ୍ତି । ସଂସଦର ପ୍ରତ୍ୟେକ ବର୍ଷର ପ୍ରଥମ ଅଧିବେଶନ ତାଙ୍କର ଅଭିଭାଷଣ ସହ ଆରମ୍ଭ ହୁଏ । ଉଭୟ ଗୃହ ମଧ୍ୟରେ ଏକ ସାଧାରଣ ବିଧେୟକକୁ ଗୃହୀତ କରିବା କ୍ଷେତ୍ରରେ ମତ ବିଭେଦତା ଦେଖାଗଲେ ସେ ୧୦୮ ଧାରା ବଳରେ ଉଭୟ ଗୃହର ଯୁଗ୍ମ ଅଧିବେଶନ ଆହ୍ୱାନ କରିପାରନ୍ତି ।

**(iii)ଆର୍ଥିକ କ୍ଷମତା :**

ରାଷ୍ଟ୍ରପତିଙ୍କ ତରଫରୁ ୧୧୨ ଧାରାର ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ଅର୍ଥମନ୍ତ୍ରୀ ବାର୍ଷିକ ଆୟବ୍ୟୟର ଅଟକଳ ବା ବଜେଟ୍‌କୁ ସଂସଦର ଉପସ୍ଥାପନା କରନ୍ତି । ତାଙ୍କ ପୂର୍ବ ଅନୁମତି ବିନା କୌଣସି ଅର୍ଥବିଧେୟକ ଗୃହରେ ଆଗତ ହୋଇପାରେ ନାହିଁ । ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ତାଙ୍କ ପାଖରେ ୨୬୭ ଧାରା ଅନୁଯାୟୀ ଏକ ଜରୁରୀ ପାଣ୍ଠି ରହିଥାଏ । ତାଙ୍କ ନିର୍ଦ୍ଦେଶରେ ମୁଖ୍ୟ ହିସାବ ନୀରିକ୍ଷକଙ୍କ ବାର୍ଷିକ ବିବରଣୀ ଗୃହରେ ଉପସ୍ଥାପିତ ଓ ଆଲୋଚିତ ହୁଏ । ସେ ପ୍ରତି ପାଞ୍ଚବର୍ଷରେ ଥରେ ଅର୍ଥ ଆୟୋଗ ନିଯୁକ୍ତ କରୁଥା'ନ୍ତି ଯାହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ରାଜସ୍ୱ ଓ ଅନୁଦାନ ବଣ୍ଟନ ନୀତି ନିର୍ଦ୍ଧାରଣ କରେ ।

**(iv)ପ୍ରତିରକ୍ଷା ଓ ବୈଦେଶିକ ସମ୍ପର୍କ ରକ୍ଷା କ୍ଷମତା :**

ରାଷ୍ଟ୍ରପତି ଭାରତୀୟ ସେନାବିଭାଗର ସର୍ବୋଚ୍ଚ ମୁଖ୍ୟ ଅଟନ୍ତି । ସେ ତିନି ବାହିନୀର ମୁଖ୍ୟଙ୍କୁ ନିଯୁକ୍ତି ଦିଅନ୍ତି । ତାଙ୍କ ନାମରେ ଯୁଦ୍ଧ ଘୋଷଣା ଓ ଶାନ୍ତିଚୁକ୍ତି ସମ୍ପାଦନ ହୋଇଥାଏ । ସେ ଭାରତର ବୈଦେଶିକ ବା କୂଟନୈତିକ ଦୂତମାନଙ୍କୁ ନିଯୁକ୍ତି ଦିଅନ୍ତି ଏବଂ ଅନ୍ୟ ଦେଶର ଭାରତରେ ନିଯୁକ୍ତ ବୈଦେଶିକ ଦୂତମାନଙ୍କୁ ସ୍ୱୀକୃତି ଦିଅନ୍ତି । ବିଭିନ୍ନ ବୈଦେଶିକ ଚୁକ୍ତି ତାଙ୍କ ନାମରେ ସ୍ୱାକ୍ଷରିତ ହୁଏ ।

**(v)ନ୍ୟାୟିକ କ୍ଷମତା :**

ରାଷ୍ଟ୍ରପତି ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ନିଯୁକ୍ତି ପ୍ରଦାନ କରନ୍ତି । ସେ ୭୨(୧) ଧାରା ବଳରେ କେନ୍ଦ୍ରୀୟ ଆଇନକୁ ଭଙ୍ଗ କରି ଦୋଷୀ ସାବ୍ୟସ୍ତ ଅପରାଧିରଣ ଦଣ୍ଡଭାରକୁ ଲାଘବ କରିପାରନ୍ତି ବା ସ୍ଥଗିତ ରଖିପାରନ୍ତି କିମ୍ବା ପୂର୍ଣ୍ଣକ୍ଷମା ପ୍ରଦାନ କରିପାରନ୍ତି । କୌଣସି ଜଟିଳ ଆଇନଗତ ପରିସ୍ଥିତିରେ ସେ ୧୪୩ ଧାରାର ଉପଯୋଗ କରି ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ମାଗିପାରନ୍ତି । କାବେରୀ ନଦୀଜଳ ବଣ୍ଟନ ବିବାଦ ଓ ଅଯୋଧ୍ୟା ବିବାଦ ଆଦି କ୍ଷେତ୍ରରେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ମାଗିଥିଲେ । ସମ୍ବିଧାନର ୨୨୨ ଧାରା ବଳରେ ସେ ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ବଦଳି କରିପାରନ୍ତି ।

**(vi)ଜରୁରୀ ପରିସ୍ଥିତିରେ ରାଷ୍ଟ୍ରପତିଙ୍କ କ୍ଷମତା :**

**(a)ଜାତୀୟ ଜରୁରୀ ପରିସ୍ଥିତି ବା ଭୌତିକ ଜରୁରୀ ପରିସ୍ଥିତି :**

ଯୁଦ୍ଧ, ବୈଦେଶିକ ଆକ୍ରମଣ, ସଶସ୍ତ୍ର ବିପ୍ଳବ ଇତ୍ୟାଦି ପରିସ୍ଥିତି ବା ସମ୍ଭାବନା ଦେଖାଗଲେ ରାଷ୍ଟ୍ରପତି କେନ୍ଦ୍ର ମନ୍ତ୍ରୀମଣ୍ଡଳର ଲିଖିତ ପରାମର୍ଶ କ୍ରମେ ୩୫୨ ଧାରାର ବ୍ୟବସ୍ଥା ଅନୁଯାୟୀ ଜାତୀୟ ଜରୁରୀ ପରିସ୍ଥିତି ଜାରି କରିଥା'ନ୍ତି । ଏହା ସଂସଦ ଦ୍ୱାରା

ଏକ ମାସ ମଧ୍ୟରେ ଅନୁମୋଦିତ ହୋଇ ପ୍ରତି ୬ ମାସରେ ଥରେ ପୁନଃ ଅନୁମୋଦନ ସହ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବଳବତ୍ତର ରୁହେ । ଏହି ସମୟରେ ସଂସଦ ରାଜ୍ୟମାନଙ୍କ ପାଇଁ ଆଇନ ପ୍ରଣୟନ କରିପାରେ, ନାଗରିକର ମୌଳିକ ଅଧିକାର ସଙ୍କୁଚିତ ହୁଏ ଏବଂ କେନ୍ଦ୍ର ଅଧିକ କ୍ଷମତାଶାଳୀ ହୋଇଥାଏ ।

**(b)ରାଜ୍ୟ ଜରୁରୀ ପରିସ୍ଥିତି (ବା) ରାଷ୍ଟ୍ରପତି ଶାସନ ବା ରାଜନୈତିକ ଜରୁରୀ ପରିସ୍ଥିତି :**

କୌଣସି ରାଜ୍ୟର ଶାସନ ସମ୍ବିଧାନ ଅନୁଯାୟୀ ଚାଲିପାରୁ ନାହିଁ ବୋଲି ସେହି ରାଜ୍ୟର ରାଜ୍ୟପାଳ ବା ଅନ୍ୟସୂତ୍ରରୁ ସଂଗୃହୀତ ତଥ୍ୟ ଉପରେ ରାଷ୍ଟ୍ରପତିଙ୍କ ବିଶ୍ୱାସ ହେଲେ ୩୫୬ ଧାରା ଅନୁଯାୟୀ ସେ ସେହି ରାଜ୍ୟରେ ରାଜ୍ୟ ଜରୁରୀ ପରିସ୍ଥିତି ବା ରାଷ୍ଟ୍ରପତି ଶାସନ ଜାରିକରି ପାରନ୍ତି । ଏହା ୨ ମାସ ମଧ୍ୟରେ ସଂସଦ ଦ୍ୱାରା ଅନୁମୋଦିତ ହେଲେ ପ୍ରତି ୬ ମାସରେ ଥରେ ପୁନଃ ଅନୁମୋଦନ ସହ ସର୍ବୋଚ୍ଚ ୩ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରୁହେ । ଏହି ସମୟରେ ସମ୍ପୃକ୍ତ ରାଜ୍ୟପାଇଁ କେନ୍ଦ୍ର ଆଇନ୍ ପ୍ରସ୍ତୁତ କରେ ଓ ବଜେଟ୍ ଗୃହୀତ କରେ ଏବଂ ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି ହିସାବରେ ବାସ୍ତବ ଭାବେ ରାଜ୍ୟ ଶାସନ ପରିଚାଳନା କରନ୍ତି ।

**(c)ଆର୍ଥିକ ଜରୁରୀ ପରିସ୍ଥିତି :**

ଭାରତର ଆର୍ଥିକ ସ୍ଥିତି ଖରାପ ହେଲେ ଓ ଦେବାଳିଆ ପରିସ୍ଥିତି ଦେଖାଦେଲେ ଏବଂ ଋଣଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହେଲେ ରାଷ୍ଟ୍ରପତି ୩୬୦ ଧାରାର ବ୍ୟବସ୍ଥା ଅନୁଯାୟୀ ଆର୍ଥିକ ଜରୁରୀ ପରିସ୍ଥିତି ଜାରି କରିଥା'ନ୍ତି । ଏହା ଜାତୀୟ ଜରୁରୀ ପରିସ୍ଥିତି ପରି ସମାନ ଢଙ୍ଗରେ ସଂସଦ ଦ୍ୱାରା ଅନୁମୋଦିତ ହୋଇ ବଳବତ୍ତର ରୁହେ । ଏହି ସମୟରେ ଉଚ୍ଚତମ ଓ ଉଚ୍ଚ ନ୍ୟାୟଳୟର ବିଚାର ପତିଙ୍କ ଦରମା ହ୍ରାସ ସହିତ ଆର୍ଥିକ ପରିସ୍ଥିତିକୁ ସୁଧାରିବା ପାଇଁ ଯେକୌଣସି ପଦକ୍ଷେପ ନିଆଯାଇ ପାରେ । ଏହି ଜରୁରୀ ପରିସ୍ଥିତି ବର୍ତ୍ତମାନ ପର୍ଯ୍ୟନ୍ତ ଭାରତରେ ଜାରି ହୋଇନାହିଁ ।

**୧୪.୨.୩ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା**

ରାଷ୍ଟ୍ରପତିଙ୍କ ଉପରୋକ୍ତ କ୍ଷମତାଗୁଡ଼ିକୁ ବିଶ୍ଳେଷଣ କଲେ ଏହା ସୁସ୍ପଷ୍ଟ ହୁଏ, ସେ ସାମ୍ବିଧାନିକ କ୍ଷମତାର ଉପଭୋଗ କରନ୍ତି କିମ୍ବା ପ୍ରଧାନମନ୍ତ୍ରୀ ଏହାର ବାସ୍ତବ ବ୍ୟବହାର କରିଥା'ନ୍ତି । ସେ ସଂସଦୀୟ ଶାସନ ବ୍ୟବସ୍ଥାରେ ନାମକୁ ମାତ୍ର କାର୍ଯ୍ୟପାଳିକ ହୋଇଥିବାରୁ ଏହା କୁହାଯାଏ ଯେ ତାଙ୍କ ନାମରେ ଶାସନ ଚାଲୁଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ବାସ୍ତବ ଶାସକ ଅଟନ୍ତି । ତାଙ୍କୁ 'ରବର୍‌ଷ୍ଟାମ୍ପ' ବୋଲି ସମାଲୋଚନା କରାଯିବା ଯୁକ୍ତିଯୁକ୍ତ ନୁହେଁ, କାରଣ ସଂସଦୀୟ ଶାସନ ବ୍ୟବସ୍ଥାର ନିୟମ ଅନୁଯାୟୀ ସେ କେବଳ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ସହ କ୍ଷମତା ବ୍ୟବହାର କରିପାରନ୍ତି । ମନ୍ତ୍ରୀମଣ୍ଡଳ ଓ ପ୍ରଧାନମନ୍ତ୍ରୀଙ୍କର ବନ୍ଧୁ, ଦାର୍ଶନିକ ପଥପ୍ରଦର୍ଶକର ଭୂମିକା ସେ ଗ୍ରହଣ କରିପାରନ୍ତି ।

**୧୪.୩ ପ୍ରଧାନମନ୍ତ୍ରୀ - ନିଯୁକ୍ତି ଓ କାର୍ଯ୍ୟକାଳ**

ପ୍ରଧାନମନ୍ତ୍ରୀ ମନ୍ତ୍ରୀମଣ୍ଡଳର କେନ୍ଦ୍ରବିନ୍ଦୁ ଅଟନ୍ତି । ସେ କେନ୍ଦ୍ର ସରକାରର ମୁଖ୍ୟ ଅଟନ୍ତି । ସମ୍ବିଧାନର ୭୪(୧) ଧାରା ଅନୁସାରେ ପ୍ରଧାନମନ୍ତ୍ରୀଙ୍କର ଅଧ୍ୟକ୍ଷତାରେ ଏକ ମନ୍ତ୍ରୀମଣ୍ଡଳ ଗଠିତ ହେବ । ସମ୍ବିଧାନର ୭୫ ଧାରା ଅନୁସାରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତ ଦିଅନ୍ତି । ପରମ୍ପରା ଅନୁସାରେ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଦଳର ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦିଅନ୍ତି । ପ୍ରଧାନମନ୍ତ୍ରୀଙ୍କ ସାଧାରଣ କାର୍ଯ୍ୟକାଳ ୫ ବର୍ଷ ହୋଇଥିଲେ ହେଁ ଏହା ପୂର୍ବରୁ ସେ କ୍ଷମତାଚ୍ୟୁତ ହୋଇ ପାରିବେ । ମନ୍ତ୍ରିମଣ୍ଡଳ ଲୋକସଭାର ସଂଖ୍ୟାଗରିଷ୍ଠତା ହାସଲ କରିଥିବା ପର୍ଯ୍ୟନ୍ତ ସେ କ୍ଷମତାରେ ରହନ୍ତି । ଯଦି କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରେ ନାହିଁ ତେବେ ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ରାଷ୍ଟ୍ରପତିଙ୍କର ସ୍ୱାଧୀକାରର

ଅନ୍ତର୍ଭୁକ୍ତ ଅଟେ । ସମ୍ବିଧାନର ୭୮ ଧାରା ଅନୁସାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ମନ୍ତ୍ରୀମଣ୍ଡଳର ସମସ୍ତ ନିଷ୍ପତ୍ତି ଅବଗତ କରାଇଥା'ନ୍ତି ।

**୧୪.୩.୧ କାର୍ଯ୍ୟାବଳୀ ଓ ଭୂମିକା**

ବାସ୍ତବ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଶାସନ ମୁଖ୍ୟ ଅଟନ୍ତି । କେନ୍ଦ୍ର ଶାସନ ବ୍ୟବସ୍ଥାରେ ତାଙ୍କର କାର୍ଯ୍ୟ ଓ କ୍ଷମତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ସେହି କ୍ଷମତା ଗୁଡ଼ିକ ହେଲା –

**(୧) ମନ୍ତ୍ରୀମଣ୍ଡଳ ଗଠନ :** ଲୋକସଭାରେ ସଂଖ୍ୟାଗରିଷ୍ଠତା ଲାଭ କରିଥିବା ଦଳର ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରନ୍ତି । ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ରାଷ୍ଟ୍ରପତି ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି କରନ୍ତି ।

**(୨) ବିଭାଗ ବଣ୍ଟନ :** ମନ୍ତ୍ରୀମଣ୍ଡଳ ଗଠନ ପରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରନ୍ତି । ଅଭିଜ୍ଞ ବ୍ୟକ୍ତିମାନଙ୍କୁ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ପଣ କରିଥା'ନ୍ତି । ସେ ଯଥା ସମ୍ଭବ ମନ୍ତ୍ରୀମଣ୍ଡଳରେ ସମତୁଲତା ରକ୍ଷା କରିବାକୁ ଚେଷ୍ଟା କରନ୍ତି । ସମସ୍ତ ରାଜ୍ୟଗୁଡ଼ିକୁ ସେ ମନ୍ତ୍ରୀମଣ୍ଡଳରେ ପ୍ରତିନିଧିତ୍ୱର ସୁଯୋଗ ଦେବାକୁ ଚେଷ୍ଟା କରନ୍ତି ।

**(୩) ବିଭାଗ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା :** ପ୍ରଧାନମନ୍ତ୍ରୀ ବିଭିନ୍ନ ବିଭାଗଗୁଡ଼ିକର କାର୍ଯ୍ୟ ସଂପାଦନ କ୍ଷେତ୍ରରେ ସତର୍କ ଦୃଷ୍ଟି ରଖନ୍ତି । ବିଭିନ୍ନ ବିଭାଗଗୁଡ଼ିକ ମଧ୍ୟରେ ସେ ସମନ୍ୱୟ ରକ୍ଷା କରନ୍ତି । ସେ ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତାକୁ ତଦାରଖ କରନ୍ତି ଓ ଆବଶ୍ୟକ ସ୍ଥଳେ ଉଚିତ ନିର୍ଦ୍ଦେଶ ପ୍ରଦାନ କରନ୍ତି ।

**(୪) କ୍ୟାବିନେଟ୍‌ର ସଭାପତି :** ପ୍ରଧାନମନ୍ତ୍ରୀ ମନ୍ତ୍ରୀମଣ୍ଡଳର ବୈଠକରେ ସଭାପତିତ୍ୱ କରନ୍ତି । କ୍ୟାବିନେଟ୍‌ର ବୈଠକରେ ସେ ମଧ୍ୟ ଅଧ୍ୟକ୍ଷତା କରନ୍ତି । ସାଧାରଣତଃ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମନ୍ତ୍ରୀମଣ୍ଡଳ ସ୍ୱୀକୃତି ଦେଇଥାଏ ।

**(୫) ମନ୍ତ୍ରୀମଣ୍ଡଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ଯୋଗ ସୂତ୍ର :** ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଓ ମନ୍ତ୍ରୀମଣ୍ଡଳ ମଧ୍ୟରେ ଯୋଗସୂତ୍ର ରକ୍ଷା କରନ୍ତି । ୭୮ ସମ୍ବିଧାନର ଧାରା ଅନୁସାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ମନ୍ତ୍ରୀମଣ୍ଡଳର ନିଷ୍ପତ୍ତିଗୁଡ଼ିକୁ ଅବଗତ କରାଇଥା'ନ୍ତି ।

**(୬) ରାଷ୍ଟ୍ରପତିଙ୍କର ମୁଖ୍ୟ ପରାମର୍ଶ ଦାତା :** ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଶାସନ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଦେଇଥା'ନ୍ତି । ଏହା ଏକ ସାମ୍ବିଧାନିକ କାର୍ଯ୍ୟ । ରାଜ୍ୟପାଳ ନିଯୁକ୍ତି, ଲୋକସଭା ଭଙ୍ଗ, ଅଧାଦେଶ ଜାରୀ, ମନ୍ତ୍ରୀମଣ୍ଡଳ ଗଠନ ଓ ଜରୁରୀ ପରିସ୍ଥିତି ଇତ୍ୟାଦି ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କର ପରାମର୍ଶ କ୍ରମେ ଗ୍ରହଣ କରନ୍ତି । ପ୍ରଧାନମନ୍ତ୍ରୀଙ୍କ ବିନା ପରାମର୍ଶ ବା ପରାମର୍ଶର ବିରୁଦ୍ଧାଚରଣ କରି ରାଷ୍ଟ୍ରପତି କାର୍ଯ୍ୟ ସମ୍ପାଦନ କରିପାରନ୍ତି ନାହିଁ ।

**(୭) ସଂସଦର ନେତା :** ପ୍ରଧାନମନ୍ତ୍ରୀ ସଂଖ୍ୟାଗରିଷ୍ଠ ଦଳର ନେତା ହୋଇଥିବାରୁ ସେ ସଂସଦର ନେତା ଭାବେ ପରିଗଣିତ । ସଂସଦରେ ସଂଖ୍ୟାଗରିଷ୍ଠତା ଲାଭ କରୁଥିବା ପର୍ଯ୍ୟନ୍ତ ସେ ତାଙ୍କର କାର୍ଯ୍ୟ ସମ୍ପାଦନ କରନ୍ତି ।

**(୮) ଦେଶର ନେତା :** ପ୍ରଧାନମନ୍ତ୍ରୀ ଦେଶର ନେତା ଭାବେ ସ୍ୱୀକୃତ । ରାଷ୍ଟ୍ରର ସଙ୍କଟ ସମୟରେ ସେ ଜନସାଧାରଣଙ୍କ ମନରେ ଆଶାର ସଞ୍ଚାର କରନ୍ତି । ସେ ସରକାରଙ୍କର ପ୍ରଧାନ ମୁଖପାତ୍ର ।

**(୯) ବୈଦେଶିକ ନୀତି ନିର୍ଦ୍ଧାରଣ :** ପ୍ରଧାନମନ୍ତ୍ରୀ ସରକାରଙ୍କର ମୁଖ୍ୟ ହିସାବରେ ବୈଦେଶିକ ନୀତି ନିର୍ଦ୍ଧାରଣ କରନ୍ତି । ଆନ୍ତର୍ଜାତିକ କ୍ଷେତ୍ରରେ ଦେଶର ସମ୍ମାନ ଓ ସ୍ଥିତିକୁ ମଜଭୁତ କରିବା ତାଙ୍କର ଦାୟିତ୍ୱ । ନେହେରୁଙ୍କ ଦ୍ୱାରା ପ୍ରଚଳିତ ପଞ୍ଚଶୀଳ ନୀତି ଓ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଏବେ ମଧ୍ୟ ଅନ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ଗ୍ରହଣୀୟ । ଏହି ନୀତି ଓ ଆଦର୍ଶକୁ ସବୁ ପ୍ରଧାନମନ୍ତ୍ରୀ ଗ୍ରହଣ କରୁଛନ୍ତି ।

**(୧୦) ବିଭିନ୍ନ ପରିଷଦର ଅଧ୍ୟକ୍ଷ :** ପ୍ରଧାନମନ୍ତ୍ରୀ ଯୋଜନା କମିଶନ, ଜାତୀୟ ଉନ୍ନୟନ ପରିଷଦ, ଜାତୀୟ ସଂହତି ପରିଷଦର ଅଧ୍ୟକ୍ଷ ଅଟନ୍ତି ।

**ଭୂମିକା :** ପ୍ରଧାନମନ୍ତ୍ରୀ ଦେଶର ଶାସନ ମୁଖ୍ୟ । ତାଙ୍କର ଦକ୍ଷତା ଉପରେ ଦେଶର ପ୍ରଗତି ଓ ବିକାଶ ନିର୍ଭର କରେ । ସେ ମନ୍ତ୍ରୀମଣ୍ଡଳର ବିଭାଗ ଅଦଳବଦଳ କରନ୍ତି । ସେ ମନ୍ତ୍ରୀମଣ୍ଡଳର ସୂତ୍ରଧର ଅଟନ୍ତି । ପ୍ରଧାନମନ୍ତ୍ରୀ ସମାସ୍କନ୍ଧ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଥମ ଅଟନ୍ତି । ସେ କ୍ଷୁଦ୍ର ତାରକାମାନଙ୍କ ମଧ୍ୟରେ ଚନ୍ଦ୍ର ସଦୃଶ । ତାଙ୍କର ଭୂମିକା ଯଦି ସୂର୍ଯ୍ୟ ସହ ତୁଳନୀୟ ଅନ୍ୟ ମନ୍ତ୍ରୀମାନେ ଗ୍ରହଭଳି ତାଙ୍କ ଚାରିପଟେ ଘୂରିବୁଲନ୍ତି । ସେ କ୍ଷମତାର ମୂଳପିଣ୍ଡ । ପ୍ରଧାନମନ୍ତ୍ରୀ ଇସ୍ତଫା ଦେଲେ ମନ୍ତ୍ରୀମଣ୍ଡଳ ଭାଙ୍ଗିଯାଏ । ସେ ମନ୍ତ୍ରୀମଣ୍ଡଳର ଭଲମନ୍ଦ କାର୍ଯ୍ୟପାଇଁ ସଂସଦ ନିକଟରେ ଉତ୍ତରଦାୟୀ ଅଟନ୍ତି । ଏହି ପଦର ମର୍ଯ୍ୟାଦା ତାଙ୍କର ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ । ସଂସଦୀୟ ସରକାର ବଦଳରେ ପ୍ରଧାନମନ୍ତ୍ରୀଙ୍କର ଶାସନ ପ୍ରଚଳିତ ହୋଇଥାଏ ।

**୧୪.୩.୨ କେନ୍ଦ୍ର ମନ୍ତ୍ରିମଣ୍ଡଳର ଗଠନ ଓ କାର୍ଯ୍ୟାବଳୀ**

**କେନ୍ଦ୍ର ମନ୍ତ୍ରିମଣ୍ଡଳର ଗଠନ :** **ମନ୍ତ୍ରିମଣ୍ଡଳର ଖିଲାପ ପ୍ରସ୍ତର ହେଉଛନ୍ତି ପ୍ରଧାନମନ୍ତ୍ରୀ** । ଲୋକସଭାର ସଂଖ୍ୟାଗରିଷ୍ଠ ସମର୍ଥନ ଉପଭୋଗ କରୁଥିବା ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ପଦରେ ନିଯୁକ୍ତି ଦିଅନ୍ତି । ଲୋକସଭାରେ କୌଣସି ଗୋଟିଏ ଦଳର ସଂଖ୍ୟା ଗରିଷ୍ଠତା ନ ଥିବା ପରିସ୍ଥିତିରେ ରାଷ୍ଟ୍ରପତି ନିଜର ବିଶେଷ ଅଧିକାର ବ୍ୟବହାର କରିପାରନ୍ତି । ଯଦି କେତେକ ଦଳ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ ଭିତ୍ତିରେ ମିଳିତ ଭାବେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦିଅନ୍ତି, ତାହା ହେଲେ ଏହି ମିଳିତ ଦଳର ନେତାଙ୍କୁ ସରକାର ଗଢ଼ିବାକୁ ରାଷ୍ଟ୍ରପତି ନିମନ୍ତ୍ରଣ କରନ୍ତି ଓ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୁଏ । ଗୋଟିଏ ଦଳର ସରକାର ଲୋକସଭାର ସଂଖ୍ୟାଗରିଷ୍ଠ ସମର୍ଥନ ହରାଇଲେ ଇସ୍ତଫା ଦିଏ ଓ ରାଷ୍ଟ୍ରପତି ଅନ୍ୟ ଏକ ଦଳ ବା ଗୋଷ୍ଠୀର ନେତାଙ୍କୁ ବିକଳ୍ପ ସରକାର ଗଢ଼ିବାର ସୁଯୋଗ ଦିଅନ୍ତି ଓ ଏହା ସମ୍ଭବ ନ ହେଲେ ଲୋକସଭା ଭାଙ୍ଗି ଦେଇ ପୁନି ନିର୍ବାଚନ କରିବାର ନିର୍ଦ୍ଦେଶ ଦେଇଥା'ନ୍ତି । ମିଳିତ ମନ୍ତ୍ରିମଣ୍ଡଳ ବର୍ତ୍ତମାନ ଏକ ରାଜନୈତିକ ସଂସ୍କୃତିରେ ପରିଣତ ହୋଇଛି ।

ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ପରେ ତାଙ୍କ ସୁପାରିଶ କ୍ରମେ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନଙ୍କୁ ନିଯୁକ୍ତି ଦିଆଯାଏ । ମନ୍ତ୍ରିମଣ୍ଡଳରେ ସାଧାରଣତଃ ତିନି ଶ୍ରେଣୀର ମନ୍ତ୍ରି ଥାଆନ୍ତି, ଯଥା- କ୍ୟାବିନେଟ୍ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ । ଚତୁର୍ଥ ଶ୍ରେଣୀୟ ମନ୍ତ୍ରୀ ରୂପେ ସଂସଦୀୟ ସଚୀବମାନେ ରହିଥା'ନ୍ତି । ମନ୍ତ୍ରୀ ଚୟନ ଓ ବିଭାଗ ବଣ୍ଟନ ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାଧୀନ କ୍ଷମତା । ମନ୍ତ୍ରୀମଣ୍ଡଳର ଆକାର ଲୋକସଭାର ମୋଟ ସଭ୍ୟ ସଂଖ୍ୟାର ଶତକଡ଼ା ୧୫ ଠାରୁ ଅଧିକ ହେବ ନାହିଁ ବୋଲି ବ୍ୟବସ୍ଥା ରହିଛି । ମନ୍ତ୍ରୀଙ୍କ କାର୍ଯ୍ୟକାଳ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସଭାଜନୀୟତା ଉପରେ ନିର୍ଭର କରେ ।

**ମନ୍ତ୍ରୀମଣ୍ଡଳର କାର୍ଯ୍ୟାବଳୀ :**

**(୧) ନୀତି ନିର୍ଦ୍ଧାରଣ :** ମନ୍ତ୍ରିମଣ୍ଡଳ ଉଭୟ ଘରୋଇ ଓ ବୈଦେଶିକ ନୀତି ନିର୍ଦ୍ଧାରଣ କରେ । ରାଷ୍ଟ୍ରପତିଙ୍କ ଅଭିଭାଷଣ ମନ୍ତ୍ରିମଣ୍ଡଳ ଦ୍ୱାରା ପ୍ରସ୍ତୁତ ହୋଇଥାଏ । ସରକାରଙ୍କ ସମସ୍ତ ନୀତିନିୟମ ମନ୍ତ୍ରିମଣ୍ଡଳ ଦ୍ୱାରା ନିର୍ଦ୍ଧାରଣ କରାଯାଏ ।

**(୨) ନୀତି ନିୟମର କାର୍ଯ୍ୟକାରିତା :** ନୀତି ପ୍ରଣୟନ ପାଇଁ ମନ୍ତ୍ରିପରିଷଦ ପ୍ରସ୍ତାବ ଦିଏ, କିନ୍ତୁ ସଂସଦର ଅନୁମୋଦନ ଓ ରାଷ୍ଟ୍ରପତିଙ୍କ ସ୍ୱୀକୃତି ସହ ଏହା ନୀତିରେ ପରିଣତ ହୁଏ । ବିଭିନ୍ନ ମନ୍ତ୍ରଣାଳୟ ଓ ପ୍ରଶାସନିକ ସଂସ୍ଥା ଏହି ନୀତିଗୁଡ଼ିକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିଥା'ନ୍ତି । ମନ୍ତ୍ରୀମାନେ ଏହି କାର୍ଯ୍ୟକାରିତାକୁ ନିଜ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ ସମ୍ପାଦନ କରୁଥିବାରୁ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ସେମାନେ ହିଁ ସଂସଦ ନିକଟରେ ଉତ୍ତରଦାୟୀ ରହନ୍ତି । ମନ୍ତ୍ରୀମାନେ ବିଭିନ୍ନ ପ୍ରଶାସନିକ ବିଭାଗର ରାଜନୈତିକ ମୁଖ୍ୟ ଅଟନ୍ତି ।

**(୩) ଅନ୍ତଃ ବିଭାଗୀୟ ସମନ୍ୱୟ :** ଜନସଙ୍ଗଳ ଓ ସମାଜବାଦୀ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ କାର୍ଯ୍ୟଭାର ବୃଦ୍ଧି ପାଇଛି । ଏଣୁ ବିଭିନ୍ନ ପ୍ରଶାସନିକ ବିଭାଗ ସ୍ଥାପନ କରାଯାଇଛି । ସେହି ବିଭାଗଗୁଡ଼ିକ ମଧ୍ୟରେ ବିବାଦ ଦେଖାଗଲେ ଶାସନ ଦୁର୍ବଳ ଓ ଅଦକ୍ଷ ହୋଇଯାଉଥିବାରୁ ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ ମନ୍ତ୍ରୀମାନଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ସମନ୍ୱୟ ପ୍ରତିଷ୍ଠା ହୋଇଥାଏ । ଏହା ଫଳରେ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଏ ।

**(୪) ବ୍ୟବସ୍ଥାପିକା କାର୍ଯ୍ୟବଳୀ :** ମନ୍ତ୍ରିମଣ୍ଡଳ ବିଧେୟକ ପ୍ରସ୍ତୁତ କରିଥାଏ । ସଂସଦରେ ଏହାର ଉପସ୍ଥାପନା ଓ ପରିଚାଳନାର ଭାର ମନ୍ତ୍ରୀମାନଙ୍କ ଉପରେ ନ୍ୟସ୍ତ ହୋଇଛି । ସଂସଦରେ ମନ୍ତ୍ରିମଣ୍ଡଳ ସଂଖ୍ୟାଗରିଷ୍ଠ ସମର୍ଥନ ଉପଭୋଗ କରୁଥିବା ହେତୁ ନିଜର ସମସ୍ତ ବିଧେୟକକୁ ଗୃହୀତ କରିବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହୁଏ ନାହିଁ । ମନ୍ତ୍ରୀମାନେ ବିଧେୟକ ସମ୍ପର୍କୀୟ ସମସ୍ତ ପ୍ରଶ୍ନର ଉତ୍ତର ସଂସଦର ସଭ୍ୟମାନଙ୍କୁ ଦେଇଥା'ନ୍ତି । ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ମନ୍ତ୍ରିମଣ୍ଡଳ ପ୍ରସ୍ତୁତ କରିଥାଏ । ରାଷ୍ଟ୍ରପତିଙ୍କ ଦ୍ୱାରା ଜାରୀ ଅଧ୍ୟାଦେଶର ଚୂଡ଼ାନ୍ତ ରୂପରେଖ କ୍ୟାବିନେଟ୍ ଦ୍ୱାରା ହିଁ ପ୍ରସ୍ତୁତ ହୋଇଥାଏ ।

**(୫) ବଜେଟ୍ ପ୍ରସ୍ତୁତି :** ଯଦିଓ ଅର୍ଥମନ୍ତ୍ରୀ ସଂସଦର ବଜେଟ୍ ଉପସ୍ଥାପନ କରନ୍ତି ଓ ପ୍ରସ୍ତୁତିରେ ମୁଖ୍ୟ ଭୂମିକା ଗ୍ରହଣ କରିଥା'ନ୍ତି । ତଥାପି ଅନ୍ୟ ମନ୍ତ୍ରଣାଳୟ ତାଙ୍କୁ ଏଥିପାଇଁ ସାହାଯ୍ୟ କରିଥାଏ । କ୍ୟାବିନେଟ୍‌ରେ ଆଲୋଚିତ ଓ ଅନୁମୋଦିତ ବଜେଟ୍ ଲୋକସଭାରେ ଆଗତ ହୋଇଥାଏ । କରଧାର୍ଯ୍ୟ ପ୍ରସ୍ତାବ ମନ୍ତ୍ରିମଣ୍ଡଳ ଦ୍ୱାରା ହିଁ ଅନୁମୋଦିତ ହୋଇଥାଏ ।

**(୬) ରାଷ୍ଟ୍ରପତିଙ୍କୁ ପରାମର୍ଶ :** ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଥିବା ମନ୍ତ୍ରିମଣ୍ଡଳର ବିନା ପରାମର୍ଶ ବା ପରାମର୍ଶର ବିରୁଦ୍ଧାଚରଣ କରି ରାଷ୍ଟ୍ରପତି ନିଜର ସାମ୍ବିଧାନିକ କାର୍ଯ୍ୟ ସମ୍ପାଦନ କରିପାରନ୍ତି ନାହିଁ । ଏଣୁ ମନ୍ତ୍ରିମଣ୍ଡଳ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ରୂପେ କାର୍ଯ୍ୟକରେ । କ୍ୟାବିନେଟ୍‌ର ଲିଖିତ ପରାମର୍ଶ ନ ପାଇଲେ ରାଷ୍ଟ୍ରପତି ଜାତୀୟ ପରିସ୍ଥିତି ଘୋଷଣା କରିପାରିବେ ନାହିଁ ବୋଲି ବ୍ୟବସ୍ଥା ରହିଛି ।

**(୭) ଜରୁରୀ ପରିସ୍ଥିତି ଜାରୀ ସମ୍ବନ୍ଧୀୟ କାର୍ଯ୍ୟ :** କୌଣସି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବାପାଇଁ ରାଜ୍ୟପାଳ ଯେଉଁ ରିପୋର୍ଟ ପଠାଇଥା'ନ୍ତି, ତାହା କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ ହେବା ପରେ ରାଜ୍ୟ ଜରୁରୀ ପରିସ୍ଥିତି ଘୋଷଣାନାମାରେ ରାଷ୍ଟ୍ରପତି ସ୍ୱାକ୍ଷର କରିଥା'ନ୍ତି ।

**(୮) ସଂସଦୀୟ କାର୍ଯ୍ୟ ଉପରେ ନିୟନ୍ତ୍ରଣ :** ସଂସଦର ଅଧିବେଶନ ନିମିତ୍ତ ସମୟସୀମା ଧାର୍ଯ୍ୟ, କାର୍ଯ୍ୟସୂଚୀ ପ୍ରସ୍ତୁତି ଆଦି ମନ୍ତ୍ରିମଣ୍ଡଳ ଦ୍ୱାରା ଚୂଡ଼ାନ୍ତ ହୋଇଥାଏ । ସଂସଦୀୟ ବ୍ୟବସ୍ଥାରେ ସଂସଦ ମନ୍ତ୍ରୀମଣ୍ଡଳକୁ ନିୟନ୍ତ୍ରଣ କରିବା ଉଚିତ୍, ମାତ୍ର ଲୋକସଭାର ସଂଖ୍ୟାଗରିଷ୍ଠ ସମର୍ଥନ ଉପଭୋଗ କରୁଥିବା ପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳ ସଂସଦକୁ ନିୟନ୍ତ୍ରଣ କରିଥାଏ ।

**ମନ୍ତ୍ରୀମଣ୍ଡଳର ଭୂମିକା :**

(i) ସଂସଦୀୟ ସରକାରରେ ମନ୍ତ୍ରିମଣ୍ଡଳ ହିଁ ଶାସନର ବାସ୍ତବ କର୍ଣ୍ଣଧାର ଅଟେ ।

(ii) ନିଜର ସଂଖ୍ୟା ଗରିଷ୍ଠତା ଓ ଦୃଢ଼ ଦଳୀୟ ଶୃଙ୍ଖଳା ନୀତିର ଉପଯୋଗ କରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ହିଁ ସଂସଦକୁ ନିୟନ୍ତ୍ରଣ କରିଥାଏ ।

(iii) ସଂସଦୀୟ ଶାସନ ବ୍ୟବସ୍ଥା ମନ୍ତ୍ରିମଣ୍ଡଳୀୟ ବା କ୍ୟାବିନେଟ୍ ସରକାରରେ ରୂପାନ୍ତରିତ ହୋଇଯାଇଛି ।

(iv) ସାଧାରଣ ଅର୍ଥରେ ମନ୍ତ୍ରିମଣ୍ଡଳ ହିଁ ସରକାର ଅଟେ ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ହୁଏ ଯେ, ଭାରତର ଶାସନକଳ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ଦ୍ୱାରା ପରିଚାଳିତ ହୋଇଥାଏ । ରାମ୍‌ସେ ମୁର୍‌ଙ୍କ ଭାଷାରେ, "ମନ୍ତ୍ରିମଣ୍ଡଳ ହେଉଛି ରାଷ୍ଟ୍ର ରୂପକ ଜାହାଜରେ ଘୂର୍ଣ୍ଣାୟମାନ ଚକ" (Steering

wheel of the ship of the state) । ମାରିଅଟ୍‌ଙ୍କ ମତରେ ମନ୍ତ୍ରିମଣ୍ଡଳ ହେଉଛି " ଏକ କେନ୍ଦ୍ରବିନ୍ଦୁ ଯାହାର ଚାରିପଟେ ସବୁ ରାଜନୈତିକ ସଂସ୍ଥା ଘୂରି ବୁଲୁଥାଏ ।" (The pivot round which the whole political machinery revolves.) ବେଜ୍‌ହେଟ୍‌ଙ୍କ ମତରେ " କ୍ୟାବିନେଟ୍ ହେଉଛି ଏକ ସଂଯୋଗକାରୀ ମାଧ୍ୟମ ଯାହା କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକାକୁ ଏକତ୍ର ବାନ୍ଧି ରଖିପାରେ ।"

## ୧୪.୪ ରାଜ୍ୟପାଳ ଯୋଗ୍ୟତା, ନିଯୁକ୍ତି ଓ କାର୍ଯ୍ୟକାଳ

ରାଜ୍ୟପାଳ ରାଜ୍ୟର ମୁଖ୍ୟ କାର୍ଯ୍ୟପାଳିକା ଅଟନ୍ତି । ସେ ୧୫୫ ଧାରା ବଳରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି । ତାଙ୍କର ସାଧାରଣ କାର୍ଯ୍ୟକାଳ ୫ ବର୍ଷ ହୋଇଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ଆସ୍ଥାଭାଜନ ଥିବା ପର୍ଯ୍ୟନ୍ତ ସେ ନିଜର ପଦରେ ରହିଥା'ନ୍ତି । ନିଜର ନିର୍ଦ୍ଧାରିତ କାର୍ଯ୍ୟକାଳ ପୂର୍ଣ୍ଣହେବା ପୂର୍ବରୁ ସେ ଇସ୍ତଫା ଦେଇପାରନ୍ତି କିମ୍ବା ରାଷ୍ଟ୍ରପତିଙ୍କ ଦ୍ୱାରା ପଦଚ୍ୟୁତ ହୁଅନ୍ତି । ୩୫ ବର୍ଷରୁ ଊର୍ଦ୍ଧ୍ୱ ଯେକୌଣସି ଭାରତୀୟ ନାଗରିକ କୌଣସି ବ୍ୟବସ୍ଥାପିକାର ସଭ୍ୟ ହୋଇନଥିବା ଏବଂ ସରକାରଙ୍କ ସହ ଲାଭଜନକ ବ୍ୟବସାୟରେ ସମ୍ପୃକ୍ତ ନ ଥିବା ପରିସ୍ଥିତିରେ ରାଷ୍ଟ୍ରପତିଙ୍କ ଦ୍ୱାରା ରାଜ୍ୟପାଳ ରୂପେ ନିଯୁକ୍ତି ହୋଇପାରନ୍ତି । ଏକ ଅଲିଖିତ ପରମ୍ପରା ଅନୁଯାୟୀ ଗୋଟିଏ ରାଜ୍ୟର ଅଧିବାସୀ ସେହି ରାଜ୍ୟର ରାଜ୍ୟପାଳ ରୂପେ ନିଯୁକ୍ତ ହୋଇ ନଥା'ନ୍ତି ।

### ୧୪.୪.୧ କ୍ଷମତା ଓ ପଦମର୍ଯ୍ୟାଦା

**(i) କାର୍ଯ୍ୟପାଳିକା କ୍ଷମତା :** ଭାରତ ସମ୍ବିଧାନର ୧୫୪ ଧାରା ଅନୁଯାୟୀ ରାଜ୍ୟର ସମସ୍ତ ପ୍ରଶାସନିକ କ୍ଷମତା ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ ହୋଇଛି । ଏହି କ୍ଷମତାକୁ ସେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଥିବା ମନ୍ତ୍ରିପରିଷଦର ସହଯୋଗ ଓ ପରାମର୍ଶ କ୍ରମେ ବ୍ୟବହାର କରିଥା'ନ୍ତି । ତାଙ୍କର କାର୍ଯ୍ୟପାଳିକା କ୍ଷମତା ମଧ୍ୟରେ ପ୍ରଶାସନିକ କର୍ମଚାରୀଙ୍କ ନିଯୁକ୍ତି ଓ ବହିଷ୍କାର ଅନ୍ତର୍ଭୁକ୍ତ । ବିଧାନସଭାର ସଂଖ୍ୟାଗରିଷ୍ଠ ସମର୍ଥନ ଉପଭୋଗ କରୁଥିବା ବ୍ୟକ୍ତିଙ୍କୁ ସେ ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତି ଏବଂ ତାଙ୍କ ସୁପାରିଶ କ୍ରମେ ରାଜ୍ୟ ମନ୍ତ୍ରିପରିଷଦର ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେଇଥା'ନ୍ତି । ସେ ରାଜ୍ୟ ସାଧାରଣ ସେବା ଆୟୋଗର ସଭ୍ୟ ଓ ଅଧ୍ୟକ୍ଷ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରାଜ୍ୟର ମୁଖ୍ୟ ଅଧିବକ୍ତା ଇତ୍ୟାଦିଙ୍କୁ ନିଯୁକ୍ତି ପ୍ରଦାନ କରିଥା'ନ୍ତି । ରାଜ୍ୟର ସାମ୍ବିଧାନିକ ଶାସନ ସମ୍ବନ୍ଧରେ ସେ ରାଷ୍ଟ୍ରପତିଙ୍କୁ ପ୍ରତି ୧୫ ଦିନରେ ଥରେ ତଥ୍ୟ ପ୍ରଦାନ କରନ୍ତି । ତାଙ୍କ ସୁପାରିଶ କ୍ରମେ ରାଜ୍ୟର ସାମ୍ବିଧାନିକ ଶାସନ ଭୁଷୁଡ଼ି ପଡ଼ିଥିବା ପରିସ୍ଥିତିରେ ରାଷ୍ଟ୍ରପତି ୩୫୬ ଧାରା ଧାରା ଅନୁଯାୟୀ ରାଷ୍ଟ୍ରପତି ଶାସନ ଜାରି କରିଥା'ନ୍ତି । ସେହି ସମୟରେ ସେ ବାସ୍ତବ କାର୍ଯ୍ୟପାଳିକା ରୂପେ କାର୍ଯ୍ୟ ସମ୍ପାଦନ କରନ୍ତି ।

**(ii) ବ୍ୟବସ୍ଥାପିକା କ୍ଷମତା :** ରାଜ୍ୟପାଳ ରାଜ୍ୟ ବ୍ୟବସ୍ଥାପକ ଓ ସଭାର ଏକ ଅବିଚ୍ଛେଦ୍ୟ ଅଂଶ ଅଟନ୍ତି । ସେ ବିଧାନସଭାର ଅଧିବେଶନ ଆହ୍ୱାନ, ସ୍ଥଗିତ ଓ ଭଙ୍ଗ କରିବା ନିଷ୍ପତ୍ତି ଗ୍ରହଣ କରନ୍ତି । ନିର୍ଦ୍ଧାରିତ କାର୍ଯ୍ୟକାଳ ପୂର୍ବରୁ ମନ୍ତ୍ରିମଣ୍ଡଳ ଗଠନ ହୋଇ ପାରୁ ନଥିବା ପରିସ୍ଥିତିରେ ରାଜ୍ୟପାଳ ବିଧାନସଭାକୁ ଭାଙ୍ଗିଦେଇ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ଘୋଷଣା କରନ୍ତି । ରାଜ୍ୟ ବ୍ୟବସ୍ଥାପିକା ଦ୍ୱାରା ଗୃହୀତ କୌଣସି ବିଧେୟକ ରାଜ୍ୟପାଳଙ୍କର ସ୍ୱାକ୍ଷର ବିନା ଆଇନ୍‌ରେ ପରିଣତ ହୋଇପାରେ ନାହିଁ । ଏହି କ୍ଷେତ୍ରରେ ରାଜ୍ୟପାଳ ତାଙ୍କର " ସ୍ଥଗିତ ଭିଟୋ" କ୍ଷମତା ବ୍ୟବହାର କରିପାରନ୍ତି । ସେ ରାଷ୍ଟ୍ରପତିଙ୍କ ବିଚାରପାଇଁ ମଧ୍ୟ ଏକ ବିଧେୟକକୁ ପ୍ରେରଣ କରିପାରନ୍ତି । ବ୍ୟବସ୍ଥାପିକାର ଅଧିବେଶନ ବସିନଥିବା ସମୟରେ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟପାଳ 'ଅଧ୍ୟାଦେଶ' ଜାରି କରିପାରନ୍ତି । ବିଧାନସଭାର ପ୍ରତ୍ୟେକ ବର୍ଷର ପ୍ରଥମ ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣ ସହ ଆରମ୍ଭ ହୁଏ ।

**(iii) ଆର୍ଥିକ କ୍ଷମତା :** ରାଜ୍ୟପାଳ ପ୍ରତ୍ୟେକ ବର୍ଷର ବାର୍ଷିକ ଆୟବ୍ୟୟର ବିବରଣୀ ବା ବଜେଟ୍ ଅର୍ଥମନ୍ତ୍ରୀଙ୍କ ଜରିଆରେ ରାଜ୍ୟ ବିଧାନସଭାରେ ଆଗତ କରନ୍ତି । ରାଜ୍ୟପାଳଙ୍କ ପୂର୍ବ ଅନୁମତି ବିନା କୌଣସି ଅର୍ଥ ବିଧେୟକକୁ ବିଧାନସଭାରେ ଆଗତ

କରାଯାଇ ପାରେନାହିଁ । ସମ୍ବିଧାନର ୨୬୭(୨) ଧାରା ଅନୁଯାୟୀ ରାଜ୍ୟ ଆକସ୍ମିକ ପାଣ୍ଠି ରାଜ୍ୟପାଳଙ୍କ ଅଧୀନରେ ରହିଥାଏ । ମହାହିସାବ ରକ୍ଷକଙ୍କ ବାର୍ଷିକ ରିପୋର୍ଟ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ଗୃହରେ ଉପସ୍ଥାପନ କରାଯାଇଥାଏ ।

**(iv) ନ୍ୟାୟିକ କ୍ଷମତା :** ରାଜ୍ୟ ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ନିଯୁକ୍ତି କ୍ଷେତ୍ରରେ ରାଷ୍ଟ୍ରପତି ରାଜ୍ୟପାଳଙ୍କ ପରାମର୍ଶ ମାଗିପାରନ୍ତି । ରାଜ୍ୟପାଳ ରାଜ୍ୟରେ ଥିବା ଅଧସ୍ତନ ନ୍ୟାୟାଳୟର ବିଚାରପତିମାନଙ୍କୁ ନିଯୁକ୍ତି ଦିଅନ୍ତି । ସମ୍ବିଧାନ ୧୬୧ ଧାରାର ବ୍ୟବସ୍ଥା ଅନୁଯାୟୀ ସେ ରାଜ୍ୟ ଆଇନକୁ ଭଙ୍ଗକରି ଦୋଷୀ ସାବ୍ୟସ୍ତ ଅପରାଧିର ଆବେଦନକ୍ରମେ ତାଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରିପାରନ୍ତି, କିମ୍ବା ଦଣ୍ଡାଦେଶକୁ ସ୍ଥଗିତ ରଖିପାରନ୍ତି କିମ୍ବା ଦଣ୍ଡଭାରକୁ ଲାଘବ କରିପାରନ୍ତି ।

**(v) ସ୍ୱେଚ୍ଛାଧିନ କ୍ଷମତା :** ମୁଖ୍ୟମନ୍ତ୍ରୀଙ୍କ ବିନା ପରାମର୍ଶରେ ରାଜ୍ୟପାଳ କୌଣସି ସାମ୍ବିଧାନିକ କାର୍ଯ୍ୟ ସମ୍ପାଦନ କରିପାରୁ ନଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ନିମ୍ନଲିଖିତ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ବିନା ପରାମର୍ଶରେ ମଧ୍ୟ ସେ କେତେକ କାର୍ଯ୍ୟ ସମ୍ପାଦନ କରିପାରନ୍ତି –

(a) ବିଧାନସଭାରେ କୌଣସି ଦଳ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିପାରିନଥିବା ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ;

(b) ବିଧାନସଭା ଭଙ୍ଗ ସଂକ୍ରାନ୍ତୀୟ ନିଷ୍ପତ୍ତି ।

(c) ରାଜ୍ୟର ସାମ୍ବିଧାନିକ ଶାସନ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ତଥ୍ୟ ପ୍ରଦାନ ଓ ୩୫୬ ଧାରା ଜାରୀ ପାଇଁ ସୁପାରିଶ ।

(d) ୨୦୦ ଧାରାର ବ୍ୟବସ୍ଥା ଅନୁଯାୟୀ ରାଷ୍ଟ୍ରପତିଙ୍କ ବିଚାରପାଇଁ ରାଜ୍ୟ ବିଧେୟକକୁ ପ୍ରେରଣ ।

(e) ବିଧାନସଭାରେ ସଂଖ୍ୟାଗରିଷ୍ଠତା ହରାଇଥିବା ମନ୍ତ୍ରିପରିଷଦର ବହିଷ୍କାର ।

**(vi) ରାଜ୍ୟପାଳଙ୍କ ପଦମର୍ଯ୍ୟାଦା :** ରାଜ୍ୟପାଳମାନେ ୧୯୬୭ ମସିହାର ୪ର୍ଥ ସାଧାରଣ ନିର୍ବାଚନ ପରଠାରୁ ରାଜ୍ୟପାଳମାନେ ଏକ ବିବାଦମାନ ପଦବୀ ଓ ଭୂମିକା ଗ୍ରହଣ କରୁଛନ୍ତି । କେନ୍ଦ୍ରରେ ଥିବା ଶାସକଦଳ ରାଜ୍ୟପାଳମାନଙ୍କୁ ନିଜଦଳ ଶାସନରେ ନଥିବା ରାଜ୍ୟରେ ପ୍ରଶାସନିକ ଅସ୍ଥିରତା ସୃଷ୍ଟି କରିବାପାଇଁ ଏକ ମାଧ୍ୟମ ରୂପେ ଗ୍ରହଣ କରୁଛନ୍ତି । ଏହା ଫଳରେ ତାମିଲନାଡୁର ରାଜ୍ୟପାଳ ଫତିମା ବିବିଙ୍କ ପରି ଉଚ୍ଚ ବ୍ୟକ୍ତିତ୍ୱ ସମ୍ପନ୍ନ ରାଜ୍ୟପାଳମାନେ ମଧ୍ୟ ସମାଲୋଚନାର ଶୀକାର ହେଉଛନ୍ତି । ଏଣୁ ଓଡ଼ିଶାର ପୂର୍ବତନ ରାଜ୍ୟପାଳ କାର୍ଟୁଜଙ୍କ ଯଥାର୍ଥରେ ମତ ଦେଇଥିଲେ ଯେ ରାଜ୍ୟପାଳମାନେ ନିଜର ସାମ୍ବିଧାନିକ ପଦମର୍ଯ୍ୟାଦା ରକ୍ଷା ପାଇଁ ରାଜ୍ୟର ଦୈନନ୍ଦିନ ରାଜନୀତିରେ ନିଜକୁ ଜଡ଼ିତ ରଖିବା ଉଚିତ ନୁହେଁ । ସେ ରାଜ୍ୟ ସ୍ତରରେ ପ୍ରଚଳିତ ସଂସଦୀୟ ଶାସନ ବ୍ୟବସ୍ଥାର ନାମକୁ ମାତ୍ର କାର୍ଯ୍ୟପାଳିକା ରୂପେ ନିଜର ଭୂମିକା ଗ୍ରହଣ କରିବା ଉଚିତ ।ର ସେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ହିସାବରେ ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ କାର୍ଯ୍ୟ କରିବା ଆବଶ୍ୟକ । ଡି.ଡି.ବସୁଙ୍କ ମତରେ " ରାଜ୍ୟପାଳ ରାଜ୍ୟ ସରକାର ଓ ବିରୋଧିଦଳମାନଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ମେଣ୍ଟାଇ ରାଜ୍ୟ ଶାସନକୁ ଫଳପ୍ରଦ କରାଇଥା'ନ୍ତି । ସାଧାରଣ ସମୟରେ ସେ କ୍ଷମତାଶାଳୀ ନୁହଁନ୍ତି, କିନ୍ତୁ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ନୁହେଁ । ରାଷ୍ଟ୍ରପତି ଶାସନ ସମୟରେ ସେ ବହୁତ କ୍ଷମତାଶାଳୀ ହୋଇଥା'ନ୍ତି । କେ. ଏମ୍. ମୁନ୍‌ସୀଙ୍କ ମତରେ " ସେ ସାମ୍ବିଧାନିକ ଔଚିତ୍ୟ (Propriety)ର ରକ୍ଷାକବଚ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂଯୋଗ ରକ୍ଷାକାରୀ ।

### ୧୪.୫ ମୁଖ୍ୟମନ୍ତ୍ରୀ - ନିଯୁକ୍ତି ଓ କାର୍ଯ୍ୟକାଳ

ରାଜ୍ୟ ସ୍ତରରେ ରାଜ୍ୟପାଳ ନାମକୁମାତ୍ର କାର୍ଯ୍ୟପାଳିକା ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଥିବା ମନ୍ତ୍ରୀ ପରିଷଦ ବାସ୍ତବ କାର୍ଯ୍ୟପାଳିକା ରୂପେ କାର୍ଯ୍ୟ ସମ୍ପାଦନ କରିଥାଏ । ସମ୍ବିଧାନର ୧୬୩ ଧାରା ଅନୁଯାୟୀ ରାଜ୍ୟପାଳଙ୍କୁ ତାଙ୍କ ସାମ୍ବିଧାନିକ କାର୍ଯ୍ୟ ସମ୍ପାଦନ ପାଇଁ ସହଯୋଗ ଓ ପରାମର୍ଶ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମନ୍ତ୍ରି ପରିଷଦ ରହିଛି ।

ରାଜ୍ୟର ସାଧାରଣ ନିର୍ବାଚନ ପରେ ରାଜ୍ୟ ବିଧାନସଭାର ସଂଖ୍ୟାଗରିଷ୍ଠ ଦଳର ନେତା ବା ସଂଖ୍ୟାଗରିଷ୍ଠ ସମର୍ଥନ ଉପଭୋଗ କରୁଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ୧୬୪ ଧାରା ବଳରେ ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତି ଦିଅନ୍ତି । କୌଣସି ଦଳ ଏକକ ଭାବେ ସ୍ପଷ୍ଟ ସଂଖ୍ୟା ଗରିଷ୍ଠତା ହାସଲ କରିପାରୁନଥିଲା ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ରାଜ୍ୟପାଳଙ୍କ ସ୍ୱେଚ୍ଛାଧିନ କ୍ଷମତା ପରିସର ଭୁକ୍ତ ଅଟେ । ସେ ସର୍ତ୍ତମୂଳକ ନିଯୁକ୍ତି ଦେଇ ବିଧାନସଭାର ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେବାପାଇଁ ସମୟସୀମା ଧାର୍ଯ୍ୟ କରନ୍ତି । କୌଣସି ବ୍ୟକ୍ତିଙ୍କ ପଛରେ ସଂଖ୍ୟା ଗରିଷ୍ଠ ସମର୍ଥନ ଅଛି କି ନାହିଁ ଜାଣିବାପାଇଁ ତାଲିକା ପଦ୍ଧତି, ପ୍ୟାରେଡ୍ ପଦ୍ଧତି, ତାଲିକା ଓ ପ୍ୟାରେଡର ମିଶ୍ରିତ ପଦ୍ଧତିକୁ ସେ ଅନୁସରଣ କରିପାରନ୍ତି । ବିଧାସଭାର ସଭ୍ୟ ହୋଇନଥିବା ବ୍ୟକ୍ତିଙ୍କୁ ମଧ୍ୟ ସର୍ବୋଚ୍ଚ ୬ ମାସ ପାଇଁ ସେ ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତି ଦେଇପାରନ୍ତି । ବିଧାନସଭାର ଆସ୍ଥାଭାଜନ ହୋଇଥିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନିଜ ପଦରେ ରହନ୍ତି । ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲେ ସେ ପଦଚ୍ୟୁତ ହୁଅନ୍ତି ।

**ମୁଖ୍ୟମନ୍ତ୍ରୀଙ୍କ କ୍ଷମତା ଓ କାର୍ଯ୍ୟାବଳୀ :**

**(i) ରାଜ୍ୟ ମନ୍ତ୍ରୀମଣ୍ଡଳର ଗଠନ :** ମୁଖ୍ୟମନ୍ତ୍ରୀ ରାଜ୍ୟ ମନ୍ତ୍ରିପରିଷଦର ମୁଖ୍ୟ ଖିଲାଣ ପ୍ରସ୍ତର ଅଟନ୍ତି । ତାଙ୍କର ସୁପାରିଶ କ୍ରମେ ରାଜ୍ୟପାଳ ରାଜ୍ୟ ମନ୍ତ୍ରୀମଣ୍ଡଳର କ୍ୟାବିନେଟ୍, ରାଷ୍ଟ୍ର ଓ ଉପମନ୍ତ୍ରୀମାନଙ୍କୁ ନିଯୁକ୍ତି ଦିଅନ୍ତି । ମନ୍ତ୍ରୀମଣ୍ଡଳର ସଦସ୍ୟ ବାଛିବା ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଦାୟିତ୍ୱ ଅଟେ । ମୁଖ୍ୟମନ୍ତ୍ରୀ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରନ୍ତି । ମନ୍ତ୍ରୀମାନଙ୍କ କାର୍ଯ୍ୟକାଳ ମୁଖ୍ୟମନ୍ତ୍ରୀଙ୍କ ଆସ୍ଥା ଉପରେ ନିର୍ଭର କରେ । ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଲେ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଏ । ତାଙ୍କୁ ଯଥାର୍ଥରେ ମନ୍ତ୍ରିମଣ୍ଡଳର ଜୀବନ ଓ ମୃତ୍ୟୁ ବୋଲି ବର୍ଣ୍ଣନା କରାଯାଇଛି ।

**(ii) ମନ୍ତ୍ରୀମଣ୍ଡଳର ମୁଖ୍ୟ ଓ ଅଧ୍ୟକ୍ଷ :** ସେ ରାଜ୍ୟ ମନ୍ତ୍ରୀମଣ୍ଡଳର ମୁଖ୍ୟ ଅଟନ୍ତି । ମନ୍ତ୍ରିମଣ୍ଡଳର ଅଧିବେଶନ ଆହ୍ୱାନ, କାର୍ଯ୍ୟସୂଚୀ ନିର୍ଦ୍ଧାରଣ, ଅଧିବେଶନରେ ଅଧ୍ୟକ୍ଷତା ଆଦି କାର୍ଯ୍ୟ ସେ ସମ୍ପାଦନ କରନ୍ତି । ତାଙ୍କ ନିଷ୍ପତ୍ତିକୁ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇ ରାଜ୍ୟ ମନ୍ତ୍ରିମଣ୍ଡଳୀୟ ନିଷ୍ପତ୍ତି ହିସାବରେ ଗ୍ରହଣ କରାଯାଏ ।

**(iii) ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା :** ମୁଖ୍ୟମନ୍ତ୍ରୀ ମନ୍ତ୍ରିପରିଷଦର ମୁଖ୍ୟ ହିସାବରେ ରାଜ୍ୟପାଳଙ୍କର ମୁଖ୍ୟ ପରାମର୍ଶଦାତା ରୂପେ କାର୍ଯ୍ୟ କରନ୍ତି । ତାଙ୍କର ବିନା ପରାମର୍ଶରେ ବା ପରାମର୍ଶର ବିରୁଦ୍ଧାଚରଣ କରି ରାଜ୍ୟପାଳ କୌଣସି କାର୍ଯ୍ୟ ସମ୍ପାଦନ କରିପାରନ୍ତି ନାହିଁ । ବିଧାନସଭାର ସଂଖ୍ୟାଗରିଷ୍ଠ ସମର୍ଥନ ଉପଭୋଗ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ମାନିବାପାଇଁ ରାଜ୍ୟପାଳ ବାଧ୍ୟ ଅଟନ୍ତି ।

**(iv) ମନ୍ତ୍ରିପରିଷଦ ଓ ରାଜ୍ୟପାଳଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା :** ସମ୍ବିଧାନର ୧୬୭ ଧାରା ଅନୁସାରେ ମୁଖ୍ୟମନ୍ତ୍ରୀ ରାଜ୍ୟ ମନ୍ତ୍ରି ପରିଷଦର ନିଷ୍ପତ୍ତି ରାଜ୍ୟପାଳଙ୍କୁ ଜଣାନ୍ତି ଓ ମନ୍ତ୍ରିପରିଷଦ ତଥା ରାଜ୍ୟପାଳଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରନ୍ତି । ଜଣେ ମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା କୌଣସି ନିଷ୍ପତ୍ତି ମନ୍ତ୍ରିମଣ୍ଡଳ ଦ୍ୱାରା ବିଚାର କରାଯିବା ପାଇଁ ଯଦି ରାଜ୍ୟପାଳ ଚାହାଁନ୍ତି ତେବେ ମୁଖ୍ୟମନ୍ତ୍ରୀ ତାହା କରାଇବାରେ ବ୍ୟବସ୍ଥା କରନ୍ତି ।

**(v) ମୁଖ୍ୟ ସମନ୍ୱୟ ରକ୍ଷାକାରୀ :** ମୁଖ୍ୟମନ୍ତ୍ରୀ ମନ୍ତ୍ରିପରିଷଦ ଓ ରାଜ୍ୟ ବ୍ୟବସ୍ଥାପିକା ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି । ଗୃହର ଅଧିବେଶନ ଆହ୍ୱାନ ତାରିଖ ଓ କାର୍ଯ୍ୟସୂଚୀ ସମ୍ପର୍କରେ ତାଙ୍କୁ ପରାମର୍ଶ କରାଯାଏ । ସେ ବିଧାନସଭାର ନେତା ରୂପେ କାର୍ଯ୍ୟ କରନ୍ତି । ମୁଖ୍ୟମନ୍ତ୍ରୀ ଅନ୍ୟ ମନ୍ତ୍ରୀମାନଙ୍କ ବିଭାଗ ମଧ୍ୟରେ ସହଯୋଗ ଓ ସମନ୍ୱୟ ରକ୍ଷା କରନ୍ତି । ବିଧାନସଭାରେ ସେ ସରକାରଙ୍କ ନୀତି ସମ୍ପର୍କରେ ସ୍ପଷ୍ଟୀକରଣ ଦିଅନ୍ତି ।

**(vi) ସାମୂହିକ ଦାୟିତ୍ୱ ନୀତିର ରୂପାୟନ :** ମୁଖ୍ୟମନ୍ତ୍ରୀ ସାମୂହିକ ଦାୟିତ୍ୱ ନୀତିକୁ କାର୍ଯ୍ୟକାରୀ କରାନ୍ତି । ଏହି ନୀତି ଅନୁଯାୟୀ ମନ୍ତ୍ରିପରିଷଦର ସଦସ୍ୟମାନେ ନିଜର ପ୍ରଶାସନିକ ତ୍ରୁଟି ବିଚ୍ୟୁତି ପାଇଁ ରାଜ୍ୟ ବିଧାନସଭା ନିକଟରେ ସାମୂହିକ ଭାବେ ଉତ୍ତରଦାୟୀ ରୁହନ୍ତି ।

**(vii) କେନ୍ଦ୍ର-ରାଜ୍ୟ ମଧ୍ୟରେ ସଂଯୋଗ ସେତୁ :** ମୁଖ୍ୟମନ୍ତ୍ରୀ କେନ୍ଦ୍ର-ରାଜ୍ୟ ସମ୍ପର୍କ କ୍ଷେତ୍ରରେ ରାଜ୍ୟର ମୁଖପାତ୍ର ହିସାବରେ କାର୍ଯ୍ୟ କରନ୍ତି । ସେ ଆନ୍ତଃରାଜ୍ୟ ବୈଠକରେ ରାଜ୍ୟର ପ୍ରତିନିଧିତ୍ୱ କରନ୍ତି ।

**(viii) ନିଜ ରାଜନୈତିକ ଦଳର ନେତା :** ମୁଖ୍ୟମନ୍ତ୍ରୀ ରାଜ୍ୟ ଶାସକ ଦଳର ମୁଖ୍ୟ ହୋଇଥିବାରୁ ତାଙ୍କର ପ୍ରଶାସନିକ କୃତିତ୍ୱ ବା ତ୍ରୁଟି ଦଳୀୟ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହୋଇଥାଏ ।

**(ix) ରାଜ୍ୟର ନେତା :** ମୁଖ୍ୟମନ୍ତ୍ରୀ ରାଜ୍ୟର ନେତା ହିସାବରେ ରାଜ୍ୟବାସୀଙ୍କୁ ଆଶା ଓ ସାହସ ପ୍ରଦାନ କରିବା ସଙ୍ଗେ ସଙ୍ଗେ ରାଜ୍ୟର ସମୃଦ୍ଧି ପାଇଁ କାର୍ଯ୍ୟ କରିଥା'ନ୍ତି ।

**୧୪.୫.୧ କାର୍ଯ୍ୟକାଳ ଓ ଭୂମିକା**

ସଂସଦୀୟ ଶାସନ ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀ ବାସ୍ତବ କାର୍ଯ୍ୟପାଳିକା ଅଟନ୍ତି । ସେ ସଦସ୍ୟମାନଙ୍କ କ୍ଷେତ୍ରରେ " ସମାସ୍କନ୍ଧ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଥମ" ଓ " କ୍ଷୁଦ୍ର ତାରିକାଙ୍କ ମଧ୍ୟରେ ଚନ୍ଦ୍ରମା" ରୂପେ ତୁଳନୀୟ ହୋଇଥା'ନ୍ତି । ତାଙ୍କର ଦକ୍ଷତା ଉପରେ ରାଜ୍ୟ ପ୍ରଶାସନର ଦକ୍ଷତା ନିର୍ଭର କରେ । ଗୋଟିଏ ଦଳର ସଂଖ୍ୟାଗରିଷ୍ଠତା ସମର୍ଥନ ପାଉଥିବା ମୁଖ୍ୟମନ୍ତ୍ରୀଙ୍କ ତୁଳନାରେ ମିଳିତ ମନ୍ତ୍ରୀମଣ୍ଡଳର ମୁଖ୍ୟମନ୍ତ୍ରୀଙ୍କ ସ୍ଥିତି ଓ ପଦମର୍ଯ୍ୟାଦା ଅଧିକ ଦୁର୍ବଳ ଓ ଦୟନୀୟ ଅଟେ । ଶାସକଦଳ ଏକ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ କଲେ ସେ ଦୃଢ଼ ଓ ବଳିଷ୍ଠ ହୋଇପାରନ୍ତି । କେନ୍ଦ୍ର ସହିତ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କ ତାଙ୍କର ସ୍ଥିତି ଓ ପଦମର୍ଯ୍ୟାଦା କ୍ଷେତ୍ରରେ ଏକ ନିର୍ଣ୍ଣାୟକ ଭୂମିକା ନେଇଥାଏ । କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳ କ୍ଷମତାରେ ଥିଲେ ମୁଖ୍ୟମନ୍ତ୍ରୀ କ୍ଷମତାଶାଳୀ ହୋଇଥା'ନ୍ତି ଓ ସେ କେନ୍ଦ୍ର ସରକାରଙ୍କ ଠାରୁ ଉତ୍ତମ ସାହାଯ୍ୟ ଓ ସମର୍ଥନ ପାଇଥା'ନ୍ତି । ରାଜ୍ୟ ସରକାରଙ୍କର କାର୍ଯ୍ୟ ସମ୍ପାଦନା କେତେକାଂଶରେ ମୁଖ୍ୟମନ୍ତ୍ରୀଙ୍କର ଭାବମୂର୍ତ୍ତି ନିର୍ଣ୍ଣୟ କରିଥାଏ । ରାଜ୍ୟ ସରକାର ରାଜ୍ୟବାସୀଙ୍କର ମଙ୍ଗଳ କରିବାକୁ ସମର୍ଥ ହେଲେ ମୁଖ୍ୟମନ୍ତ୍ରୀ ପ୍ରଶଂସା ପାଉଥିବା ବେଳେ ସରକାରଙ୍କ ବିଫଳତା ପାଇଁ ମୁଖ୍ୟମନ୍ତ୍ରୀ ସମାଲୋଚିତ ହୋଇଥା'ନ୍ତି ।

## ୧୪.୬. ସାରାଂଶ

* କେନ୍ଦ୍ର କାର୍ଯ୍ୟପାଳିକା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରିପରିଷଦକୁ ନେଇ ଗଠିତ ।

  ଭାରତରେ ପ୍ରଚଳିତ ସଂସଦୀୟ ବ୍ୟବସ୍ଥାରେ ରାଷ୍ଟ୍ରପତି ନାମକୁ ମାତ୍ର କାର୍ଯ୍ୟପାଳିକା, ସାମ୍ବିଧାନିକ ଓ ଆଳଙ୍କାରିକ ମୁଖ୍ୟ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ବାସ୍ତବ କାର୍ଯ୍ୟପାଳିକା ରୂପେ ପଦଭାର ସମ୍ଭାଳି ଥା'ନ୍ତି ।

  ରାଷ୍ଟ୍ରପତି ସଂସଦର ଉଭୟ ଗୃହ ଓ ରାଜ୍ୟ ବିଧାନସଭାର ନିର୍ବାଚିତ ସଦସ୍ୟଙ୍କୁ ନେଇ ଗଠିତ ନିର୍ବାଚକ ମଣ୍ଡଳୀ ଦ୍ୱାରା ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଓ ଏକକ ହସ୍ତାନ୍ତରୀଣ ଭୋଟଦାନ ପଦ୍ଧତି ଦ୍ୱାରା ଏକ ପାଞ୍ଚବର୍ଷିଆ କାର୍ଯ୍ୟକାଳ ପାଇଁ ପରୋକ୍ଷ ଭାବେ ନିର୍ବାଚିତ ହୋଇଥା'ନ୍ତି ।

  ସମ୍ବିଧାନ ଅବମାନନା କାରଣରୁ ସଂସଦର ଯେକୌଣସି ଗୃହରେ ଏକ ୧୪ ଦିନିଆ ନୋଟିସ୍ ମାଧ୍ୟମରେ ଆଗତ ହେଉଥିବା ମହାଭିଯୋଗ ପ୍ରସ୍ତାବ ଉଭୟ ଗୃହଦ୍ୱାରା ଗୃହୀତ ହେଲେ ରାଷ୍ଟ୍ରପତି ପଦଚ୍ୟୁତ ହୋଇଥା'ନ୍ତି ।

**ପ୍ରଧାନମନ୍ତ୍ରୀ :**

ରାଷ୍ଟ୍ରପତିଙ୍କୁ ତାଙ୍କର ସାମ୍ବିଧାନିକ କାର୍ଯ୍ୟ ସମ୍ପାଦନରେ ସାହାଯ୍ୟ ଓ ପରାମର୍ଶ ଦେବା ପାଇଁ ୭୪ ଧାରାର ବ୍ୟବସ୍ଥା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମନ୍ତ୍ରିପରିଷଦ ରହିଥାଏ ।

ଲୋକସଭାର ସଂଖ୍ୟାଗରିଷ୍ଠ ସମର୍ଥନ ଉପଭୋଗ କରୁଥିବା ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରନ୍ତି ।

ପ୍ରଧାନମନ୍ତ୍ରୀଙ୍କ ସୁପାରିଶ କ୍ରମେ ତାଙ୍କ ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରନ୍ତି । ମନ୍ତ୍ରୀମାନଙ୍କର କାର୍ଯ୍ୟକାଳ ପ୍ରଧାନମନ୍ତ୍ରୀଙ୍କ ଆସ୍ଥାଭାଜନ ଉପରେ ନିର୍ଭର କରେ । ସେ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରନ୍ତି । ଏହା ପ୍ରଧାନମନ୍ତ୍ରୀଙ୍କର ପରମାଧିକାର (Prerogative) ଅଟେ ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ଲୋକସଭାର ସଂଖ୍ୟାଗରିଷ୍ଠ ଆସ୍ଥା ଉପରେ ନିର୍ଭର କରେ । ଲୋକସଭାରେ ଅନାସ୍ଥା ପ୍ରସ୍ତାବ ବା କାଟ୍ ପ୍ରସ୍ତାବ ଗୃହୀତ ହେଲେ ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତି ।

ମନ୍ତ୍ରୀମଣ୍ଡଳରେ ତିନି ପ୍ରକାର ମନ୍ତ୍ରୀ ଥା'ନ୍ତି । ଯଥା- କ୍ୟାବିନେଟ୍ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ ।

**ରାଜ୍ୟପାଳ :**

୧୫୩ ଧାରା ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ପାଇଁ ଜଣେ ରାଜ୍ୟପାଳ ରହିବାର ବ୍ୟବସ୍ଥା ରହିଛି । ଏକାଧିକ ରାଜ୍ୟପାଇଁ ଜଣେ ରାଜ୍ୟପାଳ ମଧ୍ୟ ରହିପାରନ୍ତି ।

ରାଜ୍ୟପାଳ ରାଜ୍ୟର ସାମ୍ବିଧାନିକ ଓ ନାମମାତ୍ର ମୁଖ୍ୟ ଅଟନ୍ତି ।ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥା'ନ୍ତି ।

ରାଜ୍ୟପାଳଙ୍କ ସାଧାରଣ କାର୍ଯ୍ୟକାଳ ପାଞ୍ଚବର୍ଷ ହେଲେ ମଧ୍ୟ ରାଷ୍ଟ୍ରପତିଙ୍କ ବିଶ୍ୱାସଭାଜନ ଥିବା ପର୍ଯ୍ୟନ୍ତ ସେ ନିଜ ପଦରେ ରହିଥା'ନ୍ତି ।

ରାଜ୍ୟପାଳଙ୍କ ଉପରେ ୧୫୪ ଧାରା ରାଜ୍ୟର ସମସ୍ତ କାର୍ଯ୍ୟପାଳିକା କ୍ଷମତା ଅର୍ପଣ କରିଛି ।

**ମୁଖ୍ୟମନ୍ତ୍ରୀ :**

ବିଧାନସଭାର ସଂଖ୍ୟାଗରିଷ୍ଠ ସମର୍ଥନ ଉପଭୋଗ କରୁଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତ କରନ୍ତି ଓ ତାଙ୍କର ପରାମର୍ଶ କ୍ରମେ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ କରନ୍ତି ।

ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା, ପ୍ରଶାସନର ମୁଖ୍ୟ ସମନ୍ୱୟକାରୀ, କ୍ୟାବିନେଟ୍‌ର ଅଧ୍ୟକ୍ଷ, ବିଧାନ ସଭାର ନେତା, ନିଜ ଦଳର ସଂସଦୀୟ ଗୋଷ୍ଠୀର ନେତା, ରାଜ୍ୟର ନେତା ଆଦି ବିବିଧ ଭୂମିକାରେ ଅବତୀର୍ଣ୍ଣ ହୋଇଥା'ନ୍ତି ।

**୧୪.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ :**

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧. ଭାରତର ରାଷ୍ଟ୍ରପତିଙ୍କ କ୍ଷମତା ଓ ପଦମର୍ଯ୍ୟାଦା ଆଲୋଚନା କର ।

୨. ଭାରତର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାବଳୀ ଓ ଭୂମିକାର ମୂଲ୍ୟାଙ୍କନ କର ।

୩. ରାଜ୍ୟପାଳଙ୍କ କ୍ଷମତା ଓ ପଦମର୍ଯ୍ୟାଦା ବିଶ୍ଳେଷଣ କର ।

୪. ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାବଳୀ ଓ ଭୂମିକାର ତର୍ଜମା କର ।

୫. ରାଷ୍ଟ୍ରପତିଙ୍କ ଜରୁରୀକାଳୀନ କ୍ଷମତା ତର୍ଜମା କର ।

୬. କେନ୍ଦ୍ର ମନ୍ତ୍ରିମଣ୍ଡଳର ଗଠନ ଓ କାର୍ଯ୍ୟାବଳୀ ତର୍ଜମା କର ।

## ସଂକ୍ଷିପ୍ତ ପ୍ରଶ୍ନ :

ପ୍ର.୧. ଭାରତର ରାଷ୍ଟ୍ରପତିଙ୍କୁ କିଏ ନିର୍ବାଚିତ କରନ୍ତି ?

ପ୍ର.୨. ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ପଦ୍ଧତି କ'ଣ ?

ପ୍ର.୩. କେଉଁ ପଦ୍ଧତିରେ ରାଷ୍ଟ୍ରପତି ପଦଚ୍ୟୁତ ହୁଅନ୍ତି ?

ପ୍ର.୪. ଅଧ୍ୟାଦେଶ (Ordinance) କ'ଣ ?

ପ୍ର.୫. ମନ୍ତ୍ରିମଣ୍ଡଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ କିଏ ଯୋଗସୂତ୍ର ରକ୍ଷା କରନ୍ତି ?

ପ୍ର.୬. 'ପ୍ରାଇମସ୍ ଇଣ୍ଟର ପ୍ୟାରେସ୍' ର ଅର୍ଥ ?

ପ୍ର.୭. ଗୋଟିଏ ରାଜ୍ୟରେ ସାମ୍ବିଧାନିକ ବ୍ୟବସ୍ଥାର ବିଫଳତା ହେଲେ କ'ଣ ହୁଏ ?

କିମ୍ବା, ରାଷ୍ଟ୍ରପତି ଶାସନ କ'ଣ ?

ପ୍ର.୮. ରାଜ୍ୟ ଶାସନରେ କିଏ ମୁଖ୍ୟମନ୍ତ୍ରୀଙ୍କର ପ୍ରଧାନ ପରାମର୍ଶଦାତାରୂପେ କାର୍ଯ୍ୟ କରନ୍ତି ?

ପ୍ର.୯. ମନ୍ତ୍ରୀମାନଙ୍କର ମୁଖ୍ୟ ପ୍ରଶାସନିକ ପରାମର୍ଶଦାତା କିଏ ?

ପ୍ର.୧୦. ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବାକୁ ରାଷ୍ଟ୍ରପତିଙ୍କୁ କିଏ ପରାମର୍ଶ ଦିଅନ୍ତି ?

୧୪.୮ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

ପ୍ର.୧ ଉ : ଏହି ଅଧ୍ୟାୟର ଭାଗ ୧୪.୨ ର ପାଠ ଦେଖ ।

ପ୍ର.୨ ଉ : ଏହି ଅଧ୍ୟାୟର ଭାଗ ୧୪.୩ ଓ ୧୪.୩.୧ ର ପାଠ ଦେଖ ।

ପ୍ର.୩ ଉ : ଏହି ଅଧ୍ୟାୟର ଭାଗ ୧୪.୪ ର ପାଠ ଦେଖ ।

ପ୍ର.୪ ଉ : ଏହି ଅଧ୍ୟାୟର ଭାଗ ୧୪.୫ ର ପାଠ ଦେଖ ।

ପ୍ର.୫ ଉ : ଏହି ଅଧ୍ୟାୟର ଭାଗ ୧୪.୨.୨(vi) ର ପାଠ ଦେଖ ।

ପ୍ର.୫ ଉ : ଏହି ଅଧ୍ୟାୟର ଭାଗ ୧୪.୩.୨ ର ପାଠ ଦେଖ ।

## ସଂକ୍ଷିପ୍ତ ପ୍ରଶ୍ନ :

**ପ୍ର.୧. ଭାରତର ରାଷ୍ଟ୍ରପତିଙ୍କୁ କିଏ ନିର୍ବାଚିତ କରନ୍ତି ?**

**ଉ:** ଲୋକସଭା, ରାଜ୍ୟସଭା ଓ ରାଜ୍ୟ ବିଧାନସଭାର ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ ନିର୍ବାଚକମଣ୍ଡଳୀ ଦ୍ୱାରା ରାଷ୍ଟ୍ରପତି ନିର୍ବାଚିତ ହୋଇଥା'ନ୍ତି ।

**ପ୍ର.୨. ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ପଦ୍ଧତି କ'ଣ ?**

ଉ: ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ସମାନୁପାତିକ ପ୍ରତିନିଧିତ୍ୱ ଓ ଏକକ ହସ୍ତାନ୍ତରଣୀୟ ଭୋଟ ବ୍ୟବସ୍ଥା ଉପରେ ଆଧାରିତ ପଦ୍ଧତି ଅବଲମ୍ବନରେ ନିର୍ବାଚିତ ହୋଇଥା'ନ୍ତି ।

**ପ୍ର.୩. କେଉଁ ପଦ୍ଧତିରେ ରାଷ୍ଟ୍ରପତି ପଦଚ୍ୟୁତ ହୁଅନ୍ତି ?**

ଉ: ସଂସଦର ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ବହିଷ୍କାର ପାଇଁ ଆଗତ ମହାଭିଯୋଗ ପ୍ରସ୍ତାବ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ ଗୃହୀତ ହେଲେ ସେ ପଦଚ୍ୟୁତ ହୋଇଥା'ନ୍ତି ।

**ପ୍ର.୪. ଅଧ୍ୟାଦେଶ (Ordinance) କ'ଣ ?**

ଉ: ବ୍ୟବସ୍ଥାପିକାର ଅଧିବେଶନ ବସି ନଥିବା ସମୟରେ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ କେନ୍ଦ୍ରକ୍ଷେତ୍ରରେ ରାଷ୍ଟ୍ରପତି ଓ ରାଜ୍ୟ କ୍ଷେତ୍ରରେ ରାଜ୍ୟପାଳ ସାମୟିକ ସମୟ ପାଇଁ ଯେଉଁ କାର୍ଯ୍ୟପାଳିକା ଆଇନ ଘୋଷଣା କରନ୍ତି ତାହାକୁ 'ଅଧ୍ୟାଦେଶ' କୁହାଯାଏ । ବ୍ୟବସ୍ଥାପକର ବିନା ଅନୁମୋଦନରେ ଏହା ସର୍ବୋଚ୍ଚ ୬ ମାସ ଓ ୬ ସପ୍ତାହ ଆଇନ ରୂପେ କାର୍ଯ୍ୟ କରିପାରେ ।

**ପ୍ର.୫. ମନ୍ତ୍ରିମଣ୍ଡଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ କିଏ ଯୋଗସୂତ୍ର ରକ୍ଷା କରନ୍ତି ?**

ଉ: ପ୍ରଧାନମନ୍ତ୍ରୀ ମନ୍ତ୍ରିମଣ୍ଡଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରନ୍ତି ।

**ପ୍ର.୬. 'ପ୍ରାଇମସ୍ ଇଣ୍ଟର ପ୍ୟାରେସ୍' ର ଅର୍ଥ ?**

ଉ: 'ପ୍ରାଇମସ୍ ଇଣ୍ଟର ପ୍ୟାରେସ୍'ର ଅର୍ଥ ହେଉଛି ସମାସ୍କନ୍ଧ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଥମ । ସଂସଦୀୟ ଶାସନରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ସହ ତୁଳନା କରାଯାଇ ଏହି ଉକ୍ତିର ପ୍ରୟୋଗ କରାଯାଏ ।

**ପ୍ର.୭. ଗୋଟିଏ ରାଜ୍ୟରେ ସାମ୍ବିଧାନିକ ବ୍ୟବସ୍ଥାର ବିଫଳତା ହେଲେ କ'ଣ ହୁଏ ?**

**କିମ୍ବା, ରାଷ୍ଟ୍ରପତି ଶାସନ କ'ଣ ?**

ଉ: ଗୋଟିଏ ରାଜ୍ୟର ସାମ୍ବିଧାନିକ ବ୍ୟବସ୍ଥା ବିଫଳ ହୋଇଛି ବୋଲି ସେହି ରାଜ୍ୟର ରାଜ୍ୟପାଳ ବା ଅନ୍ୟ ସୂତ୍ରରୁ ପ୍ରାପ୍ତ ତଥ୍ୟ ଉପରେ ରାଷ୍ଟ୍ରପତିଙ୍କ ହୃଦବୋଧ ହେଲେ ସେ ୩୫୬ ଧାରାର ଉପଯୋଗ କରି ରାଜ୍ୟଜରୁରୀ ପରିସ୍ଥିତି ବା ରାଷ୍ଟ୍ରପତି ଶାସନ ଜାରୀ କରନ୍ତି ।

**ପ୍ର.୮. ରାଜ୍ୟ ଶାସନରେ କିଏ ମୁଖ୍ୟମନ୍ତ୍ରୀଙ୍କର ପ୍ରଧାନ ପରାମର୍ଶଦାତାରୂପେ କାର୍ଯ୍ୟ କରନ୍ତି ?**

ଉ: ରାଜ୍ୟ ଶାସନରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କର ପ୍ରଧାନ ପରାମର୍ଶଦାତାରୂପେ କାର୍ଯ୍ୟ କରନ୍ତି ।

**ପ୍ର.୯. ମନ୍ତ୍ରୀମାନଙ୍କର ମୁଖ୍ୟ ପ୍ରଶାସନିକ ପରାମର୍ଶଦାତା କିଏ ?**

ଉ: ମନ୍ତ୍ରୀମାନଙ୍କର ମୁଖ୍ୟ ପ୍ରଶାସନିକ ପରାମର୍ଶଦାତା ସଂପୃକ୍ତ ବିଭାଗର ସଚିବ ଅଟନ୍ତି ।

**ପ୍ର.୧୦. ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବାକୁ ରାଷ୍ଟ୍ରପତିଙ୍କୁ କିଏ ପରାମର୍ଶ ଦିଅନ୍ତି ?**

ଉ: ରାଜ୍ୟରେ ଜରୁରୀକାଳନୀ ପରିସ୍ଥିତି ଘୋଷଣା କରିବାକୁ ରାଷ୍ଟ୍ରପତିଙ୍କୁ ସଂପୃକ୍ତ ରାଜ୍ୟର ରାଜ୍ୟପାଳ ପରାମର୍ଶ ଦିଅନ୍ତି ।

❖❖❖

# ପଞ୍ଚଦଶ ଅଧ୍ୟାୟ

# ନ୍ୟାୟପାଳିକା

# (JUDICIARY)

## (ନ୍ୟାୟପାଳିକାର ସଙ୍ଗଠନ – ଉଚ୍ଚତମ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ; ନ୍ୟାୟିକ ପୁନରାବଲୋକନ, ନ୍ୟାୟିକ କ୍ରିୟାଶୀଳତା)

ସଂରଚନା :


୧୫.୨ ଉଚ୍ଚତମ ନ୍ୟାୟାଳୟ

୧୫.୨.୧ ଗଠନ – ବିଚାରପତିଙ୍କ ଯୋଗ୍ୟତା, ନିଯୁକ୍ତି, କାର୍ଯ୍ୟକାଳ ଓ ପଦଚ୍ୟୁତି

୧୫.୨.୨ କ୍ଷମତା ପରିସର

୧୫.୩ ଉଚ୍ଚନ୍ୟାୟଳୟ

୧୫.୩.୧ ଗଠନ – ବିଚାରପତିଙ୍କ ଯୋଗ୍ୟତା, ନିଯୁକ୍ତି, କାର୍ଯ୍ୟକାଳ ଓ ପଦଚ୍ୟୁତି ।

୧୫.୩.୨ କ୍ଷମତା ପରିସର

୧୫.୪ ନ୍ୟାୟିକ ପୁନରାବଲୋକନ

୧୫.୫ ନ୍ୟାୟିକ କ୍ରିୟାଶୀଳତା

୧୫.୬ ନ୍ୟାୟପାଳିକାର ସ୍ୱାଧୀନତା ରକ୍ଷା

୧୫.୭ ସାରାଂଶ

୧୫.୮ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୧୫.୯ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର


### ୧୫.୧ ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପାଠ କରି ସାରିବା ପରେ ଆପଣମାନେ

- ଭାରତର ଉଚ୍ଚତମ ନ୍ୟାୟାଳୟର ଗଠନ ଓ କ୍ଷମତା ପରିସର ସଂପର୍କରେ ଜାଣି ପାରିବେ ।

- ରାଜ୍ୟ ଉଚ୍ଚ ନ୍ୟାୟାଳୟର ଗଠନ ଓ କ୍ଷମତା ପରିସର ସଂପର୍କରେ ଅବଗତ ହୋଇ ପାରିବେ ।
- ନ୍ୟାୟିକ ପୁନରାବଲୋକନର ଅର୍ଥ ଓ ବାସ୍ତବ ସ୍ଥିତି ସଂପର୍କରେ ତଥ୍ୟ ପାଇ ପାରିବେ ।
- ନ୍ୟାୟିକ କ୍ରିୟାଶୀଳତାର ଆବଶ୍ୟକତା ସମ୍ବନ୍ଧରେ ସଚେତନ ହୋଇପାରିବେ ।

## ୧୫.୨ ଉଚ୍ଚତମ ନ୍ୟାୟାଳୟ

### ୧୫.୨.୧ ଗଠନ - ବିଚାରପତିଙ୍କ ଯୋଗ୍ୟତା, ନିଯୁକ୍ତି, କାର୍ଯ୍ୟକାଳ ଓ ପଦଚ୍ୟୁତି

ସ୍ୱାଧୀନ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ରୂପେ ଉଚ୍ଚତମ ନ୍ୟାୟାଳୟ ପରିଚିତ । ୧୯୩୫ ମସିହାରେ ପ୍ରତିଷ୍ଠିତ ସଙ୍ଘୀୟ ଅଦାଲତର ଏହା ଏକ ନୂତନ ରୂପ ଅଟେ । ଭାରତ ସମ୍ବିଧାନର ୧୨୪ ଧାରାରେ ଏହାର ସ୍ଥିତି ଓ ଗଠନ ସଂପର୍କରେ ବର୍ଣ୍ଣନା କରାଯାଇଛି । ଏହା ଜଣେ ମୁଖ୍ୟ ବିଚାରପତି ଏବଂ ସର୍ବୋଚ୍ଚ ୨୫ ଜଣ ବିଚାରପତିଙ୍କୁ ନେଇ ଗଠିତ ହୋଇଥାଏ । ଏହି ବିଚାରପତିମାନେ ନିମ୍ନଲିଖିତ ଯୋଗ୍ୟତା ଭିତ୍ତିରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି ।

**ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କ ଯୋଗ୍ୟତା :**

**ସମ୍ବିଧାନରର ୧୨୪(୩) ଧାରାନୁସାରେ -**

୧) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨) କୌଣସି ଉଚ୍ଚ ନ୍ୟାୟଳୟରେ ବିଚାରପତି ରୂପେ ତାଙ୍କର ୫ ବର୍ଷ ଅଭିଜ୍ଞତା ଥିବା;

କିମ୍ବା,୩)କୌଣସି ଉଚ୍ଚ ନ୍ୟାୟାଳୟରେ ଅଧିବକ୍ତା ହିସାବରେ ତାଙ୍କର ୧୦ ବର୍ଷର ଅଭିଜ୍ଞତା ଥିବ;

କିମ୍ବା,୪)ରାଷ୍ଟ୍ରପତିଙ୍କ ମତରେ ସେ ଜଣେ ବିଶିଷ୍ଟ ଆଇନଜ୍ଞ ହୋଇଥିବେ ।

ଉଚ୍ଚତମ ନ୍ୟାୟଳୟର ମୁଖ୍ୟ ବିଚାରପତି ସାଧାରଣତଃ ବରିଷ୍ଠତା ଭିତ୍ତିରେ ନିଯୁକ୍ତ ହୋଇଥାନ୍ତି ।

**ବିଚାରପତିଙ୍କ କାର୍ଯ୍ୟକାଳ ଓ ପଦଚ୍ୟୁତି :** ଉଚ୍ଚତମ ନ୍ୟାୟଳୟର ବିଚାରପତିମାନେ ୬୫ ବର୍ଷ ବୟସ ପର୍ଯ୍ୟନ୍ତ ନିଜ ପଦରେ ରହିଥା'ନ୍ତି । ସେ ନିଜର କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ଇସ୍ତଫା ଦେଇପାରନ୍ତି । ସଂସଦର ଉଭୟ ଗୃହଦ୍ୱାରା ତାଙ୍କର ଅପାରଗତା ବା ପ୍ରମାଣିତ ଅସଦ୍ ବ୍ୟବହାର କାରଣରୁ ଦୁଇତୃତୀୟାଂଶ ସମର୍ଥନରେ ପ୍ରସ୍ତାବ ଗୃହୀତ ହେଲେ ରାଷ୍ଟ୍ରପତିଙ୍କ ଦ୍ୱାରା ସେ ପଦଚ୍ୟୁତ ହୋଇପାରନ୍ତି ।

### ୧୫.୨.୨ କ୍ଷମତା ପରିସର

**(୧) ମୌଳିକ କ୍ଷମତା ପରିସର :** ନିମ୍ନଲିଖିତ କ୍ଷେତ୍ରରେ ସମ୍ବିଧାନର ୧୩୧ ଧାରାର ବ୍ୟବସ୍ଥା ଅନୁଯାୟୀ ଉଚ୍ଚତମ ନ୍ୟାୟଳୟ ସିଧାସଳଖ ଭାବେ ଏକ ମକଦ୍ଦମାର ବିଚାର କରିପାରେ -

କ) କେନ୍ଦ୍ର ଓ ରାଜ୍ୟ, ରାଜ୍ୟ ଓ ରାଜ୍ୟ ଇତ୍ୟାଦି ବିବାଦ ଜନିତ ମକଦ୍ଦମାର ବିଚାର ।

ଖ) ୩୨ ଧାରା ଅନୁଯାୟୀ ମୌଳିକ ଅଧିକାର ସଙ୍କୁଚିତ ହେବା ସଂପର୍କିତ ବିବାଦ

ଗ) ୭୧ ଧାରା ଅନୁସାରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ନିର୍ବାଚନଗତ ବିବାଦ ।

**(୨) ଆବେଦନମୂଳକ କ୍ଷମତା ପରିସର :** ସମ୍ବିଧାନର ୧୩୨ ଧାରା ଅନୁଯାୟୀ ଉଚ୍ଚନ୍ୟାୟାଳୟର ନିଷ୍ପତ୍ତି ବିରୁଦ୍ଧରେ ଉଚ୍ଚତମ ନ୍ୟାୟଳୟରେ ଆବେଦନ କରାଯାଇପାରେ । ଏହି କ୍ଷେତ୍ରରେ ସଂପୃକ୍ତ ଉଚ୍ଚନ୍ୟାୟଳୟ ସେହି ମକଦ୍ଦମାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ନିହିତ ଥିବାର ଏକ ସୁପାରିଶ ପତ୍ର ଦେବା ଆବଶ୍ୟକ । ଏହାର ଅନୁପସ୍ଥିତିରେ ୧୩୬ ଧାରାର ବ୍ୟବସ୍ଥା ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟ ନିଜର ସ୍ୱତନ୍ତ୍ର ଅନୁମତି ପ୍ରଦାନ କରି ଆବେଦନକୁ ବିଚାର ପାଇଁ ଗ୍ରହଣ କରିପାରନ୍ତି ।

**(୩) ପରାମର୍ଶ ପ୍ରଦାନ କ୍ଷମତା ପରିସର :** ସମ୍ବିଧାନ ୧୪୩ ଧାରାରେ ବ୍ୟବସ୍ଥା ଅନୁଯାୟୀ କୌଣସି ଜଟିଳ ଆଇନଗତ ପରିସ୍ଥିତିରେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ମାଗିପାରନ୍ତି । ଏହି ଅଦାଲତ ଏକ ରିପୋର୍ଟ ଆକାରରେ ନିଜର ପରାମର୍ଶ ପ୍ରଦାନ କରିଥାଏ । ଏହି ପରାମର୍ଶକୁ ଗ୍ରହଣ କରିବା ପାଇଁ ରାଷ୍ଟ୍ରପତି ବାଧ ନୁହଁନ୍ତି । ୧୯୫୯ ମସିହାର କେରଳ ଶିକ୍ଷା ବିଲ୍, ୧୯୯୧ ମସିହାର କାବେରୀ ନଦୀ ଜଳ ବଣ୍ଟନ ବିବାଦ ଓ ୨୦୦୧ରେ ଗୁଜୁରାଟ ନିର୍ବାଚନ ମାମଲାରେ ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ଲୋଡ଼ାଯାଇଥିଲା ।

**(୪) ନ୍ୟାୟିକ ପୁନରାବଲୋକନ କ୍ଷମତା :** ଏହା ଉଚ୍ଚତମ ନ୍ୟାୟଳୟ ନିକଟରେ ଏକ ବିଶେଷ କ୍ଷମତା ଯାହାର ବ୍ୟବହାର କରି ଉକ୍ତ ଅଦାଲତ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କାର୍ଯ୍ୟର ସାମ୍ବିଧାନିକତା ପରୀକ୍ଷା କରିପାରେ । ସେମାନଙ୍କର କୌଣସି କାର୍ଯ୍ୟ ସମ୍ବିଧାନ ବିରୋଧି ହେଲେ ତାହାକୁ ଅସିଦ୍ଧ ବା ଅଣସାମ୍ବିଧାନିକ ଘୋଷଣା କରାଯାଇପାରେ । ଏହି କ୍ଷମତା ବଳରେ ଉଚ୍ଚତମ ନ୍ୟାୟାଳୟ "ସମ୍ବିଧାନର ଜଗୁଆଳୀ" ହିସାବରେ କାର୍ଯ୍ୟ କରେ ।

**(୫) ଅଭିଲେଖ ଅଦାଲତ :** ସମ୍ବିଧାନର ୧୨୯ ଧାରାର ବ୍ୟବସ୍ଥା ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟର ନିଷ୍ପତ୍ତିଗୁଡ଼ିକ ଭବିଷ୍ୟରେ ସମାନଧର୍ମୀ ମକଦ୍ଦମାଗୁଡ଼ିକ କ୍ଷେତ୍ରରେ ଆଇନଗତ ପ୍ରମାଣ ରୂପେ ବ୍ୟବହାର ହୁଏ । ଏହି ଅଦାଲତ ନିଜର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ବାଧା ସୃଷ୍ଟିକାରୀ ଅନୁଷ୍ଠାନ ବିରୁଦ୍ଧରେ ଅଦାଲତ ଅବମାନନା ମକଦ୍ଦମାର ବିଚାର କରିଥାଏ ।

ଉଚ୍ଚତମ ନ୍ୟାୟଳୟ ସ୍ୱାଧିନ ଓ ନିରପେକ୍ଷ ଭାବେ ନିଜର ଦାୟିତ୍ୱ ସମ୍ପାଦନ କରିଆସୁଛି । ବିଚାରପତିଙ୍କ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ବ୍ୟବସ୍ଥା, ସ୍ଥିର କାର୍ଯ୍ୟକାଳ, କଟିଳପଦଚ୍ୟୁତି ବ୍ୟବସ୍ଥା, ଆକର୍ଷଣୀୟ ଦରମା ଓ ଭତ୍ତା, ବ୍ୟବସ୍ଥାପିକାର ପ୍ରଭାବରୁ ମୁକ୍ତି ଆଦି ବ୍ୟବସ୍ଥା ନ୍ୟାୟପାଳିକାର ସ୍ୱାଧିନତା ଓ ନିରପେକ୍ଷତା ରକ୍ଷା କରୁଛି । ଭାରତରେ ଉଚ୍ଚତମ ନ୍ୟାୟଳୟ ଏକ ସଂଘୀୟ ଅଦାଲତ, ମୌଳିକ ଅଧିକାରର ରକ୍ଷାକର୍ତ୍ତା, ସମ୍ବିଧାନର ଜଗୁଆଳୀ ଏବଂ 'ଆଇନର ଶାସନ' ପ୍ରତିଷ୍ଠାର ମାଧମରୂପେ ନିଜର ଭୂମିକା ନିର୍ବାହ କରୁଛି । ଜଷ୍ଟିସ୍ ଭଗବତୀ ଆରମ୍ଭ କରିଥିବା ଜନସ୍ୱାର୍ଥ ମାମଲା ପ୍ରସଙ୍ଗ ଉଚ୍ଚତମ ନ୍ୟାୟଳୟର ନ୍ୟାୟିକ ସକ୍ରିୟତାକୁ ବୃଦ୍ଧି କରିଛି ।

## ୧୫.୩ ଉଚ୍ଚନ୍ୟାୟଳୟ

### ୧୫.୩.୧ ଗଠନ - ବିଚାରପତିଙ୍କ ଯୋଗ୍ୟତା, ନିଯୁକ୍ତି, କାର୍ଯ୍ୟକାଳ ଓ ପଦଚ୍ୟୁତି ।

ଭାରତରେ ପ୍ରଚଳିତ ପିରାମିଡ ଆକୃତିର ବିଚାର ବ୍ୟବସ୍ଥାର ମଧ୍ୟ ସୋପାନରେ ଉଚ୍ଚନ୍ୟାୟାଳୟ ଅବସ୍ଥିତ । ସମ୍ବିଧାନର ୨୧୪ ଧାରା ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଉଚ୍ଚନ୍ୟାୟଳୟ ରହିବାର ବ୍ୟବସ୍ଥା ରହିଛି । କିନ୍ତୁ ପଞ୍ଜାବ ଓ ହରିୟାନା ଦୁଇଟି ରାଜ୍ୟପାଇଁ ଗୋଟିଏ ଉଚ୍ଚ ନ୍ୟାୟାଳୟ ରହିଛି । ଓଡ଼ିଶାର ଉଚ୍ଚ ନ୍ୟାୟଳୟ କଟକଠାରେ ଅବସ୍ଥିତ ଏବଂ ଏହା ୧୯୪୮ ମସିହାରେ ପ୍ରତିଷ୍ଠା ହୋଇଥିଲା । ଗୋଟିଏ ଉଚ୍ଚନ୍ୟାୟଳୟ ଜଣେ ମୁଖ୍ୟ ବିଚାରପତି ଓ କେତେକ ବିଚାରପତିଙ୍କୁ ନେଇ ଗଠିତ ହୋଇଥାଏ । ବିଚାରପତିଙ୍କ ସଂଖ୍ୟା ସ୍ଥିର ନୁହେଁ । ବର୍ତ୍ତମାନ ଓଡ଼ିଶାରେ ୧୬ ଜଣ ବିଚାରପତି ରହିବାର ବ୍ୟବସ୍ଥା ରହିଛି ।

**ଉଚ୍ଚନ୍ୟାୟଳୟର ବିଚାରପତିଙ୍କ ଯୋଗ୍ୟତା :**

ସମ୍ବିଧାନର ୨୧୭(୧) ଧାରା ଅନୁସାରେ :

୧) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨) କୌଣସି ଅଧସ୍ତନ ଅଦାଲତରେ ବିଚାରପତି ହିସାବରେ ତାଙ୍କର ୧୦ ବର୍ଷର ଅଭିଜ୍ଞତା ଥିବା ।

୩) କୌଣସି ଉଚ୍ଚନ୍ୟାୟଳୟରେ ଅଧିବକ୍ତା ହିସାବରେ ୧୦ ବର୍ଷର ଅଭିଜ୍ଞତା ଥିବ ।

ଉଚ୍ଚନ୍ୟାୟଳୟର ମୁଖ୍ୟ ବିଚାରପତି ବରିଷ୍ଠତା ଭିତ୍ତିରେ ନିଯୁକ୍ତ ହୁଅନ୍ତି ।

**କାର୍ଯ୍ୟକାଳ ଓ ପଦଚ୍ୟୁତି :** ଉଚ୍ଚନ୍ୟାୟଳୟର ବିଚାରପତିମାନେ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ନିଜ ପଦରେ ରହିଥା'ନ୍ତି । ସେ ନିଜର କାର୍ଯ୍ୟକାଳ ପୂରଣ ନହେବା ପୂର୍ବରୁ ଇସ୍ତଫା ଦେଇପାରନ୍ତି । ସଂସଦର ଉଭୟ ଗୃହଦ୍ୱାରା ବିଚାରପତିଙ୍କ ଅପାରଗତା ବା ପ୍ରମାଣିତ ଅସଦ୍ ବ୍ୟବହାର କାରଣରୁ ଦୁଇତୃତୀୟାଂଶ ସମର୍ଥନରେ ପ୍ରସ୍ତାବ ଗୃହୀତ ହେଲେ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ପଦଚ୍ୟୁତ ହୋଇପାରନ୍ତି ।

**୧୫.୩.୨ କ୍ଷମତା ପରିସର**

**(୧) ମୌଳିକ କ୍ଷମତା ପରିସର :** ଯେଉଁ ମକଦ୍ଦମାଗୁଡ଼ିକ କୌଣସି ନିମ୍ନ ଅଦାଲତରେ ପ୍ରଥମେ ବିଚାର ନହୋଇ ସିଧାସଳଖ ଭାବେ ଉଚ୍ଚନ୍ୟାୟଳୟରେ ବିଚାର ହୋଇଥାଏ ତାହାକୁ ଉଚ୍ଚ ନ୍ୟାୟଳୟର ମୌଳିକ କ୍ଷମତା ପରିସରଭୁକ୍ତ ମକଦ୍ଦମା କୁହାଯାଏ । ନିମ୍ନଲିଖିତ ମକଦ୍ଦମାଗୁଡ଼ିକ ଏହି ଶ୍ରେଣୀୟ ଅଟେ ।

କ) ୨୧୫ ଧାରା ଅନୁଯାୟୀ ଅଦାଲତ ଅବମାନନା ମକଦ୍ଦମା ।

ଖ) ୨୨୬ ଧାରା ଅନୁଯାୟୀ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବା ସଂକ୍ରାନ୍ତୀୟ ବିବାଦ ।

ଗ) ବିବାହ ଓ ବିଚ୍ଛେଦ ଜନିତ ବିବାଦ ।

ଘ) ରାଜସ୍ୱ ବିବାଦ ।

**(୨) ଆବେଦନ ମୂଳକ କ୍ଷମତା ପରିସର :** ଦେୱାନୀ ଓ ଫୌଜଦାରୀ ମକଦ୍ଦମା କ୍ଷେତ୍ରରେ ଅଦାଲତର ନିଷ୍ପତ୍ତି ବିରୋଧରେ ଏଠାରେ ଆବେଦନ କରାଯାଇଥାଏ । ନିମ୍ନ ଫୌଜଦାରୀ ଅଦାଲତ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ, ତାହା ଉଚ୍ଚନ୍ୟାୟଳୟର ବିନା ଅନୁମୋଦନରେ କାର୍ଯ୍ୟକାରୀ ହୋଇପାରେନାହିଁ ।

**(୩) ପ୍ରଶାସନିକ କ୍ଷମତା :** ୨୨୯ ଧାରା ଅନୁଯାୟୀ ଉଚ୍ଚତମ ନ୍ୟାୟଳୟ ନିଜର କର୍ମଚାରୀମାନଙ୍କର ନିଯୁକ୍ତି, କାର୍ଯ୍ୟକାଳ, ଦରମା ଓ ଚାକିରୀ ସମ୍ବନ୍ଧୀ ନିର୍ଦ୍ଧାରଣ କରିଥାଏ । ରାଜ୍ୟ ନିମ୍ନ ଅଦାଲତଗୁଡ଼ିକର ନିୟନ୍ତ୍ରଣ ଏହାର ଦାୟିତ୍ୱ ଅଟେ । ୨୨୭ ଧାରା ଅନୁଯାୟୀ ଏହା ନିମ୍ନ ଅଦାଲତର କାର୍ଯ୍ୟ ଧାରାର ତଦାରଖ କରିଥାଏ ।

**(୪) ମାମଲା ସ୍ଥାନାନ୍ତର କ୍ଷମତା :** ୨୨୮ ଧାରାନୁସାରେ ଉଚ୍ଚ ନ୍ୟାୟଳୟ ଯଦି ଅନୁଭବ କରେ ଯେ ନିମ୍ନ ଅଦାଲତରେ ବିଚାରଧୀନ କୌଣସି ମାମଲାରେ ସମ୍ବିଧାନର ବ୍ୟାଖ୍ୟା ବା ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଜଡ଼ିତ ଅଛି ତେବେ ଉକ୍ତ ମାମଲାଟି ନିମ୍ନ ଅଦାଲତରୁ ଉଠାଇ ଆଣି ନିଜେ ଏହାର ବିଚାର କରିପାରନ୍ତି କିମ୍ବା ଆଇନଗତ ପ୍ରଶ୍ନର ସମାଧାନ କରି ମାମଲାଟିକୁ ନିମ୍ନ ଅଦାଲତର ପୂର୍ଣ୍ଣାଙ୍ଗ ବିଚାର ପାଇଁ ଫେରାଇ ଦେଇପାରନ୍ତି ।

**(୫) ସୀମିତ ନ୍ୟାୟିକ ପୁନରାବଲୋକନ କ୍ଷମତା :** ଏହି ସ୍ୱତନ୍ତ୍ର କ୍ଷମତା ବଳରେ ଉଚ୍ଚନ୍ୟାୟାଳୟ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କାର୍ଯ୍ୟର ସାମ୍ବିଧାନିକତା ପରୀକ୍ଷା କରି ସେମାନଙ୍କର କୌଣସି କାର୍ଯ୍ୟ ସମ୍ବିଧାନ ବିରୋଧୀ ହେଲେ ତାହାକୁ ଅଣସାମ୍ବିଧାନିକ ଘୋଷଣା କରିପାରେ । ଏହା ଫଳରେ ଉଚ୍ଚତମ ନ୍ୟାୟାଳୟ ସହ ଏହା ମଧ୍ୟ ସମ୍ବିଧାନର ଜଗୁଆଳୀ ହିସାବରେ କାର୍ଯ୍ୟ କରିଥାଏ । ଭାରତରେ ଏହା କେବଳ ପଦ୍ଧତିଗତ ହୋଇଥିବାରୁ ସୀମିତ ଅଟେ ।

**(୬) ଅଭିଲେଖ ଅଦାଲତ :** ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିଗୁଡ଼ିକ ସୁରକ୍ଷିତ ରହି ଭବିଷ୍ୟତର ସମାନଧର୍ମୀ ମକଦ୍ଦମା କ୍ଷେତ୍ରରେ ଦେଶସାରା ଆଇନଗତ ପ୍ରମାଣ ରୂପେ ବ୍ୟବହୃତ ହୋଇଥାଏ । ନିଜର ନିଷ୍ପତ୍ତିକୁ କୌଣସି ବ୍ୟକ୍ତି ବା ଅନୁଷ୍ଠାନ କାର୍ଯ୍ୟକାରୀ କରୁନଥିବା ପରିସ୍ଥିତିରେ ଏହା ଅଦାଲତ ଅବମାନନା ମକଦ୍ଦମା କରି ଦଣ୍ଡବିଧାନ କରିପାରେ ।

ଭାରତର ବିଚାରସଂସ୍ଥା ବଶୀଭୂତ ନୁହେଁ । ଏହା ସ୍ୱାଧୀନ ଓ ନିରପେକ୍ଷଭାବେ ନିଜର କାର୍ଯ୍ୟ ସଂପାଦନ କରିବା ଫଳରେ ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥା ଦୃଢ଼ ହେବା ସଙ୍ଗେ ସଙ୍ଗେ 'ଆଇନର ଶାସନ' ପ୍ରତିଷ୍ଠିତ ହୋଇପାରିଛି ।

## ୧୫.୪ ନ୍ୟାୟିକ ପୁନରାବଲୋକନ

## (Judicial Review Power)

ନ୍ୟାୟିକ ପୁନରାବଲୋକନ ଭାରତର ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟ ପାଖରେ ଏକ ବିଶେଷ କ୍ଷମତା ଯାହାର ଉପଯୋଗ କରି ଏହି ଅଦାଲତ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କାର୍ଯ୍ୟର ସାମ୍ବିଧାନିକତାକୁ ପରୀକ୍ଷା କରିପାରେ । ସେମାନଙ୍କର କୌଣସି କାର୍ଯ୍ୟ ସମ୍ବିଧାନର ନୀତିନିୟମକୁ ଉଲଂଘନ କରୁଥିଲେ ତାହାକୁ ଅଣସାମ୍ବିଧାନିକ ବୋଲି ଘୋଷଣା କରାଯାଇପାରେ । ଏଣୁ ଏହି କ୍ଷମତା ଉଚ୍ଚତମ ନ୍ୟାୟାଳୟକୁ ସମ୍ବିଧାନର ଜଗୁଆଳୀ ରୂପେ କାର୍ଯ୍ୟ କରିବାକୁ କ୍ଷମତାପ୍ରାପ୍ତ କରିଥାଏ ।

'ନ୍ୟାୟିକ ପୁନରାବଲୋକନ' (Judicial Review) ତତ୍ତ୍ୱ ୧୮୦୩ ମସିହାରେ ଆମେରିକା ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ମାର୍ଶାଲ୍‌ଙ୍କ ଦ୍ୱାରା 'ମାରବରି ବନାମ୍ ମାଡ଼ିସନ୍' ମକଦ୍ଦମାର ରାୟ ମଧ୍ୟରେ ଆତ୍ମପ୍ରକାଶ ଲାଭ କରିଥିଲା । ସେଠାରେ 'ଆଇନର ଯଥୋଚିତ ପ୍ରକ୍ରିୟା' (Due process of Law) କାର୍ଯ୍ୟ କରୁଥିବାରୁ ବିଚାରପତିମାନେ ପ୍ରଚଳିତ ଆଇନର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନୁହଁନ୍ତି । ସେମାନଙ୍କ ବ୍ୟାଖ୍ୟା ହିଁ ବାସ୍ତବ ସମ୍ବିଧାନ ରୂପେ ଗଣ୍ୟ ହୁଏ । ଭାରତୀୟ ସମ୍ବିଧାନର କୌଣସି ନିର୍ଦ୍ଦିଷ୍ଟ ଧାରାରେ 'ନ୍ୟାୟିକ ପୁନରାବଲୋକନ' ସଂପର୍କରେ ସ୍ପଷ୍ଟ ଉଲ୍ଲେଖ ନଥିଲେ ମଧ୍ୟ ସମ୍ବିଧାନର ବିଭିନ୍ନ ଧାରା ଓ ଉପଧାରାରେ ଏହା ସୂଚିତ ଅର୍ଥରେ ଲିପିବଦ୍ଧ ହୋଇଛି । ସମ୍ବିଧାନର ୧୩, ୩୨, ୨୪୫, ୨୪୬, ୨୫୮ ଓ ୩୭୨ରେ ଏ ବିଷୟରେ ଆଲୋଚନା କରାଯାଇଛି । ୧୩(୨) ଧାରାନୁସାରେ ମୌଳିକ ଅଧିକାରଗୁଡ଼ିକ ଉଚ୍ଛେଦ କରିବା କିମ୍ବା ସଙ୍କୁଚିତ କରିବା ପାଇଁ ରାଷ୍ଟ୍ର କୌଣସି ଆଇନ ପ୍ରଣୟନ କରିପାରିବ ନାହିଁ ବୋଲି ବ୍ୟବସ୍ଥା ରହିଛି । ଭାରତରେ ଆଇନଦ୍ୱାରା ସ୍ଥାପିତ କାର୍ଯ୍ୟଧାରା (Procedure established by law) ନୀତି ଅନୁସୃତ ହେଉଥିବାରୁ ବିଚାରପତିମାନେ ପ୍ରଚଳିତ ଆଇନର ଲକ୍ଷ୍ମଣରେଖା ମଧ୍ୟରେ ଆବଦ୍ଧ ରହିଥା'ନ୍ତି । ଏଣୁ ଆମେରିକାରେ ପ୍ରଚଳିତ ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥା ତୁଳନାରେ ଭାରତରେ ଏହା ସୀମିତ ଅଟେ ।

'ନ୍ୟାୟିକ ପୁନରାବଲୋକନ' ପ୍ରସଙ୍ଗ ଦୁଇଟି ତତ୍ତ୍ୱ ; ଯଥା - ସୀମିତ ସରକାର (Limited Government) ଏବଂ ସାଧାରଣ ଓ ସର୍ବୋଚ୍ଚ ଆଇନ ପରି ଦ୍ୱିବିଧ ଆଇନ (Theory of Two Laws - Ordinary and Supreme) ଉପରେ ପର୍ଯ୍ୟବେସିତ ଅଟେ । ଏକ ରାଜନୈତିକ ବ୍ୟବସ୍ଥାର ସମସ୍ତ ବ୍ୟବସ୍ଥାପିକା କ୍ଷମତାର ଉତ୍ସ ରୂପେ ଏକ ସର୍ବୋଚ୍ଚ ଆଇନ (Supreme Law) କୁ ଗ୍ରହଣ କରାଗଲେ ଉକ୍ତ ସାଧାରଣ ଆଇନ ପ୍ରଣୟନକାରୀ ସଂସ୍ଥାମାନଙ୍କର କାର୍ଯ୍ୟ ସର୍ବୋଚ୍ଚ ଆଇନର

ପରିପନ୍ଥୀ ହେଲେ ତାହାକୁ ଅସିଦ୍ଧ ବୋଲି ଘୋଷଣା କରିବା ପାଇଁ ଉଚ୍ଚତମ ନ୍ୟାୟାଳୟ ପରି ଏକ ସ୍ୱତନ୍ତ୍ର ସଂସ୍ଥାର ବ୍ୟବସ୍ଥା କରାଯାଇଛି ।

**ନ୍ୟାୟିକ ପୁନରାବଲୋକନର ଅନୁକୂଳ ପରିବେଶ :** ଭାରତୀୟ ରାଜନୈତିକ ବ୍ୟବସ୍ଥାର ନିମ୍ନଲିଖିତ ପରିବେଶରେ ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥା କାର୍ଯ୍ୟ କରୁଛି -

**(୧) ଏକ ଲିଖିତ ଓ ଅନମନୀୟ ସମ୍ବିଧାନ :** ସମ୍ବିଧାନ ଲିଖିତ ହେବା ଫଳରେ ସର୍ବୋଚ୍ଚ ଆଇନ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ହୁଏ ଯାହାକୁ ସାମ୍ବିଧାନିକତାର ମାପକାଠି ହିସାବରେ ଗ୍ରହଣ କରାଯାଇପାରେ । ସେହିପରି ସମ୍ବିଧାନ ସଂଶୋଧନ ପଦ୍ଧତି ଜଟିଳ ହେବା ଆବଶ୍ୟକ । ଏହା ଶାସକଦଳର ହାତବାରିସୀ ହେବା ଅନୁଚିତ ।

**(୨) ସଂଘୀୟ ବ୍ୟବସ୍ଥା :** ସଂଘୀୟ ବ୍ୟବସ୍ଥାରେ ସାମ୍ବିଧାନିକ କ୍ଷମତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବଣ୍ଟନ ହେବା ଆବଶ୍ୟକ । ଏହି ବଣ୍ଟନ ପ୍ରକ୍ରିୟାରେ 'ରେଫରୀ' ରୂପେ କାର୍ଯ୍ୟ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟର ଆବଶ୍ୟକତା ରହିଛି ।

**(୩) ମୌଳିକ ଅଧିକାର :** ଗୋପାଲନ୍ ବନାମ୍ ମାଡ୍ରାସ୍ ରାଜ୍ୟ ମକଦ୍ଦମାରେ ଭାରତର ମୁଖ୍ୟ ବିଚାରପତି କାନିଆ ରାୟ ଦେଇଥିଲେ ଯେ, " ମୌଳିକ ଅଧିକାରକୁ କେନ୍ଦ୍ରୀୟ ଓ ରାଜ୍ୟ ବ୍ୟବସ୍ଥାପକସଭା ଓ କାର୍ଯ୍ୟପାଳିକାର ଅବାଞ୍ଛିତ ହସ୍ତକ୍ଷେପ ଓ ସଙ୍କୋଚନ ଏବଂ ଏପରିକି ସାଧାରଣ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନଠାରୁ ମଧ୍ୟ ମୁକ୍ତ ରଖି ସୁରକ୍ଷିତ ରଖିବା ହେଉଛି ନ୍ୟାୟାଳୟର ମୁଖ୍ୟ କାର୍ଯ୍ୟ ।

**ଭାରତର କାର୍ଯ୍ୟରତ ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥା :** ଭାରତରେ କାର୍ଯ୍ୟରତ ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥାର ଗତି ଓ ସ୍ୱରୂପକୁ ତିନିଗୋଟିଏ ପର୍ଯ୍ୟାୟଭୁକ୍ତ କରାଯାଇପାରେ; ଯଥା - (୧) ୪୨ତମ ସମ୍ବିଧାନ ସଂଶୋଦନ ଆଇନର ପୂର୍ବ ପର୍ଯ୍ୟାୟ, (୨) ୪୨ତମ ସମ୍ବିଧାନ ସଂଶୋଧନ ଆଇନଦ୍ୱାରା ସଂଶୋଧିତ ପର୍ଯ୍ୟାୟ ଓ ୩୪୨ତମ ସମ୍ବିଧାନ ସଂଶୋଧନ ଆଇନର ପରବର୍ତ୍ତୀ ପର୍ଯ୍ୟାୟ ।

**(୧) ୪୨ତମ ସମ୍ବିଧାନ ସଂଶୋଧନ ଆଇନର ପୂର୍ବ ପର୍ଯ୍ୟାୟ :** ୪୨ତମ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ଉଚ୍ଚତମ ନ୍ୟାୟାଳୟ ବ୍ୟବସ୍ଥାପକ ସଭାର ଯୋଗ୍ୟତା, ମୌଳିକ ଅଧିକାରର ସଂରକ୍ଷଣ ଓ ସମ୍ବିଧାନର ବିରୁଦ୍ଧାଚରଣ ଆଦି ମାଧ୍ୟମରେ 'ନ୍ୟାୟିକ ପୁନରାବଲୋକନ' କ୍ଷମତାକୁ ପ୍ରୟୋଗ କରୁଥିଲେ । ସମ୍ବିଧାନ କେନ୍ଦ୍ରୀୟ ସଂସଦ ଓ ରାଜ୍ୟ ବ୍ୟବସ୍ଥାପିକାର ଆଇନ ପ୍ରଣୟନର କ୍ଷମତା ନିର୍ଦ୍ଦିଷ୍ଟ କରିଥିବାରୁ ସେମାନଙ୍କର ସୀମାବଦ୍ଧତା ସ୍ପଷ୍ଟ ଏବଂ ଉଲ୍ଲଂଘନ ସଂପର୍କରେ ପରୀକ୍ଷା ପାଇଁ ଉଚ୍ଚତମ ନ୍ୟାୟାଳୟର ଉଦ୍ୟମ ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥାକୁ ସୂଚୀତ କରିଥାଏ । ସେହିପରି ୧୩(୨) ଧାରାରେ ମୌଳିକ ଅଧିକାରର ଆଇନଗତ ସୁରକ୍ଷା ପାଇଁ ୩୨ ଓ ୨୨୬ ଧାରାରେ ବ୍ୟବସ୍ଥା ଏହାର ସ୍ଥିତିକୁ ପ୍ରମାଣିତ କରୁଥିଲା । ୧୯୬୭ ମସିହାର ଗୋଲକନାଥ ମକଦ୍ଦମାର ରାୟରେ ଉଚ୍ଚତମ ନ୍ୟାୟାଳୟ ମୌଳିକ ଅଧିକାର ସଂପର୍କିତ ବିଷୟକୁ ସଂସଦ ସଂଶୋଧନ କରିପାରିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ ଯାହା 'ନ୍ୟାୟିକ ପୁନରାବଲୋକନ'ର ବାସ୍ତବ ସ୍ଥିତି ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଥାଏ । କିନ୍ତୁ ୨୪ ତମ ସମ୍ବିଧାନ ସଂଶୋଧନ ଆଇନାରେ ୩୬୮ ଧାରା ବ୍ୟାଖ୍ୟା, ୨୫ତମ ଆଇନରେ ସଂପତ୍ତିଗତ ଅଧିକାରରେ ସଂଶୋଧନ, ୨୯ତମ ସମ୍ବିଧାନ ସଂଶୋଧନ ଆଇନକୁ ନବମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ସଂପର୍କରେ ଉଚ୍ଚତମ ନ୍ୟାୟାଳୟରେ ପ୍ରଶ୍ନ କରାଯାଇଥିଲା । ୧୯୭୩ ମସିହାର କେଶବାନନ୍ଦ ଭାରତୀ ବନାମ୍ କେରଳ ରାଜ୍ୟ ମକଦ୍ଦମାର ରାୟରେ ଗୋଲକନାଥ ମକଦ୍ଦମାର ରାୟକୁ ଖଣ୍ଡନ କରାଯାଇ ସମ୍ବିଧାନ ସଂଶୋଧନ କ୍ଷେତ୍ରରେ ସଂସଦର ପ୍ରାଧାନ୍ୟ ଓ ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରାଯିବା ଫଳରେ ନ୍ୟାୟିକ ପୁନରାବଲୋକନ କ୍ଷମତାର ପରିସର ଅତ୍ୟନ୍ତ ସଙ୍କୁଚିତ ହୋଇଗଲା ।

**(୨) ୪୨ତମ ସମ୍ବିଧାନ ସଂଶୋଧନ ଆଇନଦ୍ୱାରା ସଂଶୋଧିତ ପର୍ଯ୍ୟାୟ :** ୪୨ତମ ସମ୍ବିଧାନ ସଂଶୋଧନ ଆଇନ 'ନ୍ୟାୟିକ ପୁନରାବଲୋକନ'ର ପରିସରକୁ ଅତ୍ୟନ୍ତ ସଙ୍କୁଚିତ କରିଥିଲା । ଏହା ସଂସଦର ପ୍ରତ୍ୟେକ ସଂଶୋଧନୀ ପ୍ରସ୍ତାବକୁ 'ନ୍ୟାୟିକ ପୁନରାବଲୋକନ'ର ପରିସରଭୁକ୍ତ କରାନଯିବା ପାଇଁ ବ୍ୟବସ୍ଥା କରିଥିଲା । କେବଳ ସଂଘୀୟ ବ୍ୟବସ୍ଥାର କ୍ଷମତା ବିଭାଜନ ସଂକ୍ରାନ୍ତୀୟ ସଂଶୋଧନକୁ 'ନ୍ୟାୟିକ ପୁନରାବଲୋକନ'ର ପରିସରଭୁକ୍ତ କରାଗଲା ।

**(୩) ୪୨ତମ ସମ୍ବିଧାନ ସଂଶୋଧନ ଆଇନର ପରିବର୍ତ୍ତୀ ପର୍ଯ୍ୟାୟ :** ୪୩ ତମ ସମ୍ବିଧାନ ସଂଶୋଧନ ଆଇନ ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥାର ପୂର୍ବ ସ୍ଥିତିକୁ ପୁନଃ ସଂସ୍ଥାପନ କରିଥିଲା । କେନ୍ଦ୍ର ଓ ରାଜ୍ୟ ଆଇନ ନିର୍ବିଶେଷରେ ଭାରତର ଉଚ୍ଚତମ ନ୍ୟାୟାଳୟ ବା ଯେ କୌଣସି ରାଜ୍ୟ ଉଚ୍ଚନ୍ୟାୟାଳୟରେ ସାମ୍ବିଧାନିକ ବୈଧତାର ପ୍ରଶ୍ନ ବିଚାରଯୋଗ୍ୟ ବୋଲି ବ୍ୟବସ୍ଥା ପୁନଃ ପ୍ରବର୍ତ୍ତିତ ହେଲା ।

**ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥା ସମ୍ବିଧାନର 'ମୌଳିକ ଗଢଣ' ଅଟେ :** ୧୯୭୩ ମସିହାର *କେଶବାନନ୍ଦ ଭାରତୀ* ମକଦ୍ଦମାର ରାୟରେ ସମ୍ବିଧାନର 'ମୌଳିକ ଗଢଣ' (Basic structure of the Constitution) ବିଷୟରେ ସୂଚନା ଦିଆଯାଇ ଏହାକୁ ସଂସଦ ଦ୍ୱାରା ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ସମ୍ବିଧାନର "ମୌଳିକ ଗଢଣ' ସ୍ପଷ୍ଟ ସ୍ୱରୂପ ନିରୂପିତ ହେଲାନାହିଁ । ୧୯୮୦ ମସିହାର *ମିନର୍ଭା ମିଲ୍ସ* ମକଦ୍ଦମାର ରାୟରେ 'ନ୍ୟାୟିକ ପୁନରାବଲୋକନ' (Judicial Review) ଓ ସଂସଦର 'ସୀମିତ ସଂଶୋଧନୀ କ୍ଷମତା' (Limited Amending Power of the Parliament) କୁ ସମ୍ବିଧାନର 'ମୌଳିକ ଗଢଣ' ରୂପେ ଉଚ୍ଚତମ ନ୍ୟାୟାଳୟ ସ୍ୱୀକୃତି ଦେଲେ । ଏହା ପୁନରାବଲୋକନ କ୍ଷମତାର ଗୁରୁତ୍ୱ ବୃଦ୍ଧି କଲା ।

**ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥାର ସମାଲୋଚନା :**

୧) ବିଚାରପତିମାନେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ହୋଇନଥିବାରୁ ଲୋକପ୍ରତିନିଧିମାନଙ୍କୁ ନେଇ ଗଠିତ ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ଆଇନକୁ ସେମାନେ ଅସିଦ୍ଧ ବୋଲି ଘୋଷଣା କରିବା ବ୍ୟବସ୍ଥା ଗଣତାନ୍ତ୍ରିକ ନୁହେଁ ।

୨) ବିଚାରପତିମାନେ ରକ୍ଷଣଶୀଳ ପରିବର୍ତ୍ତନ ବିରୋଧି ଓ ସବୁକିଛି ଆଇନ ଦୃଷ୍ଟିରୁ ବିବେଚନା କରୁଥିବାରୁ ସେମାନେ ପ୍ରଗତିଶୀଳ ଆଇନର ବିରୋଧ କରିବାର ସମ୍ଭାବନା ଅଧିକ ।

ଉପରୋକ୍ତ ସମାଲୋଚନା ସତ୍ତ୍ୱେ ନ୍ୟାୟିକ ପୁନରାବଲୋକନ କ୍ଷମତା ଦ୍ୱାରା ସମ୍ବିଧାନର ଶ୍ରେଷ୍ଠତ୍ୱ ରକ୍ଷା କରିବା ସମ୍ଭବ ହେଉଛି । ଭାରତର ଉଚ୍ଚତମ ନ୍ୟାୟାଳୟ ସମ୍ବିଧାନର 'ଜାଗ୍ରତ ପ୍ରହରୀ' ଓ 'ଚୂଡ଼ାନ୍ତ ଭାଷ୍ୟକାର' ରୂପେ ନିଜର ଭୂମିକା ନିର୍ବାହ କରୁଛି । ନାଗରିକର ଅଧିକାରର ସୁରକ୍ଷା ଓ ସଂଖ୍ୟାଗରିଷ୍ଠତାର ଏକଛତ୍ରବାଦ ର ପ୍ରତିରୋଧ ପାଇଁ ନ୍ୟାୟିକ ପୁନରାବଲୋକନ ବ୍ୟବସ୍ଥାର ଆବଶ୍ୟକତା ରହିଛି ।

## ୧୫.୫ ନ୍ୟାୟିକ କ୍ରିୟାଶୀଳତା

## (Judicial Activism)

ସାଂପ୍ରତିକ ସମୟରେ 'ନ୍ୟାୟିକ କ୍ରିୟାଶୀଳତା' (Judicial Activism) ଜାତୀୟ ରାଜନୀତି ଓ କାର୍ଯ୍ୟସୂଚୀର ଅନ୍ୟତମ ମୁଖ୍ୟ ବିଷୟ ଅଟେ । ବ୍ୟାପକ ଦୁର୍ନୀତି ଓ ଗଣତାନ୍ତ୍ରିକ ନୀତି ନିୟମର ନିମ୍ନ ତଥା ବ୍ୟାପକ ଉଲ୍ଲଂଘନରେ ଶ୍ୱାସରୁଦ୍ଧ ହେଉଥିବା ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାପାଇଁ 1996 ମସିହାରେ ଉଚ୍ଚତମ ନ୍ୟାୟଳୟର ନିଷ୍ପତ୍ତି ଝଲକାଏ ସୁସ୍ଥ ବାୟୁ ଯୋଗାଇ ଦେଇଥିଲା । ଜୈନ ହାୱାଲା, ଚନ୍ଦ୍ରସ୍ୱାମୀ ଓ ପରିବେଶ ପ୍ରଦୂଷଣ ମକଦ୍ଦମାଗୁଡ଼ିକରେ ଉଚ୍ଚତମ ନ୍ୟାୟଳୟ ସାହସ, ଜାଗୃତି, ବାସ୍ତବ ଜ୍ଞାନ,

ବିଚାରବୁଦ୍ଧି, ସୃଜନଶୀଳତା ଆଦିର ପରିଚୟ ଦେଇ କାର୍ଯ୍ୟପାଳିକା ଓ ପ୍ରଶାସନକୁ ସୁସ୍ପଷ୍ଟ ଦିଗ୍‌ଦର୍ଶନ ଦେଇଥିଲେ । କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋକୁ ନିଜର ସାମ୍ବିଧାନିକ ଦାୟିତ୍ୱ ସୁଚାରୁରୂପେ ସଂପାଦନପାଇଁ ଉଚ୍ଚତମ ନ୍ୟାୟାଳୟ ଯଥେଷ୍ଟ ସୁଯୋଗ ଦେଇଥିଲେ । ଏହି ଅଦାଲତ ସହରାଞ୍ଚଳ ଗୃହଯୋଗାଣ ଦୁର୍ନୀତି, ଗୋ-ଖାଦ୍ୟ ଦୁର୍ନୀତି, ଲକ୍ଷ୍ମୁଭାଇ ପାଠକ ଠକେଇ ମାମଲା ଓ ସେଣ୍ଟକିଟ୍‌ସ ଠକେଇ ମକଦ୍ଦମାରେ ଉଚ୍ଚତମ ନ୍ୟାୟାଳୟ ଉଚ୍ଚସ୍ତରରେ ବ୍ୟାପକ ଦୁର୍ନୀତିକୁ ଲୋକଲୋଚନକୁ ଆଣିପାରିଥିଲା ।

'ନ୍ୟାୟିକ କ୍ରିୟାଶୀଳତା' ସାଧାରଣ ନ୍ୟାୟିକ କାର୍ଯ୍ୟାବଳୀଠାରୁ ସଂପୂର୍ଣ୍ଣ ପୃଥକ୍ ନୁହେଁ । 'କ୍ରିୟାଶୀଳତା' (Activism) ର ଅର୍ଥ 'କ୍ରିୟାଶୀଳ ହେବା' । ଏକ ନିଷ୍ପତ୍ତି ସହ କାର୍ଯ୍ୟ କରିବା ଏବଂ ଏହି ଦୃଷ୍ଟିରୁ ବିବେଚନା କଲେ ନିଜର ଦାୟିତ୍ୱ ଦୃଷ୍ଟିରୁ ପ୍ରତ୍ୟେକ ବିଚାରପତି ଜଣେ 'କ୍ରିୟାଶୀଳ ବ୍ୟକ୍ତି' (Activist) ଅଟନ୍ତି । ଜଷ୍ଟିସ୍ କୃଷ୍ଣା ଆୟାର ମତ ଦେଇଛନ୍ତି ଯେ, ଆଗକୁ ଗତିଶୀଳ ଗିୟର ବା ପଛକୁ ଗତିଶୀଳ ଗିୟର୍ ବ୍ୟବସ୍ଥାରେ ପ୍ରତ୍ୟେକ ବିଚାରପତି ଜଣେ ଜଣେ କ୍ରିୟାଶୀଳ ବ୍ୟକ୍ତି ଅଟନ୍ତି' । ନ୍ୟାୟିକ ନୀତି ନିୟମ ପ୍ରଣୟନ ଉଭୟ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ନୀତିକୁ ସମର୍ଥନ ବା ବିରୋଧୀ କରିଥାଏ । କିନ୍ତୁ ଏହା କେବଳ କାର୍ଯ୍ୟପାଳିକାର ନୀତିକୁ ପ୍ରଭାବିତ କଲେ ତାହାକୁ ନ୍ୟାୟିକ କ୍ରିୟାଶୀଳତା କୁହାଯାଉଛି । ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି, ପରିବେଶ ଓ ସମୟ ସହିତ ଖାପ ଖୁଆଇ ନ୍ୟାୟପାଳିକା ଯେଉଁ ନିଷ୍ପତ୍ତି ନେଉଛି ତାହାକୁ 'ନ୍ୟାୟିକ କ୍ରିୟାଶୀଳ' ପଦବାଚ୍ୟ କରାଯାଉଛି । ନ୍ୟାୟପାଳିକ ଏକ ନିରପେକ୍ଷ ଅମ୍ପାୟାରର ପୁରାତନ ଭୂମିକା ମଧ୍ୟରୁ ବାହାରି ଆସି ସାମ୍ବିଧାନିକ ବ୍ୟବସ୍ଥାରେ ଏକ କ୍ରିୟାଶୀଳ ଭୂମିକା ଗ୍ରହଣ କରୁଥିବାରୁ ଏବଂ ସାମାଜିକ ପରିବର୍ତ୍ତନର ମାଧ୍ୟମ ସାଜିଥିବାରୁ ଏହା 'ନ୍ୟାୟିକ କ୍ରିୟାଶୀଳତା'ର ବାସ୍ତବ ରୂପାୟନ ଦିଗରେ ନ୍ୟାୟପାଳିକାର ପରିବର୍ତ୍ତିତ ଦାୟିତ୍ୱକୁ ସୂଚିତ କରୁଛି । ପ୍ରତିନିଧିମୂଳକ ଗଣତନ୍ତ୍ରର ଅଣ-ଗଣତାନ୍ତ୍ରିକ ବିକଳ୍ପରୂପେ 'ନ୍ୟାୟପାଳିକଦ୍ୱାରା ପରିଚାଳିତ ସରକାର' ଦେଖାଯାଉଛି ବୋଲି କୁହାଯାଉଛି । ଉପେନ୍ଦ୍ର ବକ୍‌ସିଙ୍କ ମତରେ, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ସେମାନଙ୍କର ଆଇନଗତ ଓ ସାମ୍ବିଧାନିକ ଦାୟିତ୍ୱ ସଂପାଦନ କରିପାରୁ ନଥିବା ପରିସ୍ଥିତିରେ ନ୍ୟାୟପାଳିକାର ନେତୃତ୍ୱ ଗ୍ରହଣ ନ୍ୟାୟିକା କ୍ରିୟାଶୀଳତାର ଭିତ୍ତିଭୂମିକ ସ୍ଥାପନ କରିଥାଏ । ସଂସଦ ଓ କାର୍ଯ୍ୟପାଳିକା ଦୁର୍ନୀତିଗ୍ରସ୍ତ ହୋଇ ସାଧାରଣ ସ୍ୱାର୍ଥସାଧନ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରେ ନ୍ୟାୟପାଳିକା ଏହି ଭୂମିକାରେ ଅବତୀର୍ଣ୍ଣ ହୁଏ ।

ନିୟନ୍ତ୍ରଣ ବ୍ୟାପକ ହସ୍ତାନ୍ତରଣ, ସ୍ୱେଚ୍ଛାଧୀନ କ୍ଷମତା ଉପରେ ନ୍ୟାୟିକ ନିୟନ୍ତ୍ରଣର ପରିସର ବୃଦ୍ଧି, ପ୍ରଶାସନିକ ଉପରେ ନ୍ୟାୟିକ ପୁନରାବଲୋକନର ପରିସର ସଂପ୍ରସାରଣ, ମୁକ୍ତ ସରକାର ନୀତିର ବ୍ୟାପକତା, ଅଦାଲତା ଅବମାନନା କ୍ଷମତାର ବ୍ୟାପକ ପ୍ରୟୋଗ, ଅର୍ଥନୈତିକ, ସାମାଜିକ ଓ ଶିକ୍ଷା ଲକ୍ଷ୍ୟ ହାସଲ ଦିଗରେ ନୀତି ନିୟମର ବ୍ୟାପକ ବ୍ୟାଖ୍ୟା ଇତ୍ୟାଦି ବ୍ୟବସ୍ଥା ନ୍ୟାୟିକ କ୍ରିୟାଶୀଳତାର ବିକାଶ ପ୍ରକ୍ରିୟାକୁ ପ୍ରତିଫଳନ ଓ ସମର୍ଥନ କରିଥାଏ ।

ନ୍ୟାୟିକ କ୍ରିୟାଲୀତା ଏକବିଂଶ ଶତାବ୍ଦୀୟ ବିଷୟ ନୁହେଁ । ଯଦିଓ ଜରୁରୀ ପରିସ୍ଥିତି ଜାରି ହେବା ସମୟରେ ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟର ପରିସର ସଂକୁଚିତ ହୋଇଯାଇଥିଲା ତଥାପି ଜରୁରୀ ପରିସ୍ଥିତି ଘୋଷଣାର ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ 1973 ମସିହାରେ ଉଚ୍ଚତମ ନ୍ୟାୟାଳୟ କେଶବାନନ୍ଦ ଭାରତୀ ମକଦ୍ଦମାରେ ରାୟରେ କାର୍ଯ୍ୟପାଳିକାର ସମ୍ବିଧାନ ସଂଶୋଧନ ଓସମ୍ବିଧାନର 'ମୌଳିକ ଗଢ଼ଣ' ପରିବର୍ତ୍ତନ ପ୍ରକ୍ରିୟା ଉପରେ ଅଙ୍କୁଶ ବସାଇଥିଲା । କିନ୍ତୁ ବାସ୍ତବ କ୍ଷେତ୍ରରେ ଇନ୍ଦିରା ଗାନ୍ଧିଙ୍କ ନିୟନ୍ତ୍ରଣହୀନ ଅଣସାମ୍ବିଧାନିକ କାର୍ଯ୍ୟରେ ଏହାର ନୀରବ ଦର୍ଶକ ସାଜିଥିଲା ।

ଭାରତରେ ନ୍ୟାୟିକା କ୍ରିୟାଶୀଳତା ପ୍ରକୃତ ଅର୍ଥରେ ବିହାରରେ ବିଚାରାଧୀନ ବନ୍ଦୀଙ୍କ ଅମାନବୀୟ ଅଟକ ଓ ନିର୍ଯ୍ୟାତନ ପରିପ୍ରେକ୍ଷୀରେ 1980 ମସିହାରେ ସମ୍ବିଧାନର 21 ଧାରା ଉଲ୍ଲଂଘନ କ୍ଷେତ୍ରରେ ପ୍ରୟୋଗ ହୋଇଥିଲା । ଉଚ୍ଚତମ ନ୍ୟାୟାଳୟ ପୋଲିସ୍ ହାଜତର ଅତ୍ୟାଚାର ଓ ମୃତ୍ୟୁ, ବନ୍ଧୁ ନିର୍ଯ୍ୟାତନା ଓ ମୃତ୍ୟୁ, ପୋଲିସ୍ ହାଜତରେ ଧର୍ଷଣ ଓ ହତ୍ୟା ଆଦି ବିବିଧ ଘଟଣାକୁ ବିଚାରକୁ ନେଇ ସନ୍ଦେହରେ କୌଣସି ଲୋକଙ୍କୁ ଗିରଫ ସମୟରେ ହାତକଡ଼ି ନ ପିନ୍ଧାଇବା, ସନ୍ଧ୍ୟା ପରେ କୌଣସି ମହିଳାଙ୍କୁ ଗିରଫ କରି ପୋଲି ହାଜତକୁ ନଆଣିବା ଏବଂ ବିଭିନ୍ନ ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ଜେଲ୍ ବୁଲି ବନ୍ଦୀଙ୍କ ଅବସ୍ଥା ଓ

ପରିବେଶ ସମ୍ପର୍କରେ ବାସ୍ତବ ଜ୍ଞାନ ହାସଲ କରିବାପାଇଁ ନିର୍ଦ୍ଦେଶ ଦେଲେ । 1993 ମସିହାରେ ଶ୍ରୀନଗରର ହଜରତ୍‌ବା ମସ୍‌ଜିଦ୍‌ରେ ନିର୍ଦ୍ଦୋଷ ଲୋକଙ୍କ ସ୍ୱାର୍ଥ ଓ ଅଧିକାରର ସଂରକ୍ଷଣ, ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ସାମ୍ବିଧାନିକ କ୍ଷମତା ସଂପର୍କରେ ବ୍ୟାଖ୍ୟା, ଗଙ୍ଗାନଦୀର ଜଳ ଓ ତାଜମହଲର ସ୍ଥିତି ପ୍ରତି ବିପଦ ସୃଷ୍ଟି କରୁଥିବା ବହୁ-ଦେଶୀୟ କମ୍ପାନୀମାନଙ୍କୁ ଚେତାବନୀ ଓ ଆବଶ୍ୟକ ହେଲେ ସଂପୂର୍ଣ୍ଣ ବନ୍ଦ କରିଦେବାର ଧମକ ଦେବା, ସମସ୍ତ ସରକାରୀ ଓ ଅର୍ଦ୍ଧ-ସରକାରୀ ସଂସ୍ଥାକୁ ଖାଉଟି ନିରାପତ୍ତା ଆଇନର ପରିସରଭୁକ୍ତ କରିବା ଆଦି ଦୃଢ଼ ନିଷ୍ପତ୍ତି ଉଚ୍ଚତମ ନ୍ୟାୟାଳୟ ଗ୍ରହଣ କରି ନ୍ୟାୟିକ କ୍ରିୟାଶୀଳତାର ବ୍ୟାପକ ପ୍ରସାର ଓ ପ୍ରୟୋଗ କରିଥିଲେ । 1994 ମସିହାରେ 16 ବର୍ଷ ତଳେ କର୍ତ୍ତୃପକ୍ଷଙ୍କ ଅବହେଳା ଓ ବଧିରତାର ଶିକାର ହୋଇ ମୃତ୍ୟୁବରଣ କରିଥିବା ଜଣେ ସାମରିକ ଅଧିକାରୀଙ୍କ ବିଧବା ପତ୍ନୀ ଓ ଦୁଇ ପିଲାଙ୍କୁ କ୍ଷତିପୂରଣ ବାବଦରେ ଛଅଲକ୍ଷ ଟଙ୍କା ପ୍ରଦାନପାଇଁ ସେନାବାହିନୀ ମୁଖ୍ୟଙ୍କୁ ଉଚ୍ଚତମ ନ୍ୟାୟାଳୟ ସ୍ପଷ୍ଟ ନିର୍ଦ୍ଦେଶ ଦେଇ ନ୍ୟାୟିକ କ୍ରିୟାଶୀଳତାର ଇତିହାସରେ ଏକ ଉତ୍ତମ ପୃଷ୍ଠା ସଂଯୋଗ କରିଥିଲେ । ନରସିଂହ ରାଓ ସରକାର ସମୟରେ ସର୍ବାଧିକ ଶତକଡ଼ା 49 ହାରରେ ସଂରକ୍ଷଣ ନୀତି କାର୍ଯ୍ୟକାରିତା ଏବଂ କର୍ଣ୍ଣାଟକରେ ମହାବିଦ୍ୟାଳୟଗୁଡ଼ିକରେ ଆଦାୟ କରାଯାଉଥିବା ବ୍ୟାପକ ଚାନ୍ଦା (capitation fee) ର ପ୍ରତିରୋଧ ସଂକ୍ରାନ୍ତରେ ଉଚ୍ଚତମ ନ୍ୟାୟାଳୟ ସ୍ପଷ୍ଟ ନିର୍ଦ୍ଦେଶ ଦେଇ ନିଜର ନେତୃତ୍ୱ ପ୍ରତିଷ୍ଠା କରିଥିଲା । ହାୱାଲା ଘଟଣାରେ ସି.ବି.ଆଇ.କୁ କଡ଼ାକଡ଼ି ନିର୍ଦ୍ଦେଶ ପ୍ରଦାନ ଓ ନିୟନ୍ତ୍ରଣ କରିବା ଫଳରେ ଉଚ୍ଚତମ ନ୍ୟାୟାଳୟ ନିଜର ଗୁରୁତ୍ୱପୂର୍ଣ୍ଣ ସ୍ଥିତି ଓ ପରିବର୍ତ୍ତିତ ଭୂମିକା ଜାହିର କରିଥିଲା । ସି.ବି.ଆଇ. କୌଣସି ଲୋକଙ୍କ ବିରୁଦ୍ଧରେ ମକଦ୍ଦମା ବନ୍ଦ ନ କରିବା, ନୂତନ ସାକ୍ଷ୍ୟପ୍ରମାଣ ସଂଗ୍ରହ କରିବା ଓ ବହୁ-କୋଟି ହାୱାଲା ଘଟଣା ଅନୁସନ୍ଧାନ ସଂକ୍ରାନ୍ତୀୟ କୌଣସି ରିପୋର୍ଟ ପ୍ରଧାନମନ୍ତ୍ରୀଙ୍କ ସମେତ କୌଣସି ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ପ୍ରଦାନ ନକରିବାପାଇଁ 1996 ମସିହା ମାର୍ଚ୍ଚ 1 ତାରିଖରେ ଉଚ୍ଚତମ ନ୍ୟାୟାଳୟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲା । ଜୈନ ହାୱାଲା ବ୍ୟାପାରରେ ବିଚାରପତି ବର୍ମାଙ୍କ ଭୂମିକା ନ୍ୟାୟାଳୟର ଉଜ୍ଜ୍ୱଳ ଭୂମିକା ଓ ତୀର୍ଯ୍ୟକ୍ କାର୍ଯ୍ୟଧାରାକୁ ପ୍ରତିଷ୍ଠିତ କରିପାରିଥିଲା । ଜରୁରୀ ପରିସ୍ଥିତି ସମୟରେ ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟର ଅନ୍ଧକାର ସମୟରେ ମଧ୍ୟ ବିଚାରପତି ବର୍ମା ଜଣେ ଉଚ୍ଚ ନ୍ୟାୟାଳୟର ବିଚାରପତି ହିସାବରେ ହେବିୟସ୍ କର୍ପସ ରିଟ୍‌ର ବିଚାରକରି 'ମିସା' (MISA) ଆଇନରେ ବନ୍ଦୀ ହୋଇଥିବା କେତେକ ଲୋକଙ୍କୁ ମୁକ୍ତ ହେବାର ନିର୍ଦ୍ଦେଶ ଦେଇଥିଲେ । ହାୱାଲା ବ୍ୟାପାରରେ ଜଷ୍ଟିସ୍ ବର୍ମାଙ୍କ ଉଲ୍ଲେଖନୀୟ ଶାଣିତ ନିର୍ଦ୍ଦେଶ ନ୍ୟାୟପାଳିକାର ଭୂମିକା ଓ ପରିବର୍ତ୍ତିତ ଦାୟିତ୍ୱକୁ ସୂଚିତ କରିଥାଏ । ତାଙ୍କ ମତରେ, କାର୍ଯ୍ୟପାଳିକାକୁ କାର୍ଯ୍ୟକ୍ଷମ କରିବାହିଁ ତାଙ୍କ ଉଦ୍ଦେଶ୍ୟ ଥିଲା । 1996 ମସିହା ଫେବୃୟାରୀ 14 ତାରିଖରେ ଉଚ୍ଚତମ ନ୍ୟାୟାଳୟ ବିଚାରପତି କୁଳଦୀପ ସିଂହ ଓ ଏନ୍.ପି.ସିଂହଙ୍କ ଯୁଗ୍ମ ନିଷ୍ପତ୍ତି ମାଧ୍ୟମରେ 1984 ରୁ 1994 ମସିହା ମଧ୍ୟରେ ବଣ୍ଟନ ହୋଇଥିବା ସରକାରୀ ଗୃହ କ୍ଷେତ୍ରରେ ଥିବା ଅସଙ୍ଗତିକୁ ଅନୁସନ୍ଧାନ କରିବାକୁ ସି.ବି.ଆଇ.କୁ ନିର୍ଦ୍ଦେଶ ଦେଇଥିଲେ । 1996 ମସିହା ମାର୍ଚ୍ଚ 20 ତାରିଖରେ 500 କୋଟି ଟଙ୍କାର ବିହାର ଗୋ-ଖାଦ୍ୟ ଦୁର୍ନୀତିର ଅନୁସନ୍ଧାନ ପାଟନା ଉଚ୍ଚ ନ୍ୟାୟାଳୟର ତତ୍ତ୍ୱାବଧାନରେ ସି.ବି.ଆଇ. କରିବାପାଇଁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ । 1996 ମସିହା ସେପ୍ଟେମ୍ବର ମାସରେ ଜେ.ଏମ୍.ଏମ୍. (JMM) ମାମଲାରେ ନିରପେକ୍ଷ ଅନୁସନ୍ଧାନ ପାଇଁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଏକ ସ୍ୱତନ୍ତ୍ର ସି.ବି.ଆଇ. ଅଫିସର ଗୋଷ୍ଠୀ ସୃଷ୍ଟି କରିଥିଲେ ଓ ସେମାନଙ୍କୁ 'ନ୍ୟାୟାଳୟର ଅଧିକାରୀ' ର ମର୍ଯ୍ୟାଦା ଦେଇ ସ୍ୱାଧୀନ ଓ ନିରପେକ୍ଷଭାବ ଅନୁସନ୍ଧାନ କାର୍ଯ୍ୟ ସଂପାଦନପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ ।

ପରିବେଶ ପ୍ରଦୂଷଣର ନିୟନ୍ତ୍ରଣପାଇଁ ଉଚ୍ଚତମ ନ୍ୟାୟାଳୟ 1998 ମସିହା ଜୁଲାଇ 28 ତାରିଖରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇ 2001 ମସିହା ମାର୍ଚ୍ଚ 31 ତାରିଖ ସୁଦ୍ଧା ଦିଲ୍ଲୀର ସମସ୍ତ ପରିବହନ ଯାନ ସି.ଏନ୍.ଜି.ଗ୍ୟାସ୍ ଚାଳିତ ହେବା ନିମନ୍ତେ ବ୍ୟବସ୍ଥା କରିଥିଲେ । ଭୂରେଲାଲ୍ କମିଟି ମଧ୍ୟ ଉଚ୍ଚତମ ନ୍ୟାୟାଳୟର ନିଷ୍ପତ୍ତିକୁ ବୈଷୟିକ ସମର୍ଥନ ପ୍ରଦାନ କରିଥିଲେ । କିନ୍ତୁ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେତୁ ଏହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ହୋଇପାରିନଥିଲା । ସରକାର ଓ ପ୍ରଶାସନ 'ଡିଜେଲ୍ ଲବି' ନିକଟରେ ମୁଣ୍ଡ ନୁଆଁଇବା ଫଳରେ ନ୍ୟାୟପାଳିକାର ଭୂମିକା ଗୌଣ ହୋଇଯାଇଥିଲା ।

ନ୍ୟାୟିକ କ୍ରିୟାଶୀଳତା ସରକାରଙ୍କ ଅନ୍ୟ ବିଭାଗଗୁଡ଼ିକର ନିଷ୍କ୍ରିୟ କାର୍ଯ୍ୟଧାରା ଫଳରେ ସୃଷ୍ଟ ଶୂନ୍ୟତାକୁ ପୂରଣ କରିଥାଏ । ବର୍ତ୍ତମାନର ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଅନେକ ଅପ୍ରୀତିକର ତଥା କଠୋର ନିଷ୍ପତ୍ତି ନେଇପାରୁ ନଥିବାରୁ ନ୍ୟାୟିକ କ୍ରିୟାଶୀଳତାର ଯଥାର୍ଥତା ବୃଦ୍ଧି ପାଇଛି । ଆଇନଗତ, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବ୍ୟାପାରରେ ନିଜର କାର୍ଯ୍ୟଧାରା ବାଧବାଧକତା ସହ ଆରମ୍ଭ କରୁଥିଲେ ମଧ୍ୟ ନ୍ୟାୟିକ କ୍ରିୟାଶୀଳତା ପରିପ୍ରେକ୍ଷୀରେ ନ୍ୟାୟାଳୟର ଉଗ୍ର ଭୂମିକା ଏକ ଅସ୍ଥାୟୀ ବ୍ୟବସ୍ଥା ବୋଲି ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଏ.ଏମ୍.ଅହମଦି ମତ ଦେଇଛନ୍ତି । ଗଣତନ୍ତ୍ରରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଚତୁର୍ଥ ସ୍ତମ୍ଭ ନିଜର ନିର୍ଦ୍ଧାରିତ ସୀମିତ ପରିସର ମଧ୍ୟରେ ଭୂମିକା ନିର୍ବାହ କରିବା ଆବଶ୍ୟକ । ନ୍ୟାୟିକ କ୍ରିୟାଶୀଳତାର ପ୍ରତିଫଳକୁ ତିନିଗୋଟି କାର୍ଯ୍ୟ ମଧ୍ୟରେ ସୀମିତ ରଖାଯାଇପାରେ; ଯଥା – ଉଚ୍ଚସ୍ତରରେ ଦୁର୍ନୀତିର ପର୍ଦ୍ଦାଫାସ୍ କରିବା, ଉଚ୍ଚ ରାଜନୀତିଜ୍ଞ ଓ ସରକାରୀ କର୍ମଚାରୀଙ୍କ ନ୍ୟାୟିକ ବିଚାର ଓ ପରିବେଶର ସୁରକ୍ଷାପାଇଁ ବିଧିବଦ୍ଧ ନିର୍ଦ୍ଦେଶ ପ୍ରଦାନ ।

ନ୍ୟାୟିକ କ୍ରିୟାଶୀଳତା ଫଳରେ ନ୍ୟାୟପାଳିକା ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କ୍ଷେତ୍ରରେ ଅନଧିକାର ହସ୍ତକ୍ଷେପ କରିଥାଏ ଏବଂ ଦ୍ୱିତୀୟତଃ, ନିଜର ଦକ୍ଷତା ଓ ଯୋଗ୍ୟତା ନଥିବା କ୍ଷେତ୍ରରେ ନ୍ୟାୟପାଳିକା କାର୍ଯ୍ୟକାରିବା ଫଳରେ ପ୍ରଶାସନିକ ଦକ୍ଷତା ହ୍ରାସ ପାଉଛି ଓ ସ୍ଥାଣୁତ୍ୱ ପ୍ରକାଶିତ ହେଉଛି । ଏହି ସମାଲୋଚନା ସତ୍ତ୍ୱେ ଜନସ୍ୱାର୍ଥ ମାମଲାର ଗୁରୁତ୍ୱ ବୃଦ୍ଧିପାଉଛି । ନିଜର ସାଧାରଣ କାର୍ଯ୍ୟ ସଂପାଦନ ସହ ନ୍ୟାୟିକ କ୍ରିୟାଶୀଳତା ପ୍ରଦର୍ଶନ କରି ନ୍ୟାୟପାଳିକା ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ନିଷ୍କ୍ରିୟତାର ପ୍ରତିରୋଧ କରିପାରୁଛି । 'ଦି ହିନ୍ଦୁ' ର 2001 ଏପ୍ରିଲ୍ 25 ତାରିଖ ସଂସ୍କରଣରେ 'The Executive must govern' ପ୍ରବନ୍ଧ ଲେଖି ଅଜୟ ମେହେରା ମତ ଦେଇଛନ୍ତି ଯେ "ନ୍ୟାୟିକା କ୍ରିୟାଶୀତା କାର୍ଯ୍ୟପାଳିକାର ଏକଛତ୍ରବାଦରୁ ଜନସାଧାରଣଙ୍କୁ ସୁରକ୍ଷା ଦେଉଥିବାରୁ ଏହା ଏକ ସଠିକ୍ ପଦକ୍ଷେପ ହୋଇଥିଲେ ମଧ୍ୟ ଏହା ବିଚାରବିଭାଗଦ୍ୱାରା ପରିଚାଳିତ ଶାସନବ୍ୟବସ୍ଥା ପ୍ରବର୍ତ୍ତନ କରିବା ଅନୁଚିତ ଅଟେ" ।

**୧୫.୬ ନ୍ୟାୟପାଳିକାର ସ୍ୱାଧୀନତା ରକ୍ଷା**

ସ୍ୱାଧୀନ ବିଚାର ବିଭାଗ ନିମ୍ନଲିଖିତ ଅର୍ଥକୁ ସୂଚୀତ କରିଥାଏ -

କ) ନ୍ୟାୟପାଳିକା ସରକାରଙ୍କ ଅନ୍ୟ ଦୁଇ ଅଙ୍ଗ; ଯଥା - ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ନିୟନ୍ତ୍ରଣଠାରୁ ମୁକ୍ତ ରହିବା ଆବଶ୍ୟକ ।

ଖ) ନ୍ୟାୟପାଳିକାର ନିଷ୍ପତ୍ତି ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ହସ୍ତକ୍ଷେପ ଓ ପ୍ରଭାବଠାରୁ ମୁକ୍ତ ହୋଇ ପ୍ରକାଶିତ ହେବା ଆବଶ୍ୟକ ।

ଗ) ବିଚାରପତିମାନେ ବିନା ଭୟ ଓ ଅନୁଗ୍ରହରେ ନ୍ୟାୟ ପ୍ରଦାନ କରିବା ଉଚିତ ।

**ନ୍ୟାୟପଳିକାର ସ୍ୱାଧୀନତା ରକ୍ଷା ପାଇଁ ଆବଶ୍ୟକୀୟ ସର୍ତ୍ତାବଳୀ :**

**(୧) ଉଚ୍ଚଯୋଗ୍ୟତା :** ବିଚାରପତିମାନେ ଉଚ୍ଚ ଆଇନଗତ ଯୋଗ୍ୟତା ସଂପନ୍ନ ଓ ଦକ୍ଷତାଯୁକ୍ତ ବ୍ୟକ୍ତି ହୋଇଥିବା ଆବଶ୍ୟକ । ସେମାନେ ଶିକ୍ଷାଗତ ଓ ବୃତ୍ତିଗତ ଯୋଗ୍ୟତା ସହିତ ବ୍ୟବହାରିକ ଦକ୍ଷତା ଓ ମାନବିକ ଦୃଷ୍ଟିଭଙ୍ଗୀ ସଂପନ୍ନ ହୋଇଥିବା ଉଚିତ । ଏହି ଯୋଗ୍ୟ, ଦକ୍ଷ ଓ ଅଭିଜ୍ଞ ବିଚାରପତିମାନେ ହିଁ ନିରପେକ୍ଷ ଓ ନିର୍ଭୀକ ଭାବେ ନିଜର ଦାୟିତ୍ୱ ସଂପାଦନ କରିପାରିବେ ।

**(୨) ନିଯୁକ୍ତି ପ୍ରଣାଳୀ :** ବିଚାରପତିମାନେ ଲୋକପ୍ରତିନିଧିମାନଙ୍କ ଭଳି ନିର୍ବାଚିତ ବା ମନୋନୀତି ହେଲେ ନିଜର ସ୍ୱାଧୀନତା ପ୍ରକାଶ କରିପାରନ୍ତିନାହିଁ । ଏଣୁ ସେମାନେ ସୁସ୍ଥ ନିଯୁକ୍ତି ନୀତି ଅନୁଯାୟୀ ପକ୍ଷପାତିତାର ଶୀକାର ନହୋଇ କେବଳ ଦକ୍ଷତା ଓ ଯୋଗ୍ୟତା ଭିତ୍ତିରେ ମୁଖ୍ୟ କାର୍ଯ୍ୟପାଳିକାଙ୍କଦ୍ୱାରା ନିଯୁକ୍ତ ହେବା ଆବଶ୍ୟକ ।

**(୩) ଦୀର୍ଘ ଓ ସ୍ଥାୟୀ କାର୍ଯ୍ୟକାଳ :** ବିଚାରପତିମାନେ ନିର୍ଦ୍ଦିଷ୍ଟ, ଦୀର୍ଘ ଓ ସ୍ଥାୟୀ କାର୍ଯ୍ୟକାଳ ଉପଭୋଗ କଲେ ଭୟଶୂନ୍ୟ ଭାବେ ସେମାନେ ନିଜର ନିଷ୍ପତ୍ତି ପ୍ରଦାନ କରନ୍ତି । ଭାରତରେ ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନେ ୬୫ ବର୍ଷ ବୟସରେ ଅବସର ନିଅନ୍ତି ।

**(୪) ଜଟିଳ ପଦଚ୍ୟୁତି ବ୍ୟବସ୍ଥା :** ବିଚାରପତିମାନଙ୍କ ପଦଚ୍ୟୁତି ବ୍ୟବସ୍ଥା ସ୍ପଷ୍ଟ ଓ ଜଟିଳ ହେବା ଆବଶ୍ୟକ । ଏହା ଫଳରେ ସ୍ୱେଚ୍ଛାଚାରୀଭାବେ ସେମାନଙ୍କୁ ପଦଚ୍ୟୁତ କରାଯାଇପାରେନାହିଁ । ଭାରତରେ ମହାଭିଯୋଗ ପ୍ରସ୍ତାବ ପ୍ରମାଣିତ ଅସଦ୍‌ବ୍ୟବହାର ବା ଅକ୍ଷମତା କାରଣରୁ ଆଗତ ହୋଇ ସଂସଦର ଉଭୟ ଗୃହ ଦ୍ୱାରା ଦୁଇ-ତୃତୀୟାଂଶ ସମର୍ଥନରେ ଗୃହୀତ ହେଲେ ରାଷ୍ଟ୍ରପତି ତାଙ୍କୁ ପଦଚ୍ୟୁତ ବା ବହିଷ୍କାର କରିଥା'ନ୍ତି । ଚାକରୀର ସ୍ଥାୟୀତ୍ୱ ବିଚାରପତିମାନଙ୍କୁ ନିର୍ଭୀକଭାବେ କାର୍ଯ୍ୟ ସଂପାଦନର ସୁଯୋଗ ଦେଇଥାଏ ।

**(୫) ଆକର୍ଷଣୀୟ ଦରମା ଓ ଭତ୍ତା :** ଆର୍ଥିକ ଦୁରବସ୍ଥା ବା ଅନାଟନ ବ୍ୟକ୍ତିର ବିବେକକୁ ଦମନ କରେ ଓ ସେ ଦୁର୍ନୀତିଗ୍ରସ୍ତ ହୋଇ ଗଣତାନ୍ତ୍ରିକ ଶାସନବ୍ୟବସ୍ଥା ଓ ବ୍ୟକ୍ତି ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରେ । ଏଣୁ ବିଚାରପତିମାନେ ପ୍ରଲୋଭନହୀନ ହୋଇ ନିରପେକ୍ଷ ଭାବେ ନିଜର ଦାୟିତ୍ୱ ନିର୍ବାହ କରନ୍ତି । ବିଚାରପତିମାନେ ଆକର୍ଷଣୀୟ ଦରମା ଓ ଭତ୍ତା ପାଇଲେ ନିର୍ଭୀକ ଭାବେ ନିଜର କାର୍ଯ୍ୟ ସଂପାଦନ କରିପାରନ୍ତି । ଆର୍ଥିକ ନିରାପତ୍ତା ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ ।

**(୬) କ୍ଷମତା ପୃଥକୀକରଣ :** ନ୍ୟାୟପାଳିକା ବର୍ତ୍ତମାନ ସମୟରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାଠାରୁ ପୃଥକ୍ ରହିବା ଆବଶ୍ୟକ । ସେମାନେ ପରସ୍ପରଠାରୁ ପୃଥକ୍ ଓ ସ୍ୱାଧୀନ ରହିବା ଫଳରେ ନ୍ୟାୟଦାନ ବ୍ୟବସ୍ଥା ସୁସ୍ଥ, ଦ୍ରୁତ, ନ୍ୟାୟପୂର୍ଣ୍ଣ ଓ ଫଳପ୍ରଦ ହୋଇଥାଏ ।

**(୭) ବିଚାରପତିଙ୍କ ସ୍ୱାଧୀକାର :** ନ୍ୟାୟପାଳିକାରେ ବିଚାରପତିମାନେ ନିଜର ପ୍ରଦତ୍ତ ନ୍ୟାୟିକ ନିଷ୍ପତ୍ତି ପାଇଁ ସମାଲୋଚନାର ଶୀକାର ହୁଅନ୍ତି ନାହିଁ । ଏଣୁ ବିଚାରପତିମାନେ ନିରପେକ୍ଷ ଓ ସ୍ୱାଧୀନ ଭାବେ ନିଜର କାର୍ଯ୍ୟ ସଂପାଦନ କରିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା ହୋଇଛି । ବିଚାରପତିମାନଙ୍କ ନିଷ୍ପତ୍ତି ଅଦାଲତ ବାହାରେ ସମାଲୋଚିତ ହୁଏନାହିଁ ।

**(୮) ବୃତ୍ତିଗତ ବାରଣ :** ବିଚାରପତିମାନେ ଅବସରଗ୍ରହଣ ପରେ କୌଣସି ନିଯୁକ୍ତି ପାଇବା ଉଚିତ ନୁହେଁ । ସେମାନେ ଅବସର ପରେ ଅଦାଲତରେ ଓକିଲାତି କରିପାରନ୍ତି ନାହିଁ । ୧୨୪(୭) ଧାରାରେ ଭାରତରେ ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନଙ୍କୁ ଅବସର ଗ୍ରହଣ ପରେ କୌଣସି ଅଦାଲତ ନିକଟରେ ଓକିଲାତି କରିବାକୁ ବାରଣ କରାଯାଇଛି ।

**ଭାରତରେ ବଶୀଭୂତ ବିଚାରସଂସ୍ଥାର ସ୍ୱରୂପ :** ଭାରତରେ ୧୯୭୩ ମସିହାର କେଶବାନନ୍ଦ ଭାରତୀ ମକଦ୍ଦମାର ରାୟ ପ୍ରକାଶିତ ହେବା ପରେ ବିଶେଷତଃ ୧୯୭୫-୭୬ ମସିହାର ଜରୁରୀ ପରିସ୍ଥିତି ସମୟରେ ସରକାର ବିଚାର ବିଭାଗର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ହସ୍ତକ୍ଷେପ କରି ଏହାକୁ ଏକ ବଶୀଭୂତ ବା କାର୍ଯ୍ୟପାଳିକାର ଆଜ୍ଞାଧିନ ବିଚାର ସଂସ୍ଥା (Compitted Judiciary)ର ରୂପ ପ୍ରଦାନ କଲେ ବୋଲି ସମାଲୋଚକମାନେ ମତ ଦେଇଥା'ନ୍ତି । ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ନିଯୁକ୍ତି କ୍ଷେତ୍ରରେ ବରିଷ୍ଠତା ନୀତି ପରିବର୍ତ୍ତେ ଦକ୍ଷତାକୁ ଆଧାର କରି ଏହି ନିଯୁକ୍ତି ପ୍ରଦାନ, ଉଚ୍ଚନ୍ୟାୟାଳୟର ବିଚାରପତିମାନଙ୍କ ଆକ୍ରୋଶମୂଳକ ବଦଳି, ଅବସରଗ୍ରହଣ ପରେ ବିଚାରପତିମାନଙ୍କ ପାଇଁ ଭବିଷ୍ୟତ ନିଯୁକ୍ତିର ଆକର୍ଷଣ, ବିଭିନ୍ନ ବିଚାରବିଭାଗୀୟ ନିଷ୍ପତ୍ତିର ସମାଲୋଚନା ଆଦି ବିଚାରପତିମାନଙ୍କୁ ରାଜନୈତିକ ହସ୍ତକ୍ଷେପ ଓ ବଶ୍ୟତାର ଅଧିନ କରେ ଓ ସେମାନଙ୍କ ସ୍ୱାଧୀନତା ଓ ନିରପେକ୍ଷତା ଉପରେ ଆଞ୍ଚ ଆଣିଥାଏ ।

୧୯୫୦ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଳ୍ପ କେତେଗୋଟି ଘଟଣାକୁ ବାଦ୍ ଦେଲେ ଉଚ୍ଚତମ ନ୍ୟାୟାଳୟ ନାଗରିକର ଅଧିକାରର ସୁରକ୍ଷା, ସମ୍ବିଧାନର ଜଗୁଆଳୀ, ସଂଘୀୟ ବ୍ୟବସ୍ଥାର ସଂରକ୍ଷକ ହିସାବରେ ନିଜର ଗୁରୁଦାୟିତ୍ୱ ସଂପାଦନ କରି ନିଜର ସ୍ୱାଧୀନତା ଓ ନିରପେକ୍ଷତାର ପରିଚୟ ଦେଇଆସୁଛି ।

## ୧୫.୭ ସାରାଂଶ:

ଭାରତର ନ୍ୟାୟପାଳିକା ଐକିକ, ସ୍ୱାଧୀନ ଓ ନିରପେକ୍ଷ ଅଟେ । ଭାରତର ସଂଘୀୟ ଓ ଶୀର୍ଷ ନ୍ୟାୟାଳୟକୁ ଉଚ୍ଚତମ ନ୍ୟାୟାଳୟ କୁହାଯାଏ । ସମ୍ବିଧାନର ୧୨୪ ଧାରାରେ ଉଚ୍ଚତମ ନ୍ୟାୟାଳୟର ସ୍ଥିତି ଓ ଗଠନ ସଂପର୍କରେ ସୂଚନା ଦିଆଯାଇଛି । ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରୁ ଏହା ଦିଲ୍ଲୀଠାରେ କାର୍ଯ୍ୟ କରୁଛି । ଜଣେ ଭାରତର ନାଗରିକ କୌଣସି ଉଚ୍ଚ ନ୍ୟାୟଳୟରେ ୫ ବର୍ଷର ବିଚାରପତି ରୂପେ ଅଭିଜ୍ଞତା ସଂପନ୍ନ କିମ୍ବା କୌଣସି ଉଚ୍ଚନ୍ୟାୟାଳୟରେ ଅଧିବକ୍ତା ହିସାବରେ ୧୦ ବର୍ଷର ଅଭିଜ୍ଞତା ପ୍ରାପ୍ତ କିମ୍ବା ରାଷ୍ଟ୍ରପତିଙ୍କ ମତରେ ଜଣେ ବିଶିଷ୍ଟ ଆଇନଜ୍ଞ ହୋଇଥିଲେ ତାଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ଉଚ୍ଚତମ ନ୍ୟାୟଳୟର ବିଚାରପତି ରୂପେ ନିଯୁକ୍ତି ଦିଆଯାଇଥାଏ । ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନେ ୬୫ ବର୍ଷ ବୟସରେ ଅବସର ନିଅନ୍ତି ।

ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ପ୍ରମାଣିତ ଅସଦ୍ ବ୍ୟବହାର ବା ଅଯୋଗ୍ୟତା କାରଣରୁ ସଂସଦରେ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନରେ ଗୃହୀତ ପ୍ରସ୍ତାବ ଭିତ୍ତିରେ ରାଷ୍ଟ୍ରପତି ପଦଚ୍ୟୁତ କରିଥା'ନ୍ତି ।

ଉଚ୍ଚତମ ନ୍ୟାୟାଳୟ କେନ୍ଦ୍ର-ରାଜ୍ୟ, ରାଜ୍ୟ - ରାଜ୍ୟ, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ନିର୍ବାଚନଗତ ବିବାଦ, ନାଗରିକର ମୌଳିକ ଅଧିକାରର ସୁରକ୍ଷା ଆଦି ବିଷୟକୁ ନିଜର ମୌଳିକ କ୍ଷେତ୍ରାଧିକାରର ପରିସରଭୁକ୍ତ କରିଥାଏ ।

୧୪୩ ଧାରା ଅନୁଯାୟୀ ଜଟିଳ ଆଇନଗତ ପରିସ୍ଥିତିରେ ଉଚ୍ଚତମ ନ୍ୟାୟାଳୟ ରାଷ୍ଟ୍ରପତିଙ୍କ ଅନୁରୋଧ କ୍ରମେ ତାଙ୍କୁ ପରାମର୍ଶ ପ୍ରଦାନ କରିପାରନ୍ତି ଯାହାକୁ ମାନିବାକୁ ସେ ବାଧ ନୁହନ୍ତି । ଅଯୋଧ୍ୟା ବିବାଦ ଓ ୨୦୦୧ରେ ଗୁଜୁରାଟ ନିର୍ବାଚନ ମାମଲାରେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ଲୋଡ଼ିଥିଲେ ।

ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟ ଏକ ଅଭିଲେଖ ଅଦାଲତ ହିସାବରେ କାର୍ଯ୍ୟ କରେ । ଏହାର ନିଷ୍ପତ୍ତି ପରବର୍ତ୍ତୀ ସମାନ ଧର୍ମୀ ମକଦ୍ଦମା କ୍ଷେତ୍ରରେ ଆଇନଗତ ସାକ୍ଷ୍ୟ ରୂପେ ବ୍ୟବହୃତ ହୁଏ ।

ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟ "ସୀମିତ ନ୍ୟାୟିକ ପୁନରାବଲୋକନ' (Limited Judicial Review) କ୍ଷମତା ଉପଭୋଗ କରେ । ଏହି କ୍ଷମତା ବଳରେ ଏହା ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କାର୍ଯ୍ୟର ସାମ୍ବିଧାନିକତାକୁ ପରୀକ୍ଷା କରିପାରେ । ସେମାନଙ୍କର କୌଣସି କାର୍ଯ୍ୟ ସମ୍ବିଧାନ ବିରୋଧି ହେଲେ ତାହାକୁ ଅସିଦ୍ଧ ବା ଅଣସାମ୍ବିଧାନିକ ଘୋଷଣା କରିପାରେ ।

ନ୍ୟାୟିକ କ୍ରିୟାଶୀଳତା (Judicial Activism) ଓ ଜନସ୍ୱାର୍ଥ ମାମଲା ଦ୍ୱାରା ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟ ଅଧିକ ସକ୍ରିୟ ହୋଇ ଜନସ୍ୱାର୍ଥର ରକ୍ଷା କର୍ତ୍ତା ରୂପେ କାର୍ଯ୍ୟ କରୁଛନ୍ତି ।

ସମ୍ବିଧାନର ୨୧୪ ଧାରାଅନୁସାରେ ଏକ ବା ଏକାଧିକ ରାଜ୍ୟ କିମ୍ବା ଏକ ବା ଏକାଧିକ ରାଜ୍ୟ ସହ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗୋଟିଏ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା କରାଯାଇପାରେ ।

ଓଡ଼ିଶା ନ୍ୟାୟାଳୟ ୧୯୪୮ ମସିହାରେ କଟକଠାରେ ପ୍ରତିଷ୍ଠା ହୋଇଥିଲା । ଜଣେ ଭାରତୀୟ ନାଗରିକ ଅଧସ୍ତନ ନ୍ୟାୟାଳୟର ବିଚାରପତି ହିସାବରେ ୧୦ବର୍ଷ କିମ୍ବା ଏକ ବା ଏକାଧିକ ଉଚ୍ଚନ୍ୟାୟାଳୟରେ ଅଧିବକ୍ତାଭାବେ ୧୦ ବର୍ଷର ଅଭିଜ୍ଞତା ପ୍ରାପ୍ତ ହୋଇଥିଲେ ରାଷ୍ଟ୍ରପତିଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟର ବିଚାରପତି ପଦରେ ନିଯୁକ୍ତ ହୋଇଥା'ନ୍ତି ।

୧୫.୮ [illegible]

## [illegible] ଉତ୍ତରମୂଳକ ପ୍ରଶ୍ନ:

୧. ଉଚ୍ଚତମ [illegible] ପରିସର ଆଲୋଚନା କର ।

୨. ଉଚ୍ଚ [illegible] ବର୍ଣ୍ଣନା କର ।

୩. [illegible] କ'ଣ ? ଭାରତରେ ଏହାର ସ୍ଥିତି ଓ କାର୍ଯ୍ୟକାରିତାର ମୂଲ୍ୟାଙ୍କନ କର ।

୪. [illegible] ଏହାର ବାସ୍ତବ କାର୍ଯ୍ୟକାରିତାର ମୂଲ୍ୟାଙ୍କନ କର ।

## ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ :

ପ୍ର.୧. ଭାରତର [illegible] କୁହାଯାଏ ।

ପ୍ର.୨. ଉଚ୍ଚତମ [illegible] ବିଚାରପତିମାନଙ୍କୁ ____ ନିଯୁକ୍ତ ଓ ପଦଚ୍ୟୁତ କରନ୍ତି ।

ପ୍ର.୩. [illegible] ____ ନ୍ୟାୟାଳୟର ବିଚାର ହୋଇଥାଏ ।

ପ୍ର.୪. [illegible] ସାମ୍ବିଧାନିକତା ପରୀକ୍ଷା କରିବା ସଂକ୍ରାନ୍ତୀୟ ଉଚ୍ଚତମ ନ୍ୟାୟାଳୟର କ୍ଷମତାକୁ

କୁହାଯାଏ

ପ୍ର.୫. ____ [illegible] ଓ ଉପରାଷ୍ଟ୍ରପତିଙ୍କ ନିର୍ବାଚନଗତ ବିବାଦର ବିଚାର କରିଥାଏ ।

ପ୍ର.୬. ଉଚ୍ଚତମ [illegible] ବିଚାରପତିମାନେ ____ ବର୍ଷ ବୟସରେ ଅବସର ନିଅନ୍ତି ।

ପ୍ର.୭. ଉଚ୍ଚନ୍ୟାୟାଳୟ [illegible] ____ ବର୍ଷ ବୟସରେ ଅବସର ନିଅନ୍ତି ।

ପ୍ର.୮. ____ [illegible] ଉଚ୍ଚନ୍ୟାୟାଳୟର ବିଚାରପତିଙ୍କ ଦରମା ହ୍ରାସ କରାଯାଇପାରେ ।

ପ୍ର.୯. ମୌଳିକ [illegible] ପାଇଁ ଉଚ୍ଚତମ ଓ ଉଚ୍ଚନ୍ୟାୟାଳୟ ଦ୍ୱାରା ଜାରୀ ନିର୍ଦ୍ଦେଶନାମାକୁ ____ କୁହାଯାଏ ।

ପ୍ର.୧୦. ଭାରତର [illegible] ____ ଠାରେ ଓ ଓଡ଼ିଶା ଉଚ୍ଚନ୍ୟାୟାଳୟ ____ ଠାରେ ଅବସ୍ଥିତ ।

୧୫.୯ [illegible] ପାଇଁ ଅନୁଶୀଳନୀର ଉତ୍ତର ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:

ପ୍ର.୧ ଉ : ଏହି [illegible] ର ପାଠ ଦେଖ ।

ପ୍ର.୨ ଉ : ଏହି [illegible] ୩.୧ ର ପାଠ ଦେଖ ।

ପ୍ର.୩ ଉ : ଏହି [illegible] ର ପାଠ ଦେଖ ।

ପ୍ର.୪ ଉ : ଏହି [illegible] ର ପାଠ ଦେଖ ।

## ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ :

୧. ସୁପ୍ରିମକୋର୍ଟ [illegible]

୨. ରାଷ୍ଟ୍ରପତି ; ୩. [illegible] ପୁନରାବଲୋକନ ;୫. ଉଚ୍ଚତମ ; ୬. ୬୫; ୭.୬୨ ;

୮. ଆର୍ଥିକ [illegible] ରିଟ୍ (Writ) ;୧୦. ଦିଲ୍ଲୀ; କଟକ ।

❖❖❖

Copy right reserved by
COUNCIL OF HIGHER SECONDARY EDUCATION
ODISHA, BHUBANESWAR

*Printed at :*
ODISHA STATE BUREAU OF TEXTBOOK
PREPARATION & PRODUCTION
POUSTAK BHAVAN, BHUBANESWAR